# ସାହିତ୍ୟ ସମ୍ବାଦ

ଶ୍ରୀ ବୈଷ୍ଣବ ଚରଣ ସାମଲ
ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ କଟକ-୨

# ସାହିତ୍ୟସମ୍ବାଦ

ଲେଖକ:
ଅଧ୍ୟାପକ ବୈଷ୍ଣବଚରଣ ସାମଲ

© ଶ୍ରୀମତୀ ଯଶୋଦା କୁମାରୀ ସାମଲ

ପ୍ରକାଶକ :
ସହଦେବ ପ୍ରଧାନ
ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ
ବିନୋଦବିହାରୀ
କଟକ-୭୫୩୦୦୨

ପ୍ରଥମ ପ୍ରକାଶ :
ଡିସେମ୍ବର ୧୯୮୧

ମୁଦ୍ରଣ :
ମଜଦୁର ପ୍ରିଣ୍ଟର୍ସ
ଚାନ୍ଦନୀଚୌକ, କଟକ-୨

SAHITYA SAMBADA

Written By
Prof. Baishnab Charan Samal

© Smt. Jasoda Kumari Samal

Published By

Sahadev Pradhan
FRIENDS' PUBLISHERS
Binodbehar
Cuttack-753002.

First Edition
December, 1981

Printed By
MAJDOOR PRINTERS
Chandnichouk, Cuttack-2.

Price Rs. 25-00

ଯିଏ ଦେଖାଦେଲ ମାନେ ମୋତେ

ଗବେଷଣା ସଂପର୍କରେ ପଗୃରନ୍ତ

ଓ

ମୋତେ ଭଯୂଲଗେ ଦେଖା କରିବାକୁ

ମୋର ନନା

କ୍ୟାପ୍‌ଟେନ ଶ୍ରୀଯୁକ୍ତ ତ୍ରଭଙ୍କର ଶତପଥୀଙ୍କୁ

ଭକ୍ତିର ଅର୍ଘ୍ୟ

# ନକହିଲେ ଚଳିଥାନ୍ତା

ସାହିତ୍ୟ ସମୀକ୍ଷା ବା ସାହିତ୍ୟ ସମାଲୋଚନା ମୋର ଆନନ୍ଦର ସାମଗ୍ରୀ । ମୁଁ ସମାଲୋଚନା ପଢେ ଏବଂ ଲେଖେ । ସୃଜନଶୀଳ ମୌଳିକ ଗ୍ରନ୍ଥଗୁଡ଼ିକ ପଢି ମୁଁ ଯେଉଁ ଆନନ୍ଦ ପାଏ ତାକୁ ମୁଁ ମୋର ସମାଲୋଚନାରେ ପ୍ରକାଶ କରେ । ମୋର ସମାଲୋଚନା ମୋର ପ୍ରାଜ୍ଞିକ ଇସ୍ତାହାର ନୁହେଁ; ସାହିତ୍ୟ ସଂପର୍କରେ ମୋର ଏକାନ୍ତ ବ୍ୟକ୍ତିଗତ ଅଭିରୁଚି । ତେଣୁ ଯେତେବେଳେ ଯାହା ଲେଖେ, ମୋର ଅଭିରୁଚି ପାଇଁ ଲେଖେ ଓ ସେଥିରୁ ଆନନ୍ଦ ପାଏ ବୋଲି ଲେଖେ । ସମାଲୋଚନାରେ ମୁଁ ସଂକୀର୍ଣ୍ଣ ଦୃଷ୍ଟି ଦେଇ ବିଚାର କରେ ନାହିଁ; ଏକ ସଂପ୍ରସାରିତ ଦୃଷ୍ଟି ଦେଇ ବିଚାର କରେ । ତେଣୁ ଆଲୋଚନାରେ ଅନେକ ସମୟରେ ବ୍ୟାପ୍ତି ଆସେ । ଏହି ବ୍ୟାପ୍ତି ଅନିଚ୍ଛାକୃତ । 'ସାହିତ୍ୟ ସଂବାଦ'ରେ ଯେତେଗୁଡ଼ିଏ ପ୍ରବନ୍ଧ ସଂକଳିତ, ସେଥିରୁ କେତୋଟି ପ୍ରବନ୍ଧ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସୁଧୀ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଅନ୍ୟ କେତୋଟି ନୂତନ ସମାଲୋଚନା ଏଥିରେ ସଂକଳିତ । ଏହି ପୁସ୍ତକ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଲେ ଓ ବିଶେଷତଃ ଛାତ୍ରଛାତ୍ରୀମାନଙ୍କର ଉପକାରରେ ଲାଗି ପାରିଲେ ମୁଁ ନିଜକୁ ଧନ୍ୟ ମନେ କରିବି ।

ଏହି ପୁସ୍ତକରେ କେତେକ ମୁଦ୍ରଣଗତ ତ୍ରୁଟି ରହିଛି । ଏଥିପାଇଁ ପାଠକମାନଙ୍କର ଉଦାରତା କାମନା କରୁଛି ।

ବନ୍ଧୁ ଶ୍ରୀ ସହଦେବ ପ୍ରଧାନ ଏହି ପୁସ୍ତକ ପ୍ରକାଶନ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି ।

ଲେଖକ

# ସୂଚୀ


| | |
|---|---|
| ଓଡ଼ିଆ ସାହିତ୍ୟରେ ଗୀତଗୋବିନ୍ଦର ପ୍ରଭାବ | ୧ |
| ବିଦଗ୍ଧଚିନ୍ତାମଣିରେ ଶ୍ରୀରାଧା | ୨୪ |
| ନନ୍ଦକିଶୋରଙ୍କ କବିତାରେ ଜାତୀୟତାର ପ୍ରାଣସ୍ପନ୍ଦନ | ୪୧ |
| ଭକ୍ତକବି ଭୀମ ଭୋଇ | ୫୭ |
| ଶିଶୁସାହିତ୍ୟ ଓ କାନ୍ତକବି | ୬୯ |
| ଗୀତିକା ସାହିତ୍ୟ ଓ କାନ୍ତକବି | ୮୦ |
| ରାସପଞ୍ଚାଧ୍ୟାୟୀ : ଏକ ଦୃଷ୍ଟିପାତ | ୮୯ |
| ସ୍ୱର୍ଗାରୋହଣପର୍ବ : ବିଚାର ଓ ଆଲୋଚନା | ୧୪୩ |
| 'କାଞ୍ଚିକାବେରୀ' ନାଟକ : ଏକ ବିସ୍ତୃତ ବିବେଚନ | ୧୮୪ |
| ଓଡ଼ିଶୀ ଭକ୍ତିସଙ୍ଗୀତ ପରମ୍ପରାରେ<br>ଗଣକବି : ଏକ ମୂଲ୍ୟାୟନ | ୨୪୮ |

# ଓଡ଼ିଆ ସାହିତ୍ୟରେ ରାଜତନ୍ତ୍ରର ପରିଚୟ

ସାହିତ୍ୟ କେବଳ କଳ୍ପନାର କଳାତ୍ମକ ଅଭିବ୍ୟକ୍ତି ନୁହେଁ ମାତ୍ର ଏହା ସମାଜ-ଜୀବନର ବାର୍ତ୍ତାବହ । ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାହିତ୍ୟ ସୃଷ୍ଟି ହେଲେହେଁ, ସେହି ସମୟର ପ୍ରାଣସ୍ପନ୍ଦନ ସାହିତ୍ୟରେ ପ୍ରତିଧ୍ୱନିତ ହୋଇଥାଏ । ସଚେତନ ସ୍ରଷ୍ଟା ସମୟର ଭାବକୁ ସାହିତ୍ୟରେ ରୂପାୟନ କରେ । ବିଶେଷତଃ ସମାଜକୁ ଅଥବା ରାଷ୍ଟ୍ରକୁ ନିୟନ୍ତ୍ରଣ କରୁଥିବା ରାଜତନ୍ତ୍ର ସଂପର୍କରେ ସେ ଅବହିତ ରହେ ଏବଂ ସେହି ରାଜତନ୍ତ୍ରର ଭଲ ମନ୍ଦ ସଂପର୍କରେ ତା'ର ସାହିତ୍ୟରେ ରୂପଦିଏ । ସାହିତ୍ୟିକ ସମ୍ବେଦନଶୀଳ । ତା'ର ସମ୍ବେଦନା ସମାଜ-ମଣିଷ ପ୍ରତି ସୃଷ୍ଟି ହୋଇଥାଏ । ଅନେକ ସମୟରେ ସେ ସମସାମୟିକ ରାଜତନ୍ତ୍ର ପ୍ରତି ଆନୁଗତ୍ୟ ପ୍ରକାଶ କଲେହେଁ ସାଧାରଣ ମଣିଷ ସମାଜ ପ୍ରତି ସମ୍ବେଦନା ପ୍ରକାଶ କରିଥାଏ । ଯେତେବେଳେ ସେ ରାଜତନ୍ତ୍ରର ଦୁର୍ବଳତା ବା ଅବକ୍ଷୟକୁ ଲକ୍ଷ୍ୟକରେ ସେତେବେଳେ ସେ ଏହି କଥାକୁ ତା'ର ସାହିତ୍ୟ ମାଧ୍ୟମରେ ସୂଚେଇ ଦିଏ । ଯେତେବେଳେ ସେ ରାଜତନ୍ତ୍ରର ସଫଳତା ଦେଖେ ସେତେବେଳେ ସେ ତା'ର ପ୍ରଶଂସା କରେ । ଜଣେ ଯଥାର୍ଥ ସାହିତ୍ୟିକ ରାଜତନ୍ତ୍ରର ବନ୍ଦନା କରେ ନାହିଁ । ବରଂ ସେ ରାଜତନ୍ତ୍ରର ଦୋଷ ଦୁର୍ବଳତା ଦେଖାଇଦିଏ ଓ ଭବିଷ୍ୟତ ରାଷ୍ଟ୍ରଗଠନ ପାଇଁ ଇଙ୍ଗିତ ଦିଏ । ଲେଖକ ଶାସକ ନୁହେଁ, ରାଷ୍ଟ୍ରନାୟକ ନୁହେଁ ମାତ୍ର ରାଷ୍ଟ୍ର ଓ ଶାସନର ମୌଳିକ ସୂତ୍ରଧର । ରାଷ୍ଟ୍ରନୀତି ଦେଶ ତଥା ସମାଜ ବିରୋଧୀ ହେଲେ ସେ ଗମ୍ଭୀର ପ୍ରତିକ୍ରିୟା ପ୍ରକାଶ କରେ । ନିରଙ୍କୁଶ ରାଷ୍ଟ୍ରନାୟକର ସ୍ୱେଚ୍ଛାଚାରୀ ମନୋବୃତ୍ତିକୁ କଠୋର ସମାଲୋଚନା କରେ । ଦେଶବାସୀଙ୍କ ପ୍ରତି ଶାସକର କର୍ତ୍ତବ୍ୟ ସଂପର୍କରେ ଚେତେଇ ଦିଏ । ତେଣୁ ଲେଖକ ଏକ ଚେତନା – ଏହି ଚେତନା ଅଗଣିତ ସାଧାରଣ ମଣିଷର ଚେତନା । ଲେଖକ ମାଧ୍ୟମରେ ହିଁ ଏହି ଚେତନା ପ୍ରକାଶିତ ହୋଇଥାଏ । ପ୍ରାଚୀନ କାଳରେ ରାଷ୍ଟ୍ରନାୟକମାନଙ୍କ ପ୍ରତି ତ୍ରିକାଳଦର୍ଶୀ କବିମାନେ ବାରମ୍ବାର ଚେତାବନୀ ଶୁଣାଇଅଛନ୍ତି । ରାଷ୍ଟ୍ରନାୟକର କର୍ତ୍ତବ୍ୟ ସଂପର୍କରେ ଅବହିତ କରାଇ ଅଛନ୍ତି । ବଣଜଙ୍ଗଲର ଋଷି-କବିଗଣ ରାଜାମାନଙ୍କୁ ଆଶୀର୍ବାଦ ଦେଇଛନ୍ତି ଏବଂ ରାଜ-କର୍ତ୍ତବ୍ୟ ସଂପର୍କରେ ସୂଚେଇ ଦେଇଛନ୍ତି । ମହର୍ଷି ମନୁଙ୍କ 'ମାନବଧର୍ମଶାସ୍ତ୍ର' ଏ ଦିଗରେ ଆଦ୍ୟ ପ୍ରାମାଣିକ ଗ୍ରନ୍ଥ । ରାମାୟଣ ଓ ମହାଭାରତରେ ମଧ୍ୟ ରାଜଧର୍ମ ବିଷୟରେ ପର୍ଯ୍ୟାପ୍ତ ପରିଚୟ ନିହିତ । ଓଡ଼ିଆ ସାହିତ୍ୟରେ ମଧ୍ୟ କବି ଓ ଲେଖକମାନେ ରାଜତନ୍ତ୍ର ସଂପର୍କରେ ନିଜ ନିଜର

ଦୃଷ୍ଟିକୋଣର ପରିଚୟ ଦେଇଅଛନ୍ତି । କେତେବେଳେ ସେମାନେ ରାଜତନ୍ତ୍ରର ସ୍ୱେଚ୍ଛାଚାରିତା ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତ ପୁଣି କେତେବେଳେ ରାଜତନ୍ତ୍ର ପ୍ରତି ସଚେତନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଓଡ଼ିଆ ସାହିତ୍ୟର ସୁଦୀର୍ଘ ଇତିହାସକୁ ଆଲୋଚନା କଲେ ଏହି ସତ୍ୟ ଦେଖିବାକୁ ମିଳେ ।

## ପ୍ରାଚୀନ ସାହିତ୍ୟରେ ରାଜତନ୍ତ୍ରର ନିଦର୍ଶନ :

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରାଜତନ୍ତ୍ର ପ୍ରତି ଦୃଷ୍ଟିଭଙ୍ଗୀ ମୁଖ୍ୟତଃ ରାମାୟଣ ଓ ମହାଭାରତ ଆଦି ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେ । କାବ୍ୟ-ସାହିତ୍ୟରେ ରାଜତନ୍ତ୍ରର ପରିଚୟ ନାହିଁ ମାତ୍ର ଅବକ୍ଷୟୀ ରାଜତନ୍ତ୍ରର ବିଳାସ ନିହିତ । ଓଡ଼ିଶାର ରାଜାମାନଙ୍କର ପ୍ରଜାମାନଙ୍କ ପ୍ରତି ସହାନୁଭୂତି ଓ ସମ୍ବେଦନାର ପ୍ରଥମ ପରିଚୟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରୁ ଦେଖିବାକୁ ମିଳେ । ଖାରବେଳ ଦିଗ୍‌ବିଜୟୀ ବୀର ହେଲେ ମଧ୍ୟ ସବୁଧର୍ମ ପ୍ରତି ସେ ସହାନୁଭୂତି ପ୍ରଦର୍ଶନ କରିଅଛନ୍ତି ଓ ପ୍ରଜାମାନଙ୍କୁ ଭଲପାଇଛନ୍ତି । ରାଜତ୍ୱର ତୃତୀୟ ବର୍ଷରେ ସେ ମଲ୍ଲଯୁଦ୍ଧ, ନୃତ୍ୟ, ଗୀତ ଓ ବାଦିତ୍ର ଇତ୍ୟାଦି ଦେଖାଇ କଳିଙ୍ଗ ନଗରର ପ୍ରଜାମାନଙ୍କୁ ଆନନ୍ଦ ଦେଇଥିଲେ । (୧) ସେ ପୁଣି ଧର୍ମପ୍ରତି ଗଭୀର ଆନୁଗତ୍ୟ ପ୍ରକାଶ କରିଥିଲେ । ଖାରବେଳଙ୍କ ପରେ ଓଡ଼ିଶାର ଇତିହାସ ସମ୍ପର୍କରେ ଯଥେଷ୍ଟ ଉପାଦାନ ମିଳେ ନାହିଁ । ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରୁ ଓଡ଼ିଶା ଇତିହାସର ଧାରାବାହିକତା ଦେଖାଯାଏ ଏବଂ ଏହି ସମୟରୁ ହିଁ ଓଡ଼ିଆ ସାହିତ୍ୟର ଆରମ୍ଭ ଓ ବିକାଶ ମଧ୍ୟ ସ୍ପଷ୍ଟ ଲକ୍ଷ୍ୟ କରାଯାଇଥାଏ । ଭାରତୀୟ ପରଂପରାରେ ରାଜତନ୍ତ୍ର ଧର୍ମରୁ ଅଲଗା ନୁହେଁ । ସେହି ପରଂପରାରେ ଓଡ଼ିଶାର ରାଜତନ୍ତ୍ର ନିୟନ୍ତ୍ରିତ । ତେଣୁ ଓଡ଼ିଶାର ରାଜାମାନେ ରାଜ୍ୟଶାସନ କ୍ଷେତ୍ରରେ ଧର୍ମର ପ୍ରାଧାନ୍ୟକୁ ସ୍ୱୀକାର କରିଅଛନ୍ତି । ବିଶେଷତଃ ଗଙ୍ଗବଂଶର ରାଜା ଅନଙ୍ଗଭୀମ ଦେବ ଶ୍ରୀଜଗନ୍ନାଥଙ୍କୁ ଓଡ଼ିଶାର ରାଷ୍ଟ୍ରଦେବତା ଭାବରେ ସ୍ୱୀକାର କଲା ପରଠାରୁ ଓଡ଼ିଶାର ଶାସନ ତନ୍ତ୍ରରେ ଶ୍ରୀଜଗନ୍ନାଥ ମୁଖ୍ୟ ହୋଇ ଉଠିଲେ । ଓଡ଼ିଶାର ଗଜପତିମାନେ ହେଲେ ଶ୍ରୀ ଜଗନ୍ନାଥଙ୍କର ଆଦେଶର ବାହକ ମାତ୍ର । ଅନଙ୍ଗଭୀମଦେବଙ୍କର ଏହି ଘୋଷଣାପତ୍ରକୁ ଡକ୍ଟର ସୁନୀତିକୁମାର ଚାଟାର୍ଜି ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବଙ୍କର ଶ୍ରୀମୁଖ ବାଣୀ ବୋଲି ମନେକରନ୍ତି ମାତ୍ର ଏହା ଯଥାର୍ଥ ନୁହେଁ । ମାଦଳା ପାଞ୍ଜିର

---

୧ । ତତିୟେ ପୁନ ବସେ ଗଂଧବ-ବେଦ-ବୁଧୋ ଦଂପ-ନତ-ଗୀତ ବାଦିତ-
ସଂଦସନାହି ଉସବ-ସମାଜ-କାରପନାହି ଚ କୀଡ଼ାପୟତି ନଗରିଂ ।'
'ଶ୍ରୀ ଖାରବେଳ' — କେଦାରନାଥ ମହାପାତ୍ର ।

ଏହି ରାଜୋକ୍ତି ସମଗ୍ର ଭାରତୀୟ ସାହିତ୍ୟର ଏକ ବିଶେଷ ଲକ୍ଷଣୀୟ କୃତି । (୨) ଅନଙ୍ଗଭୀମଦେବଙ୍କର ଏହି ଘୋଷଣା ଓଡ଼ିଶା-ଇତିହାସରେ ଅନବଦ୍ୟ । (୩) ଏଥିରୁ ସାମନ୍ତବାଦୀ ରାଜତନ୍ତ୍ରର ପରିଚୟ ମିଳୁଥିଲେ ହେଁ ରାଜା ଅନଙ୍ଗଭୀମଦେବଙ୍କର ଉଦାର ବ୍ୟକ୍ତିତ୍ୱ ଓ ପ୍ରଜାନୁଗତ ଭାବର ଯଥାର୍ଥ ନିଦର୍ଶନ ମିଳିଥାଏ । ଅନଙ୍ଗଭୀମଦେବ ଏହି ଯେଉଁ ଅଭିନବ ପରଂପରା ସୃଷ୍ଟି କଲେ ତାହା ଓଡ଼ିଶାର ଅନ୍ୟାନ୍ୟ ରାଜାମାନଙ୍କୁ ପ୍ରଭାବିତ କରିଛି । ଗଜପତି ରାଜାମାନେ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ଭାବେ ମାନିନେଇ ରାଜ୍ୟ ଶାସନ କରିଅଛନ୍ତି । ମାଟିର ମହାକବି ସାରଳା ଦାସ ତାଙ୍କ ମହାଭାରତରେ

---

୨ । ଡକ୍ଟର ସୁନୀତିକୁମାର ଚାଟାର୍ଜୀ—'ନିଖିଳ ଭାରତ ବଂଗ ସାହିତ୍ୟ ସମ୍ମେଳନରେ ପ୍ରଦତ୍ତ ଭାଷଣ ।'

(ଡକ୍ଟର ମାୟାଧର ମାନସିଂହ — ଓଡ଼ିଆ ସାହିତ୍ୟର ଇତିହାସ ପୃ ୮୮)

୩ । ଅନଙ୍ଗ ଭୀମଦେବଙ୍କ ଘୋଷଣା ପତ୍ର—ମାଦଳାପାଞ୍ଜି — ସଂ-ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି,

,, ଭୋ ଭବିଷ ମହାରାଜାମାନେ, ଦେବତା ବ୍ରାହ୍ମଣଙ୍କୁ, ବନ୍ଧ ଭଣ୍ଡାରକୁ ରାଜନୀତି ଚଏକୁ, ମଧ୍ୟ କରି ମୁଁ ଯେମନ୍ତ ପ୍ରକାରେ ଭିଆଣ କରି ଦେଉଅଛୁ ଏଥି କି ତୁମ୍ଭେମାନେ ନ ପୁଣି ବୋଲି ସେ ଦେଇଗଲେ ଆମ୍ଭର କି ହୋଇଲା, ଆମ୍ଭେ କମ୍ପା ଦେଉ ଏମନ୍ତ ନ ବୋଲିବ । × × × ଭୋ ମହାରାଜାମାନେ ତୁମ୍ଭେମାନେ ଅନ୍ୟଥା ନ କରିବ । ହରିଲା ରତି ପାପ ଶ୍ରୁତି ସ୍ମୃତି ବଚନମାନରେ ଶୁଣୁଥିବ । ଏଥକୁ ତୁମ୍ଭେମାନେ ଯେବେ ବଳଆର ପଣ କରି ଲୋଭ ବଶରେ ହରିବ ତେବେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣକୁ ଦ୍ରୋହ କଲାରୁ ଯେ ପାପ ତାହା ପାଇବ । ମୁଁ ଯାହା ଯହିଂ ପ୍ରକାରେ ଭିଆଣ କରି ଦେଉଅଛୁ ଦେବତା ବ୍ରାହ୍ମଣଙ୍କୁ ଭୋଗ କରାଇ ସେ ପ୍ରକାରେ ପ୍ରତିପାଳନ କରୁଥିବ । ସାଆନ୍ତମାନଙ୍କୁ କଉଡ଼ି ଭାଗ ବରତନ, ମାହନ୍ତମାନଙ୍କୁ ଦଶ ମାସ ଟଙ୍କା ବରତନ, ଟାଙ୍ଗୁଆ ପାଇକମାନଙ୍କୁ ଦଶମାସି ଭୂମି ଭାଗେ ଓହୋର ବରତନ, ନିଯୋଗ ସେବକମାନଙ୍କୁ ଆଉ ସମସ୍ତ ସେବକମାନଙ୍କୁ ମଧ୍ୟ କରି ଭୂମିରେ କିତ୍ୟ ସୁନା ବନ୍ଧିନ ଦେଇ ,ପରିବାର ପୋଷୁଥିବ । ଭଣ୍ଡାର ସରିବାକୁ ଯଉଁ ପ୍ରକାରେ ରାଜ୍ୟକୁ ଘେନିବାକୁ ଭିଆଇଲା ଅଛୁ ସେ ପ୍ରକାରେ ଭଣ୍ଡାର ସରୁଥିବ ରାଜ୍ୟ ଯେଉଁ ପ୍ରକାର ଭୂଇଁ ଭିଳାରେ ମାଢ଼ ମୂଲ କର ସୁନା ଭିଆଇ ଅଛୁ ସେହି ପ୍ରକାରେ ପୁଷ୍ଟି ନଷ୍ଟି ଦେଖି କରି ଘେନି ପରଜାଙ୍କୁ ପରିପାଳନ କରି ପୃଥିବୀ ଭୋଗ କରି ସୁଖେ ସ୍ୱର୍ଗକୁ ଯିବ । ଭୋ ମହାରାଜାମାନେ ସବୁଠାରୁ ଧର୍ମ ହିଁ ସେ କାରଣ ।"

ରାଷ୍ଟ୍ରନୀତି ଓ ରାଷ୍ଟ୍ରଶାସନ ବିଧି ସମ୍ପର୍କରେ ବାସ୍ତବରେ ବର୍ଣ୍ଣନା କରିଅଛନ୍ତି । ସେହି ସମୟରେ ଓଡ଼ିଶାର ଗଜପତି କପିଳେନ୍ଦ୍ରଦେବ, ସେ ଧର୍ମ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରଜାମାନଙ୍କୁ ସମ୍ମାନ ଦେଇଛନ୍ତି ଏବଂ ଗଙ୍ଗବଂଶ ରାଜତ୍ୱ ସମୟରୁ ପ୍ରଚଳିତ ହୋଇଆସୁଥିବା କଉଡ଼ି କର ପ୍ରଜାମାନଙ୍କ ଉପରୁ ଉଠାଇ ଦେଇଥିବା କଥା ଶ୍ରୀଜଗନ୍ନାଥ ମନ୍ଦିର ଅଭିଲେଖରେ ଉଲ୍ଲେଖ ଅଛି । (୪) ସାରଳା ମହାଭାରତର ଶାନ୍ତିପର୍ବରେ ଭୀଷ୍ମଦେବ ଯେପରି ଶରଶଯ୍ୟାରେ ଶୟନ କରି ଯୁଧିଷ୍ଠିରଙ୍କୁ ଉପଦେଶ ଦେଇଅଛନ୍ତି ସେଥିରୁ ମନେହୁଏ ସତେ ଯେପରି ସ୍ୱୟଂ କବି ତତ୍‌କାଳୀନ ରାଜାମାନଙ୍କୁ ରାଜଧର୍ମ ସମ୍ପର୍କରେ ଉପଦେଶ ଦେଇଅଛନ୍ତି । ଭୀଷ୍ମଦେବ କହୁଛନ୍ତି—

"ରାଜ୍ୟକର ଯେବେ ବାବୁ ଧର୍ମ ପ୍ରତିପାଳି
ଅଧର୍ମ କ୍ଷଣହେଁ ନ ସହିବଟି ମସ୍ତିଆଳି ।
ପରଜା ପାଳିବୁ କେହି ନୋହିବେଟି ଦୁଃଖୀ
ପ୍ରଜାଙ୍କ ରକ୍ଷଣେ ସିନା ରାଜା ହୋଏ ସୁଖୀ ।
ନ୍ୟାୟେ ପ୍ରଜାନ୍ତ ପାଳିଲେ ଇନ୍ଦ୍ର କରେ ବୃଷ୍ଟି ।
ରାଜ୍ୟ ପ୍ରତିପାଳିଲେ ପରଜାଙ୍କୁ ପଡ଼ଇ ଅଦୃଷ୍ଟି ।
ରାଜ୍ୟ ପ୍ରତିପାଳନଟି ରାଜାର ସର୍ବବିଧି
ପରଜା ଅତୁଷ୍ଟ ହୋଇଲେ ରାଜାକୁ ହୋଅଇ ସକଳ ସିଦ୍ଧି
ରାଜ୍ୟଦଣ୍ଡ ବରଗିବୁ ଧାର୍ମିକ ଲୋକ ଦେଖି
ତେବେ ସେ ଜନପରଜା ହୋଇବ ବଡ଼ ସୁଖୀ ।
× × ×
ବାଟିକେ ଚନାଏ କରି ଯେନଥିବୁ ସଞ୍ଜା
ଆମ୍ବର ଆମ୍ବୁଷ ଘେନି ବ୍ରତଥିବୁ ରାଜା
ଠାବେ ଠାବେ ରାଜା ଯେ କରିବ ଜଳଖାଈ
ଇନ୍ଦ୍ର ବୃଷ୍ଟି ନ କଲେ କ୍ଷେତ୍ର ଯେହ୍ନେ ବ୍ରତୀ ।
ଅଳ୍ପ ଦୋଷକୁ ବାବୁ ନ କରିବୁ ରୋଷ
ନରେଶ ଜନଙ୍କୁ ଦେବୁ ପ୍ରାସାଦ ଗୃହବାସ ।
× × ×
କୃଷିକାରୀ ଲୋକନ୍ତ ଯେ ନ ଦଣ୍ଡିବୁ ଧନ
ଅନେକ ବସାଇବୁ ଗୋଶାଳା ବ୍ରାହ୍ମଣ ଶାସନ ।
× × ×

୪ । ଡକ୍ଟର ହରେକୃଷ୍ଣ ମହତାବ—ଓଡ଼ିଶା ଇତିହାସ—୨ୟ ସଂସ୍କରଣ—ପୃ-୨୫୫ ।

ପ୍ରଜାମୁଖେ ଯେବେଲେ ଉପୁଜଇ ସାଧୁ ଧ୍ୱନି
ଯମ ତାହାକୁ ଦଣ୍ଡି ନୁଆରଇ କାଳପାଶ ଘେନି ।
× × ×
ବର୍ଦ୍ଧିତ କରାଇବୁ ଗୋରସ ରସମାନ
ଗୋଚର ନିମନ୍ତେ ବାବୁ ଛାଡ଼ିଦେବୁ ବହୁ ସ୍ଥାନ
× × ×
ଗୁଣ ଅନୁକ୍ରମେ କରୁଥିବୁ ପୂଜା
କବି କୃତଜନଙ୍କୁ କୃପଣ ନୋହିବୁଟି ମହାରାଜା
—ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ସମ୍ପାଦିତ "ଶାନ୍ତିପର୍ବ"—ପୃ ୨୧୪

ସାରଳାଦାସ ବ୍ୟାସକୃତ ସଂସ୍କୃତ ମହାଭାରତର ଅନୁବାଦ କରି ନାହାନ୍ତି । ସେ ମୁଖ୍ୟ ପ୍ରାଣ ସ୍ପନ୍ଦନକୁ ନେଇ ନିଜର ମୌଳିକ ପ୍ରତିଭା ବଳରେ ନୂତନ କାବ୍ୟ-ଜିଜ୍ଞାସା ସୃଷ୍ଟି କରିଅଛନ୍ତି । କବି ସାରଳାଦାସ ସାଧାରଣ କୃଷକ ସମାଜର ବ୍ୟକ୍ତି ହୋଇଥିବାରୁ କୃଷକ ତଥା ପ୍ରଜାମାନଙ୍କ ପ୍ରତି ରାଜାର କର୍ତ୍ତବ୍ୟ ସମ୍ପର୍କରେ ଯଥାର୍ଥ ବର୍ଣ୍ଣନା କରିଅଛନ୍ତି । ବ୍ୟାସଦେବ ସଂସ୍କୃତ ମହାଭାରତର 'ଶାନ୍ତିପର୍ବ'ରେ ଭୀଷ୍ମଙ୍କ ମୁଖରେ ଯୁଧିଷ୍ଠିରଙ୍କୁ ଯେଉଁ ଉପଦେଶବାଣୀ ଶୁଣାଇଅଛନ୍ତି ତାହା ସମଗ୍ର ବିଶ୍ୱ-ସାହିତ୍ୟରେ ବିସ୍ମୟ । ରାଜଧର୍ମ ସମ୍ପର୍କରେ ଏହା ହିଁ ମର୍ମବାଣୀ । ସାରଳା ଦାସ ସେହି ଉପଦେଶକୁ ଗ୍ରହଣ କରିଥିଲେହେଁ ଅନେକ ପ୍ରତ୍ୟାଖ୍ୟାନ କରି ନିଜର ମୌଳିକ ଭାବନାକୁ ସଂଯୋଗ କରିଅଛନ୍ତି । ସାରଳା ଦାସ କେବଳ 'ଶାନ୍ତିପର୍ବ'ରେ ରାଜଧର୍ମ ସମ୍ପର୍କରେ ବର୍ଣ୍ଣନା କରି ନାହାନ୍ତି । ମହାଭାରତର ଅନ୍ୟାନ୍ୟ ପର୍ବମାନଙ୍କରେ ମଧ୍ୟ ରାଜଧର୍ମ ବିଷୟରେ ବର୍ଣ୍ଣନା କରିଅଛନ୍ତି । ରାଜ୍ୟଶାସନ ପାଇଁ ସେ ବିଭିନ୍ନ ରାଜକର୍ମଚାରୀମାନଙ୍କର ଯେପରି ବର୍ଣ୍ଣନା କରିଅଛନ୍ତି ତାହା ତତ୍‌କାଳୀନ ଓଡ଼ିଶାର ରାଜତନ୍ତ୍ର ସମ୍ପର୍କରେ ଯଥାର୍ଥ ସୂଚନା ପ୍ରଦାନ କରିଥାଏ । 'ଆଦିପର୍ବ'ରେ ଯୁଧିଷ୍ଠିର ଓ ଧୃତରାଷ୍ଟ୍ରଙ୍କ ମଧ୍ୟରେ, ଦ୍ରୁପଦ ଓ ଦୁର୍ବାସା ପ୍ରଭୃତି ଋଷିମାନଙ୍କ ମଧ୍ୟରେ ଯେପରି କଥୋପକଥନ ହୋଇଛି ସେଥିରୁ ମଧ୍ୟ ତତ୍କାଳୀନ ଓଡ଼ିଶାର ରାଜତନ୍ତ୍ରର ଯଥାର୍ଥ ସୂଚନା ମିଳିଥାଏ । ଯୁଧିଷ୍ଠିର କ୍ରୋଧୀ ଶାସକର ଫଳାଫଳ ବିଷୟରେ ଧୃତରାଷ୍ଟ୍ରଙ୍କୁ କହିଛନ୍ତି—

ଅଭିଷେକ ହୋଇବା ରାଜାର ଅଶ୍ରୁଜଳ ପଡ଼ନ୍ତେଣ ସୃଷ୍ଟି
ପୃଥୀ ଫଳଦାୟକ ନୋହିଇ ଇନ୍ଦ୍ର ନ କରଇ ବୃଷ୍ଟି ।
ନୃପତି ହୋଇ ଯେବେ ହୋଅଇ କ୍ରୋଧକାରୀ
ସନ୍ତାନ ହାନି ହୋଅଇ କନ୍ଦରୁ ଛାଡ଼ଇ ଶିରୀ ।

ରାଜା ହୋଇ ଯେବେ କୋଧ କରଇ ଭୋ ପିତା .
ପ୍ରଥମେ ହବିର୍ଭାଗ ନ ଘେନଇ ଅଗ୍ନି ଯେ ଦେବତା ।
ରାଜାର ଧର୍ମେ ସେ ବ୍ରତଇ ମହାସ୍ଥାଳୀ
ରାଜାର କୋଧେ ଦେଖ ସମସ୍ତେ ହୋଅନ୍ତି ବିକଳ ।
ଆଦିପର୍ବ—ପୃ: ୨୭୩

କବି ସାରଳା ଦାସ ସେହି ଆଦି ପର୍ବରେ ମଧ୍ୟ ରାଜା ଦ୍ରୁପଦଙ୍କର ରାଜ୍ୟ ବିଧାନ ପ୍ରସଙ୍ଗରେ ରାଜଧର୍ମର ପରିଚୟ ଦେଇ ଅଛନ୍ତି । ଯେଉଁ ରାଜା ଧର୍ମାଚରଣ-ପୂର୍ବକ ସୁବିଧାନରେ ରାଜ୍ୟ ପାଳନ କରେ ସେଠାରେ ଦିଗପାଳମାନେ ଯଥାସ୍ଥିତ ରାଜ୍ୟ ପ୍ରତି ଶୁଭ ଦୃଷ୍ଟି ପ୍ରଦାନ କରିଥାନ୍ତି । (୫) ଦ୍ରୁପଦଙ୍କର ସୁଶାସନ ଦେଖିବା ପାଇଁ ବଶିଷ୍ଠ, ଦୁର୍ବାସା, ବାଲ୍ମୀକ, ବ୍ୟାସ, ମାର୍କଣ୍ଡ, ବିଶ୍ୱାମିତ୍ର, ଗୌତମ ଆଦି ଋଷିମାନେ ଆସିଥିଲେ । ସେମାନେ ରାଜା ଦ୍ରୁପଦଙ୍କର ଆତିଥେୟତାରେ ମୁଗ୍ଧ ହେଲେ ଏବଂ ରାଜାଙ୍କୁ ରାଜ୍ୟ ବିଧାନ ସମ୍ପର୍କରେ ନାନା ପ୍ରଶ୍ନ କଲେ । (୬) ଏହି ପ୍ରଶ୍ନାବଳୀରୁ ତତ୍କାଳୀନ ଓଡ଼ିଶାର ରାଜଶାସନ ଓ ପ୍ରଜାମାନଙ୍କ ପ୍ରତି ରାଜାଙ୍କର

---

୫ । ଯେବଣ ରାଜା ରାଜ୍ୟ ପାଳଇ ସୁବିଧାନେ
ତହିଂ ସେ ପାଳନ୍ତି ଦିଗପାଳମାନେ ।
ଆଦିପର୍ବ—ପୃ-୬୫୬-ସଂ — ଡଃ ଆର୍ତ୍ତବଲ୍ଲଭ ମହାନ୍ତି ।

୬ । ବସ ବସ ରାଜାହୋ ବୋଇଲେ ଋଷିମାନେ
ରାଜ୍ୟ ତୋହର ହୋଉଅଛୁନା ସୁବିଧାନେ ।
ହବିର୍ଭାଗ ପାଉଅଛନ୍ତି ନା ଦେବଲୋକେ
ଇନ୍ଦ୍ର ବୃଷ୍ଟି ରାଜ୍ୟେ କରେନା ସୁପାଳକେ ।
ଦେବତା ବ୍ରାହ୍ମଣେ ହୋଉଅଛୁନା ଭଗତି
ସୁବିଧାନେ ଫଳଦାୟେକ ହୋଉଅଛୁନା ପୃଥୀ ।
ଅନ୍ନଜଳ ଛନ୍ଦଦାନ ଦେଉଅଛୁ ନା ବୃଦ୍ଧ ଭଲେ
ପାତ୍ର ଅମାତ୍ୟେ ଚଳନ୍ତି ନା ତୋର ବୋଲେ ।
ପରରାଷ୍ଟ୍ର ଅପଚୟେ ନାହିଂ ନା ରାଜ୍ୟେ ତୁକୁ
ଅସୁର ଭୟରୁ ରକ୍ଷା କରୁ ନା ତପି ଜନଙ୍କୁ ।
ଧାଡ଼ି ଦଳେ ସାବଧାନ ହୋଉଅଛୁ ନା ରାଜ୍ୟେ
କୃଷିକାର୍ଯ୍ୟ ଲୋକଙ୍କୁ କରୁଛ ନା ତଳୟେ ।

ଆଦିପର୍ବ—ପୃ ୬୫୯-ସଂ — ଡାଃ ଆର୍ତ୍ତବଲ୍ଲଭ ମହାନ୍ତି ।

କର୍ତ୍ତବ୍ୟ ସମ୍ପର୍କରେ ସୂଚନା ମିଳିଥାଏ । ଋଷିମାନେ ବାରମ୍ବାର ରାଜାଙ୍କୁ କୃଷିକାର୍ଯ୍ୟମାନଙ୍କ ମଙ୍ଗଳ ବିଷୟରେ ପ୍ରଶ୍ନ କରିଅଛନ୍ତି । କୃଷକମାନଙ୍କୁ କୌଣସି ପ୍ରକାର ଦୁଃଖ ନ ଦେବାକୁ ସେମାନେ ରାଜାଙ୍କୁ ସତର୍କ କରାଇ ଦେଇଅଛନ୍ତି । କୃଷକବଂଶଜ କବି ସାରଳାଦାସଙ୍କ ଉକ୍ତି ହିଁ ଋଷିମାନଙ୍କ ଉକ୍ତି ମଧ୍ୟରେ ପ୍ରକଟିତ ହୋଇଥିଲା ପରି ଜଣାଯାଏ । ଠିକ୍ ଏହିପରି ମଧ୍ୟପର୍ବରେ ମହର୍ଷି ନାରଦ ମଧ୍ୟ ଦୁର୍ଯ୍ୟୋଧନଙ୍କୁ ରାଜ୍ୟର କୁଶଳ ବାର୍ତ୍ତା ପଚ୍ଛାରିଅଛନ୍ତି—

ନାରଦ ବୋଇଲେ କୁଶଳେ ଅଛୁନା ମହାରାଜା
ସୁବିଧାନେ ଖଟନ୍ତି ନା ତୋହର ସମସ୍ତ ଜନ ପ୍ରଜା ।
ତାହାଙ୍କୁ ରକ୍ଷା ପାଳନ କରୁଅଛୁ ନା ନୃପତି
ଯାଗଯଜ୍ଞ ହୋଇଛି ନା ସମସ୍ତ ଆକୃତି ।
ଋଷିମାନେ ନିର୍ଭୟେ ଅଛନ୍ତି ନା ବ୍ରତି
ମେଘେ ଅନାବୃଷ୍ଟି ନ କରନ୍ତି ନା ପୃଥ୍ୱୀ

ମଧ୍ୟପର୍ବ—ପୃ ୫୪୩

ନାରଦଙ୍କର ଏହି ପ୍ରଶ୍ନ ଏବଂ ବଶିଷ୍ଠାଦି ଋଷିମାନଙ୍କର ରାଜା ଦ୍ରୁପଦଙ୍କୁ ପ୍ରଶ୍ନ ପ୍ରାୟ ସମଶ୍ରେଣୀୟ । ଏହି ପ୍ରଶ୍ନର ପରିଚୟ ମିଳେ ପରବର୍ତ୍ତୀ ସୃଷ୍ଟି ବଳରାମଦାସଙ୍କ ଜଗମୋହନ ରାମାୟଣରେ ବର୍ଣ୍ଣିତ ଋଷ୍ୟଶୃଙ୍ଗଙ୍କର ଲୋମପାଦ ରାଜାଙ୍କୁ ପ୍ରଶ୍ନ ମଧ୍ୟରେ । କବି ସାରଳାଦାସ ମଧ୍ୟ ବନପର୍ବ ଓ ଉଦ୍ୟୋଗ ପର୍ବରେ ତତ୍କାଳୀନ ରାଜତନ୍ତ୍ର ସଂପର୍କରେ ଯଥାର୍ଥ ବର୍ଣ୍ଣନା କରିଅଛନ୍ତି । ଏସବୁଥିରୁ ମନେହୁଏ ଯେ କବି ପୌରାଣିକ ଚରିତ୍ର ମାଧ୍ୟମରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱକାଳୀନ ଚିତ୍ରକୁ ହିଁ ପ୍ରଦାନ କରିଅଛନ୍ତି ।[୧] ଏ ପ୍ରସଙ୍ଗରେ ଡକ୍ଟର ବଂଶୀଧର ମହାନ୍ତି ଯଥାର୍ଥରେ ଲେଖିଛନ୍ତି— 'ପରରାଷ୍ଟ୍ର ପ୍ରତି ସର୍ବଦା ସତର୍କ ରହିବା, ଅନ୍ଧାର ବେଳେ ବୁଲି ପ୍ରଜାମାନଙ୍କର ସୁଖ-ଦୁଃଖ ବୁଝିବା, ବିଦେଶାଗତ ଲୋକମାନଙ୍କୁ ରାଜଧାନୀରେ ସ୍ଥାନ ନ ଦେବା, ସେନାପତିମାନଙ୍କୁ ବିଶ୍ୱାସ କରିବା, ଯାତ୍ରାତୀର୍ଥମାନଙ୍କରେ ଅନ୍ନଛତ୍ର ଦେବା, ଗୁଣବନ୍ତ ବିପ୍ରଙ୍କର ପୂଜା କରିବା ଓ କବିମାନଙ୍କୁ ନିନ୍ଦା ନ କରିବା ପ୍ରଭୃତି ବହୁବିଧ ବିଷୟର ଉଲ୍ଲେଖ ରହିଛି । ଏହା ତତ୍କାଳୀନ ଓଡ଼ିଶା ରାଜ୍ୟର ଶାସନ ସମ୍ବନ୍ଧୀୟ ବିବରଣୀ ବୋଲି ଆମ୍ଭର ମନେ ହୋଇଥାଏ । ସଂସ୍କୃତ ପୁରାଣମାନଙ୍କରେ ଯେଉଁ ରାଜଧର୍ମ ବର୍ଣ୍ଣିତ ହୋଇଅଛି ତାହା ସହିତ ଏ ସବୁର ମେଳ ନାହିଁ—ଏହା ସ୍ୱତନ୍ତ୍ର ଅଟେ ।

(୭) ସାରଳାଦାସଙ୍କ ପରେ ବଳରାମ ଦାସ 'ଜଗମୋହନ ରାମାୟଣ'ରେ ମଧ୍ୟ ରାଜତନ୍ତ୍ର

---

୧ । ଡକ୍ଟର ବଂଶୀଧର ମହାନ୍ତି—ଓଡ଼ିଆ ସାହିତ୍ୟର ଇତିହାସ—୧ମ ଭାଗ—ପ୍ରଥମ ସଂସ୍କରଣ—ପୃ ୩୨୪

ଓ ରାଜଧର୍ମ ସଂପର୍କରେ ସୂଚନା ଦେଇଅଛନ୍ତି । ଚମ୍ପାବତୀ ରାଜ୍ୟରେ ଅନାବୃଷ୍ଟି ଫଳରେ ହାହାକାର ପଡ଼ିଗଲା । ଲୋମପାଦ ରାଜାଙ୍କ ଅନୁରୋଧକ୍ରମେ ଜରତୀ ଋଷ୍ୟଶୃଙ୍ଗ ଋଷିଙ୍କୁ ବଣରୁ ଆଣିଲା । ଋଷ୍ୟଶୃଙ୍ଗ ରାଜନଗରରେ ପହଞ୍ଚି ରାଜାଙ୍କୁ ପ୍ରଶ୍ନ କଲେ—

ରାଜାର ମୁଖ ଚାହିଁ ପଚାରଇ ଋଷି
ତୁହୋ ଲମ୍ବପାଦ ଚମ୍ପାନଗରବାସୀ ।
କ୍ଷେମେଣ ପାଳୁନା ସକଳ ଜନପ୍ରଜା
ସୁକ୍ଷେମେଣ ବ୍ରତ ଅଛୁନା ମହାରାଜା ।
ପାତ୍ରମନ୍ତ୍ରୀ ତୋହର ଆଜ୍ଞାଂରେ ଆଛନ୍ତିକି
କଣ୍ଟକାଇ କରୁନା ଶତ୍ରୁର ତହିଁକି ।
ଅନ୍ତପୁର କଥା ଜାଣୁ ନା ତୁ ଭଲେ
ବିଶ୍ୱାସ ଯାଉଛିକି ତୁ ଅମନାୟ୍ୟକଙ୍କର ବୋଲେ ।
ରଥଗଜ ଅଶ୍ୱ ପାଦାନ୍ତ ସନ୍ୟବଳ
ସ୍ୱେ, ତୋହୋର ଆଜ୍ଞାଂରେ ଚଳନ୍ତି ନା ସକଳ ।
ରାଜ୍ୟ ନୀତି କଥା ପଚାରଇ ମୁନି
ଶୁଣି କରଯୁଗଳ ଯୋଡ଼ଇ ନୃପମଣି ।

ଜଗମୋହନ ରାମାୟଣ-ଆଦିକାଣ୍ଡ-ସଂ—ଡଃ କୃଷ୍ଣଚରଣ ସାହୁ

ସାରଳା ଦାସ ତାଙ୍କର ମହାଭାରତରେ ରାଜଧର୍ମ ସଂପର୍କରେ ପ୍ରଥମେ ସଚେତନ ବର୍ଣ୍ଣନା କରିଥିଲେ । ତାଙ୍କ ଦୃଷ୍ଟିରେ ଓଡ଼ିଶାର ଗଜପତି କପିଳେନ୍ଦ୍ର ଦେବ ବିଦ୍ୟମାନ ଥିଲେ । ବଳରାମ ଦାସଙ୍କ ସମୟରେ ଗଜପତି ପ୍ରତାପରୁଦ୍ରଦେବ । ତେଣୁ କବି ପ୍ରତାପରୁଦ୍ର ଦେବଙ୍କ ଶାସନ କଥିକୁ ସ୍ପଷ୍ଟ ଲକ୍ଷ୍ୟ କରିଥିବେ । ଋଷ୍ୟଶୃଙ୍ଗଙ୍କର ରାଜା ଲୋମପାଦଙ୍କୁ ଉପଦେଶ ପ୍ରସଙ୍ଗରେ କବି ବଳରାମ ଦାସଙ୍କ ବ୍ୟକ୍ତିତ୍ୱ ବ୍ୟଞ୍ଜିତ । କାରଣ ଋଷ୍ୟଶୃଙ୍ଗ ଆଜନ୍ମରୁ ବ୍ରହ୍ମଚାରୀ ଓ ସେ ଘନବନାନୀରେ ଥିଲେ ତପସ୍ୟାରତ । ନାରୀ କ'ଣ ମଧ୍ୟ ସେ ଜାଣି ନ ଥିଲେ । ଏପରି ଅବସ୍ଥାରେ ସେ ଲୋମପାଦ ରାଜାଙ୍କୁ ରାଜଧର୍ମ ସଂପର୍କରେ ପ୍ରଶ୍ନ କରିବା ଯୁକ୍ତିଯୁକ୍ତ ନୁହେଁ । କିନ୍ତୁ ଋଷ୍ୟଶୃଙ୍ଗଙ୍କ ମାଧ୍ୟମରେ କବି ବଳରାମ ଦାସ ହିଁ ଆତ୍ମ ପ୍ରକାଶ କରିଅଛନ୍ତି ଏବଂ ମନେହୁଏ ସତେ ଯେପରି ରାଜା ପ୍ରତାପରୁଦ୍ରଦେବଙ୍କ ପ୍ରତି ବଳରାମ ଦାସଙ୍କର ଏହି ପ୍ରଶ୍ନ ଉଦ୍ଦିଷ୍ଟ ହୋଇଅଛି । ପଞ୍ଚସଖା ସାହିତ୍ୟରୁ ପ୍ରମାଣ ମିଳେ ଯେ ଅନେକ ସମୟରେ କବିମାନେ ରାଜ ନିଗ୍ରହର ସମ୍ମୁଖୀନ ହୋଇଥିଲେ ମାତ୍ର ଶ୍ରୀ ଜଗନ୍ନାଥଙ୍କ ନିର୍ଦ୍ଦେଶକ୍ରମେ ରାଜା ସେମାନଙ୍କୁ କ୍ଷମା ମାଗିଛନ୍ତି ଏବଂ ସେମାନେ ସାମାଜିକ ପ୍ରତିଷ୍ଠା ଲାଭ କରିଅଛନ୍ତି । ଏଥିରେ କୌଣସି

ଐତିହାସିକ ସତ୍ୟତା ଥାଉ ବା ନ ଥାଉ ମାତ୍ର ଏଥିରୁ ଜଣାଯାଏ ଯେ ଓଡ଼ିଶାର ଗଜପତିମାନେ ଶ୍ରୀ ଜଗନ୍ନାଥଙ୍କ ଆଦେଶକୁ ଶିରୋଧାର୍ଯ୍ୟ ମନେ କରୁଥିଲେ ଏବଂ କବିମାନଙ୍କୁ ସମ୍ମାନ ପ୍ରଦାନ କରୁଥିଲେ ।

ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଲା (୧୫୬୮ ଖ୍ରୀ:ଅ) । ଓଡ଼ିଶାର ରାଜପରଂପରା କ୍ରମେ ଜାତୀୟ ଗୌରବକୁ ଦୂରେଇଯାଇ ବିଳାସବ୍ୟସନ ମଧ୍ୟରେ ନିମଜ୍ଜିତ ରହିଲା । ବିଶେଷତଃ ମୋଗଲ-ମରହଟ୍ଟା ଶାସନକାଳରେ ଓଡ଼ିଶାର ସାମନ୍ତବାଦୀ ରାଜତନ୍ତ୍ର ଜାତୀୟଗୌରବ ପ୍ରତି ସଂପୂର୍ଣ୍ଣ ଅନାସକ୍ତ ରହି କେବଳ ଆତ୍ମସ୍ୱାର୍ଥସାଧନରେ ବ୍ୟସ୍ତ ରହିଲା । ରାଜା ଓ ପ୍ରଜାଙ୍କର ସଂପର୍କ ହେଲା କ୍ଷୀଣ । ପ୍ରଜା ଶୋଷିତ ଓ ଲୁଣ୍ଠିତ ହେଲେ ମଧ୍ୟ କେହି ତା'ର ପ୍ରତିକାର କଲେ ନାହିଁ । ଏହି ସମୟରେ ଯେଉଁ ରୀତି-ସାହିତ୍ୟ ସୃଷ୍ଟି ହେଲା ତାହା ତତ୍‌କାଳୀନ ସାମନ୍ତବାଦୀ ରାଜତନ୍ତ୍ରବିଳାସୀ ମନୋଭାବକୁ ବ୍ୟକ୍ତ କଲା । ଏକ ଦିଗରେ ଓଡ଼ିଶାର ରାଜତନ୍ତ୍ର ହରାଇ ବସିଲା ତା'ର ସକଳ ଐତିହ୍ୟ ଓ ଐଶ୍ୱର୍ଯ୍ୟ । କେନ୍ଦ୍ର ଶାସନ ଗଜପତି ପରଂପରା ହେଲା ଏକାନ୍ତ ଦୁର୍ବଳ । ସାମନ୍ତ ରାଜାମାନେ ହେଲେ ବିଳାସୀ । ପ୍ରଜାଙ୍କୁ ଶୋଷଣ କରି ସେମାନେ ବିଳାସରେ ସମୟ କାଟିଲେ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଏହି ଚିନ୍ତାଧାରା ଦେଖିବାକୁ ମିଳେ । ଅଥଚ କବିମାନେ ରାଜାମାନଙ୍କର ଏହି ବିଳାସୀ ମନୋବୃତ୍ତିକୁ ପ୍ରଶଂସା କରି କାବ୍ୟକବିତା ଲେଖିଅଛନ୍ତି । ରାଜଦରବାରରେ ସେମାନେ ହୋଇଛନ୍ତି ସ୍ତୁତିକାର । ସ୍ଥଳବିଶେଷରେ ସନ୍ଦର୍ଭ ରୀତିକାବ୍ୟ ପରିସର ମଧ୍ୟରେ କାବ୍ୟବର୍ଣ୍ଣିତ ରାଜାଙ୍କର ମହନୀୟତା ରୂପାୟିତ ହୋଇଅଛି ତାହା କେବଳ କାବ୍ୟ ଅନୁରୋଧରେ ପ୍ରଦତ୍ତ । ରାଜତନ୍ତ୍ରର ଏହି ଅବକ୍ଷୟ ସାମାଜର ଅନ୍ୟାନ୍ୟ ସ୍ତରରେ ପ୍ରଭାବ ବିସ୍ତାର କରିଅଛି । ଊନବିଂଶ ଶତାବ୍ଦୀର ଇଂରେଜ ଶାସନ ଫଳରେ ଯେଉଁ ଜମିଦାରୀ ପ୍ରଥା ସୃଷ୍ଟି ହେଲା ତାହା ମଧ୍ୟ ସାମନ୍ତବାଦୀ ରାଜତନ୍ତ୍ରର ଅବକ୍ଷୟକୁ ଗ୍ରହଣ କରିନେଇ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କଲା । ଏହିପରି ଏକ ସମୟରେ ରାଜା କୃଷ୍ଣସିଂହ ବ୍ୟାସକୃତ ସଂସ୍କୃତ ମହାଭାରତକୁ ଓଡ଼ିଆରେ ଅନୁବାଦ କଲେ । ଭୀଷ୍ମଦେବ ଶରଶଯ୍ୟାରେ ଯେଉଁ ଉପଦେଶ ଯୁଧିଷ୍ଠିରଙ୍କୁ ଦେଇଥିଲେ ତାହାର ବର୍ଣ୍ଣନା ଶାନ୍ତିପର୍ବରେ କରାଯାଇଛି । ଏହି ଉପଦେଶ ସନ୍ଦର୍ଭ ପ୍ରାଚୀନ ଭାରତର ରାଜତନ୍ତ୍ରର ଆଦର୍ଶ ତଥାପି କବି କୃଷ୍ଣସିଂହ ତତ୍‌କାଳୀନ ରାଜତନ୍ତ୍ରର ଅବକ୍ଷୟକୁ ଲକ୍ଷ୍ୟ କରି ଏହାର ଅନୁବାଦ କରିଅଛନ୍ତି । ଏହି ଉପଦେଶରେ ଭୀଷ୍ମଦେବ ଯୁଧିଷ୍ଠିରଙ୍କୁ ଧର୍ମ ପ୍ରତି ଅନୁରାଗ ପ୍ରକାଶ କରିବା ପାଇଁ, ଦେବତା ଓ ବ୍ରାହ୍ମଣଙ୍କୁ ଭକ୍ତି କରିବା

ପାଇଁ, ପ୍ରଜାମାନଙ୍କ ପ୍ରତି ସ୍ନେହଶୀଳ ହେବାପାଇଁ କହି ଅଛନ୍ତି । ଏଥିରେ ବର୍ଣ୍ଣନା ଅଛି—

"ସବୁକାଳେ ପଉରୁଷକୁ ଉଦ୍‌ଯୋଗ
କରୁଥିବ ରାଜା କରଣ ଅନୁରାଗ ।
ଉଦଯୋଗ ବିନା ରାଜାର କାର୍ଯ୍ୟସିଦ୍ଧି
ହେବାକୁ ଶାସ୍ତ୍ରଙ୍କରେ ଲେଖିନାହିଁ ବିଧି ।
ଦଇବ ଉଦଯୋଗ ଦୁଇରେ ପଉରୁଷ
ଅଧିକ ଜାଣ ଅଟେ ଆହେ ନର-ଈଶ ।
ସତ୍ୟ ବିନା ସିଦ୍ଧି ନୃପତିମାନଙ୍କର
ଆନରେ ଶୁଣା ନାହିଁ ହେବା ନରବର ।
× × ×
ଲୋକ ସଂହାରକ ହୋଇବ ଯେଉଁ ନର
ରାଜାର ଧର୍ମ ଅଟେ ତାକୁ ମାରିବାର ।
× × ×
ରାଜା ଯେବେ ଧର୍ମ ସତ୍ୟକୁ ଆଚରଇ
ସେ ବଳରେ ପ୍ରଜାଙ୍କୁ ବଶ ସେ କରଇ ।
× × ×
ଗୀତ ନୃତ୍ୟ ସ୍ତ୍ରିୟରେ ଆସକ୍ତ ନୃପତି
ହେଲେ ଇଚ୍ଛା ସୁଖରେ ନାଶ କରେ ଭୂତି ।
ଲୋକଙ୍କୁ ଯେଉଁ ରାଜା ଉଦବେଗ ଦିଏ
ପରାଭବ ତାଙ୍କୁ ଗୋଡ଼ାଇଥାଏ ରାସ୍ତେ ।
ଗର୍ଭିଣୀ ସ୍ତ୍ରିୟ ଯେଉଁ ରୂପେ ପୁତ୍ରହିତ
ବିଗ୍ରହରେ ସେହି ରୂପେ ହେବ ନୃପସୁତ ।
ଏହା ଜାଣି ରାଜା ଲୋକଙ୍କ ହିତ ଗୋଟି
କରୁଥିବ ଲେଖିଛି 'ଏ ଧର୍ମ ଶାସ୍ତ୍ରଟି ।
× × × ×
ଲୋକଙ୍କୁ ରଞ୍ଜାଇବ ସତ୍ୟକୁ ପାଳିବ
ସଦ୍ ବ୍ୟବହାର କରିବ ଧର୍ମଦେବ ।
ଆପଣା ଧନ ପାଇ ହୋଇ ତୃପତ
ପରଧନେ ନ ହେବ କଦାଚତେ ଚିତ୍ତ ।
ଭୃତ୍ୟବର୍ଗେ ଯଥା ସମସ୍ତେ ବରତନ
ଦେବାର କର୍ତ୍ତବ୍ୟ ଅଟଇ ହେ ରାଜନ ।
× × × ×

ଯେଉଁ ରାଜନ ଲୋଭୀ କୁଟୀଳ ହୁଅଇ
ଦୋଷ ଦେଇ ଅନ୍ୟର ଧନକୁ ହରଇ ।
ତାହାକୁ ମେଳ ହୋଇ ମାରନ୍ତି ତା ଜନ-
ମାନେଟି ଏଥି ନାହିଁ ସନ୍ଦେହ ରାଜନ ।
ଯେଉଁ ରାଜା ଲୋକଙ୍କ ଚିତ୍ତକୁ ରଞ୍ଜାଏ
ତାହାକୁ ଭଜି ରହି ଥାଆନ୍ତି ସଭିଏ ।
× × × ×
ପୁତ୍ର ପରି ପ୍ରଜାଙ୍କୁ ପାଳଇ ଯେ ରାଜା
ତାହାରଟି କୀର୍ତ୍ତି ବାଜଇ ହୋଇ ବାଜା ।

ରାଜା କୃଷ୍ଣସିଂହ ମହାଭାରତ—ଶାନ୍ତିପର୍ବ

ରାଜା କୃଷ୍ଣସିଂହ ବ୍ୟାସକୃତ ମହାଭାରତର ଅନୁବାଦ କରିଛନ୍ତି ଏବଂ ଶାନ୍ତିପର୍ବରେ ଭୀଷ୍ମଦେବଙ୍କ ଉପଦେଶକୁ ବର୍ଣ୍ଣନା କରିଅଛନ୍ତି । ଏହି ଉପଦେଶରେ ପ୍ରଜାମାନଙ୍କ ପ୍ରତି ରାଜାଙ୍କର ମନୋଭାବ କପରି ଉଦାର ହେବା କଥା ତାହାକୁ ରୂପାୟନ କରିଅଛନ୍ତି । ପୂର୍ବେ ମହର୍ଷି ବାଲ୍ମୀକି ମଧ୍ୟ ରାମଚନ୍ଦ୍ରଙ୍କୁ ପ୍ରଥମେ ପ୍ରଜାମାନଙ୍କୁ ରକ୍ଷାକରିବା ଲାଗି ଉପଦେଶ ଦେଇଥିଲେ । ପ୍ରଥମେ ପ୍ରଜା, ପରେ ସ୍ତ୍ରୀ । ମହାଭାରତରେ ଭୀଷ୍ମଦେବ ମଧ୍ୟ କହିଛନ୍ତି ଯେ ପ୍ରଜା ପାଳୁ ପାଳୁ ବିପତ୍ତି ପଡ଼ିଲେ କେହି ତାକୁ ନିନ୍ଦା କରନ୍ତି ନାହିଁ । ୮) ସେହି ଶାନ୍ତିପର୍ବରେ ଭୀଷ୍ମଦେବ ରାଜଶବ୍ଦର ଉତ୍ପତ୍ତି ଓ ରାଜଧର୍ମର ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଅଛନ୍ତି । ସତ୍ୟଯୁଗରେ ଧର୍ମ ବିରାଜିତ ଥିଲା । ସେତେବେଳେ ଲୋକେ ପରସ୍ପର ହିତ ସାଧନରେ ରତ ଥିଲେ । ତେଣୁ ରାଜାର ଆବଶ୍ୟକତା ନ ଥିଲା ମାତ୍ର କ୍ରମେ ଚିତ୍ତବିଭ୍ରମ ହେବାରୁ ମୋହ ଜାତ ହେଲା । ଏହି ମୋହରୁ ସୃଷ୍ଟି ହେଲା ଲୋଭ ଓ କାମ । ବେଦଧର୍ମ ଲୋପ ପାଇଲା । ନାରୀ ଆସକ୍ତି, ଶିକାର, ଅକ୍ଷକ୍ରୀଡ଼ା, ସୁରାପାନ—ଏହି ଚାରୋଟି କାମଜନିତ ବ୍ୟସନ । ଏହି କାରଣରୁ ଦେବତାମାନଙ୍କ ଅନୁରୋଧରେ ବ୍ରହ୍ମା ରାଜପଦ ସୃଷ୍ଟି କଲେ । ତଥାପି ପ୍ରଜାମାନେ ସେତେବେଳେ ବ୍ରହ୍ମାଙ୍କୁ କହିଥିଲେ ଯେ ଯଦି ରାଜା ପରଦାରାସକ୍ତ ହୋଇ ଅନ୍ୟାୟ ଆଚରଣ କରନ୍ତି ସେହି ରାଜାକୁ ସେମାନେ ବିତାଡ଼ିତ କରିଦେବେ । ଯିଏ ଧର୍ମରେ ପ୍ରଜାପାଳନ କରିବ ସେହିପରି ବ୍ୟକ୍ତିକୁ ରାଜା କରିବା

---

୮ । ପ୍ରଜା ପାଳୁ ପାଳୁ ବିପତ୍ତି ଯେବେ ପାଏ
ନିନ୍ଦା ତାକୁ କେହି ନ କରନ୍ତି ଗୋଟିଏ ।
ରାଜା କୃଷ୍ଣସିଂହ ମହାଭାରତ—ଶାନ୍ତିପର୍ବ—କଟକ ଟ୍ରେଡ଼ିଂ କମ୍ପାନୀ—ଷଷ୍ଠ ମୁଦ୍ରଣ ।

ପାଇଁ ପ୍ରଜାମାନେ ବ୍ରହ୍ମାଙ୍କ ନିକଟରେ ନିବେଦନ କରିଥିଲେ । (୯) ଏହିପରି ଭାବରେ ରାଜଧର୍ମ ସୃଷ୍ଟି ହୋଇଥିଲା ଏବଂ ମନୁ ହେଲେ ପ୍ରଥମ ନରପତି । ପୁନଶ୍ଚ ପ୍ରଜାଙ୍କୁ ପାଳନ କରିବା, ଦୋଷୀକୁ ଦଣ୍ଡ ଦେବା ଓ ଧର୍ମ ଆଚରଣ କରିବା ରାଜାଙ୍କର ପରମ କର୍ତ୍ତବ୍ୟ । ଭୀଷ୍ମଦେବ ପୁଣି ଉପଦେଶ ଦେଇଛନ୍ତି—

ଦୁଧଲୋଭେ ଗାଈ ପହ୍ଲାକୁ କାଟିଲେ
ଦୁଧ ଯାଇ ଅକାର୍ଯ୍ୟ ଉପୁଜଇ ଭଲେ ।
ସେହି ରୂପେ ରାଜା କଉଡ଼ି ଲୋଭୀ ହୋଇ
ପ୍ରଜାଙ୍କୁ ପୀଡ଼ା ଦେଲେ ଦୁଃଖକୁ ଭୁଞ୍ଜଇ ।
ମାଳୀ ଯେ ପୁଷ୍ପଲତା ପାଳିବା ପରାୟେ
ପ୍ରଜାକୁଳ ପାଳିବ ଯେ ହୋଇବ ରାୟେ ।
× × × ×
ଧାର୍ମିକ ରାଜା ହେଲେ ହୋଏ ଦେବ ସରି
ଅଧାର୍ମିକ ହେଲେ ନରକେ ପଡ଼େ ମରି ।
× × × ×
ରାଜା ପ୍ରଜାହିତେ ପ୍ରବର୍ତ୍ତି ରହିଥିବ
ନ ପ୍ରବର୍ତ୍ତିଲେ ବିପତ୍ତି କି ସେ ଲଭିବ ।
× × × ×
ପୁଅପରି ପ୍ରଜାଙ୍କୁ କରିବ ପାଳନ
ବିବିଧ ଭାବରେ ସେ ଦେଇ ବସ୍ତ୍ରଧନ
କୃଷ୍ଣସିଂହ ମହାଭାରତ—ଶାନ୍ତିପର୍ବ—

---

୯ । ପୂର୍ବେ ରାଜାମାନଙ୍କୁ ପ୍ରଜା କହିଛନ୍ତି
ପରସ୍ତ୍ରୀ ପରଦ୍ରବ୍ୟରେ ଦେଇ ମତି ।
ଅନ୍ୟାୟରେ ଦଣ୍ଡ ଆମ୍ଭଙ୍କୁ ତୁମ୍ଭେ ଦେଲେ
ତୁମ୍ଭଙ୍କୁ ଛାଡ଼ିଦେଉଛୁଟି ଜାଣ ଆମ୍ଭେ ଭଲେ ।
ନୃପତି ଏଥିରେ ହୋଇଣ ସମ୍ମତ
ଆଚରଣେ ସେ କଥା କଲେ ବିପରୀତ ।
ପ୍ରଜାଏ ସେ ସକାଶେ ମହା ଦୁଃଖୀ ହୋଇ
ପରମେଷ୍ଠୀ ସମ୍ମୁଖରେ ଜଣାଇଲେ ଯାଇ ।
ଆମ୍ଭଙ୍କୁ ଯେ ପାଳନ କରିବ ଧର୍ମରେ
ତାହାଙ୍କୁ ରାଜା କର ଆମ୍ଭର ଉପରେ ।
ରାଜା କୃଷ୍ଣସିଂହ ମହାଭାରତ— ଶାନ୍ତିପର୍ବ

ଊନବିଂଶ ଶତାବ୍ଦୀରେ ରାଜତନ୍ତ୍ରର ବିରାଟ ଅବକ୍ଷୟକୁ ଲକ୍ଷ୍ୟ କରି ରାଜା କୃଷ୍ଣସିଂହ ମହାଭାରତ ଅନୁବାଦ କରି ରାଜଧର୍ମ ସମ୍ପର୍କରେ ସମାଜକୁ ଅବହିତ କରାଇବା ପାଇଁ ଉଦ୍ୟମ କରିଥିଲେ ପରି ମନେହୁଏ । ମହାଭାରତରେ ପ୍ରଦତ୍ତ ଏହି ରାଜଧର୍ମ ବିବରଣୀ ସବୁକାଳ ପାଇଁ ସତ୍ୟ । ରାଜା ପ୍ରଜାଙ୍କ ପାଇଁ ସୃଷ୍ଟି । ଯଦି ସେ ପ୍ରଜାଙ୍କର ମଙ୍ଗଳ ନ କରି ନିଜେ ବିଳାସବ୍ୟସନରେ ରହି ଶୋଷଣ କରେ ତେବେ ଦେଶର ଅମଙ୍ଗଳ ହୁଏ ଓ ସେପରି ଅତ୍ୟାଚାରୀ ରାଜାର ହୁଏ ପତନ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରାଜଧର୍ମ ସମ୍ପର୍କରେ ମୁଷ୍ଟିମେୟ କେତୋଟି ଗ୍ରନ୍ଥରେ ପରିଚୟ ନିହିତ । ଅନ୍ୟାନ୍ୟ ଆଲଙ୍କାରିକ ଗ୍ରନ୍ଥରେ ରାଜା ଓ ପ୍ରଜାଙ୍କର ସମ୍ପର୍କ ନାହିଁ । ସେଥିରେ ରାଜାମାନଙ୍କର ବିଳାସବ୍ୟସନ ଓ କାମଚର୍ଯ୍ୟା ବର୍ଣ୍ଣିତ । ଏହା ରାଜସଂସ୍କୃତିର ଅବକ୍ଷୟର ଲକ୍ଷଣ । ଊନବିଂଶ ଶତାବ୍ଦୀରେ ଏହି ଅବକ୍ଷୟ ଭୟଙ୍କର ହୋଇ ଉଠିଥିଲା । ଇଂରେଜମାନେ ଓଡ଼ିଶାକୁ ଅଧିକାର କରିଥିଲେ ମଧ୍ୟ ସେମାନେ କାଳକ୍ରମେ ଏହି ଅବକ୍ଷୟୀ ରାଜତନ୍ତ୍ର ଓ ସାମନ୍ତତନ୍ତ୍ରକୁ ବିଶ୍ୱାସ କରି ଶାସନ କଲେ । ଫଳରେ ପ୍ରଜାମାନେ ବହୁଭାବରେ ଶୋଷିତ ହେଉଥିଲେ । ସମାଜରୁ ଧର୍ମ, ନୀତି ଓ ଆଦର୍ଶ କ୍ରମେ ହ୍ରାସ ପାଉଥିଲା । ଅଥଚ ସାହିତ୍ୟିକମାନେ ଏଦିଗ ପ୍ରତି ଅନାସକ୍ତ ରହି ସେହି ସ୍ୱୈରାଚାର ଓ ବିଳାସ ମନୋଭାବକୁ ସାହିତ୍ୟରେ ରୂପ ଦେଉଥିଲେ । ଊନବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ପ୍ରାୟ ଏହି ଚିନ୍ତାଧାରା ସାହିତ୍ୟରେ ପ୍ରତିଫଳିତ ।

## ଆଧୁନିକ ସାହିତ୍ୟରେ ରାଜତନ୍ତ୍ର ପ୍ରତି ଦୃଷ୍ଟିକୋଣ

ଆଧୁନିକ ଓଡ଼ିଆ ସାହିତ୍ୟର ଆରମ୍ଭ କାଳ ଊନବିଂଶ ଶତାବ୍ଦୀର ଶେଷ ଦି ଦଶକ । ଏହି ସମୟରେ ରାଧାନାଥ ରାୟ, ଫକୀର ମୋହନ ସେନାପତି, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ରାମଶଙ୍କର ରାୟ ପ୍ରମୁଖ ବହୁ ଲେଖକଗଣ ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତି ସ୍ଥାପନ କଲେ । ରାଧାନାଥ ଯଦିଓ ନୂଆ ସାହିତ୍ୟ ସୃଷ୍ଟି କଲେ ମାତ୍ର ଚିନ୍ତାଧାରାରେ ସେ ସାମନ୍ତିକ ଭାବକୁ ବ୍ୟକ୍ତ କରିଅଛନ୍ତି । ତାଙ୍କର ପ୍ରସିଦ୍ଧ କାବ୍ୟଗୁଡ଼ିକରେ ସାମନ୍ତବାଦୀ ରାଜତନ୍ତ୍ରର ବିଳାସ-ବ୍ୟସନ ବ୍ୟଞ୍ଜିତ । ଅବଶ୍ୟ ଦରବାର କାବ୍ୟରେ ସେ ସମସାମୟିକ ରାଜତନ୍ତ୍ରର ଅବକ୍ଷୟତା ଓ ଭ୍ରାନ୍ତ ଅହମିକାକୁ ବର୍ଣ୍ଣନା କରିଅଛନ୍ତି । ମଧୁସୂଦନ ଏ ଦିଗ ପ୍ରତି ସମ୍ପୂର୍ଣ୍ଣ ଅନାସକ୍ତ ରହି କାବ୍ୟ କବିତାରେ ବିଶ୍ୱଚେତନାକୁ ପ୍ରାଧାନ୍ୟ ଦେଲେ । ନନ୍ଦକିଶୋର ପଲ୍ଲୀ-ଜୀବନର ଚିତ୍ର ଅଙ୍କନ କଲେ । ଫକୀରମୋହନ ଅର୍ଦ୍ଧ ସାମନ୍ତ-ବାଦୀ ସ୍ୱେଚ୍ଛାଚାରିତା ଓ ପ୍ରଜା ଶୋଷଣ ମନୋଭାବକୁ ପ୍ରକାଶ କଲେ । ଏତଦ୍‌ବ୍ୟତୀତ ଗଢ଼ି ଉଠୁଥିବା ଆଉ ଏକ ନୂଆ ସାମନ୍ତବାଦୀ ସଭ୍ୟତାର ସେ ବାସ୍ତବ ରୂପ ଅଙ୍କନ କଲେ । ଏହି ସମୟରେ କବି ଗଙ୍ଗାଧର ମେହେର ପ୍ରାଚୀନ ଭାରତୀୟ ସଂସ୍କୃତିର

ପୃଷ୍ଠଭୂମି ଉପରେ ସମସାମୟିକ ରାଜତନ୍ତ୍ରର ଅବକ୍ଷୟକୁ ଲକ୍ଷ୍ୟ କରି **ନିଜର ଗଭୀର ମର୍ମବ୍ୟଥା** ପ୍ରକାଶ କରିଅଛନ୍ତି । ଯେଉଁ ବ୍ୟକ୍ତି ପରସ୍ୱ-ହରଣ କରିବାକୁ **ଜୀବନରେ ଶ୍ରେୟ** ମନେକରେ, ଯିଏ ଧର୍ମ ନୀତିକୁ ସ୍ୱୀକାର କରେ ନାହିଁ, ଯାହାର **ବକ୍ଷର** ଧନଭଣ୍ଡାର ସ୍ଫୀତ ହୁଏ, ଜୀବନ ଯା'ର ଲକ୍ଷ ଲକ୍ଷ ଲୋକଙ୍କର **ଭାର, ସେହିପରି** ଲୋକଙ୍କୁ ଧର୍ମ ଅବତାର ରାଜାଭାବରେ ସମାଜରେ କହୁଥାନ୍ତି । **(୧୦) ଏପରି** ମନୋଭାବକୁ କବି କଠୋର ସମାଲୋଚନା କରିଅଛନ୍ତି । **ଗଙ୍ଗାଧର ଭାରତୀୟ ସଂସ୍କୃତିର** ସଚେତନ ବାର୍ତ୍ତାବହ । ତେଣୁ ସେ ଆଧୁନିକ **ଭୋଗସର୍ବସ୍ୱ** ମନୋଭାବକୁ ବିଦ୍ରୂପ କରିଅଛନ୍ତି । ଯେଉଁ ରାଜ୍ୟରେ ଧର୍ମର ଆଧିପତ୍ୟ **ରହେ ସେହି** ରାଜ୍ୟରେ ସୁଖଶାନ୍ତି ବିରାଜମାନ କରେ । ଯେଉଁଠି ଧର୍ମ **ଲୋପପାଏ ସେଠି** ପାପାନ୍ଧକାର ସମାଜକୁ ଗ୍ରାସ କରେ । (୧୧) ଧାର୍ମିକ **ହୃଦୟରେ ସଦା ପ୍ରଫୁଲ୍ଲତା ଥାଏ ।** ଧର୍ମ ହିଁ ବିପଦରେ ବନ୍ଧୁ, ସମ୍ପଦରେ ଭାଇ, **ଇହକାଳ ସଙ୍ଗୀ ଏବଂ ସର୍ବଦା**

---

୧୦ ।

ମନ ଯାର ବ୍ୟସ୍ତ ସଦା ପରସ୍ୱ-ହରଣେ
ଧ୍ୟାନ ଯାର ବିଦଳିତ ଗଣିକା ଚରଣେ ।
ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ବିଦ୍ୟା ଯାର ମୋଡ଼ୁଥାଏ ଧର୍ମନୀତି ମୁଣ୍ଡ
ବୁଦ୍ଧି ଯାର କରୁଥାଏ ଶତ ସତ୍ୟ ଖଣ୍ଡ ।
ଧନେ ସ୍ଫୀତ ହେଉଥାଏ ଯାହାର ବକ୍ଷର
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

—ତାକୁ ମଧ୍ୟ ବୋଲିଥାନ୍ତି **ଧର୍ମ ଅବତାର—ଗଙ୍ଗାଧର**

୧୧ ।

ଯେଉଁ ରାଜ୍ୟେ ଧରମର ପ୍ରଭା ହୁଏ ନାଶ
ପାପ ଅନ୍ଧକାର ତାକୁ କରିଦିଏ ଗ୍ରାସ ।
ଲକ୍ଷ ଲକ୍ଷ ଦୀପ କୋଟି ବିଦ୍ୟୁତ ଆଲୋକ
ଗ୍ରାସିଦିଏ ଅମାବାସ୍ୟା — ତମ-ମଗ୍ନ-ଲୋକ ।
ଯହିଁ ଧର୍ମ ତହିଁ କରେ ଲୋଭ ପଳାୟନ
ଲୋଭ ନାଶେ ସୁଜନପୁଣ ଧର୍ମପରାୟଣ ।

× × ×

ଧରମର ଆଧିପତ୍ୟ ରହିଲେ ସମାଜେ
ସମୃଦ୍ଧି ଉନ୍ମୁଖୀ ହେବ ଭାରତ ସାମ୍ରାଜ୍ୟେ ।

—ପଞ୍ଚାମୃତ—**ଗଙ୍ଗାଧର ମେହେର**

ଶୁଭଙ୍କର । (୧୨) ଗଙ୍ଗାଧର ପୁଣି ରାଜଚରିତର ଚମତ୍କାର ବର୍ଣ୍ଣନା କରିଛନ୍ତି "ବିଦୁର ପ୍ରଜାଗର" କବିତାରେ, ସେ ଲେଖିଛନ୍ତି—

କାର୍ଯ୍ୟରେ ଅକ୍ଷମ କିନ୍ତୁ ବାକ୍ୟେ ମହାବୀର
ଧରିଥାଏ ମିଥ୍ୟା ଗର୍ବ ଯାକ ପୃଥ୍ୱୀର ।
ସେ ନୃପତି ଅତି ମୂର୍ଖ ବୋଲି ଶାସ୍ତ୍ର କହେ
ଲକ୍ଷ୍ମୀ ଘୃଣା କରି ତା'ର ନିକଟେ ନ ରହେ ।
× × × ×
ଖଳମାନଙ୍କ କଥା ଯେବେ ରାଜା ମନେ ଧରେ
ଦୋଷହୀନ ପରଜାକୁ ଦଣ୍ଡ ଦାନ କରେ ।
ହିତାହିତ କଥା କିଛି ନ ପାରଇ ବାରି
ପୁରସ୍କୃତ ହୁଅନ୍ତି ଯା ତୋଷାମୋଦକାରୀ
ଲାଳସା ବଢ଼ାଉଥାଏ ଦେଖି ପ୍ରଜା ଧନ
ସେ ଧନ ନେବାକୁ କରେ ଉପାୟ ସାଧନ ।
ସତ୍‌ସଙ୍ଗ ଛାଡ଼ି ରହେ ଅସତ ସଙ୍ଗରେ
କୁତ୍ସିତ ଆମୋଦେ ରତ ଥାଏ ନିରନ୍ତରେ ।
ଅଭିମାନ ବୃଦ୍ଧି ପାଇଁ ବହେ ଋଣ ଭାର
କରେ ରାଜ କ୍ଷମତାର ଅପବ୍ୟବହାର ।
ଅଧୀନସ୍ଥ କର୍ମଚାରୀ କଲେ ଅତ୍ୟାଚାର
ପ୍ରଜା ଗୁହାରିରେ କରେ ନାହିଁ ସୁବିଚାର ।
ଦୟା ନ ଜନ୍ମାଇ କେବେ ପରଜାଙ୍କୁ ଦୁଃଖେ
ଭାସୁଥାଏ ନାରୀ ପ୍ରେମ ତରଙ୍ଗର ମୁଖେ ।
× × ×
କରୁଥିଲେ ପରଜାଙ୍କ ଉନ୍ନତି ସାଧନ
ହସି ହସି ପ୍ରଜାମାନେ ଦେଉଥାନ୍ତି ଧନ ।
ପ୍ରଜାଗଣ ପାନ୍ତି ଯେଉଁ ରାଜାଠାରୁ ଭୟ
ଚକ୍ରବର୍ତ୍ତୀ ହେଲେ ମଧ୍ୟ ହୁଏ ତାର କ୍ଷୟ ।"

ନୀତିବାଦୀ କବି ଗଙ୍ଗାଧର ରାଜଧର୍ମ ସମ୍ପର୍କରେ ତତ୍କାଳୀନ ଶାସନର କର୍ଣ୍ଣଧାରମାନଙ୍କୁ ଚେତାବନୀ ଶୁଣାଇ ଅଛନ୍ତି । ସେ ସ୍ପଷ୍ଟ ଉପଲବ୍‌ଧି କରିଥିଲେ,

---

୧୨ । ଗଙ୍ଗାଧର ମେହେର—'ବିଦୁର ପ୍ରଜାଗର'—

ଓଡ଼ିଶାର ସାମନ୍ତବାଦୀ ତଥା ଅର୍ଦ୍ଧସାମନ୍ତକ ଶାସକମାନଙ୍କର ଅବକ୍ଷୟକୁ । ସେ ମଧ୍ୟ ଇଂରେଜ ଶାସକଙ୍କର ଦୁର୍ବଳତା ଓ ସ୍ୱେଚ୍ଛାଚାରିତାକୁ ଅନୁଭବ କରିଥିଲେ । ତେଣୁ ସେ ନିର୍ଭୀକଭାବରେ ରାଜତନ୍ତ୍ର ପ୍ରତି ନିଜର ଦୃଷ୍ଟିକୋଣକୁ ପ୍ରକାଶ କରିଅଛନ୍ତି । ତାଙ୍କର 'ପ୍ରଣୟ ବଲ୍ଲରୀ' ଓ 'ତପସ୍ୱିନୀ' ଦୁଇଟି ପ୍ରସିଦ୍ଧ କାବ୍ୟରେ ମୁଖ୍ୟ ହୋଇଥିଲେ ମଧ୍ୟ ପ୍ରସଙ୍ଗତଃ ସେ ଉଦାର ରାଜାଙ୍କର ସମାଜପ୍ରତି କର୍ତ୍ତବ୍ୟ ସମ୍ପର୍କରେ ବର୍ଣ୍ଣନା କରିଅଛନ୍ତି । ରାମଚନ୍ଦ୍ର ପ୍ରିୟତମା ପତ୍ନୀ ସୀତାଙ୍କୁ ନିର୍ବାସନ ଦଣ୍ଡ ଦେଇ ଅଧୀର ହୋଇପଡ଼ିଥିଲେ ମଧ୍ୟ ପର ମୁହୂର୍ତ୍ତରେ ସେ ନିଜକୁ ସାନ୍ତ୍ୱନା ଦେଇଅଛନ୍ତି । କାରଣ ସେ ଅଯୋଧ୍ୟାର ରାଜା, ତେଣୁ ପ୍ରଜାଙ୍କ କଥାକୁ ତାଙ୍କୁ ପ୍ରଥମେ ସମ୍ମାନ ଦେବାକୁ ହେବ । ପ୍ରଜାମାନଙ୍କ ଯୋଗୁ ସେ ରାଜା ହୋଇଛନ୍ତି । (୧୩) ରାଜନୀତି ଯଦି ନିରୀହ ପ୍ରଜାଙ୍କୁ ଶୋଷଣ କରିବା ପାଇଁ ଅଭିପ୍ରେତ ହୁଏ ତା'ର କୌଣସି ମୂଲ୍ୟ ରହେ ନାହିଁ । ରାଜା ଦୁଷ୍ମନ୍ତ ଏହି କଥାକୁ 'ପ୍ରଣୟ-ବଲ୍ଲରୀ' କାବ୍ୟରେ ଚିନ୍ତା କରିଅଛନ୍ତି । (୧୪)ଇଂରେଜ ଶାସନ କାଳରେ ଓଡ଼ିଶାରେ ରାଜାମାନେ ଭାରତୀୟ ସଂସ୍କୃତିର ଏହି ରାଜାଦର୍ଶକୁ ପ୍ରାୟ ଭୁଲିଯାଇ ଆତ୍ମସ୍ୱାର୍ଥ ସାଧନରେ ବ୍ୟସ୍ତ ଥିଲେ । ତେଣୁ ଗଙ୍ଗାଧର, ଫକୀରମୋହନ ପ୍ରଭୃତି କବିମାନେ ଏ କଥାକୁ ସେମାନଙ୍କ ସାହିତ୍ୟରେ ପ୍ରକାଶ କରିଅଛନ୍ତି । ଗଙ୍ଗାଧର ପ୍ରାକ୍ତନ ଭାରତୀୟ ସାଂସ୍କୃତିକ-ରାଜନୀତିକ ପୃଷ୍ଠଭୂମିରେ ସମସାମୟିକ ରାଜନୀତିକ ଅବସ୍ଥାକୁ ବିଗ୍ଭର-ବିମର୍ଷ କରି ପ୍ରାଚୀନ ପଦ୍ଧତିରେ ପ୍ରକାଶ କରିଥିଲାବେଳେ ଫକୀରମୋହନ ବିଭିନ୍ନ ଗଡ଼ଜାତମାନଙ୍କରେ ଦେଓ୍ୱାନ କାର୍ଯ୍ୟ କରି ରାଜାମାନଙ୍କର ସ୍ୱେଚ୍ଛାଚାରିତା, ତୋଷାମଦପ୍ରିୟତା ଓ ପ୍ରଜାପୀଡ଼ନକୁ ଲକ୍ଷ୍ୟ କରି ବ୍ୟଙ୍ଗାତ୍ମକ ଶୈଳୀରେ ରୂପାୟନ କରିଅଛନ୍ତି । ତାଙ୍କର ଆତ୍ମଜୀବନୀରୁ ନୀଳଗିରି, ଡ଼ୋମପଡ଼ା, ଢେଙ୍କାନାଳ, ଦଶପଲ୍ଲା, କେନ୍ଦୁଝର ପ୍ରଭୃତି ରାଜ୍ୟର

---

୧୩ । ଭାବୁଥିଲେ ରାଜ ଅଧିକାର ବ୍ୟାଜ ଅଟେ ମହା ଦାସତ୍ୱର
ଏହି ଦୁଇ ପଦେ ପ୍ରକୃତିର ପଦେ ଖଟିବା ହୁଏ ମାତର ।
ମିଥ୍ୟା କଥା ଯେବେ ପ୍ରଜାଏ କହିବେ ମେଳ ହୋଇ ଶତ ଶତ
ମିଥ୍ୟା ଜାଣି ଜାଣି ତାକୁ ମାନି ମାନି ବୋଲିଯାଏ ସତ ସତ ।
ପ୍ରକୃତିର ଶାନ୍ତ ଯଙ୍କରେ ନୃପତି ସୁଖଟି ସ୍ୱଭାବେ ବଳ
ଦୃଢ଼ ଧର୍ମ-ଦାମେ ବାନ୍ଧି ନିଜ କାମେ ପାଦେ ନ ପାରଇ ଚଳି ।
—ତପସ୍ୱିନୀ—୩ୟ ସର୍ଗ ।

୧୪ । ଯେଉଁ ରାଜା ଯେଉଁ ଦୋଷେ ଲିପ୍ତ ଥାଇ ପରକୁ ଦଣ୍ଡେ ସେ ଦୋଷେ
ଧର୍ମରାଜ ତାକୁ ତହୁଁ ଶତଗୁଣେ ଦଣ୍ଡ ଦେଇଥାନ୍ତି ରୋଷେ ।
—ପ୍ରଣୟ ବଲ୍ଲରୀ—

ସାମନ୍ତରାଜାମାନଙ୍କର ପରିଚୟ ମିଳିଥାଏ । ଡୋମପଡ଼ା ରାଜା ରଘୁନାଥ ଭ୍ରମରବର ରାୟଙ୍କ ସମୟରେ କରବୃଦ୍ଧି ନେଇ ପ୍ରଜାମେଳି ହୋଇଥିଲା । ରାଜା କପରି ପ୍ରଜାମାନଙ୍କୁ ଶୋଷଣ କରୁଥିଲେ ତା'ର ଚିତ୍ର ଫକୀରମୋହନଙ୍କ ଆତ୍ମଜୀବନୀରୁ ଦେଖିବାକୁ ମିଳେ । ଦଶପଲ୍ଲା ରାଜା ଶ୍ରୀ ଚୈତନ୍ୟ ଦେଓ ଭଞ୍ଜଙ୍କର ଅଜ୍ଞତା, ନିର୍ବୋଧତା ଓ ଶାସନ ପାଇଁ ଅଯୋଗ୍ୟତାକୁ ସେ ମଧ୍ୟ ବର୍ଣ୍ଣନା କରିଅଛନ୍ତି । ବିଭିନ୍ନ ସାମନ୍ତରାଜାମାନଙ୍କର ପ୍ରଜା ପୀଡ଼ନକୁ ସେ ମୁଖ୍ୟତଃ ପ୍ରକାଶ କରିଅଛନ୍ତି । ଏତାଦୃଶ ରାଜତନ୍ତ୍ର ସମାଜ ଜୀବନର ମଙ୍ଗଳକର ନୁହେଁ । ଫକୀରମୋହନ ତତ୍କାଳୀନ ରାଜତନ୍ତ୍ରର ଦୋଷ ଦୁର୍ବଳତା ପ୍ରତି କଟାକ୍ଷପାତ କରିଥିବା ଲକ୍ଷ୍ୟ କରାଯାଏ । ବିଂଶଶତାବ୍ଦୀର ଆଦ୍ୟପାଦରେ ସତ୍ୟବାଦୀ ଗୋଷ୍ଠୀର କବିମାନେ ସମକାଳୀନ ରାଜତନ୍ତ୍ର ବିରୁଦ୍ଧରେ ଗଭୀର ପ୍ରତିକ୍ରିୟା ପ୍ରକାଶ କରିଅଛନ୍ତି । ସେମାନଙ୍କର ପ୍ରତିକ୍ରିୟା କେବଳ ଓଡ଼ିଶାରେ ସାମନ୍ତିକ ରାଜତନ୍ତ୍ର ବିରୁଦ୍ଧରେ ନୁହେଁ ମାତ୍ର କେନ୍ଦ୍ର ବ୍ରିଟିଶ ରାଜତନ୍ତ୍ର ବିରୁଦ୍ଧରେ ବିଶେଷତଃ ଦେଖାଦେଇଛି । କନିକା ରାଜାଙ୍କର ପ୍ରଜାମାନଙ୍କ ପ୍ରତି ଚାଲିଥିବା ଅମାନୁଷିକ ଅତ୍ୟାଚାରରେ ବିଚଳିତ ହୋଇପଡ଼ି ପଣ୍ଡିତ ଗୋପବନ୍ଧୁ "ବନ୍ଦୀର ଆତ୍ମକଥା"ରେ ଲେଖିଥିଲେ—

"ସତ୍ୟେ ମାନବର ସତ୍ୟ ପରକାଶେ
ଭୀମ ରାଜଶକ୍ତି ନାଶେ ସତ୍ୟ ପାଶେ ।
ଭୋଗି ଯେବେ ପ୍ରଜା ଘୋର ଅତ୍ୟାଚାର
ଆତୁରେ କରଇ କରୁଣ ଚିତ୍କାର ।
ନୀରବେ ଗଡ଼ାଏ ନୟନୁ ଲୋତକ
ହୁଏ ଭସ୍ମେ ତାର ଛାତି ଧକ ଧକ ।
ନିରାଶ ହୃଦୟୁ ବହେ ଦୀର୍ଘଶ୍ୱାସ
ହେ କନିକାବାସୀ ! ରଖ ଏ ବିଶ୍ୱାସ ।
ସେ ଉଷ୍ଣ ନିଃଶ୍ୱାସ ଅଶ୍ରୁ ବିସର୍ଜନ
ସେ ଦାରୁଣ ନାଦ ପ୍ରାଣ ପ୍ରକମ୍ପନ !
ନୁହେଁ ନିରର୍ଥକ, ନ ଯାଏ ବିଫଳ
ହୁଏ ସେ ଲୋତକେ ହିମାଚଳ ଜଳ ।"

ପଣ୍ଡିତ ଗୋପବନ୍ଧୁ ଇଂରେଜ ସରକାର ତଥା ଇଂରେଜ ସରକାରଙ୍କ ବାହୁଚ୍ଛାୟାରେ ଥିବା ସାମନ୍ତ ରାଜାମାନଙ୍କର କ୍ରୁର ରାଜନୀତିକୁ ସମାଲୋଚନା କରିଅଛନ୍ତି । ଯେଉଁ ଭାରତବର୍ଷରେ ଏକଦା ରାଜନୀତି ଧର୍ମ-ନିୟନ୍ତ୍ରିତ ଥିଲା ଏବଂ ଯେଉଁ ଦେଶରେ ନହୁଷ, ଯଯାତି, ଶିବି, ରାମଚନ୍ଦ୍ର, ଯୁଧିଷ୍ଠିର ଆଦି ନରପତିମାନେ ଉଦାର ରାଜନୀତି ବଳରେ ପ୍ରଜାମାନଙ୍କୁ ପୁତ୍ରପରି ପାଳନ କରୁଥିଲେ ସେହି ଦେଶରେ ପ୍ରଜାମାନେ ଶୋଷିତ ହେଉଅଛନ୍ତି । ତେଣୁ କବି ପ୍ରଶ୍ନ କରିଛନ୍ତି—

"ଭାରତ ବିଭବେ ଅପର ବିଳାସୀ
ଭାରତ ନିବାସୀ ଚିର ଉପବାସୀ ।
ନହୁଷ, ଯଯାତି, ଶିବି ମହାଯଶା
ଶାସିଲେ ଯେ ରାଜ୍ୟ ତା'ର ଏହି ଦଶା ।
ରାମ ଯୁଧିଷ୍ଠିର ଯାର ନରପତି
ସେ ପ୍ରଜାକୁଳର ଆଜ ଏ ଦୁର୍ଗତି ।
ସମଦର୍ଶୀଗୁଣେ ଯହିଁ ଅକବର
ତୋଷିଲେ ସକଳେ ପରଜାବନ୍ତର ।
ସେ ରାଜ୍ୟର ପ୍ରଜା କେତେ କାଳ ଆଉ
ଭୋଗିବେ ଉତ୍କଟ ରାଜନୀତି ଦାଉ ।"

ଜାତିପ୍ରାଣ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସମସାମୟିକ ପ୍ରଜାମାନଙ୍କ ପ୍ରତି ରାଜାମାନଙ୍କର ଶୋଷଣ ଓ ପୀଡ଼ନକୁ ଉପଲବ୍ଧି କରିଥିଲେ । ଅନ୍ଧାରି ରାଜ୍ୟରେ ପ୍ରଜାମାନଙ୍କର କହିବାର କୌଣସି ଅଧିକାର ନଥିଲା । ସେମାନେ କେବଳ ନୀରବରେ ନାନା ଅତ୍ୟାଚାର ଓ ଶୋଷଣକୁ ସହୁଥିଲେ । ଯେଉଁ ଦେଶରେ ପ୍ରଜା ଲାଗି ରାଜା ରାମଚନ୍ଦ୍ର ପତ୍ନୀକୁ ତ୍ୟାଗ କରିଥିଲେ ସେହି ଦେଶରେ ରାଜାମାନେ କେବଳ ଆତ୍ମସ୍ୱାର୍ଥ କରିବାକୁ ଲାଗିଲେ । ରାଜପଦର ଅର୍ଥ ପ୍ରଜାରଞ୍ଜନ । ରାଜା ପ୍ରଜା ଲାଗି ସୃଷ୍ଟି । ପ୍ରଜାର ହିତ ପାଇଁ ରାଜନୀତି । ଅଥଚ ଭାରତବର୍ଷରେ ରାଜନୀତି ପ୍ରଜା ସ୍ୱାର୍ଥ ବିରୋଧୀ ହୋଇ ଅଛି । ତେଣୁ ଗୋପବନ୍ଧୁ ଏ ସମ୍ପର୍କରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଅଛନ୍ତି—

ରାଜପଦ ଅର୍ଥ ଯହିଁ ପରଜା ରଞ୍ଜନ
ସହେ ପ୍ରଜା ତହିଁ ଏବେ କି ଗୁରୁଗଞ୍ଜନ ।
ରାଜଧର୍ମ କ୍ଷାତ୍ରଧର୍ମ କ୍ଷତୁ କରେ ତ୍ରାଣ
ରାଜନୀତି ଗ୍ରେଟେ ଯେବେ କ୍ଷତି ପ୍ରଜାପ୍ରାଣ ।
ଘୋର ଅପଚାର ଯେବେ ରାଜନୀତି ନାମେ
ସତ୍ୟ ରାଜନୀତି କାହିଁ ଏ ଭାରତ ଧାମେ ?
ପ୍ରଜା ଲାଗି ରାଜା ପ୍ରଜାହିତେ ରାଜନୀତି
ପ୍ରଜା ଇଚ୍ଛା ଅଭିମତ ରାଜ୍ୟ ମୂଳଭିତ୍ତି ।
ସାର୍ବଭୌମ ସନାତନ ଏ ଶାସନ ବିଧି
ଲଭିଛି ସର୍ବତ୍ର ଆଜି ବିଶେଷ ପ୍ରସିଦ୍ଧି ।
ଭାରତ ଶାସନେ କିନ୍ତୁ ବ୍ୟବସ୍ଥା ସ୍ୱତନ୍ତ୍ର
ଏ ରାଜ୍ୟେ ଆଦ୍ୟ ସଂସ୍ଥା ରାଜନୀତି ଯନ୍ତ୍ର ।

କାହିଁ ଏଥି ରାଜା ? ଏ ଯେ ନୌକର ସାହି
ପ୍ରଜା ସୁଖ ଶାନ୍ତି ନାମେ ବୃଥା ଧର୍ମ ଦ୍ରୋହି ।
ପ୍ରଜାହିତ ପ୍ରଜାମତ ଛଳନା କେବଳ
ପ୍ରେଷ୍ୟ ଗୋଷ୍ଠୀ ଇଚ୍ଛାଧୀନ ଏ ଶାସନ ବଳ ।
ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭ୍ରମଣ ଆଉ ସ୍ୱାଧୀନ ବିହାର ।
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ସ୍ୱରତନ୍ତ୍ରେ ମାନବର ସମାଜ ସଂସ୍ଥିତି ।
ଭାରତେ ଅମାତ୍ୟ ସଂସ୍ଥା ରାଜନୀତି ଆଜ
ଓପାଡ଼ି ଏ ସ୍ୱରତନ୍ତ୍ର ଭାଙ୍ଗିଛି ସମାଜ ।"

—ପିତୃପକ୍ଷ ତର୍ପଣ—କାରାକବିତା—

ଗୋପବନ୍ଧୁ ସମସାମୟିକ ରାଜନୀତି ଓ ରାଜତନ୍ତ୍ର ସମ୍ପର୍କରେ ନିଜର ଗଭୀର ପ୍ରତିକ୍ରିୟା ପ୍ରକାଶ କରିଅଛନ୍ତି । ପୂର୍ବେ ଭାରତବର୍ଷରେ ରାଜାଙ୍କୁ ଦେବତାଙ୍କର ପ୍ରତିନିଧି କୁହାଯାଉଥିଲା ମାତ୍ର ସେହି ବିଶ୍ୱାସ ତୁଟିଗଲା । ରାଜା ହେଲେ ସଇତାନ । ସେମାନଙ୍କ ଅତ୍ୟାଚାରରେ କୋଟି କୋଟି ଲୋକ ନୀରବରେ ଦୀର୍ଘଶ୍ୱାସ ଛାଡ଼ୁଛନ୍ତି । ଅମାତ୍ୟସଂସ୍ଥାର ଶୋଷଣ-ନୀତି ଫଳରେ ପ୍ରଜାମାନେ ବ୍ୟଥିତ ବ୍ୟାକୁଳ ହୋଇଛନ୍ତି । ଗୋପବନ୍ଧୁ ଚେତେଇ ଦେଇଛନ୍ତି ଯେ ପ୍ରଜାମାନେ ଉପେକ୍ଷିତ ହେଲେ ଶାସନ ବେଶିଦିନ ତିଷ୍ଠିପାରେ ନାହିଁ । ସେମାନଙ୍କର ଅଶାନ୍ତି ଅନଳ ଭୟଙ୍କର ହୋଇଉଠେ । ଭୀଷଣ ବିପ୍ଳବ ବାତ୍ୟା ପ୍ରବାହିତ ହୁଏ । ଅବଶେଷରେ ସେହି ପ୍ରଜାମାନଙ୍କ ନିକଟରେ ରାଜଶକ୍ତିକୁ ନତମସ୍ତକ ହେବାକୁ ହୋଇଥାଏ । (୧୫) ରାଜା ଓ ପ୍ରଜାଙ୍କର ସମ୍ପର୍କ

---

୧୫ । ପ୍ରଜା ସାଧାରଣ ମତ ଯେବେ ଉପେକ୍ଷିତ
ଅଶାନ୍ତି ଅନଳ ହୁଏ ହୃଦୟେ ସଞ୍ଚିତ ।
ଦମନ-ପବନେ ଅରେ ଜଳିଲେ ପାବକ
ମାନେ ନାହିଁ ବେଡ଼ି ଶୂଳ କୃପାଣ ଶାୟକ ।
ଉଠେ ସେ ଦାବାଗ୍ନି କ୍ରମେ ମହାରୁଦ୍ର ବେଶେ
ଭୀଷଣ ବିପ୍ଳବ ବାତ୍ୟା ବହେ ସାରା ଦେଶେ ।
ବରଷେ ଶୋଣିତ ଧାରା ଭାସେ ରସାତଳ
ଅବଶେଷେ ପ୍ରଜା ପଦେ ନମେ ରାଜବଳ ।

—ପିତୃପକ୍ଷ ତର୍ପଣ—କାରାକବିତା—

ଶ୍ୟେନ କପୋତର ସମ୍ପର୍କ ନୁହେଁ । ପ୍ରଜାଶକ୍ତି ବିନା ରାଜଶକ୍ତି ତିଷ୍ଠିପାରେ ନାହିଁ । ପ୍ରଜା-ଜଳ-ବିନ୍ଦୁ ମିଳିତ ହୋଇ ରାଜ୍ୟ-ସିନ୍ଧୁ ଗଠନ କରେ ଏବଂ ରାଜା ସେହି ସଲିଳରେ କେବଳ ସ୍ରୋତମାତ୍ର । (୧୬) ସତ୍ୟବାଦୀ ଗୋଷ୍ଠୀର ଅନ୍ୟାନ୍ୟ ଲେଖକମାନେ ମଧ୍ୟ ସମକାଳୀନ ରାଜଶକ୍ତି ବିରୁଦ୍ଧରେ ନିଜନିଜର ପ୍ରତିକ୍ରିୟାକୁ ପ୍ରକାଶ କରିଅଛନ୍ତି । ନୀଳକଣ୍ଠ ଓ ଗୋଦାବରୀଶ ସେମାନଙ୍କର କାବ୍ୟକବିତା ଓ ଅନ୍ୟାନ୍ୟ ଲେଖାମାନଙ୍କରେ ରାଜତନ୍ତ୍ରର ଶୋଷଣ ଓ ଅତ୍ୟାଚାରକୁ ରୂପ ଦେଇଅଛନ୍ତି । ପରବର୍ତ୍ତୀ ସମୟରେ ବହୁ ଲେଖକ ସମସାମୟିକ ରାଜତନ୍ତ୍ର ସମ୍ପର୍କରେ ଯଥାର୍ଥ ରୂପ ଅଙ୍କନ କରିଅଛନ୍ତି । ସ୍ୱାଧୀନତା ପୂର୍ବରୁ ଓଡ଼ିଆ ସାହିତ୍ୟରେ ଇଂରେଜ ରାଜତନ୍ତ୍ରର କୁଫଳତା ଓ ଶୋଷଣକୁ ବିଶେଷ ଭାବରେ ପ୍ରକାଶ କରାଯାଇଅଛି ଏବଂ ତତ୍ସହିତ ଓଡ଼ିଶାର ସାମନ୍ତବାଦୀ ତଥା ଅର୍ଦ୍ଧସାମନ୍ତବାଦୀ ରାଜତନ୍ତ୍ରର ଅତ୍ୟାଚାରକୁ ମଧ୍ୟ ବର୍ଣ୍ଣନା କରାଯାଇଅଛି । ଏହି ସମୟରେ ରାଜା ଓ ପ୍ରଜାଙ୍କର ସମ୍ପର୍କ ହେଲା ଅତ୍ୟନ୍ତ କ୍ଷୀଣ । କେନ୍ଦ୍ର ରାଜତନ୍ତ୍ର ଇଂରେଜ ସରକାରଙ୍କ ସ୍ଥିତି ଓ ମର୍ଯ୍ୟାଦା ବଜାୟ ରଖିବା ପାଇଁ ସାମନ୍ତିକ ରାଜତନ୍ତ୍ର ପ୍ରଜାମାନଙ୍କ ଉପରେ ତଥା ଦେଶହିତୈଷୀ ଜନନେତା ଓ ଜାତୀୟ ଚେତନାଧର୍ମୀ ଲେଖକମାନଙ୍କ ଉପରେ ନିର୍ମମ ଶୋଷଣ ଓ ଅତ୍ୟାଚାର ଚଳାଇଥିଲେ । ଅର୍ଦ୍ଧସାମନ୍ତବାଦୀ ଜମିଦାରମାନେ ମଧ୍ୟ ରାଜ ଅତ୍ୟାଚାରକୁ ଆଦର୍ଶ ଭାବରେ ଗ୍ରହଣ କରି ପ୍ରଜାମାନଙ୍କୁ ନିଷ୍ଠୁର ଭାବରେ ଶୋଷଣ କରୁଥିଲେ । ଏହି ସମୟରେ ଡକ୍ଟର ହରେକୃଷ୍ଣ ମହତାବ, ଗୋଦାବରୀଶ ମହାପାତ୍ର, ରାମପ୍ରସାଦ ସିଂହ, କାଳନ୍ଦୀଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, କୁନ୍ତଳାକୁମାରୀ ସାବତ, ରମାରଞ୍ଜନ ରାୟ, ମନମୋହନ ମିଶ୍ର, ବୀରକିଶୋର ଦାସ, ବାଞ୍ଛାନିଧି ମହାନ୍ତି ପ୍ରମୁଖ ଲେଖକମାନେ ରାଜତନ୍ତ୍ରର ବିଭିନ୍ନ ଦିଗକୁ ରୂପାୟନ କରିଥିଲେ । ମୋଟ ଉପରେ ସ୍ୱାଧୀନତା ପୂର୍ବରୁ ପରାଧୀନତା ପରିପୀଡ଼ିତ ବ୍ରିଟିଶ ରାଜତନ୍ତ୍ରରେ ପ୍ରଜାମାନଙ୍କର ଦୁଃଖ ଓ ଯନ୍ତ୍ରଣାକୁ ବିଭିନ୍ନ ସାହିତ୍ୟିକମାନେ ପ୍ରକାଶ କରିଅଛନ୍ତି । କିନ୍ତୁ ଏହି ସମୟରେ ଲେଖକର ଉପଦେଶ ବା ସତ୍ପରାମର୍ଶକୁ ରାଜତନ୍ତ୍ର ଗ୍ରହଣ କରି ନାହିଁ ।

## ସ୍ୱାଧୀନୋତ୍ତର ଓଡ଼ିଆ ସାହିତ୍ୟରେ ରାଜତନ୍ତ୍ର ପ୍ରତି ଲେଖକଙ୍କର ପ୍ରତିକ୍ରିୟା :

ସ୍ୱାଧୀନତା ପରେ ଭାରତବର୍ଷରେ ରାଜତନ୍ତ୍ରର ସ୍ୱରୂପ ବଦଳିଗଲା । ଏକ ଗଣତାନ୍ତ୍ରିକ ରାଜତନ୍ତ୍ର ପ୍ରତିଷ୍ଠିତ ହେଲା । ପାରମ୍ପରିକ ରାଜ-ଶାସନ-ପ୍ରଥାର ବିଲୋପ ଘଟି ପ୍ରଜାତନ୍ତ୍ର ପ୍ରଭାବ ବିସ୍ତାର କଲା । ସଂସଦୀୟ ଗଣତନ୍ତ୍ରରେ ଅମାତ୍ୟ-ସଂସ୍ଥା ଶାସନ

୧୬ । ପଣ୍ଡିତ ଗୋପବନ୍ଧୁ ଦାସ — ବନ୍ଦୀର ସ୍ୱଦେଶ ଚିନ୍ତା — କାରାକବିତା — ପୃ-୪୩

କଲା । ଗାନ୍ଧୀଜୀଙ୍କର ଆଦର୍ଶକୁ ଭାରତୀୟ ଗଣତନ୍ତ୍ର ଗ୍ରହଣ କରିଥିଲେ ହେଁ କାର୍ଯ୍ୟରେ ତାହା ଗୃହୀତ ହେଲା ନାହିଁ । ଫଳରେ ସ୍ୱାଧୀନତା ପୂର୍ବର ରାଜତନ୍ତ୍ର ନୂଆ ଭାବରେ ପ୍ରତିଷ୍ଠା ଲାଭ କଲା । ଶାସନର ରୂପ ବଦଳିଲା ସତ ମାତ୍ର ଅତୀତର ସେହି ରାଜ-ମନୋବୃତ୍ତି ତିଷ୍ଠି ରହିଲା । ରାଜା ଗଲେ ମାତ୍ର ରାଜନୀତି ଗଲା ନାହିଁ । ପ୍ରଜାନାମରେ ଶାସନ ଚାଲିଲା ମାତ୍ର ପ୍ରଜାହେଲେ ଉପେକ୍ଷିତ । ଦେଶ ପ୍ରତିନିଧିଙ୍କର ରାଜକୀୟ ବିଳାସ ଅତୀତର ରାଜତନ୍ତ୍ରଠାରୁ କୌଣସି ଗୁଣରେ କମ୍ ହେଲାନାହିଁ । ମହାତ୍ମା-ଗାନ୍ଧୀଙ୍କର ଆଦର୍ଶକୁ ମୁହଁରେ ବାରମ୍ବାର କହୁଥିଲେ ମଧ୍ୟ ତାଙ୍କର ଆଦର୍ଶ ଆଉ ଗୃହୀତ ହେଲାନାହିଁ । ଗାନ୍ଧିଜୀ ରାଜନୀତିରେ ଧର୍ମକୁ ପ୍ରାଧାନ୍ୟ ଦେଇଥିଲେ । ତାଙ୍କର ଏହି ଧର୍ମ କୌଣସି ସମ୍ପ୍ରଦାୟଗତ ଧର୍ମ ନୁହେଁ ମାତ୍ର ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏକ ବୃହତ୍ତର ଧର୍ମ । ସେ କହୁଥିଲେ—"Religion cannot be divorced from politics, and he who thinks that they can doesnot understand either." (୧୭) ଗାନ୍ଧିଜୀ ଧର୍ମକୁ ରାଜନୀତି ସହିତ ସମ୍ପୃକ୍ତ କରିଥିଲେ । ସେ ପୁଣି 'ୟଙ୍ଗ ଇଣ୍ଡିଆ'ରେ ଲେଖିଥିଲେ—"ଧର୍ମ ରହିତ ରାଜନୀତିକୁ ମୁଁ ତୁଚ୍ଛା ଏକ ଆବର୍ଜନା ବୋଲି ବିଚାର କରିଥାଏ ଏବଂ ସେହି ଆବର୍ଜନାକୁ ବର୍ଜନ କରି ବାଟ ଚାଲିବାକୁ ମୁଁ ମଣିଷ ଜୀବନର କାମ୍ୟ ବୋଲି ମନେକରେ । ମଣିଷ ସାମୂହିକ ଓ ଜାତୀୟ ଜୀବନକୁ ନେଇ ହିଁ ରାଜନୀତିର ସଂଗ୍ରାମ କ୍ଷେତ୍ର ତିଆରି ହୁଏ । ଜାତି ଓ ସମୂହର କଲ୍ୟାଣ ସାଧନ ହିଁ ରାଜନୀତିର ଆକାଙ୍କ୍ଷା ହୋଇ ରହିଥାଏ । ତେଣୁ ଯଥାର୍ଥରେ ଧର୍ମାକାଙ୍କ୍ଷୀ ଯେ କୌଣସି ମଣିଷ ରାଜନୀତିର କ୍ଷେତ୍ରକୁ ମଧ୍ୟ ଆପଣାର ଏକ ଅନ୍ୟତମ କ୍ଷେତ୍ରରୂପେ ଅବଶ୍ୟ ଗ୍ରହଣ କରିନେବ । ଅର୍ଥାତ୍ ଈଶ୍ୱର ଓ ସତ୍ୟର ସନ୍ଧାନ କରି ବାହାରିଥିବା ମଣିଷ ରାଜନୀତିରୁ କଦାପି ବିଚ୍ଛିନ୍ନ ହୋଇ ରହିବ ନାହିଁ ।" (୧୮) ଗାନ୍ଧିଜୀ ରାଜନୀତିକୁ ଧର୍ମାନୁମୋଦିତ ଏକ ଉଚ୍ଚତର ନୈତିକ ମୂଲ୍ୟବୋଧ ଭାବରେ ବିଚାର କରି ମାନବ କଲ୍ୟାଣ ପାଇଁ ଏହା ଉଦ୍ଦିଷ୍ଟ ବୋଲି ମତ ଦେଇଥିଲେ ମଧ୍ୟ ସ୍ୱାଧୀନତା ପରେ ତାହା ଏହି ଆଦର୍ଶରୁ ବିଚ୍ୟୁତ ହୋଇପଡ଼ିଲା ଏବଂ କ୍ଷମତା-ରାଜନୀତି ହେଲା ଏକମାତ୍ର ଆଦର୍ଶ । ଏପରି ଏକ ଅବସ୍ଥାରେ କେବଳ ଓଡ଼ିଶାରେ କାହିଁକି ସମଗ୍ର ଭାରତ ବର୍ଷରେ ସାହିତ୍ୟିକଗଣ ରାଜନୀତି ପ୍ରତି ଅନାସକ୍ତ ରହି ପାଶ୍ଚାତ୍ୟ ଅସଙ୍ଗତାବୋଧ ଓ ଶୂନ୍ୟତାବୋଧକୁ ପ୍ରକାଶ କରିବାକୁ ଉଚିତ ମନେକଲେ । ଏତାଦୃଶ ମନୋଭାବ ଦେଶପକ୍ଷେ ମଙ୍ଗଳକର ନୁହେଁ । କାଳିନ୍ଦୀ ଚରଣ ପାଣିଗ୍ରାହୀ ତେଣୁ କହନ୍ତି—"ରାଷ୍ଟ୍ର, ସମାଜ କିମ୍ବା ରାଜନୀତିକୁ ସାହିତ୍ୟକୁ ବିଚ୍ଛିନ୍ନ

---

୧୭ । George Catrin – 'More than a Statesman' —Mahatma Gandhi 100 years—P. 30

୧୮ । ଚିତ୍ତରଞ୍ଜନ ଦାସ—'ଗାନ୍ଧୀ ଗୋପବନ୍ଧୁ'—ପୃ ୪୨,

କରିବା ଅର୍ଥ ଦେହରୁ ପ୍ରାଣକୁ ଅଲଗା କଲଭଳି ହୋଇଥାଏ । ରାଷ୍ଟ୍ର, ସମାଜ କମ୍ବା ରାଜନୀତି ସମ୍ପୃକ୍ତ ନ ହୋଇ କୌଣସି ସାହିତ୍ୟ କେବେହେଲେ ତିଷ୍ଠି ନାହିଁ କମ୍ବା ତିଷ୍ଠି ପାରିବ ନାହିଁ ।" (୧୯)

ସାହିତ୍ୟ କେବଳ ଆଧୁନିକ ଶୂନ୍ୟଗର୍ଭ ଜୀବନର ବେଦଗାନ ନୁହେଁ, ଏହାର ମଧ୍ୟ ସାମାଜିକ ଦାୟିତ୍ୱ ଅଛି । "ସାହିତ୍ୟ ସମସ୍ତ ସାମାଜିକ କାର୍ଯ୍ୟରେ ବିଶେଷତଃ ରାଜନୀତିରେ ପ୍ରଭାବ ବିସ୍ତାର କରିବା ଉଚିତ । ଯଦି ଏହା ତାହା ନକରି କେବଳ ଦର୍ଶକ ଭାବରେ ରହି ବ୍ୟକ୍ତିଗତ ଚିନ୍ତା ଓ ଭାବରେ ନିମଗ୍ନ ରହେ ତେବେ ଏହା ଏହାର ସାମାଜିକ ଦାୟିତ୍ୱ ତୁଲାଉ ନାହିଁ ବୋଲି ଦୋଷ ଦିଆଯାଇ ପାରିବ ।" (୨୦) ବାସ୍ତବିକ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଯେପରିଭାବରେ ଆତ୍ମମୁଖୀ ହୋଇଯାଇଛି ତାହା ସାମାଜିକ ଓ ରାଜନୀତିକ ଭାବ ଚେତନାକୁ ଅସମର୍ଥ ହେଉଛି ଏହି ସତ୍ୟକୁ ଅସ୍ୱୀକାର କରାଯାଇ ନ ପାରେ । ତଥାପି କିଛି ସାହିତ୍ୟିକ ସ୍ୱାଧୀନତା ପରବର୍ତ୍ତୀ ରାଜତନ୍ତ୍ରର ପରିଚୟ ସେମାନଙ୍କ ସାହିତ୍ୟରେ ପ୍ରକାଶ କରିଅଛନ୍ତି ।

ବରିଷ୍ଠ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସ୍ୱାଧୀନତା ପରବର୍ତ୍ତୀ ପରିବର୍ତ୍ତିତ ରାଜନୀତିକ ଭାବଧାରାକୁ ତାଙ୍କର ବିଭିନ୍ନ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସମାନଙ୍କରେ ପ୍ରକାଶ କରିଅଛନ୍ତି । 'ଅନ୍ଧଦିଗନ୍ତ' ସ୍ୱାଧୀନତା ପରବର୍ତ୍ତୀ କ୍ଷମତା ରାଜନୀତିର ଏକ ବାସ୍ତବ ଆଲେଖ୍ୟ । ରାଜନୀତି ଓ ରାଜତନ୍ତ୍ର କପରି ଜନତାଠାରୁ ଦୂରେଇଯାଇ ସୁବିଧାବାଦୀ ନେତାଙ୍କର ଉଦ୍ଦେଶ୍ୟ ଓ ସ୍ୱାର୍ଥ ସାଧନ କରିବାରେ ବ୍ୟସ୍ତ ସେ କଥାକୁ ଲେଖକ ଏହି ଉପନ୍ୟାସରେ ପ୍ରକାଶ କରିଅଛନ୍ତି । ଏପରି ରାଜନୀତିରେ ଆଦର୍ଶ ନାହିଁ, ନୀତି ନାହିଁ, ଧର୍ମ ନାହିଁ ଏବଂ ନାହିଁ ମଧ୍ୟ ଜନସାଧାରଣଙ୍କ ପ୍ରତି ସମ୍ବେଦନା । ଉଲଙ୍ଗ କ୍ଷମତା ପାଇଁ ଏକ ବ୍ୟାଧିତ ଶ୍ୱାନ ଋତ୍ତି ହିଁ ଆଜିର ରାଜତନ୍ତ୍ରର ଏକମାତ୍ର ଉଦ୍ଦେଶ୍ୟ । କଥାକାର ମନୋଜ ଦାସ ମଧ୍ୟ ତାଙ୍କର ବିଭିନ୍ନ କ୍ଷୁଦ୍ରଗଳ୍ପରେ ସେହି କ୍ଷମତାଭ୍ରଷ୍ଟ ରାଜନୀତିକ ନେତାମାନଙ୍କୁ ବ୍ୟଙ୍ଗ କରିଅଛନ୍ତି । ଡକ୍ଟର ହରେକୃଷ୍ଣ ମହତାବଙ୍କର 'ତନ୍ତ୍ରୀସ୍ୱପଦ' ସାଂପ୍ରତିକ ଦଳାୟତ୍ତ ରାଜତନ୍ତ୍ରର ଏକ ଚମତ୍କାର ଚିତ୍ର । ଏଥିରେ ସେ ଏକାୟତ୍ତ (ଏକ ରାଜାଙ୍କର), ଉଭୟାୟତ୍ତ (ରାଜା ଓ ମନ୍ତ୍ରୀ ଉଭୟଙ୍କର), ସଚିବାୟତ୍ତ (କେବଳ ମନ୍ତ୍ରୀମାନଙ୍କର) ଓ ଦଳାୟତ୍ତ ରାଜତନ୍ତ୍ରର ବ୍ୟାଖ୍ୟା କରିଅଛନ୍ତି । ସ୍ୱାଧୀନତା ପରେ ରାଜନୀତି କ୍ରମେ କପରି ସମସ୍ତ ଆଦର୍ଶକୁ ହରାଇ ଏକମାତ୍ର ଦଳାୟତ୍ତ

---

୧୯ । କାଳିନ୍ଦୀଚରଣ ପାଣିଗ୍ରାହୀ—'ସାମୟିକ ସାହିତ୍ୟ ସମୀକ୍ଷା' —ପୃ ୧୫୭

୨୦ । ଡକ୍ଟର ହରେକୃଷ୍ଣ ମହତାବ—ସାହିତ୍ୟ ଓ ରାଜନୀତି —ଝଙ୍କାର—୧୬ଶ ବର୍ଷ/୭ମ ସଂଖ୍ୟା

ହୋଇପଡ଼ି କପଟ ଜନ-ସମ୍ପର୍କ ଦୁହାଇ ଦେଉଛନ୍ତି ସେଥିପ୍ରତି ଉକ୍ତିର ମହତ୍ତ୍ୱାବ ସଚେତନ ଆହ୍ୱାନ ଦେଇଅଛନ୍ତି । ବାମାଚରଣ ମିତ୍ର ମଧ୍ୟ କେତୋଟି ଗଳ୍ପରେ ସାମ୍ପ୍ରତିକ ରାଜତନ୍ତ୍ରରେ ମନ୍ତ୍ରୀମାନଙ୍କର ପ୍ରବଞ୍ଚନା ଓ ପ୍ରତାରଣାକୁ କଠୋର ବ୍ୟଙ୍ଗ କରିଅଛନ୍ତି । କୃଷ୍ଣପ୍ରସାଦ ମିଶ୍ରଙ୍କର କେତେକ କ୍ଷୁଦ୍ର ଗଳ୍ପରେ ରାଜନୀତିକ ହିପୋକ୍ରେସିର କଳାତ୍ମକ ଅଭିବ୍ୟକ୍ତି ରହିଅଛି । ଶାନ୍ତନୁକୁମାର ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଅଚ୍ୟୁତାନନ୍ଦ ପତି, ଅବନୀ କୁମାର ବରାଳ, ରଘୁନାଥ ମହାପାତ୍ର, ରତ୍ନାକର ଚଇନି ପ୍ରମୁଖ କଥାକାରଗଣ ତଥା ରବି ସିଂ, ବ୍ରଜନାଥ ରଥ, ପ୍ରସନ୍ନ ପାଟଶାଣୀ ପ୍ରମୁଖ କବିମାନେ ରାଜନୀତିକ ଚେତନାକୁ ପ୍ରକାଶ କରିଅଛନ୍ତି । ଏତଦ୍‌ବ୍ୟତୀତ ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ବହୁ ଲେଖକ ସାମ୍ପ୍ରତିକ ରାଜତନ୍ତ୍ରର ମୁଖା ଉନ୍ମୋଚନ କରିବା ପାଇଁ ଉଦ୍ୟମ କରିଅଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ଲେଖକଗଣ ରାଜତନ୍ତ୍ର ସମ୍ପର୍କରେ ଅବହିତ, ମାତ୍ର ରାଜତନ୍ତ୍ରକୁ ନିୟନ୍ତ୍ରଣ କଲାପରି ଶକ୍ତି ଲେଖାରେ ପ୍ରକାଶ କରିବାକୁ ଅସମର୍ଥ । ଅନ୍ୟ ପକ୍ଷରେ ଏବର ରାଜତନ୍ତ୍ର ଗଣତନ୍ତ୍ରର ପରିଚାୟକ ହେଲେ ହେଁ 'ଗଣ' ନାମରେ 'ଜଣ'ର ପୃଷ୍ଠପୋଷକତା କରୁଅଛି । ସୁବିଧାବାଦୀ 'ଜଣ'ର ହାତରେ ରାଜତନ୍ତ୍ର ନିୟନ୍ତ୍ରିତ ଏବଂ ଲେଖକଗଣ ସେହି 'ଜଣ'ର ଭୟରେ ରାଜତନ୍ତ୍ରର ବିଫଳତାକୁ ପ୍ରକାଶ କରିପାରୁ ନାହାନ୍ତି । ଅନେକ ସମୟରେ ସେ 'ଜଣ'ର ସ୍ତୁତି କରିବାକୁ ମଧ୍ୟ କୁଣ୍ଠା ପ୍ରକାଶ କରୁନାହିଁ ।

ଲେଖକ ଏକ ବୌଦ୍ଧିକ ଚେତନା—ଏକ ସଚେତନ ପ୍ରତିକ୍ରିୟା । ପ୍ରାଚୀନକାଳରୁ ସେ ତା'ର ପ୍ରତିକ୍ରିୟାକୁ ରାଜତନ୍ତ୍ର ସମ୍ପର୍କରେ ପ୍ରକାଶ କରିଆସିଛି । ଯେଉଁ ସମୟରେ ସେ ଉପଲବ୍ଧି କରିଛି ରାଜତନ୍ତ୍ରର ଅଧଃପତନ, ସେହି ମୁହୂର୍ତ୍ତରେ ସେ ସଚେତନ ଉପଦେଶ ଦେଇଛି ଏବଂ ରାଜତନ୍ତ୍ରର ଆଦର୍ଶ ସମ୍ପର୍କରେ ରାଜାଙ୍କୁ ଅବହିତ କରାଇ ଦେଇଛି । ଆଜି ସମୟ ବଦଳି ଯାଇଛି । ରାଜତନ୍ତ୍ର ଆଉ ଅତୀତର ରାଜାମାନଙ୍କର ଶାସନ-ନୀତି ନୁହେଁ—ଏହା ଆଧୁନିକ ଜନଗଣଙ୍କର ଏକ ଶାସନ ପ୍ରକ୍ରିୟା । ତଥାପି ଏହି ରାଜନୀତିରେ ଦଳୀୟ ଶାସନ ପ୍ରାଧାନ୍ୟ ଲାଭ କରୁଛି ଓ କ୍ଷମତା ରାଜନୀତିର ଶ୍ୱାନ-ଯୁଦ୍ଧରେ ଗଣ-ଜୀବନ ହୋଇଛି ଅବହେଳିତ ଓ ନିକ୍ଷେପିତ । ଲେଖକର ପ୍ରତିକ୍ରିୟାକୁ ଆଜିର ଦଳୀୟ କ୍ଷମତା ରାଜନୀତି ଗ୍ରହଣ କରୁନାହିଁ । ଲେଖକ ଯେପରି ଏକ ଦୟାର ପାତ୍ର ! ଅତୀତର ରାଜତନ୍ତ୍ରରେ ଥିବା ଲେଖକର ସମ୍ମାନ ଆଜି ଲୋପ ପାଇଯାଇଛି । ସେତେବେଳେ ଲେଖକ ରାଜାଙ୍କୁ ଉପଦେଶ ଦେଇପାରୁଥିଲା ଏବଂ ରାଜା ଲେଖକ ପାଖକୁ ଯାଉଥିଲା, ମାତ୍ର ଏବେ ସେପରି କ୍ଷମତା ଲେଖକର ନାହିଁ । ଆଜିର ରାଜତନ୍ତ୍ରରେ ଲେଖକ ଯେପରି ଏକ ଅନାବଶ୍ୟକ ଜୀବ ।

ବରଂ ଆଜିର ରାଜତନ୍ତ୍ର ଲେଖକଙ୍କୁ ଉପଦେଶ ଦେବା ପାଇଁ ଆସ୍ଫାଳନ କରୁଛି । ତେଣୁ ସାହିତ୍ୟରେ ରାଜତନ୍ତ୍ରର ଯଥାର୍ଥ ଚିତ୍ର ଫୁଟି ଉଠୁନାହିଁ । ସ୍ୱାଧୀନତା ପରେ ଲେଖକ ଯେପରି ତା'ର ସ୍ୱାଧୀନତାକୁ ହରାଇ ଦେଇଛି ! ଆଧୁନିକ ଓଡ଼ିଆ ଲେଖକମାନେ ଏହି କାରଣରୁ ଯନ୍ତ୍ରଣାର ବେଦଗାନ କରି ଏକାନ୍ତ ବ୍ୟକ୍ତିମୁଖୀ ହୋଇ ପଡ଼ୁଛନ୍ତି ଏବଂ ରାଜତନ୍ତ୍ରର ବ୍ୟୂହ ମଧ୍ୟରେ ପ୍ରବେଶ କରିବାର କ୍ଷମତା ଥିଲେ ହେଁ ବିଭିନ୍ନ କାରଣରୁ ସେ ସେହି ରାଜ୍ୟରୁ ନିରାପଦ ଦୂରତ୍ୱରେ ରହି ସାହିତ୍ୟ ସୃଷ୍ଟି କରୁଛନ୍ତି । ଏପରି ମନୋବୃତ୍ତି ସାହିତ୍ୟ ତଥା 'ରାଜନୀତି ପକ୍ଷରେ ଯେ ଅନୁକୂଳ ନୁହେଁ; ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ ।

# ବିଦଗ୍ଧ ଚିନ୍ତାମଣିରେ ଶ୍ରୀରାଧା

ଭାରତୀୟ ବୈଷ୍ଣବ ସାହିତ୍ୟ ଓ ଦର୍ଶନରେ ରାଧାବାଦ ବହୁ ପ୍ରାଚୀନ କାଳରୁ ଚାଲି ଆସୁଥିଲେ ହେଁ ମୁଖ୍ୟତଃ ଦ୍ୱାଦଶ ଶତାବ୍ଦୀରୁ ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ ମଧ୍ୟ ଦେଇ ଏହାର କ୍ରମ ପ୍ରସାର ଓ ବିକାଶ ହୋଇଆସିଛି । ଦ୍ୱାଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ କବି ଓ ଭକ୍ତଙ୍କ ଲେଖା ମାଧ୍ୟମରେ ରାଧାକୃଷ୍ଣ ଲୀଳାର ପ୍ରସାର ହୋଇ ରାଧାତତ୍ତ୍ୱ-ରୂପର ବିକାଶ ଘଟିଛି ଏବଂ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ଫଳରେ ଏହି ତତ୍ତ୍ୱ ବୈଷ୍ଣବ ସାହିତ୍ୟ ଓ ଦର୍ଶନରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଅଛି । ଇତିପୂର୍ବରୁ ବିଷ୍ଣୁଶକ୍ତି ସମ୍ବନ୍ଧରେ ଯେଉଁ ବିଶ୍ୱାସ ଚାଲି ଆସିଥିଲା ସେହି ବିଶ୍ୱାସ ଓ ଚିନ୍ତା-ଭୂମିରେ ରାଧାବାଦର ହେଲା ନୂତନ ପ୍ରତିଷ୍ଠା । ଏହି ପ୍ରସଙ୍ଗରେ ଶ୍ରୀ ଶଶିଭୂଷଣ ଦାସ ଗୁପ୍ତ ଯଥାଅରେ ଲେଖିଛନ୍ତି—"× × ଦ୍ୱାଦଶ ଶତକର ପୂର୍ବ ପର୍ଯ୍ୟନ୍ତ ବିଷ୍ଣୁଶକ୍ତି ସମ୍ବନ୍ଧେ ଯାହାକିଛି ବିଶ୍ୱାସ, ଚିନ୍ତା ଓ ମତାମତ, ସେଇ ସବର ଭୂମିର ଉପରେ ଯେନ ଉପ୍ତ ହଇୟାଛିଲ ଏଇ ଅନନ୍ତ ବିଚିତ୍ର ମଧୁର ରାଧାର ବୀଜ, ସେଇ ବୀଜ ପୁରାତନ ଭୂମି ହଇତେ ଉପଜୀବ୍ୟ ସଂଗ୍ରହ କରିୟା ଆପନାର ନବଧର୍ମେ ନିତ୍ୟନବ ସୌନ୍ଦର୍ଯ୍ୟେ ଓ ମାଧୁର୍ଯ୍ୟେ ପ୍ରକାଶ ଲାଭ କରିୟା ଗୌଡ଼ୀୟ ବୈଷ୍ଣବ ଧର୍ମେ ପୂର୍ଣ୍ଣ ପ୍ରସ୍ଫୁଟିତ ହଇୟା ଉଠିଲ ।" (୧) ବାସ୍ତବିକ ଦ୍ୱାଦଶ ଶତାବ୍ଦୀରେ ଶ୍ରୀ ଜୟଦେବଙ୍କଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ଶ୍ରୀଧର ଦାସ, ଚଣ୍ଡୀଦାସ, ବିଦ୍ୟାପତି, ଜ୍ଞାନଦାସ ପ୍ରଭୃତିଙ୍କ ପର୍ଯ୍ୟନ୍ତ ବିଭିନ୍ନ କବିଙ୍କ ଲେଖାରେ ଶ୍ରୀରାଧାଙ୍କର ମହାଭାବରୂପ ସମ୍ପର୍କରେ ପରିଚୟ ମିଳିଥାଏ । ଷୋଡ଼ଶ ଶତାବ୍ଦୀରେ ରାୟରାମାନନ୍ଦ ଓ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ଫଳରେ ଏହି ରାଧାବାଦର ପୂର୍ଣ୍ଣତା ଦେଖିବାକୁ ମିଳିଲା । ରୂପଗୋସ୍ୱାମୀ, ଜୀବଗୋସ୍ୱାମୀ ଓ ସନାତନ ଗୋସ୍ୱାମୀ ପ୍ରଭୃତି ଷଡ଼ଗୋସ୍ୱାମୀଙ୍କ ଲେଖାରେ ରାଧାବାଦର ସ୍ପଷ୍ଟ ମୁଦ୍ରାଙ୍କ ନିହିତ ।

ରାଧାବାଦର କ୍ରମବିକାଶ ପଥରେ ଶ୍ରୀମଦ୍ ଭାଗବତ, ବ୍ରହ୍ମ ବୈବର୍ତ୍ତ ପୁରାଣ, ପଦ୍ମପୁରାଣ, ଗୋବିନ୍ଦ ଲୀଳାମୃତ ପ୍ରଭୃତି ଗ୍ରନ୍ଥଗୁଡ଼ିକ ଗୋଟିଏ ଗୋଟିଏ ସ୍ମୃତି ସ୍ତମ୍ଭ ଭାବରେ ବିଦ୍ୟମାନ । ପଦ୍ମ ପୁରାଣରେ ଶ୍ରୀରାଧା ପରଦେବତା ରୂପେ କଳ୍ପିତା । ସେ

---

୧। ଶ୍ରୀ ଶଶିଭୂଷଣ ଦାସଗୁପ୍ତ—ଶ୍ରୀରାଧାର କ୍ରମବିକାଶ—୪ର୍ଥ ସଂସ୍କରଣ ପୃ ୧୦୩

ସର୍ବଲକ୍ଷ୍ମୀ ସ୍ୱରୂପା—କୃଷ୍ଣାହ୍ଲାଦସ୍ୱରୂପିଣୀ । (୨) ସମସ୍ତ ଗୋପୀଙ୍କ ମଧ୍ୟରେ ଶ୍ରୀରାଧା କୃଷ୍ଣଙ୍କର ଅତ୍ୟନ୍ତ ପ୍ରିୟ । "ସର୍ବଗୋପୀଷୁ ସୈବୈକା ବିଷ୍ଣୋର୍ରତ୍ୟନ୍ତବଲ୍ଲଭା ।" 'ଗୋବିନ୍ଦଲୀଳାମୃତ' ଗ୍ରନ୍ଥରେ ମଧ୍ୟ ଶ୍ରୀକୃଷ୍ଣଙ୍କର ପ୍ରଣୟ ଜନ୍ମଭୂ ଅନୁପମଗୁଣା ଶ୍ରୀମତୀ ରାଧିକାଙ୍କ କଥା ବର୍ଣ୍ଣିତ ହୋଇଅଛି । ଶ୍ରୀରାଧାଙ୍କର କୁଟିଳ ବେଣୀ, ତରଳ ଦୃଷ୍ଟି ଓ ନିଷ୍ଠୁର କୁଚ ଶ୍ରୀକୃଷ୍ଣଙ୍କର ବାଞ୍ଛାପୂର୍ତ୍ତି କରିପାରନ୍ତି । (୩) ଶ୍ରୀକୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ଶ୍ରୀରାଧା । ଶକ୍ତି ଓ ଶକ୍ତିମାନଙ୍କର ତଦାତ୍ମ୍ୟ ଯୋଗୁ କୃଷ୍ଣଙ୍କର ଏକାତ୍ମତା ସୃଷ୍ଟି ହୋଇଅଛି । ଶ୍ରୀକୃଷ୍ଣ ପ୍ରେମସ୍ୱରୂପ, ଶ୍ରୀରାଧା ମହାଭାବ ସ୍ୱରୂପିଣୀ । ପ୍ରେମର ହ୍ଲାଦିନୀ ଶକ୍ତି ରୂପେ ଶ୍ରୀରାଧା ଅବତୀର୍ଣ୍ଣା । ଶ୍ରୀକୃଷ୍ଣ ଓ ଶ୍ରୀରାଧା ଏକ ରୂପ ହେଲେ ହେଁ ଲୀଳା ପ୍ରକାଶନ ପାଇଁ ସେମାନେ ଦୁଇ ରୂପରେ ଅବତୀର୍ଣ୍ଣ ହୋଇଥିଲେ ବୋଲି ବୈଷ୍ଣବମାନେ ମନେ କରିଥାନ୍ତି । ଶ୍ରୀକୃଷ୍ଣ ପ୍ରେମମୟ । ସେ ଲୀଳା-କଲ୍ଲୋଳ-ବାରିଧି । ସେ ଚିର ମଧୁମୟ । ସେହି ମଧୁମୟ ରୂପ ପ୍ରତି ଶ୍ରୀରାଧା ଆକର୍ଷିତା । ରୂପଗୋସ୍ୱାମୀ ଓ କବି କର୍ଣ୍ଣପୁର ଶ୍ରୀକୃଷ୍ଣଙ୍କର ମଧୁମୟ ରୂପର ଚମତ୍କାର ବର୍ଣ୍ଣନା କରିଅଛନ୍ତି । (୪) ସ୍ୱଳନ୍ତ

---

୨ । ବହିରଙ୍ଗୈଃ ପ୍ରପଞ୍ଚସ୍ୟ ସ୍ୱାଂଶୈର୍ମାୟାଦିଶକ୍ତିଭିଃ
ଅନ୍ତରଙ୍ଗୈସ୍ତଥା ନିତ୍ୟଂ ବିଭୂତୈସ୍ତୈର୍ଶ୍ଚିଦାଦିଭିଃ
ଗୋପନାଦୁଚ୍ୟତେ ଗୋପୀ ରାଧିକା କୃଷ୍ଣବଲ୍ଲଭା । ୫୨ ।
ଦେବୀ କୃଷ୍ଣମୟୀ ପ୍ରୋକ୍ତା ରାଧିକା ପରଦେବତା
ସର୍ବଲକ୍ଷ୍ମୀ ସ୍ୱରୂପା ସା କୃଷ୍ଣାହ୍ଲାଦସ୍ୱରୂପିଣୀ । ୫୩ ।
ପଦ୍ମପୁରାଣ — ପଞ୍ଚାଶୋଽଧ୍ୟାୟଃ—ଉତ୍ତରଖଣ୍ଡ

୩ । କା କୃଷ୍ଣସ୍ୟ ପ୍ରଣୟ ଜନିଭୂଃ ଶ୍ରୀମତୀ ରାଧିକୈକା
କାସ୍ୟ ପ୍ରେମସ୍ୟନୁପମଗୁଣା ରାଧିକୈକା ନଚାନ୍ୟା ।
ଜୈହ୍ମ୍ୟଂ କେଶେ ଦୃଶି ତରଳତା ନିଷ୍ଠୁରତ୍ୱଂ କୁଚେଽସ୍ୟା
ବାଞ୍ଛାପୂର୍ତ୍ତ୍ୟୈ ପ୍ରଭବତି ସଦାମୂଷ୍ୟ ରାଧୈବ ନାନ୍ୟା ।
ଗୋବିନ୍ଦ ଲୀଳାମୃତ—୧୨୨ । ୧୧ ।

୪ । ସର୍ବାଦ୍ଭୁତ ଚମତ୍କାର ଲୀଳା-କଲ୍ଲୋଲ-ବାରିଧିଃ
ଅତୁଲ୍ୟ-ମଧୁର-ପ୍ରେମ-ମଣ୍ଡିତ-ପ୍ରିୟ-ମଣ୍ଡଳଃ ।
ତ୍ରିଜଗନ୍ମାନସାକର୍ଷି ମୁରଳୀ କଳ କୂଜିତଃ
ଅସମାନୋର୍ଦ୍ଧ୍ୱ ରୂପଶ୍ରୀ ବିସ୍ମାପିତଚରାଚରଃ ।
(ଶ୍ରୀରୂପ ଗୋସ୍ୱାମୀ— ହରିଭକ୍ତି ରସାମୃତ ସିନ୍ଧୁ-ଦକ୍ଷିଣ ୧ମ ବିଭାଗ)
ମଧୁରଂ ମଧୁରଂ ବପୁରସ୍ୟ ବିଭୋ—
ମଧୁରଂ ମଧୁରଂ ବଦନଂ ମଧୁରମ୍
ମଧୁଗନ୍ଧି ମୃଦୁ ସ୍ମିତମେତ ଦହୋ
ମଧୁରଂ ମଧୁରଂ ମଧୁରଂ ମଧୁରମ୍ ।
(କବି କର୍ଣ୍ଣପୁର— ଶ୍ରୀକୃଷ୍ଣ କର୍ଣ୍ଣାମୃତ)

ଶ୍ରୀକୃଷ୍ଣ ଓ ଶ୍ରୀରାଧା ପରସ୍ପର ପ୍ରତି ଆକୃଷ୍ଟ ହୋଇଅଛନ୍ତି । ସେମାନଙ୍କର ପ୍ରେମ ଅପ୍ରାକୃତ । ଲୌକିକ ସ୍ତରରେ ସେମାନଙ୍କର ଦିବ୍ୟ ଭାବକୁ ଉପଲବ୍ଧି କରାଯାଇ ନ ପାରେ । କୃଷ୍ଣଦାସ କବିରାଜ ଚୈତନ୍ୟଚରିତାମୃତ ଗ୍ରନ୍ଥରେ ଏ ସମ୍ପର୍କରେ ଚମତ୍କାର ବର୍ଣ୍ଣନା କରିଅଛନ୍ତି ।

ଆମାର ହୈତେ ଗୁଣୀ ବଡ଼ ଜଗତେ ଅସମ୍ଭବ
ଏକଲି ରାଧାତେ ତାହା କରି ଅନୁଭବ ।। ୨୩୯ ।
କୋଟି କାମଜିନି ରୂପ ଯଦ୍ୟପି ଆମାର
ଅସମୋର୍ଦ୍ଧ୍ୱ—ମାଧୁର୍ଯ୍ୟ—ସାମ୍ୟ ନାହିଁ ଯାର ।
ମୋର ରୂପେ ଆପ୍ୟାୟିତ କରେ ତ୍ରିଭୁବନ
ରାଧାର ଦର୍ଶନେ ମୋର ଜୁଡ଼ାୟ ନୟନ ।
ମୋର ବଂଶୀ-ଗୀତେ ଆକର୍ଷୟ ତ୍ରିଭୁବନ
ରାଧାର ବଚନେ ହରେ ଆମାର ଶ୍ରବଣ ।
ଯଦ୍ୟପି ଆମାର ଗନ୍ଧେ ଜଗତ ସୁଗନ୍ଧ
ମୋର ଚିତ୍ତ ପ୍ରାଣ ହରେ ରାଧା ଅଙ୍ଗ ଗନ୍ଧ ।
ଯଦ୍ୟପି ଆମାର ରସେ ଜଗତ ସୁରସ
ରାଧାର ଅଧର ରସେ ଆମାକରେ ବଶ ।
ଯଦ୍ୟପି ଆମାର ସ୍ପର୍ଶେ କୋଟୀନ୍ଦୁ ଶୀତଳ
ରାଧିକାର ସ୍ପର୍ଶେ ଆମାକରେ ସୁଶୀତଳ ।
ଏଇମତ ଜଗତେର ସୁଖେ ଆମି ହେତୁ
ରାଧିକାର ରୂପଗୁଣ ଆମାର ଜୀବାତୁ । ୨୪୭ ।

× × ×

ରାଧାର ଦର୍ଶନେ ମୋର ଜୁଡ଼ାୟ ନୟନ
ଆମାର ଦର୍ଶନେ ରାଧା ସୁଖେ ଆଗୋୟାନ । ୨୪୮
ପରସ୍ପର ବେଣୁଗୀତେ ହରୟେ ଚେତନ
ତମାର ଭ୍ରମେ ତମାଲେରେ କରେ ଆଲିଙ୍ଗନ । ୨୪୯,

× × ×

ଆମାର ସଙ୍ଗମେ ରାଧା ପାୟ ଯେ ଆନନ୍ଦ
ଶତମୁଖେ କହି ଯଦି ନାହି ପାଇ ଅନ୍ତ । ୨୫୩ ।
—( ଆଦିଲୀଳା – ୪ର୍ଥ ପରିଚ୍ଛେଦ ) –

ଶ୍ରୀ ଚୈତନ୍ୟ ଚରିତାମୃତ ଗ୍ରନ୍ଥ ରଚନା ବେଳକୁ ରାଧାକୃଷ୍ଣଲୀଳା ବୈଷ୍ଣବ ସାହିତ୍ୟ ଓ ଦର୍ଶନରେ ପ୍ରାଧାନ୍ୟ ବିସ୍ତାର କରିସାରିଲାଣି । ଓଡ଼ିଶୀ ବୈଷ୍ଣବ ସାଧନାରେ ମଧ୍ୟ ଶ୍ରୀରାଧାକୃଷ୍ଣ ଉପାସନା କ୍ରମେ 'ପ୍ରଭାବ ବିସ୍ତାର କରୁଥାଏ । ଶମ୍ଭୁକର ବାଜପେୟୀ, ବିଦ୍ୟାକର ବାଜପେୟୀ, ନରସିଂହ ବାଜପେୟୀ ଓ ବଳଭଦ୍ର ବାଜପେୟୀ ପ୍ରଭୃତି ଗୋପୀଜନ ବଲ୍ଲଭ କୃଷ୍ଣଙ୍କର ଉପାସନା ପାଇଁ ସେମାନଙ୍କ ଗ୍ରନ୍ଥଗୁଡ଼ିକରେ ନିର୍ଦ୍ଦେଶ ଦେଇଅଛନ୍ତି । ରାଧାକୃଷ୍ଣ ପୂଜା ସଂପର୍କରେ ଓଡ଼ିଶାର ସ୍ମୃତିକାର ରଘୁନାଥ ଦାସ ଓ ମହାମହୋପାଧ୍ୟାୟ କୃଷ୍ଣ ମିଶ୍ରଙ୍କର ଧର୍ମଶାସ୍ତ୍ରରୁ କେତେକ ତଥ୍ୟ ମିଳିଥାଏ । (*) ରାଧାକୃଷ୍ଣ ଭାବ ଓଡ଼ିଶାରେ ୧୬୨୨ / ୨୩ ମସିହା ବେଳକୁ ଶ୍ୟାମାନନ୍ଦ ଓ ତାଙ୍କ ଶିଷ୍ୟ ରସିକାନନ୍ଦଙ୍କ ଦ୍ୱାରା କ୍ରମେ ଲୋକପ୍ରିୟ ହୋଇସାରିଥାଏ । ପଞ୍ଚଦଶ ଶତାବ୍ଦୀରୁ ପ୍ରାୟ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଶ୍ରୀ ରାଧାଙ୍କର ଦ୍ୱିବିଧ ରୂପ :—ଯଥା (କ) ଉତ୍କଟ ରତିରସ ପ୍ରଲୁବ୍ଧା ସ୍ୱୈରିଣୀ, କାମଲୁବ୍ଧା ଓ କଳଙ୍କିତା (ଖ) ଜ୍ଞାନମିଶ୍ରା ତତ୍ତ୍ୱାଶ୍ରୟୀ ସାହିତ୍ୟରେ ଜ୍ୟୋତିର୍ମୟୀ ଅଶରୀରୀ ଶ୍ରୀକୃଷ୍ଣ ଆତ୍ମା ଭାବରେ ଦେଖିବାକୁ ମିଳିଥାଏ । ସପ୍ତଦଶ ଶତାବ୍ଦୀର ଶେଷ ଭାଗରୁ କ୍ରମେ ଓଡ଼ିଆ ଶୁଦ୍ଧାଭକ୍ତି ସାହିତ୍ୟରେ ଶ୍ରୀ ରାଧାଙ୍କର ମହାଭାବ ସ୍ୱରୂପିଣୀ ରୂପ ପ୍ରତିଷ୍ଠିତ ହେଲା । ଏହି ଶ୍ରୀରାଧା ଆଉ ଜ୍ଞାନାଶ୍ରୟୀ ସାହିତ୍ୟର ଶ୍ରୀରାଧାଙ୍କ ପରି ଅଶରୀରୀ ନୁହନ୍ତି, ନିତ୍ୟ ଗୋଲକଙ୍କର ରାସେଶ୍ୱରୀ ନୁହନ୍ତି, ମାତ୍ର ଏ ହେଲେ ଅପ୍ରାକୃତ ପ୍ରେମମୟୀ—ଶ୍ରୀକୃଷ୍ଣ ହୃଦୟବଲ୍ଲଭା—ରକ୍ତ ମାଂସଦେହଧାରିଣୀ ସଗୁଣ ରୂପ ବିଶେଷ । ଏହି ରାଧା ଏକାଧାରରେ ହେଲେ ମର୍ତ୍ତ୍ୟ ଓ ଅମର୍ତ୍ତ୍ୟର । ଇତିପୂର୍ବରୁ ସାରଳା ମହାଭାରତ, ଦାଣ୍ଡୀରାମାୟଣ ଓ ହରିବଂଶ ପ୍ରଭୃତି ଗ୍ରନ୍ଥଗୁଡ଼ିକରେ ଶ୍ରୀରାଧାଙ୍କର ଚରିତ୍ର ଚିତ୍ରଣ ମଧ୍ୟ ଦେଇ ତତ୍କାଳୀନ ସମାଜରେ ଯୌନ ବ୍ୟଭିଚାରିଣୀ ନାରୀକୁ କିପରି ବ୍ୟଙ୍ଗ କରାଯାଇଥିଲା ତାର ମନୋଜ୍ଞ ବର୍ଣ୍ଣନା ଦେଖିବାକୁ ମିଳିଥାଏ । ପଞ୍ଚଦଶ ଶତାବ୍ଦୀ ବେଳକୁ ମାଟିର ମହାକବି ସାରଳା ଦାସ ତାଙ୍କର ମହାଭାରତ ଗ୍ରନ୍ଥରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ କଥାକୁ ବର୍ଣ୍ଣନା କରିଥିଲେ ମଧ୍ୟ ସେମାନଙ୍କର ସହଜ ସଂପର୍କକୁ ଅନୁମୋଦନ କରିଥିଲା ପରି ମନେହୁଏ ନାହିଁ ।

ସାରଳା ଦାସଙ୍କ ପରେ ପଞ୍ଚସଖା ସାହିତ୍ୟରେ ରାଧାକୃଷ୍ଣଙ୍କର ଲୀଳାର ପରିଚୟ ମିଳିଥାଏ ମାତ୍ର ଏହି ଲୀଳା ମଧ୍ୟଦେଇ ଜୀବାତ୍ମା ଓ ପରମାତ୍ମାର ମିଳନ ସାଧିତ ହୋଇଥିବା ଲକ୍ଷ୍ୟ କରାଯାଏ । ଶରୀର ମଧ୍ୟରେ ବୃନ୍ଦାବନର ପରିକଳ୍ପନା କରାଯାଇ ରାଧାକୃଷ୍ଣଙ୍କର ନିତ୍ୟ ରାସଲୀଳାକୁ ପ୍ରତୀକାତ୍ମକ ଭାବରେ ବ୍ୟକ୍ତ କରାଯାଇଅଛି । ପରେ ଶ୍ରୀ ଚୈତନ୍ୟଙ୍କ ଆବିର୍ଭାବ ଫଳରେ ରାଧା-କୃଷ୍ଣ-ଲୀଳା ଦର୍ଶନ ଓ ତତ୍ତ୍ୱର ବନ୍ଧନରୁ

* — ଡକ୍ଟର କାହ୍ନୁ ଚରଣ ମିଶ୍ର—ଓଡ଼ିଶୀ ବୈଷ୍ଣବ ଧର୍ମ—ପୃ ୩୫

ମୁକ୍ତ ହୋଇ ରସମୟ ହୋଇ ଉଠିଲା । ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପୂର୍ବରୁ ବହୁ ଓଡ଼ିଆ କବି ରାଧାକୃଷ୍ଣଙ୍କ ଲୀଳାକୁ ବର୍ଣ୍ଣନା କରିଥିଲେ ହେଁ ତାହା ପୂର୍ଣ୍ଣାଙ୍ଗ ରୂପରେଖ ନେଇ ନଥିଲା । ତଥାପି ଶ୍ରୀ ଜୟଦେବ ତାଙ୍କର 'ଗୀତ ଗୋବିନ୍ଦ'ରେ ଓ ରାୟରାମାନନ୍ଦ ତାଙ୍କର 'ଜଗନ୍ନାଥ ବଲ୍ଲଭ' ନାଟକରେ ଶ୍ରୀରାଧା ଚରିତ୍ରର ପ୍ରେମମଧୁର ଭାବକୁ ଯେପରି ବର୍ଣ୍ଣନା କଲେ, ତାହା ପରବର୍ତ୍ତୀ ବହୁ ବୈଷ୍ଣବ କବିଙ୍କୁ ଅନୁପ୍ରାଣିତ କଲା । ସପ୍ତଦଶ ଶତାବ୍ଦୀର ଶେଷବେଳକୁ ନାରୀ କବି ବୃନ୍ଦାବତୀ ଦାସୀ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଗ୍ରନ୍ଥରେ ଶ୍ରୀରାଧାକୃଷ୍ଣ ଲୀଳା ବର୍ଣ୍ଣନାର ଏକ ରସମୟ ଭିତ୍ତି ସ୍ଥାପନ କଲେ । ତାଙ୍କ ପରେ କୃପାସିନ୍ଧୁ ଦାସଙ୍କର 'ଉପାସନା ଦୀପିକା' ଓ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଦାଶରଥି ଦାସଙ୍କର 'ବ୍ରଜ ବିହାର' ଗ୍ରନ୍ଥରେ ରାଧାକୃଷ୍ଣ ଲୀଳା ବର୍ଣ୍ଣନାର ମନୋଜ୍ଞ ରୂପ ଦେଖିବାକୁ ମିଳିଲା । ତଥାପି ଏହି ସମୟରେ ଅନ୍ୟାନ୍ୟ ଯେଉଁ କବିମାନେ ରାଧାକୃଷ୍ଣ ଲୀଳାକୁ ନେଇ କାବ୍ୟ କବିତା ରଚନା କରିଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରୀରାଧାଙ୍କର ମହାଭାବମୟୀ ରୂପ ପରିବର୍ତ୍ତେ ରାଗାନୁଗା ପ୍ରେମଭକ୍ତି ମାର୍ଗ ବହିର୍ଭୂତ ଶ୍ରୀରାଧାଙ୍କର କାମଚର୍ଯ୍ୟାକୁ ହିଁ ବର୍ଣ୍ଣନା କରିଅଛନ୍ତି । ଦୀନବନ୍ଧୁ ଦାସଙ୍କର 'ରାଧାକୃଷ୍ଣ ଲୀଳାମୃତ ସାଗର,' ମନ୍ଦରଧର ଭାଗୀରଥି ଦାସଙ୍କର 'ରାଧାବିଳାସ', ଢେଙ୍କାନାଳ ରାଜ ହରିଚନ୍ଦନଙ୍କର' 'ନବ ବୃନ୍ଦାବନ ବିହାର', ପୁରୁଷୋତ୍ତମ ଅନଙ୍ଗଭୀମଦେବଙ୍କର 'କୃଷ୍ଣକେଳି ତରଙ୍ଗିଣୀ', କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କର ବ୍ରଜବିଳାସ ଆଦି ଗ୍ରନ୍ଥମାନଙ୍କରେ ଶ୍ରୀରାଧାଙ୍କର ଅପ୍ରାକୃତ ପ୍ରେମମୂର୍ତ୍ତି ପରିବର୍ତ୍ତେ କାମଦଗ୍ଧା ସ୍ୱରୂପର ପରିଚୟ ମିଳିଥାଏ । କବିସୂର୍ଯ୍ୟ ସଦାନନ୍ଦବ୍ରହ୍ମା ଶ୍ରୀରାଧାଙ୍କର ବର୍ଣ୍ଣନା ପ୍ରସଙ୍ଗରେ ଗୌଡ଼ୀୟ ବୈଷ୍ଣବ ଗୋସ୍ୱାମୀମାନଙ୍କର ପଦାଙ୍କ ଅନୁସରଣ କରିଥିଲେ ମଧ୍ୟ ବେଳେ ବେଳେ ସେ ଶ୍ରୀରାଧାଙ୍କୁ ମହାଭାବ ସ୍ତରରୁ, ନିମ୍ନକୁ ଓହ୍ଲାଇ ଦେଇଛନ୍ତି । 'ଲିଷ୍ଟାନୀଲମଣି', 'ନାମଚିନ୍ତାମଣି', 'ପ୍ରେମତରଙ୍ଗିଣୀ' 'ଯୁଗଳରସାମୃତ ଲହରୀ'ଆଦି ଗ୍ରନ୍ଥରୁ ଏହାର ପରିଚୟ ମିଳିଥାଏ । ସଦାନନ୍ଦ ଶ୍ରୀରାଧାଙ୍କର ଅପ୍ରାକୃତ ରୂପକୁ ବର୍ଣ୍ଣନା କରିବାକୁ ଯାଇ ସାଧାରଣ ଲୌକିକ ସ୍ତରକୁ ଗତ କରିଯାଇଅଛନ୍ତି ଓ ଶ୍ରୀରାଧାଙ୍କର କାମଚର୍ଯ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇଅଛନ୍ତି । ତାଙ୍କପରେ ତାଙ୍କର ପଟ୍ଟଶିଷ୍ୟ ଅଭିମନ୍ୟୁ ସାମନ୍ତସିଂହାର ହିଁ ଯଥାର୍ଥରେ ମହାଭାବ ସ୍ୱରୂପିଣୀ ଶ୍ରୀରାଧାଙ୍କର ଚମତ୍କାର ବର୍ଣ୍ଣନା କରିଅଛନ୍ତି—'ବିଦଗ୍ଧ ଚିନ୍ତାମଣି' କାବ୍ୟରେ । ଅବଶ୍ୟ ଅଭିମନ୍ୟୁ ଗୁରୁ ସଦାନନ୍ଦଙ୍କୁ ଅନୁସରଣ କରି ଚନ୍ଦ୍ରାବଳୀ ଓ କୃଷ୍ଣଙ୍କର କାମକେଳିକୁ ବର୍ଣ୍ଣନା କରି ଅଛନ୍ତି ମାତ୍ର ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ରାସଲୀଳା ବର୍ଣ୍ଣନା ।

'ବିଦଗ୍ଧ ଚନ୍ଦ୍ରାମଣି' କାବ୍ୟର ୯୧ ଛାନ୍ଦରେ ଶିବପାର୍ବତୀଙ୍କ ଉକ୍ତି ପ୍ରତ୍ୟୁକ୍ତି ଛଳରେ 'ଗୋବିନ୍ଦ ଅବ୍ୟକ୍ତ ଲୀଳା' ସମ୍ପର୍କରେ କବି ବର୍ଣ୍ଣନା କରିଅଛନ୍ତି । ରାଧାକୃଷ୍ଣ ଲୀଳା

ଅବ୍ୟକ୍ତ ଓ ଅପ୍ରାକୃତ । ପ୍ରେମର ବିକାଶ ଓ ପ୍ରସାର ପାଇଁ ତାହା ବ୍ୟକ୍ତ ହୋଇଅଛି— ଏହି ଲୀଳାକୁ ଯୋଗମାୟାଙ୍କଠାରୁ ଅନନ୍ତ ଶୁଣିଥିଲେ ଏବଂ ଅନନ୍ତ ସେହି ଲୀଳାକୁ ନାରାୟଣଙ୍କୁ କହିଲେ । ତାଙ୍କଠାରୁ ନାରଦ ଶୁଣି ଶିବଙ୍କୁ କହିଲେ । ଶିବ ସେହି ଲୀଳାକୁ ପାର୍ବତୀଙ୍କ ନିକଟରେ ବର୍ଣ୍ଣନା କରିଅଛନ୍ତି । ବ୍ରଜଭୂମି ଚିନ୍ତାମଣି, ବ୍ରଜଭୂମିର ଧେନୁ କାମଧେନୁ, ଅଖିଳ ନିଧାନ ଶ୍ୟାମ ହେଉଛନ୍ତି ଗୋପାଳ । ବ୍ରଜମଣ୍ଡଳ ଚଉରାଶି କୋଶ ଓ ଚଉବର୍ଗ ଆବରଣ । ତାର ମଧ୍ୟରେ ନିତ୍ୟ ଗୋଲକଧାମ ଷୋଳକୋଶ ବ୍ୟାପି ବିଦ୍ୟମାନ । ସେଥିରେ ଗୁରିକୋଶ ବ୍ୟାପି ତ୍ରିସ୍ତାରିତ ବୃନ୍ଦାବନ । ସେହି ବୃନ୍ଦାବନ ମଧ୍ୟରେ ରାଧାକୃଷ୍ଣଙ୍କର ରାସସ୍ଥଳୀ । ଏହିପରି ଏକ ସ୍ଥାନର ପରିକଳ୍ପନା କରି କବି ସାମନ୍ତ ସିଂହାର ରାଧାକୃଷ୍ଣଙ୍କ ଲୀଳାକୁ ବ୍ୟକ୍ତ କରିଅଛନ୍ତି ।

ଶ୍ରୀରାଧା ଜୀବାତ୍ମା ସ୍ୱରୂପିଣୀ । ସେ ହ୍ଲାଦିନୀ ଶକ୍ତିମୟୀ । ସେ ମଧ୍ୟ ତେଜ ସ୍ୱରୂପା । ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦାଙ୍କ ଗର୍ଭରୁ ତାଙ୍କର ଜନ୍ମ । ଦୁର୍ବାସା ତାଙ୍କର ଜାତକ ବିଧି ଉଚ୍ଚାରି କରି ନାମ ଦେଲେ ଶ୍ରୀରାଧା । (*) ଏଥିରୁ ସୂଚିତ ହୋଇଥାଏ ଯେ 'ରଂ' ଅର୍ଥାତ୍ ଜ୍ୟୋତି ବା ଦୀପ୍ତିର ପ୍ରତୀକ ହୋଇଥିବାରୁ ଶ୍ରୀରାଧା ନାମକରଣ ହୋଇ ଅଛି । ଏହି 'ରଂ' ଅଗ୍ନିବୀଜ । ଏହା ଅନ୍ଧକାରକୁ ଦୂର କରେ । ସକଳ ପାପ, କଳୁଷ ଓ ଗ୍ଲାନିକୁ ଭସ୍ମ କରିଦିଏ । ପୁନଶ୍ଚ ଶ୍ରୀରାଧାଙ୍କର ଶ୍ରୀମତି ଉନ୍ନତ ହୋଇଥିବାରୁ ପୂର୍ଣ୍ଣମାସୀ ତାଙ୍କର ନାମକରଣ କଲେ ଶ୍ରୀମତୀ । ତାଙ୍କର ପୁଣି ନାମ ହେଲା ବୃନ୍ଦାବନେଶ୍ୱରୀ । ଜନକ ତାଙ୍କର ନାମ ଦେଲେ ରସବତୀ । ଜନନୀ କୀର୍ତ୍ତିଦା ତାଙ୍କୁ ସ୍ନେହରେ ଡାକିଲେ ବିନୋଦିନୀ । ଜନ୍ମହେବାର ଛଅ ରାତ୍ରି ପର୍ଯ୍ୟନ୍ତ ତାଙ୍କର ଚକ୍ଷୁ ନିମୀଳିତ ହୋଇ ରହିଲା । ଏକଥା ଜାଣି ପୂର୍ଣ୍ଣମାସୀ ଯଶୋଦାଙ୍କୁ ସେଠାକୁ ନେଇଗଲେ । ଯଶୋଦା କାଖରେ କୃଷ୍ଣଙ୍କୁ ଧରିଯାଇଥାନ୍ତି । "କୃଷ୍ଣ ସର୍ବେନ୍ଦ୍ରିୟ ଆହ୍ଲାଦିନୀ ସର୍ବେନ୍ଦ୍ରିୟ ଆନନ୍ଦ ବର୍ଦ୍ଧନା" । ସେ ରାଧିକାଙ୍କୁ ଦେଖନ୍ତେ ତାଙ୍କର ଚକ୍ଷୁ ଉନ୍ମିଳିତ ହେଲା । ପ୍ରଥମେ ଶ୍ରୀରାଧାଙ୍କର ଦୃଷ୍ଟି ପଡ଼ିଲା ଶ୍ରୀକୃଷ୍ଣଙ୍କ ଉପରେ । ପରମକୁ ଦେଖି ଜୀବରହେଲା ପ୍ରଥମ ଜାଗରଣ । ଏହାପରେ ଶ୍ରୀକୃଷ୍ଣ ଗୋପପୁରରେ କ୍ରମେ ବଢ଼ିବାକୁ ଲାଗିଲେ । ଏକଦା ସେ ମଧୁ, ସୁବଳ, ସୁଦାମ ଓ ଦାମଙ୍କ ସହିତ ବସି ନାନା କୌତୁକପୂର୍ଣ୍ଣ କଥାବାର୍ତ୍ତା କରୁଥାନ୍ତି । ରସରାଜ ଶ୍ରୀକୃଷ୍ଣ ମନେ ମନେ ଅନ୍ୱେଷଣ କରୁଥାନ୍ତି— "ଅଙ୍ଗନା କେ ଶ୍ରେଷ୍ଠ ଗୋପଭୁବନେ ।" ସେଦିନ ମଧୁ ତାଙ୍କୁ ଶ୍ରୀରାଧାଙ୍କ ସମ୍ବାଦ ଦେଲା । ସେଇ ରାଧା ପ୍ରେମସ୍ୱରୂପିଣୀ । ସେ ଅପରୂପଲାବଣ୍ୟମୟୀ । 'ଚୈତନ୍ୟ

---

(*) 'ର' ରଶ୍ମି ରସ ଅଗ୍ନିବୀଜ ଅଧିକା ଘେନି ରାଧିକା ନାମ ଦେଲେ ତ । ୨ ।

— (ବିଦଗ୍ଧ ଚିନ୍ତାମଣି — ୪ର୍ଥ ଛାନ୍ଦ)-

ଚରିତାମୃତ' ଗ୍ରନ୍ଥରେ କୃଷ୍ଣଦାସ କବିରାଜ ଶ୍ରୀରାଧାଙ୍କୁ ମହାଭାବ ରୂପେ ପରିକଳ୍ପନା କରିଅଛନ୍ତି । (୬) ସେହି ଶ୍ରୀରାଧା—"ଅବିଚ୍ଛିନ୍ନାନନ୍ଦମୟୀ କିଶୋରୀ । ଅଙ୍ଗ କନ୍ଦର୍ପ ପ୍ରେମ ମୂର୍ତ୍ତି-କିଶୋରୀ ।" ତାଙ୍କର ନାମ ଶୁଣି ଶ୍ରୀକୃଷ୍ଣଙ୍କର ସୃଷ୍ଟି ହୋଇଛି ଦିବ୍ୟ ଆନନ୍ଦ । ଏକଦା ପୂର୍ଣ୍ଣମାସୀ ଶ୍ରୀରାଧାଙ୍କର କରସ୍ପର୍ଶ କରାଇ ଲଡ଼ୁ ଆଣି ଶ୍ରୀକୃଷ୍ଣଙ୍କୁ ଦେଇଥିଲେ । ସେଇ ଲଡ଼ୁର ଅପୂର୍ବ ସ୍ୱାଦରେ ବିମୋହିତ ହେଲେ ଶ୍ରୀକୃଷ୍ଣ । ସେ ଏହାର କାରଣ ଜିଜ୍ଞାସା କଲେ ପୂର୍ଣ୍ଣମାସୀଙ୍କୁ । ପୂର୍ଣ୍ଣମାସୀ କହିଲେ –

"ଅପୂର୍ବ ଏ ଲଡ଼ୁକା ଦେବୀ ଭଣି
ଅମୃତର ସ୍ୱାଦୁକୁ ପାରେ ଜିଣି ।
ଅଛି ଶ୍ରୀରାଧା କରସ୍ପର୍ଶ ବାସ
ଅନୁପମ ନାମ କାମ ଉଲ୍ଲାସ ।"

ପୂର୍ଣ୍ଣମାସୀ ଶ୍ରୀକୃଷ୍ଣଙ୍କୁ ଶ୍ରୀରାଧାଙ୍କ ସଂପର୍କରେ ଅବହିତ କରାଇ ଦେଲେ । ଶ୍ରୀରାଧାଙ୍କ ସହିତ ମିଳିତ ହେବା ପାଇଁ ଶ୍ରୀକୃଷ୍ଣଙ୍କର ସୃଷ୍ଟି ହେଲା ଗଭୀର ଭାବାବେଗ । ସେଇ ରାଧା ସମଗ୍ର ଗୋପାଙ୍ଗନାମାନଙ୍କ ମଧ୍ୟରେ ଶ୍ରେଷ୍ଠା, ସେ ସମର୍ଥନାରୀ । କୌସ୍ତୁଭ-ମଣି ପରି ସେ ଅନନ୍ୟଲଭ୍ୟା । (୭) ତାଙ୍କର ପ୍ରେମ ଗୋପୀପ୍ରେମ ମଧ୍ୟରେ ଶ୍ରେଷ୍ଠ । (୮) ଏହି ପ୍ରେମରେ ଆତ୍ମସୁଖ ନାହିଁ; ଅଛି କୃଷ୍ଣସୁଖ । ତେଣୁ ସେହି ବେଳ ବର୍ଣ୍ଣ ବଶିଷ୍ଟା

---

୬- ହ୍ଲାଦିନୀର ସାରଅଂଶ ତାର ପ୍ରେମନାମ
ଆନନ୍ଦ ଚିନ୍ମୟରସ ପ୍ରେମେର ଆଖ୍ୟାନ । ୧୫୯ ।
ପ୍ରେମେର ପରମସାର ମହାଭାବ ଜାନି
ସେଇ ମହାଭାବରୂପ ରାଧାଠାକୁରାନୀ । ୧୬୦ ।
—ଚୈତନ୍ୟଚରିତାମୃତ—୮/୨

୭ -, ସାଧାରଣୀ ନିଗଦିତା ସମଞ୍ଜସାହସୌ ସମର୍ଥାଚ
କୁବ୍ଜାଦିଷୁ ମହିଷୀଷୁଚ ଗୋକୁଲଦେବୀଷୁ ଚକ୍ରମତଃ ।
ମଣିବଚ୍ଚିନ୍ତାମଣିବତ୍ କୌସ୍ତୁଭମଣିବତ୍ ତ୍ରିଧାଭିମତା
ନାତି ସୁଲଭେୟମଭିତଃ ସୁଦୁର୍ଲଭାସ୍ୟାଦନନ୍ୟଲଭ୍ୟାଚ ।
—ଉଜ୍ଜ୍ୱଳନୀଳମଣି—

୮ - ଇହାର ମଧ୍ୟେ ରାଧାର ପ୍ରେମ ସାଧ୍ୟ ଶିରୋମଣି
ଯାହାର ମହିମା ସର୍ବଶାସ୍ତ୍ରେତେ ବଖାଣି ।
ଚୈ. ଚ-ମଧ୍ୟଲୀଳ—୮ମ ପରିଚ୍ଛେଦ ।

ରାଧା ଆନନ୍ଦଦାୟିନୀ । (୯) ଅଭିମନ୍ୟୁ ସାମନ୍ତ ସିଂହାର ବୈଷ୍ଣବ ପୂର୍ବାଚାର୍ଯ୍ୟମାନଙ୍କୁ ଅନୁସରଣ କରି ଶ୍ରୀରାଧାଙ୍କୁ ଭାବ ବିନୋଦିନୀ—ହ୍ଲାଦିନୀଶକ୍ତିମୟୀ ରୂପେ ବର୍ଣ୍ଣନା କରି ଅଛନ୍ତି । ସେହି ଶ୍ରୀରାଧା ଶ୍ରୀକୃଷ୍ଣଙ୍କର 'ମାନସ ମୃଗ ମୋହପାଶୀ ।' କବି ଏହି ପ୍ରସଙ୍ଗରେ ବର୍ଣ୍ଣନା କରି ଅଛନ୍ତି—

ଗୋବିନ୍ଦ ନୟନ ମନ ବଡ଼ିଶି
ଶ୍ୟାମ ମାନସ ମୃଗ ମୋହପାଶି
ବିଚିତ୍ର କୃଷ୍ଣ ରତନାଭିଷେକ
ରସାନନ୍ଦ ପ୍ରେମ ମଧୁମାଦକ
ଭାବ ବିନୋଦିନୀ
ଆନନ୍ଦସୁଖଦାନ ଆହ୍ଲାଦିନୀ ।'

ବି. ଚି.-୬୦ ଛାନ୍ଦ,

ଜୟ ଜୟ ଶ୍ରୀବୃଷଭାନୁ ଜେମା
ଗାନ୍ଧର୍ବିକେ ରାଗସାର ପ୍ରତିମା
ଅନନ୍ତକୋଟି ବ୍ରହ୍ମାଣ୍ଡ ଈଶ୍ୱରୀ
କାମମୋହନ ଚିତ୍ତହୃତକାରୀ
ବିଚିତ୍ର, ପ୍ରେମସିନ୍ଧୁ ପ୍ଲାବନେ
ନିଶାନ୍ତ ଘଟନା ଘଟନନ୍ଦନେ ।

ବି. ଚି. —୮୪ଛା/୧

ଶ୍ରୀରାଧାଙ୍କର କୃଷ୍ଣପ୍ରୀତି କ୍ରମେ ପ୍ରବଳ ହୋଇ ଉଠିଛି । ସେ ବିବାହିତା ନାରୀ ହୋଇଥିଲେ ମଧ୍ୟ ଶ୍ରୀକୃଷ୍ଣଙ୍କ ପ୍ରେମରେ କୁଳଶୀଳ ଲଜ୍ଜା ତ୍ୟାଗ କରିବାକୁ କୁଣ୍ଠିତା ହୋଇ ନାହାନ୍ତି । କୃଷ୍ଣଙ୍କ ନାମ ଉଚ୍ଚାରଣ କରି ଏହି ବିରାଟ ବିଶ୍ୱ ପର୍ଯ୍ୟଟନ କରିବାକୁ ସେ ଚାହିଁଛନ୍ତି । ନିଦ୍ରାରେ ଶୋଇଥିଲାବେଳେ ତାଙ୍କର ମୁଖରୁ କୃଷ୍ଣ ନାମ

---

୯ — ଆଶ୍ଚର୍ଯ୍ୟ ସେ ରାଧା ବୋଲି ଯେଉଁ ବେଦ ବର୍ଣ୍ଣି
ଆକଳନ କରୁ ଥାଇଁ କେମନ୍ତ ତା ବର୍ଣ୍ଣି ।
ଆତ୍ମାଭୂତମାନ୍ଦ ଜନ ନୟନ ବେଦକ
ଆନନ୍ଦ ତଟିନୀ-ତଟ-ଘଟନା ଏ ନିକ ।

— ବିଦଗ୍ଧ ଚିନ୍ତାମଣି-୬ଷ୍ଟ ଛାନ୍ଦ—

ବାହାରିପଡ଼େ । (୧୦) କୃଷ୍ଣ ଚିତ୍ରପଟ ଦର୍ଶନ କରି ତାଙ୍କର ସୃଷ୍ଟି ହୋଇଛି ଗଭୀର ପ୍ରେମାନୁରାଗ । ବୈଷ୍ଣବ ଶାସ୍ତ୍ରାନୁମୋଦିତ ପ୍ରଥାରେ ଅଭିମନ୍ୟୁ ଶ୍ରୀରାଧାଙ୍କ ଅନ୍ତରରେ ଶ୍ରୀକୃଷ୍ଣଙ୍କ ପ୍ରତି ପୂର୍ବରାଗ ସୃଷ୍ଟି କରିବା ଲାଗି ଶ୍ରୀକୃଷ୍ଣଙ୍କ ନାମ ଶ୍ରବଣ, ଶ୍ରୀକୃଷ୍ଣଙ୍କ ଚିତ୍ରପଟ ଦର୍ଶନ , ଶ୍ରୀକୃଷ୍ଣଙ୍କ ମୁରଲୀଧ୍ୱନି ଶ୍ରବଣ , ସ୍ୱପ୍ନମିଳନ ଆଦି ଚାରିଗୋଟି ପରିବେଶ ସୃଷ୍ଟି କରିଅଛନ୍ତି । ଯେପରି ଭାବରେ କବି ଏହି ସମସ୍ତ ପ୍ରସଙ୍ଗର ବର୍ଣ୍ଣନା କରି ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ମାନସିକ ଅବସ୍ଥାକୁ ବର୍ଣ୍ଣନା କରିଅଛନ୍ତି ତାହା ଶୁଦ୍ଧା ରାଗାନୁଗା ପ୍ରେମଭକ୍ତିର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ । ଶ୍ରୀକୃଷ୍ଣ କ୍ରମେ ଶ୍ରୀରାଧାଙ୍କ ପ୍ରତି ଆକୃଷ୍ଟ ହୋଇଅଛନ୍ତି । ଶ୍ରୀରାଧାଙ୍କ ପାଦଧୂଳିକୁ ନିଜର ମଥାରେ ବୋଳିବା ପାଇଁ ଶ୍ରୀକୃଷ୍ଣ ଇଚ୍ଛା ପ୍ରକାଶ କରିଅଛନ୍ତି । ଶ୍ରୀ ରାଧାଙ୍କ ଗୁଣ ଗାଇ ଗାଇ ଯୋଗୀ ହୋଇଯିବାକୁ ସେ ଚିନ୍ତା କରିଅଛନ୍ତି । ଶ୍ରୀରାଧାଙ୍କ ନାମ ହିଁ ହେଲା ତାଙ୍କର ଏକମାତ୍ର ଆଧାର । ଶ୍ରୀରାଧାଙ୍କ ବିନା ବଂଚିବା ତାଙ୍କ ପକ୍ଷରେ ଅସମ୍ଭବ । (୧୧) ଶ୍ରୀକୃଷ୍ଣ ଦ୍ୱିତୀୟା ରାଧା ଗୋବର୍ଦ୍ଧନ ମଲ୍ଲଙ୍କ ପତ୍ନୀ ଚନ୍ଦ୍ରାବଳୀ ସହିତ ମିଳିତ ହୋଇଥିଲେ ମଧ୍ୟ ଶ୍ରୀରାଧାଙ୍କ ପ୍ରେମକୁ ଭୁଲିପାରି ନାହାନ୍ତି । ଶ୍ରୀକୃଷ୍ଣଙ୍କର ରାଧାପ୍ରେମ ବିଷୟରେ ଦୂତୀଯାଇଁ ଶ୍ରୀରାଧାଙ୍କୁ କହନ୍ତେ ଶ୍ରୀରାଧା କହିଲେ—"ରାଧା ପତିବ୍ରତା-ବ୍ରତ ଅଚଳକେ ଟାଳିଲେ ଟଳିବ କି ତିଳେ ।" ତଥାପି ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ପ୍ରତି କ୍ରମେ ଆକୃଷ୍ଟ ହୋଇ ଆସିଅଛନ୍ତି । ଉଭୟେ ଉଭୟଙ୍କୁ ସ୍ୱପ୍ନରେ ଦେଖିଅଛନ୍ତି । ଶ୍ରୀରାଧା କୃଷ୍ଣପ୍ରେମରେ ହୋଇଛନ୍ତି ନିମଜ୍ଜିତା । ତାଙ୍କର ନୟନରୁ ଝରିପଡ଼ୁଛି ଅବିରଳ ଅଶ୍ରୁଧାରା । ମନ ଭିତରେ ତାଙ୍କର ବାରମ୍ବାର ପ୍ରଶ୍ନ ଜାଗି ଉଠୁଛି—ସେ କିଏ

---

୧୦—କରି ବଇଁ ଗୋ ଧ୍ୟାନ ଆଚରଣକୁ
ତୁଣ୍ଡେ କରି ସେ ନାମ ଉଚ୍ଚାରଣକୁ ଯେ
ପର୍ଯ୍ୟଟନ କରିବି ଏ ଧରିତ୍ରୀକି
ଦାସ୍ୟା ଶୁଣି କରିବେ ଏ ଆରତି କି ଯେ ।୧୩।
କ୍ଷଣେ ବସିଲି ନାହିଁ ମୁହିଁ ନିଦରେ
ତୁଣ୍ଡୁ ବାହାରେ ଶୋଇଥିଲେ ନିଦରେ ଯେ ।
ଆନ କିଛି ନ ଆସେ ତହିଁ ବାହାରେ
ଯାହା ବୋଇଲେ କୃଷ୍ଣ ନାମ ବାହାରେ ଯେ ।
—ବି.ଚି. ୯ମ ଛାନ୍ଦ—

୧୧। ବିଦଗ୍ଧ ଚିନ୍ତାମଣି—୧୨ ଛାନ୍ଦ/୧୩—୧୮

କୃଷ୍ଣଚନ୍ଦ୍ରଙ୍କ ସହିତ ମିଳିତ ହୋଇପାରିବେ ନାହିଁ । ଅଭିମାନରେ ସେ ତେଣୁ ପ୍ରିୟ ସଖୀ ବିଶାଖାକୁ କହୁଛନ୍ତି—

"କେଉଁ ଗ୍ରାମରେ ଗୋ ପୀରତି ନାହିଁ
କହିଲେ ତହିଁକି ଯିବିଁ ମୁହିଁ
ବେଗେ କହ କିନା
ପ୍ରୀତି ପାଶୋରି ମନ୍ତର ଅଛିନା ।"

ବି. ଚ.—୩୯ ଗ୍ର/୨୧—

ଶ୍ରୀରାଧା ଏତାଦୃଶ ପ୍ରପଞ୍ଚ ପ୍ରୀତିକୁ ଗାଳିଦେବାରେ ଲାଗିଅଛନ୍ତି । ଅତି ସାଧାରଣ ପ୍ରେମବିଦଗ୍ଧା ନାରୀ ପରି ସେ ନିଜର ମନର ଭାବକୁ ବ୍ୟକ୍ତ କରିଅଛନ୍ତି । ଚଣ୍ଡୀଦାସ ତାଙ୍କର ପଦାବଳୀରେ ଏହି ପାପ-ପ୍ରୀତି ସମ୍ପର୍କରେ ମଧ୍ୟ ଚମତ୍କାର ବର୍ଣ୍ଣନା କରିଅଛନ୍ତି । (୧୨) କୃଷ୍ଣ ପ୍ରେମାଭିଳାଷିଣୀ ଶ୍ରୀରାଧା କୃଷ୍ଣନାମ ଧରି ଜୀବନ ତ୍ୟାଗ କରିବାକୁ ଚାହୁଁଛନ୍ତି । ସେ ପୁଣି ସମସ୍ତ ସଖୀମାନଙ୍କୁ ନିବେଦନ କରିଛନ୍ତି, ତାଙ୍କର ମୃତ୍ୟୁ ହେଲେ ତାଙ୍କ ହୃଦୟରେ ଶ୍ୟାମ ନାମ ସେମାନେ ଲେଖି- ଦେବେ । ଶ୍ୟାମ ରୂପ ମୂର୍ତ୍ତି ତାଙ୍କ ହୃଦୟରେ ଲଦାଇ ଦେଇ ତା'ଉପରେ କୃଷ୍ଣ ବର୍ଣ୍ଣ ଲୁଗା ଘୋଡ଼ାଇଦେବେ । ତତ୍‌ପରେ ତାଙ୍କର ଶବକୁ ନେଇ ଶ୍ରୀକୃଷ୍ଣଙ୍କ ଗତିପଥରେ ପୋତିଦେବେ । ଯଦି ଏହା ସମ୍ଭବ ନ ହୁଏ, ତେବେ ତାଙ୍କର ଶବକୁ ତମାଲ ବୃକ୍ଷରେ କୋଳ କରାଇ ଥୋଇଦେବେ ଓ ତାଙ୍କର କର୍ଣ୍ଣକୁ କୃଷ୍ଣଙ୍କ ବଂଶୀଧ୍ୱନି ଆସୁଥିବା ଦିଗକୁ

---

୧୨ । କି ବୁକେ ଦାରୁନ୍ ବ୍ୟଥା

ସେ ଦେଶେ ଯାଇବ ଯେ ଦେଶେ ନା ଶୁନି
ପାପ ପୀରତିର କଥା ।
ସଇ କେ ବଲେ ପୀରତି ଭାଲ
ହାସିତେ ହାସିତେ ପୀରତି କରିଯା
କାନ୍ଦିତେ ଜନମ ଗେଲ ।

—ଚଣ୍ଡୀଦାସ—

ତେଜିଦେବେ । (୧୩) ସେହି "ନାସିକନୟନ ମୀନଧରା ଧୀବର, ମାନତରୁ ଛେଦନ ତୀକ୍ଷ୍ଣ କୁଠାର ।'—ଶ୍ରୀକୃଷ୍ଣଙ୍କ ପ୍ରେମରେ ଶ୍ରୀରାଧା କ୍ରମେ ନିଜକୁ ନିମଜ୍ଜିତ କରାଇ-ଦେଲେ । ଆଉ ସେ ଲୋକ-ଲଜ୍ଜାକୁ ମାନିଲେ ନାହିଁ । ସେ ଏଥର ଦୂତୀକୁ କହିଲେ ଆପଣାର ଅନ୍ତରର କଥା । ସେ ଆଉ ଆକଟ ମାନିବେ ନାହିଁ । ତାଙ୍କର ନିଜତ୍ୱ ଛାଡ଼ିଗଲାଣି । ପ୍ରିୟତମ ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବାକୁ ସେ ଚାହିଁଲେ । ସଖୀକୁ ସେ ପୁଣି କହିଲେ—

"ତା ନାମ ଗାଇ ତୁଣ୍ଡରେ । ପ୍ରେମ-ଡମ୍ବୁରୁ ବଜାଇ ଦାଣ୍ଡରେ ଗୋ
ଭିକ୍ଷା ମାଗୁଥିବି ବ୍ରହ୍ମାଣ୍ଡରେ । ସଜନି ଗୋ ।୩୬।
ତା ନାମ ଲେଖା ଗୁପାରେ । ଗୁଇହୋଇଥିଲେ ବି ହୃଦ ଉପରେ ଗୋ
ଧାଇଁଥିବି ତା ହାସ୍ୟ ରୂପରେ । ସଜନି ଗୋ । ୩୭ ।

× × ×

(୧୩) ।
ଏତେ କଦର୍ଥନା ପାଉ କାହିଁକି
ଶଣ ଶଣୀ ପ୍ରାପ୍ତି ହେତୁ ନାହିଁକି
କୁମ୍ଭକାର କୀଟ ଦୀକ୍ଷା ରୁ ବହି
କୃଷ୍ଣ ଦେହ ପାଇ ନିଶ୍ଚିନ୍ତେ ରହି
ଶ୍ୟାମ ନାମ ଧରି
ଯା ଯା ଅନୁକୂଳ କରି ବାହାରି ।୩୪।
ପୁଣି କହନ୍ତି ସଜନୀଙ୍କି ଚାହିଁ
ଜୀବନ ଯିବାର ସନ୍ଦେହ ନାହିଁ
ସଖୀଗଣ ପୁଣି ଏତିକି କରି
ଶ୍ୟାମ ପଦଧୂଳି ବୋଳ ମୋ ଶିରି
ତାଙ୍କ ଚିତ୍ର ମୂର୍ତ୍ତି
ଦେଖାଇଥାଅ ପାଉ ନେତ୍ର ଗତି । ୩୫ ।
ଜୀବନ ଗଲେ ଏତିକି କରିବ
ଶ୍ୟାମ ନାମ ମୋର ହୃଦେ ଲିହିବ
ଶ୍ୟାମ ରୂପ ମୂର୍ତ୍ତି ହୃଦେ ଲଦାଇ
ଶ୍ୟାମ ବସନ ଅଙ୍ଗରେ ଘୋଡ଼ାଇ
ଶ୍ୟାମ ଗତିପଥେ
ମୋ ଶବ ପୋଡ଼ିବ ଆପଣା ହସ୍ତେ । ୩୬ ।
ଯେବେ ଏମନ୍ତ କରି ନ ପାରିବ
ତମାଳେ କୋଳ କରାଇ ଥୋଇବ

ବାଳୁ ଦୂଷଣ ଘୋଷଣ । ହେଲେ ହେବ ପଛେ ନାନା କଷଣ ଗୋ
ମୁଁ ତ କଲଣି ନିନ୍ଦା ଭୂଷଣ । ସଜନ ଗୋ । ୫୫ ।

—ବି. ଚି.—ଗ୍ର ୪୮—

ସେହି ଚିରନ୍ତନୀ ପ୍ରେମମୟୀ ଶ୍ରୀରାଧା ସକଳ ନିନ୍ଦାକୁ ଚନ୍ଦନ ସଦୃଶ ଗ୍ରହଣ କରି ଶ୍ରୀକୃଷ୍ଣଙ୍କୁ ଭଲ ପାଇଛନ୍ତି । ତାଙ୍କ ସହିତ ମିଳିତ ହେବାକୁ ପ୍ରାଣର ଦୁର୍ବାର ଉତ୍କଣ୍ଠା ପ୍ରକାଶ କରିଅଛନ୍ତି । ସଖୀମାନଙ୍କ ମାଧ୍ୟମରେ ସେ ଶ୍ରୀକୃଷ୍ଣଙ୍କ ସହିତ ସଂଯୋଗ ସ୍ଥାପନ କରିଅଛନ୍ତି । ତାଙ୍କର ଅନୁରାଗ ବଢ଼ିଛି କୃଷ୍ଣବିଶ୍ଣ ପ୍ରତି, "କୃଷ୍ଣ ବର୍ଣ୍ଣ ଯେତେ, ଅନୁରାଗ ତହିଁ ବଢ଼ଇ କେତେ ।" ଯୌବନ ହୋଇଛି ତାଙ୍କର କାଳ । ପୁଣି ବୃନ୍ଦାବନ, କଦମ୍ବ ବୃକ୍ଷର ତଳ, ଯମୁନାର ଜଳ, ରତ୍ନଭୂଷଣ ଓ ଗିରିଗୋବର୍ଦ୍ଧନ ତାଙ୍କ ପକ୍ଷରେ ମଧ୍ୟ କାଳ ବିବେଚିତ ହୋଇଛି । (୧୪) ଅବଶେଷରେ ମିତ୍ର ପୂଜା କରିବାକୁ ଯାଇ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଅରୁଣ ଚରଣକୁ ଦେଖି ମହାସୁଖୀ ହୋଇଛନ୍ତି । ଠିକ୍ ସେହିପରି ଶ୍ରୀରାଧାଙ୍କ ମୁଖଚନ୍ଦ୍ରକୁ କୃଷ୍ଣାନନ୍ଦ ସିନ୍ଧୁ ଉଚ୍ଛୁଳ ଉଠିଛି । (୧୫) ଶ୍ରୀରାଧା କାମ୍ୟ ବନରେ ଶ୍ରୀକୃଷ୍ଣଙ୍କୁ ମାଲ୍ୟାର୍ପଣ କରିବା ସମୟରେ ଶାଶୁ ଜଟିଳା ହଠାତ୍ ସେଠାକୁ ଆସିଯାଇଛି । ଶ୍ରୀକୃଷ୍ଣ କୌଶଳରେ ଚାଲିଯାଇ ବଟୁବେଶରେ ଆସି ସୂର୍ଯ୍ୟ ପୂଜା କରିଛନ୍ତି । ଶ୍ରୀରାଧାଙ୍କ ଠାରୁ ସେ ବିଦାୟ ନେଇ ଚାଲିଗଲେ । ଏହିଠାରୁ ଶ୍ରୀରାଧାଙ୍କର ସୃଷ୍ଟି ହୋଇଛି ବିପ୍ରଲବ୍‌ଧା ନାୟିକାର ଭାବ-

---

କୃଷ୍ଣ ବଂଶୀ ଶୁଭୁଥିବ ଯେଣିକି
କର୍ଣ୍ଣ ଡେରି ଦେଇଥିବ ତେଣିକି
ସବୁ ସଜନୀଙ୍କି
କର ଧରି ମାଗୁଛି ମୁଁ ଏତିକି । ୩୬ ।

—ବି. ଚି. ୩୧ ଗ୍ର—

୧୪— ଏକେ କାଳ ହୈଲ ମୋରେ ନଇଲ ଯୌବନ
ଆର କାଳ ହୈଲ ମୋରେ ବାସ ବୃନ୍ଦାବନ ।
ଆର କାଳ ହୈଲ ମୋରେ କଦମ୍ବେର ତଲ
ଆର କାଳ ହୈଲ ମୋରେ ଯମୁନାର ଜଲ ।
ଆର କାଳ ହୈଲ ମୋରେ ରତନ ଭୂଷନ ।
ଆର କାଳ ହୈଲ ମୋରେ ଗିରି ଗୋବର୍ଦ୍ଧନ ।

— ଚଣ୍ଡୀ ଦାସ—

୧୫— ବିଦଗ୍ଧ ଚିନ୍ତାମଣି—୭ ଛାନ୍ଦ ।

ଭାବନା । ଶ୍ରୀକୃଷ୍ଣଙ୍କ ବଂଶୀ ଧ୍ୱନି ଶୁଣି ତାଙ୍କର ଦେଖାଦେଇଛି ଭାବାନ୍ତର । ସେ ତେଣୁ ପ୍ରିୟ ସଖୀଙ୍କୁ ଡାକି କହୁଛନ୍ତି—

ଗୋପେ କେବା ନାହିଁ ତ । ମୋତେ ହେଲା ଅଦ୍ଭୁତ ।
ନିରବଧି ରାଧା ରାଧା ଡାକେ ସେହି ତ । ୩୬ ।
କହ ଯାଇଁ ତହିଁକି । ପରିହାସୀ ମୁହିଁକି ।
କୁଂଜବନକୁ ଡାକଇ ମୋତେ କାହିଁକି । ୩୭ ।
ବିଜନରେ କହିବ । ମୋତେ ଦୟା ବହିବ ।
ଗୁରୁଜନ ଥିଲେ ଡାକିବାର ନୋହିବ । ୩୮ ।

ବଂଶୀଧ୍ୱନି ଶୁଣି ଶ୍ରୀରାଧାଙ୍କର ଯେଉଁ ଭାବାନ୍ତର ସୃଷ୍ଟି ହୋଇଛି ତାହାକୁ କବି ଅଭିମନ୍ୟୁ ସାମନ୍ତସିଂହାର ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି । ବେଣୁ ମାଧୁର୍ଯ୍ୟ ମଧ୍ୟ ଦେଇ ଶ୍ରୀରାଧାଙ୍କର ପ୍ରଣୟ ମହିମା ପ୍ରକଟିତ ହୋଇଅଛି । ଉଦ୍ଧବ ଦାସ ଓ ଚନ୍ଦ୍ର କାଜିଙ୍କର ଦୁଇଟି ପଦାବଳୀରୁ ବଂଶୀ ମହିମା ସମ୍ପର୍କରେ ଯଥାର୍ଥ ପରିଚୟ ମିଳିଥାଏ । (୧୭) ଶ୍ରୀକୃଷ୍ଣ କୀର୍ତ୍ତନରେ ମଧ୍ୟ ବେଣୁ ମାଧୁର୍ଯ୍ୟ ସମ୍ପର୍କରେ ଚମତ୍କାର ବର୍ଣ୍ଣନା ରହିଅଛି ।—

କେ ନା ବାଁଶୀ ବାଏ ବଡ଼ାୟି କାଲନ୍ଦୀ ନଇକୂଲେ
କେ ନା ବାଁଶୀ ବାଏ ବଡ଼ାୟି ଏ ଗୋଠ ଗୋକୁଲେ ।

---

୧୭— (କ) ମୁରଲୀରେ ମିନତି କରିଯେ ବାରବାର
ଶ୍ୟାମେର ବଦନେ ରୈୟା ରାଧା ରାଧା ନାମ ଲଇୟା
ତୁମି ମେନେ ନା ବାଜଓ ଆର ।
× × ×
ତୋମାର ମଧୁର ସ୍ୱରେ ରହିତେ ନ ପାରି ଘରେ
ନିଟରେ ଝରିଯେ ଦୁନୟାନ
ପହିଲେ ବାଜିଲ ଯେବେ କୁଲ ଶୀଲ ଗେଲ ତବେ
ଅବଶେଷେ ଆଛେ ମୋର ପ୍ରାନ ।
— ଉଦ୍ଧବ ଦାସ —

(ଖ) ବାଁଶୀ ବାଜାଡନା କାଡନା ନା
ଅସମୟେ ବାଜାଓ ବାଁଶୀ ପରାନ ମାନେ ନା ।
ଯଖନ ଆମି ବୈସା ଥାକି ଗୁରୁଜନାର ମାଝେ ।
ନାମ ଧଇରା ବାଜାଓ ବାଁଶୀ ଆମି ମଇର ଲାଜେ ।
—ଚନ୍ଦ୍ର କାଜି—

ଆକୁଳ ଶରୀର ମୋର ବେ ଆକୁଳ ମନ
ବାଂଶୀର ଶବଦେ ମୋ ଆଉଲାଇଲେଁ। ରନ୍ଧନ ।
କେ ନା ବାଁଶୀ ବାଏ ବଡ଼ାୟି ସେ ନା କୋନ ଜନା
ଦାସୀ ହଆଁ ତାର ପାଏ ନିଶିବୋ ଆପନା ।
କେ ନା ବଁଶୀ ବାଏ ବଡ଼ାୟି ଚିତ୍ତେର ହରଷେ
ତାର ପାୟେ ବଡ଼ାୟି ମୈଁ। କୈଲୋଁ। କୋନ ଦୋଷେ ।
ଅଝ୍‌ର ଝ୍‌ରଏ ମୋର ନୟନେର ପାନୀ
ବାଁଶୀର ଶବଦେଁ ବଡ଼ାୟି ହାରାଇଲୋଁ। ପରାଣୀ ।

—ବଂଶୀ ଖଣ୍ଡ — (ଶ୍ରୀକୃଷ୍ଣ କୀର୍ତ୍ତନ) —

ଶ୍ରୀକୃଷ୍ଣ ଆଗରୁ ଶ୍ରୀରାଧାଙ୍କ ନାମ ଶୁଣିଥିଲେ । ତାଙ୍କର ପୁର୍ବରାଗ ସୃଷ୍ଟି ହୋଇଥିଲା । ସ୍ୱପ୍ନରେ ସେ ଶ୍ରୀରାଧାଙ୍କୁ ଦର୍ଶନ କଲାଦିନରୁ ଆଉ ତାଙ୍କୁ ଭୁଲି ପାରିଲେ ନାହିଁ । ଶ୍ରୀରାଧାଙ୍କ ନାମ ଗାୟନରେ ସେ ବଂଶୀକୁ ସ୍ନେହରେ ରସିଥାନ୍ତି । ଦୂତୀକୁ ସେ ଅନୁନୟ କରି କହୁଥାନ୍ତି, ଶ୍ରୀରାଧାଙ୍କ ସହିତ ମିଳିତ ନ ହେଲେ ତାଙ୍କର ଜୀବନ ରହିବ ନାହିଁ । ଦୂତୀ ତାଙ୍କୁ ଆଶ୍ୱାସନା ଦେଲା ଶ୍ରୀରାଧାଙ୍କ ସହିତ ତାଙ୍କୁ ସେ ନିଶ୍ଚୟ ଭେଟାଇ ଦେବ । ତତ୍‌ପରେ ଦୂତୀ ଯାଇ ଶ୍ରୀରାଧାଙ୍କୁ ପ୍ରେମମୟ ଶ୍ରୀକୃଷ୍ଣଙ୍କର ଅନ୍ତରର ଭାବକୁ ଜଣାଇଅଛି । ଶ୍ରୀରାଧା ଦୂତୀଙ୍କଠାରୁ ସମସ୍ତ କଥା ଶୁଣି କହୁଛନ୍ତି—

"ଗତି ଆଉ ନାହିଁ ନାହିଁ ସୃଷ୍ଟି ଯାକ ଖୋଜୁଛି
ଯାହା ଇଚ୍ଛା ତାହା ହେଉ ଚିନ୍ତାମଣି ଭଜୁଛି ।
ଦୂତିଗୋ, କହ. ବନ୍ଧୁଙ୍କୁ ସବୁଦଶା ଘୋଟିଛି
କାମ-ଯମ ଜୀବନ ନେବାକୁ ଆସି ହୁଟିଛି । ୨୨ ।
ହେଲା କଲେ ପ୍ରୀତିଭେଳା ମୋର ବୁଡ଼ିଯାଉଛି
ବସ୍ତ୍ର କରନ୍ତୁ କେଡ଼େ ଅସୁନ୍ଦର ହେଉଛି
ଦୂତିଗୋ, କହୁ ବନ୍ଧୁଙ୍କୁ ଏ ବସ୍ତ୍ର ହେଉଛି
ନାଥ ଥାଉଁ ଅନାଥିନୀ ଦଶା ପରି ଦହୁଛି । ୨୩ ।"

— ବୈ. ଚ. ଛାନ୍ଦ —

ଶ୍ରୀରାଧା ଏଥର ସଂପୂର୍ଣ୍ଣ ହେଲେ ଶ୍ରୀକୃଷ୍ଣଗତପ୍ରାଣା । ତାଙ୍କର ଆଉ କୌଣସି ଚିନ୍ତା ରହିଲା ନାହିଁ । ଏକମାତ୍ର କୃଷ୍ଣ ଚିନ୍ତାରେ ସେ ସମୟ କଟାଇଲେ । ଶ୍ରୀକୃଷ୍ଣ ମଧ୍ୟ ତାଙ୍କ ପାଖକୁ ଶବରୁଣୀ, ନାପିତାଣୀ, ଗନ୍ଧମା ଗାୟଣୀ, କାଚରାଣୀ, ରଜକାଣୀ ଓ

ପାଟରାଣୀ ବେଶରେ ମିଳିତ ହେବା ଲାଗି ଯାଇଛନ୍ତି । ଅବଶେଷରେ ସଖୀଗଣ ଶ୍ରୀରାଧାଙ୍କୁ ଦିବ୍ୟ ଶୁକ୍ଲାଭିସାରିକା ବେଶରେ ସଜ୍ଜିତା କରାଇ ବୃନ୍ଦାବନକୁ ଯାତ୍ରା କରିଅଛନ୍ତି । ବୃନ୍ଦାବନର ରମଣୀୟ ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରକୃତି ଓ ପୁରୁଷର ହେଲା ମଧୁମୟ ମିଳନ । ସତେ ଯେପରି ଜୀବାତ୍ମା ପରମାତ୍ମାଙ୍କ ସହିତ ମିଶିଗଲା । 'କି ଜୀବ ପରମ ସଙ୍ଗେ ମିଶେ ।' (୮୪ଛା) । ରାଧାକୃଷ୍ଣଙ୍କର ମିଳନ ପରେ ଲଳିତା ଓ ବିଶାଖାଦି ସଖୀମାନେ ରାତ୍ରି ଅବସାନ ପୂର୍ବରୁ ଶ୍ରୀରାଧାଙ୍କୁ ନେଇ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ତତ୍ପରଠାରୁ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର ହେଲେ ସେବକ । ଭକ୍ତକବି ଅଭିମନ୍ୟୁ ସାମନ୍ତସିଂହାର ମାଧୁର୍ଯ୍ୟରସମୟୀ ନାୟିକା ଶ୍ରୀରାଧାଙ୍କୁ କୃଷ୍ଣାହ୍ଲାଦ ସ୍ୱରୂପିଣୀ ଭାବେ ବର୍ଣ୍ଣନା କରିଅଛନ୍ତି । ସେ ଚିରନ୍ତନ ପ୍ରେମମୟୀ, ତାଙ୍କର ପ୍ରେମ ସ୍ୱର୍ଗୀୟ । ଲୌକିକ ସ୍ତରରେ ତାଙ୍କର ପ୍ରେମ ମୂର୍ତ୍ତିତ ହୋଇଥିଲେହେଁ ସେହି ପ୍ରେମ ଅପ୍ରାକୃତିକ । ସେ ବିବାହ କରିଥିଲେ ମଧ୍ୟ ପରକୀୟା ସ୍ୱରୂପିଣୀ । କବି ଅଭିମନ୍ୟୁ ଶ୍ରୀରାଧାଙ୍କୁ ରକ୍ତ ମାଂସ ଦେହଧାରିଣୀ ମାଟିର ତରୁଣୀ ଭାବରେ ବର୍ଣ୍ଣନା କରିଥିଲେହେଁ ତାଙ୍କର ପ୍ରେମଚେତନା ମଧ୍ୟ ଦେଇ ରାଗାତ୍ମିକ ଶୁଦ୍ଧାଭକ୍ତି ଭାବର ପରିଚୟ ପ୍ରଦାନ କରିଅଛନ୍ତି ଓ ରାଧାକୃଷ୍ଣ ପ୍ରେମକୁ ଜୀବନର ପରମ ସମ୍ପଦରୂପେ ଚିନ୍ତା କରିଅଛନ୍ତି । ଶ୍ରୀ ରାୟରାମାନନ୍ଦ ଓ ଶ୍ରୀ ଚୈତନ୍ୟଙ୍କ ଭକ୍ତି ପ୍ରସଙ୍ଗ ମଧ୍ୟରେ ରାଧା-କୃଷ୍ଣ-ପ୍ରେମ-ମହାତ୍ମ୍ୟ ପ୍ରକଟିତ ହୋଇଥିଲା ପରେ କବି ଅଭିମନ୍ୟୁ ମଧ୍ୟ ତାଙ୍କ କାବ୍ୟରେ ରାଧାକୃଷ୍ଣ ପ୍ରେମକୁ ଜୀବନର ଏକମାତ୍ର କାମ୍ୟ ରୂପେ ଗ୍ରହଣ କରିଅଛନ୍ତି । 'ଶ୍ରୀ ଚୈତନ୍ୟଚରିତାମୃତ' ଗ୍ରନ୍ଥରେ ଏ ସଂପର୍କରେ ଉଲ୍ଲେଖ ଅଛି —

" ସମ୍ପତ୍ତି ମଧ୍ୟେ ଜୀବେର କୋନ ସମ୍ପତ୍ତି ଗଣି
ରାଧାକୃଷ୍ଣ ପ୍ରେମ ଯାର ସେଇ ବଡ଼ ଧନୀ ।

× × ×

ଗାନ ମଧ୍ୟେ କୋନ ଗାନ ଜୀବେର ନିଜ ଧର୍ମ
ରାଧାକୃଷ୍ଣେର ପ୍ରେମକେଲି ଯେ ଗୀତେର ମର୍ମ ।

× × ×

ଧ୍ୟାନ ମଧ୍ୟେ ଜୀବେର କର୍ତ୍ତବ୍ୟ କୋନ ଧ୍ୟାନ
ରାଧାକୃଷ୍ଣ ପଦାମ୍ବୁଜ ଧ୍ୟାନ ପ୍ରଧାନ ।
ସର୍ବ ତ୍ୟଜି ଜୀବେର କର୍ତ୍ତବ୍ୟ କାଁହା ବାସ
ବ୍ରଜଭୂମି ବୃନ୍ଦାବନ ଯାଁହା ଲୀଳା ରାସ ।
ଶ୍ରବଣ ମଧ୍ୟେ ଜୀବେର ଶ୍ରେଷ୍ଠ କୋନ ଶ୍ରବଣ
ରାଧାକୃଷ୍ଣ ପ୍ରେମଲୀଳା କର୍ଣ୍ଣରସାୟନ ।"

— (ଚୈ. ଚ. ମଧ୍ୟଲୀଳା—୮ମ ପରିଚ୍ଛେଦ)-

ଅତଏବ ରାଧାକୃଷ୍ଣ ପ୍ରେମଲୀଳା ପ୍ରକଟନ କରିବା କବି ଅଭିମନ୍ୟୁ ସାମନ୍ତ-ସିଂହାରଙ୍କର ମୁଖ୍ୟ ଲକ୍ଷ୍ୟ ହୋଇଥିବାରୁ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଶ୍ରୀ ରାଧାଙ୍କର ଜନ୍ମଠାରୁ ଆରମ୍ଭ କରି ଶ୍ରୀକୃଷ୍ଣଙ୍କ ସହ ଏକାନ୍ତ ମିଳନ ପର୍ଯ୍ୟନ୍ତ ନାନା ବିଷୟକୁ ମନୋଜ୍ଞ ଭାବରେ ବର୍ଣ୍ଣନା କରି ଶୁଦ୍ଧା ଭକ୍ତି ଭାବର ପରିଚୟ ପ୍ରଦାନ କରିଅଛନ୍ତି । କବି ଅଭିମନ୍ୟୁଙ୍କ ପୂର୍ବରୁ ଶ୍ରୀରାଧାଙ୍କର କ୍ରମ ବିକାଶ ହୋଇ ଆସିଥିଲେ ହେଁ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ତାଙ୍କର ପୂର୍ଣ୍ଣ ବିକାଶ ସାଧିତ ହୋଇ ଓଡ଼ିଆ ସାହିତ୍ୟରେ ତଥା ଶୁଦ୍ଧା ଭକ୍ତି ମାର୍ଗରେ ଏକ ଅଭିନବ ଦିଗନ୍ତ ଉନ୍ମୋଚିତ ହେଲା । ସାରଳାଦାସଙ୍କ ମହାଭାରତରେ ଶ୍ରୀରାଧାଙ୍କର ଯେଉଁ ସହଜ ଭାବ ମୂର୍ତ୍ତିର ଆବିର୍ଭାବ ଘଟିଥିଲା ଏବଂ ଯାହା ପରବର୍ତ୍ତୀ ବହୁ କବିକୃତିରେ କାମଚର୍ଯ୍ୟାର ଆଧାର ଭାବରେ ବର୍ଣ୍ଣିତ ହୋଇଥିଲା ତାହା ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣିରେ ମହାଭାବ ସ୍ୱରୂପିଣୀ ରୂପେ ପ୍ରତିଷ୍ଠା ଅର୍ଜନ କଲା । ଶ୍ରୀରାଧା ହେଲେ ଜୀବାତ୍ମାର ପ୍ରତୀକ । ସେ ପ୍ରକୃତି ସ୍ୱରୂପିଣୀ । ସେ ମହାଭାବମୟୀ । ସେ ଶାଶ୍ୱତ ମାଧୁର୍ଯ୍ୟମୟୀ । ପରମପୁରୁଷ ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବା ପାଇଁ ତାଙ୍କର ସୃଷ୍ଟି ହୋଇଛି ପ୍ରବଳ ଉତ୍କଣ୍ଠା । ଏଇ ଉତ୍କଣ୍ଠାକୁ କବି ଅଭିମନ୍ୟୁ ଲୌକିକ ସ୍ତରରେ ରୂପାୟନ କରିଅଛନ୍ତି ଓ ନରନାରୀଙ୍କର ମିଳନ-ବିରହ-ବିଚ୍ଛେଦ-ଅଶ୍ରୁ ଓ ଆନନ୍ଦ ପରି ରାଧାକୃଷ୍ଣଙ୍କର ଭାବମୂର୍ତ୍ତିକୁ ରସ-ରୂପାୟନ କରି ତାରି ମଧ୍ୟ ଦେଇ ଅପ୍ରାକୃତ ପ୍ରେମଭାବକୁ ପ୍ରତିଷ୍ଠା ଦେଇଅଛନ୍ତି । ଲୌକିକ ବିହାରଧାରାରେ ଶ୍ରୀରାଧାଙ୍କର ପ୍ରେମ ଅତ୍ୟନ୍ତ ଗର୍ହିତ ହେଲେ ମଧ୍ୟ ଏହା ଯେ ଶାଶ୍ୱତର ଅଭିବ୍ୟକ୍ତି – ମାଧୁର୍ଯ୍ୟର ରସରୂପାୟନ ଓ ସର୍ବୋପରି ଜୀବାତ୍ମାର ପରମାତ୍ମା ସହିତ ମିଶିଯିବା ପାଇଁ ଦୁର୍ବାର ଉତ୍କଣ୍ଠା; – ଏହି ସତ୍ୟକୁ ଉପେକ୍ଷା କରାଯାଇ ନ ପାରେ ।

# ନନ୍ଦକିଶୋରଙ୍କ କବିତାରେ ଜାତୀୟତାର ପ୍ରାଣ ସ୍ପନ୍ଦନ

୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ, ୧୮୬୮-୭୧ ମସିହାର ଭାଷା ବିଲୋପ ଆନ୍ଦୋଳନ ଓ ୧୮୭୧ ମସିହାରେ ପୁରୀର ଠାକୁରରାଜା ଗଜପତି ଦିବ୍ୟସିଂହ ଦେବଙ୍କର ଦ୍ୱୀପାନ୍ତର ଦଣ୍ଡ ଏବଂ ପୁରୀ ମନ୍ଦିର ଉପରେ ଇଂରେଜମାନଙ୍କର ଆଧିପତ୍ୟ ବିସ୍ତାର କରିବାର ଉଦ୍ୟମ ଊନବିଂଶ ଶତାବ୍ଦୀର ଶେଷ ତ୍ରିଦଶକରେ ଓଡ଼ିଶାରେ ଜାତୀୟ ଜାଗରଣ ପାଇଁ ନୂତନ ଭାବ-ଚେତନା ସୃଷ୍ଟି କରିଥିଲା । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶାକୁ ଅଧିକାର କରିବା ସଙ୍ଗେ ସଙ୍ଗେ ଏହି ପ୍ରଦେଶର ସ୍ୱାତନ୍ତ୍ର୍ୟ ହରାଇ ବଙ୍ଗ ପ୍ରଦେଶ ସହିତ ମିଶାଇଦେଇ ଏହାର ଅସ୍ତିତ୍ୱ ବିଲୋପ କରିଦେବାର ପଥ ପରିଷ୍କାର କରିଦେଇଥିଲେ । ଇତିହାସର ବିବର୍ତ୍ତନରେ ଓଡ଼ିଶାର ଉପାନ୍ତ ଅଞ୍ଚଳମାନ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବିହାର ଓ ବଙ୍ଗ ପ୍ରଦେଶ ସହିତ ବାରମ୍ବାର ମିଶି ରହିବାରୁ ଏହାର ଜାତୀୟ ଅଗ୍ରଗତି ବାଧାପ୍ରାପ୍ତ ହେଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ କ୍ରମେ ଚିନ୍ତାଶୀଳ ଲୋକମାନଙ୍କର ଏହି ବିଶ୍ୱାସ ଦୃଢ଼ୀଭୂତ ହେବାକୁ ଲାଗିଲା । ଓଡ଼ିଶାର ସ୍ୱତନ୍ତ୍ରତା ଅଭାବରୁ ଏହି ପ୍ରଦେଶ ଉପରେ ବହୁ ଦାରୁଣ ଦୁର୍ବିପାକ ନିରବଚ୍ଛିନ୍ନ ଭାବରେ ସୃଷ୍ଟି ହେବାକୁ ଲାଗିଲା । ଊନବିଂଶ ଶତାବ୍ଦୀର ଶେଷ ଭାଗରେ, ଅର୍ଥାତ୍ ୧୮୯୬ ମସିହାରେ ସମ୍ବଲପୁର କଚେରୀରୁ ଓଡ଼ିଆ ଭାଷାର ବହିଷ୍କରଣ ଓ ହିନ୍ଦୀ ଭାଷାର ପ୍ରଚଳନ ଆଦେଶନାମା ଓଡ଼ିଆମାନଙ୍କ ମନରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା । ଅତୀତର ଏକ ଗୌରବମୟ କଳା-ସଂସ୍କୃତିସଂପନ୍ନ ଜାତିର ଏହି ବିପର୍ଯ୍ୟୟ ତତ୍କାଳୀନ ଶିକ୍ଷିତ ଯୁବମାନସରେ ଗଭୀର ରେଖାପାତ କରିଥିଲା । ଇଂରେଜମାନଙ୍କର ଓଡ଼ିଶାର ସାମାଜିକ ତଥା ଧାର୍ମିକ ପରମ୍ପରାରେ ହସ୍ତକ୍ଷେପ ଓ ଓଡ଼ିଶା ତଥା ଭାରତର ଅର୍ଥନୀତି ଉପରେ ଦାରୁଣ ଆଘାତ ପ୍ରଦାନ ଏ ଦେଶର ସୁପ୍ତ ଜାତୀୟ-ଜୀବନକୁ ଜାଗ୍ରତ କରିବାରେ ସାହାଯ୍ୟ କରିଥିଲା । ନଅଙ୍କ ଦୁର୍ଭିକ୍ଷରୁ ସଦ୍ୟ ପ୍ରାଣ ପାଇଥିବା ଗୋଟାଏ ଜାତି ଭାଷା ବିଲୋପ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଭାଷାକୁ ବଂଚାଇ ପାରିବାରୁ ତାର ଆତ୍ମପ୍ରତ୍ୟୟ ପ୍ରତିଷ୍ଠିତ ହେଲା ଏବଂ ସେହି ଆତ୍ମପ୍ରତ୍ୟୟ ହିଁ ଏହି ଜାତିକୁ ଦେଶ-ମିଶ୍ରଣ ପାଇଁ ସଂଘବଦ୍ଧ ହେବାକୁ ପ୍ରେରଣା ଦେଲା । ଫଳରେ ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳିତ ହେଲା ଏବଂ ୧୯୦୨ ମସିହାରେ 'ଗଞ୍ଜାମ ଜାତୀୟ ସମ୍ମିଳନୀ' ଓ ୧୯୦୩ ମସିହାରେ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ନେତୃତ୍ୱରେ 'ଉତ୍କଳ

ସମ୍ମିଳନୀ' ପ୍ରତିଷ୍ଠିତ ହୋଇ ଓଡ଼ିଆ ଜାତିର ଜାତୀୟତାବୋଧର ଯଥାର୍ଥ ଉନ୍ମେଷ ଘଟାଇବାରେ ସାହାଯ୍ୟ କଲା । ଏହିପରି ଜାତୀୟ-ଜୀବନର ଏକ ସଂକଟ ଓ ସଂଘର୍ଷ କାଳରେ ଓଡ଼ିଶାର ବହୁ କୃତବିଦ୍ୟ ବ୍ୟକ୍ତି ଜାତୀୟ ଜୀବନର ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ପ୍ରେରଣା ପ୍ରଦାନ କଲେ । କର୍ମଯୋଗୀ ଗୌରୀଶଙ୍କର ରାୟ, ନୀଳମଣି ବିଦ୍ୟାରତ୍ନ, ପ୍ୟାରୀମୋହନ ଆଚାର୍ଯ୍ୟ, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ରାଧାନାଥ ରାୟ, ଗଙ୍ଗାଧର ମେହେର, ବିଶ୍ୱନାଥ କର ଓ ମଧୁସୂଦନ ଦାସ ପ୍ରମୁଖ ବ୍ୟକ୍ତିମାନେ ଊନବିଂଶ ଶତାବ୍ଦୀର ଶେଷ ନିଦଶକର ଜାତୀୟ-ଜୀବନ ଜାଗରଣରେ ଜଣେ ଜଣେ କୃତବିଦ୍ ବ୍ୟକ୍ତି । ଏପରିକି ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ଜାତୀୟ ଜାଗରଣର ଏହିମାନେ ହିଁ ଥିଲେ ସଫଳ ପ୍ରତିନିଧି । ଏହିପରି ଏକ ସମୟରେ ନନ୍ଦକିଶୋର ବଳଙ୍କର ଓଡ଼ିଆ ସାହିତ୍ୟରେ ଆବିର୍ଭାବ । ୧୮୯୮ ମସିହାରୁ ୧୯୦୮ ମସିହା ପର୍ଯ୍ୟନ୍ତ ମାତ୍ର ଦଶବର୍ଷ ମଧ୍ୟରେ କବି ନନ୍ଦକିଶୋରଙ୍କର କାବ୍ୟ ପ୍ରତିଭାର ବିକଚ ବିକାଶ ହୋଇ କ୍ରମେ ଅବଲୟ ହୋଇଅଛି । ଏହି ସମୟ ଥିଲା ଓଡ଼ିଆ ସାହିତ୍ୟରେ ଜାତୀୟ ଜାଗରଣର ସମୟ । ଇତି ପୂର୍ବରୁ ଭାଷାକୈନ୍ଦ୍ରିକ ଜାତୀୟତାବୋଧ ଓଡ଼ିଶାରେ ସୃଷ୍ଟି ହୋଇ ସାରିଥିଲା ଏବଂ ତାହା ଏହି ସମୟକୁ କ୍ରମେ ସୀମାକୈନ୍ଦ୍ରିକ ସ୍ୱାତନ୍ତ୍ର୍ୟ ଦିଗରେ ରୂପାନ୍ତରିତ ହେବାକୁ ଲାଗିଲା । ନନ୍ଦକିଶୋର, ସମୟର ଏହି ଆହ୍ୱାନରୁ ମୁକ୍ତ ହୋଇପାରି ନାହାନ୍ତି । ପଲ୍ଲୀର ନିଃସର୍ଗ ମାଧୁରୀ ବର୍ଣ୍ଣନା କରୁ କରୁ ଜାତୀୟ ଜାଗରଣ ପାଇଁ ତାଙ୍କର ଲେଖନୀ ସ୍ୱତଃସ୍ଫୂର୍ତ୍ତି ଭାବରେ ଆଗେଇ ଆସିଛି । ରାଧାନାଥଙ୍କର ଜାତୀୟ କ୍ଷୋଭ ଓ ଆଶାବାଦ, ଗଙ୍ଗାଧର ତଥା ଫକୀରମୋହନଙ୍କର ତତ୍କାଳୀନ ଶିକ୍ଷିତ ଯୁବମାନସର ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଘୃଣା ଏବଂ ଔଦାସୀନ୍ୟ ଜନିତ ତୀବ୍ର ପ୍ରତିକ୍ରିୟା, ମଧୁସୂଦନ ଦାସଙ୍କର ଜାତୀୟ ଜାଗରଣ ପାଇଁ ଇତିହାସ ଅନ୍ୱେଷା ଓ ଉଦ୍‌ବୋଧନ—ନନ୍ଦକିଶୋରଙ୍କୁ ନୂତନ ଆଶାବାଦୀ ଜାତୀୟ ଭାବାତ୍ମକ କବିତା ଲେଖିବାକୁ ପ୍ରେରଣା ପ୍ରଦାନ କରିଥିଲା । ଏହି ସମୟର ଜାତୀୟ ଭାବାତ୍ମକ କବିତା ଥିଲା ମୁଖ୍ୟତଃ ଦ୍ୱିବିଧ—ପ୍ରଥମତଃ ଇତିହାସ-ସଚେତନ କବିତା ମାଧ୍ୟମରେ ଜାତୀୟ ଜାଗରଣ ପାଇଁ ପ୍ରେରଣା ପ୍ରଦାନ, ଦ୍ୱିତୀୟତଃ ଉତ୍କଳର ନିଃସର୍ଗ ପ୍ରକୃତି, କଳା, ସାହିତ୍ୟ ଓ ସଂସ୍କୃତି ବର୍ଣ୍ଣନା ମାଧ୍ୟମରେ ଜାତୀୟ-ଭାବ ସୃଷ୍ଟି । ଏହି ଦ୍ୱିବିଧ ଜାତୀୟତାବାଦୀ କବିତାର ଅନ୍ତଃସ୍ୱର ଥିଲା ଓଡ଼ିଆ ଭାଷାର ମହତ୍ତ୍ୱ ପ୍ରତିଷ୍ଠା ଏବଂ ତାର ମାଧ୍ୟମରେ ଜାତୀୟଜାଗରଣ ସୃଷ୍ଟି କରିବା ଓ ଏହି ଭାଷାକୈନ୍ଦ୍ରିକ ଜାତୀୟ ଜାଗରଣରୁ ଉତ୍କଳଜନନୀର ପରିପୂର୍ଣ୍ଣ ସ୍ୱତନ୍ତ୍ର-ରୂପ-କଳ୍ପନା । କବି ନନ୍ଦକିଶୋର ଏହି ପରଂପରାର ଅନୁବର୍ତ୍ତୀ ହୋଇ ରଚନା କରିଛନ୍ତି ବହୁ ଜାତୀୟତାବାଦୀ କବିତା, ଯାହାକି ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପର୍ବରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲା ।

ନନ୍ଦ କିଶୋର 'ଶର୍ମିଷ୍ଠା' ଓ 'କୃଷ୍ଣ କୁମାରୀ' କାବ୍ୟଦ୍ୱୟରେ ଜାତିପ୍ରୀତିର ପରିଚୟ ଯେପରି ପ୍ରଦାନ କରିଅଛନ୍ତି, ସେହିପରି ସେ ତାଙ୍କର ବିଭିନ୍ନ ଦୀର୍ଘ କବିତା ଓ କ୍ଷୁଦ୍ର କବିତାମାନଙ୍କରେ ଜାତୀୟ ଭାବର ଉଜ୍ଜ୍ୱଳ ସ୍ୱାକ୍ଷର ପ୍ରଦାନ କରିଅଛନ୍ତି । ନନ୍ଦକିଶୋରଙ୍କର ଜାତୀୟ ମୂଲ୍ୟମାନସର ପ୍ରଥମ ପ୍ରତିଚ୍ଛବି 'ପଲ୍ଲୀଚିତ୍ର'ର ପ୍ରଥମ ଭାଗର ଚତୁର୍ଥ ଦୃଶ୍ୟ 'ଗ୍ରାମତୋଟା' ବର୍ଣ୍ଣନା ବେଳେ ଦେଖିବାକୁ ମିଳେ । ପିଞ୍ଜରାବଦ୍ଧ ଶୁକଶାରୀଙ୍କୁ ଦେଖି କବିପ୍ରାଣ ସ୍ୱତଃ ସମ୍ବେଦନଶୀଳ ହୋଇ ଉଠିଛି—

"ସ୍ୱର୍ଗ ସୁଖ ଦିଏ ସ୍ୱାଧୀନତା
ଦାରୁଣ କଷଣ ଅଧୀନତା
ହୋଇ କ୍ଷୁଦ୍ର ବିହଙ୍ଗମ ଜାଣୁ ସ୍ୱାଧୀନତା ମର୍ମ
ନ ଉଡ଼ନ୍ତୁ ଆଉ ତୋର ବିଶାଳ ଗଗନେ
ବିହରନ୍ତୁ କାହିଁ ଆଉ ପ୍ରିୟା ସଙ୍ଗେ ବନେ ।"

ତରୁଣକବି ନନ୍ଦକିଶୋର ଊନବିଂଶ ଶତାବ୍ଦୀର ଶେଷ ଭାଗରେ (୧୮୯୮) ସ୍ୱାଧୀନତାର ପ୍ରକୃତ ମୂଲ୍ୟବୋଧକୁ ଉପଲବ୍ଧି କରି ଏକ ରୋମାଣ୍ଟିକ୍ ପ୍ରକଳ୍ପ ମାଧ୍ୟମରେ ପ୍ରକାଶ କରିଅଛନ୍ତି । ସ୍ୱାଧୀନତାର ଆନନ୍ଦ ଓ ତନ୍ମୟତା ଫରାସୀ ଲେଖକ ରୁଷୋଙ୍କ ଉକ୍ତି ମଧ୍ୟରେ ପୂର୍ବରୁ ପ୍ରତିଧ୍ୱନିତ ହୋଇଥିଲା । ଜାର୍‌ଶାସକଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ରୁଷୀୟ ଲେଖକଙ୍କ ଲେଖାରେ ମଧ୍ୟ ଊନବିଂଶ ଶତାବ୍ଦୀରେ ସ୍ୱାଧୀନତାର ସ୍ୱର୍ଗୀୟ ମୂଲ୍ୟବୋଧ ପ୍ରତିଷ୍ଠିତ ହୋଇଥିଲା । ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ଭାରତର ମୁକ୍ତିସଂଗ୍ରାମକୁ କେନ୍ଦ୍ର କରି ବାଲଗଙ୍ଗାଧର ତିଲକ ମଧ୍ୟ ସ୍ୱାଧୀନତାକୁ ମାନବର ଜନ୍ମଗତ ଅଧିକାର ରୂପେ ଗ୍ରହଣ କରିଥିଲେ । ଓଡ଼ିଶାରେ ପଣ୍ଡିତ ଗୋପବନ୍ଧୁ ଏହି ମର୍ମରେ ଲେଖିଥିଲେ-"ସ୍ୱାଧୀନତା ମାନବର ଜନ୍ମ ଅଧିକାର ।" ନନ୍ଦକିଶୋର ସ୍ୱାଧୀନତାର ମହନୀୟତାକୁ ଗଭୀର ଭାବରେ ଅନୁଭବ କରିଥିଲେ । 'ପଲ୍ଲୀଚିତ୍ର'ର ଦ୍ୱିତୀୟ ଭାଗରେ କବି ହୈମନ୍ତିକ ସୌନ୍ଦର୍ଯ୍ୟ ଉପଲବ୍ଧି କରୁ କରୁ ଜାତିଭେଦ ଯୋଗୁ ଭାରତବର୍ଷ ପରାଧୀନ ହୋଇଛି ବୋଲି ମତ ବ୍ୟକ୍ତ କରିଅଛନ୍ତି ଏବଂ ତୃତୀୟ ଭାଗରେ ସେ 'ଉତ୍କଳଶିଳ୍ପୀ'ର ପ୍ରଶଂସା କରି ଜାତୀୟ ଜାଗରଣ ପାଇଁ ଉଦ୍‌ବୋଧନ ପ୍ରଦାନ କରିଛନ୍ତି—

"ଉତ୍କଳ ଶିଳ୍ପୀଏ ପାସୋର ଅଛ କି
ତୁମ୍ଭ ପିତୃ ପୁରୁଷର
ବ୍ରହ୍ମାଣ୍ଡ ବିଖ୍ୟାତ ତୁମ୍ଭ ଶିଳ୍ପକଳା
ଜନନେତ୍ର ମୁଗ୍ଧକର ?"

ଅତୀତର ସେହି ଶିଳ୍ପୀମାନଙ୍କର ଅକ୍ଷୟ କଳା-କୀର୍ତ୍ତି ଏବେ ମଧ୍ୟ କାଳ-ଦର୍ପ ଚୂର୍ଣ୍ଣ କରି ଉନ୍ନତଶିର ହୋଇ ରହିଅଛି । ଉତ୍କଳର ଆଜି ସେହି ଲଳିତ କଳା ନାହିଁ ମାତ୍ର ଅଛି ତାର ସୁଦୂର ଇତିହାସ । ସେହି ଇତିହାସ ନିର୍ଜୀବ ନୁହେଁ — ନିର୍ବେଦ ନୁହେଁ । ସେ ଦେବ ପ୍ରେରଣା । ଏ ଜାତିର କଳାକୌଶଳ ପୁଣି ହେବ କଲ୍ଲୋଳିତ । ଆଜି ନୀଚତା, କ୍ଷୁଦ୍ରତା ଓ ସଙ୍କୀର୍ଣ୍ଣତା ଜାତୀୟ ଜୀବନକୁ ପଙ୍ଗୁ କରିଦେଇଛି । ସର୍ବତ୍ର ଆଜି ଦୁର୍ଗତି, ଦୁର୍ନୀତି ଓ ଲାଞ୍ଛନା । ଏହି ନୀଚ ମନୋଭାବ ହୃଦୟରୁ ଦୂର ନ ହେଲେ ଜାତୀୟ ଜୀବନରେ ବିକାଶ ସମ୍ଭବ ନୁହେଁ । ନନ୍ଦକିଶୋର ଏହି କଥା ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ବିକୃତ ଅବସ୍ଥା ଦେଖି ବ୍ୟଥିତ ହୋଇଅଛନ୍ତି—

"ଓଡ଼ିଆ ମିଶ୍ରିତ ବଙ୍ଗଳା ସଙ୍ଗୀତ
ଗାଆନ୍ତି ବୈଷ୍ଣବଗଣ
ମାତୃଭୂମି, ମାତୃ- ଭାଷା ଦଶା ଭାଳି
ବିକଳ ମୋହର ମନ ।"

—ପଲ୍ଲୀର ସମର୍ଥ ଭିକ୍ଷୁକ—

୧୯୦୧ ସାଲରେ କବିଙ୍କ ଲେଖନୀରୁ ଆତ୍ମପ୍ରକାଶ କରେ 'ବସନ୍ତ କୋକିଳ' କବିତା । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧର ଜାତୀୟ ଜୀବନର ଚଣ୍ଡ ସଂଘର୍ଷ ଓ ସଙ୍କଟ ବିଂଶ ଶତାବ୍ଦୀର ଆରମ୍ଭରେ କବି-ମାନସରେ ନୂତନ ଜାତୀୟଭାବ ସ୍ପନ୍ଦନ ସୃଷ୍ଟି କରିଥିଲା । ଆଳସ୍ୟ, ସଙ୍କୀର୍ଣ୍ଣତା ଓ ବ୍ୟକ୍ତି-ସ୍ୱାର୍ଥକୁ ତ୍ୟାଗ କରି ଅତୀତର ବିଭବ ଓ ଗୌରବକୁ ସ୍ମରଣ କରି ଜାତୀୟତାର ମହନୀୟ ପଥରେ ଆଗେଇଯିବାକୁ କବି ଦେଇଛନ୍ତି ଉଦ୍‌ବୋଧନ—

"ନବୀନ ଶତାବ୍ଦୀ ନବ ନିମନ୍ତ୍ରଣ
ଆଣିଛି ଉତ୍କଳ ପାଇଁ
ଜଗତ-ଆହ୍ୱାନ ଶୁଭଇ ଦୁଆରେ
ଉଠ ନିଦ୍ରା ତେଜି ଭାଇ ।"

—ନବ ଶତାବ୍ଦୀ ନିମନ୍ତ୍ରଣ—

ନନ୍ଦକିଶୋର ଜାତିପ୍ରାଣ । ସେ ଜାଣନ୍ତି ଜାତୀୟ ଅଧୋଗତିର କାରଣ ହିଁ ସହନ୍ତିର ଅଭାବ । ତେଣୁ ସେ ଆହ୍ୱାନ ଦେଇଛନ୍ତି କ୍ଷୁଦ୍ର କ୍ଷୁଦ୍ର ସ୍ୱାର୍ଥ ଓ ଦୋଷକୁ ଭୁଲି ସମସ୍ତେ ଭାଇ ଭାଇ ହୋଇ ହାତ ଧରାଧରି କରି ନୂତନ ଅଭିଯାନରେ ଆଗେଇଯିବା ପାଇଁ । ଶ୍ରୀକ୍ଷେତ୍ରର ମହିମା ଯେପରି କବିବର ରାଧାନାଥଙ୍କର 'ମହାଯାତ୍ରା' କାବ୍ୟରେ

ପ୍ରକଟିତ ହୋଇଥିଲା, ସେହି ଆଦର୍ଶର ଅନୁବର୍ତ୍ତୀ ହୋଇ କବି ନନ୍ଦକିଶୋର 'ଶ୍ରୀକ୍ଷେତ୍ର' କବିତା ରଚନା କରି ଓଡ଼ିଶାର ଧର୍ମ, ସଂସ୍କୃତି ଓ ବାଣିଜ୍ୟିକ ଜୀବନକୁ ମନେ ପକାଇ ଦେଇଅଛନ୍ତି । ଉତ୍କଳ କେବଳ କଳାର ଦେଶ ନୁହେଁ — ଏହା ଥିଲା ଏକଦା ବୀର ଲୀଳାଭୂମି । ଏହାର ଧନ-ଧାନ୍ୟରେ ଅଭାବ ନ ଥିଲା ମାତ୍ର ବାଧିର ବିଡ଼ମ୍ବନା ହେତୁ ଉତ୍କଳର ହେଲା ବିପର୍ଯ୍ୟୟ । ଉତ୍କଳଲକ୍ଷ୍ମୀ ହେଲେ ଶ୍ରୀହୀନା, ବିଖଣ୍ଡିତ କଳେବରା । ତେଣୁ କବି ନନ୍ଦକିଶୋର ଦାରୁଣ କ୍ଷୋଭରେ ପ୍ରଶ୍ନ କରିଛନ୍ତି—

"କୋଟି ସୁତେ ଘୋର ଦୁଃଖେ ଖଟି ବାର ମାସ
ବେଳେ ଖାଇ ଦୁଇ ବେଳ ରହନ୍ତି ଉପାସ ।
ଔଦାସୀନ୍ୟ-ଅବସାଦ-ନିଦ୍ରା-ନିମଗନ
ଅଧୀର ଫକୀରି ଗର୍ବେ ଆନେ ବିଚେତନ ।
ସ୍ୱଜାତି ନିନ୍ଦୁକେ ଦେଇ ଭକ୍ତି ପାନାହାର
ତୋର ବରପୁତ୍ରଗଣ ଉଦାସ ଉଦାର ।
କେବେ ପାକ ହେବ ଦୁଃଖ-ଦଶା ମା' ତୋହର
ତୋ ସୁତେ କରିବେ ନିଜ ଧନେ ନିଜ ଘର ?"

— ଉତ୍କଳଲକ୍ଷ୍ମୀ —

କବିବର ରାଧାନାଥ ରାୟ 'ଚିଲିକା' କାବ୍ୟରେ (୧୮୯୧) 'ଉତ୍କଳ କମଳା' ବୋଲି ପ୍ରଥମେ ଉଲ୍ଲେଖ କରିଥିଲେ । ସେଠି ସେ ଦେଖିଥିଲେ, ଉତ୍କଳ କମଳାଙ୍କର ବିଳାସ-ରୂପ । ଅବଶ୍ୟ ସେଇ ବିଳାସ ରୂପରୁ କ୍ରମେ ତାଙ୍କର ଜାତୀୟ କ୍ଷୋଭ ସୃଷ୍ଟି ହୋଇଛି । କବି ନନ୍ଦକିଶୋରଙ୍କ 'ଉତ୍କଳଲକ୍ଷ୍ମୀ' କିନ୍ତୁ ଏକ ଜୀବନ୍ତ କାରୁଣ୍ୟ ବିଗ୍ରହ । ସ୍ୱଭାବକବି ଗଙ୍ଗାଧର ମେହେର ଉତ୍କଳଲକ୍ଷ୍ମୀ (୧୮୯୪) କବିତାରେ ଉତ୍କଳ-ଲକ୍ଷ୍ମୀଙ୍କର ବନ୍ଦନା କରିଅଛନ୍ତି । ଯଦିଓ ଏହି କାବ୍ୟ ରାଧାନାଥ ସାହିତ୍ୟର ଏକ କାବ୍ୟଧର୍ମୀ ସମାଲୋଚନା ତଥାପି ଏଥିରେ ଉତ୍କଳଲକ୍ଷ୍ମୀଙ୍କର ବନ୍ଦନା ମଧ୍ୟ ଦେଇ ଜାତୀୟ ପ୍ରାଣସ୍ଫୂର୍ତ୍ତିର ଅଖଣ୍ଡ ଭାବ-ପ୍ରବାହ ସୃଷ୍ଟି ହୋଇଅଛି । ଏହି କାବ୍ୟକୁ ୧୮୯୭ ସାଲ ଜାନୁୟାରୀ ୯ ତାରିଖରେ 'ସମ୍ବଲପୁର ହିତୈଷିଣୀ' ଏକ ଅକାଣ୍ଡତାଣ୍ଡବର କାର୍ଯ୍ୟ ଏବଂ ପ୍ରତିଭାର ଅପବ୍ୟବହାର ରୂପେ ସମାଲୋଚନା କରିଥିଲେ ହେଁ ଊନବିଂଶ ଶତକର ଶେଷ ଦଶକ ବର୍ଷରେ ଯେଉଁ ଜାତୀୟସ୍ରୋତର ଆଦ୍ୟ ପ୍ରବାହ ସୃଷ୍ଟି ହୋଇଥିଲା ତାର ଏହା ଏକ କାବ୍ୟିକ ପ୍ରତିରୂପ କହିଲେ ସତ୍ୟର ଅପଲାପ ହେବ ନାହିଁ । କବି ନନ୍ଦକିଶୋର ସେଇ ଆଦର୍ଶକୁ ୧୮୯୮ ମସିହାରୁ ତାଙ୍କର କବିତା-ମାନଙ୍କରେ ରୂପ ଦେଲେ ।

'ବସନ୍ତ କୋକିଳ'ର ମଧୁମୂର୍ଚ୍ଛନା ପରେ ୧୯୦୬ ମସିହାରେ କବି 'ଗୁଚ୍ଛଛନ୍ଦ' ଅଙ୍କନ କରିବାକୁ ଲାଗିଲେ । ଏହି ସମୟରେ ଗଞ୍ଜାମ ଜାତୀୟ ସମ୍ମିଳନୀ ସୃଷ୍ଟି ହୋଇ ମାନ୍ଦ୍ରାଜରୁ ଗଞ୍ଜାମକୁ ଅଲଗା କରି ଓଡ଼ିଶା ସହିତ ମିଶାଇବା ପାଇଁ ଆନ୍ଦୋଳନ ହେଉଥାଏ । ସମ୍ବଲପୁର ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଥାଏ । ଏହିପରି ଏକ ସମୟରେ କବି ନନ୍ଦକିଶୋର କବିତା ରଚନା କରୁଥାନ୍ତି । ସେ 'ଗୁଚ୍ଛଛନ୍ଦ' ମୁଖବନ୍ଧରେ ଲେଖିଛନ୍ତି — "ସମ୍ବଲପୁର ଓ ଗଞ୍ଜାମ ରାଜନୈତିକ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଥିଲେ ହେଁ ମୋର ବିଶ୍ୱାସ ଅକୃତ୍ରିମ ମାତୃଭାଷାନୁରାଗରେ ପ୍ରୋକ୍ତ ଦୁଇଜିଲା ଓଡ଼ିଶାକୁ ଜିଣି ଅଛନ୍ତି । ମୁଁ ସମ୍ବଲପୁର, ଗଞ୍ଜାମ ନିବାସୀଗଣଙ୍କୁ ସର୍ବଦା ଏକ ଓଡ଼ିଆଜାତିର ଅନ୍ତର୍ଗତ ବୋଲି ମନେ କରିଥାଏ । ରାଜନୈତିକ ଭାବରେ ବିଚ୍ଛିନ୍ନ ହେଲେ ହେଁ ଆମ୍ଭେମାନେ ସମସ୍ତେ ଏକ ମାତୃଭାଷା ରୂପ ପବିତ୍ର ବନ୍ଧନସୂତ୍ରରେ ଆବଦ୍ଧ ।" ସମଗ୍ର ବିଚ୍ଛିନ୍ନାଞ୍ଚଳକୁ ଏକତ୍ରିତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କବି ଆଶାନ୍ୱିତ ଆହ୍ୱାନ ଜଣାଇଥିଲେ । 'ଗୁଚ୍ଛଛନ୍ଦ'ର ଭୂମିକାରେ ସେ ଉଲ୍ଲେଖ କରିଅଛନ୍ତି — "ସ୍ୱଦେଶହିତୈଷୀ ସମ୍ବଲପୁର ଅଧିବାସୀବୃନ୍ଦଙ୍କ ପନ୍ଥାଙ୍କ ଅନୁସରଣ କରି ଆମ୍ଭେମାନେ ସମବେତ ଭାବରେ ବିଚ୍ଛିନ୍ନ ଉତ୍କଳଭୂମିଖଣ୍ଡକୁ ଏକୀଭୂତ କରିବା ସକାଶେ ନ୍ୟାୟଶୀଳ ବ୍ରିଟିଶ ରାଜାଙ୍କଠାରେ ବାରମ୍ବାର ଅର୍ଜି କଲେ ଭଗବାନଙ୍କ କୃପାରେ ସୁଦିନ ଆସିବ ।" ଏହି ଅଳି 'ଜନ୍ମଭୂମି'ର ପ୍ରଥମ ଭାଗରେ ସନ୍ନିବେଶିତ 'ନବୀନ ସମ୍ରାଟଙ୍କ ନିକଟରେ ଉତ୍କଳମାତାର ଗୁହାରି' କବିତାରେ ବାସ୍ତବ ରୂପ ନେଇଅଛି । ଏହି କବିତାରେ ଉତ୍କଳ ଏକ ଦୀନା, କ୍ଲିଷ୍ଟବଦନା ଓ ମଳିନ ବସନ ପରିହିତା ସାମାନ୍ୟ ନାରୀ ରୂପେ ଚିତ୍ରିତା । ସପ୍ତମ ଏଡ଼ୱାର୍ଡଙ୍କ ଅଭିଷେକୋତ୍ସବକୁ ଲକ୍ଷ୍ୟ କରି କବି ଉତ୍କଳର ନିବେଦନକୁ ଉକ୍ତ କବିତାରେ ପ୍ରକାଶ କରିଅଛନ୍ତି । ଗାଢ଼ ନିଦ୍ରାରେ ନିମଗ୍ନ ଥିଲାବେଳେ ନବୀନ ସମ୍ରାଟ ସ୍ୱପ୍ନ ଦେଖିଛନ୍ତି — ଏକ ଦୀନା ବିପନ୍ନପ୍ରତିମା ନାରୀ ସଙ୍କୋଚରେ ତାଙ୍କ ନିକଟରେ ଦୁଃଖର କାହାଣୀ ନିବେଦନ କରୁଛି । ଅନ୍ୟମାନେ ତାକୁ ତାଚ୍ଛଲ୍ୟ କରୁଥାନ୍ତି । ତଥାପି ସେହି ଦୀନା ନାରୀ ତାର ଅତୀତର ଗୌରବ ଓ ବର୍ତ୍ତମାନର ଦୁର୍ଦ୍ଦଶାକୁ ଗମ୍ଭୀର ଭାବରେ ବର୍ଣ୍ଣନା କରିଛି । ଇଂରେଜ ସରକାର ବିନା ତାର ଦୁଃଖ କେହି ଦୂର କରିପାରିବେ ନାହିଁ । ତେଣୁ ସେ କହିଛି

"କୋଟିସୁତ ମାତା ହୋଇ ମୁଁ ସମ୍ରାଟ
ଅର୍ଦ୍ଧକୋଟି ସୁତ ଅଛି ହରାଇ
ଗଂଜାମ ସମ୍ବଲ- ପୁର କାଢ଼ି ନେଲେ ।
ମାନ୍ଦ୍ରାଜ, ମଧ୍ୟଭୂ, ବଙ୍ଗ ଛଡ଼ାଇ ।
ଅଙ୍ଗହୀନା ହୋଇ ପଡ଼ିଅଛି ମୁହିଁ
ନିତାନ୍ତ ଦୁର୍ବଳ ଦରିଦ୍ର ହୀନ

ଏକତା ଅଭାବେ ମୋର ସୁତଗଣ
ଛଫଗଛ, ନାହାନ୍ତି ପୂର୍ବ ସୁଦିନ।
ଭାଇଠାରୁ ଭାଇ ହୋଇଣ ବିଚ୍ଛିନ୍ନ
ସମବେତ ଚେଷ୍ଟା କରି ନ ପାରି
ଜୀବନ ସଂଗ୍ରାମେ ଅନ୍ୟାନ୍ୟ ପ୍ରଦେଶ
ସଙ୍ଗେ ପଦେ ପଦେ ଯାଆନ୍ତି ହାରି।

× × × ×

ସମଗ୍ର ଉତ୍କଳ — ଭାରତୀ ଦେଶଖଣ୍ଡେ
ଏକୀଭୂତ କରି କରି ସବିଲ
ଏକ ଶାସକଙ୍କ ତଳେ ଥାଇ ଶୁଭ
ମନାସନ୍ତୁ ମୋର ସୁତ ସକଳ।
ଓଡ଼ିଆଏ ହୋଇ ହାତ ଧରାଧରି
ପରସ୍ପରେ କରି ସାହାଯ୍ୟ ଦାନ
ସମବେତ ଚେଷ୍ଟା କରି ଧନେ, ଜ୍ଞାନେ
କରନ୍ତୁ ଉନ୍ନତି-ମାର୍ଗେ ପ୍ରୟାଣ।
ଜାତୀୟତା-ନାଶ ଅବନତି-ମାର୍ଗ
ଜାତୀୟ ମମତା ଉନ୍ନତିହେତୁ
ପ୍ରାଚୀନ ଗୌରବ ଜ୍ଞାନ ଧର୍ମ ଶିଳ୍ପ
ଫେରିବ ଉଡ଼ିଆ ବଳୟ କେତୁ ।"

— ଜନ୍ମଭୂମି —

ନବୀନ ସମ୍ରାଟଙ୍କ ନିକଟରେ ଉତ୍କଳଜନନୀ ନିବେଦନ କରିଛି ତାର ଜାତୀୟ ଉନ୍ନତି ପାଇଁ । ବିଚ୍ଛିନ୍ନାଞ୍ଚଳକୁ ଏକତ୍ରିତ କରିବା ସଙ୍ଗେ ସଙ୍ଗେ ଏ ଦେଶର କଳା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି କରିବା ପାଇଁ ସେ ନିବେଦନ କରିଛି । ପୁନଶ୍ଚ କର ବୃଦ୍ଧି ନ କରିବାକୁ, ରାଜ୍ୟରେ ଜଳସେଚନ ପାଇଁ ବ୍ୟବସ୍ଥା କରିବାକୁ, ଲୁଣ ମାରିବା ପାଇଁ ଅନୁମତି ଦେବାକୁ, ବିଭିନ୍ନ କ୍ଷେତ୍ରରେ ଓଡ଼ିଆଙ୍କୁ ଚାକିରି ଦେବାକୁ, ପ୍ରାଚୀନ ଉତ୍କଳ ସାହିତ୍ୟର ଇତିହାସ ପ୍ରଣୟନ କରିବାକୁ ଓ ଜାତୀୟ ସାହିତ୍ୟର ଉନ୍ନତି କରିବାକୁ ସେ ମଧ୍ୟ ନିବେଦନ କରିଛି । ଏହି କବିତାରେ ଜାତୀୟ ଆବେଦନ ଅଛି ମାତ୍ର ଏହି ଆବେଦନ ଜାତୀୟ ଜୀବନ ଗଠନ ପାଇଁ ଅନୁକୂଳ ନୁହେଁ । ଏ ପ୍ରସଙ୍ଗରେ 'ଉତ୍କଳ ସାହିତ୍ୟ' (୭. ୧୨, ୧୯୦୪)ରେ ସମ୍ପାଦକ ବିଶ୍ୱନାଥ କର ଲେଖିଛନ୍ତି—"ନବୀନ ସମ୍ରାଟଙ୍କ ନିକଟରେ ଉତ୍କଳ-ମାତାର ଗୁହାରି ଛଳରେ ଉତ୍କଳୀୟମାନଙ୍କର ନାନା ଦୁଃଖ, ଅଭାବ ବର୍ଣ୍ଣିତ

ହୋଇଅଛି । ବିପତ୍ତି ଯେପରି, ସେଥିରେ ତା ଭିତରେ କବିତ୍ୱ ଅନ୍ୱେଷଣ କରିବା ବୃଥା । ଝୁଲି କାନ୍ଧରେ ପକାଇ ଭିକ୍ଷାଂ ଦେହି ବୋଲି ଚିତ୍କାର କରିବାର କିଛି ଫଳ ନାହିଁ । ଏହା ଜାତୀୟ ଜୀବନ ଗଠନର ଶତ୍ରୁ । ଭିକ୍ଷା ମୋହରେ ଦେଶଟାର ସର୍ବନାଶ ଘଟିଅଛି—ଏତେବେଳେ ସେ ମୋହ ଭାଙ୍ଗିବାକୁ ଚେଷ୍ଟା ନ କରି ବଢ଼ାଇବା ସୁବିବେଚନାର କାର୍ଯ୍ୟ ନୁହେଁ ।" ବାସ୍ତବିକ ଏହି କବିତାରେ ଜାତୀୟ ଜୀବନ ଗଠନ ପାଇଁ ପ୍ରେରଣା ନାହିଁ ମାତ୍ର ଜାତୀୟ ଜୀବନର ଦୁଃଖ ଦୂର ପାଇଁ ଆବେଦନ ଅଛି । କବିଙ୍କ ଲେଖନୀରେ 'ଜନ୍ମଭୂମି' ୨ୟ ଖଣ୍ଡ ଓ ତୃତୀୟ ଖଣ୍ଡ ପ୍ରକାଶିତ ହୋଇଅଛି । ଏଥିରେ ମଧ୍ୟ କବି-ଅନ୍ତରର ଜାତୀୟ ଭାବ-ଚେତନା ମର୍ମରିତ । ସାର୍ ଓ୍ୱାଲ୍ଟର ସ୍କଟ ଯେପରି ଜନ୍ମଭୂମିର ଗୌରବ ଗାନ କରି ନିଜକୁ ଧନ୍ୟ ମନେ କରିଛନ୍ତି କବି ନନ୍ଦକିଶୋର ସେପରି ଜନ୍ମଭୂମି ଉତ୍କଳର ମହିମା ଗାନ କରିଅଛନ୍ତି । ସେ ଗଂଜାମ ଜାତୀୟ ସମିତି, ଗଂଜାମ ଛାତ୍ର ସମିତି, ସାମନ୍ତରାପୁର ଛାତ୍ର ସମିତି ପ୍ରଭୃତିଙ୍କ ଅନୁରୋଧରେ ଏହି ସମସ୍ତ କବିତା ରଚନା କରିଥିଲେ । ଏଥିରେ କବିଙ୍କର 'ନବ-ଆଶା-ଗୀତି' ଆହୁରି ସ୍ପଷ୍ଟତର ହୋଇ ଉଠିଲା । ତେଣୁ କବି ଉଦ୍‌ବୋଧନ ଦେଇଛନ୍ତି—

"ଉଠ ଗୋ ଦୁଃଖିନୀ ଉତ୍କଳ ଜନନୀ
ପାହିଛି ବିଷାଦ ଯାମିନୀ ତବ
ଉଠି ଦେଖ ନଭେ ନବ ଦିନମଣି
ଶୁଣ ସୁପ୍ରଭାତ ବିହଙ୍ଗରବ ।

× × × ×

ଉଠ ପ୍ରିୟ ଭ୍ରାତା ଉଠ ଗୋ ଭଗିନୀ
ମାତୃଭୂମି ଦୁଃଖ ଦୀନତା ନାଶ
ବିନୀତ ଚିତ୍ତରେ ତବ ପୂତ ପଦେ
ନିବେଦଇ କବି ପ୍ରାଣ ଉଚ୍ଛ୍ୱାସ ।"

—ଉତ୍କଳ ପ୍ରଭାତ—

କେବଳ ଏତିକି ନୁହେଁ; ବିଂଶ ଶତାବ୍ଦୀର ଆରମ୍ଭରେ କବି ଲକ୍ଷ୍ୟ କରିଛନ୍ତି ବହୁ ଜାତୀୟ ଅନୁଷ୍ଠାନର ନବ ଉତ୍‌ଥାନ । ତେଣୁ ସେ ଭାବବିଭୋର ହୋଇ ଲେଖିଛନ୍ତି—

"ଫୁଟିଛି ଉତ୍କଳ ଜଗତ ଉପରେ
ନବପ୍ରାଣ-ପାରିଜାତ ପ୍ରସୂନ
ଶୁଭୁଛି ଉତ୍କଳ— ଦାରୁଣ ଶ୍ମଶାନେ
ମଙ୍ଗଳ ବାଜଣା ଶୁଣ ହେ ଶୁଣ ।

× × ×

ପୂର୍ବ ଅତ୍ୟାଚାର ପାଷାଣ ଭାର
ହୋଇଛି ତା ବକ୍ଷୁଁ ଅପସାରିତ
ଜାତୀୟ ଜୀବନ ଉଠିଛି ଅଙ୍କୁରି
ଶୁଭୁଅଛି ଦୂରୁଁ ଆଶା ସଂଗୀତ ।"
ଶତ ଶତ ବର୍ଷ ମୋହ ନିଦ୍ରା ଅନ୍ତେ
ଉଠି ବସିଛନ୍ତି ଦୁଃଖିନୀ ମାତା
ଅବହେଳା ତେଜି ମାତା ମୁକ୍ତି ହେଜି
ଭ୍ରାତା ହସ୍ତ ଆଜି ଧରିରେ ଭ୍ରାତା ।"

— ଶୁଭଯୋଗ —

କବି ନନ୍ଦକିଶୋର ତାଙ୍କର ବିଭିନ୍ନ ଗୀତିକବିତାରେ ଅତୀତ ଉତ୍କଳର ଗୌରବକୁ ରୂପାୟନ କରି ତାରି ମାଧ୍ୟମରେ ଜାତୀୟ ଜାଗରଣ ସୃଷ୍ଟି କରିବାକୁ ପ୍ରେରଣା ଦେଇଅଛନ୍ତି । ସେ ଯେପରି ଜାତୀୟ କଲ୍ୟାଣ ପାଇଁ ବ୍ରିଟିଶ ସରକାରଙ୍କୁ ନିବେଦନ କରିଛନ୍ତି ସେହିପରି ମଧ୍ୟ ଅନ୍ୟାନ୍ୟ କବିମାନେ କରିଛନ୍ତି । ଊନବିଂଶ ଶତାବ୍ଦୀର ଶେଷ ଭାଗ ଓ ବିଂଶ ଶତାବ୍ଦୀର ଆଦ୍ୟ ଦଶକରେ ସାରା ଭାରତବର୍ଷରେ ନରମ ପନ୍ଥୀ ଜାତୀୟ ଚେତନା ସୃଷ୍ଟି ହୋଇଥିଲା ଏବଂ ଏହି ଚେତନା ବ୍ରିଟିଶ ସରକାରଙ୍କ ସହିତ ଆଲୋଚନା ଓ ଚିନ୍ତା ସମନ୍ୱୟରେ ସମସ୍ୟାର ସମାଧାନ ପାଇଁ ବିଶେଷତଃ ଉଦ୍ଦିଷ୍ଟ ଥିଲା । ଏହି ଚେତନା ମୁହାଁମୁହିଁ ସଂଗ୍ରାମ ପାଇଁ ଅଭିପ୍ରେତ ନ ଥିଲା । ୧୯୨୦ ମସିହାଠାରୁ ଏହି ଚେତନା ହେଲା ଶାଣିତ ଓ ବ୍ରିଟିଶ ସରକାର ସହିତ କୌଣସି କଥା ଆବେଦନ ନ କରି ଦାବୀ ଉପସ୍ଥାପନ କରିବାକୁ ପ୍ରେରଣା ଦେଲା । ନନ୍ଦକିଶୋର ଯେଉଁ ସମୟରେ କବିତା ରଚନା କରୁଥିଲେ ସେ ସମୟ ହେଲା ବ୍ରିଟିଶ ଶାସନର ଚରମ ଅବସ୍ଥା । ମଧୁସୂଦନ ରାଓ, ଗଙ୍ଗାଧର ମେହେର ପ୍ରମୁଖ କବିଗଣ ବ୍ରିଟିଶ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି କବିତା ମାଧ୍ୟମରେ । ନନ୍ଦକିଶୋର ସେଇ ପରଂପରାରେ ଜାତୀୟ କଲ୍ୟାଣ ପାଇଁ ଆବେଦନ କରିଛନ୍ତି ମାତ୍ର । ତାଙ୍କ ବିଚାରରେ —

"ଶ୍ୱେତ ଦ୍ୱୀପୁଁ ଆସି ବୀର ଦେବଦୂତ ସମ
ବିଦୂରିତ କରିଛନ୍ତି ଘୋର ଦୁଃଖ ତମ ।"

ସେ ବ୍ରିଟିଶ ଶାସନକୁ ନିନ୍ଦା କରି ନାହାନ୍ତି । ସେ କେବଳ ଚାହିଁଛନ୍ତି ସ୍ୱତନ୍ତ୍ର ଉତ୍କଳ ଗଠନ ଓ ଓଡ଼ିଆ ଭାଷାର ମହତ୍ତ୍ୱ ବୃଦ୍ଧି । କବିବର ରାଧାନାଥ 'ମହାଯାତ୍ରା'ରେ ଭାରତର ଅଧୋପତନ ପାଇଁ ଯେପରି ଜାତିଭେଦ, ପୌରୋହିତ୍ୟ ପ୍ରଥା, ସ୍ୱଦେଶୀ ରାଜାଙ୍କର ପାରସ୍ପରିକ ଶତ୍ରୁତା ଇତ୍ୟାଦିକୁ କାରଣ ରୂପେ ବର୍ଣ୍ଣନା କରିଅଛନ୍ତି କବି ନନ୍ଦକିଶୋର ମଧ୍ୟ ସେହିପରି 'ଉତ୍କଳ' କବିତାରେ ଓଡ଼ିଶାର ଭାଗ୍ୟରବି ଅସ୍ତମିତ ହେବାର କାରଣ ରୂପେ ଜାତିଭେଦ, ପୌରୋହିତ୍ୟ ପ୍ରଥାର ଅତ୍ୟାଚାର, ସ୍ୱଦେଶୀ

ନୃପଙ୍କ ହିଂସା, ଘୋର କୁସଂସ୍କାରକୁ କାରଣ ରୂପେ ଗ୍ରହଣ କରିଅଛନ୍ତି । ତଥାପି ସେ ମନେ କରନ୍ତି—

"ପବିତ୍ର ଉତ୍କଳ ଭୂମି ସୌନ୍ଦର୍ଯ୍ୟ ଶାଳିନୀ
ପୁଣ୍ୟବତୀ ଆହା ଯଥା ରୂପସୀ କାମିନୀ ।"

ଏହି ଉତ୍କଳଜନନୀର ଲଳିତ କୋମଳ ଅଙ୍କରେ ଜନ୍ମ ନେଇଥିଲେ କବିକୁଳକଂଜ ଉପେନ୍ଦ୍ର ଭଂଜ । ଏଇଠି ମଧ୍ୟ କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ଅଭିମନ୍ୟୁ ସାମନ୍ତସିଂହାର, ଜଗନ୍ନାଥ ଦାସ, ରାଜକବି କୃଷ୍ଣ ସିଂହ ଜନ୍ମଗ୍ରହଣ କରିଥିଲେ । ଉତ୍କଳ ଜନନୀ ବୀରପ୍ରସବିନୀ । ଏହା ମଧ୍ୟ ସର୍ବ-ଧର୍ମ-ଲୀଳା ସ୍ଥଳ । ଆଜି କାଳବଶରେ ଉତ୍କଳର ଗୌରବ-ରବି ଅସ୍ତମିତ । ତଥାପି କବି ଉତ୍କଳୀୟମାନଙ୍କୁ ଉଦ୍‌ବୋଧନ ପ୍ରଦାନ କରିଛନ୍ତି—

"ଉଠ ହେ ଉତ୍କଳ ବାସି ! ବାନ୍ଧ ହେ ସାହସ
ଚଢ଼ିବ ଯଶ-ସୋପାନେ ଆଣେ ଅଣ୍ଟା କସ,
କେବେ ନିରାଶ ନ ହୁଅ ।
ଯୁଝ ଜୀବନ ସଂଗ୍ରାମ ହେ ଓଡ଼ିଆ ପୁଅ ।"
—ଉତ୍କଳ—

କବି ନନ୍ଦକିଶୋର ଆଶାବାଦୀ । ସେ ଉପଲବ୍ଧି କରିଛନ୍ତି ଅତୀତର ବିଷାଦ ରଜନୀର ଆଜି ଅବସାନ ଘଟିଛି । ପ୍ରତ୍ୟେକ ପ୍ରାଣରେ ଆଜି ସୃଷ୍ଟି ହୋଇଛି ନବୀନ ଆଶା । ତେଣୁ କବି ଜାତୀୟ ଆବେଗରେ ଗାଇ ଉଠିଛନ୍ତି—

"ପାହୁଛି ବିଷାଦ ରଜନୀ ଉଠ ଉଠ ଉତ୍କଳ
ହୃଦୟେ ଧରିଣ ନବୀନ ଆଶା ନବୀନ ବଳ ।
ପାଶ୍ଚାତ୍ୟ ବିଜ୍ଞାନ—ଅମୃତ ପିଇ କୋଟି ନନ୍ଦନ
ତୋ ଦଶା ଫେରିବେ ଏଣିକି ଲଭି ନବ ଜୀବନ ।"
—ଭାରତୀ ଉଦ୍‌ବୋଧନ—

କବି 'ଉତ୍କଳ ମଙ୍ଗଳ ଗୀତ', 'ସଂଗୀତ', 'ଉତ୍କଳ ଜନନୀଙ୍କ ଆହ୍ୱାନ', 'ଉତ୍କଳ ବନ୍ଦନା', 'ମାତୃଭୂମି', 'ନିବେଦନ', 'ଉତ୍କଳ ଦଶା', 'ଉତ୍କଳ କବି କୁଳଗୁରୁ ଉପେନ୍ଦ୍ର ଭଂଜ', 'ସାମନ୍ତ ଚନ୍ଦ୍ରଶେଖର ସିଂହ', 'ରାଧାନାଥ', 'ମଧୁସୂଦନ ରାଓ', 'ଫକୀର ମୋହନ' 'ବିଶ୍ୱନାଥ କର', 'ମଧୁସୂଦନ ଦାସ', ପ୍ରଭୃତି କବିତାରେ ଜାତୀୟ ଭାବକୁ ମର୍ମରିତ କରିଅଛନ୍ତି । କବିବର ରାଧାନାଥ 'ଚିଲିକା' କାବ୍ୟରେ ଦେବୀ ବୀଣାପାଣିଙ୍କୁ ନିବେଦନ କରିଥିଲେ ଉତ୍କଳର ଭାଷା-କମଳିନୀ ଫୁଟାଇବା ଲାଗି । କବି ନନ୍ଦକିଶୋର ସେହିପରି ବୀଣାପାଣିଙ୍କୁ ନିବେଦନ କରିଛନ୍ତି—

"ବନ୍ଦେ ମା ଭାରତୀ ! ତୋ ବୀଣା ଥରେ
ନବ ପ୍ରାଣ ଲଭି ଉଠୁ ସେ ଝରେ
ଅତୀତ ଗୌରବ ବାଣୀ
ଶୁଣା ଶୁଣା ବାଣି ! ନବ ଆଶା ପ୍ରାଣେ
ଢାଳ ମାତଃ ବୀଣାପାଣି !"

— ଉତ୍କଳ ମଙ୍ଗଳ ସଂଗୀତ —

ଦୁଃଖିନୀ ଉତ୍କଳ ଜନନୀକୁ ନବୀନ ପ୍ରଭାତରେ ଜାଗିଉଠିବା ପାଇଁ କବିପ୍ରାଣର ମୁଗ୍ଧବାଣୀ ପ୍ରକାଶ କରିଅଛନ୍ତି । ଉତ୍କଳର ସକଳ ଭାଇଭଉଣୀଙ୍କୁ 'ମାତୃଭୂମି'ର ଦୁଃଖ ଦୀନତା ନାଶ କରିବାକୁ ସେ ଉଦ୍‌ବୋଧନ ପ୍ରଦାନ କରିଛନ୍ତି । କବିବର ରାଧାନାଥ 'ଦରବାର' କାବ୍ୟରେ — "କି ଥିଲା ଏ ରାଜ୍ୟ କି ହୋଇଛି ଆଜ" ଲେଖିଲାପରି କବି ନନ୍ଦକିଶୋର ମଧ୍ୟ ସେହିପରି — "କି ଥିଲା ! କି ହେଲା ! କି ହେବ !" ବୋଲି ବିଭିନ୍ନ କବିତାରେ ଲେଖି ଆପଣାର ଜାତୀୟଭାବକୁ ପ୍ରକାଶ କରିଅଛନ୍ତି । ସେ ଉପଲବ୍ଧି କରିଛନ୍ତି—

"ଜାତୀୟ ଜୀବନ ଉଠିଛି ଅଙ୍କୁର ।
ଶୁଭୁଅଛି ଦୂରୁଁ ଆଶା ସଙ୍ଗୀତ ।"

ଏସବୁ ସତ୍ତ୍ୱେ କବିପ୍ରାଣ ଉତ୍କଳର ଅଧୋପତନରେ ବିଚଳିତ ହୋଇ-ପଡ଼ିଛି । ସେ ଗଭୀର ଦୁଃଖରେ ଗାଇଛନ୍ତି —

"କେମନ୍ତେ ହା ବିଧି ଉଭେଇଗଲା ଗୌରବ ରବି
କେମନ୍ତେ ବିଷାଦ ମଳିନ ଦିଶେ ଉତ୍କଳ ଛବି ।
ଆଜି ସେହି ଦେଶ ବିଶାଳ ନଦୀ ଗିରିକାନନ,
ଘୋର ଅବସାଦ ଜଡ଼ିତ କିପାଁ ଓଡ଼ିଆ ମନ ।"

—ଭାରତୀ ଉଦ୍‌ବୋଧନ—

କବି ଉତ୍କଳମଣି ଗୋପବନ୍ଧୁ 'ରେଳ ଉପରେ ଚିଲିକା ଦର୍ଶନ' କବିତାର ଶେଷରେ ଠିକ୍ ଅନୁରୂପ ଭାବରେ କ୍ଷୋଭ ପ୍ରକାଶ କରିଅଛନ୍ତି । କବି ନନ୍ଦକିଶୋର ଓଡ଼ିଆ ଭାଷାର ବିକାଶ ପାଇଁ ଆଶା ପୋଷଣ କରିଛନ୍ତି । ଏ ଦେଶରୁ ଅବିଦ୍ୟା-ଅନ୍ଧକାର ଲୋପପାଇ ଜାତିର ସଙ୍ଗଠନ ହେଉ ଓ ଏ ଦେଶ ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରୁ ବୋଲି ନିବେଦନ କରିଛନ୍ତି । 'ଉତ୍କଳ ଜନନୀ' ତାର କୋଟି ସନ୍ତାନଙ୍କୁ ଆହ୍ୱାନ ଦେଇଛି —

"ନାହିଁ ମୋର ସେ ସୁଦିନ ଏବେ ମୁଁ ଯେ ଦୀନହୀନ
ଅକିଞ୍ଚନ ବୋଲି ମୋତେ ହେଳଇ ସାରା ସଂସାର ।

ସୁମର ପୂର୍ବ ସୁଦିନ କାନ୍ଦେ ମୁହିଁ ନିଶିଦିନ
ଥାଉଁ କୋଟି ସୁତ ଏହି ଦୁଃଖ କି ନ ଯିବ ମୋର ?
ମିଳିଲେ ସକଳ ଭାଇ ମୋ ଦୁଃଖ ରହିବ ନାହିଁ
ଭୁଲିଣ ସକଳ ଭେଦ ପୋଛ ନୟନ ନୀର ।"
—ଉତ୍କଳ ଜନନୀଙ୍କ ଆହ୍ୱାନ—

ଉତ୍କଳଜନନୀଙ୍କ ଆହ୍ୱାନ ପରି କବିତା ସେ ସମୟର ଅଧିକାଂଶ କବି ରଚନା କରିଅଛନ୍ତି । କେଉଁଠି ଉତ୍କଳଜନନୀ ଉଦ୍‌ବୋଧନ ଦେଇଛି, କେଉଁଠି ଉତ୍କଳ ଭାରତୀ ଉଦ୍‌ବୋଧନ ଦେଇଛି । ଏହି ଉଦ୍‌ବୋଧନ ପ୍ରକୃତରେ ଜାତୀୟତା-ବାଦୀ କବିଚିତ୍ତର । କବି ନନ୍ଦକିଶୋରଙ୍କର ଅନ୍ତର ଉତ୍କଳୀୟ ଜାତୀୟ ମମତାରେ ଥିଲା ପରିପୂର୍ଣ୍ଣ । ତେଣୁ କୁଳବୃଦ୍ଧ ମଧୁସୂଦନ ପ୍ରଥମେ ଉତ୍କଳକୁ ଜନନୀ ରୂପେ ସମ୍ବୋଧନ କଲା ପରେ ନନ୍ଦକିଶୋର ତାଙ୍କର ବିଭିନ୍ନ କବିତାରେ ଉତ୍କଳକୁ ଜନନୀ ରୂପେ ବର୍ଣ୍ଣନା କରିଛନ୍ତି ଏବଂ ଜନ୍ମଭୂମିକୁ ସେ ଜନନୀର ଜନନୀ ଭାବରେ ଗ୍ରହଣ କରି ସ୍ୱର୍ଗଠାରୁ ମଧ ତାହା ଶ୍ରେଷ୍ଠ ବୋଲି ମନେ କରିଛନ୍ତି । * ସେ ପୁଣି ମାତୃଭୂମିକୁ ଅବହେଳା କରି ବିଦେଶୀଙ୍କ ସ୍ତୁତି ଗାନକରୁଥିବା ଓଡ଼ିଆ ଯୁବକଙ୍କୁ କଠୋର ସମାଲୋଚନା କରିଛନ୍ତି ଓ ଓଡ଼ିଆ ହୋଇ ଓଡ଼ିଆ ଭାଷାକୁ ଅବଜ୍ଞା ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ ନିର୍ମମ ଭାବରେ ବ୍ୟଙ୍ଗୋକ୍ତି କରିଛନ୍ତି—

"ମାତୃଭୂମି ତେଜି କେଉଁ ଗର୍ବିତ ଯୁବକ
ହୁଏ ବିଦେଶୀୟଙ୍କର ଭକତ ସେବକ;
ସେହି ମାତୃପିତୃ ଦ୍ରୋହୀ ଆତ୍ମଦ୍ରୋହୀ ଜନ
ନୋହିବ କେବେହେଁ କାହା ସମ୍ମାନ ଭାଜନ ।
× × × ×
ହୋଇ ଯେବେ 'ଓଡ଼ିଆ' ଏ ନାମେ ସମ୍ବୋଧିତ
ହେବାକୁ ହୁଅନ୍ତି ଜନ ସମାଜେ ଲଜ୍ଜିତ ।

---

* ପାହିଯାଉ ଗୋ ମା ଚିର ଦୁଃଖ ନିଶା
ଅବସାଦେ ଆଉ ରହିନା ବିବଶା ।
ଜୟ ମା ଜୟ ମା ଉତ୍କଳ ଜନନୀ
ଉଠୁ କୋଟିକଣ୍ଠୁ ଜୟ ଗୀତ ଧ୍ୱନି ।
—ଉତ୍କଳ ବନ୍ଦନା—
ଜନନୀଙ୍କ ଜନନୀ ଗୋ ଜନ୍ମଭୂମି ସମ ।
—ଜନ୍ମଭୂମି—

ଓଡ଼ିଆ ଭାଷାକୁ କରି ହେୟ ପଦାଘାତ
ବିଦେଶୀୟ ଭାଷାକୁ ସେ କରି ପ୍ରଣିପାତ ।
ସେପରି ଉତ୍କଳପୁତ୍ରେ ସସଭ୍ୟ ବ୍ରହ୍ମାଣ୍ଡ
କହନ୍ତି ଏ କାପୁରୁଷ ଅକାଳ କୁଷ୍ମାଣ୍ଡ ।”

—ମାତୃଭୂମି—

ଫକୀରମୋହନ ‘ମୁଁ ହାଟବାହୁଡ଼ା’ କବିତାରେ ଏବଂ ଗଙ୍ଗାଧର ମେହେର ତାଙ୍କ କବିତାରେ ଏହିପରି ଓଡ଼ିଆ ଭାଷା ପ୍ରତି ଘୃଣାଥିବା ଉତ୍କଳୀୟମାନଙ୍କୁ କଠୋର ସମାଲୋଚନା କରିଅଛନ୍ତି । ନନ୍ଦକିଶୋର ‘ଓଡ଼ିଆ’—“ଏ ନାମ ଶିରେ ଘେନ ହେ ନିର୍ଭୟେ” ବୋଲି ଉଦାତ୍ତ ଆହ୍ୱାନ ଦେଇଅଛନ୍ତି । ମୋହନିଦ୍ରା ତ୍ୟାଗ କରି ଉତ୍କଳଜନନୀର ସେବା କରିବାକୁ ସେ ଦେଇଛନ୍ତି ପ୍ରେରଣା । ଭାଇ ଭାଇ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ନ କରି ଉତ୍କଳଜନନୀର ମଙ୍ଗଳ କରିବାକୁ ସେ ନିବେଦନ କରିଛନ୍ତି । ଜନ୍ମଭୂମିର ପ୍ରତ୍ୟେକ କବିତା ଜାତୀୟଭାବ ଭାବନାରେ ସମୃଦ୍ଧ । ‘ଉତ୍କଳ ସମ୍ମିଳନୀର’ ଉଦାତ୍ତ ଆହ୍ୱାନ କବି ନନ୍ଦକିଶୋରଙ୍କୁ ଜାତୀୟ ଭାବରେ ଉଦ୍‌ବୁଦ୍ଧ କରିଦେଇଛି ଏବଂ ସେ ସେହି କାରଣରୁ ଜନ୍ମଭୂମିର ପ୍ରତ୍ୟେକ କବିତାକୁ ଜାତୀୟଚେତନାରେ ଜୀବନ୍ତ କରିଦେଇଛନ୍ତି । ଉତ୍କଳର ସର୍ବାଙ୍ଗୀନ କଲ୍ୟାଣ କରିବାକୁ ହେଲେ ଏହାର ସ୍ୱାତନ୍ତ୍ର୍ୟ ଏକାନ୍ତ ଆବଶ୍ୟକ । ଏଥିପାଇଁ ପ୍ରତ୍ୟେକ ଉତ୍କଳୀୟଙ୍କର ସ୍ୱାଭିମାନୀ ଚିନ୍ତାଧାରା ସୃଷ୍ଟି ହେବା ଉଚିତ । ଅତୀତ ଇତିହାସର ମର୍ମ ଅନୁଶୀଳନ କରି ଜାତୀୟ ଭାବକୁ ଜାଗ୍ରତ କରିବାଲାଗି କବି ବିଭିନ୍ନ କବିତାରେ ପ୍ରେରଣା ଦେଇଅଛନ୍ତି । ସେ ସମୟର ଓଡ଼ିଶାର କୃତବିଦ୍ ଲେଖକ ଓ ଜାତୀୟ ସଂଗଠକମାନଙ୍କର ତିରୋଧାନକୁ ମଧ୍ୟ ସେ କବିତା ମାଧ୍ୟମରେ ରୂପଦେଇ ଜାତୀୟଭାବ ସ୍ପନ୍ଦନ ସୃଷ୍ଟି କରିବାକୁ ଇଙ୍ଗିତ ଦେଇଅଛନ୍ତି । ପରଲୋକଗତ ମଧୁସୂଦନ ରାଓ, ସ୍ୱର୍ଗତ କବି ଫକୀରମୋହନ, ସ୍ୱର୍ଗତ ନୀଳମଣି. ବିଦ୍ୟାରତ୍ନ, ସ୍ୱର୍ଗତ ପଣ୍ଡିତ ମୃତ୍ୟୁଞ୍ଜୟ, ସ୍ୱର୍ଗତ ଶ୍ରୀରାମ ଭଞ୍ଜ, ସ୍ୱର୍ଗତ ମହାରାଜା ରାମଚନ୍ଦ୍ର, କବିବର ରାଧାନାଥ ଆଦିଙ୍କ କବିତାରେ ତାଙ୍କର ଶୋକୋଚ୍ଛ୍ୱାସ ଯେପରି ପ୍ରକଟିତ ସେହିପରି ଜାତୀୟଭାବ ଅନୁରଣିତ । ‘ନିର୍ମାଲ୍ୟ’ ପୁସ୍ତକରେ କବିଙ୍କର ବିଭୁବୋଧ ପ୍ରକଟିତ ହୋଇଥିଲେ ହେଁ ସ୍ଥଳବିଶେଷରେ ଜାତୀୟଭାବ ଉତ୍ସରିତ । ‘ଉତ୍କଳ-ଭାରତୀ’ଙ୍କର ବନ୍ଦନା କରିବାକୁ ଯାଇ କବି ଲେଖିଛନ୍ତି –

‘ଉଠ ହେ ଉତ୍କଳବାସୀ ! ପାହିଛି ରଜନୀ
ନିଖିଳ ଜଗତୁଁ ଆସି ଅଛଇ ବରଣୀ ।
ପ୍ରାଚ୍ୟ-ପ୍ରତୀଚ୍ୟର ଏହି ସମନ୍ୱୟ ସ୍ଥଳେ
ନବସାହିତ୍ୟର ଜନ୍ମ ହେଉ ଏ ଉତ୍କଳେ ।

ମହାକାବ୍ୟ ଇତିହାସ ବିଜ୍ଞାନ ଦର୍ଶନ
କରୁ ତବ ଶ୍ରୀବୃଦ୍ଧି ତନୁ ମାତଃ ! ବିମଣ୍ଡନ ।
ବର୍ଦ୍ଧନ୍ତୁ ମା ଉତ୍କଳୀୟ ଜାତୀୟ-ଜୀବନ
ଜାତୀୟ ସାହିତ୍ୟ ବିନା ନ ହୁଏ ଗଠନ ।

—ଉତ୍କଳ-ଭାରତୀ—

ନବଯୁଗର ନବୀନ ପ୍ରଭାତରେ ହେବ ଉତ୍କଳର ନୂତନ ବିକାଶ । କବି ଏଥିପାଇଁ ଆଶାୟୀ ହୋଇ ଉଠିଛନ୍ତି । 'ପ୍ରଭାତ-ସଙ୍ଗୀତ' ଗାନ କରୁ କରୁ କବି 'ନୀଳାଦ୍ରି-କନ୍ଦର'ର ମହନୀୟତାରେ ଉଦ୍‌ବୁଦ୍ଧ ହୋଇ ଉଠିଛନ୍ତି ।

କବି ନନ୍ଦକିଶୋରଙ୍କର ଗୀତି-କବିତାମାନଙ୍କରେ ଜାତୀୟଚେତନା ରୂପ ନେବା ପୂର୍ବରୁ ତାଙ୍କର କାବ୍ୟମାନଙ୍କରେ ଏହି ଚେତନା ପ୍ରଥମେ ଆତ୍ମପ୍ରକାଶ କରିଥିଲା । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଉତ୍କଳରେ ଯେଉଁ ନୂତନ ଜାତୀୟ ଚେତନା ସୃଷ୍ଟି ହେଲା ଏବଂ ଯାହା ବିଂଶ ଶତାବ୍ଦୀର ପ୍ରଥମ ପାଦରେ ପ୍ରଭାବ ବିସ୍ତାର କରିଥିଲା ତାହା ମୁଖ୍ୟତଃ ତ୍ୟାଗ ଉପରେ ପ୍ରତିଷ୍ଠିତ । ଦେଶ ପାଇଁ ବ୍ୟକ୍ତିର ଆତ୍ମୋତ୍ସର୍ଗ ଥିଲା ଏହି ସମୟର ମୁଖ୍ୟ କଥା । 'କୃଷ୍ଣାକୁମାରୀ' ଓ 'ଶର୍ମିଷ୍ଠା' ସେହି ସମୟର ଗୋଟିଏ ଗୋଟିଏ ଦରିଣ୍ଡି ମାତ୍ର । 'କୃଷ୍ଣାକୁମାରୀ' ଏକ ଐତିହାସିକ କାବ୍ୟ । ରାଜପୁତ ଜାତିର ବୀରତ୍ୱ ଓ ସ୍ୱଦେଶପ୍ରାଣତା ଏହି କାବ୍ୟରେ ବର୍ଣ୍ଣିତ । ଜାତିର ମର୍ଯ୍ୟାଦା ରକ୍ଷାକରିବାକୁ ଯାଇ ଯୁବତୀ କୃଷ୍ଣାକୁମାରୀ ଆତ୍ମାହୁତି ଦେଇଛି । ଏହି ଐତିହାସିକ କାବ୍ୟ ପରେ ତାଙ୍କର ପୌରାଣିକ କାବ୍ୟ 'ଶର୍ମିଷ୍ଠା'ରେ ମଧ୍ୟ ଜାତୀୟ-ଚେତନାର ସ୍ୱର ଝଙ୍କୃତ ହୋଇଥିଲା । ଡକ୍ଟର ନଟବର ସାମନ୍ତରାୟଙ୍କ ଭାଷାରେ 'ଶର୍ମିଷ୍ଠା'—'ସମସାମୟିକ ଜାତୀୟଚେତନାର କଳାଗତ ଅଭିବ୍ୟକ୍ତି ମାତ୍ର ।' ଦେବଯାନୀର କଠୋର ପ୍ରତିଜ୍ଞା ଫଳରେ ଶର୍ମିଷ୍ଠା ତାର ନାରୀତ୍ୱର ସକଳ ଆକାଙ୍‌କ୍ଷା ଓ ରାଜୈଶ୍ୱର୍ଯ୍ୟର ସକଳ ଆକର୍ଷଣକୁ ଜଳାଞ୍ଜଳି ଦେଇଛି ଓ ଦେବଯାନୀର ଦାସୀତ୍ୱକୁ ବରଣ କରିନେଇଛି ଦେଶର ସ୍ୱାର୍ଥ ପାଇଁ । ଯେତେବେଳେ ଜନନୀ ଦୁଃଖ ପ୍ରକାଶ କରିଛନ୍ତି, ସେତେବେଳେ ଶର୍ମିଷ୍ଠା ତାଙ୍କୁ ସାନ୍ତ୍ୱନା ଦେଇଛି—

"ଶୋଚନା ନାହିଁ ଲୋ ! ଜନନୀ ତହିଁ ମୋ
ସ୍ୱଜାତି ସ୍ୱଧର୍ମ ପାଇଁ
ଦିଏ ଯେହୁ ନିଜ ଜୀବନ, ତାଠାରୁ
ପୁଣ୍ୟବତୀ କେହି ନାହିଁ ।
ପିତୃସତ୍ୟ ଜାତି— ସ୍ୱାଧୀନତା ଲାଗି
ସମର୍ପିଛୁ ଏ ଜୀବନି

ଦାନବ କୁଳରେ ଲାଗିବ କଳଙ୍କ
ନ ଦେଖ ମା ପ୍ରଲୋଭନ ।
ମୋର ପାଇଁ ଭବେ ଏ ଦାନବ ବଂଶ
ହେବ ଛି ଛି ପରାଧୀନ
କେଉଁ ସୁଖ ଆଶେ ଏ ଜୀବନ ଧରି
ସହି ହେବି ଭବେ ହୀନ ?"

ଶର୍ମିଷ୍ଠାର ଏହି ଉକ୍ତି ଜାତୀୟଚେତନାର ମାର୍ମିକ ଅଭିବ୍ୟକ୍ତି । କବି ନନ୍ଦକିଶୋର 'କନକଲତା' ଉପନ୍ୟାସରେ ମଧ୍ୟ ଜାତୀୟଚେତନାକୁ ପ୍ରକାଶ କରିଅଛନ୍ତି । ସେ ଉତ୍କଳର ଦୁର୍ଦ୍ଦଶା ଓ ଭବିଷ୍ୟତର ସମ୍ଭାବନା ବିଷୟରେ ଏହି ଉପନ୍ୟାସରେ ଲେଖିଛନ୍ତି—"ଉତ୍କଳ ପତିତ ବୋଲି କିଏ କେଉଁଆଡ଼େ ଅଛି, ଜଣାପଡ଼ୁ ନାହିଁ । ଥରେ ଉତ୍କଳ ଜାଗ୍ରତ ହେଲେ ତାହାର ପବିତ୍ର ଧ୍ୱଜା ତଳେ କେତେ କିଏ ଆଶ୍ରୟ ନେବେ ! ଏପରି ଅନେକ ବ୍ୟକ୍ତି ଅଛନ୍ତି, ସେମାନେ ଉତ୍କଳୀୟ ନାମରେ ପରିଚୟ ଦେବାକୁ କୁଣ୍ଠିତ । ଅନ୍ୟ ଭାଷା କିହି ଅନ୍ୟ ଜାତିର ବାହୁଚ୍ଛାୟା ତଳେ ଆଶ୍ରୟ ନେଇଅଛନ୍ତି । ସେମାନଙ୍କର ଦୋଷ ଅଛି—ଅବସ୍ଥା ମଧ୍ୟ ସେହିପରି । ବର୍ତ୍ତମାନ ଏ ବିଷୟରେ କିଛି ପରିବର୍ତ୍ତନ ଦେଖାଗଲାଣି । ଓଡ଼ିଆ ନାମରେ ଗୌରବ ଅନୁଭବ କରିବା ଶିକ୍ଷିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଅଛି । କିନ୍ତୁ ଅକାଳ କୁଷ୍ମାଣ୍ଡଙ୍କର ମଧ୍ୟ ଅଭାବ ନାହିଁ । ଏତିକି ନୁହେଁ, ସେ 'ଉତ୍କଳ ସାହିତ୍ୟ' ସମ୍ପର୍କରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ସନ ୧୩୦୬ ସାଲ ଷଷ୍ଠ ସଂଖ୍ୟାରେ ଲେଖିଥିଲେ—"ବାସ୍ତବିକ ଉତ୍କଳର ମୋହନିଦ୍ରା କି ଭାଙ୍ଗିଅଛି ? ଉତ୍କଳର ଆଭ୍ୟନ୍ତରୀଣ ଅବସ୍ଥା ପର୍ଯ୍ୟାଲୋଚନା କରି କେଉଁ ମୁଖରେ କିଏ କହିବ ଯେ, ଉତ୍କଳୀୟ ସନ୍ତାନବର୍ଗ ଆଳସ୍ୟ ଓ ଔଦାସୀନ୍ୟ ପରିତ୍ୟାଗ କରି ପ୍ରକୃତ ଜାତୀୟ ଉନ୍ନତି ପଥରେ ଅଗ୍ରସର ହେବାକୁ ବଦ୍ଧପରିକର ହୋଇଅଛନ୍ତି । ଉନ୍ନତ ସାହିତ୍ୟ ଉନ୍ନତ ଜାତିର ଗୋଟିଏ ପ୍ରଧାନ ଲକ୍ଷଣ ।" ଓଡ଼ିଶାରେ ସେତେବେଳେ ସର୍ବତ୍ର ମୋହନିଦ୍ରା ବିରାଜିତ ଥାଏ । ଓଡ଼ିଆଭାଷାକୁ ଶିକ୍ଷିତ ବ୍ୟକ୍ତି ଘୃଣା ଓ ଅବଜ୍ଞା ଚକ୍ଷୁରେ ଦେଖୁଥାନ୍ତି । ତେଣୁ ନନ୍ଦକିଶୋର 'ଚିଠିର ଉତ୍ତର' ପ୍ରସଙ୍ଗରେ ଲେଖିଛନ୍ତି—'ଆମ୍ଭେମାନେ ବିକୃତ ଭାବରେ ସଭ୍ୟ । କେହି ସଂସ୍କୃତ ପଢ଼ି କେହି ବା ଇଂରାଜୀ ପଢ଼ି ମାତୃଭାଷାକୁ ଘୃଣା କରିବାକୁ ଶିଖିଅଛୁଁ । × × × । ଆମ୍ଭମାନଙ୍କର ମୌଳିକ ଚିନ୍ତା ଆଦୌ ନାହିଁ, ସୁତରାଂ ସରଳ ସହଜ ମାତୃଭାଷାର ଆଦର ଏବଂ ବ୍ୟବହାର ନାହିଁ । × × × ଯେଉଁ ଜାତିର ମୌଳିକ ଚିନ୍ତା ଏବଂ ଜ୍ଞାନ ଅଛି, ସେହି ଜାତିର ମାତୃଭାଷା ଜାତୀୟ ସାହିତ୍ୟରେ ସ୍ଥାନ ପାଏ—ଏମନ୍ତ କି ଉକ୍ତ ଜ୍ଞାନପିପାସୁ ବୈଦେଶିକମାନେ ମଧ୍ୟ ସେ ଭାଷାର ଚର୍ଚ୍ଚା କରନ୍ତି ।" ନନ୍ଦକିଶୋର ଓଡ଼ିଆ ଭାଷା ପ୍ରତି ଓ ମାତୃଭୂମି

ପ୍ରତି ଏ ଦେଶବାସୀଙ୍କର ଜାତୀୟ ମମତା ବୃଦ୍ଧି କରିବାପାଇଁ ବିଶେଷ ଭାବରେ ପ୍ରେରଣା ଦେଇଥିଲେ । ଯେଉଁମାନେ ଏ ଦେଶର ଭାଷା ଓ ଏ ଦେଶର ଐତିହ୍ୟକୁ ଘୃଣା କରୁଥିଲେ ସେମାନଙ୍କୁ ସେ କଠୋର ଭାବରେ ସମାଲୋଚନା କରିଅଛନ୍ତି ।

ସେ ପଲ୍ଲୀର ସ୍ନିଗ୍ଧ ଲାବଣ୍ୟକୁ ନେଇ କବିତା ରଚନା କରିଥିଲେ ହେଁ ତତ୍‌କାଳୀନ ଜାତୀୟ ଭାବସ୍ପନ୍ଦନରୁ ନିଜକୁ ମୁକ୍ତ କରିପାରି ନାହାନ୍ତି । ତାଙ୍କର ଜାତୀୟତାବାଦୀ କବିତାର ମୁଖ୍ୟ ସ୍ୱର ହେଉଛି ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧା ଓ ଆଦର ବୃଦ୍ଧିକରିବା ଏବଂ ଉତ୍କଳର ଅତୀତ ଇତିହାସ—ଐତିହ୍ୟ କଳା-ଶିଳ୍ପ-ସାହିତ୍ୟ ଅନୁଶୀଳନରେ ନିର୍ବେଦଗ୍ରସ୍ତ ଜାତିର ପ୍ରାଣରେ ଜାତୀୟତା ଭାବସ୍ପନ୍ଦନ ସୃଷ୍ଟି-କରିବା । ଏହି ଚେତନାର ଅନ୍ତିମ ଲକ୍ଷ୍ୟ ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା । ନନ୍ଦକିଶୋର ଏହି ଭାବସତ୍ତାକୁ ତାଙ୍କର କବିତାମାନଙ୍କରେ ପ୍ରକାଶ କରିଅଛନ୍ତି । ଅବଶ୍ୟ ତାଙ୍କର ଜାତୀୟ ଚେତନା ଉଗ୍ର ନୁହେଁ । ଏକ ଉଦାରପନ୍ଥୀ ଜାତୀୟଚେତନାର ସ୍ୱର ତାଙ୍କରି କବିତାଗୁଡ଼ିକୁ ପ୍ରାଣବନ୍ତ କରିଛି ଏବଂ ଉତ୍କଳୀୟ-ମାନଙ୍କ ଅନ୍ତରରେ କିଛିଟା ଭାବ-ତରଙ୍ଗ ସୃଷ୍ଟି କରିବାକୁ ସେଗୁଡ଼ିକ ଯେ ସମର୍ଥ ହୋଇଛି, ଏକଥା କହିଲେ ସତ୍ୟର ଅପଲାପ ହେବ ନାହିଁ ।

# ଭକ୍ତକବି ଭୀମ ଭୋଇ

ନିର୍ଗୁଣ ନିର୍ବେଦ ସାଧକ ଭକ୍ତକବି ଭୀମ ଭୋଇଙ୍କର ଜନ୍ମ ଓ ଜୀବନ ପ୍ରସଙ୍ଗରେ ନାନା ଅଭିମତ ମିଳିଥାଏ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଭୀମ ଭୋଇଙ୍କର ଜନ୍ମ ଓ ବିକାଶ ଏବଂ ସିଦ୍ଧି ଓ ତିରୋଧାନ ସଂଘଟିତ ହୋଇଥିଲେହେଁ ତାଙ୍କ ସମ୍ବନ୍ଧରେ ନାନାବିଧ ଅଲୌକିକ ଘଟଣା ଶୁଣାଯାଏ । କେତେକ ସମାଲୋଚକ ଓ ଗବେଷକ ତାଙ୍କୁ ଜନ୍ମାନ୍ଧ, କେତେକ ତାଙ୍କୁ ଜନ୍ମର କେତେ ବର୍ଷ ପରେ ଅନ୍ଧ ହୋଇଥିବା ଏବଂ କେତେକ ତାଙ୍କୁ ଅଶିକ୍ଷିତ, ମୂର୍ଖ ଓ ଶାସ୍ତ୍ରଜ୍ଞାନହୀନ ଭାବରେ ବର୍ଣ୍ଣନା କରିଅଛନ୍ତି । ସେମାନେ କହନ୍ତି ଭୀମ ଦୈବଶକ୍ତି ଓ ଆଶୀର୍ବାଦ ଫଳରେ ଦିବ୍ୟଚକ୍ଷୁ ପ୍ରାପ୍ତ ହୋଇ ବିଶ୍ୱରହସ୍ୟକୁ ଅବଲୋକନ କରିବା ସଙ୍ଗେ ସଙ୍ଗେ ବହୁ କାବ୍ୟକବିତା ରଚନା କରି ପାରିଛନ୍ତି । ସେମାନଙ୍କ ମତରେ ଭୀମ ଥିଲେ ଜଣେ ଅଲୌକିକ ଶକ୍ତିସଂପନ୍ନ କରିତ୍‌କର୍ମୀ ପୁରୁଷ । ତେଣୁ ନିର୍ଗୁଣ ବ୍ରହ୍ମଙ୍କର ଆଶୀର୍ବାଦ ଫଳରେ ତାଙ୍କର କବିତ୍ୱ ଶକ୍ତି ସ୍ଫୁରିତ ହୋଇଥିଲା । ମହିମା ଗୋସାଇଁଙ୍କଠାରୁ ଦୀକ୍ଷାଗ୍ରହଣ କରି ସେ ଜଗତ୍‌ବାସୀଙ୍କ ଉଦ୍ଧାର ନିମିତ୍ତ କୁମ୍ଭୀପଟିଆ ଧର୍ମ ପ୍ରଚାର କରିଥିଲେ । ଭୀମ ଭୋଇଙ୍କର ଅନ୍ଧତା ଓ ତାଙ୍କର ଶିକ୍ଷାହୀନତାର ସମ୍ବନ୍ଧରେ ଯେଉଁସବୁ ମତ ମିଳିଥାଏ, ତାର ଯୁକ୍ତିଯୁକ୍ତତା ସମ୍ବନ୍ଧରେ ଆଲୋଚନା କରିବା ଏହି ପ୍ରବନ୍ଧର ଲକ୍ଷ୍ୟ ।

## ଭୀମ ଭୋଇଙ୍କ ସଂକ୍ରାନ୍ତରେ ପ୍ରାଚୀନ ଗ୍ରନ୍ଥରେ ସୂଚନା :

ଭକ୍ତକବି ଭୀମ ଭୋଇଙ୍କ ସଂକ୍ରାନ୍ତରେ ନାନା କଥା ବିଭିନ୍ନ ସଂହିତା ଓ ଧର୍ମଗ୍ରନ୍ଥ ପ୍ରଭୃତିରୁ ମିଳିଥାଏ । ଶ୍ୟାମଘନଙ୍କ 'ଅଲେଖ ଲୀଳା'ରେ ଭୀମ ଭୋଇଙ୍କ ସମ୍ବନ୍ଧରେ ବହୁ କଥା ଉଲ୍ଲେଖ କରାଯାଇଅଛି । ଏହି ଗ୍ରନ୍ଥରେ ଅବଧୂତ ଗୁରୁ ନିଜର ଭକ୍ତ ଗୋବିନ୍ଦଙ୍କ ସହିତ ଭୀମ ଭୋଇଙ୍କ ନିକଟକୁ ଆସି 'କଙ୍କପେଡ଼ା' ଗ୍ରାମରେ ସାକ୍ଷାତ ପ୍ରଦାନ କରି ତାଙ୍କୁ 'ନିର୍ବେଦ ସାଧନ' ଜଗତରେ ବିଖ୍ୟାତ କରିବା ନିମନ୍ତେ ଆଦେଶ ଦେଇଥିଲେ । ଏ ସମୟରେ ଭୀମ ଭୋଇ ଅନ୍ଧ ଥିଲେ ବୋଲି ଏ ଗ୍ରନ୍ଥରୁ ଦେଖିବାକୁ ମିଳିଥାଏ । ପୁନଶ୍ଚ ଅଚ୍ୟୁତାନନ୍ଦଙ୍କ 'କଳିଗ ସଂହିତା', 'ଆଦି ସଂହିତା' ଓ 'ନିର୍ଗୁଣ ସଂହିତା' ଆଦି ଗ୍ରନ୍ଥରେ ଭୀମ ଭୋଇଙ୍କର ଜୀବନ ବୃତ୍ତାନ୍ତ ସମ୍ବନ୍ଧରେ ସୂଚନା ପ୍ରଦତ୍ତ ହୋଇଅଛି । ଶ୍ରୀଧରକୃତ "ସିଦ୍ଧ ଚନ୍ଦ୍ରିକା"ରେ ମଧ୍ୟ ଭୀମ ଭୋଇଙ୍କର ଭବିଷ୍ୟତ ଜୀବନ ସମ୍ବନ୍ଧରେ ଆଭାସ ରହିଛି । ଏସବୁ ଗ୍ରନ୍ଥରେ ଭୀମ ଭୋଇଙ୍କୁ ପରମଭକ୍ତ ରାଧାଙ୍କର ରୂପାନ୍ତର ବୋଲି ଅଭିହିତ କରାଯାଇଛି । ଅଚ୍ୟୁତାନନ୍ଦ 'କଳିଗ ସଂହିତା'ରେ ଭୀମ ଭୋଇଙ୍କର ପରିଚୟ ଦେଇ ଅନାଦି ବ୍ରହ୍ମଙ୍କ ମୁଖରେ ବର୍ଣ୍ଣନା କରିଅଛନ୍ତି—

"ଭୂମି ଏକାନ୍ତ ଗ୍ରାମ ପୁରେ,
ଯେ ଜମ୍ବୁଦ୍ୱୀପ ଧରିତ୍ରୀରେ ।
ଯେ ନିତ୍ୟେ ରାଧା ମୋ ଭଗତ ।
ସେ ମର୍ତ୍ତ୍ୟେ ହୋଇଥିବ ଜାତ ।
ତା ଦ୍ୱାରେ ପ୍ରବେଶିବୁ ଯାଇ,
ତା' ନାମ ଅଟେ ଭୀମ ଭୋଇ ।
ସେ ଭୀମ ନିଷ୍କାମ ଭଗତ,
ତା' ଭାବ ପରମ ସ୍ୱରୂପତ ।
ବାଳୁତ କାଳୁ ସେହି ଦୁଃଖୀ,
ମୋ ଭାବେ ପ୍ରେମେ ଚଢେ ସୁଖୀ ।
× × ×
ଯାଇ ପ୍ରବେଶିବୁ ରେଢ଼ାରେ,
ସେ ଭୀମ ଭୋଇ ନିଜ ଦ୍ୱାରେ ।
ଆମ୍ଭ ଦର୍ଶନେ ସେ ଇଚ୍ଛୁକ,
ନେହୁ ତା ଗଳଇ ଲୋତକ ।
× × ×
ଜନ୍ମରୁ ଅନ୍ଧ ତା ନୟନ,
ଗୃହେଁ ଦେଖିବ ମୋର ବର୍ଣ୍ଣ ।"
'ଆଦି ସଂହିତା'ରେ ମଧ୍ୟ ଭୀମ ଭୋଇଙ୍କ ସମ୍ବନ୍ଧରେ ଅନାଦି ବ୍ରହ୍ମ
ଆଦିଙ୍କୁ କହୁଅଛନ୍ତି—
"ଏ ନିତ୍ୟ-ରାଧା ମହାସତୀ,
ମର୍ତ୍ତ୍ୟେ ହୋଇବ ଉତପତ୍ତି ।
ପୁଂଲିଙ୍ଗେ ପ୍ରକାଶ ତା କାୟ,
ଅତି ଦରିଦ୍ରାବସ୍ଥା ଦେହ ।
କେବଳ ମୁଷ୍ଟି ଭିକ୍ଷାକାଶୀ,
ଗ୍ରାମେ ଗୋବତ୍ସା ଚଢ଼ାଆଶୀ ।
ଚକ୍ଷୁ ବିହୁନେ ସ୍ୱୀନ ବପୁ,
ଘଟେ ପ୍ରକୃତ ନୋହେ ଶପୁ ।
× × ×
କୋଟି ଆଦିତ୍ୟ ତେଜ ପ୍ରଭା,
ବୃନ୍ଦ ବୈଷ୍ଣବ ରୂପ ଆଭା ।"

'ନିର୍ଗୁଣ ସଂହିତା'ରେ ମଧ୍ୟ ପରଂବ୍ରହ୍ମ ଦେଖା ରାଧାଙ୍କୁ କହୁଛନ୍ତି—

"ତୁ ରାଧା ଜନ୍ମିବୁ ସେ ମହୀ,
ନାମ ତୋ ହେବ ଭୀମ ଭୋଇ ।
× × ×
ଅବନୀ ମଣ୍ଡଳେ ରହିବୁ,
ଭକ୍ତକୁ ଚେତାଇଣ ଦେବୁ ।
ଯୋଗ ସମାଧି କରାଇବେ
ସେ ବୁଦ୍ଧ ରୂପ ମର୍ତ୍ତ୍ୟ ଭାଗେ ।
ଜାଗ୍ରତ ରୂପେ ସର୍ବ ଦୃଷ୍ଟି,
ଯୋରନ୍ଦା ଗ୍ରାମେ ଥୋକେ ବସି ।"

ଭୀମ ଭୋଇ ନିତ୍ୟସ୍ଥଳର ରାଧାଙ୍କର ରୂପାନ୍ତର ବୋଲି ପରମବ୍ରହ୍ମ ସଂହିତା ଓ ମହାଶୂନ୍ୟ ସଂହିତାରେ ମଧ୍ୟ ବର୍ଣ୍ଣିତ ହୋଇଛି । 'ସିଦ୍ଧଚନ୍ଦ୍ରିକା'ରେ ଶ୍ରୀଧର ମଧ୍ୟ ଭୀମ ଭୋଇଙ୍କର ପରିଚୟ ଦେଇ ଲେଖିଛନ୍ତି—

"ବଉଦ ରେଢ଼ାଖୋଲଠାରେ,
ପ୍ରଭୁ ବିଜୟ ଏକାନ୍ତରେ ।
କନ୍ଧ ଅଂଶରେ ଜନ୍ମ ହୋଇ,
ନିଜେ ରାଧିକା ଥିବ ତହିଁ ।
ପୁଂଲିଙ୍ଗେ ହୋଇ ଥିବ ଜାତ,
ଜନ୍ମରୁ ତା ନେତ୍ର ମୁଦ୍ରିତ ।
× × ×
ଜନ୍ମରୁ ଅନ୍ଧ ଥିଲ ହୋଇ,
ନେତ୍ର ଫିଟିଲା ପ୍ରଭୁ ଚାହିଁ ।
× × ×
ସେ ବୁଦ୍ଧ ଅବତାର ବେଳେ,
ମୁଁ ଥିବ ସ୍ୱାମୀ ଗହଣରେ ।"

ଏହିସବୁ ଗ୍ରନ୍ଥରେ ଭୀମ ଭୋଇଙ୍କୁ ଜନ୍ମାନ୍ଧ ଭାବରେ ପ୍ରତିପାଦିତ କରାଯାଇଛି । ସେ ଶ୍ରୀରାଧାଙ୍କର ରୂପାନ୍ତର; ତେଣୁ ଭକ୍ତଶ୍ରେଷ୍ଠ । ସେ ପୁଣି ଉତ୍କଳୀୟ ବୈଷ୍ଣବ ସିଦ୍ଧ-ସାଧକମାନଙ୍କ ଭଳି ପ୍ରଚ୍ଛନ୍ନ ବୌଦ୍ଧ । ବଙ୍ଗଳାର ବିଶ୍ୱକୋଷ ପ୍ରଣେତା ଶ୍ରୀ ନଗେନ୍ଦ୍ର ନାଥ ବସୁ ତାଙ୍କର " Modern Budhism and its followers in

Crissa''ନାମକ ଗ୍ରନ୍ଥରେ ଭୀମ ଭୋଇଙ୍କୁ ଜନ୍ମାନ୍ଧ ଭାବରେ ପ୍ରମାଣିତ କରିବା ସଙ୍ଗେ ସଙ୍ଗେ ତାଙ୍କୁ ବୌଦ୍ଧ ଭାବରେ ଗ୍ରହଣ କରିଅଛନ୍ତି । ସେ ଭୀମ ଭୋଇଙ୍କର "କଳି ଭାଗବତ" ଗ୍ରନ୍ଥ ଅବଲମ୍ବନରେ ତାଙ୍କର ଜୀବନୀ ପ୍ରଦାନ କରିଅଛନ୍ତି । ସେ ଭୀମ ଭୋଇଙ୍କର ପୂର୍ଣ୍ଣ ନାମ "ଭୀମସେନ ଭୋଇ ଅରକ୍ଷିତ ଦାସ" ବୋଲି ଉଲ୍ଲେଖ କରିଅଛନ୍ତି ।

## ପ୍ରାଚୀନ ଗ୍ରନ୍ଥର ଏବଂ ଅର୍ବାଚୀନ ସମାଲୋଚକଙ୍କ ମତ :

ପ୍ରାଚୀନ ଗ୍ରନ୍ଥମାନଙ୍କରେ ଭୀମ ଭୋଇଙ୍କର ପୂର୍ବ ଏବଂ ପରଜନ୍ମ ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ରହିଛି । ବିଭିନ୍ନ ଗ୍ରନ୍ଥରୁ ଦୃଷ୍ଟାନ୍ତ ଦିଆଯାଇ ଏହି ମତକୁ ବଳବତ୍ତର କରାଯାଇପାରେ । ସେହିସବୁ ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ ଭୀମ ଜାତିରେ କନ୍ଧ । ସେ ଜନ୍ମାନ୍ଧ । ଗିରିଧାରୀଙ୍କର ରୂପାନ୍ତର ଗ୍ରହଣରେ ହିଁ ଭୀମ ଭୋଇଙ୍କର ଜନ୍ମ । ସେ ପୁଣି ବୌଦ୍ଧ । ଆବାଲ୍ୟରୁ ସେ ଦରିଦ୍ର ଥିଲେ । ଅତିଶୟ ଦୁଃଖରେ କାଳାତିପାତ କରୁଥିଲେ । ମହିମାଗୋସାଇଁ ଅବଧୂତ ଗୁରୁଙ୍କଠାରୁ ଦୀକ୍ଷା ନେଇ ସେ ମହିମାଧର୍ମ ପ୍ରଚାର କଲେ । ଏହି ମତକୁ ଆପାତତଃ ବିଜୟ ଚନ୍ଦ୍ର ମଜୁମଦାର ଓ ନଗେନ୍ଦ୍ର ନାଥ ବସୁ ଗ୍ରହଣ କରିଅଛନ୍ତି । ପ୍ରାଚୀନ ଗ୍ରନ୍ଥରେ ଭୀମ ଭୋଇଙ୍କର ଜନ୍ମ ରେଢ଼ାଖୋଲରେ ହୋଇଥିଲା ବୋଲି ଉଲ୍ଲେଖ ଥିଲେହେଁ ନଗେନ୍ଦ୍ର ନାଥ ବସୁ ଯୋରନ୍ଦାରେ ହୋଇଥିଲା ବୋଲି ମତ ବ୍ୟକ୍ତ କରିଛନ୍ତି । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି କିନ୍ତୁ ପ୍ରାଚୀନ ଗ୍ରନ୍ଥ ସମୂହରେ ବିଶ୍ୱାସ କରି ଭୀମ ଭୋଇଙ୍କର ଜନ୍ମ ରେଢ଼ାଖୋଲରେ ହୋଇଥିଲା ବୋଲି ମତ ପ୍ରଦାନ କରିଛନ୍ତି । ତାଙ୍କ ମତରେ ଭୀମ ଆଜନ୍ମ ଅନ୍ଧ । ସେ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥର ମୁଖବନ୍ଧରେ ଲେଖିଛନ୍ତି ।"ଅଲେଖ ଧର୍ମର ଏହି ପ୍ରଧାନ ଗ୍ରନ୍ଥମାନ ପାଠକରି ଆମ୍ଭେ ଏହି ସିଦ୍ଧାନ୍ତରେ ଉପନୀତ ହେଉଁ ଯେ ଭୀମ ବାଲ୍ୟରୁ ଅନ୍ଧ ଥିଲେ, ମଧ୍ୟରେ ଗୁରୁ ସ୍ୱାମୀଙ୍କ ଉପସ୍ଥିତି କାଳରେ କିଛି କାଳ ନିମନ୍ତେ ଚକ୍ଷୁ ପ୍ରାପ୍ତ ହୋଇଥିଲେ ଓ ପରେ ବିଷୟ ଦର୍ଶନ ଏଡ଼ିବା ପାଇଁ ପୁନର୍ବାର ଅନ୍ଧତା ବରି ନେଇଥିଲେ ।" ପୃ ।/। ପୁନଶ୍ଚ ସେ ମତ ବ୍ୟକ୍ତ କରିଛନ୍ତି "ଭୀମ ଯେ ଆଜନ୍ମ ଚକ୍ଷୁହୀନ ତାହା ଆମ୍ଭେମାନେ ପୂର୍ବରୁ ନାନା ଗ୍ରନ୍ଥବର୍ଣ୍ଣିତ ବିବରଣୀ-ଦ୍ୱାରା ପ୍ରମାଣିତ କରିଅଛୁଁ । ବସୁ ମହାଶୟ ମଧ୍ୟ ଆମ୍ଭମାନଙ୍କ କଥା ସମର୍ଥନ କରନ୍ତି । କିନ୍ତୁ ଅଧ୍ୟାପକ ବିଜୟ ଚନ୍ଦ୍ର ମଜୁମଦାର କହନ୍ତି, ଭୀମ ଯୌବନର ପ୍ରଥମାଂଶରେ ଚକ୍ଷୁରତ୍ନ ହରାଇଥିଲେ । ସେ ଯେ କେଉଁ ପ୍ରମାଣ ବଳରେ ଏହା କହିଅଛନ୍ତି, ତାହା ତାଙ୍କୁ ହିଁ ଜଣା ।'' ପୃ । । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଭୀମ ଭୋଇଙ୍କୁ ଆଜନ୍ମ ଅନ୍ଧ ଭାବରେ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ କାହାଣୀ ଭିତ୍ତିରେ ତାଙ୍କର ମତକୁ ପ୍ରମାଣିତ କରିଅଛନ୍ତି । ସେ ପୁଣି ନଗେନ୍ଦ୍ର ନାଥ ବସୁଙ୍କର ପ୍ରଦତ୍ତ ନାମ "ଭୀମସେନ ଭୋଇ ଅରକ୍ଷିତ ଦାସ''ର ସତ୍ୟତା ଉପରେ ସନ୍ଦେହ ପ୍ରକାଶ କରିଅଛନ୍ତି ।

## ଭୀମ ପ୍ରକୃତରେ ଅନ୍ଧ ନ ଥିଲେ :

କୌଣସି ବ୍ୟକ୍ତି ସମ୍ବନ୍ଧରେ ଅଣ୍ଡାଡର ଫଦ୍ଧତା ଓ ମାନ୍ଦାକା ଉପରେ ନିର୍ଭର କରି ମତ ପ୍ରଦାନ କରିବା ଭ୍ରମାତ୍ମକ ହେବ । ତେଣୁ ଭୀମଙ୍କର କାବ୍ୟକୃତି ଆଲୋଚନା କରି ଦେଖିବାର କଥା ଯେ ସେ ପ୍ରକୃତରେ ଅନ୍ଧ ଥିଲେ କି ନାହିଁ । ଏ ସମ୍ବନ୍ଧରେ ତାଙ୍କର ଗ୍ରନ୍ଥରୁ ବହୁ ପ୍ରମାଣ ଦିଆଯାଇପାରେ । ତାଙ୍କର ଦୃଷ୍ଟି ଶକ୍ତି ଥିଲା ଏବଂ ସେ ଜଗତର ପ୍ରତ୍ୟେକ ବସ୍ତୁକୁ ଦେଖି ପାରୁଥିଲେ; ଏକଥା ସେ ନିଜେ ଉଲ୍ଲେଖ କରିଛନ୍ତି । 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥର 'ଏକବିଂଶ ବୋଲି'ରେ ସେ ଲେଖିଛନ୍ତି—

"ଗ୍ୟର ବରଷ ସମ୍ପୂର୍ଣ୍ଣ ସମୟରେ
ଦେଖୁଥିଲି କ୍ଷେତ୍ର ପାଶେ
ନିର୍ବେଦ କର୍ମେ ଯୋଗୀ ପୁରୁଷ ଗୋଟିଏ
ଭ୍ରମୁଥିଲେ ଗ୍ରାମଦେଶେ । ୭ ।
କଷା କଉପୀନ ଚଢ଼ାଇ ସେ ପୁଣି
ଦିଶୁଥାନ୍ତି ଅପ୍ରଚ୍ଛନ୍ନ
ବେନି ଭୁଜରେ ପ୍ରତକ୍ଷେ ଦେଖିଅଛୁ
ଥିଲା ଶଙ୍ଖ ଚକ୍ର ଚିହ୍ନ । ୮ ।
ଦୁଇ ଘଣ୍ଟା ଦାଣ୍ଡେ ବିଜେ କରି ସ୍ୱାମୀ
ହସ୍ତରେ ଖପରୀ ଧରି
'ଦିଅ ମାତା' 'ଦିଅ ମାତା' ବୋଲୁଥିଲେ
ଅନ୍ନ ଭିକ୍ଷା ଗୋଟା ଗ୍ୟର । ୯ ।
ତେତେବେଳେ ମୁହିଁ ପାଶେ ଠିଆ ହୋଇ
ଅଲପ ମୁଁ ଅଛୁ ଜାଣି
ଥାଳ ଘେନି ସ୍ୱାମୀ ଆପେ ମାଗୁଥିଲେ
ଦିଅ ବାବୁ ମୋତେ ପାଣି । ୧୦ ।
ସାତ ପାଞ୍ଚ ହୋଇ ମୁଖ ଚୁହାଁଚୁହିଁ
ଯନ୍ତୁ ଅମାନିଆ ହେଲେ
'ଧର୍ମ ଧର୍ମ' ବୋଲି ତେଣୁ କରି ସ୍ୱାମୀ
ସେଠାବରୁ ଚଳିଗଲେ । ୧୧ ।
× × ×
ତହିଁ ଉତ୍ତାରୁ ଦିସେ ବହିଗଲା
ହୋଇଲା ବରଷ ସାତ । ୧୪ ।
× × ×

ଗର୍ଭଧାରୀ ପିତା ଗୁଡ଼ିଗଲେ ମୋତେ
ଜନ୍ମରୁ ନଶାଖା ହୋଇ
ସୁଷ୍ଟେ ଭୋଜନ ସୁଖ ଭୋଗ ବାଞ୍ଛିଲେ
କାହିଁରୁ ପାଇବ ମୁହିଁ । ୧୭ ।
ସପ୍ତ ବରଷରୁ ଅଷ୍ଟମ ନବମ
ଦଶମ ଏଗାର ହେଲା
ବାର ବରଷରୁ ବନ୍ଧୁଙ୍କ ସଙ୍ଗତେ
ବନେ ବୁଲି ଧନ ଗଲା । ୧୮ ।

× × ×

ଏ ତଥ୍ୟମାନ ଶୁଣ ସାଧୁଜନେ
ବୋଲୁଥିବ ଅବା ବୃଥା
ମିଥ୍ୟା କହୁଥିଲେ ଶ୍ରୀଗୁରୁ ଦଣ୍ଡିବେ
ନାତ୍ୟ ସତ୍ୟବ୍ରତ କଥା । ୧୯ ।
ବନ୍ଧୁ ଗଲେ ତାର ପଛେ ଅନୁସରି
ବୁଲୁଥାଇ ସଙ୍ଗେ ସଙ୍ଗେ
କହେ ଭୀମ ଭୋଇ ପୂର୍ବ କାଳ କଥା
କମ୍ପୃଛି ହେଉଛି ଅଙ୍ଗେ ।୨୦ ।

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଭୀମ ଭୋଇ ଜନ୍ମ ବର୍ଷଠାରୁ ବାର ବର୍ଷ ପର୍ଯ୍ୟନ୍ତ ଅନ୍ଧ ନ ଥିଲେ । ସେ ମହିମା ଗୋସାଇଁଙ୍କୁ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ । ବନ ମଧ୍ୟରେ ଗାଈ ବାଛୁରୀ ଚରାଇ ଦିନ କଟାଉଥିଲେ । ପୁଣି ଡ଼କ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂକଳିତ ଭୀମ ଭୋଇ ଭଜନମାଳାର ଦ୍ୱିତୀୟ ଭାଗ ୧୧୯ ନମ୍ବର ଭଜନରେ ଉଲ୍ଲେଖ ଅଛି—

"ଷୋଳ ବରଷଠାରୁ କଲି କବିତ୍ୱ
ଏକ ରାଗକେ ବାନ୍ଧିଲି ମୁଁ ଦି ଯୋଡ଼ା ଗୀତ ।"

ଅତଏବ କବି ଭୀମ ଭୋଇଙ୍କର ଷୋଳ ବର୍ଷ ବୟସରୁ କବିତ୍ୱର ବିକାଶ ହେଲା । ବାର ବର୍ଷ ବୟସ ବେଳେ ସେ ବନଗହନରେ ବୁଲି ବୁଲି ଗାଈବାଛୁରୀ ରଖୁଥିଲେ । ଏଣୁ ଷୋଳବର୍ଷ ବୟସ ବେଳକୁ ତାଙ୍କର ଚର୍ମଚକ୍ଷୁ ଥିଲା । ତାଙ୍କ ସମ୍ବନ୍ଧରେ ଯାହା କୁହାଯାଇଛି ଯେ ସେ ଜନ୍ମାନ୍ଧ ଥିଲେ ଏବଂ ମହିମା ଗୋସାଇଁଙ୍କୁ ଦେଖି ଚକ୍ଷୁ ପ୍ରାପ୍ତ ହୋଇ ପୁଣି ଅନ୍ଧତାକୁ ବରଣ କରି ନେଇଥିଲେ ତାହା ଭ୍ରମାତ୍ମକ । ଜନ୍ମ ସମୟରେ

ସେ ଅନ୍ଧ ନ ଥିଲେ । ଭଜନମାଳାର ବିଭିନ୍ନ ଭଜନରୁ ଏହାର ଦୃଷ୍ଟାନ୍ତ ଦିଆଯାଇପାରେ । ସେ ଯେତେବେଳେ ଲେଖିଛନ୍ତି—

"ଯେତେବେଳେ ଗର୍ଭପାରୁ ପଡ଼ିଲି ମୁହିଁ
ଧରଣୀ ପର୍ଯ୍ୟନ୍ତେ ଦିଶୁଥିଲା ଏ ମସ୍ତ,
× × ×
ଚର୍ମ ନୟନେ ପଶି, କରାଇ ଅଛୁ ଭୋଗ
ସର୍ବଗୁଣରେ ଜଣିମା, ଘିଣ୍ଟି ସ୍ତ୍ରୀଙ୍କ ରୂପ ରଙ୍ଗ
କଣ୍ଠେ ଲଗାଇ ଘିଞ୍ଚୁଛୁ ଏ କାଳ ଫାଶି ।"
(ଭଜନମାଳା ପ୍ରାଚୀ-ନଂ ୧୯)

ଏବଂ ପୁଣି ସେ ଯେତେବେଳେ କହୁଛନ୍ତି—
"ଭଜ ସ୍ୱାମୀଙ୍କି, ଚର୍ମନୟନରେ ଦେଖି (ଘୋଷା)
ଶୁଷ୍କଭରୁ ପଲ୍ଲବୁଛୁ, ଫୁଟି ପୁଷ୍ପ ବାସୁଅଛୁ
ଚାହିଁଲେ ନେତ୍ରେ ଦିଶୁଛୁ ଏତେ ଅପ୍ରତେ କାହିଁକି ।"
(ଭଜନମାଳା-ପ୍ରାଚୀ-ନଂ୧୦)

—ସେତେବେଳେ ଭୀମ ଭୋଇଙ୍କୁ କପର ଅନ୍ଧ କୁହାଯିବ ? ଏସବୁ ଉକ୍ତିରୁ ପ୍ରମାଣିତ ହୁଏ ଯେ ସେ ଅନ୍ଧ ନ ଥିଲେ । ତାଙ୍କର ଚର୍ମଚକ୍ଷୁ ଥିଲା ଏବଂ ସେ ପ୍ରତ୍ୟକ୍ଷରେ ସବୁ ଦେଖି ପାରୁଥିଲେ ।

ସ୍ତୁତି ଚିନ୍ତାମଣିରୁ ମଧ୍ୟ ବହୁ ପ୍ରମାଣ ଦିଆଯାଇପାରେ ଯେ ସେ ପ୍ରକୃତରେ ଅନ୍ଧ ନ ଥିଲେ । ସେ ଅନନ୍ତ ବିଶ୍ୱବ୍ରହ୍ମାଣ୍ଡକୁ ଚର୍ମଚକ୍ଷୁରେ ଅବଲୋକନ କରିଛନ୍ତି । ପ୍ରକୃତିର ଭୀମକାନ୍ତ ଦୃଶ୍ୟକୁ ସ୍ଥୂଳ ଚକ୍ଷୁରେ ଦେଖିଛନ୍ତି । ତେଣୁ ଏସବୁ ଚିତ୍ରକୁ ସେ ଜୀବନ୍ତ ଭାବରେ ତାଙ୍କର କାବ୍ୟ କବିତାରେ ପ୍ରୟୋଗ କରିଛନ୍ତି । ତାଙ୍କର ସ୍ଥୂଳ ଚକ୍ଷୁ ଥିଲା ବୋଲି ନିମ୍ନୋକ୍ତ ପଦ୍ୟାଂଶରୁ ମଧ୍ୟ ପ୍ରମାଣିତ ହୋଇପାରେ ।

(କ) ଯେଣିକି ଚାହିଁଲେ ମହାଶୂନ୍ୟ ଶୂନ୍ୟ
ନ ଦିଶଇ ଅଖା ଶାଖା,
କେଉଁ ମଉଗବେ ବଚନ କହିବ
ହୃଦରେ ପଶୁଛୁ ଦକା । ୧୫ ।
(ସ୍ତୁତି ଚିନ୍ତାମଣି—ପଞ୍ଚବିଂଶ ବୋଲି )

(ଖ) ଚାହିଁଲା ନେତ୍ରରେ ତ୍ରୀଙ୍କ କେଣ୍ଟୁ ଅଛୁ
ଫଟିଲେ କାହାର ଯିବ । ୧୦ ।
(ଦ୍ୱିଚତ୍ୱାରିଂଶତ୍ ବୋଲି)

(ଗ) ବ୍ରଜ ନାମ ଶ୍ରୁତି ଅଗମ୍ୟେ ପଶିଲ
ନେଣେ ଗୁହୁଁ ଗୁହୁଁ ବଣା । ୫ ।
(ତ୍ରିଚତ୍ୱାରିଂଶତ୍ ବୋଲ)

(ଘ) ଯହିଁ ଅନାଇଲେ ତହିଁ ପୂରିଛନ୍ତି
କଳା ପୁରୁଷର ଥାଟ ।
(ଅଷ୍ଟଚତ୍ୱାରିଂଶତ୍ ବୋଲ)

(ଙ) ଜନଭୂମି ଦେଖିଛୁ ଆମ୍ଭେମାନେ
ବାଳୁତ ଦନ୍ତୁ ପ୍ରମାଣେ । ୧୮ ।
(ପଞ୍ଚାଶତ୍ ବୋଲ)

(ଚ) ନେତ୍ରେ ଦେଖି ଯେବେ ଖେଳରେ ପଡ଼ିଲି
ଅଜ୍ଞାନପଣରେ ମାତ
ରୂପ ଗୁଣ କାହିଁ କିଛୁ ନ ଦେଖନ୍ତି
ନେତ୍ର ଯାଉଥାନ୍ତି ଫୁଟି । ୪ ।
ଏବେ ମୁଁ ପଡ଼ିଲି ବୟସ୍ଥା ଫନ୍ଦାରେ
ଭସ୍ମ ମାଡ଼ୁଅଛି ମୋତେ
ଅନ୍ଧ ପ୍ରାୟ ମୁହିଁ ଭ୍ରମି ମରୁଅଛି
ଆତଙ୍କେ ଡାକୁଛି ତୋତେ । ୫ ।
(ଊନଷଷ୍ଟୀ ବୋଲ)

(ଛ) ଖଣାରେ ପଡ଼ି ମୁଁ କଣା ହୋଇଅଛି
କଣା ମନୁଷ୍ୟର ରୂପେ । ୫ ।
(ଷଷ୍ଟୀ ବୋଲ)

(ଜ) ରୂପଗୁଣ ବର୍ଣ୍ଣି ଜାନୁଯଉବନ
ନେତ୍ରେ ଯହା ଅଛି ଦେଖି
ଶୋଭାସୁନ୍ଦର ସୁରଙ୍ଗ ଦ୍ରବ୍ୟମାନ
ଯାହା ଦେଖି ଅଛି ଆଖି । ୧୩ ।
ବେଶ ଭୂଷଣ ବସ୍ତ୍ରସ ଦ୍ରବ୍ୟମାନ
ଭଲ ମନ୍ଦ ଆଦି ଯେତେ
କଳା ଗୋରା ରଙ୍ଗ ପିଙ୍ଗଳ ଶ୍ୟାମଳ
ଦେଖିଅଛି ନେତ୍ର ପଥେ । ୧୪ ।

× × ×

ଜନମ କାଳରୁ ଦେଖିଅଛି ରୂପ
ତହିଁର ଯେତେ ପାତକ

କୁହୁଡ଼ି — ଜାଲ — ବକଲକୁ ଫିଟାଅ
ଅଣାକାର ଅନର୍ଘ୍ୟପ । ୧୬ ।
ପ୍ରାନ୍ତରୁ ଯେସନ ଶିଶିର କୁହୁଡ଼ି
ଆକାଶରେ ଥାଇ ଘୋଟି
ଅରୁଣ ତରାସ ମଣ୍ଡଳେ ସେ ଯେହ୍ନେ
ତଡ଼ିବଗେ ଯାଏ ଫାଟି । ୧୭ ।

(ଏକସ୍ତର ବୋଲି)

ଏହିଭଳି ବହୁ ଦୃଷ୍ଟାନ୍ତ ଦିଆଯାଇପାରେ ଯାହାକି ପ୍ରମାଣିତ କରେ ଭୀମ ଭୋଇ ଅନ୍ଧ ନ ଥିଲେ । ଜଣେ ଅନ୍ଧ ଏଭଳି ବର୍ଣ୍ଣନା କରି ନ ପାରେ । ସ୍ଥୂଳ ଜଗତକୁ ପ୍ରତ୍ୟକ୍ଷରେ ଦେଖି ନ ଥିଲେ ଏଭଳି ପ୍ରକୃତି ବର୍ଣ୍ଣନା ମଧ୍ୟ ସମ୍ଭବ ନୁହେଁ । ଏହି ହେତୁ ଭୀମ ଭୋଇଙ୍କୁ ଜନ୍ମାନ୍ଧ ବୋଲି କହିବା ସମୀଚୀନ ନୁହେଁ । ତାଙ୍କର ସ୍ଥୂଳ ଦୃଷ୍ଟି ଥିଲା । ମାତ୍ର ପରବର୍ତ୍ତୀ କାଳରେ ତାଙ୍କର ଅନୁଗତ ଭକ୍ତମାନେ ତାଙ୍କୁ ଅନ୍ଧ ଭାବରେ ପ୍ରମାଣିତ କରି ତାଙ୍କର ଅଲୌକିକ ମହିମାକୁ ବୃଦ୍ଧି କରିବାପାଇଁ ଚେଷ୍ଟା କରିଥିବାର ଅନୁମାନ କରାଯାଇପାରେ ।

## ଭୀମ ଭୋଇ ଶିକ୍ଷିତ ଥିଲେ :

ଭୀମ ଭୋଇ ପାଠ ପଢ଼ି ନ ଥିଲେ ଏବଂ ତାଙ୍କର ଶାସ୍ତ୍ରଜ୍ଞାନ ନ ଥିଲା ବୋଲି କେତେକ ମଧ୍ୟ ମତ ବ୍ୟକ୍ତ କରିଥାନ୍ତି । ସେ ଅଶିକ୍ଷିତ ଓ ମୂର୍ଖ ଥାଇ ମଧ୍ୟ ଜ୍ଞାନର ବର୍ତ୍ତିକା ଜାଳି ପାରିଥିଲେ । ସେ ଜାତିରେ ଥିଲେ କନ୍ଧ । ରେଢ଼ାଖୋଲର କୌଣସି ଏକ ଦରିଦ୍ର କନ୍ଧ ପରିବାରରେ ତାଙ୍କର ଜନ୍ମ । ଭୀମ ଭୋଇ ନିଜକୁ ମଧ୍ୟ କନ୍ଧ, ଦରିଦ୍ର, ହୀନମତି, ପାମର,ଅଧମ, ଅକ୍ଷିତ, ମୂର୍ଖ, ଅପଣ୍ଡିତ ବୋଲି କେତେକ ସ୍ଥଳରେ ବର୍ଣ୍ଣନା କରିଛନ୍ତି । ମାତ୍ର ଏହାର ଅର୍ଥ ନୁହେଁ ଯେ ସେ ମୂର୍ଖ ଥିଲେ ବା ତାଙ୍କର ଶାସ୍ତ୍ରଜ୍ଞାନ ନ ଥିଲା । ଯେପରି ଜୟଦେବ, ସାରଳା ଦାସ, ବଳରାମ ଦାସ, ଦୀନକୃଷ୍ଣ ପ୍ରଭୃତି କବିମାନେ ନିଜର ଜ୍ଞାନର ଦାରିଦ୍ର୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରକୃତ ଜ୍ଞାନର ପରିଚୟ ପ୍ରଦାନ କରିଛନ୍ତି ସେହିଭଳି ଭୀମ ଭୋଇ ନିଜକୁ ମୂର୍ଖ, ଅପଣ୍ଡିତ ଭାବରେ ଅଭିହିତ କରି ମଧ୍ୟ ଜ୍ଞାନର ପରିଚୟ ଦେଇଅଛନ୍ତି । ସେ ନିଜର ଜ୍ଞାନର ଦାରିଦ୍ର୍ୟ ସମ୍ବନ୍ଧରେ ପରିଚୟ ଦେଇ ଲେଖିଛନ୍ତି—

"ସୁଜନେ ସାବଧାନେ ଶୁଣ,
ମୁଁ ଅଟେ ମୂରୁଖ ଅଜ୍ଞାନ ।

କେହି ମୋ ନାହିଁ ବଳ ସାହା,
ଶ୍ରୀଗୁରୁ ସ୍ୱାମୀ ମୋର ସାହା ।
ପାଠ ଶାହାସ୍ତ୍ର ନାହିଁ ପଢ଼ି,
ଗୋଷ୍ଠୀ ମେଳକୁ ହିଁ ନ ଗଢ଼ି ।"
(ଶ୍ରୁତିନିଷେଧ ଗୀତା—୪ର୍ଥ ଅଧ୍ୟାୟ)

ସେ ପୁଣି ଲେଖିଛନ୍ତି ଯେ ଷୋଳ ବର୍ଷ ବୟସବେଳୁ ତାଙ୍କର କବିତ୍ୱ ସୃଷ୍ଟି ହୋଇଛି । ପୂର୍ବ ଜନ୍ମର ସୁକୃତ ହେତୁ ସେ 'କବି ପଣ୍ଡିତ' ଭାବରେ ଖ୍ୟାତ ହୋଇଛନ୍ତି । ସେ ଲେଖିଛନ୍ତି –

"ପୂର୍ବ କାଳ ଘୋର ତପସ୍ୟା ପୁଣ୍ୟରୁ
ହୋଇଲି କବି ପଣ୍ଡିତ । ୧୮ ।

× × ×

( ସ୍ତୁତି—ଦ୍ୱାବିଂଶ ବୋଲି )

ସେ ନିଜକୁ ମଧ୍ୟ 'ଜବିକୁଳଗୃନ୍ଧ' ଭାବରେ ପରିଚୟ ଦେଇଛନ୍ତି । ସ୍ତୁତିଚନ୍ତାମଣିର 'ସପ୍ତଚତ୍ୱାରିଂଶତ୍' ଓ 'ଏକଶତ ବୋଲି'ରେ ଲେଖିଛନ୍ତି"ଭଣେ ଭୀମ କନ୍ଧ କବିକୁଳଗୃନ୍ଧ ଶରଣ ଗୁରୁ ପୟରେ ।" କେତେକ ଭଜନରେ ମଧ୍ୟ ସେ 'କବିକୁଳ-ଗୃନ୍ଧ' ଭାବରେ ନିଜର ପରିଚୟ ଦେଇଅଛନ୍ତି । ଏଥିରୁ ପ୍ରତୀୟମାନ ହୁଏ ଯେ ଭୀମ ମୂର୍ଖ ନ ଥିଲେ । ସେ ଶାସ୍ତ୍ରଜ୍ଞ ପଣ୍ଡିତ ବ୍ୟକ୍ତି ଥିଲେ । ନିର୍ଗୁଣ ତତ୍ତ୍ୱକୁ ସାବଲୀଳ ଭାଷାରେ ବର୍ଣ୍ଣନା କରି ସର୍ବସାଧାରଣଙ୍କର ମଙ୍ଗଳ ପାଇଁ ସେ ଗ୍ରନ୍ଥ ରଚନା କରିଥିଲେ । ସାରଳା ଦାସ ଯେପରି ନିଜକୁ ବହୁ କ୍ଷେତ୍ରରେ ହୀନ ପାମର ମୂର୍ଖ ଭାବରେ ବର୍ଣ୍ଣନା କରିଛନ୍ତି ଭୀମ ମଧ୍ୟ ସେହିପରି ନିଜକୁ ବର୍ଣ୍ଣନା କରିଛନ୍ତି । ମାତ୍ର ସେ ପ୍ରକୃତରେ ମୂର୍ଖ ନ ଥିଲେ । ତାଙ୍କର ଗ୍ରନ୍ଥମାନ ଏହାର ପ୍ରମାଣ ।

## ଭୀମ ଭୋଇଙ୍କର ନାମ ସମ୍ବନ୍ଧରେ ମତଦ୍ୱିଧା :

କବି ଭୀମ ଭୋଇଙ୍କର ନାମ ସମ୍ବନ୍ଧରେ ମଧ୍ୟ ଗବେଷକମାନଙ୍କ ମଧ୍ୟରେ ମତଦ୍ୱିଧା ଅଛି । ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କୁ ଭୀମ ଭୋଇ ଭାବରେ ଗ୍ରହଣ କରିଛନ୍ତି । ବିଜୟଚନ୍ଦ୍ର ମଜୁମଦାର ମଧ୍ୟ ତାଙ୍କୁ ଏହି ଭାବରେ ନାମିତ କରିଛନ୍ତି । ମାତ୍ର ଶ୍ରୀ ନଗେନ୍ଦ୍ରନାଥ ବସୁ ତାଙ୍କୁ "ଭୀମସେନ ଭୋଇ ଅରକ୍ଷିତ ଦାସ" ଭାବରେ ଅଭିହିତ କରିଅଛନ୍ତି । ଏଥିପାଇଁ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କୁ ସମାଲୋଚନା କରିଅଛନ୍ତି । ଡକ୍ଟର ମହାନ୍ତି ଯେପରି ଭାବରେ ଶ୍ରୀ ବସୁଙ୍କ ମତକୁ ଖଣ୍ଡନ କରିଛନ୍ତି

ତାହା ଯଥାର୍ଥ ନୁହେଁ । 'କଳି ଭାଗବତ' ମିଳୁ ନ ଥିବା ହେତୁ ତାକୁ ଏକ କିମ୍ବଦନ୍ତୀ-ମୂଳକ ଗ୍ରନ୍ଥ କହି ଅସ୍ୱୀକାର କରିବା ସମୀଚୀନ ନୁହେଁ । ପୁନଶ୍ଚ ଯେତିକ ଗ୍ରନ୍ଥ ମିଳୁଛି ସେତିକରୁ ମଧ୍ୟ ଭୀମ ଭୋଇଙ୍କର ପ୍ରକୃତ ନାମର ପରିଚୟ ମିଳିପାରେ । 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ କବି ନିଜକୁ 'ଭୀମ ଭୋଇ', 'ଭୀମକନ୍ଧ' ଭାବରେ ବର୍ଣ୍ଣନା କରିଅଛନ୍ତି । କେତେକ ସ୍ଥଳରେ ମଧ୍ୟ ସେ 'ଭୀମ ଅକ୍ଷିତ' ଲେଖିଅଛନ୍ତି । 'ନିର୍ବେଦ ସାଧନ' ଗ୍ରନ୍ଥରେ (ଶ୍ରୀ ଶାନ୍ତମାତାଙ୍କ ଦ୍ୱାରା ସଂଗୃହୀତ ଶ୍ରୀ କୃତ୍ତିଚନ୍ଦ୍ର ପ୍ରଧାନ ଓଗେରଙ୍କ ଦ୍ୱାରା ପ୍ରକାଶିତ – ୧୯୩୩ ମସିହା ଅରୁଣୋଦୟ ପ୍ରେସ ) ସେ ଲେଖିଛନ୍ତି—

"ଭଣେ ଅକ୍ଷିତ ଭୀମସେନ" । ୬୧ । (ପ୍ରଥମ ଅଧ୍ୟାୟ) ସେ ପୁଣି ଲେଖିଛନ୍ତି
—"ଗୋବିନ୍ଦ ଶୁଣି ତୋଷ ମନ
ଭଣେ ପାମର ଭୀମସେନ ।"

(୫ମ ଅଧ୍ୟାୟ)

ଏହା ବ୍ୟତୀତ ସେ ମଧ୍ୟ 'ଭୀମ ଭୋଇ', 'ଭୀମ ଅରକ୍ଷିତ' ବୋଲି ଏ ଗ୍ରନ୍ଥରେ ଲେଖିଅଛନ୍ତି । କେତେକ ଜଣାଣରେ ମଧ୍ୟ ସେ ନିଜକୁ 'ଭୀମସେନ ଭୋଇ' ଭାବରେ ବର୍ଣ୍ଣନା କରିଅଛନ୍ତି । ପ୍ରାଚୀ ସମିତି ଆନୁକୂଲ୍ୟରେ ପ୍ରକାଶିତ ଭୀମ ଭୋଇ ଭଜନମାଳାର ଦ୍ୱିତୀୟ ଭାଗ ୧୭୦, ୧୭୧, ୧୭୫, ୧୮୯, ୧୯୧, ୨୦୧ ଆଦି ଭଜନରେ 'ଭୀମସେନ ଭୋଇ' ବୋଲି ଉଲ୍ଲେଖ ଅଛି । ସେ ପୁଣି ନିଜର ପରିଚୟ ଦେଇ ଲେଖିଛନ୍ତି—

(୧୭୦) "ଭଣେ ଭୀମସେନ ଭୋଇ
ବ୍ରହ୍ମେ ଲୀନ ହେବା ପାଇଁ
ଶ୍ରୀଗୁରୁ ପାଦରେ ନେଇ ।"

(୧୭୧) "ଭଣେ ଭୀମସେନ ଭୋଇ
ପିଣ୍ଡେ ପ୍ରାଣ ଦାନ ଦେଇ
ଶ୍ରୀଗୁରୁ ପାଦ ତଳକୁ ।"

(୨୦୧) "ବୋଲେ ଭୀମସେନ ଭୋଇ ।"
ଗୁରୁ ପାଦ ବିନୁ ନାହିଁ ସାର୍ଥରେ ।

ଭଜନ ନମ୍ବର ୧୮୬ରେ ସେ ଲେଖିଛନ୍ତି "ଭଣିଲେ ଭଗତ ଭୀମ ଦାସ ଗୋ ।" ଅତଏବ ଏ ସବୁଥିରୁ ପ୍ରମାଣିତ ହୁଏ ଯେ ଭୀମ ଭୋଇଙ୍କର ନାମ "ଭୀମ ଭୋଇ, ଭୀମ ଅରକ୍ଷିତ, ଭୀମ ଦାସ, ଭୀମସେନ, ଭୀମସେନ ଭୋଇ" ଇତ୍ୟାଦି ଥିଲା । ଏହି ସମସ୍ତ ନାମକୁ ନେଇ "ଭୀମସେନ ଭୋଇ ଅରକ୍ଷିତ ଦାସ" କହିଲେ ଭୁଲ

ହେବ ନାହିଁ । ତେଣୁ ଶ୍ରୀ ନଗେନ୍ଦ୍ରନାଥ ବସୁଙ୍କର ନାମକରଣକୁ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଭୁଲ ବୋଲି ପ୍ରମାଣିତ କରିବା ଯଥାର୍ଥ ହୋଇ ନାହିଁ ।

ଭୀମ ଭୋଇ ଥିଲେ ଜାତିରେ କନ୍ଧ । ସେ ନିର୍ଗୁଣ ନିର୍ବେଦ ସାଧକ । ସେ ପ୍ରତିମା-ପୂଜାରେ ବିଶ୍ୱାସ କରନ୍ତି ନାହିଁ । ତେଣୁ ଜଗନ୍ନାଥଙ୍କ ଦାରୁମୂର୍ତ୍ତିକୁ ସେ ବୃକ୍ଷ ମନେ କରିଛନ୍ତି । ସେ ହେଉଛନ୍ତି ପ୍ରଚ୍ଛନ୍ନ ବୌଦ୍ଧ । ମାତ୍ର ବୌଦ୍ଧ ଶୂନ୍ୟତତ୍ତ୍ୱଠାରୁ ତାଙ୍କର ଶୂନ୍ୟତତ୍ତ୍ୱ ସ୍ୱତନ୍ତ୍ର । ରେଢ଼ାଖୋଲଠାରେ ୧୮୫୫ ଖ୍ରୀ:ଅ:ରେ ତାଙ୍କର ଜନ୍ମ ହୋଇଥିଲା । ୧୮୬୪ ଖ୍ରୀ. ଅ.ରେ ସେ ମହିମାଗୋସାଇଁ ଅବଧୂତ ଗୁରୁଙ୍କର ସାନ୍ନିଧ୍ୟରେ ଆସି ମହିମା ଧର୍ମ ଗ୍ରହଣ କରିଥିଲେ । ଏହି ଧର୍ମକୁ କୁମ୍ଭିପଟିଆ ଧର୍ମ କହନ୍ତି । ୧୮୨୬ ଖ୍ରୀ:ଅ:ରେ ମହିମା ଗୋସାଇଁଙ୍କର ଜନ୍ମ ହୋଇଥିଲା ବୋଲି ଅନୁମାନ କରାଯାଇଥାଏ । ଯାହାହେଉ ଭୀମ ଭୋଇ ମହିମାଗୋସାଇଁଙ୍କ ସଂସ୍ପର୍ଶରେ ଆସି ନିର୍ଗୁଣ ବ୍ରହ୍ମର ଉପାସନା କଲେ ଏବଂ କୁମ୍ଭିପଟିଆ ଧର୍ମ ପ୍ରଚାର କଲେ । ସେ ୧୮୯୫ ଖ୍ରୀ:ଅ:ରେ ଇହଧାମରୁ ବିଦାୟ ନେଇଗଲେ । ଭୀମ ଭୋଇ ଉଦାର ଧର୍ମନୀତିଜ୍ଞ । ସେ ଯଥାର୍ଥରେ ଜଣେ ଭକ୍ତ । ଭକ୍ତଭାବରେ ସେ କାନ୍ଦିଛନ୍ତି । ଅଶ୍ରୁ ବିସର୍ଜନ କରିଛନ୍ତି । ନିର୍ଗୁଣ ବ୍ରହ୍ମଙ୍କର ଉପାସନା କରିଛନ୍ତି । ଜଗତର ମଙ୍ଗଳ ପାଇଁ ଚେଷ୍ଟା କରିଛନ୍ତି; ତେଣୁ ସେ କହିଛନ୍ତି "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ପାଉ ।" ଭୀମ ଭୋଇ ଯଥାର୍ଥରେ ଓଡ଼ିଆ ଭକ୍ତି-ସାହିତ୍ୟର ଶେଷ କର୍ଣ୍ଣଧାର ଭାବରେ ଜନ୍ମ ହୋଇଥିଲେ । ତାଙ୍କର ସାହିତ୍ୟ ଆଜି ଅକ୍ଷୟ ଜ୍ୟୋତିଶୀଳ ଭାବରେ ବିଦ୍ୟମାନ ରହିଛି ।

# ଶିଶୁ-ସାହିତ୍ୟ ଓ କାନ୍ତକବି

"Child is a wonderful whirl of newness. Words are new, sounds are new, rainbows are new. So are dogs, mudpies, rubber balls and friends. Life is an endless series of wide eyed advantures, filled with a succession of curious "why's".

– Rosemary. E. Livsey—

Collier's Junior classicsର ମୁଖବନ୍ଧରେ ପ୍ରଦତ୍ତ Rosemaryଙ୍କର ଏହି ଉପରୋକ୍ତ ମତଟି ଶିଶୁମାନସର ଏକ ବାସ୍ତବ ଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଶୈଶବ ଅବସ୍ଥା ହିଁ ମନୁଷ୍ୟଜୀବନରେ ଏକ ବିସ୍ମୟୋଦ୍ଦୀପକ ଅବସ୍ଥା । ଏହି ଅବସ୍ଥାରେ ମାନବ ଶିଶୁଜଗତର ପ୍ରତ୍ୟେକ ବସ୍ତୁକୁ ନୂତନ ଭାବରେ ଦେଖେ । ତା' ନିକଟରେ ଅନ୍ଧକାର ରଜନୀରେ ନକ୍ଷତ୍ରଖଚିତ ନୀଳ ଆକାଶ ଯେପରି ନିତ୍ୟନୂତନ, ଜ୍ୟୋତ୍ସ୍ନାପ୍ଲାବିତ ରଜନୀ ମଧ୍ୟ ସେହିପରି ନୂତନ ଆଉ ଚିତ୍ତ-ଉଲ୍ଲାସକାରୀ । ବର୍ଣ୍ଣୋଜ୍ଜ୍ୱଳମୟ ଇନ୍ଦ୍ରଧନୁର ଶୋଭା ତା' ନିକଟରେ ଯେତିକି ଆକର୍ଷଣୀୟ, ସଂଧ୍ୟା ଆଉ ସକାଳର ଶାନ୍ତ ସ୍ନିଗ୍ଧ ପରିବେଶ ତା'ନିକଟରେ ସେତିକି ଆନନ୍ଦଦାୟକ । ଏହି ଅବସ୍ଥାରେ ମାନବ ଶିଶୁ ନିକଟରେ ଜଗତର ପ୍ରତ୍ୟେକ ବସ୍ତୁ ନୂତନ ଭାବରେ ଉଦ୍ଭାସିତ ହୋଇଉଠେ । ପଶୁ, ପକ୍ଷୀ—ପ୍ରତ୍ୟେକ ତାର ପ୍ରିୟ । ଫୁଲର ନର୍ତ୍ତନ, ଝରଣାର କୁଳୁକୁଳୁ ଧ୍ୱନି, ପକ୍ଷୀର କୂଜନ, ପବନର ସନ ସନ ଶବ୍ଦ,— ସବୁ ତା' ପାଖରେ ନୂଆ । ପ୍ରକୃତିର ସୌନ୍ଦର୍ଯ୍ୟରେ ସେ ଆତ୍ମବିଭୋର ହୋଇପଡ଼େ । ଜୀବନର ଜଞ୍ଜାଳ ତା'ର ମନକୁ ସ୍ପର୍ଶ କରେ ନାହିଁ । ସେ ସବୁଠି ଦେଖେ ଆନନ୍ଦ । ତା' ମନ ମଧ୍ୟରେ ଉଙ୍କିମାରେ ବହୁ ପ୍ରଶ୍ନବାଚୀ । ଗୋଟିକ ପରେ ଗୋଟିଏ ପଚାରିବସେ 'କାହିଁକି', 'କଣ' । ସେ 'କାହିଁକି'ର ସତେ ଯେପରି ସମାପ୍ତି ନାହିଁ । ତାର ମନ ଭିତରେ ସତତ ଜାଗ୍ରତ ଥାଏ ଅତୃପ୍ତ ଜିଜ୍ଞାସା । ଶିଶୁ ସେ । ଛଳ ନାହିଁ, ଛନ୍ଦ ନାହିଁ, କପଟ ନାହିଁ । ସଦା ଢଳ ଢଳ । ସଦା ସତେଜ । ତାର କଥାରେ ପୂରି ରହିଛି ଅମୃତ । ତାର ଗୀତରେ ଭରି ରହିଛି ମାଧୁର୍ଯ୍ୟ । କେଉଁଥିକି ତାର ଶୋଚନା ନାହିଁ । ସେ ଖେଳେ । ଧୂଳିଘର କରେ । କଣ୍ଢେଇ ବାହାଘର କରେ । ସେଥିରେ ସେ ପାଏ ଆନନ୍ଦ । ଧୂଳିଘର ଭାଙ୍ଗିଯାଏ । ପୁଣି ସେ ଗଢ଼େ । ସେ ବିଶ୍ୱକର୍ମା । ମଣିଷ ଜୀବନରେ ସବୁଠାରୁ ଏହି ଶୈଶବ ଅବସ୍ଥା ହିଁ ଚିରସ୍ମରଣୀୟ ଆଉ

ମଧୁର । "These are the most imperishable years of a life time." ଶୈଶବ ଅବସ୍ଥା ହିଁ ସର୍ବାଦୌ ସୁଖକର ଅବସ୍ଥା । ଏହି ଅବସ୍ଥାରେ ଜୀବନ ଯେପରି ଏକ ଆଶ୍ଚର୍ଯ୍ୟଜନକ ଖେଳଣା ଆଉ ସମଗ୍ର ପୃଥିବୀ ସତେ ଯେପରି ଏକ ନୂତନ ବସ୍ତୁ । "For these are the happy hours, The joyous childhood days, when all of life is a wonderful game and all the world is new."

ଆଜିର ଯେ ଶିଶୁ କାଲିର ସେ ନାଗରିକ । ଶିଶୁ ଉପରେ ଦେଶର ଭବିଷ୍ୟତ ନିର୍ଭର କରେ । ତେଣୁ ଶୈଶବ ଅବସ୍ଥାରୁ ଶିଶୁମାନସକୁ ଉନ୍ନତ ଓ ମାର୍ଜିତ କରିବାକୁ ହେଲେ ଶିଶୁସାହିତ୍ୟର ଏକାନ୍ତ ପ୍ରୟୋଜନ ଅଛି । ଶିଶୁର ମନ ଭିତରେ ସୃଷ୍ଟି ହୁଏ 'କାହିଁକି'ର ଅଜସ୍ର ପ୍ରଶ୍ନବାଚୀ । କୋମଳ ମନରେ ଉଙ୍କି ମାରୁଥିବା ଏହି ଜିଜ୍ଞାସାକୁ ଅବହେଳା କରିବା ଆଦୌ ଉଚିତ ନୁହେଁ । ବରଂ ତାର ପ୍ରଶ୍ନର ଉତ୍ତର ଦେବା ଉଚିତ । ଏହି ଉତ୍ତର ବୁଦ୍ଧିଦୀପ୍ତ ବା ଯୁକ୍ତିରସାଣିତ ନ ହୋଇ କୌତୁକପ୍ରଦ ହେବା ବାଞ୍ଛନୀୟ । ଏହାଦ୍ୱାରା ତାର କଳ୍ପନାଶକ୍ତି ବୃଦ୍ଧିପାଏ । ଶିଶୁ ଚାହେଁ ଆନନ୍ଦ । ସେ ଚାହେଁ ହସ । ଅଫୁରନ୍ତ ହସ । ତେଣୁ ହସେଇ ହସେଇ ଆନନ୍ଦ ଦେଇ ଶିଶୁର କୌତୁକ ଭାବ ସୃଷ୍ଟି କରି ତାର କଳ୍ପନା ଶକ୍ତିକୁ ଜାଗ୍ରତ କରାଇବା ହେଉଛି ଶିଶୁସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ । Walter de la Mare ସେଥିପାଇଁ କହିଛନ୍ତି "A child deserves only the rarest of the best." ଶିଶୁ ଭାବ ଉଦ୍ରେକକାରୀ ସର୍ବୋତ୍କୃଷ୍ଟ କୌତୁକପ୍ରଦ ଶିଶୁସାହିତ୍ୟ ହିଁ ଯଥାର୍ଥରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ । ଯେଉଁ ଶିଶୁସାହିତ୍ୟରେ ବିଶ୍ୱଜନୀନ ଓ ସାର୍ବକାଳୀନ ସତ୍ୟ କଳାତ୍ମକ ଭାବରେ ପ୍ରକାଶିତ ହୋଇଥାଏ ତାହା ହିଁ ପ୍ରକୃତ ଶିଶୁ-ସାହିତ୍ୟ ପଦବାଚ୍ୟ । ଶିଶୁ ସାହିତ୍ୟ ହିଁ ସୃଷ୍ଟିଇଦିଏ ମଣିଷ ମାନେ ହିଁ ଉତ୍ତମ । ସତେ ଯେପରି ସେ ନିଷ୍ପାପ ଦେବଶିଶୁ । ଅଳ୍ପବୟସ୍କ ପାଠକମାନଙ୍କର କଳ୍ପନାଶକ୍ତିକୁ ଜାଗ୍ରତ ଓ ବର୍ଦ୍ଧିତ କରାଏ ଏହି ସାହିତ୍ୟ । ସେମାନଙ୍କ ଓଠରେ ହସର ଜୁଆର ଖେଳାଏ । ଏହି ସାହିତ୍ୟରୁ ସେ ଜାଣେ କିପରି ସେ ତାର ପ୍ରତିବେଶୀ-ମାନଙ୍କୁ ଭଲ ପାଇବ । ଭବିଷ୍ୟତରେ କିପରି ସେ ସୁନାଗରିକ ହେବ । ଏହି ସାହିତ୍ୟ ଶିଶୁର ଚରିତ୍ର ଗଠନକରିବାରେ ସାହାଯ୍ୟ କରେ । ଏହି ବିଶ୍ୱବ୍ରହ୍ମାଣ୍ଡ ହିଁ ଅନନ୍ତ । ଏହି କାଳ ସମୁଦ୍ର ଅସୀମ ଆଉ ଅତଳ । ଏହାରି ମଧ୍ୟରେ ଘଟିଯାଉଛି କେତେ ଘଟଣା, କିଏ ମନେ ରଖୁଛି ? ମାତ୍ର ଶିଶୁସାହିତ୍ୟର ଗଳ୍ପ ସତେ ଯେପରି ଅବିସ୍ମରଣୀୟ । ଶିଶୁ ଗଳ୍ପପ୍ରିୟ । ସେ କଥା ଶୁଣିବାକୁ ଭାରି ଭଲପାଏ । ସନ୍ଧ୍ୟା-ହେଲେ ଅଜା ଆଉ ଆଈଙ୍କ ପାଖରେ ଆସର ଜମାଏ । କଥା ଶୁଣିବ । ତା'ପାଖରେ ସେ ଗଳ୍ପଗୁଡ଼ିକ ଆଦୌ ପୁରୁଣା ନୁହେଁ, ନିତ୍ୟ ନୂତନ । "ଫୁଲଗଛ କାହିଁକି ମଲୁ,

ମୋତେ ଗାଈ ଖାଇଦେଲା···କରେ ଗାଈ କାହିଁକି ଖାଇଦେଲୁ ? ମୋତେ ଗଉଡ଼-ଠୋକା ଜଗିଲା ନାହିଁ । କରେ ଠୋକା କାହିଁକି ଜଗିଲୁ ନାହିଁ ? ମୋତେ ମା ଖାଇବାକୁ ଦେଲା ନାହିଁ ? କରେ ମା କାହିଁକି ଖାଇବାକୁ ଦେଲୁ ନାହିଁ ? ପୁଅ କାନ୍ଦିଲା । କରେ ପୁଅ କାହିଁକି କାନ୍ଦିଲୁ ?' ମୋତେ ଜନ୍ଦା କାମୁଡ଼ିଦେଲା । କରେ ଜନ୍ଦା ତୁ କାହିଁକି କାମୁଡ଼ିଲୁ···ଭୂଇଁ ତଳେ ତଳେ ଥାଇ, କଅଁଳ ମାଉଁସ ଯେଉଁଠି ପାଏ ରହ୍‌କରି ଖାଇ", ବା ଅସରନ୍ତି ଗଳ୍ପ "ଚଢ଼େଇଟିଏ ଫୁର୍ କିନା ଉଡ଼ିଗଲା ··ଫେର୍ ଚଢ଼େଇଟିଏ ଫୁର୍ କିନା ଉଡ଼ିଗଲା, କଥାଟିଏ କହୁଁ, କଥାଟିଏ କହୁଁ, କିସ କଥା, ବେଙ୍ଗୁଲି କଥା···" ଆଦି ଶିଶୁ ମନରେ ଅପାର ଆନନ୍ଦ ଦିଏ । ଶିଶୁ ସାହିତ୍ୟରେ ଗଦ୍ୟ ଓ ପଦ୍ୟ ଉଭୟ ଥାଏ ମାତ୍ର ସବୁଥିରେ କାହାଣୀଧର୍ମିତା ବିଦ୍ୟମାନ । ଶିଶୁ ସାହିତ୍ୟକୁ ଆଧ୍ୟାତ୍ମିକ ଚିନ୍ତାଧାରା ବା ଦାର୍ଶନିକ ଭାବଧାରାଦ୍ୱାରା ଭାରାକ୍ରାନ୍ତ କଲେ ତାହା ଶିଶୁମାନସକୁ ସ୍ପର୍ଶ କରିପାରେ ନାହିଁ । ଶିଶୁ ସାହିତ୍ୟରେ ନୀତି ବା ଧର୍ମ ପ୍ରଚାରର ବିଶେଷ ଆବଶ୍ୟକତା ନାହିଁ । ସାହିତ୍ୟିକର ସିଦ୍ଧାନ୍ତକୁ ଏହି ସାହିତ୍ୟ ପ୍ରତି ପ୍ରୟୋଗ କରିବା ଉଚିତ ନୁହେଁ । ସ୍ୱତଃସ୍ଫୂର୍ତ୍ତିଭାବରେ ଏହି ସାହିତ୍ୟ ଶିଶୁର କଳ୍ପନା ଶକ୍ତିକୁ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ଶିଶୁର ଚରିତ୍ର ଗଠନ କରାଇବାରେ ସାହାଯ୍ୟ କରେ ।

ସମଗ୍ର ବିଶ୍ୱରେ ଭବିଷ୍ୟତ ନାଗରିକ ଶିଶୁମାନଙ୍କର ବିକାଶ ପାଇଁ ବହୁ ଶିଶୁ-ସାହିତ୍ୟ ରଚନା କରାଯାଇଛି । ଏହି ଶିଶୁ ସାହିତ୍ୟ ଯେ ଆଜି ଲେଖାହେଉଛି ତାହା ନୁହେଁ । ପ୍ରାଚୀନ କାଳରେ ମଧ୍ୟ ଏହାର ପ୍ରଚଳନ ଥିଲା । ମାତ୍ର ସେଗୁଡ଼ିକ ବିଶେଷ ଭାବେର ଶିଶୁ ଉପଯୋଗୀ ନୁହେଁ । ଧର୍ମଭିତ୍ତିକ ଚିନ୍ତାଧାରାକୁ ନେଇ ସେଗୁଡ଼ିକ ରଚିତ । ଓଡ଼ିଆ ସାହିତ୍ୟରେ ଶିଶୁସାହିତ୍ୟ ପୁଷ୍କଳ ନୁହେଁ । ଭକ୍ତକବି ମଧୁସୂଦନ ରାଓ ଓ ବ୍ୟାସକବି ଫକୀରମୋହନ ସେନାପତି ପ୍ରଥମେ ଶିଶୁସାହିତ୍ୟ ସୃଷ୍ଟି କରି ଶିଶୁମାନଙ୍କର କଳ୍ପନାଶକ୍ତିକୁ ଜାଗ୍ରତ କରାଇବାର ଚେଷ୍ଟା କରିଥିଲେ । ମାତ୍ର ସେମାନଙ୍କର ଏହି ଶ୍ରେଣୀୟ ସାହିତ୍ୟ ବିଶେଷ ଭାବରେ ବୁଦ୍ଧିଦୀପ୍ତ ଓ ଯୁକ୍ତି-ରସାଣିତ । ସେଗୁଡ଼ିକ ବିଶେଷଭାବରେ ମାନବିକ ଅବବୋଧ ଓ ଆଧ୍ୟାତ୍ମିକ ଚିନ୍ତାଧାରାରେ ଭାରାକ୍ରାନ୍ତ । ତେଣୁ ଶିଶୁମାନସକୁ ତାହା ଗଭୀର ଭାବରେ ସ୍ପର୍ଶ କରିପାରେ ନାହିଁ । ଶିଶୁସାହିତ୍ୟରେ ନୀତି ବା ଧର୍ମପ୍ରଚାରର ଆବଶ୍ୟକତା ନାହିଁ । ଶିଶୁର କଳ୍ପନାଶକ୍ତିକୁ ବୃଦ୍ଧି କରିବା ହିଁ ଏହି ସାହିତ୍ୟର ଏକାନ୍ତ ଧର୍ମ । ସାହିତ୍ୟିକର ସିଦ୍ଧାନ୍ତକୁ ଜବରଦସ୍ତ ଶିଶୁର କୋମଳ ମନରେ ଚାପିଦେବା ଉଚିତ ନୁହେଁ । ଏହି ସବୁ ଦୃଷ୍ଟିରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଶିଶୁ ଉପଯୋଗୀ ଗଳ୍ପ ଓ କବିତା ଯଥାର୍ଥରେ ସାର୍ଥକ ଶିଶୁସାହିତ୍ୟ ପଦବାଚ୍ୟ । ଏଥିରେ ସବୁବେଳେ

ମାତବାଗୀଶର ମନୋଭାବ ନାହିଁ । ଶିଶୁର କୌତୁକ ଓ କଳ୍ପନାଶକ୍ତି ଜାଗ୍ରତ କରିବା ପାଇଁ ଏହି ସାହିତ୍ୟରେ ଅଛି ମନୋଜ୍ଞ କୌଶଳ ।

କାନ୍ତକବି ଜଣେ ପ୍ରତିଭାଶାଳୀ କବି । ବିମଳ ହାସ୍ୟରସ ସୃଷ୍ଟି କରିବାରେ ସେ ଯେପରି ସିଦ୍ଧହସ୍ତ ବୁଦ୍ଧିଦୀପ୍ତ ଦାର୍ଶନିକ ଭାବସମ୍ବଳିତ ହୃଦସ୍ପର୍ଶୀ କାବ୍ୟକବିତା ଲେଖିବାରେ ସେହିପରି ସେ ଜଣେ ସାର୍ଥକ କଳାକାର । "ପ୍ରତିଭା ସ୍ଥଳବିଶେଷରେ ଆବଦ୍ଧହୋଇ ରହିପାରେ ନାହିଁ, ପୁଷ୍ପର ସୌରଭ ପରି ଏହା ବ୍ୟାପ୍ତିଶୀଳ" । ତେଣୁ କାନ୍ତକବି ସାହିତ୍ୟର ଯେକୌଣସି ବିଭାଗରେ ହାତ ଦେଇଛନ୍ତି ସେଥିରେ ସେ ସଫଳତା ଅର୍ଜନ କରିଛନ୍ତି । "ହାସ୍ୟରସର ସେ ଏକ ଅଫୁରନ୍ତ ଉତ୍ସ ଥିଲେ ।" "ସେ ଅନ୍ୟମାନଙ୍କୁ ଯେପରି ବ୍ୟଙ୍ଗ ବିଦ୍ରୂପ କରୁଥିଲେ ଅନ୍ୟମାନଙ୍କର ବ୍ୟଙ୍ଗ ବିଦ୍ରୂପକୁ ସେହିପରି ହସି ହସି ସହୁଥିଲେ । ରଙ୍ଗରସ ଗ୍ରହଣ ତଥା ବିତରଣରେ ସେ ଅତ୍ୟନ୍ତ ପଟୁ ଥିଲେ । ସେଥିପାଇଁ ତାଙ୍କ କାବ୍ୟ, କବିତା, ନାଟକ, କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଇତ୍ୟାଦିକୁ ପାଠକରି ପାଠକ ନ ହସି ରହିପାରେ ନାହିଁ, କିନ୍ତୁ ଏହି ହସ ମାଧ୍ୟମରେ ହିଁ ସେ ଏକ ସାର୍ବଜନୀନ ମାନବିକ ସତ୍ୟକୁ ପ୍ରତିପାଦନ କରିଥାନ୍ତି, ଏହା ହିଁ ତାଙ୍କର ବୈଶିଷ୍ଟ୍ୟ ।"

କାନ୍ତକବି ଲକ୍ଷ୍ମୀକାନ୍ତ ଓଡ଼ିଆ ଶିଶୁସାହିତ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୯୨୪ ମସିହାରୁ ନିରବଚ୍ଛିନ୍ନ ଭାବରେ ସାଧନା ଆରମ୍ଭ କରିଥିଲେ । ସରଳ କୋମଳମତି ବାଳକବାଳିକାମାନଙ୍କ ଜୀବନକୁ ସୁନ୍ଦରତର ଗଢ଼ିବା ପାଇଁ ତାଙ୍କ ଶିଶୁସାହିତ୍ୟରେ ଅନ୍ତେ ଯେପରି ପ୍ରଚ୍ଛନ୍ନ ପ୍ରେରଣା ରହିଛି । ତତ୍କାଳୀନ ବାଲେଶ୍ୱର ଜିଲା କଲେକ୍ଟରଙ୍କ ପତ୍ନୀ ଶ୍ରୀମତୀ ଜନ୍‌ଷ୍ଟନ୍‌ଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ସେ ଉତ୍କଳର ବାଳକବାଳିକାମାନଙ୍କ ପାଇଁ 'କୁମାରୀ' ନାମକ କବିତା ପୁସ୍ତକ ୧୯୨୪ ମସିହାରେ ପ୍ରକାଶ କଲେ । ଏହି ଗୀତମାନଙ୍କରେ ବାଳିକାମାନଙ୍କର ଭବିଷ୍ୟତ ଗାର୍ହସ୍ଥ୍ୟ ଜୀବନର ଉପଯୋଗୀ ନୀତିକଥା, ଆଗ୍ନିର ବ୍ୟବହାର, ସ୍ୱାସ୍ଥ୍ୟରକ୍ଷା ଓ ଶିଶୁପାଳନ ପ୍ରଭୃତି ବିଷୟରେ କେତେଗୁଡ଼ିଏ ଉପଦେଶ ସେମାନଙ୍କ ବୋଧଗମ୍ୟ ଭାଷାରେ, ଚିତ୍ତାକର୍ଷକ ଭାବରେ ସନ୍ନିବିଷ୍ଟ କରିବାକୁ କବି ଚେଷ୍ଟା କରିଛନ୍ତି । କବି ଏହି ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି – 'ଦର୍ଶନେନ୍ଦ୍ରିୟର ଉପଯୁକ୍ତ ବ୍ୟବହାର ଓ ପରିଚାଳନାଦ୍ୱାରା ପିଲାମାନଙ୍କର ହୃଦୟରେ ସୌନ୍ଦର୍ଯ୍ୟାନୁଭୂତି ଏବଂ ଶରୀର ଓ ମନର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ନିମନ୍ତେ ଏଥିରେ ପ୍ରକୃତିପାଠ ଓ ସ୍ୱଭାବବର୍ଣ୍ଣନ ଆଦି ସ୍ଥାନେ ସ୍ଥାନେ ସହଜ ଭାବରେ ଦିଆହୋଇଛି ଏବଂ ଉଚ୍ଚ ଆଦର୍ଶର ଚିତ୍ରମାନ ପ୍ରଚ୍ଛନ୍ନ ଭାବରେ ଉପସ୍ଥାପିତ କରାଯାଇଛି ।" ଏହି କବିତାସମୂହରେ ଭକ୍ତକବି ମଧୁସୂଦନଙ୍କର ଶିଶୁ କବିତାର ଆଧ୍ୟାତ୍ମିକ ଭାବର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳେ । ଭକ୍ତକବି

ଯେପରି ଶିଶୁର କୋମଳ ମନରେ ଭକ୍ତିଭାବ ସୃଷ୍ଟି କରିବାପାଇଁ କବିତା ରଚନା କରିଛନ୍ତି କାନ୍ତକବି ମଧ୍ଯ ତଦ୍ରୂପ ଏହି କବିତା ସମୂହରେ ପ୍ରକାଶ କରିଛନ୍ତି । ଶିଶୁ ମନରେ ଜଗତ୍‌ପ୍ରତି କୌଣସି ଖରାପ ଭାବ ବା ଉଦାସୀନ ଭାବ ସୃଷ୍ଟି ନ କରାଇ କମନୀୟ ଭାବ ସୃଷ୍ଟି କରାଇବାକୁ କବି ଲକ୍ଷ୍ମୀକାନ୍ତ ମଧୁସୂଦନଙ୍କ ପରି "ଈଶ୍ୱରଙ୍କ ଗୀତ" କବିତାରେ ଚେଷ୍ଟା କରିଛନ୍ତି । ଫୁଲପରି କୋମଳପ୍ରାଣ ଶିଶୁ । ତେଣୁ ଉପଦେଶ ଛଳରେ ତାକୁ କର୍ତ୍ତବ୍ୟପରାୟଣ ହେବାକୁ 'ଫୁଲଗୀତ'ରେ କୁହାଯାଇଛି । 'ଭୂଗୋଳ ଗୀତ,' 'ଗଛଗୀତ' ଇତ୍ୟାଦିରେ ଶିଶୁର ଭୂଗୋଳଜ୍ଞାନ ବୃଦ୍ଧି ଓ ଉଦ୍ଭିଦ ଜଗତ ସମ୍ବନ୍ଧରେ କିଂଚିତ୍ ଜାଣିବା ପାଇଁ କବି ବର୍ଣ୍ଣନା କରିଛନ୍ତି । 'ଚଢ଼େଇ ଗୀତ'ରେ ବିଭିନ୍ନ ପକ୍ଷୀ ସମ୍ବନ୍ଧରେ ଓ 'ବାରମାସୀ ଗୀତ'ରେ ବିଭିନ୍ନ ମାସ ସମ୍ବନ୍ଧରେ ସୂଚନା ଦିଆଯାଇଛି । ଶିଶୁର ସୌନ୍ଦର୍ଯ୍ୟଜ୍ଞାନର ବିକାଶ ପାଇଁ କବି ଏହି ପୁସ୍ତକରେ "ପ୍ରକୃତି ଶୋଭା ଗୀତ" ମାଧ୍ୟମରେ ଚେଷ୍ଟା କରିଛନ୍ତି । ସୂର୍ଯ୍ୟ, ଚନ୍ଦ୍ର ଓ ତାରା, ଇନ୍ଦ୍ରଧନୁ, ନଦୀ, ଫୁଲ ଓ ପ୍ରଜାପତି, ଆକାଶ ଓ ମେଘ, ସରୋବର ଓ କଇଁଫୁଲ, ପର୍ବତ ଓ ମେଘ, ସମୁଦ୍ର ଆଦି କବିତାଗୁଡ଼ିକ ଶିଶୁର କୌତୁକ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପ୍ରକୃତିର ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଶିଶୁର ଜ୍ଞାନ ବୃଦ୍ଧି କରାଇବାରେ ସାହାଯ୍ୟକରେ । "ପିଲାଙ୍କ ଧର୍ମ ସଙ୍ଗୀତ ଓ ପ୍ରାର୍ଥନା" କବିଙ୍କର ଅନ୍ୟ ଏକ ସାର୍ଥକ ଶିଶୁକବିତା ସଂକଳନ । ୧୯୩୦ମସିହାରେ ଏହା ପ୍ରଥମେ ପୁସ୍ତକ ଆକାରରେ ପ୍ରକାଶିତ ହୁଏ । କବି ନିଜେ ଏହି ବହିର ମୁଖବନ୍ଧରେ ନିବେଦନ କରି ଲେଖିଛନ୍ତି "ଭବିଷ୍ୟତ ଜାତିର ଅଙ୍କୁର, ଆମ ପିଲାଙ୍କ ପାଇଁ ସହଜ ଭାଷା ଓ ସରଳ ଭାବରେ ସାଂପ୍ରଦାୟିକତା ନ ରଖି, ସାର୍ବଜନୀନ ପରମେଶ୍ୱରଙ୍କର କେତେଗୁଡ଼ିଏ ସ୍ତବ ଓ ପ୍ରାର୍ଥନା କ୍ଷୁଦ୍ର ପୁସ୍ତକରେ ସନ୍ନିବେଶିତ ହୋଇଛି ।" ସେ କାମନା କରିଛନ୍ତି—'ଏଗୁଡ଼ିକ କୋମଳ ପିଲାଙ୍କ ଚିତ୍ତରେ ଧର୍ମଭାବ ଜାଗ୍ରତ କରାଇ ଗୁରୁଜନମାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା, ଭକ୍ତି ଓ ଭଗବାନଙ୍କ ପ୍ରତି ପ୍ରେମ ବିଶ୍ୱାସ ଆକର୍ଷଣ କରିବାରେ କିଂଚିତ୍ ସହାୟତା କରିପାରିଲେ ଆଶା ଓ ଶ୍ରମ ସଫଳ ହେବ ।" ଭକ୍ତକବି ମଧୁସୂଦନଙ୍କର ସାର୍ବଜନୀନ ମଙ୍ଗଳମୟ ପରମେଶ୍ୱରଙ୍କ ବନ୍ଦନା ମଧ୍ୟ କାନ୍ତକବିଙ୍କର ଏହି ଧର୍ମ ସଂଗୀତରେ ପ୍ରତିଫଳିତ । ମାତ୍ର କାନ୍ତକବିଙ୍କ ଭାଷା ଭକ୍ତକବିଙ୍କ ଭାଷା ଅପେକ୍ଷା ଖୁବ୍ ସରଳ ଓ ସହଜ । ପ୍ରତ୍ୟେକ ଶିଶୁକୁ ବାଲ୍ୟାବସ୍ଥାରେ ଧର୍ମଭାବାପନ୍ନ କରାଇ ଗଢ଼ିଲେ ଭବିଷ୍ୟତରେ ସେ ପବିତ୍ର ଉଦାର ହୃଦୟବାନ୍ ହୁଏ ଓ ନିଜର ତଥା ଦେଶର କଲ୍ୟାଣ ପାଇଁ ଆତ୍ମୋତ୍ସର୍ଗ କରେ । ଧର୍ମଭାବ ମଣିଷକୁ ପବିତ୍ର କରେ, ସାଂପ୍ରଦାୟିକତାର ଊର୍ଦ୍ଧ୍ୱକୁ ନେଇଯାଏ । ବିଶ୍ୱମାନବିକତାର ଭାବରେ ଉଦବୁଦ୍ଧ କରାଏ । ଗୁରୁବନ୍ଦନା, ମାତାପିତା ବନ୍ଦନା ଓ ପ୍ରଭାତ ଏବଂ ସଂଧ୍ୟା ପ୍ରାର୍ଥନା ଇତ୍ୟାଦିରେ କବି ପିଲାମାନଙ୍କୁ ଧର୍ମଭାବାପନ୍ନ ହେବାକୁ ଉପଦେଶ ଦେଇଛନ୍ତି ଓ ଗୁରୁଜନମାନଙ୍କୁ ଭକ୍ତି କରିବା ପାଇଁ ପ୍ରେରଣା ଦେଇଛନ୍ତି ।

'ସ୍ତବ' ପର୍ଯ୍ୟାୟସ୍ଥ କବିତାସମୂହରେ କବି ପ୍ରେମମୟ ମଙ୍ଗଳମୟ ତଥା ଆନନ୍ଦମୟ ଭଗବାନଙ୍କର ସର୍ବବ୍ୟାପକତା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ୧୯୩୫ ମସିହାରେ ପ୍ରକାଶିତ 'ସୁନାପୁଅ' କବିତା ପୁସ୍ତକରେ କାନ୍ତକବି ଶିଶୁର କୋମଳ ମାନସର ବିକାଶ ପାଇଁ ୭୭ଟି ଉପଦେଶ କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି । ଚାଣକ୍ୟ ତାଙ୍କର ଶ୍ଳୋକ ମାଧ୍ୟମରେ ବିଭିନ୍ନ ଉପଦେଶ ଦେଲାଭଳି କବି ଲକ୍ଷ୍ମୀକାନ୍ତ ଅନୁରୂପ ଏହି କବିତାମାନଙ୍କରେ ବିଭିନ୍ନ ଉପଦେଶ ଶିଶୁ ହୃଦୟସ୍ପର୍ଶୀ ଭାଷା-ବିନ୍ୟାସରେ ପ୍ରକାଶ କରିଛନ୍ତି । ଏହି ଉପଦେଶାତ୍ମକ କବିତାପୁଞ୍ଜରେ ଧର୍ମଭାବର ସଂକୀର୍ଣ୍ଣତା ନାହିଁ କିମ୍ବା ସ୍ୱାର୍ଥାନ୍ଧତାର ସୂଚନା ମଧ୍ୟ ନାହିଁ । ବର୍ତ୍ତମାନବିକତାର ଫଲ୍‌ଗୁ ସତେ ଯେପରି ଏହି କବିତାର ଅନ୍ତଃସ୍ଥଳରେ ପ୍ରବାହିତ । "ପିଲାଙ୍କୁ ହସାଇ ଖେଳାଇ ରଂଜାଇ ଶିକ୍ଷା ଦେବାଲାଗି ରଙ୍ଗରଙ୍ଗିଆ ଛବି ଓ କୌତୁକିଆ ଗୀତରେ ଭରା 'ଚଢ଼ଇଆଖାନା' କବିଙ୍କର ଆଉ ଏକ ଅନବଦ୍ୟ ସୃଷ୍ଟି ।" ଶିଶୁ କୌତୁକପ୍ରିୟ । ହାତୀ, ଘୋଡା, କାଉ, କୋଇଲି, କୁକୁର, ବିଲେଇ ଇତ୍ୟାଦିକୁ ଦେଖିଲେ ତାର କୌତୁକ ବୃଦ୍ଧି ପାଏ । ସେ ଆନନ୍ଦରେ ନାଚି ନାଚି ଖେଳେ । ବିଶ୍ୱସାହିତ୍ୟରେ ଶିଶୁମାନସର ବିକାଶ ପାଇଁ ପଶୁପକ୍ଷୀଙ୍କୁ ନେଇ ବିଭିନ୍ନ ଶିଶୁସାହିତ୍ୟ ରଚନା କରାଯାଇଛି । ପଶୁପକ୍ଷୀ ଶିଶୁର ସତେ ଯେପରି ଆପଣାର । ବାଘମାମୁଁ, ବିଲୁଆ ନନା, କୋଇଲିନାନୀ, ପୁଷି ବିଲେଇ, ବେଙ୍ଗଭାଇ—ସବୁ ଯେପରି ତାର ଅତି ଆପଣାର ପରିଚିତ ସାଥୀ । ଯେଉଁମାନେ ବଡ଼ ମଣିଷମାନଙ୍କ ନିକଟରେ ଭୟ ଆଉ ଘୃଣାର ବସ୍ତୁ ଶିଶୁ ପାଖରେ ସେମାନେ ଅତି ପ୍ରିୟ । "ବିଲୁଆ ନନା, ବିଲୁଆ ନନା, ଘର ପୋଡ଼ିଗଲା ପଳକୁ ଅନା ।" "ବେଙ୍ଗ ମୁଣ୍ଡରେ ସିନ୍ଦୂର, ତାଳପକା ଇନ୍ଦୁର", "ଚୁଡ଼ିକୁ ମୁଡ଼ି, ଚୁଡ଼ିକୁ ମୁଡ଼ି, ଧାନ ଭରନ୍ତନି ଖାଉଥା ବସି", "ବାଘମାମୁଁ କହି କହୁଯାଉଛି, ଗୁଡ଼ାଇଲ ଦଂଶ ରଖିଥା", "ଆ' ଜହ୍ନମାମୁଁ ସରଗଶଶି", "ଝୁଲରେ ହାତୀ ଝୁଲ୍, କଆଁକନ୍ଦା ଖାଇ ଫୁଲ୍"—ଇତ୍ୟାଦି ଏବେ ବି 'ଶିଶୁ' ମନକୁ ଉତ୍‌ଫୁଲ୍ଲ କରେ । ପଦ୍ୟ ଓ ଗଦ୍ୟରେ ଶିଶୁସୁଲଭ ଭାଷା ମାଧ୍ୟମରେ ଏହା ରଚିତ ହୋଇଥାଏ । ଶିଶୁ ପୁଣି ପଶୁପକ୍ଷୀଙ୍କର କଣ୍ଢେଇକୁ ଭଲପାଏ । ମଧୁସୂଦନଙ୍କର ବର୍ଣ୍ଣବୋଧରେ ପଶୁପକ୍ଷୀଙ୍କୁ ନେଇ କେତୋଟି ଶିଶୁ ଉପଯୋଗୀ କବିତା ସନ୍ନିବେଶିତ ହୋଇଛି । ଫକୀରମୋହନଙ୍କର କୋଇଲି ନାନୀ, ବେଙ୍ଗଭାଇ କବିତା ମଧ୍ୟ ଏହି ଶ୍ରେଣୀର । ନନ୍ଦ-କିଶୋର ବଳ ମଧ୍ୟ ଏହିପରି କେତେକ କବିତା ଲେଖିଛନ୍ତି । ମାତ୍ର କାନ୍ତକବି ବିଭିନ୍ନ ଛନ୍ଦ ମାଧ୍ୟମରେ ଓ ସାବଲୀଳ ସହଜ ଭାଷାବିନ୍ୟାସରେ 'ଚଢ଼ଇଆଖାନା' କବିତା ପୁସ୍ତିକାଟି ଲେଖି ତାଙ୍କର ଶିଶୁସାହିତ୍ୟିକ-ପ୍ରତିଭାର ଉତ୍କର୍ଷ ପ୍ରତିପାଦନ କରିଛନ୍ତି ।

କାନ୍ତକବି କେବଳ ଶିଶୁକବିତା ରଚନା କରି ନାହାନ୍ତି । ଶିଶୁ କାହାଣୀ ପ୍ରିୟ । ତେଣୁ ସେ ମଧ୍ୟ 'ପିଲାଙ୍କ କଥା' ନାମକ ଏକ କାହାଣୀଧର୍ମୀ ପୁସ୍ତକ ରଚନା

କରିଛନ୍ତି । ଏହା ୧୯୩୦ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ହୁଏ । ଭାରତର ପୁରାଣପୃଷ୍ଠାରୁ ବହୁ ଚରିତ୍ରକୁ ଆଣି ସହଜ ସରଳ ଭାଷାରେ କାହାଣୀ ଭଳି ବର୍ଣ୍ଣନା କରି କାନ୍ତକବି ଏହି ପୁସ୍ତକରେ ସନ୍ନିବେଶିତ କରିଛନ୍ତି । କବି ନିଜେ ଲେଖିଛନ୍ତି— "ପିଲାମାନେ ସାଧାରଣତଃ ଅନୁକରଣପ୍ରିୟ । ସେମାନଙ୍କ ପକ୍ଷରେ ଜ୍ୱଳନ୍ତ ଆଦର୍ଶକୁ ଅନୁକରଣ କରିବା ଯେପରି ସହଜ, ସ୍ୱାଭାବିକ ଓ ଆନନ୍ଦକର; ନୀରସ, କଠୋର, ଉପଦେଶ ତଦ୍ରୂପ ବିରକ୍ତିଜନକ । ସେଥିପାଇଁ ଭବିଷ୍ୟତ ଜାତି ଓ ସମାଜର ମୂଳ ବୀଜ ଆମ ପିଲାଙ୍କ ଆଖି ଆଗରେ ତାଙ୍କରି ଭଳି କେତେଗୁଡ଼ିଏ ଆଦର୍ଶଚରିତ ପିଲାଙ୍କର ଜୀବନ କାହାଣୀ ସହଜ ଭାଷା ଓ ସରଳ ଗଳ୍ପଗୁଚ୍ଛ ଛଳରେ ଉପସ୍ଥାପିତ କରିବାକୁ ମୁଁ ଚେଷ୍ଟା କରିଛି ।" ଆମେ ଆଜି ପାଶ୍ଚାତ୍ୟ ଶିକ୍ଷାରେ ପ୍ରଭାବିତ ହୋଇ ଆମର ଐତିହ୍ୟ, ଆମର ପରମ୍ପରା ଭୁଲି ଯାଉଛୁ । ଆମର କିଛି ନାହିଁ ବୋଲି ଚିତ୍କାର କରୁଛୁ । ଆମର ଜେଜେବାପାଙ୍କ ନାମ ପଚାରିଲେ କହିପାରୁ ନା, ମାତ୍ର ହେନେରୀ ଅଷ୍ଟମଙ୍କର କିମ୍ବା ସେକ୍ସପିଅରଙ୍କର ପିତାମାତା ଏପରିକି ତାଙ୍କର ବିବାହ ତାରିଖ ମଧ୍ୟ ସଙ୍ଗେ ସଙ୍ଗେ କହିଦେଉ । ଚଳଚ୍ଚିତ୍ରର ନାୟକନାୟିକାଙ୍କ ନାମକୁ ମୁଖସ୍ଥ କରିବାକୁ ପ୍ରତିଯୋଗିତା କରୁ । ସେଥିପାଇଁ କବି ଏକଲବ୍ୟ, ଆସ୍ତିକ, ଜଟିଳ, ଧ୍ରୁବ, ଉପମନ୍ୟୁ ଓ ଆରୁଣି, ଲବ ଓ କୁଶ, ପ୍ରହ୍ଲାଦ, ଚନ୍ଦ୍ରହାସ, ରୋହିତ, ବୃଷକେତୁ ଆଦି ବିଭିନ୍ନ ଚରିତକୁ ଅତି ଜୀବନ୍ତ ଭାବରେ ବର୍ଣ୍ଣନା କରି ଶିଶୁ ହୃଦୟରେ ନୂତନ ଜାଗରଣ ଭାବ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି । ଏହି ଗଳ୍ପମାନଙ୍କରେ ଗୁରୁଭକ୍ତି, ଧର୍ମଭାବ, ନୈତିକତା, ବିଶ୍ୱମାନବିକତା, ସଙ୍କୀର୍ଣ୍ଣ ଧର୍ମଭାବହୀନତା ଇତ୍ୟାଦି ବର୍ଣ୍ଣନା କରାଯାଇଛି । ଶିଶୁ ଚରିତ୍ର ଗଠନ ଦିଗରେ ଏହି ଗଳ୍ପଗୁଡ଼ିକ ଯେ ଏକାନ୍ତ ସହାୟକ, ଏଥିରେ ସନ୍ଦେହ ନାହିଁ ।

ଏତଦ୍‌ବ୍ୟତୀତ ଲକ୍ଷ୍ମୀକାନ୍ତଙ୍କର ଆଉ କେତୋଟି ଶିଶୁ ଉପଯୋଗୀ କବିତା ଅଛି । ଏହି କବିତାସମୂହରେ କବି ଅଜା, ଆଈ, ନାତି, ନାତୁଣୀ ପ୍ରସଙ୍ଗକୁ ନେଇ ହାସ୍ୟରସ ସୃଷ୍ଟି କରିଛନ୍ତି । 'ବୁଢାବୁଢ଼ୀଙ୍କ ପାଠପଢା' । 'ଅଜା ଆଈଙ୍କ ଘୁଆଙ୍ଗ', 'ଅଜା ଆଈ ବାହାଘର', 'ଅଜା ଆଈଙ୍କର ସହରଯାତ୍ରା', 'ଅଜାଙ୍କ ଏ. ଆର. ପି.' ଇତ୍ୟାଦି କବିତାଗୁଡିକ କାନ୍ତକବିଙ୍କ ଶିଶୁ ସାହିତ୍ୟିକ ପ୍ରତିଭାର ଅନ୍ୟ ଏକ ଦିଗ ସୂଚାଇ-ଦିଏ ।

ଛୋଟ ପିଲାଙ୍କ ନିକଟରେ ବୁଢ଼ା ଆଉ ବୁଢୀ ସତେ ଯେପରି ଖେଳଣା । ସେମାନଙ୍କର ପାଖରେ ପିଲାମାନେ ବସନ୍ତି, ଗପ କରନ୍ତି, ଖେଳନ୍ତି । ସେମାନଙ୍କୁ ଥଟ୍ଟା ତାମସା ମଧ୍ୟ କରନ୍ତି । ବିଶେଷକରି ଅଜା ଆଉ ଆଈଙ୍କ ନିକଟରେ ପିଲାମାନେ ବେଶି ଖୁସି ହୁଅନ୍ତି । କାନ୍ତକବି ପିଲାମାନଙ୍କର ଏହି ମନସ୍ତାତ୍ତ୍ୱିକ ଭାବକୁ ଏହି

କବିତାସମୂହରେ ପ୍ରକାଶ କରିଛନ୍ତି । ବୁଢ଼ାବୁଢ଼ୀଙ୍କ ପାଠପଢ଼ା କବିତାଟି ସ୍ୱତଃ ହାସ୍ୟ ସୃଷ୍ଟି କରେ । ଏଥିରେ ହାସ୍ୟରସ ଅଛି ମାତ୍ର ଏହା ଶିଶୁସୁଲଭ ହାସ୍ୟ ରସରେ ପରିପୂର୍ଣ୍ଣ । ବୁଢ଼ାର ଉକ୍ତି ଏ କ୍ଷେତ୍ରରେ ହାସ୍ୟୋଦ୍ଦୀପକ—

"ହାତକଟା ଜାମା ପିନ୍ଧିଦେଇ ଖଣ୍ଡେ
 ପାକେଟିରେ ଝରି କଲମ ଧରି,
ଗାଁ ଦାଣ୍ଡେ ଯେବେ ଯାଉଥିବି ଚାଲି
 ଚାହିଁଥିବେ ସବୁ ଭେଲିକା ପରି ।

ସେମିଜ ଉପରେ ଶାଢ଼ୀ ପିନ୍ଧିଦେଇ
 ଚାଲୁଥିବୁ ଯେବେ ଖେମଟା ଚାଲି
କଉଁ ଟୋକା ବୋପା ଫେରି ନ ଚାହିଁବ
 କିଏ ସେ କହିବ ବୁଢ଼ୀଟା ବୋଲି ।"

ଏହି କବିତାରେ ହାସ୍ୟରସ ଅଛି; ଆଧୁନିକ ସଭ୍ୟତା ପ୍ରତି ବିଦ୍ରୂପ ଅଛି । 'ଅଜା ଆଈଙ୍କ ସୁଆଙ୍ଗ' କବିତାଟି ମଧ୍ୟ ହାସ୍ୟୋଦ୍ଦୀପକ । ଛୋଟ ପିଲାମାନଙ୍କ ହୃଦୟରେ ବିମଳ ହାସ୍ୟରସ ସୃଷ୍ଟି କରେ । ଆଈ ବୁଢ଼ୀ ହୋଇଗଲେ ବି ଅଜା ଘଣ୍ଟାଏ ହେଲେ ପାଖରୁ ଛାଡ଼ନ୍ତି ନାହିଁ । କବି ତେଣୁ ଯଥାର୍ଥରେ ହାସ୍ୟ ସୃଷ୍ଟି କରିବାପାଇଁ ଲେଖିଛନ୍ତି—

"ହାଣ୍ଡି ଶାଳେ ଆଈ ରହିଲେ ଅଜା
 ବସନ୍ତି ଦୁଆର ମାଡ଼ି
ଝାଡ଼ା ଫେରିଗଲେ ପଛେ ପଛେ ଅଜା
 ଚାଲୁଥାନ୍ତି ଧରି ବାଡ଼ି ।"

'ଅଜା ଆଈଙ୍କ ବାହାଘର' କବିତାଟି ଶିଶୁ ହୃଦୟରେ ଦ୍ୱିଗୁଣ ହାସ୍ୟରସ ସୃଷ୍ଟି କରେ । ଏଥିରେ ମଧ୍ୟ ଏକ କୌତୁକ ଗଳ୍ପାଂଶ ସ୍ଥାନ ପାଇଛି । ଆଜାଦ ହିନ୍ଦ୍ ଫୌଜରେ ଯୋଗ ଦେଇ ମଜା ମାରି ଯାଇଛନ୍ତି ବୋଲି ପୋଲିସ୍ ଅଫିସରଠାରୁ ଆଈ ଖବର ପାଇ କାନ୍ଦିଛନ୍ତି; କିନ୍ତୁ ଅଜା ଯେତେବେଳେ ଅକ୍ଷତ ଶରୀରରେ ଫେରି ଆସନ୍ତି ସେତେବେଳେ ଭୂତ ବୋଲି ଭାବି ଆଈ ଡ଼ରି ପଳାଇଛନ୍ତି ଏବଂ କହିଛନ୍ତି—

"ଅଜାଙ୍କୁ ଦେଖିଣ    ବୋଇଲା ଯେ ଆଈ
ବୋପା ଲୋ ଏଡ଼ିଟା କିଏ
ଅଲଟପେଇଷାର    ଭୂତ କଟଲା ଏଠା
ମଲା ମଣିଷ କି ଜୀଏଁ ?"

ଆଈ ଆଉ ଅଜାଙ୍କୁ ଘରକୁ ନ ପୁରାନ୍ତି । ପୁଣି ଅଜାଙ୍କର ବିଚାର ହେଲା । ସେ ନିର୍ଦ୍ଦୋଷରେ ଖଲାସ ହେଲେ । ଅଜା ଘରକୁ ଫେରି ଆଈଙ୍କୁ ସବୁ ବୃତ୍ତାନ୍ତ କହିଲେ । ଆଈ ଆଗରୁ ବିଧବା ହୋଇଥିଲେ । ପୁଣି କଜ୍ଜ୍ୱଳ ସିନ୍ଦୂର ନାଇଲେ, ଶଙ୍ଖା ପିନ୍ଧିଲେ । ଅଜା ଆଉ ଆଈଙ୍କର ବାହାଘର ହେଲା—

"ଆଈ ହୋଇଗଲେ    କନି କନିଆଁ ଲୋ
ଅଜା ହେଲେ କୁନି ବର
ହରିବୋଲ ଆଜି    ନାଚ ନାଚୁଣୀଏ
ଅଜା ଆଈ ବାହାଘର ।"

ଏହି କବିତାରେ ସେ ସମୟରେ ଭାରତର ସ୍ୱାଧୀନତାକାଙ୍କ୍ଷୀ ଆଜାଦ୍ ହିନ୍ଦ୍ ଫୌଜର ଚିହ୍ନ ମିଳେ । 'ଅଜା ଆଈଙ୍କର ସହର ଯାତ୍ରା' କବିତାଟି ମଧ୍ୟ ଶିଶୁମାନସ ଉଲ୍ଲାସକାରୀ । ଏଥିରେ ସହରର ଯାନ୍ତ୍ରିକ ଜୀବନ ସମ୍ବନ୍ଧରେ ମଧ୍ୟ ସୂଚନା ଅଛି । ଅଜା ଏବଂ ଆଈ ସହରକୁ ବୁଲିଯାଇ କିପରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ତାହା ଏହି କବିତାରେ ବର୍ଣ୍ଣନା କରାଯାଇଛି । ସହରରେ ଗୃହକର୍ତ୍ତା ଜୀବନର ଅସୁବିଧା ଅଜାଙ୍କର ଡ୍ରାଇଭର ଗୃହକର୍ତ୍ତ୍ରୀରୁ ଜଣାଯାଏ । 'ଅଜାଙ୍କ ଏ.ଆର.ପି.' କବିତାଟି ଆହୁରି ହାସ୍ୟୋଦ୍ଦୀପକ ଏବଂ କୌତୁକପ୍ରଦ । ଅଜା ସିନେମା ଦେଖି ଫେରୁ ଫେରୁ ବହୁତ ରାତି ହୋଇଗଲା । ଅଜାଙ୍କୁ ଖୁବ୍ ଭୋକ ହୋଇଛି । ରାତିରେ ଆସି ବୁଢ଼ୀ ଗୋଡ଼ ଯେମିତି ଧରି ପକାଇଛନ୍ତି ଆଈଙ୍କର ପାଟି ଖନି ବାଜିଯାଇଛି । ସେ ଖାଲି ଙ୍କେ' ଙ୍କେ' ବୋଲି ଡାକପକାଇ ଅଜାଙ୍କୁ କୁଣ୍ଢାଇ ଧରିଛି । ଯେତେ କହିଲେ ହେଁ ଆଈ ଆଉ ଅଜାଙ୍କୁ ଛାଡ଼ୁ ନ ଥାନ୍ତି ।

"ଙ୍କେ' ଙ୍କେ' ବୋଲି    ଅଜାଙ୍କୁ କୁଣ୍ଢାଇ
ଜାବୁଡ଼ି ଧରିଲେ ଆଈ ।"

ଲୋକ ଜମା ହୋଇ ପଡ଼ିଲେ । ଅନ୍ଧାରୁଆ ଅଜାଙ୍କ ଉପରେ ଦୁମ୍ ଦାମ୍ ବସିଗଲା ।

"ଦୁମ୍ ଦାମ୍ କରି    ଦେଲେ ଯେ ବସାଇ
ଅନ୍ଧାରୁଆ ଗୋଠା କେତେ ।"

ଏତିକିରେ କଥା ସରିଲା ନାହିଁ । ପୁଣି ଅଜାଙ୍କୁ ଠୋକା କରିବା ପାଇଁ ଆଉଜଣଙ୍କର ସଉକ ହେଲା । ନିଜ ମୁଣ୍ଡରୁ କଳା ବାଳ କାଟି ବେଲ ଅଠା ଦେଇ ଅଜାଙ୍କ ମୁଣ୍ଡରେ ଲଗାଇଦେଲେ । ବେଶ୍ କରି ମୁଣ୍ଡ କୁଣ୍ଡାଇଦେଲେ । ନିଶ ଭରିଦେଲେ । ଅଜା ହେଲେ ସ୍ମାର୍ଟ୍ ୟୁଥ୍—

"କଳା ମଚ ମଚ ଚେରିକଟା ବାଳ
କଳା କଳା ନିଶ ଯୋଡା,
ଦେଖିଲେ ଶ୍ରୀମୁଖ କାହା ବୋପା ପୁଣି
ଅଜାଙ୍କୁ କହିବ ବୁଢା ।"

ଶିଶୁସାହିତ୍ୟରେ କେବଳ ଯେ ସରଳ ତରଳ ଭାଷା ରହିବ ତାହା ନୁହେଁ । ଏହା ସଙ୍ଗେ ସଙ୍ଗେ ଶିଶୁସୁଲଭ ସାର୍ବଜନୀନ ସତ୍ୟ ଘଟଣା ମଧ୍ୟ ପ୍ରକାଶିତ ହେବା ଉଚିତ । ଶିଶୁ ଜୀବନରେ ଯେଉଁ ସାହିତ୍ୟ ଆନନ୍ଦ ପ୍ରଦାନ କରେ, ଯାହା ତା'ର କୌତୁକ ସୃଷ୍ଟି କରେ, ତାକୁ ମଧ୍ୟ ଶିଶୁସାହିତ୍ୟ ପର୍ଯ୍ୟାୟଭୁକ୍ତ କରାଯାଇପାରେ । କାନ୍ତକବିଙ୍କର ଏହି କବିତାସମୂହକୁ ଛାଡିଦେଲ ତାଙ୍କର 'କଣାମାମୁଁ' ଉପନ୍ୟାସରେ ବର୍ଣ୍ଣିତ କେତେକ କଥାବସ୍ତୁ ମଧ୍ୟ ଶିଶୁମାନସ ଉଲ୍ଲାସକାରୀ । କଣାମାମୁଁ ଏକ ବିଦଗ୍ଧ ସାହିତ୍ୟ । ତଥାପି ଅଭି, କୁଶୁନ୍, କଣାମାମୁଁ, ହରୁରକେନା, ହାକିମସାହେବ ପ୍ରଭୃତିଙ୍କ ଚରିତ୍ରକୁ ଲେଖକ ଏପରି ଭାବରେ ଗଳ୍ପଛଳରେ ବର୍ଣ୍ଣନା କରିଛନ୍ତି ଯାହାକି ଶିଶୁ ହୃଦୟରେ ମଧ୍ୟ ଆନନ୍ଦ ସଂଚାର କରେ । ଆଖଡ଼ା, ଛେଳିଚୋର, ମାଛଚୋର, ବରକୋଳି ଚୋର ପ୍ରସଙ୍ଗ ବାସ୍ତବିକ୍ କୌତୁକପ୍ରଦ । ସେହିପରି ତାଙ୍କର 'ପରୀକ୍ଷାଫଳ' ଗଳ୍ପଟିକୁ ମଧ୍ୟ ଏହି ଶ୍ରେଣୀଭୁକ୍ତ କରାଯାଇପାରେ ।

ଶିଶୁର କାନ୍ତକୋମଳ କମନୀୟ ରୂପକାନ୍ତି, ତାର ଶାନ୍ତ ସୁନ୍ଦର ଶୋଭାମୟ ଭାବଭଙ୍ଗୀ ସତେ ଯେପରି କବିଙ୍କ ହୃଦୟରେ ଅମୃତର ନିସ୍ୟନ୍ଦିନୀ ବୁହାଇ ଦେଇଛି । ଶିଶୁର କଥା, ଶିଶୁର ଖେଳ ପ୍ରତ୍ୟେକ ତାଙ୍କୁ ଅଭିଭୂତ କରିଛି । 'ଶିଶୁର ଭାଷା' କବିତାରେ ସେଥିପାଇଁ ସେ ଲେଖିଛନ୍ତି—

"କାନ୍ଦୁ ଯେ ଶିଶୁର ଭାଷା ଶୁଣି ନ ଶୁଣିଛୁ
ସଂଗୀତର ମଧୁରତା ଜାଣି ନାହିଁ କିଛୁ ।"

ଏହିପରି ସେ 'ଶିଶୁର ହସ' ଶୀର୍ଷକ କବିତାରେ ଲେଖିଛନ୍ତି—

"ମାନବ ଶିଶୁର କ୍ଷୁଦ୍ର କୋମଳ ଅଧରେ
ଭାସିଉଠେ ଯେଉଁ ହସ ଟିକି,
ଭାଷାର ଅତୀତ ତାର ରସାଳ ଲାବଣ୍ୟ
ଏ ଜଗତେ ତୁଳନା ଅଛି କି ?"

ଶିଶୁ ସତେ ଯେପରି କୋଟି ଲାବଣ୍ୟନିଧି । ତାର ନୟନରେ ଅମୃତ, ହସରେ କୌମୁଦୀର କାନ୍ତି, ଗତିରେ ତଟିନୀ-ତରଙ୍ଗ-ଲଳିତ-ଭଙ୍ଗୀ । ତାର କଥାରେ ବୀଣା-କ୍ୱଣା-ମଧୁର ମୂର୍ଚ୍ଛନା । କବି 'ଅଲିଅଳି କନ୍ୟା' କବିତାରେ ଶିଶୁମାନସ ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଶିଶୁସାହିତ୍ୟର ଦୃଷ୍ଟାନ୍ତ ଦେଇଛନ୍ତି । ଥରେ ଶିଶୁ ସ୍ନେହ ପାଇଲେ ସେ ଆଉ ଡରେ ନାହିଁ । ତା'ପାଖରେ ଡର ଭୟ ନ ଥାଏ । ତାକୁ ଭୟ ଦେଖାଇଲେ ସେ ହସେ । କତୁରୀ କବିଙ୍କର ବାଳ କାଟିଦେବାରୁ କବି ବିରକ୍ତ ହୋଇଛନ୍ତି । କ୍ରୋଧ ପ୍ରକାଶ କରିଛନ୍ତି । ମାତ୍ର ଅଲିଅଳି କନ୍ୟା ଡରି ନାହିଁ । ସେ ହସି ହସି । "ହସିଲା ଅଲାଳ ଝିଅ ନ ଗଲା ଡରିଛୁ, କି ସହଜ କି ସରଳ ହସ" ବାସ୍ତବିକ୍ ଶିଶୁ ମାନସର ପ୍ରକୃତ ପରିଚୟ ପ୍ରଦାନ କରେ । ଶିଶୁକୁ ମୃତ୍ୟୁ ଭୟ ଦେଇ-ପାରେ ନାହିଁ । ବାର୍ଦ୍ଧକ୍ୟ ତାକୁ ଦୁଃଖ ଦେଇପାରେ ନାହିଁ । ସେଥିପାଇଁ ସେ ବାପାଙ୍କର ପାକଲା ବାଳକୁ କାଟିଦେଇଛି କଳାବାଳ ଉଠିବ ବୋଲି —

"ସେଥିପାଇଁ ଦେଲି କାଟି ନିର୍ମୂଳ କରି
ଏବେ ଯେ ଉଠିବ କଳା ବାଳ ।"

ଶିଶୁ କବିଙ୍କୁ ଆକର୍ଷଣ କରିଛି । ଶିଶୁର ଖେଳ, କଥାବାର୍ତ୍ତା, ହସ ସବୁ କବିଙ୍କୁ ଅଭିଭୂତ କରିଛି । ତେଣୁ ସେ ଯଥାର୍ଥରେ ଲେଖିଛନ୍ତି —

"କେଉଁ ଫୁଲ କୁସୁମରୁ ଲାବଣ୍ୟ ନିଗାଡ଼ି
କେ ବୋଳିଛି ଶିଶୁର ଆନନେ
ଆସିଛି ଦେବତା କେଉଁ ସ୍ୱର୍ଗରାଜ୍ୟ ଛାଡ଼ି
ଭ୍ରମିବାକୁ ଏ ମର ଭବନେ ।"

ଯଥାର୍ଥରେ ଶିଶୁସାହିତ୍ୟର ଅନ୍ୟତମ ସାର୍ଥକ ସ୍ରଷ୍ଟା କାନ୍ତକବି ଚିରସ୍ମରଣୀୟ । କାନ୍ତକବି ଯେପରି ଭାବରେ ଶିଶୁସାହିତ୍ୟ ରଚନା କରି ଯାଇଛନ୍ତି ତାହା ବାସ୍ତବିକ ଉଲ୍ଲେଖଯୋଗ୍ୟ । ଉଭୟ କବିତା ଓ କାହାଣୀ ରଚନାରେ ସେ ଶିଶୁସୁଲଭ ଭାବଧାରା ସୃଷ୍ଟି କରି ସେହି ରଚନାକୁ ଶିଶୁ-ସାହିତ୍ୟର କାଳଜୟୀ ମୂଲ୍ୟ ପ୍ରଦାନ କରିଅଛନ୍ତି ।

# ଲଳିକା ସାହିତ୍ୟ ଓ କାନ୍ତକବି

ଓଡ଼ିଆ ସାହିତ୍ୟରେ ଲଳିକା ରଚନା ପ୍ରାଚୀନ ନୁହେଁ । ପ୍ରାଚୀନ ସାହିତ୍ୟରେ ଲଳିକା (Parody)କୁ ସାହିତ୍ୟରେ ସମ୍ମାନଜନକ ବିଭାଗ ଭାବରେ ଗ୍ରହଣ କରାଯାଉ ନ ଥିଲା । ତେଣୁ ଏହି ବୈଚିତ୍ର୍ୟପୂର୍ଣ୍ଣ ହାସ୍ୟକୌତୁକବିମଣ୍ଡିତ ରସାଳ ସାହିତ୍ୟିକ ବିଭାଗ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ସଂପୂର୍ଣ୍ଣ ଅବହେଳିତ ହୋଇ ରହିଥିଲା । ଅବଶ୍ୟ କାନ୍ତକବିଙ୍କ ପୂର୍ବସୂରୀ ବ୍ୟାସକବି ଫକୀରମୋହନ ସେନାପତି ଏ ଦିଗରେ ଲେଖନୀ ଗ୍ଳନା କରିଥିଲେ । "ଛମାଣ ଆଠଗୁଣ୍ଠ" ଉପନ୍ୟାସରେ ସେ କେତେକ ଶ୍ଳୋକକୁ ପାରୋଡ଼ି କରିଥିବାର ଦେଖାଯାଇଥାଏ । ଏହା ବ୍ୟତୀତ ଚମ୍ପାର ରୂପ ବର୍ଣ୍ଣନାରେ ତାଙ୍କର ଲଳିକା ପ୍ରତି ଅନୁରାଗ ଥିବା କଥା ଜଣା ଯାଇଥାଏ । ଫକୀରମୋହନ ସେନାପତି ଲଳିକା ରଚନା କରିଥିଲେ ହେଁ ସେଗୁଡ଼ିକ ଏକାନ୍ତ ମୁଷ୍ଟିମେୟ ଏବଂ ନିର୍ଦ୍ଦିଷ୍ଟ ବିଷୟଗର୍ଭିତ । ମାତ୍ର କାନ୍ତକବିଙ୍କ ଲଳିକା ସାହିତ୍ୟ ଉଚ୍ଛଳ, ବହୁଧା ଏବଂ ବହୁମୁଖୀ-ସମାଜ ସମ୍ପର୍କିତ ଭାବଧାରାରେ ପରିପୂର୍ଣ୍ଣ । କାନ୍ତକବି ଓଡ଼ିଆ ସାହିତ୍ୟରେ ଲଳିକାର ଅଭାବ ଲକ୍ଷ୍ୟକରି "ଚଟକ ଚନ୍ଦ୍ରହାସ ଚମ୍ପୂ"ର ମୁଖବନ୍ଧରେ ଲେଖିଛନ୍ତି, "ଏହି ଓଡ଼ିଆ ଭାଷାରେ ହାସ୍ୟ କୌତୁକପୂର୍ଣ୍ଣ ଲେଖାର ଅଭାବ ଦେଖି ଏହିପରି ସର୍ବଜନାଦୃତ ଓ କବିତ୍ୱ-ଗୌରବପୂର୍ଣ୍ଣ 'ସଙ୍ଗୀତାବଳୀର ଲଳିକା (Parody) ରଚନା କରିବା ପାଇଁ ମୋର ସ୍ୱତଃ କୌତୂହଳ ଜନ୍ମିଲା । ତହୁଁ ଏହି ସୁଦୁଷ୍କର କାର୍ଯ୍ୟରେ ହସ୍ତକ୍ଷେପ କଲି ।" ଏଥିରୁ ମନେହୁଏ ଲଳିକା ହାସ୍ୟୋଦ୍ଦୀପକ ହେଲେ ହେଁ କୌଣସି କବିତ୍ୱ-ବିଭବଶାଳୀ ଲୋକପ୍ରିୟ କବିତାକୁ ପାରୋଡ଼ି କରି ରଚନା କରିବା ଏକାନ୍ତ ଦୁଷ୍କର । ସେଥିପାଇଁ ବୋଧହୁଏ ଓଡ଼ିଆ ସାହିତ୍ୟରେ ଏହାର ଅଭାବ ଲକ୍ଷ୍ୟ କରାଯାଇଥିଲା ।

## ଲଳିକାର ଧର୍ମ—

ଲକ୍ଷ୍ମୀକାନ୍ତଙ୍କ ଭାଷାରେ "ଲଳିକାର ଉଦ୍ଦେଶ୍ୟ ଭାଷାଗୁରୁତ୍ୱଦ୍ୱାରା ହାସ୍ୟରସର ଅବତାରଣା କରି ସାମାଜିକ ଦୁର୍ନୀତିପ୍ରତି କଟାକ୍ଷପାତ କରିବା । କୌଣସି ଉଚ୍ଚ ଗୌରବାନ୍ୱିତ ରଚନାର ସମ୍ପର୍କ ଥିବା ହେତୁ ଲଳିକା ପ୍ରତି ପାଠକର ସ୍ୱତଃ କୌତୂହଳ ବୃଦ୍ଧି ପାଇବା ସ୍ୱାଭାବିକ ।" (୧) ଲଳିକା ଉଦ୍ଦେଶ୍ୟହୀନ ଭାବରେ ସୃଷ୍ଟି ହୁଏ ନାହିଁ । କେବଳ ହାସ୍ୟରସ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା ସାମାଜିକ ସମସ୍ୟା ପ୍ରତି କଟାକ୍ଷପାତ କରିଥାଏ । ଗୋଟିଏ କବିତା ବା ଗଦ୍ୟ, ଯାହାକି ମଳ

---

୧ । ଚଟକ ଚନ୍ଦ୍ରହାସ ଚମ୍ପୂ — ମୁଖବନ୍ଧ

କବିତାକୁ ହାସ୍ୟୋଦ୍ଦୀପକଭାବେ ଅନୁକରଣ କରେ ତାହାକୁ ପାରୋଡ଼ି କହନ୍ତି । ଶ୍ରେଷ୍ଠ ପାରୋଡ଼ି ହେଉଛି ସେହି ଯାହାକି ପଢ଼ିଲାମାତ୍ରେ ପାଠକକୁ ମୂଳ କବିତା ସମ୍ବନ୍ଧରେ ସଚେତନ କରାଇଦିଏ । (୨) ସର୍ବାପେକ୍ଷା ସାର୍ଥକ ପାରୋଡ଼ି କୌଣସି ସର୍ବଜନାଦୃତ କବିତାର ଅନୁକରଣରେ ରଚିତ ହୋଇଥାଏ । ମାତ୍ର ଏହାର କଥାବସ୍ତୁ ମୂଳ କବିତାଠାରୁ ସଂପୂର୍ଣ୍ଣ ଭିନ୍ନ । (୩) John Masefieldଙ୍କ କବିତା "Sea Fever"କୁ G. F. Bradby ପାରୋଡ଼ି ରଚନା କରିଛନ୍ତି । ଉଭୟଙ୍କର କଥାବସ୍ତୁରେ ସାମ୍ୟ ନାହିଁ । ଯେଉଁ କବିମାନଙ୍କର ଶୈଳୀ ସହଜରେ ଅନୁକରଣୀୟ ସେହିମାନଙ୍କର କବିତାକୁ ସାଧାରଣତଃ ଲଳିକା କରାଯାଇଥାଏ । Sir Oewn Seaman ସ୍ୱିନ୍‌ବର୍ଣ୍ଣଙ୍କ କବିତାକୁ ଅନୁକରଣ କରି ଲଳିକା କରିଥିଲେ । ସ୍ୱିନ୍‌ବର୍ଣ୍ଣ ମଧ୍ୟ ଟେନିସନ୍‌ଙ୍କ କବିତାକୁ ଲଳିକା କରିଛନ୍ତି । କେବଳ ଯେ କୌଣସି କବି ବା କବିତାକୁ ଲଳିକା କରାଯାଏ ତାହା ନୁହେଁ; ବହୁ ସମୟରେ କବିଗୋଷ୍ଠୀ ଓ ନିର୍ଦ୍ଦିଷ୍ଟ ମତବାଦୀ କବିଙ୍କୁ ମଧ୍ୟ ପାରୋଡ଼ି କରାଯାଇଥାଏ । Celtic ସ୍କୁଲ କବିମାନଙ୍କୁ ଏବଂ ଫ୍ରାନ୍ସର ପ୍ରତୀକବାଦୀ କବିମାନଙ୍କୁ ଊନବିଂଶ ଶତାବ୍ଦୀରେ ଲଳିକା କରାଯାଉଥିଲା । ରୋମାଣ୍ଟିକ୍ କବିମାନଙ୍କୁ ମଧ୍ୟ ପାରୋଡ଼ି କରାଯାଉଥିଲା । କେତେକ ପାରୋଡ଼ି କେବଳ ସାମୟିକ ହାସ୍ୟବିନୋଦନ ପାଇଁ ସୃଷ୍ଟି ହୋଇଥାଏ । ଏଗୁଡ଼ିକର ସ୍ଥାୟିତ୍ୱ ନ ଥାଏ । ଯେଉଁ ପାରୋଡ଼ିଗୁଡ଼ିକର କବି ବା ଲେଖକ ପରିବର୍ତ୍ତେ ସାହିତ୍ୟିକ ଶୈଳୀକୁ ପାରୋଡ଼ି କରାଯାଏ ସେଗୁଡ଼ିକର କଳାତ୍ମକ ମୂଲ୍ୟହେତୁ ସ୍ଥାୟୀ ମୂଲ୍ୟ ଥାଏ । ସାହିତ୍ୟର ପ୍ରାଚୀନତା ଭଳି ପାରୋଡ଼ି ମଧ୍ୟ ପ୍ରାଚୀନ । ହୋମରଙ୍କୁ ମଧ୍ୟ ଗ୍ରୀସୀୟ Mock-heroic କବିତା "Battle of the Frogs and the Mice" କବିତାରେ ପାରୋଡ଼ି କରାଯାଇଛି । ପାରୋଡ଼ି ହେଉଛି ସର୍ବଥା ଅନୁକରଣର ବସ୍ତୁ ।

---

୨ । A Poem or Prose book which micks the characteristics of an orginal so as to make the original appear ridiculous is a Parody. A good Parody immediately calls to mind the original that it mocks. The nearer it echoes the rhythms, the rhymes, the peculiar forms of speech, the vocabulary and the structure of an original, the better than the Parody.

୩ । One of the most effective kinds of Parody is achieved by immitation the form of a poem but using a ludicrous different theme—Oxford junior encyclopaedia Vol. XII The arts.

କେବଳ କବିତ୍ୱ ପାଇଁ ଅନୁକରଣ କରାଗଲେ ଓ ସେଥିରେ ହାସ୍ୟୋଦ୍ଦୀପକ ଭାବ ନ ଥିଲେ ତାହା ପାରୋଡ଼ି ହୋଇ ନ ପାରେ । ପାରୋଡ଼ିକୁ ସାଧାରଣତଃ Burlesque immitation କୁହାଯାଇଥାଏ । ଏ ସମ୍ପର୍କରେ The Concie Oxford Dictionaryରେ ଉଲ୍ଲେଖ ଅଛି – Composition in which an author's characteristics are ridiculed by immitation, feeble immitation ridiculous by immitation."

## କାନ୍ତକବିଙ୍କ ଲୀଳିକା ସାହିତ୍ୟ :—

କାନ୍ତକବିଙ୍କ ସାହିତ୍ୟର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ହାସ୍ୟରସ । ହାସ୍ୟରସ ମାଧ୍ୟମରେ ସେ ସାମାଜିକ ଦୋଷ ଦୁର୍ବଳତା ଏବଂ ଶୋଚନୀୟତା ଓ ବୈଫଲ୍ୟକୁ ବାସ୍ତବଭାବରେ ବର୍ଣ୍ଣନା କରିଛନ୍ତି । ଏହି ହାସ୍ୟରସମର୍ମୀ ଲେଖାଗୁଡ଼ିକ ତାଙ୍କର ଉଦ୍ଦେଶ୍ୟଧର୍ମୀ । "ଥଟ୍ଟା କରିବା ତାଙ୍କର ଏକ ସ୍ୱାଭାବିକ ଗୁଣ ଥିଲା । ଏ ଥଟ୍ଟା କିନ୍ତୁ ଥିଲା ନିର୍ମଳ, ନିର୍ଦ୍ଦୋଷ ଓ ଅସୂୟାରହିତ । ଥଟ୍ଟାରେ ଅନ୍ୟକୁ ହସେଇ ମନ୍ଦେଇ ହୃଦୟରେ ଟିକେ ଉଷ୍ମତା ଲାଭକରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ । × × ଥଟ୍ଟା କଲାବେଳେ ସେ ପାତ୍ରାପାତ୍ର ବିଚାର କରୁ ନ ଥିଲେ । ନିଜର ସ୍ତ୍ରୀପୁତ୍ର, ଭ୍ରାତାଭଗିନୀ ଓ ପୁତ୍ରବଧୂଙ୍କୁ ସେ ସବ ସମକ୍ଷରେ ଅତି ଲଜ୍ଜାସ୍ପଦ ଥଟ୍ଟା କରି ଦେଉଥିଲେ । × × ନିଜ ଜୀବନରେ ସେ ଆନନ୍ଦ ସତ୍ତା ଅନୁଭବ କରି ନ ଥିଲେ । ହାହାକାରରେ ତାଙ୍କର ଅନ୍ତର ସର୍ବଦା ଜଳି ଜଳି ହୋଇ ଦଗ୍ଧ ହେଉଥିଲା । ତେଣୁ ଅନ୍ୟକୁ ହସେଇ ହସର ପରିବେଶ ସୃଷ୍ଟି କରି କ୍ଷଣକ ପାଇଁ ସେହି ପରିବେଶ ମଧ୍ୟରେ ସେ ନିଜକୁ ହଜାଇ ଦେଉଥିଲେ । × × । ଏହି ଥଟ୍ଟା ହିଁ ଥିଲା ତାଙ୍କର ରକ୍ଷାକବଚ । (୪) ତେଣୁ କାନ୍ତକବିଙ୍କ ବିଭିନ୍ନ ଲେଖାରେ ହାସ୍ୟରସର ଉକ୍ଳୂଳ ପ୍ଲାବନ ସୃଷ୍ଟି ହୋଇଛି । ତାଙ୍କର ରସସାହିତ୍ୟ ଏବଂ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଇତ୍ୟାଦିରେ ହାସ୍ୟରସ ଅପ୍ରତିହତ ପ୍ରଭାବ ରହିଛି । ଲୀଳିକା ସାହିତ୍ୟରେ ସେ ହାସ୍ୟରସକୁ ପ୍ରାଣଉତ୍ସ ଭାବରେ ଗ୍ରହଣ କରିଛନ୍ତି । ହାସ୍ୟରସକୁ ଛାଡ଼ି ପାରୋଡ଼ିର ସ୍ଥିତି ନାହିଁ । ଇଂରାଜୀ ସାହିତ୍ୟରେ comedy, burlesque, humour, Joke, parody, lampoon, farce, fun, wit, pun ଇତ୍ୟାଦିରେ ହାସ୍ୟରସ ଅଛି । ପାରୋଡ଼ି ଏମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଶୈଳୀ ଭାବାପନ୍ନ । କବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ସାହିତ୍ୟର କେତେକ ସୁପ୍ରତିଷ୍ଠିତ ସଙ୍ଗୀତକାରମାନଙ୍କ କବିତାର ଛନ୍ଦକୁ ନେଇ ପାରୋଡ଼ି ରଚନା କରିଛନ୍ତି । ତାଙ୍କର ପାରୋଡ଼ିକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ହେଉଛି କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନ କବିତାଗୁଚ୍ଛ ମାଧ୍ୟମରେ

---

୪ । କାନ୍ତ ସାହିତ୍ୟମାଳା ୧ମ ଖଣ୍ଡ । ମୁଖବନ୍ଧ ପୃ ୧୫

ପାରୋଡ଼ି ରଚନା କରିବା । ଏ ପ୍ରସଙ୍ଗରେ ସେ ଗୋପାଳକୃଷ୍ଣ, ବନମାଳୀ ପ୍ରଭୃତିଙ୍କର ଲୋକପ୍ରିୟ ଗୀତିକୁ ପାରୋଡ଼ି କରି ସମସାମୟିକ ସାମାଜିକ ସ୍ଖଳନକୁ ହାସ୍ୟୋଦ୍ଦୀପକ ଭାବରେ ପ୍ରକାଶ କରିଛନ୍ତି । ଏହି ଲାଳିକା ସମୂହରେ ସେ ମୂଳ କବିତାର ଛନ୍ଦକୁ ରକ୍ଷା କରିଛନ୍ତି ଏବଂ ପ୍ରଥମ ପଙ୍‌କ୍ତିରେ ମୂଳ କବିତାର ଭାଷା ଓ ଶବ୍ଦଯୋଜନାକୁ ମଧ୍ୟ କେତେକ ସ୍ଥଳରେ ଅକ୍ଷତ ଭାବରେ ରଖିଛନ୍ତି । କେତେକ ସ୍ଥଳରେ ସମ୍ୟକ୍ ବ୍ୟତିକ୍ରମ କରିଛନ୍ତି । ତାଙ୍କର ଦ୍ୱିତୀୟ ଲାଳିକା ହେଉଛି 'ଚଟକ ଚନ୍ଦ୍ରିହାସ ଚମ୍ପୂ' । କବିସୂର୍ଯ୍ୟ ବଳଦେବ ରଥଙ୍କର ପ୍ରସିଦ୍ଧ ଚମ୍ପୂ କାବ୍ୟ 'କିଶୋରଚନ୍ଦ୍ରାନନ୍ଦ ଚଂପୂ'ର ଅନୁକରଣରେ ଏହା ରଚିତ । ମାତ୍ର ମୂଳ କବିତାର କଥାବସ୍ତୁ ଏଥିରେ ନାହିଁ । କବିଙ୍କର ନିଜସ୍ୱ ମୌଳିକ ପ୍ରତିଭାରେ ଏହା ପ୍ରାଣସ୍ପର୍ଶୀ ହୋଇପାରିଛି ।

ପ୍ରଥମ ପର୍ଯ୍ୟାୟଭୁକ୍ତ କ୍ଷୁଦ୍ର କବିତା-ଭାବଧର୍ମୀ ଲାଳିକାସମୂହରେ କବି ନାରୀ ପୁରୁଷର ସ୍ୱାଭାବିକ କୌତୁକାବହ କାହାଣୀକୁ ହାସ୍ୟୋଦ୍ଦୀପକ ଭାବରେ ବର୍ଣ୍ଣନା କରିଛନ୍ତି । ସଙ୍ଗୀତ ଯୁଗର ବିଭିନ୍ନ କବିମାନଙ୍କର ଲୋକପ୍ରିୟ ଗୀତ ଅନୁକରଣରେ ସେ ୭୯ଟି ଲାଳିକା ରଚନା କରିଛନ୍ତି । ଏହି ଲାଳିକାମାନଙ୍କରେ କବି ଆଧୁନିକ ସମାଜର ଯୁବକଯୁବତୀଙ୍କ ଭାବକୁ ମଧ୍ୟ ପ୍ରକାଶ କରିଛନ୍ତି । "ପଥ ଛାଡ଼ିଦେ ମୁଁ ଯିବି ଫୁଲତୋଳି, ଆରେ ବନମାଳି" ଅନୁକରଣରେ ସେ ଯେତେବେଳେ ରଚନା କରୁଛନ୍ତି—

"ମୋ ପରି ଲୋକକୁ କିସ ଭାଳି ଝାପରି କରୁଚୁ ମାରି ତାଳି
କାଳୀନାଗୁଣୀକି ଗୃହୁଅଛୁ ତୋର ମୁହଁରେ ନେଣ୍ଡୁଆ ଦେବି ଜାଳି ।"

—ସେତେବେଳେ ଏହା ସ୍ୱାଭାବିକ ହାସ୍ୟରସ ସୃଷ୍ଟି କରୁଛି । ପୁଲିଶ କର୍ମଚାରୀର ହାବଭାବକୁ ଲକ୍ଷ୍ୟ ରଖି କବି ହାସ୍ୟୋଦ୍ଦୀପକ ଭାବରେ ବର୍ଣ୍ଣନା କରି ଲେଖିଛନ୍ତି—

"ରେ ପୁଲିଶ୍ ! ତେରେ କହିବି କିସ
ଦିନେ ନ ଦେଖା ହରୁଡ଼ା ନିଶ ।"
ଲାଗି ରହିଲା ଆଖି ସଖି ଶିଖୀ ଚୂଳରେ ।"

ଅନୁକରଣରେ ବର୍ଣ୍ଣନା କରିଛନ୍ତି—

"ଲାଗି ରହିଲା ଆଖି, ଗ୍ରାମପକ୍ଷୀ ଚୂଳରେ,
ଦେଖି କା ଜିଭରୁ ନ ଗଡ଼ିବ ଲାଳ ରେ ।"

ଏହା ଯେପରି ନାଟକ ହାସ୍ୟରସ ସଞ୍ଚାରଣକାରୀ ସେହିପରି ଭାବ ଉଦ୍ରେକକାରୀ । ହୋଇଥିଲା, ଯେତେବେଳେ ଖଦଡ଼ ପୋଷାକ ଭାରତୀୟ ଜନତାଙ୍କ ନିକଟରେ ଆଦରଣୀୟ ଥିଲା ଏବଂ ଏହା ସେବା, ତ୍ୟାଗ ପବିତ୍ରତାର ପ୍ରତୀକ ଥିଲା । ମାତ୍ର କ୍ରମେ ଖଦଡ଼ ପରିଧାନ କରି ତାରି ମାର୍କାରେ ଖଦଡ଼ଧାରୀ କଳାବଜାରୀ ହେବାକୁ କୁଣ୍ଠାବୋଧ କଲେ ନାହିଁ । ତେଣୁ ସେ ପୋଷାକ ପ୍ରତି ସାଧାରଣରେ ବିତୃଷ୍ଣା ଜାତ ହେଲା । ତେଣୁ କବି ରଚନା କରିଛନ୍ତି—

"ସଜନି ! ତାକୁ ଯା ଯା ବୋଲି କହିଦେ ସଜନି ତାକୁ,
ପରତେ ନାହିଁ ମୋର (ସେ) ଖଦଡ଼ ପିନ୍ଧାକୁ ।"

ଅବଶ୍ୟ କବି ଏ ପ୍ରସଙ୍ଗରେ ସ୍ୱାଧୀନତା ଆନ୍ଦୋଳନ ସମୟରେ ଖଦଡ଼ ପ୍ରତି ଲୋକଙ୍କର ମମତାକୁ ବର୍ଣ୍ଣନା କରିଛନ୍ତି । ଆଧୁନିକା ନବୀନାକୁ ପାରୋଡ଼ି କରି କବି ଲେଖିଛନ୍ତି—

"କେ କେତେ ସିନେମା ଯାଉନାହିଁ,
କେବା ଚଷମା ନାଉନାହିଁ,
ରୁମାଲରେ ମୁହଁ ପୋଛି ବାହାନାରେ
ଛୋକାକୁ କଣେଇ ଗୃହୁଁ ନାହିଁ ।
ସ୍ନୋ ପାଉଡର କଲି କସ
ସେଣ୍ଟ୍ ଲଗାଇଲେ କଉଁ ଦୋଷ,
ବଜାରୀ ଛୋକାଙ୍କୁ କି ମଜା ଲାଗୁଛି,
ପୋଡ଼ିଯାଉ ତାଙ୍କ ଗଜା ନିଶ ।"

ଆଜିକାଲି

"ରାତି ଅଧେ ବିଛଣାରୁ ଉଠି,
କିଏ ନ ଲେଖୁଛି ପ୍ରେମ ଚିଠି ।"

ତଥାପି ଏହି ନବୀନାକୁ ଯେଉଁମାନେ ସମାଲୋଚନା କରୁଛନ୍ତି ସେ ସେମାନଙ୍କୁ ଚେତାଇ କହିଛନ୍ତି—

"ଆଖି ମିଟି ମିଟି କରି ଯେ ହସନ୍ତି
ଚଟିରେ ଗାଲକୁ ଦିଅନ୍ତୁ ପିଟି ।"

ବୃଦ୍ଧାମାନେ 'ନନଅ ଖରକା' ବିଗିହେବାର ମଜାକୁ କବି ଲକ୍ଷ୍ୟ କରି "ବୁଢ଼ୀ କି ଦଣ୍ଡ ନାଚିଲା" ଅନୁକରଣରେ ରଚନା କରିଛନ୍ତି—

କାନଆ ଖାଇଲା    ବାଖିହେବା ମଜା
ଆଗରୁ କେ ଥିଲା ଜାଣି ରେ ।"
× × ×
ଲାନ୍ତୁ ଶ୍ଚୁଖିଲାଣି ଡ଼ର ଉରରେ
ଛେନା ପଣା ଭୋଗ    କାହିଁରେ ସନ୍ତୋଷ
ନୁହନ୍ତି ସେ ଠାକୁରାଣୀରେ ।"
ଆଚ୍ଛା ଗୋଲ ଟେବୁଲ ପାଲା ଲାଗିଲା ରେ"

କବିତା ଅନୁକରଣରେ କବି ଏକ ରାଜନୀତିକ ଲାଳିକା ରଚନା କରିଛନ୍ତି । ସ୍ୱାଧୀନତା ପରେ ଭାରତରେ ଭୋଟ ତାମସାକୁ ଲାଳିକା କରି ସେ ଲେଖିଛନ୍ତି—

"ଭଲା ଭୋଟ ତାମସା ଲାଗିଲା ରେ
ନୂଆ ସ୍ୱାଧୀନତା ଦେଶେ ଜାଗିଲା ରେ,
କାହୁଁ କାହୁଁ ହେବାକୁ ବଳ,
କାଣ୍ଡିଡେଟ୍ ହେଲେ ଦଳକୁ ଦଳ
ଖୁଂଗୁ ଚୁମୁଲି ବଦନାମ ଆଦି,
ଲଗାଇ ହେଲେ ଶୋଧାଶୋଧି
ଅଇଁଠା ଚଟା କୁକୁର ଭଳି,
ଦାନ୍ତ ନିକୁଟି ଲାଗିଲେ କଳି
ହାଣ୍ଡି ଓଲି ଶୁଣ୍ଢି ପିଣ୍ଡାରେ ପଡ଼ି,
ଧାରଣା ଦେଲେ କୁଟା କାମୁଡ଼ି
ଖଣ୍ଡେ ଭୋଟ ଭିକ୍ଷାଂ ଦେହି ମାଗିଲା ରେ ।"

ଏବେ ନେତାମାନେ ନିର୍ବାଚନ ପ୍ରଚାରବେଳେ ଖଦଡ଼ ପରିଧାନ କରି "ହାତୀ ଦେବି ଘୋଡ଼ା ଦେବି" କହି କପରି ସରଳ ଜନତାଙ୍କୁ ଭଣ୍ଡି ଭୋଟ ନିଅନ୍ତି, ତାହାକୁ କବି ସୁନ୍ଦର ଭାବରେ ଲାଳିକା କରି ଏହି କବିତାରେ ରଚନା କରିଛନ୍ତି । ମୋଟ ଉପରେ ଏହି କ୍ଷୁଦ୍ର ଲାଳିକାଗୁଡ଼ିକ ଗୋଟିଏ ଗୋଟିଏ ସାର୍ଥକ ରସୋତ୍ତୀର୍ଣ୍ଣ ଲାଳିକା କହିଲେ ଅତ୍ୟୁକ୍ତି ହେବ ନାହିଁ ।

## "ଚଟକ ଚନ୍ଦ୍ରହାସ ଚଂମ୍ପୂ" ଶ୍ରେଷ୍ଠ ଲାଳିକା—

କବିସୂର୍ଯ୍ୟ ବଳଦେବ ରଥଙ୍କର ପ୍ରସିଦ୍ଧ "କିଶୋରଚନ୍ଦ୍ରାନନ୍ଦ ଚଂପୂ' ଅନୁକରଣରେ କବି 'ଚଟକ ଚନ୍ଦ୍ରହାସ ଚଂପୂ' ରଚନା କରିଛନ୍ତି । ଏହା କବିଙ୍କର

ଶ୍ରେଷ୍ଠ ଲୀଳକା ଅଟେ । କବି ଗୌରବପୂର୍ଣ୍ଣ ସର୍ବଜନାଦୃତ ଚଂପୂ କାବ୍ୟର ଲୀଳକା କରି ତାଙ୍କର ଅସାମାନ୍ୟ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି । ମୂଳ କବିତା ଯେତେ ଅଧିକ ସୁବିଦିତ ହୋଇଥାଏ ତାର ଲୀଳକା ସେତେ ବେଶି ଆମୋଦଦାୟକ ହୋଇଥାଏ । ଏହି ଦୃଷ୍ଟିରୁ ଚଂପୂ କାବ୍ୟର ଲୀଳକା ବିଶେଷ ଆମୋଦଦାୟକ ହୋଇପାରିଛି । ତଥାପି କବି ଲେଖିଛନ୍ତି – "ମାତ୍ର କିଶୋର ଚଂପୂ ଭଳି ପ୍ରତିଭା-ପୂର୍ଣ୍ଣ ଲେଖାର ଅନୁକରଣ କରିବା ସଙ୍ଗେ ସଙ୍ଗେ ମୂଳ ରୂପ ଓ ବର୍ଣ୍ଣ ରକ୍ଷା କରି ରସଭେଦ ଆଣିବା ମୋ ଭଳି ବ୍ୟକ୍ତି ପକ୍ଷରେ ଧୃଷ୍ଟତା ମାତ୍ର ।" (୫) ଏହି ଲୀଳକାରେ କବି ହାସ୍ୟରସ ସହିତ ଆଧୁନିକତାର ଗୋଟିଏ କୌତୁକପ୍ରଦ ଚିତ୍ର ଦେବାର ପ୍ରୟାସ କରିଛନ୍ତି । ଆଧୁନିକ ସମାଜ ସଂପର୍କିତ ବିଭିନ୍ନ ଭାବକୁ କବି ଏଥିରେ ହାସ୍ୟୋଦ୍ଦୀପକ ଭାବରେ ପାରୋଡ଼ି କରିଛନ୍ତି । ଏହା ହାସ୍ୟରସ ସଂଗ୍ରହ କରିଛି ସତ; ମାତ୍ର ଏହା ଉଦ୍ଦେଶ୍ୟଧର୍ମୀ । ହାସ୍ୟରସ ମାଧ୍ୟମରେ ତଥାକଥିତ ଆଧୁନିକତା ପ୍ରତି ସେ କଟାକ୍ଷପାତ କରିଛନ୍ତି । ଏହି ଲୀଳକାର ନାୟକ ଚଟକଚନ୍ଦ୍ର ଆଧୁନିକ ଏବଂ ନାୟିକା ମିସ୍ ନବୀନା ଆଧୁନିକା । ଚଟକଚନ୍ଦ୍ରଙ୍କ ସଖା ମାଷ୍ଟର ମଙ୍ଗୁ ଏବଂ ମିସ୍ ନବୀନାଙ୍କ ସଖୀ ମିସ୍ ସ୍ୱାଧୀନା । ବିଂଶ ଶତାବ୍ଦୀର ନବ୍ୟ-ସଭ୍ୟା-ସଭ୍ୟଙ୍କୁ ଲୀଳକା କରି ମଙ୍ଗଳାଚରଣରେ ସେ ଲେଖିଛନ୍ତି –

"ବିଂଶଶତାବ୍ଦୀ ନବ୍ୟ-ସଭ୍ୟା-ସଭ୍ୟ ଦଳ
ହାଲ୍ ଫେସନର ଗୁରୁ କାରୁ କଳାବତ୍
ବିକାଶି ଆଲୋକ ଦେଶେ ସାଧନ୍ତୁ ମଙ୍ଗଳ ।
ହାଲୁକା ବତାଶେ ମାରି ଶୂନ୍ ଚିତ୍ ।"

ଏ ଯୁଗର ସ୍ୱାଧୀନ ଯୁବକ ଏବଂ ଯୁବତୀମାନଙ୍କର ମୁକ୍ତ ପ୍ରେମ ଓ ମୁକ୍ତ ବିହାର ଲୀଳା ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି, "ହାରିକୁଳ ସ୍ୱାଧୀନତାବାଦୀ ସଜା ଗଜା ନବ୍ୟ ତାଜା ଲୁଣ୍ଠନକାରୀ ଆଧୁନିକ ଓ ଆଧୁନିକାଗଣ କେଉଁଠି, ଆଉ ଆମ ଭଳି ପଗ୍ରସଢ଼ା ଖଡ଼ାଖିଆ କବି ବା କେଉଁଠି । ଆମ୍ଭେ ଯେ ଏହାଙ୍କୁ ମୁକ୍ତ ବିହାର ଲୀଳା ବର୍ଣ୍ଣନା କରିବାକୁ ମନ ବଳାଇଛୁ ଏଥିରେ ଆମ୍ଭ କର୍ମକୁ ତଡ଼ାଝଡ଼ା, ଆଖି କଡ଼ା, କାନ ମୋଡ଼ା ଏପରିକି ବଖତ ପଡ଼ିଲେ ଘୋଡ଼ା କୋରଡ଼ା ଛଡ଼ା ଆଉ କଣ ଲେଡ଼ା ହୋଇପାରେ ।" (୬) ତଥାପି କବି ହାସ୍ୟରସାମୋଦୀମାନଙ୍କ ଚିତ୍ତ-ବିନୋଦନ ପାଇଁ ଏହା ରଚନା କରିବାକୁ ସାହସ କରିଛନ୍ତି ।

---

୫ । ଚଟକ ଚନ୍ଦ୍ରହାସ ଚମ୍ପୂର ମୁଖବନ୍ଧ ।

୬ । ଚଟକ ଚନ୍ଦ୍ରହାସ ଚମ୍ପୂର ମଙ୍ଗଳାଚରଣ ।

ମିସ୍ ନବୀନା ମିଷ୍ଟର ଚଟକଚନ୍ଦ୍ରଙ୍କ ସହିତ ମିଳିତ ହେବାକୁ ଇଚ୍ଛା ପ୍ରକାଶ କରିଛି ଏବଂ ଏହି କଥାକୁ ସେ ତାର ସଖୀ ମିସ୍ ସ୍ୱାଧୀନାଙ୍କ ନିକଟରେ ପ୍ରକାଶ କରିଛି । ସେ ଯେତେବେଳେ କହିଛି କୁକୁଡ଼ା ଚୁଲିଆ ଟେରି, କୁହ୍ଲାକନ୍ଦର୍ପ କାରୁଣି, କିଏ ସେ ପାରିବ ବରିତରେ ?" – ସେତେବେଳେ ହାସ୍ୟରସର ଉଚ୍ଛୁଳ ପ୍ଲାବନ ସୃଷ୍ଟି ହୋଇଛି । ଯୁବତୀର ମନଗହନର କାମତାଡ଼ିତ ମନୋଭାବକୁ ଲଘୁହାସ୍ୟୋଚ୍ଛନ୍ନ ପରିବେଶ ମଧ୍ୟରେ ସେ ପ୍ରକାଶ କରିଛନ୍ତି । ଏହିଭଳି ପ୍ରତ୍ୟେକ କବିତାରେ କବି ହାସ୍ୟୋଦ୍ଦୀପକ ବାତାବରଣ ସୃଷ୍ଟି କରିଛନ୍ତି । ସଖୀକୁ ମିସ୍ ନବୀନା କହିଛି,—

"ଗଣ୍ଡାଠାରୁ ମୋଟ ଗହ୍ଲାର ତୋ ପେଟ
　　　　　　　　ଗଳିଣି ଉଠୁଛି ସ୍ନେହ
ଗୋଡ଼ ଖସି ଗଡ଼ି ଗାତେ ଗଲି ପଡ଼ି
　　　　　　　　ଘୁଣ୍ଟିପାନ ଖଣ୍ଡେ ଦିଅ ।"

ପ୍ରିୟ ସହିତ ମିଳିତ ହେବାର ଦୁର୍ନିବାର ଆକାଙ୍କ୍ଷା ଏବଂ ତଜ୍ଜନିତ ଦୁଃଖବେଳେ 'ଘୁଣ୍ଟିପାନ ଖଣ୍ଡେ ଦିଅ' କହିବାଦ୍ୱାରା ହାସ୍ୟରସର ଅବତାରଣା କରାଯାଇଛି । ସଖୀ ପୁଣି ମିଷ୍ଟର ଚଟକଚନ୍ଦ୍ରଙ୍କୁ କହିଛି "ନିହାତି ନିସ୍ତେଜ ଦିଶୁଛନ୍ତି ଆଜ କାଲିକ ନେଫଡ଼ା ମୁଖ" । ସଖୀର ଏହିଭଳି ଉକ୍ତି ହାସ୍ୟୋଦ୍ଦୀପକ । "ଛଳ ଛଳ ଦିଶେ ଆଖି, ଚ୍ଛେପ ତ ଯାଉଛି ଶୁଖି, ଛୁଞ୍ଚିମୁହାଁପାକ ଯେତେ ଛତରି ଅଟନ୍ତି ତେତେ ।" ପଙ୍କ୍ତିଗୁଡ଼ିକ ଯେତିକି ହାସ୍ୟରସସିକ୍ତ ସେତିକି ବାସ୍ତବଧର୍ମୀ । ପୁଣି ଆଧୁନିକ ଯୁଗରେ ମିସ୍ ନବୀନା ଏବଂ ମିଷ୍ଟର ଚଟକଚନ୍ଦ୍ରଙ୍କ ଭଳି ଯୁବକ ଯୁବତୀମାନଙ୍କ ପ୍ରେମକୁ ମସଗୁଲ୍ କରେ ମଦ । ତେଣୁ କବି ଯଥାର୍ଥରେ ଲେଖିଛନ୍ତି – "ଡାଲରେ ରଖିଛି ଡାଙ୍କି, ଢେଙ୍କଇ ମାଲକୁ ଚୁଙ୍କି, ଢୋକେ ତହୁଁ ଦେଲେ ଫିଙ୍କି, କସ ଯାନ୍ତା ସର କରେ ।" ଲଘୁ ହାସ୍ୟରସ ମାଧ୍ୟମରେ କବି ଏ ଯୁଗର ଏକ ନିଗିଟ ସତ କଥାକୁ ପ୍ରକାଶ କରିଛନ୍ତି । ଏହିପରି ଭାବରେ ସେ 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ବିଭିନ୍ନ କବିତାରେ ଏ ଯୁଗର ଲମ୍ପଟ୍ୟ ପ୍ରେମକୁ ହାସ୍ୟରସ ମାଧ୍ୟମରେ ପ୍ରକାଶ କରିଛନ୍ତି ।

'ଲ' ଗୀତଟି ଅଶ୍ଳୀଳଭାବଦ୍ୟୋତକ ହେଲେ ହେଁ ଏହା ସ୍ୱାଭାବିକ ଏବଂ ରସାମୋଦୀମାନଙ୍କ ନିକଟରେ ହୃଦ୍ୟ ହୋଇପାରିଛି । କବି ତେଣୁ 'ସ' ଗୀତରେ "ସଭ୍ୟା ନାରୀ ସମାଜର ସେହିଟି ଧରମ" ବୋଲି ଲେଖି ଏ ଯୁଗର ପ୍ରକୃତ କଥାକୁ ବର୍ଣ୍ଣନା କରିଛନ୍ତି । ମୋଟ ଉପରେ କବି "ଚଟକଚନ୍ଦ୍ରହାସଚମ୍ପୂ"ରେ ଏ ଯୁଗର ସଭ୍ୟ ଓ ସଭ୍ୟା ନରନାରୀମାନଙ୍କର କାମସର୍ବସ୍ୱ ଚଳିତାଧାରାକୁ ଲଘୁହାସ୍ୟୋଦ୍ଦୀପକ

ପରିବେଶ ମଧ୍ୟରେ ତନ୍ମୟ ଭାବରେ ପ୍ରକାଶ କରିଛନ୍ତି । ମୂଳଲେଖାର କଥାବସ୍ତୁ ଏଥିରେ ନାହିଁ । ମାତ୍ର ମୂଳ କବିତାର ଛନ୍ଦ ଯତିପାତ ଓ ସାମୂହିକ ଭାବ ଏଥିରେ ରକ୍ଷା କରାଯାଇଛି ।

ଓଡ଼ିଆ ସାହିତ୍ୟରେ ଯଥାର୍ଥରେ କାନ୍ତକବି ହିଁ ଲିଲିକାର ସ୍ରଷ୍ଟା ଭାବରେ ଗୌରବ ଅର୍ଜ୍ଜନ କରିଛନ୍ତି । ତାଙ୍କ ପରେ ଆଉ ଲିଲିକା ରଚନା କରିବା ଦିଗରେ ବିଶେଷ କେହି ଚେଷ୍ଟା କରି ନାହାନ୍ତି । ଓଡ଼ିଆ ସାହିତ୍ୟରେ ଏହି ଅଭାବକୁ ସେ ହିଁ ପୂରଣ କରିଛନ୍ତି । ତାଙ୍କର ଲିଲିକାଗୁଡ଼ିକ ଯେପରି ଭାବଗର୍ଭକ ସେହିପରି ହାସ୍ୟୋଦ୍ଦୀପକ । ସେ ସମସାମୟିକ ସମାଜର କେତେକ ଚିନ୍ତାକୁ ଏଥିରେ ପ୍ରକାଶ କରିଛନ୍ତି । ଆଜିକାଲି ଶିକ୍ଷିତ ଯୁବକ ଏବଂ ଯୁବତୀମାନଙ୍କ ମଧ୍ୟରେ କାମସର୍ବସ୍ୱ ମନୋଭାବ ଯେପରି ବୃଦ୍ଧି ପାଉଛି ଏବଂ ମୁକ୍ତ ପ୍ରେମର ପ୍ରସାର ଯେପରି ବଢ଼ି ଚାଲିଛି ସେଥିପ୍ରତି କବି କଟାକ୍ଷପାତକରି ଏହି ଲିଲିକାଗୁଡ଼ିକ ରଚନା କରିଛନ୍ତି ।

ତାଙ୍କର ଲିଲିକାଗୁଡ଼ିକ ବାସ୍ତବିକ୍ ପ୍ରାଣଧର୍ମୀ ହାସ୍ୟରସାଶ୍ରିତ ରସଧର୍ମୀ ସାର୍ଥକସୃଷ୍ଟି ।

# ରାସପଂଚାଧ୍ୟାୟୀ : ଏକ ଦୃଷ୍ଟିପାତ

ବ୍ୟାସଦେବକୃତ ସଂସ୍କୃତ ଶ୍ରୀମଦ୍ ଭାଗବତର ଦଶମସ୍କନ୍ଧର ଊନତ୍ରିଂଶ ଅଧ୍ୟାୟରୁ ତ୍ରୟସ୍ତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ପାଞ୍ଚଗୋଟି ଅଧ୍ୟାୟକୁ ରାସପଞ୍ଚାଧ୍ୟାୟୀ କୁହାଯାଇ-ଥାଏ । ସମଗ୍ର ଭାଗବତର ଏହି ପାଞ୍ଚଟି ଅଧ୍ୟାୟ ହିଁ ସାର ନିର୍ଯ୍ୟାସ । ଭାଗବତ ଯଦି ବହୁ ଶାଖା ପଲ୍ଲବାକୀର୍ଣ୍ଣ ଏକ ବିସ୍ତୃତ ଜଟିଳ ବନସ୍ପତି, ରାସପଞ୍ଚାଧ୍ୟାୟୀ ତାର ଶୀର୍ଷ-ଦେଶରେ ମୁକୁଳିତ ସୌରଭଯୁକ୍ତ କୁସୁମ । ଏଇ କୁସୁମ କାନ୍ତ କୋମଳ କମନୀୟ । ଏହାର ଅଛି ଦିବ୍ୟ ସୌନ୍ଦର୍ଯ୍ୟ; ଅଛି ମଧ୍ୟ ଜୀବନ ଜିଜ୍ଞାସାର ଉତ୍ତର ସାଧନ ପାଇଁ ପ୍ରେରଣା । ସାହିତ୍ୟିକ ରସବୋଧରେ ଏହା ଯେପରି ସ୍ନିଗ୍ଧ ସୁନ୍ଦର ସେହିପରି ଦାର୍ଶନିକ ତତ୍ତ୍ୱବୋଧ ଓ ଆଧ୍ୟାତ୍ମିକ ଉତ୍ତରଣରେ ଏହା ଲଳିତ ମଧୁର । ଏକ ଦିଗରେ ସାଂସାରିକ ଭୋଗ ଓ ସୁଖୈଶ୍ୱର୍ଯ୍ୟ ଏବଂ ଅନ୍ୟ ଦିଗରେ ତ୍ୟାଗ ଓ ଆଧ୍ୟାତ୍ମିକ ବିମଳ ଆନନ୍ଦ ରାସପଞ୍ଚାଧ୍ୟାୟୀର ମର୍ମବାଣୀ । ରାସପଞ୍ଚାଧ୍ୟାୟୀର ଗତି ଭୋଗରୁ ତ୍ୟାଗକୁ, ତ୍ୟାଗରୁ ପରମପ୍ରେମକୁ, ପ୍ରେମରୁ ସହଜ ଆନନ୍ଦକୁ । ଏଥିରେ ତତ୍ତ୍ୱ ଅଛି; ସେହି ତତ୍ତ୍ୱ ଜୀବନର ଉତ୍ତର ସାଧନ ପାଇଁ । ଏଥିରେ ପ୍ରେମ ଅଛି; ସେହି ପ୍ରେମ ସଂସାର ବନ୍ଧ-ମୁକ୍ତ ଚିତ୍ତର ଅଭିବ୍ୟକ୍ତି ପାଇଁ । ବାହ୍ୟ ଦୃଷ୍ଟିରେ ସାଂସାରିକ ସଂହିତ ଜୀବନର ଏହା ବ୍ୟତିକ୍ରମ, ସାଂସାରିକ ନୀତିନିୟମ ଓ ଆଦର୍ଶର ଏହା ବିରୋଧୀ କିନ୍ତୁ ଲୋକୋତ୍ତର ଅଧ୍ୟାତ୍ମ ଦୃଷ୍ଟିରେ ଏହା ଶୁଦ୍ଧ ସୁନ୍ଦର । ଭୋଗରୁ ତ୍ୟାଗ ଦେଇ ଅଶ୍ରୁ ଓ ଉତ୍କଣ୍ଠା ମଧ୍ୟରେ ସଂପୂର୍ଣ୍ଣ ଅନାସକ୍ତ ଆତ୍ମସମର୍ପଣଦ୍ୱାରା ଯେଉଁ ପବିତ୍ର ଆଧ୍ୟାତ୍ମିକ ଦ୍ୟୁତି ପ୍ରକଟିତ ହୋଇଅଛି ବାସ୍ତବିକ ତାହା ଅନନ୍ୟ ଓ ଅସାଧାରଣ ।

## 'ରାସ' ଶବ୍ଦର ବ୍ୟାଖ୍ୟା ଓ ସୃଷ୍ଟି ଇତିହାସ :

'ରାସ' ଶବ୍ଦର ସୃଷ୍ଟି ଇତିହାସ ଓ ତାର ବ୍ୟାଖ୍ୟା-ବିଶ୍ଳେଷଣ ନେଇ ନାନା ଆଲୋଚକ ନାନା ମତ ପ୍ରଦାନ କରିଅଛନ୍ତି । ଶ୍ରୀମଦ୍ଭାଗବତକୁ ଏଇ ରାସ କିପରି ଅନୁପ୍ରବେଶ କରିଛି ଓ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛି ସେ ବିଷୟରେ ବହୁ ଆଲୋଚକ ବିଭିନ୍ନ ମତ ପ୍ରଦାନ କରିଅଛନ୍ତି । 'ରାସୋ', 'ରାସକ', 'ରାସହଂ', 'ରାସଭ', 'ରାସୁ', 'ରାସଲଭ' ଆଦି ଶବ୍ଦରୁ 'ରାସ' ଶବ୍ଦର ଉତ୍ପତ୍ତି ହୋଇଅଛି ବୋଲି କୁହାଯାଇଥାଏ । ଏହାର ଅର୍ଥ ସମ୍ପର୍କରେ 'ରାସ ଉତ୍ସବ' ଗ୍ରନ୍ଥରେ ଉଲ୍ଲେଖ ଅଛି—"ରାସୋତ୍ପଦ୍ୟତେ ଯସ୍ମାତ୍ ସା ରାସଃ ।" ଅର୍ଥାତ୍ ଯାହା ରସ ସୃଷ୍ଟି କରେ ତାହା ହିଁ ରାସ । ପୁନଶ୍ଚ 'ରାସ' ଶବ୍ଦକୁ 'ରସ' ଶବ୍ଦର ବହୁବଚନ ରୂପେ

ଗ୍ରହଣ କରାଯାଇଥାଏ—"ରସାନାଂ ସମୂହୋ ରାସଃ ।" ରସକୁ କିନ୍ତୁ ଉପନିଷଦରେ "ରସୋ ବୈ ସଃ" ରୂପେ ବର୍ଣ୍ଣନା କରାଯାଇଅଛି । ଅର୍ଥାତ୍ ରସ ହିଁ ବ୍ରହ୍ମ । ଏହି ରସରୁ ରାସର ସୃଷ୍ଟି । ରାସର ଆଭିଧାନିକ ଅର୍ଥ ଚିତ୍କାର, ସାମାନ୍ୟ ଧ୍ୱନି, ଭାଷଣ, କ୍ରୀଡ଼ା, ମଣ୍ଡଳ, ଏକପ୍ରକାର ନୃତ୍ୟ ବିଶେଷ, ଗୋଲକୃତି ଘେର, ଭଗବାନ ଶ୍ରୀକୃଷ୍ଣଙ୍କର ବୃନ୍ଦାବନରେ ଗୋପାଙ୍ଗନାମାନଙ୍କ ସହିତ ନୃତ୍ୟ ବିଶେଷ । (୧) ଏହି ସମସ୍ତ ଅର୍ଥରୁ ପ୍ରତିପାଦିତ ହୁଏ ଯେ ରାସ ହେଉଛି ଏକ ପ୍ରକାର ମଣ୍ଡଳାକାର ନୃତ୍ୟ । ଏଥିରେ ନୃତ୍ୟ ଓ ସଙ୍ଗୀତର ସମାବେଶରେ ରସ ସୃଷ୍ଟି ହୋଇଥାଏ । 'ରାସୋତ୍ସବ'ରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ ଅଛି ସ୍ତ୍ରୀ ଓ ପୁରୁଷମାନେ ହସ୍ତଧାରଣପୂର୍ବକ ମଣ୍ଡଳାକାରରେ ନୃତ୍ୟ କଲେ ତାକୁ ରାସ କୁହାଯାଏ ।

"ସ୍ତ୍ରୀଭିଷ୍ଟ ପୁରୁଷୈଶ୍ଚୈବ ଧୃତହସ୍ତୈଃ କ୍ରମାସ୍ଥିତୈଃ
ମଣ୍ଡଳେ କ୍ରିୟତେ ନୃତ୍ୟଂ ସ ରାସଃ ମୌଚ୍ୟତେ ବୁଧୈଃ ।"

ରାସଲୀଳାକୁ କେହି କେହି ଆଲୋଚକ 'ରହସ୍ୟଲୀଳା' କହିଥାନ୍ତି । ବିଭିନ୍ନ ସମ୍ପ୍ରଦାୟରେ ରାସଲୀଳାକୁ ଭଗବାନଙ୍କର ଗୂଢ଼ ରହସ୍ୟଲୀଳା କୁହାଯାଏ । (୨) ପଣ୍ଡିତ ରାମନାରାୟଣ ଦୂଗଡ଼ ମଧ୍ୟ 'ରହସ୍ୟ' ଶବ୍ଦରୁ 'ରାସ' ଶବ୍ଦର ସୃଷ୍ଟି ହୋଇଅଛି ବୋଲି ମତ ଦେଇଅଛନ୍ତି । (୩) ଗାସଦ ତାସୀଙ୍କ ମତରେ 'ରାସ' ଶବ୍ଦ 'ରାଜସୂୟ ଯଜ୍ଞ'ରୁ ଓ ଆଚାର୍ଯ୍ୟ ରାମଚନ୍ଦ୍ର ଶୁକ୍ଳଙ୍କ ମତରେ ଏହା 'ରସାୟନ' ଶବ୍ଦରୁ ଉତ୍ପତ୍ତି ହୋଇଅଛି । ଡ଼କ୍ଟର ଗ୍ରିୟରସନ କିନ୍ତୁ 'ରାଜାଦେଶ'ରୁ ରାସ ହୋଇଅଛି ବୋଲି ମତ ଦେଇଅଛନ୍ତି । ମାରୱାଡ଼ରେ 'ରାୟସୀ' ଶବ୍ଦ ପ୍ରଚଳିତ । ଏହା ରାଜାଦେଶରୁ ଅପଭ୍ରଂଶ ହୋଇ ବ୍ୟବହୃତ । (୪) ଏସବୁ ମତ ଗ୍ରହଣୀୟ ନୁହେଁ । କାରଣ ରାସର ଯେଉଁ ତାତ୍ତ୍ୱିକ ଓ ଭାବଗତ ଅର୍ଥ ପ୍ରତୀତ ହୁଏ ତାହା ଉପରୋକ୍ତ ବ୍ୟାଖ୍ୟାରୁ ଜଣାଯାଏ ନାହିଁ । ବରଂ କିଞ୍ଚିତ୍ ପରମାଣରେ 'ରାସ' ଭଗବାନଙ୍କ ରହସ୍ୟ ଲୀଳାକୁ ବ୍ୟଞ୍ଜିତ କରିଥାଏ । ପଣ୍ଡିତ ମୋହନଲାଲ ବିଷ୍ଣୁଲାଲ ପାଣ୍ଡେୟଙ୍କ ମତରେ 'ରାସକ' ଶବ୍ଦରୁ ରାସର ଉତ୍ପତ୍ତି ହୋଇଅଛି । କାରଣ ଏହା କ୍ରୀଡ଼ା, ଧ୍ୱନି, ଶୃଙ୍ଖଳା, ବିଳାସ,

---

୧ । Practical Sanskrit English Dictionary by Apte —P. 80.

୨ । ଡାଃ ଦଶରଥ ଓଜା—ହିନ୍ଦୀ ନାଟକ, ଉଦ୍‌ଭବ ଔର ବିକାଶ—ପୃ ୭୫

୩ । ସରସ୍ୱତୀ — ଭାଗ ୩—ପୃ ୧୮

୪ । ସରସ୍ୱତୀ—ଭାଗ ୩—ପୃ ୧୭

ଗର୍ଜନ, ନୃତ୍ୟ ଓ କୋଲାହଲ ଆଦି ଅର୍ଥ ପ୍ରକାଶ କରେ । (୫) ଆଚାର୍ଯ୍ୟ ଚନ୍ଦ୍ରାବଳୀ ପାଣ୍ଡେୟ ମଧ୍ୟ ଏହି 'ରାସକ' ଶବ୍ଦରୁ 'ରାସ' ସୃଷ୍ଟି ହୋଇଅଛି ବୋଲି ମତ ଦେଇ-ଅଛନ୍ତି; କିନ୍ତୁ ଆଚାର୍ଯ୍ୟ ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ ମତରେ ରାସକର ଉପରୂପକରୁ ରାସର ଉତ୍ପତ୍ତି । ହେମଚନ୍ଦ୍ରଙ୍କ 'କାବ୍ୟାନୁଶାସନ'ରେ ରାସକକୁ 'ଗେୟ ରୂପକ' ଭାବରେ ଗ୍ରହଣ କରାଯାଇଅଛି । ପଣ୍ଡିତ ବିଶ୍ୱନାଥ ପ୍ରସାଦ ମିଶ୍ର ଏହାକୁ ଉପରୂପକ ଭାବେ ଗ୍ରହଣ କରନ୍ତି ନାହିଁ । ସେ କହନ୍ତି—"ରାସ ଶବ୍ଦକା ବିଶେଷ ଆଗ୍ରହୀ ତୋ ସ୍ୱାର୍ଥେମେଁ 'କ' ମାନକର ଇସ୍ ରସକକୋ ନାଟ୍ୟ ରାସକସେ ପୃଥକ ଶ୍ରବ୍ୟ କାବ୍ୟ କା ବୋଧକ ମାନଲିୟା ଜା ସକତା ହୈ । ରାସକ ଶବ୍ଦ କୋ ଇସଲିଏ ଭୀ ଗ୍ରହଣ କରନା ଚାହିଏ, କି ରାସୋ ଶବ୍ଦ କେ ବିଭିନ୍ନ ରୂପୋକୀ ନିଷ୍ପତ୍ତି ରାସକସେହୀ ସୁଭୀତେ ସେ ହୋତୀ ହୈ । ଜୈସେ ସଂସ୍କୃତକେ 'ଘୋଟକ' ଶବ୍ଦ ସେ ବ୍ରଜ ଭାଷାକା 'ଘୋରେ', ଖଡ଼ୀ ବୋଲିକା 'ଘୋଡ଼ା' ଔର ଅବଧୀ ୟା ଅର୍ଦ୍ଧମାଗଧୀକା 'ଘୋର' ନିକଲପଡ଼େ, ବୈସେହୀ ରାସକସେ ପ୍ରାକୃତ ମେ ରାସଅ ରାସୟ ହୋତେ ହୋତେ ବ୍ରଜମେ ରାସୋ, ଖଡ଼ୀମେ ରାସା ଔର ଅର୍ଦ୍ଧମାଗଧୀମେ ରାସ ହୋଗୟା ।" (୬)

ରାସକୁ କେହି କେହି କଥାକାବ୍ୟ ରୂପେ ମଧ୍ୟ ଗ୍ରହଣ କରିଅଛନ୍ତି । (୭) ରାଜସ୍ଥାନରେ ରାସକୁ କଥାକାବ୍ୟ ରୂପେ ଗ୍ରହଣ କରାଯାଇଥାଏ । 'ରାସ' ଶବ୍ଦର ଅନ୍ୟ ଏକ ଅର୍ଥ ବିଳାସ । (୮) ଏଥିରେ ଉଲ୍ଲାସ ଓ ଉତ୍ସାହ ଥାଏ । ମୂଳତଃ ଏହା ଏକ ନୃତ୍ୟବିଶେଷ । 'ଲାସ୍ୟ' ଶବ୍ଦ ସହିତ ଏହାର ସମ୍ପର୍କ ଅଛି । ଭରତଙ୍କ ନାଟ୍ୟ ଶାସ୍ତ୍ରରେ ସର୍ବପ୍ରଥମ ନାଟକରେ ଶିବଙ୍କର 'ତାଣ୍ଡବ' ଓ ପାର୍ବତୀଙ୍କର 'ଲାସ୍ୟ' ପ୍ରକାଶିତ ହୋଇଥିଲା ବୋଲି ଉଲ୍ଲେଖ ଅଛି । ଏଥିରେ ନୃତ୍ୟକୁ ଉଦ୍ଧତ (ତାଣ୍ଡବ) ଓ ମଧୁର (ଲାସ୍ୟ) ଅର୍ଥରେ ଗ୍ରହଣ କରାଯାଇ ଏହାକୁ ଲୋକନୃତ୍ୟ ପରମ୍ପରା ବୋଲି ସ୍ୱୀକାର କରାଯାଇଅଛି । ଶିବ ଓ ପାର୍ବତୀ ଅବୈଦିକ ଦେବତା । ଲୋକ ସଂସ୍କୃତିରେ ସେମାନଙ୍କର ପ୍ରଭାବ ଦୃଢ଼ । ଭାରତବର୍ଷରେ ଆଦିବାସୀମାନଙ୍କର ନୃତ୍ୟକୁ ଉଲ୍ଲାସମୟ ନୃତ୍ୟ ଭାବରେ ଗ୍ରହଣ କରାଯାଇଥାଏ । ତେଣୁ ଶିବ ଓ ପାର୍ବତୀଙ୍କ ନୃତ୍ୟରେ ଲୋକନୃତ୍ୟର ପ୍ରଭାବ ପରିଲକ୍ଷିତ । ଏଥିରୁ ରାସର ପ୍ରତିଷ୍ଠା ହୋଇଅଛି ଏବଂ ପରବର୍ତ୍ତୀ କାଳରେ ତନ୍ତ୍ରରେ ଏହାର ପ୍ରାଧାନ୍ୟ ସ୍ୱୀକୃତ ହେଲା । ବୃହଦ୍ ଗୌତମୀ

୫ । ପୃଥ୍ୱୀରାଜରାସୀ—ନାଗରୀ ପ୍ରଚାରିଣୀ ସଭା, କାଶୀ, ଆଦିପର୍ବ—ଉପସଂହାର ପୃ ୧୬୩-୧୬୪

୬ । ହିନ୍ଦୀ ସାହିତ୍ୟ କା ଅତୀତ—ପୃ ୫୫

୭ । ମୁଶୀଦେବୀ ପ୍ରସାଦ—ସରସ୍ୱତୀ ଭାଗ ୩—ପୃ ୧୮

୮ । ଶବ୍ଦ କଳ୍ପଦ୍ରୁମ—୪ର୍ଥ ଖଣ୍ଡ ପୃ ୧୫୯

ତନ୍ତ୍ର ଓ ରାଧାତନ୍ତ୍ରରେ ରାସରେ ମହତ୍ତ୍ୱ ସ୍ୱୀକୃତ । ଆଲୋଚନାର ନିଷ୍କର୍ଷରେ ଏହା କୁହାଯାଇପାରେ ଯେ ରାସ ହେଉଛି ଏକ ପ୍ରକାର ମଣ୍ଡଳାକାର ନୃତ୍ୟ । ଏହା ମଧୁର ନୃତ୍ୟ; କିନ୍ତୁ ଉଦ୍ଧତ ନୁହେଁ । ଏଥିରେ ଧ୍ରୁପଦରାଗର ସମାବେଶରେ ଗୀତର ପ୍ରୟୋଗ ହୋଇଥାଏ । ଲାସ୍ୟରେ ମଧ୍ୟ ଏହି ବିଶେଷତ୍ୱ ପରିଲକ୍ଷିତ । ଏଥିରେ ଗୀତ ଓ ନୃତ୍ୟ ଥାଏ । ସ୍ତ୍ରୀମାନେ ଏଥିରେ ଭାଗ ନିଅନ୍ତି । କୌଶିକୀ ବୃତ୍ତି, ଶୃଙ୍ଗାର ରସ ଓ ହାସ୍ୟ ଏଥିରେ ପ୍ରାଧାନ୍ୟ ଲାଭ କରେ ।

ରାସକ ମଧ୍ୟ ଏକ ପ୍ରକାର ନୃତ୍ୟ । ବସନ୍ତ କାଳରେ ଷୋଳ ବା ବାର ଜଣ ନାୟିକାଦ୍ୱାରା ପିଣ୍ଡିବନ୍ଧ ନୃତ୍ୟକୁ ରାସକ କୁହାଯାଏ ବୋଲି 'ନାଟ୍ୟଦର୍ପଣ'ରେ ଉଲ୍ଲେଖ ଅଛି ।

''ଷୋଡ଼ଶ ଦ୍ୱାଦଶାଷ୍ଟୌ ବା ଯସ୍ମିନ୍ ନୃତ୍ୟନ୍ତି ନାୟିକାଃ
ପିଣ୍ଡିବନ୍ଧାଦି ବିନ୍ୟାସୈ ରାସକଂ ତଦୁଦାହୃତମ୍ ।''
—ନାଟ୍ୟ ଦର୍ପଣ—ପୃ୨ .୪

'ଭାବପ୍ରକାଶ'ରେ ମଧ୍ୟ ବାର ବା ଷୋଳ ନାୟିକାଦ୍ୱାରା ମଧୁର ତାଳଲୟସମନ୍ୱିତ ନୃତ୍ୟକୁ ରାସକ କୁହାଯାଇଅଛି । (୯) ଏହା ଏକ ଅଙ୍କବିଶିଷ୍ଟ । ଏଥିରେ ସୂତ୍ରଧର ନ ଥାଏ ମାତ୍ର ନାନ୍ଦୀଯୁକ୍ତ ହୋଇଥାଏ । କୈଶିକୀ ଭାରତୀ ବୃତ୍ତି ଏଥିରେ ଥାଏ । ବୀର ଓ ଅଙ୍ଗ ମଣ୍ଡିତ ହୋଇଥାଏ । ମୁଖ୍ୟ ନାୟକ ସହିତ ମୁଖ୍ୟ ନାୟିକା ଓ ଆନ୍ୟାନ୍ୟ ନାୟିକାମାନେ ଥାଆନ୍ତି । ଉଦ୍ଧାଉଭାବ ମଧ୍ୟ ଏଥିରେ ଥାଏ । ବିଶ୍ୱନାଥ କବିରାଜ 'ସାହିତ୍ୟ ଦର୍ପଣ'ରେ ରାସକୁ ନାଟ୍ୟପ୍ରଧାନ ରୂପେ ଗ୍ରହଣ କରିଅଛନ୍ତି । ରାସରେ ଲୋକନୃତ୍ୟ ଓ ଲୋକନାଟ୍ୟର ପ୍ରଭାବ ବିଶେଷ ଭାବରେ ପଡ଼ିଥିବା ଜଣାଯାଏ । ଅଭିନୟତ୍ୱ, ସଙ୍ଗୀତ ଓ ନୃତ୍ୟ ରାସର ବୈଶିଷ୍ଟ୍ୟ । ଆଦିକାଳୀନ ସାମୂହିକ ଲୋକନୃତ୍ୟ ଓ ଗୀତ ମଧ୍ୟ ଦେଇ ରାସର କ୍ରମବିକାଶ ଘଟିଅଛି । ଗାଥା ଓ ଗାଥାଚକ୍ର ସଂଗୀତ ଓ ନୃତ୍ୟର ତାଳେ ତାଳେ ରସସ୍ନିଗ୍ଧ ରୂପ ଧାରଣ କରିଅଛି । ମାନବର ପ୍ରଥମ ଭାବାଭିବ୍ୟଂଜନା ନୃତ୍ୟ । ଏଥିରେ ଅଛି ମନ ଓ ପ୍ରବୃତ୍ତିର ନିବିଡ଼ ସମ୍ବନ୍ଧ । ଆଦିବାସୀ ବ୍ୟକ୍ତିବିଶେଷ ରୂପେ ପରସ୍ପରଠାରୁ ପୃଥକ ମାତ୍ର ନୃତ୍ୟ ଓ ଗୀତରେ ଏବଂ ସ୍ୱାଭାବିକ ପ୍ରବୃତ୍ତିରେ ଏକ ଏବଂ ଅଭିନ୍ନ । ପ୍ରକୃତିର ଛନ୍ଦ ଓ ତାଳକୁ ଅନୁକରଣ କରି

---

୯ । ଷୋଡ଼ଶ ଦ୍ୱାଦଶାଷ୍ଟୌ ବା ଯସ୍ମିନ୍ ନୃତ୍ୟନ୍ତି ନାୟିକାଃ
ପିଣ୍ଡିବନ୍ଧାଦି ବିନ୍ୟାସୈଃ ରାସକଂ ତଦୁଦାହୃତମ୍ ।''
ଭାବପ୍ରକାଶ — ନବମ ଅଧିକାର-

ସେମାନଙ୍କର ନୃତ୍ୟ ଓ ଗୀତର ବିକାଶ । (୧୦) ଆଜି ନୃତ୍ୟ ପ୍ରକୃତିର ଅନୁକୃତି ହେଲେହେଁ ଧାର୍ମିକ ଭିତ୍ତି ଉପରେ ପ୍ରତିଷ୍ଠିତ । ସମୂହ ନୃତ୍ୟ ଓ ଗାନ ମଧ୍ୟଦେଇ ଦେବତାଙ୍କର ସ୍ତୁତି ଏଥିରେ ପ୍ରକାଶିତ ହୋଇଥାଏ । ଆଦିନୃତ୍ୟ ଓ ଗୀତରୁ ପରବର୍ତ୍ତୀ କାଳରେ ରାସର ଉତ୍ପତ୍ତି ଓ ବିକାଶ ଘଟିଅଛି ଏବଂ ସେଥିରେ ଆଧ୍ୟାତ୍ମିକ ଦ୍ୟୁତି ଫୁଟି ଉଠିଛି । ରାସରେ ପୌରାଣିକ କଥାବସ୍ତୁ, ପୌରାଣିକ ଶୈଳୀ ଓ ବିଶ୍ୱାସ ମଧ୍ୟରେ ଗତିଶୀଳ ହୋଇ ସାର୍ବଜନୀନ ମାନବିକ ଆବେଦନ ସହିତ ଉଚ୍ଚତର ଆଧ୍ୟାତ୍ମିକ ଦୀପ୍ତି ଓ ଦ୍ୟୁତି ପ୍ରକାଶ କରିଥାଏ । ଚୁମ୍ବନ, ଆଲିଙ୍ଗନ, ନୃତ୍ୟ ଓ ଗୀତ ରାସରେ ଅପରିହାର୍ଯ୍ୟ । ତେଣୁ ବିଶ୍ୱନାଥ ଚକ୍ରବର୍ତ୍ତୀ ଏ ସମ୍ପର୍କରେ କହନ୍ତି—"ଚୁମ୍ବନାଲିଙ୍ଗନାଦୀନାଂ ରସାନାଂ ସମହୋ ରାସଃ ।" ନାଟ୍ୟ ଓ ନୃତ୍ୟ ସହିତ ରାସକୁ ଲୌକିକ ଅର୍ଥରେ ସଂପୃକ୍ତ କରାଯାଇ ବ୍ୟାଖ୍ୟା ହୋଇଥିଲେହେଁ ପ୍ରକୃତରେ ରାସଲୀଳା ହିଁ ନିତ୍ୟନିକୁଞ୍ଜ ଲୀଳା ଓ ଏହା ହିଁ ରସଲୀଳା । ତଥାପି ରସଲୀଳା ରାସଲୀଳା ନୁହେଁ । ବ୍ରଜଲୀଳାରେ ଶରଦ ରାସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଲୀଳାରେ ପ୍ରିୟା ଓ ପ୍ରିୟତମଙ୍କର ରସମୟ ଅଲୌକିକ ରାସ ସୃଷ୍ଟି ହୋଇଥାଏ । ଲୌକିକ ରସ-ଲୀଳା ମଧ୍ୟ ଦେଇ ଅଲୌକିକ ଦିବ୍ୟ-ଲୀଳାର ଛନ୍ଦେ ଛନ୍ଦେ ପ୍ରେମର ପୂର୍ଣ୍ଣ ପ୍ରକାଶନ ଘଟିଅଛି । ତେଣୁ ରାସକୁ ପ୍ରେମର ଅନନ୍ୟ ସ୍ୱରୂପ ରୂପେ ଗ୍ରହଣ କରାଯାଇ ଶ୍ରୀମଦ୍ ଭାଗବତରେ ଏହାକୁ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବିସ୍ତାର କରାଯାଇଅଛି ।

## ଶ୍ରୀମଦ୍ ଭାଗବତରେ ରାସ :

ରାସ ଆଦିବାସୀ ନୃତ୍ୟ ଓ ଗୀତରୁ ଉତ୍ପତ୍ତି ହୋଇଥିଲେହେଁ ଶ୍ରୀମଦ୍ ଭାଗବତରେ ଏହା ଆଧ୍ୟାତ୍ମିକ ରୂପ ଗ୍ରହଣ କରି ପ୍ରିୟତମଠାରେ ପ୍ରିୟତମାମାନଙ୍କର ସମ୍ପୂର୍ଣ୍ଣ ଆତ୍ମସମର୍ପଣ ମଧ୍ୟରେ ପ୍ରେମର ପରିପୂର୍ଣ୍ଣ ବିକାଶ ଘଟାଇ ଉଲ୍ଲାସମୟ ଭାବ ସୃଷ୍ଟି କରିବାରେ ସମର୍ଥ ହୋଇଅଛି । ଭାଗବତରେ ରାସକୁ କ୍ରୀଡ଼ା କୁହାଯାଇଅଛି । ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର କ୍ରୀଡ଼ା ହିଁ ଲାସ୍ୟ (୧୧) ଏଥିରେ ମୁଖମଣ୍ଡଳରେ ଝଲକି ଉଠେ ବିନ୍ଦୁ ବିନ୍ଦୁ ସ୍ୱେଦ । କୃଷ୍ଣପ୍ରିୟା ଗୋପାଙ୍ଗନାଗଣ ଆପଣାର କଟିକୁ ଦୃଢ଼ ଭାବରେ ବାନ୍ଧିଦେଇ ଅତୁଳ୍ୟ ଲୀଳା କଲ୍ଲୋଳ ବାରିଧି ଭଗବାନ ଶ୍ରୀକୃଷ୍ଣଙ୍କର ଯଶୋଗାନ କରନ୍ତି । ସେମାନଙ୍କର ବିଚିତ୍ର ପଦ ବିନ୍ୟାସ, ବାହୁ ବିକ୍ଷେପ, ମଧୁର ରସଯୁକ୍ତ ଭ୍ରୂକୁଟୀ ବିଳାସ ବାସ୍ତବିକ ଅନନ୍ୟ । କପୋଳ ଦେଶରେ ଦୋଳାୟମାନ

---

୧୦ Glenn Hughes—The Story of Theatre P—5.

୧୧ । ତତ୍ରାରଭତ ଗୋବିନ୍ଦୋ ରାସକ୍ରୀଡ଼ା ମନୁବ୍ରତୈଃ
ରାସୋତ୍ସବଃ ସମ୍ପ୍ରବୃତ୍ତୋ ଗୋପୀମଣ୍ଡଳମଣ୍ଡିତଃ ।

ଭାଗବତ—ଦଶମ ସ୍କନ୍ଧ ।

ଚଞ୍ଚଳ କୁଣ୍ଡଳ କଳାମେଘ କୋଳରେ ଚପଳା ପରି ଦେଖାଯାଏ । ଶ୍ରୀମଦ୍ ଭାଗବତରେ ଏ ପ୍ରସଙ୍ଗରେ ବର୍ଣ୍ଣନା ଅଛି :—

"ପାଦନ୍ୟାସୈର୍ଭୁଜ ବିଧୂତିଭିଃ ସସ୍ମିତୈର୍ଭ୍ରୂବିଲାସୈ
ର୍ଭଜ୍ୟନ୍ମଧ୍ୟୈଶ୍ଚଳକୁଚ ପଟୈଃ କୁଣ୍ଡଳୈର୍ଗଣ୍ଡଲୋଲୈ ।
ସ୍ୱିଦ୍ୟନ୍ମୁଖ୍ୟଃ କବରରସନା ଗ୍ରନ୍ଥୟଃ କୃଷ୍ଣ ବଧ୍ୱୋ
ଗାୟନ୍ତ୍ୟସ୍ତଂ ତଡ଼ିତ ଇବ ତାମେଘ ଚକ୍ରେ ବିରେଜୁ ।"

ଯମୁନାର କୁଞ୍ଜ କାନନରେ ଶାରଦ ପୂର୍ଣ୍ଣିମାର ସ୍ନିଗ୍ଧ ସୁନ୍ଦର ଜ୍ୟୋତ୍ସ୍ନାର ପ୍ଲାବନ ମଧ୍ୟରେ ଗୋପାଙ୍ଗନା ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ରଚିତ ହେଲା ମହାରାସ । ପ୍ରକୃତି ଓ ପୁରୁଷର ଉଲ୍ଲାସମୟ ନୃତ୍ୟ । ଏକ କୃଷ୍ଣ ଅନେକ କୃଷ୍ଣ ରୂପରେ ଆବିର୍ଭୂତ ହୋଇ ରାସ ନୃତ୍ୟ କଲେ ।

"ରାସୋତ୍ସବ ସଂପ୍ରବୃତ୍ତୋ ଗୋପୀମଣ୍ଡଳ ମଣ୍ଡିତଃ
ଯୋଗେଶ୍ୱରେଣ କୃଷ୍ଣେଣ ତାସାଂ ମଧ୍ୟେ ଦ୍ୱୟୋର୍ଦ୍ୱୟୋଃ ।"
— ରାସସର୍ବସ୍ୱ —

ପରମପ୍ରେମରୂପା ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ବଂଶୀ ନାଦରେ ଉଚ୍ଚାଟିତ ହୋଇ କୁଞ୍ଜବନକୁ ଧାଇଁଗଲେ । ପ୍ରିୟତମଙ୍କ ସହିତ ମିଳିତ ହେବା ପାଇଁ କି ଉତ୍କଣ୍ଠା ! ପ୍ରେମମୟ ଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ କରି ଗୋପନାରୀମାନେ ଉଲ୍ଲସିତ ହୋଇ ନୃତ୍ୟ କଲେ । ସେମାନଙ୍କ କଣ୍ଠରୁ ସ୍ୱତଃସ୍ଫୂର୍ତ୍ତି ଭାବରେ ନିର୍ଗତ ହେଲା ଉଚ୍ଚସ୍ୱରର ସଙ୍ଗୀତ । ସେହି ଗୀତରେ ଏହି ସାରା ଜଗତ ବିମୁଗ୍ଧ ହୋଇ ଉଠିଲା ।

"ଉଚ୍ଚୈର୍ଜଗୁର୍ନୃତ୍ୟମାନା ରକ୍ତକଣ୍ଠ୍ୟୋ ରତିପ୍ରିୟାଃ
କୃଷ୍ଣାଭିମର୍ଶମୁଦିତା ଯଦ୍ଗୀତେନେଦମାବୃତମ୍ ।"
—ଭାଗବତ—

ଶ୍ରୀମଦ୍ ଭାଗବତରେ ଏହି ରାସଲୀଳା ଲୋକ ପରମ୍ପରା ମଧ୍ୟଦେଇ ବିକଶିତ ରୂପ ଗ୍ରହଣ କରିଅଛି । ବ୍ରଜଭୂମିରେ ଏହାର ଉଲ୍ଲେଖ । ଏଥିରେ ଅଛି ଦୁଗ୍ଧର ସ୍ନିଗ୍ଧତା ଓ ଲୋକଜୀବନର ସ୍ମୃତି ଶୃଙ୍ଖଳା । ନିଷ୍ଠଳ ଗ୍ରାମ୍ୟ ଜୀବନର ପ୍ରେମୋଲ୍ଲାସର ଏହା ଭାବ-ସମ୍ପଦ । ତଥାପି ଏହି ରାସଲୀଳାରେ ପାରମାର୍ଥିକ ଭାବ-ଭାବନା ପ୍ରକୀର୍ତ୍ତିତ । ଲୋକ ସଂସ୍କୃତି ଓ ଦେହାତ୍ମାଶ୍ରୟୀ ପ୍ରେମ ସମ୍ଭାର ମଧ୍ୟରେ ଲୋକୋତ୍ତର ଦିବ୍ୟ ପ୍ରେମର ଉତ୍ତରଣ ଘଟିଅଛି ଏବଂ ସେହି ଉତ୍ତରଣ ସ୍ତରରେ ରୂପ ଅରୂପରେ ପରିଣତ ହୋଇ ପ୍ରିୟା ଓ ପ୍ରିୟତମ ଏକ ଏବଂ ଅଭିନ୍ନ ହୋଇ ଯାଇଅଛନ୍ତି । ଯଦୁପତି ଶ୍ରୀକୃଷ୍ଣ

ଗୋପାଙ୍ଗନାମାନଙ୍କ ମଧ୍ୟରେ ରାକା ରଜନୀରେ ନକ୍ଷତ୍ରବିମଣ୍ଡିତ ଚନ୍ଦ୍ର ପରି ଶୋଭା ପାଆନ୍ତି । ସମଶୀତୋଷ୍ଣ ବନ କୁସୁମ ଓ ସୁଗନ୍ଧ ପବନ ଆସ୍ୱାଦନ କରି ମନୁଷ୍ୟ ଯେପରି ତାର ସକଳ ତାପ ଓ ଦୁଃଖ ବିସ୍ମୃତ ହୋଇଯାଏ ସେହିପରି ହୃଦୟସ୍ଥ ବିଦୀର୍ଣ୍ଣକାରିଣୀ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କରି ଜୀବନର ସକଳ କ୍ଲେଶ ଭୁଲିଗଲେ ।

"ଅଖଣ୍ଡମଣ୍ଡଳୋବ୍ୟୋମ୍ନି ରରାଜୋଡୁଗଣୈଃ ଶଶୀ
ଯଥା ଯଦୁପତିଃ କୃଷ୍ଣ କୃଷ୍ଣି ଚକ୍ରାବୃତୋ୍ୟ ଭୁବି ।
ଆଶ୍ଲିଷ୍ୟ ସମଶୀତୋଷ୍ଣ ପ୍ରସୂନ ବନମାରୁତମ୍
ଜନାସ୍ତାପଂ ଜହୁର୍ଗୋପ୍ୟୋନ କୃଷ୍ଣହୃତଚେତସଃ ।"

— ଭାଗବତ—

ରାସଲୀଳା ନିକୁଞ୍ଜ ଲୀଳା । ଏହା ମହାରାସ । ଏଥିରେ ପ୍ରେମ ଓ ସୌନ୍ଦର୍ଯ୍ୟର ହୋଇଛି ଅପୂର୍ବ ସମନ୍ୱୟ । ରୂପ ଓ ପ୍ରେମର ଚିର ନୂତନତା ଭିତରେ ରସର ହୋଇଛି ଅଖଣ୍ଡ ପ୍ରବାହ । ଏଥିରେ ରୂପ ଓ ପ୍ରେମ ପରସ୍ପର ଉତ୍ତର ଓ ପ୍ରତ୍ୟୁତ୍ତର । ପ୍ରେମ ଉଜ୍ଜ୍ୱଳ-କୋମଳ-ସ୍ନିଗ୍ଧ-ସରସ-ସୁନ୍ଦର-ନିତ୍ୟ ନୂତନ । ରୂପ ବସ୍ତୁ । ପ୍ରେମ ଅନୁଭୂତି । ପ୍ରେମପରି ରୂପ ମଧ୍ୟ ଉଜ୍ଜ୍ୱଳ-କୋମଳ-ସ୍ନିଗ୍ଧ-ସୁନ୍ଦର । ତେଣୁ ରୂପ ଓ ପ୍ରେମ ଭୋଗ୍ୟ ଓ ଭୋକ୍ତା । ପ୍ରେମ ଏଠି କାର୍ପଣ୍ୟ ନୁହେଁ – ଦାନ ନୁହେଁ-ଅଧୀନ ନହେଁ । ରୂପ ମଧ୍ୟ ସୀମାବଦ୍ଧ ନୁହେଁ । ଏଠି ରୂପ ଅନାଦି-ଅନନ୍ତ । ପ୍ରେମ ମଧ୍ୟ ଆଦିଅନ୍ତହୀନ । ରୂପ ଓ ପ୍ରେମର ମଧୁର୍ଯ୍ୟମୟ ମିଳନ ହିଁ ଶ୍ରୀକୃଷ୍ଣ ଓ ଗୋପାଙ୍ଗନା-ମାନଙ୍କର ମିଳନ । ଏଇ ମିଳନ ନିତ୍ୟ ଓ ନୂତନ । ଶ୍ରୀମଦ୍ ଭାଗବତରେ ରାସଲୀଳାକୁ ପ୍ରାଧାନ୍ୟ ଦିଆଯାଇ ସେଥିରେ ରୂପ-ଚର୍ଯ୍ୟା ମଧ୍ୟରେ ପ୍ରେମର ପରିପୂର୍ଣ୍ଣ ବିକାଶ ଘଟାଇ ଯେପରି ଗୋପୀପ୍ରେମର ମହତ୍ତ୍ୱକୁ ପ୍ରକାଶ କରାଯାଇଅଛି, ତାହା ଅନନ୍ୟ ।

## ଓଡ଼ିଆ ରାସପଞ୍ଚାଧ୍ୟାୟୀ : ଅନୁବାଦ ଓ ଅନୁସୃଷ୍ଟି

ସଂସ୍କୃତ-ଭାଗବତର ଦଶମ ସ୍କନ୍ଧର ଗୋପଲୀଳାର ଅଣତିରିଶ ଅଧ୍ୟାୟରୁ ତେତିଶ ଅଧ୍ୟାୟ ପର୍ଯ୍ୟନ୍ତ ପାଞ୍ଚଟି ଅଧ୍ୟାୟକୁ ରାସପଞ୍ଚାଧ୍ୟାୟୀ କୁହାଯାଇଥାଏ । ଶ୍ରୀ ଜଗନ୍ନାଥ ଦାସ ସେହି ପାଞ୍ଚଟି ଅଧ୍ୟାୟକୁ ଓଡ଼ିଆ ଭାଗବତରେ ସେହି ଦଶମ ସ୍କନ୍ଧର ତିରିଶ ଅଧ୍ୟାୟରୁ ଚଉତିରିଶ ଅଧ୍ୟାୟ ମଧ୍ୟରେ ବର୍ଣ୍ଣନା କରିଅଛନ୍ତି । ଏହା ମୂଳ ସଂସ୍କୃତ ରାସପଞ୍ଚାଧ୍ୟାୟୀର ଅନୁସୃଷ୍ଟି । ଯଦିଓ ସ୍ଥଳବିଶେଷରେ ଅନୁବାଦ ଅଛି ଓ ସେହି ଅନୁବାଦ ଅତ୍ୟନ୍ତ ରସସ୍ନିଗ୍ଧ ତଥାପି ଅନୁବାଦ ଅପେକ୍ଷା ଅନୁସୃଷ୍ଟି ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଥିବା ଲକ୍ଷ୍ୟ କରାଯାଏ । ମୂଳ ସଂସ୍କୃତ ରାସପଞ୍ଚା-

ଧ୍ୟାୟୀରେ ସର୍ବମୋଟ ୧୭୪ ଶ୍ଳୋକ ( ୪୮ + ୪୫ + ୧୯ + ୨୨ + ୪୦ ) ଅଛି ଏବଂ ଜଗନ୍ନାଥ ଦାସ ଏଥିମଧ୍ୟରୁ ୩୦ଶ ଅଧ୍ୟାୟରୁ ଗୋଟିଏ ଶ୍ଳୋକ (୨୯୮) ଏବଂ ୩୩ଶ ଅଧ୍ୟାୟରୁ ଦୁଇଟି ଶ୍ଳୋକ (୨୫ନ ଓ ୩୩ନ)କୁ ଛାଡ଼ି ଅବଶିଷ୍ଟ ୧୭୧ଟି ଶ୍ଳୋକର ଅନୁବାଦ କରିଅଛନ୍ତି । ଏହି ଅନୁବାଦ କେତେକ ସ୍ଥଳରେ ଆକ୍ଷରିକ ଅନୁବାଦ ହୋଇଥିଲେହେଁ ଅନ୍ୟତ୍ର ମୁକ୍ତ ଅନୁବାଦ ବା ଅନୁସୃଷ୍ଟି ହୋଇଥିବା ଦେଖିବାକୁ ମିଳେ । ଏହା ଫଳରେ ଓଡ଼ିଆ ଭାଗବତରେ ସର୍ବମୋଟ ୬୫୦ ପଦ ( ୨୫୧ + ୧୪୧ + ୭୭ + ୭୧ + ୧୧୦ ) ଅଛି । ଏଥିରେ ମୂଳଶ୍ଳୋକର ଆକ୍ଷରିକ ଅନୁବାଦ, ଭାବାନୁବାଦ, ନୂତନ ବିଷୟବସ୍ତୁର ସଂଯୋଜନା, ମୂଳ ବିଷୟବସ୍ତୁର ତ୍ୟାଗ, ବିଷୟ-ବସ୍ତୁର ସ୍ଥାନ ପରିବର୍ତ୍ତନ (୧୧) ଆଦି ଦେଖିବାକୁ ମିଳେ ଏବଂ ଏହି ଯୋଗ-ବିଯୋଗ-ଅନୁବାଦ-ଅନୁସରଣ ଫଳରେ ଜଗନ୍ନାଥ ଦାସଙ୍କ ରାସପଞ୍ଚାଧ୍ୟାୟୀ ମୌଳିକ ସୃଷ୍ଟିର ଭ୍ରମ ସୃଷ୍ଟି କରିଥାଏ । ଭଗବାନ ଶ୍ରୀକୃଷ୍ଣଙ୍କର ଗୁଣ ସ୍ମରଣ-ଶ୍ରବଣ-କୀର୍ତ୍ତନ ଓ ଅଲୌକିକତା ଆଦି ବର୍ଣ୍ଣନାବେଳେ ଜଗନ୍ନାଥ ଦାସ ମୌଳିକତା ଦେଖାଇ ଆପଣାର ଭକ୍ତିତଦ୍‌ଗତ ଭାବର ପରିଚୟ ପ୍ରଦାନ କରିଅଛନ୍ତି ଏବଂ ସେ ମୁଖ୍ୟତଃ ଶ୍ରୀକୃଷ୍ଣଙ୍କ ନାମ କୀର୍ତ୍ତନ ଉପରେ ଗୁରୁତ୍ୱ ଦେଇଅଛନ୍ତି । ମୂଳ ସଂସ୍କୃତ ଶ୍ଳୋକର ଜଟିଳ ତତ୍ତ୍ୱକୁ ସେ ବର୍ଜନ କରିଅଛନ୍ତି ଏବଂ ଏକ ଏକ ନିର୍ଦ୍ଦିଷ୍ଟ ଶ୍ଳୋକକୁ ଏକାଧିକ ପଦରେ ବ୍ୟାଖ୍ୟା କରିଅଛନ୍ତି । ରତି ବର୍ଣ୍ଣନା ପ୍ରସଙ୍ଗକୁ ମଧ୍ୟ ସେ ପ୍ରାଧାନ୍ୟ ଦେଇ ନାହାନ୍ତି । ପୁନଶ୍ଚ ସେ ଯେପରି ଜନୈକ ଗୋପୀର କୃଷ୍ଣାନୁରକ୍ତି ଓ ସ୍ୱାମୀକର୍ତ୍ତୃକ ନିର୍ଯାତନାରେ ମୃତ୍ୟୁବରଣ ଏବଂ କୃଷ୍ଣଦେହପ୍ରାପ୍ତି, ବୃନ୍ଦାବତୀ ଉପାଖ୍ୟାନର ସଂଯୋଜନା ମାଧ୍ୟମରେ ଗୋପୀପ୍ରେମର ପରୀକ୍ଷା ଓ ସକଳ ଅହଙ୍କାର ବିନିର୍ମୁକ୍ତ ଚିତ୍ତର ସଂପୂର୍ଣ୍ଣ ଆତ୍ମସମର୍ପଣ ପ୍ରସଙ୍ଗର ବର୍ଣ୍ଣନା କରିଅଛନ୍ତି, ତାହା ତାଙ୍କର ଅନୁବାଦ-ଅନୁସରଣ-ଅନୁସୃଷ୍ଟି ମଧ୍ୟରେ ମୌଳିକ ସୃଷ୍ଟି କଳ୍ପନାର ସଙ୍କେତ ପ୍ରଦାନ କରିଥାଏ ।

ମୂଳ ଭାଗବତର ୨୯ଶ ଅଧ୍ୟାୟ ୧ମ ଶ୍ଳୋକରେ ଗୋପୀମାନଙ୍କର ଇଚ୍ଛା ପୂରଣ ବିଷୟ ବର୍ଣ୍ଣିତ ହୋଇଥିଲାବେଳେ ଜଗନ୍ନାଥ ଦାସ ୩୦ଶ ଅଧ୍ୟାୟରେ ସେହି ବିଷୟକୁ ପରିବର୍ତ୍ତନ କରିଦେଇ ଗୋପନାରୀମାନଙ୍କର ଅନେକ ଜନ୍ମର ତପସ୍ୟା ଓ ସେମାନଙ୍କର ଆଶା ପୂର୍ଣ୍ଣ କରିବା ପାଇଁ ଶ୍ରୀକୃଷ୍ଣଙ୍କର ଇଚ୍ଛା ପ୍ରକାଶକୁ ରୂପାୟନ କରିଅଛନ୍ତି । ( ୨) ଏହି ବର୍ଣ୍ଣନା ମଧ୍ୟରେ ରାମାୟଣରେ ଦଣ୍ଡକାରଣ୍ୟରେ ତପସ୍ୟା

୧୧ । ଡକ୍ଟର କୃଷ୍ଣଚରଣ ସାହୁ—ଜଗନ୍ନାଥ ଦାସଙ୍କ ରାସପଞ୍ଚାଧ୍ୟାୟୀ—ପୃ ୧୦୨

୧୨ । ଗୋବିନ୍ଦ ବିଚାରନ୍ତି ମନେ । ଆଜ ରମିବା ବୃନ୍ଦାବନେ ।
ଷୋଳ ସହସ୍ର ଗୋପନାରୀ । ମୋତେ ବରିଲେ ତପକରି ।
ମୁଁ ତାଙ୍କ ପୂରାଇବି ଆଶ । ସେ ମୋର ଭଗତ ବିଶ୍ୱାସ ।
ଅନେକ ଜନ୍ମେ ତପକରି । ଏବେ ହୋଇଲେ ଗୋପନାରୀ ।
ରମିଣ ଦେବି ନିଜପୁର । ଆଜ ମୁଁ କରିବି ନିସ୍ତାର ।

କରୁଥିବା ମୁନି ଋଷିମାନଙ୍କର ଶ୍ରୀରାମଚନ୍ଦ୍ରଙ୍କୁ ଦେଖି ଭାବାନ୍ତର ସୃଷ୍ଟି ଓ ଶ୍ରୀରାମଙ୍କୁ ପତ୍ନୀ ଭାବରେ ଲାଭ କରିବାର ଅଭିଳାଷ ଏବଂ ଶ୍ରୀରାମଚନ୍ଦ୍ରଙ୍କର ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାରରେ ସେମାନଙ୍କର ଅଭିଳାଷ ପୂରଣ ପାଇଁ ପ୍ରତିଶ୍ରୁତି ଆଦି ବର୍ଣ୍ଣନାର ସୂଚନା ମିଳିଥାଏ । ନଦୀତୀରରେ ଦେବତା ଉପାସନା ପ୍ରସଙ୍ଗ ମଧ୍ୟ ଜଗନ୍ନାଥ ଦାସଙ୍କର କଳ୍ପନା ବିଳାସର ପରିଚୟ ପ୍ରଦାନ କରିଥାଏ । ଗୋପାଙ୍ଗନାମାନଙ୍କୁ ଘରକୁ ଫେରି ଯାଇ ପତିସେବା କରିବାକୁ ମୂଳ ଭାଗବତରେ ଯେପରି ଉପଦେଶ ଅଛି, ଜଗନ୍ନାଥ ଦାସ ସେଥିରେ ଅଧିକ କଳ୍ପନା-ପ୍ରବଣତାର ପରିଚୟ ଦେଇ ବର୍ଣ୍ଣନାକୁ ସମ୍ପ୍ରସାରିତ କରିଅଛନ୍ତି । ନିମ୍ନରେ ମୂଳ ଭାଗବତର କେତୋଟି ଶ୍ଳୋକକୁ ଜଗନ୍ନାଥ ଦାସ କିପରି ଓଡ଼ିଆରେ ଅନୁବାଦ-ପରିବର୍ତ୍ତନ-ପରିବର୍ଦ୍ଧନ କରିଅଛନ୍ତି ତାର ତୁଳନାତ୍ମକ ଦୃଷ୍ଟାନ୍ତ ପ୍ରଦାନ କରାଯାଉଅଛି ।

କାମଂ କ୍ରୋଧଂ ଭୟଂ ସ୍ନେହମୈକ୍ୟଂ ସୌହୃଦମେ ବଚ
ନିତ୍ୟଂ ହରୌ ବିଦଧତୋ ଯାନ୍ତି ତନ୍ମୟତାଂ ହିତେ ।।୧୫।

ସଂସ୍କୃତ ଭାଗବତ-୨୯ଶ ଅଧ୍ୟାୟ—

ଯାହାର ନାହିଁ କାମକ୍ରୋଧ । ସହୃଦେ ସ୍ନେହକଇ ସ୍ୱଭାବ । ୯୪ ।
ଯାହାର ମନ ହୋଏ ଲୟେ । ସେ ପ୍ରାଣୀ ପଶେ କୃଷ୍ଣଦେହେ । ୯୫ ।

ଜଗନ୍ନାଥ ଦାସଙ୍କ ଭାଗବତ-୩୦ଶ ଅଧ୍ୟାୟ—

ଯତ୍ପତ୍ୟପତ୍ୟ ସୁହୃଦାମନୁ ବୃତ୍ତିରଙ୍ଗ
ସ୍ତ୍ରୀଣାଂ ସ୍ୱଧର୍ମ ଇତି ଧର୍ମବିଦା ତ୍ୱୟୋକ୍ତମ୍
ଅସ୍ତ୍ୱେବମେତଦୁପଦେଶ ପଦେ ତ୍ୱୟୀଶେ
ପ୍ରେଷ୍ଠୋ ଭବାଂସ୍ତନୁଭୃତାଂ କିଲ ବନ୍ଧୁରାତ୍ମା । ୩୨ ।

ସଂ. ଭାଗବତ—୨୯ଶ ଅଧ୍ୟାୟ—

ଯାହା ବୋଇଲୁ ବେଦମତେ । ହେ ନାଥ ଶୁଣ ସ୍ନେହ ଚିତ୍ତେ ।
ସ୍ତ୍ରୀ ଯେ ତୋହର ସାଧୁପଣେ । ସେବିବୁଂ ସ୍ୱାମୀଙ୍କ ଚରଣ ।
ସେହୁକଥା ଉଚିତ ଆମ୍ଭର । ହେ ନାଥ ଶୁଣ ବେଦସାର ।
ତୁ ଯେ ସକଳ ପ୍ରାଣୀଙ୍କର । ହେବ ଜୀବନର ଠାକୁର ।

ଜଗନ୍ନାଥ ଦାସଙ୍କ ଭାଗବତ-୩୦ଶ ଅଧ୍ୟାୟ—

ତନ୍ନଃ ପ୍ରସୀଦ ବୃଜିନାର୍ଦ୍ଦନତେଽଙ୍ଘ୍ରିମୂଳଂ ପ୍ରାପ୍ତା
ବିସୃଜ୍ୟ ବସତୀସ୍ତ୍ୱଦୁପାସନାଶାଃ

ହୃତ୍‌ସୁନ୍ଦରସ୍ମିତ ନିରୀକ୍ଷଣ ତୀବ୍ର କାମ ତପ୍ତାତ୍ମନାଂ
ପୁରୁଷ-ଭୂଷଣ ଦେହି ଦାସ୍ୟମ୍ । ୩୮ ।

ସଂ. ଭାଗବତ—୨୯ଶ ଅଧ୍ୟାୟ—

ତୋହୋର ପାଦ ଦୃଢ଼ଚରଣେ । ମୁନିସ୍ତେ ଖୋଜୁଥାନ୍ତି ନିତ୍ୟେ ।
ସେ ପାଦେ ପଶିଲୁ ଶରଣ । ଜୀବନ ରଖ ନାରାୟଣ ।

ଜଗନ୍ନାଥ ଦାସଙ୍କ ଭାଗବତ—୩୦ଶ ଅଧ୍ୟାୟ—

କସ୍ୟାଂଚତ୍ ସ୍ୱଭୁଜଂ ନ୍ୟସ୍ୟ ଚଲନ୍ତ୍ୟାହାପରା ନନୁ
କୃଷ୍ଣୋଽହଂ ପଶ୍ୟତ ଗତିଂ ଲଳିତାମିତି ତନ୍ମନାଃ । ୧୯ ।

ସଂ. ଭାଗବତ—୩୦ଶ ଅଧ୍ୟାୟ—

ସ୍କନ୍ଧର କନ୍ଧେ ଦେଇ ହସ୍ତ । ଚାଲଇ ଯେହ୍ନେ ଗୋପୀନାଥ ।
ବୋଲଇ ମୁହିଂ ବେଣୁଧର । ଦେଖ ଲୋ ଚାଲଇ ସୁନ୍ଦର ।

ଜଗନ୍ନାଥ ଦାସଙ୍କ ଭାଗବତ—୩୧ଶ ଅଧ୍ୟାୟ—

ଅନୟାଽରାଧିତୋ ନୂନଂ ଭଗବାନ ହରିରୀଶ୍ୱରଃ
ଯନ୍ନୋ ବିହାୟ ଗୋବିନ୍ଦଃ ପ୍ରୀତୋ ଯାମନୟଦ୍‌ରହଃ । ୨୮ ।

ସଂ. ଭାଗବତ—୩୦ଶ ଅଧ୍ୟାୟ—

ଧନ୍ୟ ଗୋ ତାହାର ଜୀବନ । ମୋହିଲା ଯଶୋଦାନନ୍ଦନ ।
ତାହାର ପାଦ ବର୍ତ୍ତି ଚିହ୍ନ । ଦହଇ ଆମ୍ଭର ଜୀବନ ।

ଜଗନ୍ନାଥ ଦାସଙ୍କ ଭାଗବତ- ୩୧ଶ ଅଧ୍ୟାୟ—

ସା ଚ ମେନେ ତଦାଽଽତ୍ମାନଂ ବରିଷ୍ଠଂ ସର୍ବ ଯୋଷିତାମ୍
ହିତ୍ୱାଗୋପିଃ କାମଯାନା ମାମସୌ ଭଜତେ ପ୍ରିୟଃ । ୩୭ ।

ସଂ. ଭାଗବତ—୩୦ଶ ଅଧ୍ୟାୟ—

ମୁଂ ସେ ମୋହିଲି ହରିଚିତ୍ତ । ମୋ ତହୁଁ ନାହିଁ ଭାଗ୍ୟବନ୍ତ ।
ତାହା ଜାଣିଲେ ଭବଗ୍ରାହୀ । ନାର୍ବ ବହିଲା ସ୍କେ କା ଦେହି ।

ଜଗନ୍ନାଥ ଦାସଙ୍କ ଭାଗବତ—୩୧ଶ ଅଧ୍ୟାୟ—

ଚଳସି ଯଦ୍ ବ୍ରଜାଚ୍ଚାରୟନ୍ ପଶୂନ୍
ନଳୀନ ସୁନ୍ଦରଂ ନାଥ ତେ ପଦମ୍

ଶିଳତୃଣାଙ୍କୁରୈଃ ସୀଦତୀତି ନଃ
କଲିଲତାଂ ମନଃ କାନ୍ତ ଗଚ୍ଛତି ।୧୧।

ସଂ ଭାଗବତ—୩୧ଶ ଅଧ୍ୟାୟ—

ତୁ ନାଥ ଗୋରୁଙ୍କର ମେଳେ । କାନନେ ଯାଉ ଯେତେବେଳେ ।
କୋମଳ ପାଦପଦ୍ମ ଗୃହ୍ନଂ । ଆମ୍ଭର ହୃଦୟ ଦହଇ ।
କଣ୍ଟା ପାଷାଣ ତୃଣ ଲାଗି । ନପୁଣ ହୋଇ ଦୁଃଖଭାଗୀ ।

ଜଗନ୍ନାଥ ଦାସଙ୍କ ଭାଗବତ—୩୨ଶ ଅଧ୍ୟାୟ—

ତା ସାମତ ବିହାରେଣ ଶ୍ରାନ୍ତାନାଂ ବଦନାନି ସଃ
ପ୍ରାମୃଜତ୍ କରୁଣଃ ପ୍ରେମ୍ଣା ଶନ୍ତମେନାଙ୍ଗ ପାଣିନା ।୨୧।

ସଂ ଭାଗବତ—୩୩ଶ ଅଧ୍ୟାୟ—

ଗୋପୀଙ୍କ ମୁଖ ଶ୍ରମ ଗୃହ୍ନିଁ । ପୋଛନ୍ତି କରେ ଭଗବାନ୍ତ ।

ଜଗନ୍ନାଥ ଦାସଙ୍କ ଭାଗବତ—୩୪ଶ ଅଧ୍ୟାୟ—

ତାଭିର୍ଯୁତଃ ଶ୍ରମମପୋହିତୁମଙ୍ଗ-ସଙ୍ଗ-ଘୃଷ୍ଟସ୍ରଜଃ
ସ କୁଚକୁଙ୍କୁମ ରଞ୍ଜିତାୟାଃ
ଗନ୍ଧର୍ବପାଳିଭିରନୁଦ୍ରୁତ ଆବିଶଦ୍ ବାଃ ଶ୍ରାନ୍ତୋ
ଗଜୀଭିରିଭରାଡ଼ିବ ଭିନ୍ନସେତୁଃ ।୨୩।

ସଂ ଭାଗବତ—୩୩ଶ ଅଧ୍ୟାୟ—

ବ୍ରଜକାମିନୀ ଘେନି ସଙ୍ଗେ । ସ୍ତନ କୁଙ୍କୁମ ପଙ୍କ ଅଙ୍ଗେ ।
ପଶିଲେ କାଳିନ୍ଦୀ ଭିତରେ । ଗନ୍ଧର୍ବେ ଗାବନ୍ତି ସୁସ୍ୱରେ ।
କରଣୀ ଯୂଥେ ଗଜ ଯେହ୍ନେ । ଗୋପୀଙ୍କ ଶ୍ରମ ଜାଣି ମନେ ।

ଜଗନ୍ନାଥ ଦାସଙ୍କ ଭାଗବତ - ୩୪ଶ ଅଧ୍ୟାୟ—

ଏହି ତୁଳନାତ୍ମକ ଦୃଷ୍ଟାନ୍ତରୁ ଜଣାଯାଏ ଯେ ଜଗନ୍ନାଥ ଦାସ ମୂଳ ଭାଗବତର ଶ୍ଳୋକକୁ କେତେକ ସ୍ଥଳରେ ଆକ୍ଷରିକ ଅନୁବାଦ କରିଥିଲାବେଳେ ଅନ୍ୟ କେତେକ ସ୍ଥଳରେ ଭାବାନୁବାଦ ଏବଂ ସ୍ଥଳବିଶେଷରେ ବିଷୟାନୁବାଦ କରିଅଛନ୍ତି । ପୁନଶ୍ଚ କେତେକ ସ୍ଥଳରେ କୌଣସି କୌଣସି ଶ୍ଳୋକର ଗୋଟିଏ ଗୋଟିଏ ପାଦର ଅନୁବାଦ କରିଥିଲାବେଳେ ଅନ୍ୟ ପାଦକୁ ପରିତ୍ୟାଗ କରିଅଛନ୍ତି । ଏହି ପରିବର୍ଜନ-ଦ୍ୱାରା ମୂଳ ଭାବ ସଂହତିରେ ବାଧା ସୃଷ୍ଟି ହୋଇ ନାହିଁ । ପୁନଶ୍ଚ ସେ ନୂତନ ବିଷୟର

ସଂଯୋଜନା କରି ପରିବେଶରେ ଚମତ୍କାରିତା ସୃଷ୍ଟି କରିଅଛନ୍ତି । ନଦୀ ତୀରରେ ଗୋପାଙ୍ଗନାମାନଙ୍କର ଦେବତା ପୂଜିବା, ଶ୍ରୀକୃଷ୍ଣଙ୍କର ମୁରଲୀ ନାଦ ଶୁଣି ଗୋପନାରୀମାନଙ୍କର ଧାଇଁବାବେଳେ ପରସ୍ପର ପ୍ରତି ସପତ୍ନୀ ଭାବ ଆଣିବା, ଗୋପୀଙ୍କୁ ଅଟକାଇବା ବେଳେ ଭଗବାନ ଶ୍ରୀକୃଷ୍ଣଙ୍କର ଗୋପାଳମାନଙ୍କର ମନ ମୋହିବା, କୌଣସି କ୍ଷୀଣଦେହୀ ଗୋପ ତରୁଣୀର ମୁରଲୀ ଧ୍ୱନି ଶୁଣି ଭାବାନ୍ତର, ସ୍ୱାମୀକର୍ତ୍ତୃକ ଗୃହରେ ବନ୍ଧନ ଓ ନିର୍ଯ୍ୟାତନା ଏବଂ ଧ୍ୟାନରେ ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ ଓ ଚୁମ୍ବନ-ପୂର୍ବକ ଗୋବିନ୍ଦ ଶରୀରରେ ପ୍ରବେଶ (୧୩), ଶ୍ରୀକୃଷ୍ଣଙ୍କର ଗୋପାଙ୍ଗନାମାନଙ୍କୁ ବ୍ରଜରେ ବିପଦ ପଡ଼ିବା ପ୍ରସଙ୍ଗର ପ୍ରଶ୍ନ ଛଳରେ ବର୍ଣ୍ଣନା ( ୪), ଗୋପନାରୀମାନଙ୍କ ପ୍ରତି ସ୍ୱାମୀମାନେ କ୍ରୋଧ ପ୍ରକାଶ କରିବା, ସେମାନଙ୍କର ଜାତି ନାଶ ହେବା ଓ ସାମାଜିକ ବାସନ୍ଦ ହେବା ପ୍ରସଙ୍ଗର ବର୍ଣ୍ଣନା (୧୫), ସ୍ୱାମୀ ଅଭକ୍ତ ନାରୀର

---

୧୩ । ଯେକ ଗୋପୀଯେ କ୍ଷୀଣ ହୋଇ । ବେଗେ ସେ ନ ପାରିଲା ଯାଇ ।
ତାହାର ସ୍ୱାମୀ କର ଧରି । ଘରେ ଆଣିଲା ନିଜ ନାରୀ ।
ଗମ୍ଭିରୀ ଭିତରେ ବାନ୍ଧିଲା । ଅନେକ ମାଡ଼ହିଂ ମାରିଲା ।
ଦ୍ୱାରେ କବାଟ ଗଲା କିଳି । ବିକଳେ କାନ୍ଦଇ ଗୁଆଳୀ ।
ମୁରଲୀ ତାର ନାମ ଧରି । ଡାକଇ ଆସ ବେଗ କରି ।
ସେ ଗୋପୀ ବନ୍ଧନରେ ପଡ଼ି । କାନ୍ଦଇ ଗୃହେ ମୁଣ୍ଡ କୋଡ଼ି ।
କୃଷ୍ଣର ଦେହେ ଦେଇ ମନ । କ୍ଷଣ କ୍ଷଣକେ ଅଚେତନ ।
ସହି ନ ପାରି ତାପ ଭରେ । ବେନି ଲୋଚନ କଲା ସ୍ଥିରେ ।
ଧ୍ୟାନେ ଦେଖିଲା ଭଗବାନ । ନିର୍ଭୟେ କଲା ଆଲିଙ୍ଗନ ।
ଡାକିଲା କୃଷ୍ଣ ହାହି ହାହି । ପ୍ରାଣ ଗୁଡ଼ିଲା ଚୁମ୍ବ ଦେଇ ।
ସହି ନ ପାରି କାମ ଭରେ । ପଶିଲା ଗୋବିନ୍ଦ ଶରୀରେ ।
— ୩୦ଶ ଅଧ୍ୟାୟ —

୧୪ । ଗୋପରେ କହ ଭଲ କଥା । ମୋ ନନ୍ଦ ଯଶୋଦା ବାରତା ।
ଗୋପେ କି ଆପଦ ପଡ଼ିଲା । ମୋତେ ତ ସନ୍ଦେହ ଲାଗିଲା ।
ଗୋରୁ ଗୋପାଳ ନେଲେ ବାନ୍ଧି । ତୁମ୍ଭେ ଅଇଲ ବନେ କାନ୍ଦି ।
ସର୍ବ ସମ୍ପଦ କଲେ ଚୁର । କି ଅବା ମିଳିଲେ ଅସୁର ।
— ୩୦ଶ ଅଧ୍ୟାୟ —

୧୫ । ଯେ ଯାହା ସ୍ୱାମୀ କୋପଚଢ଼େ । ଖୋଜନ୍ତି ଘରଦ୍ୱାର ପଥେ ।
ନ ପାଇ କରିବେଟି ରୋଷ । ତୁମ୍ଭେ ହୋଇବ ଜାତି ନାଶ ।
ବନ୍ଧୁ ବାନ୍ଧବ ତୁମ୍ଭ ଘରେ । ଅନ୍ନ ନ କରିବେ ଆହାରେ ।
ଜଳ ହିଁ ନ କରିବେ ପାନ । ତୁମ୍ଭେ ହୋଇବ ଜାତିହୀନ ।
— ୩୦ ଅଧ୍ୟାୟ —

ସାତଜନ୍ମ ଧରି ବିଧବା ହେବା (୧୬), ଶ୍ରୀକୃଷ୍ଣଙ୍କ ନାମ ଭଜନ କରୁଥିବା ଲୋକମାନଙ୍କର ନିତ୍ୟସୁଖ, ଶ୍ରୀକୃଷ୍ଣଙ୍କ ପାଇଁ ଗୋପୀମାନଙ୍କର ଗର୍ବ (୧୭), ବୃନ୍ଦାବତୀ ପ୍ରସଙ୍ଗର ଅବତାରଣା, ଶ୍ରୀକୃଷ୍ଣଙ୍କ ମାୟାରେ ଆକାଶ ଓ ଚନ୍ଦ୍ର ମେଘାଚ୍ଛାଦିତ ହେବା, ଗୋପୀମାନଙ୍କର ଶ୍ରୀକୃଷ୍ଣଙ୍କ ଲୀଳା ସ୍ମରଣ, ତୁଳସୀକୁ ଗୋପାଙ୍ଗନାମାନଙ୍କର ସପତ୍ନୀ ମନେକରିବା, ବୃକ୍ଷ ଡାଳକୁ ବଂଶୀ ବୋଲି ମନେକରିବା, ବାଲିକୁଦରେ ଶ୍ରୀକୃଷ୍ଣଙ୍କର ବସିବା ଓ ବୃନ୍ଦାବତୀକୁ କାନ୍ଧରେ ବସାଇବା ଏବଂ ବୃନ୍ଦାବତୀର ଗର୍ବହେତୁ ତାଙ୍କୁ ତଳକୁ ପକାଇଦେବା ଓ ମୁହଁମାଡ଼ି ପଡ଼ିଯାଇ ଓଷ୍ଠ ଛଡ଼ିଯିବା, ଶ୍ରୀକୃଷ୍ଣଙ୍କର ପୂତନା ପ୍ରାଣ ନାଶ ଓ ନିର୍ମମତା ଏବଂ ଗୋପନାରୀମାନଙ୍କର ଅନାଥ ହେବା ଭାବନା (୧୮) ଆଦି ନାନା ପ୍ରସଙ୍ଗ ଜଗନ୍ନାଥ ଦାସଙ୍କର ମୌଳିକ ପରିକଳ୍ପନା ଏବଂ ଏହି ସମସ୍ତ ବିଷୟ ସଂଯୋଜନାଦ୍ୱାରା ଭାବ-ସଂହତିରେ ବାଧା ଆସି ନାହିଁ । ବରଂ ବିଷୟର କ୍ରମବିକାଶରେ ଏସବୁ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ଏହି ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଜଗନ୍ନାଥ ଦାସ ଯଦିଓ ବ୍ୟାସଦେବକୃତ ସଂସ୍କୃତ ଭାଗବତର ରାସପଞ୍ଚାଧ୍ୟାୟୀକୁ ଓଡ଼ିଆ ଭାଗବତରେ ଅନୁବାଦ କରିଅଛନ୍ତି ସେହି ଅନୁବାଦ ଏକାନ୍ତ ଆକ୍ଷରିକ ଅନୁବାଦ ନୁହେଁ । ଏହା ଅନେକ ସମୟରେ ମୂଳମୂଳକ ଭାବାନୁବାଦ ହୋଇ (Sense for Sense translation) ଅନୁସୃଷ୍ଟି (Transcreation) ର ମାୟା ରଚନା କରିଥାଏ । ଏଥିରେ ପୁଣି ଯେପରି ନୂତନ ବିଷୟର ସଂଯୋଜନା ସହିତ ପରିବେଶ ଓ ଜୀବନଦର୍ଶନର ସ୍ୱାତନ୍ତ୍ର୍ୟ ରୂପାୟିତ ହୋଇଅଛି, ତାହା ଉକ୍ତ ରଚନାକୁ ଏକ ମୌଳିକ ରଚନାର ସମ୍ମାନ ପ୍ରଦାନ କରିବାକୁ ସମର୍ଥ ହୁଏ ।

---

୧୬ । ବିଧବା ହୋଇନ୍ତି ଜନ୍ମ ସାତ । ଯେ ନାରୀ ସ୍ୱାମୀ ଅଭଗତ ।
— ୩୦ଶ ଅଧ୍ୟାୟ —

୧୭ । କୃଷ୍ଣରମଣ ରସ ପାଇ । ଗୋପୀ ବୋଲନ୍ତି ଗର୍ବବହି
ଆମ୍ଭର ପ୍ରାୟେ ଭାଗ୍ୟବନ୍ତ । ନାହିଁ ନୋହିବ ଏ ଜଗତ ।
ରମିଲ ଅନାଦି ପୁରୁଷ । ଆମ୍ଭରେ ହୋଇଲେ ହରଷ ।
କୃଷ୍ଣ ଭଗତି ଆମ୍ଭ ପ୍ରାୟେ । ସ୍ୱର୍ଗେ ନୋହିଲେ ଦେବତାୟେ ।
— ୩୦ଶ ଅଧ୍ୟାୟ —

୧୮ । ଯେଉଁେ ନିଷ୍ଠୁର ତାର ଦେହୀ । ପୂତନା ପ୍ରାଣ ଅଛି ଖାଇ ।
ଅନେକ ହତ୍ୟା ଅଛି କରି । ଯେବେ ଖାଇବ ଗୋପନାରୀ ।
କାହିଁକି ଯିବୁଂ ଘୋର ବନେ । ଅଇଲୁଂ ତାର ବେଣୁ ସ୍ୱନେ ।
ଛାଡ଼ିଲୁ ସୁତ ଗୃହ କାନ୍ତ । ଯେ ବନେ ହୋଇଲୁ ଅନାଥ ।
— ୩୧ଶ ଅଧ୍ୟାୟ —

# ରାସଲୀଳାର ପୃଷ୍ଠଭୂମି :

ହେମନ୍ତ ଋତୁର ଆଗମନରେ ଗୋପନାରୀମାନେ ଯମୁନାକୂଳରେ ବାଲୁକା ଶିବ ସ୍ଥାପନ କରି ବ୍ରତ ପାଳନ କଲେ ଏବଂ ଏକ ମାସ ପରେ ବ୍ରତ ଉଦ୍‌ଯାପନ କରି ସେମାନେ ଯମୁନାରେ ସ୍ନାନ କଲେ । ବ୍ରତ ପାଳନ ବେଳେ ରାତ୍ରି ଘଡ଼ିଏ ଥାଉଁ ଗୋପୀମାନେ ଯମୁନା କୂଳକୁ ଚାଲି ଯାଆନ୍ତି । ଦିନ ମଧ୍ୟରେ ଥରେ ମାତ୍ର ହବିଷ ଭୋଜନ କରି ନଦୀତୀରରେ ଦୁର୍ଗା ଓ ଶଙ୍କରଙ୍କୁ ପୂଜା କରନ୍ତି ଏବଂ ପୂଜା ଶେଷରେ ନନ୍ଦକୁମାର ଶ୍ରୀକୃଷ୍ଣଙ୍କୁ ପତିରୂପେ ପାଇବା ପାଇଁ କାମନା କରନ୍ତି । (୧୯) ବ୍ରତ ଉଦ୍‌ଯାପନ ଦିନ ଗୋପୀମାନେ ଯମୁନାରେ ସ୍ନାନ କଲେ । ଶ୍ରୀକୃଷ୍ଣ ସେମାନଙ୍କର ବସ୍ତ୍ର ହରଣ କରି ନେଇ କଦମ୍ବ ବୃକ୍ଷରେ ରଖି ବଂଶୀବାଦନ କଲେ । ସ୍ନାନ ପରେ ସେମାନେ ଆପଣା ଆପଣା ବସ୍ତ୍ର ନ ପାଇ ଆଶ୍ଚର୍ଯ୍ୟ ହୋଇଗଲେ । ତତ୍ପରେ ସେମାନେ କଦମ୍ବ ବୃକ୍ଷରେ ଶ୍ରୀକୃଷ୍ଣଙ୍କୁ ଦେଖିଲେ । ସେମାନଙ୍କର ନିର୍ମଳ ଚିତ୍ତ ପରୀକ୍ଷା କରି କୃଷ୍ଣ ବସ୍ତ୍ର ଫେରାଇଦେଲେ ଏବଂ କହିଲେ—

"ଯାହା ମାଗିଲ ଦିଅଁ ପୂଜି । ସେ କଥା ଅଛଇ ମୁଁ ହେଜି ।
ମୁହିଁ କରିବି ତାହା ସତ୍ୟ । କହନ୍ତି ପ୍ରଭୁ ଜଗନ୍ନାଥ ।
ଯା ଚିତ୍ତ ମୋର ଠାଇଁ ଥାଇ । ଜନ୍ମମରଣ ତାର ନାହିଁ ।
ଭାଜିଲ ଧାନ୍ୟରୁ ଯେସନ । ଅଙ୍କୁର ନ ଜନମେ ପୁଣ ।
ଏ ବୃନ୍ଦାବନେ ରାତ୍ରେ ଥାଇ । ତୁମ୍ଭଙ୍କୁ ରମିବି ଯେ ମୁହିଁ ।

— ୨୩ଶ ଅଧ୍ୟାୟ—

ହେମନ୍ତ ଋତୁର ବ୍ରତ ଉଦ୍‌ଯାପନବେଳେ ଶ୍ରୀକୃଷ୍ଣ ଗୋପ ରମଣୀମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ପାଳନ କରିଛନ୍ତି ଶରତ ଋତୁର ରାକାରଜନୀ ରେ । ସେଦିନ ସେ ସ୍ଥିର କଲେ ଶରତ ପୂର୍ଣ୍ଣିମାର ନିର୍ମଳ ଜ୍ୟୋତ୍ସ୍ନାଲୋକରେ ବୃନ୍ଦାବନର ସ୍ନିଗ୍ଧ ସୁନ୍ଦର କୁଞ୍ଜ କାନନରେ ଷୋଳସହସ୍ର ଗୋପରମଣୀମାନଙ୍କୁ ରମଣ କରିବେ । ଅନେକ ଜନ୍ମରୁ ତପସ୍ୟା କରି ସେମାନେ ତାଙ୍କୁ ବରଣ କରିଅଛନ୍ତି । ତେଣୁ ସେ

---

୧୯ । ପୂଜାର ଅନ୍ତେ ପାଦେ ପଡ଼ି । ଧ୍ୟାନେ ବୋଲନ୍ତି କରଯୋଡ଼ି ।
ନମଇଁ ଶଙ୍କର ମୂରତି । ନନ୍ଦକୁମର ଦିଅ ପତି ।
ଅଧିକବରେ କାର୍ଯ୍ୟ ନାହିଁ । ପ୍ରସନ୍ନ ହୁଅ ମୋତେ ତୁହି ।
ଷୋଳ ସହସ୍ର ଗୋପନାରୀ । ବର ବରିଲେ ନରହରି ।
ଏକୁ ଆରେକ ନ ଜାଣନ୍ତି । ମନରେ ବରିଲେ ଶ୍ରୀପତି ।
କହନ୍ତି କୃଷ୍ଣ ବର ହେଉ । ତାହା ଭକ୍ତିରେ ଦିନଯାଉ ।

—୨୩ଶ ଅଧ୍ୟାୟ—

ସେମାନଙ୍କର ଆଶା ପୂର୍ଣ୍ଣ କରିବେ । ଏହି କଥା ଭାବି ସେ ବରହି ମୁରଲୀ ନେଇ ଯମୁନାକୂଳକୁ ଗଲେ । ଶରତ ଋତୁ । ଜ୍ୟୋତ୍ସ୍ନାଲୋକିତ ରଜନୀ । କୁଂଜକାନନ ନବ କୁସୁମିତ । ସୁଗନ୍ଧ ଶୀତଳ ଗନ୍ଧବହ ମନ୍ଦ ମନ୍ଦ ପ୍ରବାହିତ । ଆକାଶରେ ଅଖଣ୍ଡିତ ଚନ୍ଦ୍ର ମଣ୍ଡଳ । (୨୦) କାଳିନ୍ଦୀ କୂଳର କଦମ୍ବ ତରୁ ତଳେ ବ୍ରହ୍ମରାଶି ଶ୍ରୀକୃଷ୍ଣ ଉପବେଶନ କରି ବ୍ରହ୍ମନିଶି ହେବାକୁ ଆଦେଶ ଦେଲେ । (୨୧) ତତ୍ପରେ ସେ ତ୍ରିଭଙ୍ଗୀ ଛନ୍ଦରେ ଉଭାହେଲେ । ମୁରଲୀ ଲଳିତ ସ୍ୱରରେ ବଜାଇଲେ । ଗୋପୀଙ୍କ ନାମଧରି ମୁରଲୀ ବାଜି ଉଠିଲା । ସେହି ବରହି ମୁରଲୀର ମନ୍ଦ୍ର ମଧୁର ସ୍ୱର ମୂର୍ଚ୍ଛନା ଗୋପତରୁଣୀଙ୍କ ହୃଦୟରେ ସୃଷ୍ଟି କଲା ଗଭୀର ପ୍ରେମାବେଗ । କାମଭାବରେ ସର୍ବାଙ୍ଗ କମ୍ପି ଉଠିଲା । ପ୍ରତ୍ୟେକ ଗୋପୀ ଅନ୍ୟକୁ ଲୁଚାଇ ବଂଶୀଧ୍ୱନି ଭାସି ଆସୁଥିବା କୁଂଜ କାନନ ଅଭିମୁଖେ ଅସମ୍ଭାଳ ହୋଇ ଧାଇଁବାକୁ ଲାଗିଲେ । ପ୍ରତ୍ୟେକଙ୍କ ମନ ଭିତରେ ସପତ୍ନୀର ଈର୍ଷା । ପ୍ରଥମେ ଯାଇ ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କ ସହିତ ରମଣ କରିବାକୁ ସେ ଉଦ୍‌ଗ୍ରୀବ । ବେଣୁସ୍ୱନ ଶୁଣି ପ୍ରତ୍ୟେକ ଗୋପୀ ଭାବିଛନ୍ତି—

"କପାଂ ଡାକଇ ରାତ୍ରକାଳେ । ଉଭାରି କଦମ୍ବର ମୂଳେ ।
ଜଳକ୍ରୀଡ଼ାର ବେଳେ ଗଲା । ଆମ୍ଭର ବସ୍ତ୍ର ଚୋରିକଲା ।
ତାର ବଚନେ ଲଜ୍ଜା ଛାଡ଼ି । ଆଣି ପିନ୍ଧିଲୁ ଯେଝା ଶାଢ଼ୀ ।
ଆମ୍ଭର ଶୁଦ୍ଧ ମନ ଜାଣି । ହସିବୋଇଲେ ଚକ୍ରପାଣି ।
ଦେବତା ପୂଜି ନଦୀ ତୀରେ । ମନେ ଯେ ବରିଅଛ ବରେ ।
ସେ କଥା ସୁମରିଲେ ଆଜ । ଆମ୍ଭର ଛଡ଼ାଇବେ ଲାଜ ।
ପତି ତନୟ ଛନ୍ତି କୋଳେ । କେମନ୍ତେ ଯିବୁଂ ରାସକାଳେ ।
ନ ଗଲେ ନ ରହେ ଜୀବନ । କାଳହୋଇଲା ବେଣୁସ୍ୱନ ।
ଯେମନ୍ତେ ହୋଇଲେ ବାହାର । ମଦନେ କମ୍ପାଇ ଶରୀର ।"

୧୦ମ ସ୍କନ୍ଧ—୩୦ଶ ଅଧ୍ୟାୟ—

ଏଥର ଗୋପନାରୀଗଣ ପତି-ତନୟ-ଶାଶୁ-ଶ୍ୱଶୁର-ବନ୍ଧୁ ବାନ୍ଧବ-ଗୃହ-ସଂସାର-ଆଗର-ବଗର ସବୁ କିଛି ଭୁଲିଯାଇ ଧାଇଁଲେ ବୃନ୍ଦାବନ ଅଭିମୁଖେ । ସେଇ ବୃନ୍ଦାବନ ଦିବ୍ୟ ଲୀଳାସ୍ଥଳ । ମଧୁମୟ ତାର କୁଂଜ କାନନ । ମଧୁର ତାର ବିହଙ୍ଗ କାକଳୀ ।

---

୨୦ ।   ଭଗବାନପି ତା ରାତ୍ରିଃ ଶାରଦୋତ୍ଫୁଲ୍ଲ ମଲ୍ଲିକାଃ
ବୀକ୍ଷ୍ୟ ରନ୍ତୁଂ ମନଶ୍ଚକ୍ରେ ଯୋଗମାୟାମୁପାଶ୍ରିତଃ ।

ଶ୍ରୀ ଭାଗବତ-୧୦ । ୨୯ । ୧ ।

୨୧.   ବୋଇଲେ ହୁଅ ବ୍ରହ୍ମ ନିଶି । ସହସ୍ର ଯୁଗେ ଯାହା ଘୋଷି ।

ଓଡ଼ିଆ ଭାଗବତ—୧୦ମ ସ୍କନ୍ଧ—୩୦ଶଅଧ୍ୟାୟ—

ମଧୁର ଯମୁନାର ନୀଳ ଜଳରାଶି । ମଧୁର ଜ୍ୟୋତ୍ସ୍ନା, ମଧୁର ଗନ୍ଧ ବହ । କୁସୁମ ମଧୁର । ମଧୁର ସକଳ ପରିବେଶ । ସେଠି ଦୁଃଖ ନାହିଁ-ଶୋକ ନାହିଁ;-ନାହିଁ ମଧ୍ୟ କୌଣସି ସଙ୍କୀର୍ଣ୍ଣ ସାଂସାରିକ କାମନା । ପାର୍ଥିବ ଭୋଗ ନାହିଁ; ଅଛି ସେଠି ଅପାର୍ଥିବ ତ୍ୟାଗ ଓ ଆତ୍ମାର ବିମଳ ଆନନ୍ଦ । ସେଠି ରଜନୀ ଲୌକିକ ନୁହେଁ—ଅଲୌକିକ;—'ବ୍ରହ୍ମରାତ୍ରି' । ଶାନ୍ତ ସୁନ୍ଦର ଶୋଭାମୟ ପ୍ରକୃତିର ଛନ୍ଦେ ଛନ୍ଦେ ସେଠି ସଙ୍ଗୀତର ମୃଦୁ ମାଦକତା । ଜଳ-ସ୍ଥଳ-ଆକାଶ-ଗିରି-ବନ ସର୍ବତ୍ର ବିଶ୍ୱ ପ୍ରେମର ମଧୁ ଶିହରଣ । ସେଇ ପ୍ରେମମୟ-ମଧୁମୟ-ଆନନ୍ଦମୟ ପରିବେଶ ମଧ୍ୟରେ ବର୍ତ୍ତମାନ ଲୀଳା-କଲ୍ଲୋଳ-ବାରିଧି-ଅତୁଲ୍ୟ-ମଧୁର-ପ୍ରେମ-ମଣ୍ଡିତ ଭଗବାନ ଶ୍ରୀକୃଷ୍ଣ । ତାଙ୍କର ଲୀଳା ଅଦ୍ଭୁତ । ପ୍ରେମ ଅଦ୍ଭୁତ । (୨୨) ତାଙ୍କର ଶରୀର ସୁନ୍ଦର । ବଦନ ମଧୁର । ହସ ମଧୁର । ମଧୁର ତାଙ୍କର ବଂଶୀର ସୁର,ମଧୁର ତାଙ୍କର ଲୀଳା । (୨୩) ସେଇ ସଚ୍ଚିଦାନନ୍ଦ ବିଗ୍ରହ ପରମାତ୍ମା ସ୍ୱରୂପ ଶ୍ରୀକୃଷ୍ଣ ରାସମଣ୍ଡଳର ଶାଶ୍ୱତ ନାୟକ । ଲୌକିକ ଲୀଳା ମଧ୍ୟ ଦେଇ ଅଲୌକିକ ଲୀଳାର ସେ ପରମକର୍ତ୍ତା । ପ୍ରଣୟ ମହିମା କୀର୍ତ୍ତନର ସେ ମୁଖ୍ୟ ବିଭାବ । ରସରାଜ ରାସଶେଖର ପ୍ରିୟତମ ଶ୍ରୀକୃଷ୍ଣଙ୍କ ବେଣୁମାଧୁର୍ଯ୍ୟ ଓ ରୂପ

---

୨୨ । 'ସର୍ବାଦ୍ଭୁତଚମତ୍କାର ଲୀଳା କଲ୍ଲୋଳ ବାରିଧିଃ
ଅତୁଲ୍ୟ-ମଧୁର-ପ୍ରେମ-ମଣ୍ଡିତ ପ୍ରିୟ-ମଣ୍ଡଳଃ ।
ତ୍ରିଜଗନ୍ମାନସାକର୍ଷି ମୁରଲୀ କଳ କୂଜିତଃ
ଅସମାନୋର୍ଦ୍ଧ୍ୱ ରୂପଶ୍ରୀବିସ୍ମାପିତ ଚରାଚରଃ ।"
ରୂପ ଗୋସ୍ୱାମୀ-ହରିଭକ୍ତି ରସାମୃତ ସିନ୍ଧୁ-ଦକ୍ଷିଣ ସ୍ଥ

୨୩ । (କ) 'ମଧୁରଂ ମଧୁରଂ ବପୁରସ୍ୟ ବିଭୋ—
ମଧୁରଂ ମଧୁରଂ ବଦନଂ ମଧୁରମ୍ ।
ମଧୁଗନ୍ଧି ମୃଦୁ ସ୍ମିତମେତ ଦହୋ
ମଧୁରଂ ମଧୁରଂ ମଧୁରଂ ମଧୁରମ୍ ।'
— କବି କର୍ଣ୍ଣପୂର — ଶ୍ରୀକୃଷ୍ଣକର୍ଣ୍ଣାମୃତ-

(ଖ) ସନାତନ କୃଷ୍ଣ ମାଧୁର୍ଯ୍ୟ ଅମୃତେର ସିନ୍ଧୁ
କୃଷ୍ଣାଙ୍ଗ ଲାବଣ୍ୟପୁର ମଧୁର ହୈତେ ସୁମଧୁର,
ତାତେ ସେଇ ମୁଖ ସୁଧାକର,
ମଧୁର ହୈତେ ସୁମଧୁର ତାହାହୈତେ ସୁମଧୁର
ତାଁର ସେଇ ସ୍ମିତ ଜ୍ୟୋତ୍ସ୍ନାଭର ।
ମଧୁର ହୈତେ ସୁମଧୁର ତାହା ହୈତେ ସୁମଧୁର
ତାହା ହୈତେ ଅତି ସୁମଧୁର,

ମାଧୁର୍ଯ୍ୟରେ ଆକର୍ଷିତ ହୋଇ ଗୋପତରୁଣୀମାନେ ଯମୁନା କୂଳର ରାସମଣ୍ଡଳରେ ଅବତୀର୍ଣ୍ଣ ହେଲେ । ସେମାନେ ରାସମଣ୍ଡଳର ନିତ୍ୟ ନାୟିକା । ଏଥର ନାୟକ ଓ ନାୟିକାମାନଙ୍କର ଉପସ୍ଥିତିରେ ଆରମ୍ଭ ହେଲା ଅଲୌକିକ ରାସ । ପରମ କ୍ରୀଡା ରାସର ଆରମ୍ଭ ପୂର୍ବରୁ ନାୟିକାମାନଙ୍କ ହୃଦୟର ନିର୍ମଳତା ଓ ମନର ଦୃଢ଼ତାକୁ ନିତ୍ୟ ନାୟକ ଶ୍ରୀକୃଷ୍ଣ ପରୀକ୍ଷା କରିନେଲେ । ସେଇ ପରମ ଉଲ୍ଲାସମୟୀ ନିତ୍ୟ ନାୟିକାଗଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲା ପରେ ରାସନୃତ୍ୟ ହୋଇଅଛି । ନିତ୍ୟ ନାୟକ ଏକ ହୋଇ ମଧ ବହୁରେ ପରିଣତ ହୋଇ ଶୃଙ୍ଗାର ଐଶ୍ୱର୍ଯ୍ୟ ଭିତରେ ଆତ୍ମ ସମର୍ପଣ ଓ ଅନନ୍ୟଲଭ୍ୟ ଆତ୍ମତୃପ୍ତି ଅନୁଭବପୂର୍ବକ ବିଶୁଦ୍ଧ ପ୍ରେମର ପ୍ରତିଷ୍ଠା କରିଅଛନ୍ତି । ନିତ୍ୟ ନାୟିକା ଗୋପାଙ୍ଗନାମାନଙ୍କର ଲୌକିକ ଆବରଣ କ୍ରମେ ଉନ୍ମୋଚିତ ହୋଇଯାଇ ଦିବ୍ୟ-ପ୍ରେମର ବିକାଶ ଘଟିଅଛି ।

## ରାସନାୟିକା ଗୋପାଙ୍ଗନା : ବିଚାର ଓ ବିବେଚନା :

ବୈଷ୍ଣବ ଭକ୍ତ ଶାସ୍ତ୍ରମାନଙ୍କରେ ଗୋପାଙ୍ଗନା ଏକ କମନୀୟ ପରିକଳ୍ପନା । ଯୋଗ-ଜ୍ଞାନ-କର୍ମ ବିନିର୍ମୁକ୍ତ ଶୁଦ୍ଧାଭକ୍ତି ବା ରାଗାତ୍ମିକା ଭକ୍ତିର ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଭକ୍ତି-ପରଂପରାରେ ଗୋପାଙ୍ଗନାମାନଙ୍କୁ ରୂପକାତ୍ମକ ଭାବରେ ଗ୍ରହଣ କରାଯାଇଅଛି । ପରମାତ୍ମା ଓ ଜୀବାତ୍ମାକୁ ସ୍ୱୀକାର କରାଯାଇ ଜୀବ ଓ ପରମର ନିତ୍ୟ ଲୀଳା-ସମ୍ବନ୍ଧ ମଧ୍ୟରେ ପ୍ରେମ-ଭକ୍ତିର ଉତ୍କର୍ଷ ପ୍ରତିପାଦିତ ହୋଇଅଛି । ଗୋପାଙ୍ଗନା ନିତ୍ୟ ନାୟିକା । ସେମାନେ ସଚ୍ଚିଦାନନ୍ଦ ଭଗବାନ ଶ୍ରୀକୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ସ୍ୱରୂପା । ଲୌକିକ ଅର୍ଥରେ ସେମାନେ ସ୍ୱତନ୍ତ୍ର ମାତ୍ର ପାରମାର୍ଥିକ ଦୃଷ୍ଟିରୁ ସେମାନେ ଶ୍ରୀକୃଷ୍ଣଙ୍କର ଆତ୍ମା ସ୍ୱରୂପ । ତେଣୁ ଶ୍ରୀକୃଷ୍ଣ ଓ ଗୋପାଙ୍ଗନା ଏକ ଏବଂ ଅଭିନ୍ନ । ଗୋପତରୁଣୀମାନେ ବହୁଜନ୍ମ ତପସ୍ୟା-ଫଳର ପରିଣତି । ପଦ୍ମପୁରାଣର ଉତ୍ତର ଖଣ୍ଡରେ ଏ ସମ୍ପର୍କରେ ଉଲ୍ଲେଖ ଅଛି ଯେ ଦଣ୍ଡକାରଣ୍ୟ ନିବାସୀ ମୁନିମାନେ ହିଁ ଦ୍ୱାପର ଯୁଗରେ ଗୋପନାରୀ ଭାବରେ ଜନ୍ମନେଇଥିଲେ । (୨୪) ଶ୍ରୀମଦ୍‌ଭାଗବତ ଦଶମ

---

ଆପନାର ଏକ କନେ ବ୍ୟାପେ ଯତ ତ୍ରିଭୁବନେ
ଦଶଦିକ ବ୍ୟାପେ ଯାର ପୂର ।
ସ୍ମିତ କିରଣ ସୁକର୍ପୂରେ ପୈଶେ ଅଧର-ମଧୁରେ
ସେଇ ମଧୁ ମାତାୟ ତ୍ରିଭୁବନେ
ବଂଶୀ ଛିଦ୍ର ଆକାଶେ ତାର ଗୁଣ ଶବ୍ଦେ ପୈଶେ
ଧ୍ୱନିରୂପେ ପେୟେ ପରିଣାମେ ।
ଚୈତନ୍ୟ ଚରିତାମୃତ-ମଧ୍ୟଲୀଳା ୨୧ ପରିଚ୍ଛେଦ

୨୪ । ପୁରା ମହର୍ଷୟଃ ସର୍ବେ ଦଣ୍ଡକାରଣ୍ୟ ବାସିନଃ
ଦୃଷ୍ଟ୍ୱା ରାମଂ ହରିଂ ତତ୍ର ଭୋକ୍ତୁମୈଚ୍ଛନ୍ ସୁବିଗ୍ରହମ୍ ।

ସ୍କନ୍ଧରେ ମଧ୍ୟ ଏହି କଥା ସୂଚିତ ହୋଇଅଛି । (୧୫) ଉଗ୍ରତପା, ସତ୍ୟତପା, ହରିଧାମା, ଜାବାଳି, ସୁଦର୍ଶ୍ଣ, ଚିନ୍ତାର୍ଦ୍ଧିତଯା, ଶୁଚିଶ୍ରବା ପ୍ରମୁଖ ମୁନିଗଣ କଠୋର ତପସ୍ୟା କରି ଦ୍ୱାପର ଯୁଗରେ ଗୋପୀତ୍ୱ ଲାଭ କରିଥିଲେ । ଓଡ଼ିଆ ଭାଗବତରେ (୧୬) ଓ ପ୍ରେମ ପଞ୍ଚାମୃତରେ (୧୭) ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ ଅଛି । ଗୋପୀମାନେ ସାଧନସିଦ୍ଧା, ଦେବୀ ଓ ନିତ୍ୟସିଦ୍ଧା ଭେଦରେ ତ୍ରିବିଧ । ସାଧନସିଦ୍ଧାମାନେ ମୁନିକନ୍ୟା ଓ ଦେବକନ୍ୟା ଭାବରେ ଦ୍ୱିବିଧ । ଏମାନେ ସଚ୍ଚିଦାନନ୍ଦ ସ୍ୱରୂପ ଆନନ୍ଦଚିନ୍ମୟ ରସର ହ୍ଲାଦିନୀ ଶକ୍ତିଭାବର ଦ୍ୟୋତକ । ଦେବକନ୍ୟାରୂପୀ ଗୋପାଙ୍ଗନାଗଣଙ୍କର ମର୍ତ୍ତ୍ୟବୃନ୍ଦାବନରେ ଆବିର୍ଭାବ ଘଟିଥିଲା ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଆନନ୍ଦ ବିଧାନ ନିମିତ୍ତ । ବ୍ରଜରେ ଯେଉଁ ଦେବକନ୍ୟାଗଣଙ୍କର ଜନ୍ମ ହୋଇଥିଲା ସେମାନେ ନିତ୍ୟସିଦ୍ଧା

---

ତେ ସର୍ବେ ସ୍ତ୍ରୀତ୍ୱ ମାପନ୍ନାଃ ସମୁଦ୍ଭୂତାଶ୍ଚ ଗୋକୁଲେ
ହରିଂ ସମ୍ପ୍ରାପ୍ୟ କାମେନ ତତୋ ମୁକ୍ତା ଭବାର୍ଣ୍ଣବାତ୍ ।

୧୪୫ ଅଧ୍ୟାୟ — (୧୬୪-୬୫ ଶ୍ଳୋକ)

୧୫ । ଅନ୍ତର୍ଗୃହଗତାଃ କାଶ୍ଚିତ୍ ଗୋପ୍ୟୋଽଲବ୍ଧବିନିର୍ଗମାଃ
କୃଷ୍ଣଂ ତଦ୍‌ଭାବନାମୁକ୍ତାଦଧ୍ୟୁର୍ମୀଲିତ ଲୋଚନାଃ । ୯ ।

ସଂ-ଭାଗବତ-୨୯ଶ ଅଧ୍ୟାୟ—

୧୬ । ଷୋଳସହସ୍ର ଗୋପନାରୀ । ମୋତେ ବରିଲେ ତପ କରି ।
ମୁଁ ତାଙ୍କ ପୂରାଇବି ଆଶ । ସେ ମୋର ଭକତ ବିଶ୍ୱାସ ।
ଅନେକ ଜନ୍ମ ତପ କରି । ଯେବେ ହୋଇଲେ ଗୋପନାରୀ ।

ଓଡ଼ିଆ ଭାଗବତ—୩୦ଶ ଅଧ୍ୟାୟ—

୧୭ । ଯେ କନ୍ୟାଗଣ ମୁନିଅଂଶୀ । କୃଷ୍ଣର ଦେହଲଗା ଦାସୀ ।
ନିଜ ଭାରିଯା ସମସରି । ତାହାଙ୍କ ତୁଲ୍ୟେ କ୍ରୀଡ଼ା କରି ।
କୃଷ୍ଣ କରନ୍ତି ସ୍ନେହ ଅତି । ସେ ଦାସୀ ଭାବ ନ ଛାଡ଼ନ୍ତି ।
କୃଷ୍ଣ ଆସନେ କୃଷ୍ଣ ଶେଯେ । ଭରସି ନ ପାରନ୍ତି ଏ ଯେ ।
ଜଣାନ୍ତି ଶିରେ କର ଦେଇ । ଖଣ୍ଡିଏ ଦୂରେ ଉଭାହୋଇ ।
ଆଘ୍ରାଣ ପୁଷ୍ପ ନ ନିଅନ୍ତି । ମୁକୁତ ମୁଖେ ନ ହସନ୍ତି ।
କେବଳ କୃଷ୍ଣ ଆତ୍ମା ଗୋପୀ । ଦେବ କନ୍ୟାଏ ଦେହ ରୂପୀ ।
ଦେବ କୁମାରି ପାଟବଂଶୀ । ନିଜ ସେବକୀ ମୁନିଅଂଶୀ ।
କୃଷ୍ଣର ସୁରସିକ ପଣେ । ସର୍ବେ ସୁହାଗୀ ମନେ ମନେ ।

ଭୂପତି ପଣ୍ଡିତ—ପ୍ରେମ ପଞ୍ଚାମୃତ—ଦ୍ୱିତୀୟ ଅଧ୍ୟାୟ

ଗୋପୀମାନଙ୍କର ଅଂଶରୂପ । (୨୮) ବେଦ ଓ ଉପନିଷଦ୍ ପ୍ରଭୃତି ତପସ୍ୟା ମାଧ୍ୟମରେ ପ୍ରେମସ୍ୱରୂପା ଗୋପୀ ଭାବରେ ଜନ୍ମ ଗ୍ରହଣ କରିଥିଲେ । ଏମାନେ ଶ୍ରୀକୃଷ୍ଣଙ୍କର ଦେହ ସ୍ୱରୂପ । ମୁନିଅଂଶୀ ଗୋପକନ୍ୟାଗଣ ପୂର୍ବ ଜନ୍ମାନୁଭୂତ ସଦ୍ବୃତ୍ତି ଅଭ୍ୟାସ ଯୋଗୁ ନିସର୍ଗଜ ପ୍ରେମ ଲାଭ କରିଥିଲେ । ଶ୍ରୀମଦ୍ଭାଗବତରେ ଏହି ଗୋପୀପ୍ରେମ ସମ୍ପର୍କରେ ଉଲ୍ଲେଖ କରାଯାଇଅଛି । କିନ୍ତୁ ପରବର୍ତ୍ତୀ କାଳରେ ସ୍ୱରୂପଜ ଗୋପୀପ୍ରେମକୁ ମହାତ୍ମ୍ୟ ପ୍ରଦାନ କରାଯାଇଅଛି । ଗୋପୀପ୍ରେମ ସ୍ୱତଃସିଦ୍ଧ । ଆପଣାଠାରୁ ହିଁ ଏହି ପ୍ରେମର ଉଦ୍ଭବ । 'ଉଜ୍ଜ୍ୱଳ ନୀଳମଣି' ଗ୍ରନ୍ଥରେ ଏ ସମ୍ପର୍କରେ ଉଲ୍ଲେଖ ଅଛି :

"ଅଜନ୍ୟସ୍ତ ସ୍ୱତଃସିଦ୍ଧଃ ସ୍ୱରୂପଂ ଭାବ ଇଷ୍ୟତେ
ସ୍ୱରୂପଂ ଲଲନାନିଷ୍ଠଂ ସ୍ୱୟମୁଦ୍ବୁଦ୍ଧତାଂ ବ୍ରଜେତ୍
ଅଦୃଷ୍ଟେଽପ୍ୟଶ୍ରୁତେଽପ୍ୟୁଚ୍ଚୈଃ କୃଷ୍ଣେ କୁର୍ଯ୍ୟାଦ୍ ଦ୍ରୁତଂ ରତିମ୍"

ଗୋପୀମାନେ ନିସର୍ଗଜା ଓ ସ୍ୱତଃସିଦ୍ଧା । କୃଷ୍ଣରତି-ଅଭିଳାଷ ସେମାନଙ୍କର ଅନ୍ତରର ଏକମାତ୍ର କାମନା । ଏହି ରତି ଇଚ୍ଛା ଶଂରସା ନୁହେଁ; ଏହା ଆତ୍ମା ସହିତ ଆତ୍ମାର ମିଳନ – ଶୃଙ୍ଗାରର ଉଲ୍ଲାସମୟ ଅବବୋଧ ମଧ୍ୟ ଦେଇ ଆତ୍ମାର ବିମଳ ଆନନ୍ଦବୋଧ । ରାସମଣ୍ଡଳରେ ଗୋପରମଣୀମାନେ ପଦାର୍ପଣ କରିବାକ୍ଷଣି ଶ୍ରୀକୃଷ୍ଣ ସେମାନଙ୍କୁ ପ୍ରଥମେ ଭୟ ଦେଖାଇଲେ । ତତ୍ପରେ ସେ ସେମାନଙ୍କୁ ସାଂସାରିକ ନୀତି ନିୟମ ଓ ବିବାହିତା ନାରୀର ଧର୍ମ ସମ୍ପର୍କରେ ଅବହିତ କରାଇଦେଲେ । ମାତ୍ର ଗୋପା-ଙ୍ଗନାମାନେ ଉତ୍ତର ଦେଲେ –

ଯତ୍ ପତ୍ୟ ପତ୍ୟ ସୁହୃଦାମନୁବୃତ୍ତିରଙ୍ଗ
ସ୍ତ୍ରୀଣାଂ ସ୍ୱଧର୍ମ ଇତି ଧର୍ମବିଦା ତ୍ୱୟୋକ୍ତମ୍ ।
ଅସ୍ତ୍ୱେବମେତଦୁପଦେଶ ପଦେ ତ୍ୱୟୀଶେ
ପ୍ରେଷ୍ଠୋ ଭବାଂସ୍ତନୁଭୃତାଂ କିଲବନ୍ଧୁରାତ୍ମା । ୩୨ ।

ଦ୍ରଃ ଭାଗବତ ୩୧ଶ ଅଧ୍ୟାୟ—

ସ୍ତ୍ରୀର ଧର୍ମ ପତି-ପୁତ୍ର-ସୁହୃଦ୍ ପ୍ରଭୃତିଙ୍କର ସେବାକରିବା । ଭଗବାନ ଶ୍ରୀକୃଷ୍ଣ ପ୍ରତ୍ୟେକ ଜୀବଙ୍କର ବନ୍ଧୁ ଓ ଆତ୍ମା । ସେ ଈଶ୍ୱର । ସେ ଗୋପୀମାନଙ୍କର ପ୍ରିୟତମ ।

---

୨୮ । ଦେବେଷୁ ଅଂଶେନ ଜାତସ୍ୟ କୃଷ୍ଣସ୍ୟ ହରବୃଷ୍ଟସ୍ତେ
ନିତ୍ୟ ପ୍ରିୟାଣାମଂଶାସ୍ତୁ ଯା ଜାତା ଦେବଯୋନୟଃ ।
ଅସଦେବାବରଣେ ଜନିତ୍ୱା ଗୋପକନ୍ୟକାଃ
ତା ଅଂଶିନୀ ନାମେ ବାସାଂ ପ୍ରିୟ ସଖ୍ୟୋଽଭବନ୍ ବ୍ରଜେ ।

ରୂପଗୋସ୍ୱାମୀ – ଉଜ୍ଜ୍ୱଳ ନୀଳମଣି

ତେଣୁ ତାଙ୍କ ସେବା କଲେ ସମସ୍ତଙ୍କର ସେବା ସାର୍ଥକ ହେବ । ତାଙ୍କର ଯୋଗୁ ଗୋପତରୁଣୀଗଣ ଗୃହକାର୍ଯ୍ୟ ତ୍ୟାଗକରି ନିର୍ଜନ ରଜନୀରେ ବନକୁ ଚାଲି ଯାଇଛନ୍ତି । ଗୃହମୁଖୀ ଚିତ୍ତ ତାଙ୍କର ଯୋଗୁ ହୋଇଛି ଗୃହବନ୍ଧନମୁକ୍ତ । ତାଙ୍କ ପାଦକମଳରୁ ସେମାନେ ଆଉ ଦୂରେଇ ଯିବାକୁ ଚାହିଁ ନାହାନ୍ତି । ବ୍ରଜକୁ ଯାଇ ସେମାନେ ଆଉ କଣ କରିବେ ? ସେଠାରୁ ସେମାନେ କିପରି ବା ଯିବେ ? ଶ୍ରୀକୃଷ୍ଣ ଏଥର ଗୋପୀ-ପ୍ରେମର ମହତ୍ତ୍ୱ ଓ ମାଧୁର୍ଯ୍ୟକୁ ଉପଲବ୍ଧି କରିଛନ୍ତି । ଗୋପୀପ୍ରେମର ଋଣ ଅପରିଶୋଧନୀୟ । ଶ୍ରୀ ଭଗବାନ ତେଣୁ କହିଛନ୍ତି—

"ନ ପାରୟେଽହଂ ନିରବଦ୍ୟସଂଯୁଜାଂ
ସ୍ୱସାଧୁକୃତ୍ୟଂ ବିବୁଧାୟୁଷାପି ବଃ
ଯା ମା ଭଜନ୍ ଦୁର୍ଜରଗେହଶୃଙ୍ଖଲାଃ
ସଂବୃଶ୍ଚ୍ୟ ତଦ୍‌ବଃ ପ୍ରତିଯାତୁ ସାଧୁନା ।"

ଗୋପରମଣୀ ଶ୍ରୀକୃଷ୍ଣବଲ୍ଲଭା । ଆପଣା ମଧ୍ୟରେ ସେମାନଙ୍କର ସୃଷ୍ଟି ହୋଇଛି ଅନୁରାଗ । ସେହି ଅନୁରାଗବତୀ ବ୍ରଜାଙ୍ଗନାମାନଙ୍କର ରତି ହିଁ ମହାଭାବ । ଏହି ମହାଭାବରେ ପ୍ରେମର ପରିପାକ । ଗୋପାଙ୍ଗନାମାନଙ୍କ ସହିତ ମିଳିତ ହୋଇ ଶ୍ରୀକୃଷ୍ଣ ବୃନ୍ଦାବନରେ ନିତ୍ୟକ୍ରୀଡ଼ା କରନ୍ତି—"ଗୋପୈକସ୍ତ୍ରୀ ଯୁତସ୍ତତ୍ର ପରିକ୍ରୀଡ଼ତି ନିତ୍ୟଶଃ ।" ଭଗବାନ କୃଷ୍ଣ ଓ ହ୍ଲାଦିନୀ ସ୍ୱରୂପା ଗୋପାଙ୍ଗନା ପରସ୍ପରକୁ ଦେଖି ଶୋଭାମୟ ହୁଅନ୍ତି । ଉଭୟଙ୍କ ପାଇଁ ଉଭୟଙ୍କର ସୁଖ । ତେଣୁ ଗୋପୀ ପ୍ରେମରେ ଦୋଷ ନାହିଁ । ଏହା ମାଧୁର୍ଯ୍ୟବନ୍ତ । (୨୯) ଏହି ପ୍ରେମଭକ୍ତି ଶ୍ରେଷ୍ଠ । ଗୋପୀ-

---

୨୯ । ଗୋପୀ-ଶୋଭା ଦେଖି କୃଷ୍ଣ ଶୋଭା ବଢ଼େ ଯେତ
କୃଷ୍ଣଶୋଭା ଦେଖି ଗୋପୀ ଶୋଭା ବଢ଼େ ତେତ ।
× × × ×
କିନ୍ତୁ କୃଷ୍ଣେର ସୁଖ ହୟ ଗୋପୀ ରୂପ ଗୁଣେ
ତା'ର ସୁଖେ ସୁଖ ବୃଦ୍ଧି ହୟ ଗୋପୀଗଣେ ।
ଅତଏବ ଏଇ ସୁଖ କୃଷ୍ଣସୁଖ ପୋଷେ
ଏଇ ହେତୁ ଗୋପୀପ୍ରେମେ ନାହିଁ ପ୍ରେମ-ଦୋଷେ ।
ଗୋପୀପ୍ରେମେ କରେ କୃଷ୍ଣ ମାଧୁର୍ଯ୍ୟେର ପୁଷ୍ଟି
ମାଧୁର୍ଯ୍ୟ ବାଢ଼ାୟ ପ୍ରେମ ହଇୟା ମହା ତୁଷ୍ଟି ।
ପ୍ରୀତି ବିଷୟାନନ୍ଦେ ତଦାଶ୍ରୟା ନନ୍ଦ
ତାହା ନାହିଁ ନିଜ ସୁଖ ବାଞ୍ଛାର ସମ୍ବନ୍ଧ ।
ନିରୁପାଧି ପ୍ରେମ ଯାହା ତାହା ଏଇ ରୀତି
ପ୍ରୀତି-ବିଷୟେର ସୁଖେ ଆଶ୍ରୟେର ପ୍ରୀତି ।

ଚୈତନ୍ୟ ଚରିତାମୃତ—ଆଦିଲୀଳା-୪ର୍ଥ ପରିଚ୍ଛେଦ

ମାନଙ୍କଠାରେ ପ୍ରେମଭକ୍ତି ବିଦ୍ୟମାନ । ପ୍ରେମଭକ୍ତି ବିନା ଭଗବାନ ଶ୍ରୀକୃଷ୍ଣଙ୍କୁ ଲାଭ କରି ହୁଏ ନାହିଁ । ପୁରୁଷ ଅଙ୍ଗରେ କେହି ଭଗବାନଙ୍କୁ ଦର୍ଶନ କରିପାରେ ନାହିଁ । ନାରୀ ଭାବରେ ଭଗବାନଙ୍କୁ ଲାଭ କରିହୁଏ । ଏହି ନାରୀଭାବ ହିଁ ଗୋପୀଭାବ । (୩୦) ଏହା ଶୁଦ୍ଧ ସ୍ୱରୂପନିଷ୍ଠ ଅହଂଭାବ । ଏହି ଅହଂଭାବ-ବିଲୁପ୍ତ ନୁହେଁ । ଏଥିରେ ଅହଂ ଅଛି; ଅହଂକାର ନାହିଁ । ଭୋଗ ଓ ତ୍ୟାଗ, ନିରାସକ୍ତି ଓ ଅନୁରକ୍ତି, ରହସ୍ୟ ଓ ଲୀଳା ଏକ ମହାଭାବରେ ସମ୍ମିଳିତ ହୋଇଯାଇ ଭକ୍ତିରସର ମହିମା ଓ ମାଧୁରୀକୁ ବ୍ୟକ୍ତ କରିଅଛି । କାମନା ଓ ଆରାଧନା ଏହି ରସରେ ଏକ ହୋଇଯାଇ ଏକ ଅତିକ୍ରମଣୀୟ ଆଧ୍ୟାତ୍ମିକ ଚେତନା ସୃଜନ କରିଅଛି ।

ବ୍ରଜାଙ୍ଗନା ପ୍ରେମସ୍ୱରୂପା । ପ୍ରେମ ହ୍ଲାଦସ୍ୱରୂପ । ହ୍ଲାଦ ଶକ୍ତିବିଶେଷ । ସେହି ହ୍ଲାଦଶକ୍ତି ସ୍ୱରୂପଶକ୍ତି । ଭଗବାନଙ୍କର ଅନନ୍ତ ଶକ୍ତି ମଧ୍ୟରେ ସ୍ୱରୂପଶକ୍ତି ସର୍ବପ୍ରଧାନ । ଏହି ସ୍ୱରୂପଶକ୍ତି ମଧ୍ୟରେ ଅନ୍ତରଙ୍ଗା ଶକ୍ତି, ବା ବିଷ୍ଣୁଶକ୍ତି କହୁତ । ଭାଗବତ ସନ୍ଦର୍ଭରେ ଭଗବାନଙ୍କ ଶକ୍ତିକୁ ଅନ୍ତରଙ୍ଗା, ବହିରଙ୍ଗା ଓ ତଟସ୍ଥା ରୂପେ ତିନି ଭାଗରେ ବିଭକ୍ତ କରାଯାଇଅଛି । ଅନ୍ତରଙ୍ଗା ସ୍ୱରୂପଶକ୍ତିରେ ଭଗବାନ ପୂର୍ଣ୍ଣରୂପେ ପ୍ରକାଶିତ । ସ୍ୱରୂପଶକ୍ତି ତ୍ରିବିଧ । ସଦଂଶରେ ସନ୍ଧିନୀ, ଚିଦଂଶରେ ସଂବିତ୍ ଓ ଆନନ୍ଦାଂଶରେ ହ୍ଲାଦିନୀ । (୩୧) ଏହି ହ୍ଲାଦିନୀ ଶକ୍ତିଦ୍ୱାରା ଭଗବାନ ଶ୍ରୀକୃଷ୍ଣ ଆନନ୍ଦ ଲାଭ କରନ୍ତି । ସ୍ୱରୂପଶକ୍ତି ଭଗବତ୍ ସ୍ୱରୂପ । ତେଣୁ ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ହ୍ଲାଦସ୍ୱରୂପ । ନିଜେ ହ୍ଲାଦ ସ୍ୱରୂପ ହୋଇଥିବାରୁ ହ୍ଲାଦିନୀ ଶକ୍ତିଦ୍ୱାରା ସେ

---

୩୦ ।
ସୁରଭକ୍ତି ମଧ୍ୟେ ପ୍ରେମ ଭକ୍ତି ଅଟେ ସାର
ସେ ଭକ୍ତି ଅଟଇ କୋଠ ଗୋପୀମାନଙ୍କର ।
ଗୋପୀଙ୍କ ଭଜିଲା ଭକ୍ତ ପ୍ରେମ ଭକ୍ତି ପାଇ
ବିନା ପ୍ରେମ ଭକ୍ତିରେ ଦର୍ଶନ ମୋତେ ନାହିଁ ।
ପ୍ରେମଭକ୍ତି ପ୍ରାପତ ଗୋପୀଙ୍କ ପରସନେ
ପୁଂଲିଙ୍ଗ ପାଲଟି ସ୍ତ୍ରୀରି ହୁଅଇ ତକ୍ଷଣେ ।
ଦେବଦୁର୍ଲଭ ଦାସ — ରହସ୍ୟ ମଞ୍ଜରୀ

୩୧ ।
ସଚ୍ଚିଦାନନ୍ଦମୟ କୃଷ୍ଣେର ସ୍ୱରୂପ
ଅତଏବ ସ୍ୱରୂପ ଶକ୍ତି ହୟ ତିନ ରୂପ
ଆନନ୍ଦାଂଶେ ହ୍ଲାଦିନୀ ସଦଂଶେ ସନ୍ଧିନୀ
ଚିଦଂଶେ ସମ୍ବିତ୍ ଯାରେ ଜ୍ଞାନ କରି ମାନି ।
ଚୈତନ୍ୟ ଚରିତାମୃତ—ମଧ୍ୟଲୀଳା

ଆହ୍ଲାଦିତ ହୁଅନ୍ତି । (୩୨) ଅତଏବ ଶ୍ରୀକୃଷ୍ଣ ପ୍ରେମସ୍ୱରୂପ, ବ୍ରଜାଙ୍ଗନା ପ୍ରେମସ୍ୱରୂପା । ସେମାନଙ୍କର ଲୀଳା ମଧ୍ୟ ପ୍ରେମସ୍ୱରୂପ । ଶ୍ରୀମଦ୍ଭାଗବତରେ ଶ୍ରୀକୃଷ୍ଣ ଓ ଗୋପରମଣୀମାନଙ୍କର ନୃତ୍ୟ ସମ୍ବନ୍ଧକୁ ବର୍ଣ୍ଣନା କରାଯାଇ ସେମାନଙ୍କର ପାରସ୍ପରିକ ପ୍ରେମକୁ ପ୍ରକାଶ କରାଯାଇଅଛି । ଶ୍ରୀକୃଷ୍ଣ ପ୍ରେମମୟ । ଗୋପାଙ୍ଗନା ପ୍ରେମମୟୀ । ସେମାନଙ୍କର ପ୍ରେମ ଦାମ୍ପତ୍ୟ ପ୍ରେମ ନୁହେଁ; ଅପ୍ରାକୃତ ପ୍ରେମ । ସେମାନେ ବିବାହିତା ନାରୀ । ସଂସାରର ଚିରସ୍ଥିତ ଶୃଙ୍ଖଳରେ ଆବଦ୍ଧ । ଅଥଚ ସେମାନେ ଏହି ଶୃଙ୍ଖଳକୁ ଛିନ୍ନ କରି ଆଗେଇ ଯାଇଛନ୍ତି ପରମପ୍ରିୟତମଙ୍କ ସହିତ ମିଳିତ ହେବାଲାଗି । ସେମାନଙ୍କର ଗତି ଦୁର୍ନିବାର । ଲକ୍ଷ୍ୟ ପ୍ରିୟ ପ୍ରାପ୍ତି । କୌଣସି ଲୌକିକ— ସାମାଜିକ ଶକ୍ତି ସେମାନଙ୍କୁ ଅଟକାଇ ପାରି ନାହିଁ । ଯାହାଙ୍କର ହୃଦୟ-ସାଗର ପ୍ରିୟ-ପ୍ରେମ-ତରଙ୍ଗରେ ତରଙ୍ଗାୟିତ, ଯାହାଙ୍କର ମନ ପ୍ରିୟତମ ଅନ୍ୱେଷଣରେ ଏକାଗ୍ର, ଯାହାଙ୍କର ଶରୀର ପ୍ରିୟ ଦର୍ଶନ-ସ୍ମରଣ-ସାନ୍ନିଧରେ ରୋମାଞ୍ଚିତ-ପୁଲକିତ ସେମାନଙ୍କୁ କେଉଁ ଶକ୍ତି ଅଟକାଇ ପାରିବ ? କିଏ ବହୁ ବନପଥ ଅତିକ୍ରମି ଧାଇଁ ଆସୁଥିବା ଆଲୁଳାୟିତା ସ୍ରୋତସ୍ୱତୀକୁ ମହାସମୁଦ୍ରର ନୀଳ ଆଲିଙ୍ଗନରୁ ଫେରାଇ ନେଇପାରିବ ? ବ୍ରଜାଙ୍ଗନାଗଣ କୃଷ୍ଣ ଉନ୍ମନା । ସଂସାରର ବନ୍ଧନ ଭିତରେ ଥାଇ ମଧ୍ୟ ସେମାନେ କୃଷ୍ଣଗତପ୍ରାଣା । ତେଣୁ ସେମାନେ ସଂସାରର ଲଜ୍ଜା-ଭୟ-ଭ୍ରାନ୍ତି-ଆଶା-ଆଶଙ୍କା-ମୋହ-ଆସକ୍ତି ସବୁ କିଛି ତ୍ୟାଗ କରି ଆଗେଇ ଯାଇଥିଲେ ଶରତ ରଜନୀରେ ଯମୁନାକୂଳକୁ ମହାରାସ କରିବା ପାଇଁ । ଶ୍ରୀମଦ୍ଭାଗବତରେ ରାସମଣ୍ଡଳରେ ଗୋପାଙ୍ଗନାମାନଙ୍କୁ ଯେପରି ଅବତାରଣା କରାଯାଇ ସେମାନଙ୍କର ପ୍ରେମର ମହତ୍ତ୍ୱକୁ ପ୍ରକାଶ କରାଯାଇଅଛି ତାହା ବାହ୍ୟ-ସଂସାର-ଦୃଷ୍ଟି-ଅତିରିକ୍ତ ଦିବ୍ୟ ପ୍ରେମର ପ୍ରଚ୍ଛେଦକ । ଏହି ଦିବ୍ୟପ୍ରେମ ମାନବୀୟ ପ୍ରେମ ହୃଦୟର ଭାବ-ରାଗ-ଅନୁରାଗ ଓ କାମନା ନୁହେଁ । ଏହା ସ୍ୱତନ୍ତ୍ର । ଶ୍ରୀ ଅରବିନ୍ଦଙ୍କ ଭାଷାରେ— "Human love is made up of emotion, passion and desire,—all of them vital movements, therefore bound to the disabilities of the human vital nature......Divine Love is not merely a sublimation of human emotions ; it is a different consciousness, with different quality, movement and substance." (୩୩) ଅତଏବ ରାସ-ମଣ୍ଡଳର ନାୟିକା ବ୍ରଜାଙ୍ଗନା ଦିବ୍ୟପ୍ରେମର ଅଧିକାରୀ । ସେମାନେ ବହୁ ହେଲେ ହେଁ ଏକ ଏବଂ ସେହି ସଚ୍ଚିଦାନନ୍ଦ ବ୍ରହ୍ମ ସ୍ୱରୂପ ଶ୍ରୀକୃଷ୍ଣଙ୍କର ଅଭିନ୍ନ ଆତ୍ମା ସ୍ୱରୂପ ।

---

୩୨ । ଡକ୍ଟର ଉମା ରାୟ—ଗୌଡ଼ୀୟ ବୈଷ୍ଣବୀୟ ରସେର ଅଲୌକିକତ୍ୱ—ପୃ ୨୨୭

୩୩ । Letters of Sri Aurobindo—"Beyond Emotion"

## ରାସପଞ୍ଚାଧ୍ୟାୟୀରେ ସ୍ୱକୀୟାତ୍ୱ ଓ ପରକୀୟାତ୍ୱ :

ରାସପଞ୍ଚାଧ୍ୟାୟୀରେ ଗୋପୀପ୍ରେମ ପରକୀୟା ଅଥଚ ବୃନ୍ଦାବନର ଗୋସ୍ୱାମୀବୃନ୍ଦ ଗୋପୀପ୍ରେମରେ ସ୍ୱକୀୟାତ୍ୱ ଅଛି ବୋଲି ଦୃଢ଼ ମୁକ୍ତ କରିଅଛନ୍ତି । 'ଲୋଚନରୋଚନୀ' ଟୀକାରେ ଉଲ୍ଲେଖ ଅଛି—"ଶ୍ରୀକୃଷ୍ଣେନ ତାସାଂ ନିତ୍ୟଦାଂପତ୍ୟେ ସତି ପରକୀୟାତ୍ୱେ ଚ ମାୟିକ ସତି ।" ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ସହିତ ଗୋପାଙ୍ଗନାମାନଙ୍କର ନିତ୍ୟ ଦାମ୍ପତ୍ୟ ସମ୍ପର୍କ ଅଛି । ପରକୀୟା ସମ୍ପର୍କ ମାୟିକ ମାତ୍ର । ବଳଦେବ ବିଦ୍ୟାଭୂଷଣ ଗୋପୀପ୍ରେମର ଶେଷ ସିଦ୍ଧାନ୍ତ ପରକୀୟା ସିଦ୍ଧାନ୍ତରୂପେ ଗ୍ରହଣ କରିଅଛନ୍ତି । ଶକ୍ତି ଓ ଶକ୍ତିମାନର ସମ୍ବନ୍ଧ ଅଗ୍ନି ଓ ଉଷ୍ଣତାର ସମ୍ବନ୍ଧ ପରି ନିତ୍ୟସିଦ୍ଧ । ଅଥଚ ଏହି ସମ୍ବନ୍ଧକୁ ପରିତ୍ୟାଗ କରି ଔପପତ୍ୟ ଭାବରେ ଲୀଳା ସୃଷ୍ଟି ହୋଇଅଛି । ତାଙ୍କର ଔପପତ୍ୟ-ଭାବ କର୍ମ-ପରତନ୍ତ୍ର ନୁହେଁ । କାରଣ ଶ୍ରୀକୃଷ୍ଣ କର୍ମର ଅଧୀନ ନୁହଁନ୍ତି । ସୌନ୍ଦର୍ଯ୍ୟ ପରିପ୍ରକାଶ ପାଇଁ ଔପପତ୍ୟ ଗୃହୀତ । ଶ୍ରୀକୃଷ୍ଣ ସ୍ୱୟଂ ପରମେଶ୍ୱର । ତାଙ୍କର ଭାବ ପାରମୈଶ୍ୱର୍ଯ୍ୟ । ତାଙ୍କୁ ଲୌକିକ ଭାବ ନେଇ ବିଚାର କରାଯାଇ ନ ପାରେ । ଧର୍ମଶାସ୍ତ୍ରମାନଙ୍କରେ ଦାମ୍ପତ୍ୟ ଜୀବନର ବିଧାନ ରହିଅଛି । ଏହି ଜୀବନର ପ୍ରଶଂସା ଓ ଇହଲୋକରେ ଏଥିଯୋଗୁ ପ୍ରତିଷ୍ଠା ଏବଂ ପରଲୋକରେ ପରମା ଗତି ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି । ଲୌକିକ ଜୀବନର ଦାମ୍ପତ୍ୟ ପ୍ରେମ ବିଷୟରେ ଧର୍ମଶାସ୍ତ୍ର ଏହି କଥା କହିଥିଲା ବେଳେ ସମଗ୍ର ବିଶ୍ୱଜଗତର ଯିଏ ନିୟାମକ ସେହି ପରମେଶ୍ୱର ଶ୍ରୀକୃଷ୍ଣଙ୍କୁ କେଉଁ ବିଧାନ ଭିତରେ ବିଚାର କରିହେବ ? ଅତଏବ ଶ୍ରୀକୃଷ୍ଣଙ୍କର ପରକୀୟା ଲୀଳା ଆପଣା ଇଚ୍ଛାଜନିତ । ଏଥିରେ ତାଙ୍କର ଆତ୍ମାରାମତ୍ୱର ହାନି ଘଟେ ନାହିଁ । ସ୍ୱକୀୟା ଓ ପରକୀୟାର ତୁଳନାତ୍ମକ ଆଲୋଚନା କରି ଡକ୍ଟର ଉମା ରାୟ କହନ୍ତି—ପ୍ରକୃତ ପକ୍ଷରେ ଦାମ୍ପତ୍ୟ ପ୍ରେମରେ ଭେଜାଲ ନିର୍ଣ୍ଣୟ କରିବା କଠିନ । ସ୍ତ୍ରୀ ସ୍ୱାମୀକୁ ଭଲପାଇବା ମୂଳରେ ଅଧର୍ମ ପ୍ରତି ତାର ଭୟ କେତେ, ଲୋକନିନ୍ଦାର ଆଶଙ୍କା କେତେ, ଶାସ୍ତ୍ରବିହିତ ଆଚରଣରେ ନିଷ୍ଠା କେତେ, ପରଲୋକ ଗତିର ଆଶା କେତେ, ଇହଲୋକରେ ସୁଖ ଓ ନିଶ୍ଚିନ୍ତ ଆରାମ କେତେ—ଏ ସମସ୍ତକୁ ବାହାର କରିଦେଇ ପ୍ରକୃତ ପ୍ରେମର ପରିମାଣ କେତେ ତାହା ଜାଣିବା ଅତ୍ୟନ୍ତ କଷ୍ଟକର । କିନ୍ତୁ ପରକୀୟା ପ୍ରେମରେ ଶାସ୍ତ୍ର ବିଧାନର ସମର୍ଥନ ନାହିଁ, ଲୋକପ୍ରଶଂସାର ଅନୁକୂଳତା ନାହିଁ, ପରଲୋକରେ ସ୍ୱର୍ଗ କାମନା ନାହିଁ । ଯାହାପାଇଁ ଏତେ ତ୍ୟାଗ ତା' ପାଖରେ ତାର ଅଛି ଅପ୍ରତିପତ୍ତିର ସମ୍ଭାବନା । ଲୌକିକ ପରକୀୟାର ମହତ୍ତ୍ୱ ଯେଉଁଠି ଏପରି ସେଠି ଅଲୌକିକ ପରକୀୟାର ମହତ୍ତ୍ୱ କଣ ନ ହୋଇପାରେ ! (୩୪) ଅଲୌକିକ ପରକୀୟାରେ କାମ ନିଷ୍ପ୍ରଭ । ପ୍ରେମ ଉଜ୍ଜ୍ୱଳ ।

---

୩୪ । ଡକ୍ଟର ଉମା ରାୟ—ଗୌଡ଼ୀୟ ବୈଷ୍ଣବୀୟ ରସେର ଅଲୌକିକ—ପୃ ୨୨୧

କାମ ଅନ୍ଧାର । ପ୍ରେମ ନିର୍ମଳ ଭାସ୍କର । କୃଷ୍ଣସୁଖରେ ପ୍ରେମ ହୁଏ ମହାସ୍ଥାନ୍ । ଆତ୍ମସୁଖରେ କାମ ହୁଏ ମଳିନ । (୩୬) ଶ୍ରୀମଦ୍ଭାଗବତରେ ପରକୀୟା ପ୍ରେମର ମହତ୍ତ୍ୱକୁ ପ୍ରତିପାଦନ କରାଯାଇଥିବା ସଙ୍ଗେ ସଙ୍ଗେ ସ୍ୱକୀୟା ଓ ପରକୀୟାର ଦ୍ୱନ୍ଦ୍ୱକୁ ଉପସ୍ଥାପନ କରାଯାଇଅଛି । ଯେତେବେଳେ ଶୁକଦେବଙ୍କଠାରୁ ଗୋପରମଣୀମାନଙ୍କର ପରକୀୟାତ୍ୱ ଓ ତଜ୍ଜନିତ କୃଷ୍ଣ ପ୍ରାପ୍ତି ପ୍ରସଙ୍ଗ ମହାରାଜ ପରୀକ୍ଷିତ ଶୁଣିଲେ ସେତେବେଳେ ତାଙ୍କର ଦେଖାଦେଲା ମାନସିକ ଦ୍ୱନ୍ଦ୍ୱ । ସେ ଶୁକଦେବଙ୍କୁ ପ୍ରଶ୍ନ କଲେ—

"ହେ ମୁନି ହୋଇଲି ଚକିତ । ତୁମ୍ଭେ କହିଲ ବିପରୀତ ।
ପର ପୁରୁଷେ ରତି ଦେଲି । ସେ କେମା କୃଷ୍ଣଙ୍କୁ ପାଇଲି ।
—୩୦ଂଶ ଅଧ୍ୟାୟ

ମହାରାଜ ପରୀକ୍ଷିତଙ୍କର ଏହି ପ୍ରଶ୍ନ ଲୌକିକ ପ୍ରଶ୍ନ । ଏହି ପ୍ରଶ୍ନରେ ପରକୀୟା ଓ ସ୍ୱକୀୟାର ଦ୍ୱନ୍ଦ୍ୱ ସୁସ୍ପଷ୍ଟ । ଶୁକଦେବ ଏହି ଗୂଢ଼ ଦ୍ୱନ୍ଦ୍ୱକୁ ସରଳ ଭାବରେ ବୁଝାଇ ଦେଲେ—

"କୃଷ୍ଣଙ୍କୁ କରି ଶତ୍ରୁ ବଳ । ମୋକ୍ଷ ହୋଇଲା ଶିଶୁପାଳ ।
ତାହାଙ୍କୁ ପ୍ରିୟପଣେ ସେବି । କେମା ନୋହିବେ ମୋକ୍ଷଭାଗୀ ।
ଭଗତ ତାରିବାର ଆଶେ । ବ୍ରହ୍ମ ପ୍ରକାଶି ଅଛି ଅଂଶେ ।
ନିର୍ଗୁଣ ହୋଇ ଗୁଣବନ୍ତ । ଦାସ ବତ୍ସଳ ଗୋପୀନାଥ ।"

ଶ୍ରୀକୃଷ୍ଣ—"ମହାମହିମ ଯୋଗେଶ୍ୱର ।" ତାଙ୍କର ପ୍ରୀତି ବାଞ୍ଛା କରିବାରେ ଲୌକିକ ପରକୀୟାତ୍ୱ କାହିଁ ? ଏଥିରେ ନିତ୍ୟ ଦାମ୍ପତ୍ୟ - ସମ୍ବନ୍ଧ ସୂଚିତ ହେଉ ନାହିଁ କି ? ଏଥିରେ ପରମେଶ୍ୱର ଶ୍ରୀକୃଷ୍ଣଙ୍କର ସୁଖ ବିଦ୍ୟମାନ । ଆତ୍ମେନ୍ଦ୍ରିୟ ତୃପ୍ତି କାହିଁ ? ତଥାପି ଭଗବାନ ଶ୍ରୀକୃଷ୍ଣ ଲୌକିକ ଜୀବନର ଉଦ୍‌ଗାତା ପରି ବଂଶୀଧ୍ୱନି ଶୁଣି ଧାଇଁ ଆସିଥିବା ଗୋପନାରୀମାନଙ୍କୁ ଉପଦେଶ ଦେଇଛନ୍ତି :

---

୩୬ । ଆତ୍ମେନ୍ଦ୍ରିୟ ପ୍ରୀତି ବାଞ୍ଛା—ତାରେ ବଲି କାମ
କୃଷ୍ଣେନ୍ଦ୍ରିୟ ପ୍ରୀତି ଇଚ୍ଛା—ଧରେ ପ୍ରେମ ନାମ ।
କାମେର ତାତ୍ପର୍ଯ୍ୟ - ନିଜ ସମ୍ଭୋଗ କେବଲ
କୃଷ୍ଣ ସୁଖ ତାତ୍ପର୍ଯ୍ୟ — ହୟ ପ୍ରେମ ମହାବଲ ।
ଲୋକଧର୍ମ ବେଦଧର୍ମ ଦେହଧର୍ମ କର୍ମ
ଲଜ୍ଜା ଧୈର୍ଯ୍ୟ ଦେହସୁଖ ଆତ୍ମସୁଖ ମର୍ମ ।
ଅତଏବ କାମ ପ୍ରେମେ ବହୁତ ଅନ୍ତର
କାମ ଅନ୍ଧତମ, ପ୍ରେମ ନିର୍ମଳ ଭାସ୍କର ।
ଚୈତନ୍ୟ ଚରିତାମୃତ—ଆଦିଲୀଳା—୪ର୍ଥ ପରିଚ୍ଛେଦ

"ସ୍ୱାମୀଙ୍କ ସଙ୍ଗେ ପ୍ରୀତି କର । ଉଚିତ ଧର୍ମ ଗୋ ତୁମ୍ଭର ।
ସ୍ୱାମୀର ଯେତେ ଇଷ୍ଟମାନ । ବାଳତନୟ ବନ୍ଧୁଜନ ।
ଏହି ନିତ୍ୟ କର୍ମ ଗୋ ତୁମ୍ଭର । ପୁଣି ବୋଲନ୍ତି ବେଣୁଧର ।
ପୂର୍ବେ ଅର୍ଜିଲ କର୍ମଲଇ । ଯେ ଯାହା ସ୍ୱାମୀ ଗୋ ମିଳଇ ।
ସେ ଯେବେ ହୋଏ ଅସୁନ୍ଦର । ଦୁଃଖୀ ଦରିଦ୍ର ବ୍ୟାଧିକର ।
ତାହାଙ୍କୁ ନ କରିବ ସାନ । ସେ ବିଷ୍ଣୁଦେବଙ୍କ ସମାନ ।
ତାହାଙ୍କ ପାଦେ ଏକ ଚିତ୍ତେ । ସେବା କରିବ ଅବିରତେ ।
ଏହି ମାୟା ସଂସାର ଭିତର । ଯାହା ସଞ୍ଚିଲ ବେଦବର ।
ଏହା ଯେ ନ କରନ୍ତି ଭଲେ । ନରକେ ଯାନ୍ତି ଅନ୍ତକାଳେ ।
ପର ପୁରୁଷେ ମନ ଦେଇ । ଯେ ନାରୀ ରମେ ଦେହବନ୍ଧ ।
ତାହାଙ୍କୁ ନାହିଁ ସୁଖ ଲେଶ । ନରକେ ହୋନ୍ତି ପରବେଶ ।
ନିନ୍ଦିତ ହୋନ୍ତି ବେନିଲୋକେ । ନିରାଶ ହୋନ୍ତି ସ୍ୱାମୀସୁଖେ ।
ବିଧବା ହୋନ୍ତି ଜନ୍ମ ସାତ । ଯେ ନାରୀ ସ୍ୱାମୀ ଅଭଗତ ।

୩୦ଶ ଅଧ୍ୟାୟ

ଶ୍ରୀକୃଷ୍ଣଙ୍କର ଏହି ଉପଦେଶ ଶାସ୍ତ୍ର ସମ୍ମତ ଦାମ୍ପତ୍ୟ ପ୍ରେମର ଉତ୍କର୍ଷ ସମ୍ପର୍କରେ ସୂଚନା ଦିଏ । ଗୋପନାରୀମାନେ ବିବାହିତା । ସେମାନଙ୍କର ସ୍ୱାମୀ-ପୁତ୍ର-କନ୍ୟା-ବନ୍ଧୁବାନ୍ଧବ ଅଛନ୍ତି । ଅଥଚ ସେମାନେ ସକଳ ଐହିକ ଓ ପାରତ୍ରିକ ପ୍ରତିଷ୍ଠାକୁ ତ୍ୟାଗ କରି ଶ୍ରୀକୃଷ୍ଣଙ୍କ ପାଖକୁ ଧାଇଁ ଗଲେ । କଣ ଥିଲା ସେମାନଙ୍କର ଅଭିଳାଷ ? କୌଣସି ପାର୍ଥିବ ଅଭିଳାଷ କଣ ଥିଲା ସେମାନଙ୍କର କାମନା ? ଦେହସୁଖ-ଲାଳସା କଣ ସେମାନଙ୍କର ଲକ୍ଷ୍ୟ ? ଯାହାଙ୍କ ପାଇଁ ସକଳ ପ୍ରତିଷ୍ଠା, ସକଳ ପାର୍ଥିବ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ସେମାନେ ଚାଲିଗଲେ, ସେହି ପ୍ରିୟତମ ଶ୍ରୀକୃଷ୍ଣଙ୍କଠାରୁ ନିଷ୍ଠୁର ବାକ୍ୟ ଶୁଣି ସେମାନେ କଣ ସ୍ଥିର ହୋଇପାରନ୍ତି ? ସତେ ଯେପରି ମୁଣ୍ଡରେ ବଜ୍ରପଡ଼ିଲା । ମୁଖରୁ କଥା ବାହାରିଲା ନାହିଁ । ଘନ ଘନ ନିଃଶ୍ୱାସ ପ୍ରବାହିତ ହେଲା, ଅଧର ଶୁଖିଗଲା । ମୁଣ୍ଡରେ ହାତ ମାରି ବିକଳ ହୋଇଉଠିଲେ । ନୟନରୁ ନୀରଧାର ନିଗିଡ଼ି ପଡ଼ିଲା । ଯାହାଙ୍କ ପାଇଁ ଗୃହ ବାସ ଛାଡ଼ି ଆସିଲେ ସେହି ଶ୍ରୀକୃଷ୍ଣଙ୍କ-ଠାରୁ ନିଷ୍ଠୁର ବାକ୍ୟ ଶୁଣି ସେମାନେ ଅଧୀର୍ଯ୍ୟ ହୋଇଗଲେ । ଏକ ସମୟରେ ସମସ୍ତେ ଶ୍ରୀକୃଷ୍ଣଙ୍କ ପାଦରେ ପଡ଼ିଗଲେ । ସେମାନେ କହିଲେ :

"ତୁ ନୋହୁ ଯଶୋଦାନନ୍ଦନ । ଅନାଦିଜ୍ୟୋତି ନିରଂଜନ ।
ଆମ୍ଭେ ଅଭାଗୀ ଦୁଃଖୀ ନାରୀ । ଆଉ କି ଯିବୁ ଗୋପପୁରୀ ।
ଛାଡ଼ିଲୁ ବିଷୟ ବିଷାଦ । ପାଇ ତୋହର ପଦ୍ମପାଦ,
ଆମ୍ଭନ୍ତ ତେଜୁ କାହିଁ ପାଇଁ । ତୋ ବିହୁଂ ଅନ୍ୟ ଗତି ନାହିଁ ।"

—୩୦ଶ ଅଧ୍ୟାୟ—

ଯେଉଁ ପାଦପଦ୍ମକୁ ଜ୍ଞାନୀମାନେ ଚନ୍ତା କରନ୍ତି ସେହି ପାଦପଦ୍ମକୁ ପାଇ ସେମାନେ ଆଉ ଫେରଯିବାକୁ ଚାହିଁଲେ ନାହିଁ । ତାଙ୍କର ପାଇଁ ସେମାନେ ପତି-ସୁତ-ଗୃହ ତ୍ୟାଗ କରିଅଛନ୍ତି । ତାଙ୍କର ନାମ ଯିଏ ସ୍ମରଣ-ଭଜନ କରେ ତାର ଦୁଃଖ ରହେ ନାହିଁ । ଅଥଚ ଗୋପୀମାନେ ତାଙ୍କୁ ଭଜନ କରି ନରାଶ ହେଲେ । ଶ୍ରୀକୃଷ୍ଣ ଆଦିମୂଳ । ସେ ଧର୍ମଦେବତାଙ୍କ ଗୁରୁ । ସେ ମହିମା ମହାମେରୁ । ସେ ବେଦସାର । ସେମାନେ ତେଣୁ କହିଲେ :

ତୁ ଯେ ସକଳ ପ୍ରାଣୀଙ୍କର । ଦେହ ଜୀବନର ଠାକୁର ।
ଯେ ପ୍ରାଣୀ ତୋହୋରେ ଭଜଇ । ତାହାର ଜନ୍ମବନ୍ଧ ନାହିଂ ।
ଅନେକ ପୁଣ୍ୟ କରିଥିଲେ । ତୋ ନାମଧରି ଅନ୍ତକାଳେ ।
ଅଭୟ ବ୍ରହ୍ମେ ସେ ପଶନ୍ତି । ଆମ୍ଭର ନାହିଁ ଭୟଭ୍ରାନ୍ତି ।
ଆଜ କି ଗୋପପୁର ଯିବୁଂ । ପତି ତନୟ ଆବୋରିବୁ ।
ଆମ୍ଭର ତେଣେ ନାହିଂଆଶା । ତୋନାମ କରିଛୁଂ ଭରସା । ”

— ୩୩ଶ ଅଧ୍ୟାୟ —

ଏଥର ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କୁ ମନେପକାଇ ଦେଲେ ଯମୁନା କୂଳରେ ବ୍ରତ ପାଳନ କରି ଶଙ୍କର ଗଉରୀ ପୂଜା କରିବା ବେଳେ ସେ କପରି ସେମାନଙ୍କର ବସ୍ତ୍ର-ହରଣ କରିନେଇଥିଲେ ଓ ବେଣୁ ଛୁଇଁ ସେମାନଙ୍କୁ ବୃନ୍ଦାବନରେ ରମଣ କରିବା ପାଇଁ ଶପଥ କରିଥିଲେ । ସେମାନଙ୍କର ସାକ୍ଷୀ ସେହି ମୁରଲୀ । ସେ ଯଦି ସେମାନଙ୍କୁ ରକ୍ଷା ନ କରନ୍ତି, ତେବେ ସେମାନେ ନିଶ୍ଚୟ ମୃତ୍ୟୁବରଣ କରିବେ । ଗୋପାଙ୍ଗନାମାନଙ୍କର ବିକଳ ଭାବଦେଖି ଶ୍ରୀକୃଷ୍ଣଙ୍କର ଦୟାହେଲା । ସେ ଏଥର ଆନନ୍ଦରେ ବେନିଭୁଜ ବିସ୍ତାରି କରି ସମସ୍ତଙ୍କୁ ଆଲିଙ୍ଗନ କରିବାକୁ ଉଦ୍ୟତ ହେଲେ । ମାୟାବଳରେ ଶ୍ରୀକୃଷ୍ଣ ଷୋଳ ସହସ୍ର ରୂପ ଧାରଣ କଲେ । ସକଳ ଗୋପୀମାନଙ୍କୁ ରମଣ କରି ତୋଷିଲେ । ସେ ପୁଣି ସେହି ଗୋପରମଣୀମାନଙ୍କ ସହିତ ରାସ କ୍ରୀଡ଼ା କଲେ । ଏକଥା ଶୁଣି ଶ୍ରୀ ପରୀକ୍ଷିତ ପୁଣି ସଂଶୟ ପ୍ରକାଶ କଲେ :

“ଭୋମୁନି ଅସମ୍ଭବ ବାଣୀ । ସଂଶୟ ଲାଗିଲାଟି ଶୁଣି ।
ମନୁଷ୍ୟ ଅଂଶେ ଜାତ ହୋଇ । ଅଶେଷ ବ୍ରହ୍ମାଣ୍ଡ ଗୋସାଇଁ ।
ଅଧର୍ମ ନାଶିବାର ଆଶେ । ଜନ୍ମହୋଇଲେ ଯଦୁବଂଶେ ।
ଧର୍ମ ପାଳକ ନରହରି । ସେ କପାଂ ଅଧର୍ମ ଆଚରି ।
ଜଗତଜନ ଗୁରୁପିତା । ନିତ୍ୟ ଅନିତ୍ୟ ଇଷ୍ଟଦାତା ।
ଯା ନାମ ମୁକତି ପସରା । ସେ କପାଂ କଲେ ପରଦାରା ।

ନିଜ ମହିମା ଆତ୍ମାରତ । ସେ କିପାଂ କଲେ ବିପରୀତ ।
କି ଅଭିପ୍ରାୟେ ନ ଜାଣଇଂ । ସଂଶୟ ଛେଦ ମୋ ଗୋସାଇଁ ।"
—୩୪ଶ ଅଧ୍ୟାୟ—

ଶୁକଦେବ ପରୀକ୍ଷିତଙ୍କର ଏହି ସଂଦେହ ଦୂର କଲେ । ଶ୍ରୀକୃଷ୍ଣ ତେଜବାନ୍ । ସେ ଶକ୍ତିମନ୍ତ । ସେ ପରାତ୍ପର ଈଶ୍ୱର । ତାଙ୍କ ପାଖରେ ଦୋଷଗୁଣ ନାହିଁ । ସେ ଦେହବାନ୍ ନୁହନ୍ତି । ତେଣୁ ତାଙ୍କୁ ଶୁଭ ଅଶୁଭ ସ୍ପର୍ଶ କରେ ନାହିଁ । ସେ ସକଳ ଜୀବ ମଧ୍ୟରେ ବିଦ୍ୟମାନ । ତାଙ୍କର ବନ୍ଧମୋକ୍ଷ ନାହିଁ । ଭକ୍ତମାନଙ୍କୁ ତାରିବା ପାଇଁ ସେ ଅବତାର ଗ୍ରହଣ କରି ଅଛନ୍ତି । ତେଣୁ ଗୋପାଙ୍ଗନାମାନଙ୍କ ସହିତ ତାଙ୍କର ପ୍ରେମ ନିତ୍ୟ ପ୍ରେମ । ଏହି ପ୍ରେମ ଲୌକିକ ଦୃଷ୍ଟିରେ ସମ୍ଭୋଗ ପ୍ରେମ ମାତ୍ର ଏହି ସମ୍ଭୋଗ ଅଲୌକିକ ଦୃଷ୍ଟିରେ ଆତ୍ମାପରମାତ୍ମାର ସମ୍ଭୋଗ । ଗୋପାଙ୍ଗନା ସମର୍ଥାରତିର ଅଧିକାରିଣୀ । ସମର୍ଥାରତିରେ ଆତ୍ମସୁଖ ଅଭିଳାଷ ନାହିଁ, ଅଛି ପ୍ରିୟଜନର ସୁଖପ୍ରାପ୍ତିର ଅଭୀପ୍ସା । କୃଷ୍ଣସୁଖ ମହିମା ବିସ୍ତାର ହିଁ ସମର୍ଥାରତିର ମୁଖ୍ୟ ଲକ୍ଷ୍ୟ । ଗୋପୀପ୍ରେମର ଏହା ହିଁ ତାତ୍ପର୍ଯ୍ୟ । ଏହି ପ୍ରେମରେ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କ ମଧ୍ୟରେ ତଦାତ୍ମ୍ୟ ଭାବ ପ୍ରତିଷ୍ଠିତ । ଗୋପୀମାନେ କାମାନୁଗା । କାମ ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ସେମାନେ ସାଧନାରତ । ଏହି କାମଭାବ କିନ୍ତୁ ସ୍ୱାର୍ଥ ବିଜଡ଼ିତ ନୁହେଁ । ଶ୍ରୀକୃଷ୍ଣଙ୍କ ବିରହ ବ୍ୟଥା ଦୂର କରିବା ପାଇଁ ସେମାନେ ଥିଲେ ଚେଷ୍ଟିତ । ତେଣୁ ଗୋପୀମାନେ ପରନାରୀ ନୁହନ୍ତି । ଶ୍ରୀକୃଷ୍ଣ ମଧ୍ୟ ପରପୁରୁଷ ନୁହନ୍ତି । ଶ୍ରୀକୃଷ୍ଣ ପରମ ପୁରୁଷ-ପରମାତ୍ମା । ସେ ପରମ ବିଷ୍ଣୁଙ୍କର ଅବତାର । ସେ ନିର୍ଗୁଣ ଓ ସଗୁଣ । ସେ ଆଦି ଓ ଅନାଦି । ସେ ବ୍ୟକ୍ତ ଓ ଅବ୍ୟକ୍ତ । ବ୍ରଜାଙ୍ଗନାମାନେ ତାଙ୍କର ଆତ୍ମା ସ୍ୱରୂପା --ହ୍ଲାଦ ସ୍ୱରୂପା । ତେଣୁ ସେମାନେ ପରକୀୟା ହୋଇ ମଧ୍ୟ ନିତ୍ୟ-ଦାମ୍ପତ୍ୟର ଅଧିକାରିଣୀ । ସେମାନେ ବିକୃତି । କିନ୍ତୁ ପ୍ରକୃତିର ଅବସ୍ଥା ବିଶେଷ । କୃଷ୍ଣ ପ୍ରକୃତି । ସେ ଅନାଦି । ଗୋପାଙ୍ଗନା ବିକୃତି । ତେଣୁ ସେମାନେ ମଧ୍ୟ ଅନାଦି । କୃଷ୍ଣ ଓ ଗୋପାଙ୍ଗନାମାନଙ୍କର ଲୀଳା ମଧ୍ୟ ଅନାଦି ଓ ଅନନ୍ତ । ଏହି କାରଣରୁ ପରକୀୟା ପ୍ରେମ ଅନାଦି ଓ ଅନନ୍ତ । ଏଥିରେ ଲୌକିକ ଜଗତର ଦୈହିକ ବିଳାସ ଜନିତ ପରକୀୟାତ୍ୱ ଆରୋପ କଲେ ବିଶ୍ୱର ବିଭ୍ରାନ୍ତ ହେବା ସ୍ୱାଭାବିକ । ଶ୍ରୀକୃଷ୍ଣ ଧୀର ଲଳିତ ପରମ ପୁରୁଷ । ନିରନ୍ତର କାମ କ୍ରୀଡ଼ା ତାଙ୍କର ଅଭିଳାଷ । ତାଙ୍କୁ ପରମ ପତି ରୂପେ ପାଇ ଗୋପରମଣୀମାନେ ଧନ୍ୟ ହୋଇଅଛନ୍ତି । ସେମାନଙ୍କର ପ୍ରେମ ସବୁକିଛି ପାର୍ଥିବ ଅଭିଳାଷ ଓ ପ୍ରତିଷ୍ଠାକୁ ଅତିକ୍ରମ କରିଯାଇଅଛି । ଏହି ପ୍ରେମ ଆତ୍ମସୁଖ-ସ୍ପୃହାହୀନ । ଏହାର ଉଦ୍ଦେଶ୍ୟ ପ୍ରିୟତମର ସୁଖ ବୃଦ୍ଧି । ଏହି ପ୍ରେମ ଲଳନାନିଷ୍ଠ ସ୍ୱରୂପ ପ୍ରେମ । ଏହା ସ୍ୱୟଂ ଉଦ୍‌ବୁଦ୍ଧ । ଶ୍ରୀକୃଷ୍ଣ ଅଦୃଷ୍ଟ ଓ ଅଶ୍ରୁତ ଥିଲେ ମଧ୍ୟ ତାଙ୍କ ବିଷୟରେ ରତିର ପରିପ୍ରକାଶ ପାଇଁ କୌଣସି ବିଳମ୍ବ ହୁଏ ନାହିଁ । ଫୁଲ

ଫୁଟିଲେ ମଧୁ ଯେପରି ଆପେ ଆପେ ସଞ୍ଚାରିତ ହୁଏ, ଫଳ ପାଚିଲେ ମିଷ୍ଟତା ଯେପରି ଆପେ ଆପେ ସଞ୍ଜାତ ହୁଏ ଲଳନାନଙ୍କ ସ୍ୱାଭାବିକ ପ୍ରେମ ସେହିପରି ଶ୍ରୀକୃଷ୍ଣଙ୍କ ପ୍ରତି ସ୍ୱାଭାବିକ ରୂପେ ଧାବିତ ହୋଇଥାଏ । (୩୬)

ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ପରକୀୟା ପ୍ରେମଲୀଳା ଅପ୍ରକଟ ଅପ୍ରାକୃତ ଲୀଳା । ତେଣୁ ଏହା ସର୍ବଦା ଦାମ୍ପତ୍ୟ-ପ୍ରେମ ଅନ୍ତର୍ଭୁକ୍ତ । ଏହି ଦାମ୍ପତ୍ୟ ପ୍ରେମରେ ଅଛି ନିତ୍ୟତ୍ୱ । ଶ୍ରୀ ବିଶ୍ୱନାଥ ଚକ୍ରବର୍ତ୍ତୀ ଏ ପ୍ରସଙ୍ଗରେ କହନ୍ତି—"ନ ତ୍ୱପ୍ରକଟ-ଲୀଳାୟାଂ ସଦା ଦାମ୍ପତ୍ୟମେବ, ତଥା ତସ୍ୟା ଏବ ଲୀଳାୟା ନିତ୍ୟତ୍ୱଂ ଚ, ପରୋଢ଼ୋପପତିତ୍ୱଂ ପ୍ରକଟ ଲୀଳାୟାମେବ କିନ୍ତୁ ଇଦାନୀ ମାୟିକମେବ ନ ତୁ ବାସ୍ତବମିତି ବକ୍ତୁଂ ଶକ୍ୟମ୍ । ସର୍ବଲୀଳା ମୁକୁଟମଣି ଭୂତାୟା ରାସଲୀଳାୟା ଅପି ଆଦିମଧ୍ୟାବସାନେଷୁ ପରୋଢୋପପତିଭାବମୟ୍ୟା ମାୟିକତ୍ୱେ ଅନୁପାଦେୟତ୍ୱ ପ୍ରସକ୍ତେଃ ।" ଅର୍ଥାତ୍ ଅପ୍ରକଟ ଲୀଳା ସର୍ବଦା ଦାମ୍ପତ୍ୟ ଏବଂ ଏହି ଦାମ୍ପତ୍ୟରେ ଅଛି ନିତ୍ୟତ୍ୱ । ପରୋଢାର ଉପପତିତ୍ୱ ପ୍ରକଟଲୀଳାର ମାୟିକ ପ୍ରକାଶ କରିବା ସମୀଚୀନ ନୁହେଁ । ରାସଲୀଳା ସର୍ବଲୀଳାର ମୁକୁଟମଣି ସଦୃଶ । ଏହି ଲୀଳାର ଆଦି, ମଧ୍ୟ ଓ ଅନ୍ତ୍ୟରେ ଔପପତ୍ୟ ବିଦ୍ୟମାନ । ତେଣୁ ଏହି ଲୀଳାରେ ମାୟିକ ସମ୍ପର୍କକୁ କେବଳ ଗ୍ରହଣ କରିନେଲେ ଏହାର ପ୍ରକୃତ ସ୍ୱରୂପ ଅବଧାରିତ ହୁଏ ନାହିଁ । ଏଥିରେ ପରକୀୟାତ୍ୱ ଅଛି ମାତ୍ର ଏହି ପରକୀୟାତ୍ୱ ଲୌକିକ ଭାବଦ୍ୟୋତକ ନୁହେଁ; ଏହା ଅଲୌକିକ ଦିବ୍ୟାନୁଭୂତିର ପ୍ରସ୍ବେଦକ । ବାହ୍ୟତଃ ଏହା ଲୌକିକ ପରି ଜଣାଯାଏ ମାତ୍ର ଯେତେବେଳେ ଗୋପନାରୀମାନଙ୍କର ପୂର୍ବଜନ୍ମ ଓ ସାଧନା ସମ୍ପର୍କରେ ଅବହିତ ଆସେ ସେତେବେଳେ ସେମାନଙ୍କର ଶ୍ରୀକୃଷ୍ଣଙ୍କ ସହିତ ନିତ୍ୟ ସମ୍ବନ୍ଧ ଦ୍ୟୋତିତ ହୁଏ ଏବଂ ଲୌକିକ ସ୍ତରରେ ସେମାନଙ୍କର ବିବାହିତ ଜୀବନ ସୂଚିତ ହୋଇଥିଲେ ହେଁ ଅଲୌକିକ ସ୍ତରରେ ସେମାନେ ଶ୍ରୀକୃଷ୍ଣଙ୍କ ସହିତ ନିତ୍ୟ-ଦାମ୍ପତ୍ୟ-ସୂତ୍ରରେ ଘନବନ୍ଧ । ତେଣୁ ଗୋପୀମାନଙ୍କର ପରକୀୟାତ୍ୱ ପାର୍ଥିବ ବସ୍ତୁର ବିହିତ ନୁହେଁ; ଏହା ଅପାର୍ଥିବ ଭକ୍ତିରସର ଅଖଣ୍ଡ ପରିପ୍ରକାଶ । ଏହି କାରଣରୁ ରାସପଞ୍ଚାଧ୍ୟାୟୀରେ ସ୍ୱୟଂ ଶ୍ରୀକୃଷ୍ଣ ସ୍ୱକୀୟାତ୍ୱର ଶାସ୍ତ୍ରୀୟ ବୈଶିଷ୍ଟ୍ୟ ସମ୍ପର୍କରେ ଚେତେଇ ଦେଇଥିଲେ ହେଁ ନିଜେ ପରକୀୟାତ୍ୱକୁ ପ୍ରତିଷ୍ଠା ଦେଇଅଛନ୍ତି । ଗୋପୀମାନଙ୍କର ମାନସ ଲୋକରୁ ସ୍ୱକୀୟାର ପାର୍ଥିବ ପ୍ରତିଷ୍ଠାର ମୋହକୁ ଦୂରେଇ ଦେଇ ପରକୀୟାର ଦିବ୍ୟ-ରସ-ଚେତନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରି ମହାଭାବ ପ୍ରତିଷ୍ଠା କରିଅଛନ୍ତି ।

---

୩୬ । ଡକ୍ଟର ଉମା ରାୟ—ଗୌଡ଼ୀୟ ବୈଷ୍ଣବୀୟ ରସେର ଅଲୌକିକତ୍ୱ—ପୃ ୨୪୩

# ରାସପଞ୍ଚାଧ୍ୟାୟୀର ରସ-ଚର୍ଯ୍ୟା:

ରାସପଞ୍ଚାଧ୍ୟାୟୀ ଭଗବାନ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ଅନାବିଲ ରାସଲୀଳାର ଏକ କମନୀୟ ଅଭିବ୍ୟକ୍ତି । ତେଣୁ ଏଥିରେ ଶୃଙ୍ଗାର ରସ ବା ଉଜ୍ଜ୍ୱଳ ରସ ମୁଖ୍ୟ ଅଙ୍ଗୀରସ ରୂପେ ଗୃହୀତ ହୋଇଥିଲେ ହେଁ ସେଥିରେ ଶାନ୍ତ ଓ ଭକ୍ତିରସ କମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ନାହାନ୍ତି । ଶୃଙ୍ଗାର ରସ ଲୌକିକ ଭାବ-ବିଭାବ ମଧ୍ୟଦେଇ ଅଲୌକିକ ରସରେ ପରିଣତ ହୋଇଯାଇଅଛି । ଏହି ରସତତ୍ତ୍ୱ ଦର୍ଶନ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଯାଇ "ବ୍ରହ୍ମାସ୍ୱାଦ ସ୍ୱୟଂ"ରେ ପରିଣତ ହୋଇଅଛି । ଏଠି ରସ 'ବ୍ରହ୍ମାସ୍ୱାଦ ସହୋଦର' ନୁହେଁ । ଏଥିରେ ପରମ ତତ୍ତ୍ୱ – ଶ୍ରୀକୃଷ୍ଣତତ୍ତ୍ୱ, ପରମ ଉପଜୀବ୍ୟ – ଶ୍ରୀକୃଷ୍ଣ, ପରମ ପ୍ରୟୋଜନ – କୃଷ୍ଣପ୍ରେମ-ସୁଖ, ପରମ ଅଭିଧେୟ— କୃଷ୍ଣଲୀଳାଦି ଶ୍ରବଣ ରୂପ ଭଜନ । 'ତତ୍ତ୍ୱସନ୍ଦର୍ଭ'ରେ ତେଣୁ ଏ ସମ୍ପର୍କରେ ଉଲ୍ଲେଖ ଅଛି —"ତଥା ପ୍ରୟୋଜନାଖ୍ୟଃ ପୁରୁଷାର୍ଥଶ୍ଚ ତାଦୃଶ ତଦା ଶକ୍ତିଜନକଂ ତତ୍‌ପ୍ରେମ-ସୁଖମେବ । ତତୋହଭିଧେୟମପି ତାଦୃଶ-ତତ୍‌ପ୍ରେମଜନକଂ ତଲ୍ଲୀଳା ଶ୍ରବଣାଦି ଲକ୍ଷଣଂ ତଦ୍‌ଭଜନ ମିତ୍ୟାୟାତମ୍ ।" ଅତଏବ ଶ୍ରୀମଦ୍ଭାଗବତର ରାସଲୀଳା ପ୍ରସଙ୍ଗରେ ଯେଉଁ ରସର ପରିପ୍ରକାଶ ଘଟିଅଛି ତାହା ଲୌକିକତ୍ୱର ସୀମା ସରହଦ ଅତିକ୍ରମ କରି ଅଲୌକିକତ୍ୱର ଦିବ୍ୟସ୍ତରକୁ ଗତି କରିଯାଇଅଛି ।

ବିଭାବ-ଅନୁଭାବ-ବ୍ୟଭିଚାରୀ ସଂଯୋଗରୁ ରସର ଉତ୍ପତ୍ତି ହୋଇଥାଏ । ବିଭାବ ଆଲମ୍ବନ ଓ ଉଦ୍ଦୀପନ ଭେଦରେ ଦ୍ୱିବିଧ । ରତି ପ୍ରଭୃତି ଭାବ ଯାହାକୁ ଅବଲମ୍ବନ କରି ଜାଗ୍ରତ ହୁଏ ତାହା ଆଲମ୍ବନ ବିଭାବ ଏବଂ ଯେଉଁ ପରିବେଶ ମଧ୍ୟରେ. ଏହା ଉଦ୍ଦୀପିତ ଓ ଉଦ୍‌ବୁଦ୍ଧ ହୁଏ ତାହା ଉଦ୍ଦୀପନ ବିଭାବ । ଏହା ସୁପ୍ତକୁ ଜାଗ୍ରତ କରେ, ମୁଦ୍ରିତକୁ ବିକଶିତ କରେ, ଗୋପନକୁ ପ୍ରକାଶିତ କରେ ଓ ସୂକ୍ଷ୍ମକୁ ବ୍ୟକ୍ତ କରେ । ଅନୁଭାବ ଚିତ୍ତସ୍ଥ ଭାବରାଜିକୁ ପ୍ରତ୍ୟକ୍ଷ ରୂପେ ଗୋଚର କରାଏ । ଏହା ମନରୁ ଦେହକୁ ଗତିକରେ । ଦେହ ଓ ମନର ସକଳ କ୍ରିୟା-ବିକ୍ରିୟା ଅନୁଭାବ ମଧ୍ୟରେ ପ୍ରକାଶ ପାଏ । ଏହାପରେ ଆସେ ବ୍ୟଭିଚାରୀ ଭାବ । ଏହା ସ୍ଥାୟୀଭାବର ଉପକାର କରି ଅସ୍ତମିତ ହୋଇଯାଏ । ତତ୍‌ପରେ ରସର ଅଖଣ୍ଡ ପ୍ରବାହ ସୃଷ୍ଟି ହୁଏ ଏବଂ ସେହି ରସ ହୁଏ ଅଲୌକିକ । ଆଲଙ୍କାରିକମାନେ ସମସ୍ତ ରସକୁ ଅଲୌକିକ କହିଥିଲାବେଳେ ବୈଷ୍ଣବ ଗୋସ୍ୱାମୀମାନେ କେବଳ ଭଗବତ୍ ସମ୍ବନ୍ଧୀୟ ରସକୁ ଅଲୌକିକ କହିଅଛନ୍ତି । ରସର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଆନନ୍ଦ ଦାନ । ଭଗବାନ ଆନନ୍ଦ ସ୍ୱରୂପ । ଆନନ୍ଦରୁ ଏହି ଜଗତର ସୃଷ୍ଟି । ଆନନ୍ଦରେ ମଧ୍ୟ ଏ ଜଗତ ଲୀନ ହୋଇଯାଏ । 'ତୈତ୍ତିରୀୟୋ-ପନିଷତ୍' ର 'ଭୃଗୁବଲ୍ଲୀ'ରେ କୁହାଯାଇଅଛି—"ଆନନ୍ଦୋ ବ୍ରହ୍ମେତି ବ୍ୟଜାନାତ୍ । ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ । ଆନନ୍ଦେନ ଜାତାନି ଜୀବନ୍ତି ।

ଆନନ୍ଦଂ ପ୍ରଯନ୍ତ୍ୟଭିସଂ ବିଶନ୍ତୀତି ।'' ଭୂମା ହିଁ ସୁଖ । ଭୂମା ହିଁ ଅମୃତ । (୩୭) ସେଇ ଭୂମା ହିଁ ରସ । ରସପ୍ରାପ୍ତ ହେଲେ ଆନନ୍ଦମୁକ୍ତ ହୁଅନ୍ତି । (୩୮) ତେଣୁ ରସ ଓ ଆନନ୍ଦ ଏକ ଏବଂ ଅଭିନ୍ନ ଓ ଏହି ଅଦ୍ୱୟ ସତ୍ତା ହିଁ ଭଗବତ ସ୍ୱରୂପ । ଅତଏବ ରସ ଅଲୌକିକ । ରସ ଆନନ୍ଦ ସ୍ୱରୂପ । ଭଗବତ ସତ୍ତାର ଆନନ୍ଦ ଚିନ୍ମୟ ଅଂଶ ରସରୂପେ ଅଭିବ୍ୟକ୍ତ । ଏହା ଶାଶ୍ୱତ ଓ ଅଲୌକିକ । ଏହା ଆଲୋକ ପରି ସ୍ୱୟଂ ପ୍ରକାଶ । ଏହା କାର୍ଯ୍ୟ ବା ଜ୍ଞାପ୍ୟ ନୁହେଁ, ସବିକଳ୍ପ ବା ନିର୍ବିକଳ୍ପ ନୁହେଁ । ଏହା ଅଲୌକିକ । ତେଣୁ ଏହା ଆହ୍ଲାଦଜନକ, ନିରପେକ୍ଷ, ଆସ୍ୱାଦ ଓ ଆସ୍ୱାଦ୍ୟର ତାଦାତ୍ମ୍ୟ ଓ ସତ୍ତାତ୍ମକ ।

ପାଶ୍ଚାତ୍ୟାଧାର୍ଯ୍ୟାଙ୍କର ରସ ବିଷୟରେ ଆଲୋଚନା କଲାବେଳେ ସର୍ବ ପ୍ରଥମେ ଭକ୍ତିରସ କଥା ଆସେ । ପ୍ରାଚୀନ ଆଲଙ୍କାରିକଗଣ ଭକ୍ତିରସକୁ ରସ ଭାବରେ ଗ୍ରହଣ ନ କରି ଏକ ଭାବ ରୂପେ ଗ୍ରହଣ କରିଅଛନ୍ତି । ଦେବାଦିବିଷୟ ରତି ହିଁ ଭାବ । ତେବେ ଭଗବାନ ଯାହାର ଅବଲମ୍ବନ, ରୋମାଞ୍ଚ-ଅଶ୍ରୁପାତାଦି ଯାର ଅନୁଭାବ, ଭାଗବତାଦି ପୁରାଣ ଶ୍ରବଣ ଯାର ଉଦ୍ଦୀପନ, ହର୍ଷାଦି ଯାର ପୋଷକ ତାକୁ ରସ କହିବାରେ କୌଣସି ବାଧା ନାହିଁ । କେହି କେହି ଶାନ୍ତରସକୁ ଭକ୍ତିରସ କହିଥାନ୍ତି । କିନ୍ତୁ ଭକ୍ତି ଭାବ ହିଁ ଭଗବତ୍ ଅନୁରକ୍ତି । ଶାନ୍ତଭାବ ନିର୍ବେଦ । ଏଥିରେ ଚିତ୍ତ ଚଂଚଳ ହୁଏ ନାହିଁ । ଭକ୍ତିରସରେ ଅନୁରାଗ ପ୍ରତି ମୁହୂର୍ତ୍ତରେ ନବ ନବ ଭାବ ସୃଷ୍ଟି କରେ । ଶାନ୍ତରସରେ ଲୀଳା-ଶୃଂଖଳା ନାହିଁ । ଭକ୍ତି ରସରେ ଅଛି ଲୀଳା-ଶୃଂଖଳା । ଏଥିରେ ସ୍ଥାୟୀ ଭାବ—ଦେବାଦି ବିଷୟର ରତି । ବୈଷ୍ଣବ ଆଲଙ୍କାରିକ ଏହାକୁ କୃଷ୍ଣରତି କହିଅଛନ୍ତି । (୩୯) ତେଣୁ ଭକ୍ତିରସ ହିଁ ରସ ପଦବାଚ୍ୟ । କେହି କେହି ଆଲୋଚକ ସର୍ବରସ ମଧ୍ୟରେ ଶାନ୍ତରସକୁ ଶ୍ରେଷ୍ଠରସ ବୋଲି ମନେ କରିଅଛନ୍ତି । କାରଣ ଶାନ୍ତଭାବ ମାନବାତ୍ମାର ସ୍ୱାଭାବିକ ସହଜାବସ୍ଥା । ଅନ୍ୟାନ୍ୟ ସମସ୍ତ ଅବସ୍ଥା ଶାନ୍ତଭାବର ଅବସ୍ଥାନ୍ତର ବିଶେଷ । ଶାନ୍ତରସର କେହି ବିରୋଧୀ ନାହିଁ । ପୁନଶ୍ଚ ଶୃଙ୍ଗାର ରସକୁ କେତେକ ଆଲୋଚକ ପ୍ରଧାନରସ କହିଅଛନ୍ତି । କାରଣ ଏହି ରସ ଚିତ୍ତକୁ ସହଜରେ ଆବିଷ୍ଟ କରେ ଓ ଆକର୍ଷଣ କରେ । ଏହି ରସର କମନୀୟତାକୁ ପ୍ରତ୍ୟେକ ଜୀବ ସହଜରେ ଅନୁଭବ କରୁ ଥିବାରୁ ଓ ଏହା ସର୍ବଜନଗ୍ରାହ୍ୟ ହୋଇଥିବାରୁ ଏହାକୁ ପ୍ରଧାନ ରସ କହିବା ଅସମୀଚୀନ ନୁହେ । ଆନନ୍ଦ ବର୍ଦ୍ଧନ 'ଧ୍ୱନ୍ୟାଲୋକ'ରେ

---

୩୭ । ଯୋ ବୈ ଭୂମା ତଦମୃତମ୍ ।—'ଛାନ୍ଦୋଗ୍ୟୋପନିଷଦ୍'—

୩୮ । ରସୋ ବୈସଃ । ରସଂ ହ୍ୟେବାୟଂ ଲବ୍ଧ୍ୱାନନ୍ଦୀ ଭବତି । ତୈତ୍ତିରୀୟୋପନିଷଦ୍ -ବ୍ରହ୍ମାନନ୍ଦବଲ୍ଲୀ—

୩୯ । ଏଷା କୃଷ୍ଣରତିଃ ସ୍ଥାୟୀ ଭାବୋ ଭକ୍ତିରସୋ ଭବେତ୍ ।
-ଭକ୍ତିରସାମୃତସିନ୍ଧୁ—ଦକ୍ଷିଣ ବିଭାଗ—

ଏ ପ୍ରସଙ୍ଗରେ ତେଣୁ କହୁଅଛନ୍ତି — "ଶୃଙ୍ଗାର ରସୋ ହି ସଂସାରିଣାଂ ନିୟମେନାନୁଭବବିଷୟତ୍ୱାତ୍ ସର୍ବରସେଭ୍ୟଃ କମନୀୟତ୍ୱା ପ୍ରଧାନଭୂତଃ"। ଏହି ଶୃଙ୍ଗାର ରସରୁ ଆସେ ମୋକ୍ଷ-ଶୃଙ୍ଗାର ପ୍ରସଙ୍ଗ । ଏହି ମୋକ୍ଷ ଶୃଙ୍ଗାର ହେଉଛି ଯୋଗ୍ୟଚେତାର ଅଭିମାନ । ଏଥିରେ ଶାନ୍ତ ରସର ପ୍ରକୃତ ପରିସ୍ଫୁଟ । ରତ୍ୟାଦି ବିକୃତି ରସ ହୋଇଥିବାରୁ ଏବଂ ଶାନ୍ତ ପ୍ରକୃତି-ରସ ହୋଇଥିବାରୁ ଶାନ୍ତରସକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଥାଏ । ରତ୍ୟାଦି ଭାବସହିତ ଶାନ୍ତଭାବର ସଂଘାତ ଦେଖା ଦେବା ପର୍ଯ୍ୟନ୍ତ ଶାନ୍ତରସ ଅସ୍ୱାଦ୍ୟ । ଏଥିରେ ରତ୍ୟାଦିଭାବ ନେତି ନେତି ରୂପେ ପ୍ରତୀତ । ତେଣୁ ଏହି ରସକୁ ଭକ୍ତ ରସ କୁହାଯାଇ ନ ପାରେ । ଭକ୍ତ ରସରେ ବୈରାଗ୍ୟ ମୁଖ୍ୟ ନୁହେଁ; ମୁଖ୍ୟ ଅନୁରାଗ । ଶାନ୍ତରସ ଅପେକ୍ଷା ଏହା ବ୍ୟାପକ, ମଧୁର ଓ ସୁନ୍ଦର ।

ଭକ୍ତି ଏକ ଲୌକିକ ଚିତ୍ତବୃତ୍ତି ନୁହେଁ, ଏକ ପରମ ଦିବ୍ୟଭାବ । ଏହା ଅଲୌକିକ ସ୍ୱରୂପ ଶକ୍ତିର ଅଂଶ ବିଶେଷ । ତେଣୁ ଭକ୍ତିଭାବ ଅଲୌକିକ । ଏହା ସଦା ନିରବଚ୍ଛିନ୍ନ । ନାରଦକୃତ ଭକ୍ତିସୂତ୍ରରେ ତଥା ଶାଣ୍ଡିଲ୍ୟ ସୂତ୍ରରେ ଭକ୍ତି ସମ୍ପର୍କରେ ଉଲ୍ଲେଖଅଛି (୪୦) ଯେ ଭକ୍ତି ଦିବ୍ୟ ସ୍ୱରୂପ, ପରମ ପ୍ରେମ ସ୍ୱରୂପ ଓ ଅନିର୍ବଚନୀୟ । ଭକ୍ତିରସକୁ ବୈଷ୍ଣବଗଣ ପ୍ରାଧାନ୍ୟ ଦେଉଥିଲା ବେଳେ ଅନ୍ୟାନ୍ୟ ଆଲଙ୍କାରିକ ଶୃଙ୍ଗାର ରସକୁ ପ୍ରାଧାନ୍ୟ ଦେଇଅଛନ୍ତି । ଭୋଜରାଜ ଶୃଙ୍ଗାରକୁ ଏକମାତ୍ର ରସ ଭାବରେ ଗ୍ରହଣ କରିଥିଲା ବେଳେ ବୈଷ୍ଣବଗଣ ଭକ୍ତିକୁ ଏକମାତ୍ର ରସ ରୂପେ ସ୍ୱୀକୃତି ଦେଇଅଛନ୍ତି । ଭୋଜଦେବଙ୍କର ଶୃଙ୍ଗାର ଆତ୍ମରତିର ନାମାନ୍ତର । ବୈଷ୍ଣବଙ୍କର ଭକ୍ତି କୃଷ୍ଣରତିର ନାମାନ୍ତର । ଉଭୟ ରସ ଭିନ୍ନ ଭାବ ଦେଇ ପ୍ରେମରସରେ ପ୍ରକର୍ଷ ଲାଭ କରନ୍ତି । ବୈଷ୍ଣବ ଭକ୍ତିରସ ଆତ୍ମାର ଧର୍ମ ହୋଇ ଥିବାରୁ ପରମାର୍ଥିକ ସ୍ୱରୂପ ମୁକ୍ତଜୀବର ଆସ୍ୱାଦ୍ୟ । କିନ୍ତୁ ଭୋଜଙ୍କର ଶୃଙ୍ଗାର ରସ ପ୍ରକୃତି ଧର୍ମ ହୋଇଥିବାରୁ ବଦ୍ଧଜୀବର ଆସ୍ୱାଦ୍ୟ । ବୈଷ୍ଣବମାନେ ଭୋଜଦେବଙ୍କର ପ୍ରାକୃତ ଆତ୍ମରତି ଜନିତ ଆତ୍ମପ୍ରେମ-ଶୃଙ୍ଗାରକୁ ପରିତ୍ୟାଗ କରି କୃଷ୍ଣରତି ଜନିତ ଅପ୍ରାକୃତ କୃଷ୍ଣପ୍ରେମ-ଶୃଙ୍ଗାର ଉପରେ ଗୁରୁତ୍ୱ ପ୍ରଦାନ କରିଅଛନ୍ତି । ତେଣୁ ଏହି ଶୃଙ୍ଗାରରସ ଲୌକିକ ବନ୍ଦିତ୍ୱକୁ ଅତିକ୍ରମ କରି ଅଲୌକିକ ଚିନ୍ମୟାନନ୍ଦରେ ଉଦ୍‌ବୁଦ୍ଧ ହୋଇଉଠି ଭକ୍ତିରସ ସହିତ ଏକୀଭୂତ ହୋଇଯାଇଛି ।

---

୪୦ । 'ଓଁ ଅମୃତ ସ୍ୱରୂପା ଚ । ୩।' — ନାରଦଭକ୍ତିସୂତ୍ର, ପ୍ରଥମ ଅନୁବାଦ
ଓଁ ସା କସ୍ମୈ ପରମ ପ୍ରେମ ସ୍ୱରୂପା । ୨ ।
ଓଁ ଅନିର୍ବଚନୀୟଂ ପ୍ରେମ ସ୍ୱରୂପମ୍ । ୫୧ ।
= ନାରଦଭକ୍ତିସୂତ୍ର — ୭ମ ଅନୁବାଦ
ଦ୍ୱେଷପ୍ରତିପକ୍ଷାଭାବାଦ୍ ରସଶବ୍ଦାଚ୍ଚ ରାଗଃ । ୬ ।
— ଶାଣ୍ଡିଲ୍ୟ ଭକ୍ତିସୂତ୍ର — ପଥମ ଆହ୍ନିକ —

'ଭକ୍ତିରସାମୃତସିନ୍ଧୁ'ରେ ଶାନ୍ତ, ପ୍ରୀତ,ପ୍ରେୟ, ବାତ୍ସଲ୍ୟ ଓ ମଧୁର ରସକୁ ମୁଖ୍ୟ ଭକ୍ତିରସ ରୂପେ ଏବଂ ହାସ, ବିସ୍ମୟ, ଉତ୍ସାହ, ଶୋକ, କ୍ରୋଧ, ଭୟ ଓ ଅଦ୍ଭୁତକୁ ଗୌଣ ଭକ୍ତି ରସ ରୂପେ ବିସ୍ତୃତ କରାଯାଇଅଛି । କିନ୍ତୁ ପ୍ରକୃତପକ୍ଷେ ମୁଖ୍ୟ ଭକ୍ତିରସ ଚାରିଟି: (କ) ଶୁଦ୍ଧା ବା ଶାନ୍ତ (ଖ) ପ୍ରେୟ (ଗ) ବାତ୍ସଲ୍ୟ (ଘ) ଶୃଙ୍ଗାର ବା ମଧୁର ଏବଂ ଗୌଣଭକ୍ତିରସ (କ) ରୌଦ୍ର (ଖ) ଭୟାନକ (ଗ) ହାସ୍ୟ (ଘ) ବୀର (ଙ) କରୁଣ (ଚ) ଅଦ୍ଭୁତ । ଏ ସମସ୍ତ ମଧ୍ୟରେ ଶୃଙ୍ଗାରସର ଭକ୍ତିରସ ମଧ୍ୟରେ ପ୍ରାଧାନ୍ୟ ଲାଭ କରିଅଛି । ଏଥିରେ ମାଦନ ଓ ମୋହନ ଦୁଇଟି ଭାବ ନିହିତ । ମିଳନ ଓ ସମ୍ଭୋଗରେ ମାଦନ । ଭାବୋଲ୍ଲାସ ଏହାର ଅନ୍ତର୍ଭୁକ୍ତ । ବିରହ ଓ ବିପ୍ରଲମ୍ଭରେ ମୋହନ । ଦିବ୍ୟୋନ୍ମାଦ ଏହାର ବୈଶିଷ୍ଟ୍ୟ । ବୈଷ୍ଣବ ଆଳଙ୍କାରିକଗଣ ଶୃଙ୍ଗାର ରସକୁ ମଧୁର ବା ଉଜ୍ଜ୍ୱଳ ରସ ରୂପେ ଗ୍ରହଣ କରନ୍ତି । ଏହି ରସର ପ୍ରାଧାନ୍ୟକୁ ବ୍ୟାପ୍ତି ଦୃଷ୍ଟିରୁ ନୁହେଁ; ଗଭୀରତା ଦୃଷ୍ଟିରୁ ସେମାନେ ସ୍ୱୀକାର କରନ୍ତି ମାତ୍ର ସେମାନେ ଏହାକୁ ଅଙ୍ଗିରସ ଭାବରେ ଗ୍ରହଣ ନ କରି ଅନ୍ୟରସ ଭାବରେ ଗ୍ରହଣ କରିଥାନ୍ତି । କାରଣ ସକଳ ରସର ଆସ୍ୱାଦ ଶୃଙ୍ଗାର ରସରେ ମିଳିତ ହୋଇ ଏକ ଅଲୌକିକ ଭାବ-ତରଙ୍ଗ-ସୃଷ୍ଟି କରନ୍ତି । ଶୃଙ୍ଗାରର ପ୍ରତିଷ୍ଠା ପ୍ରାଣରେ । ଆତ୍ମା ସହିତ ଆତ୍ମାର ମିଳନ ଘଟେ ଶୃଙ୍ଗାର ରସରେ । ଶୃଙ୍ଗାର ସାଧାରଣ ଶରଂସା ନୁହେଁ । ଏହା ଦିବ୍ୟଚେତନା, ଆନନ୍ଦଘନ ଉଲ୍ଲାସମୟ ପରିପୂର୍ତ୍ତି ପ୍ରକାଶ । ଏହି ଅବସ୍ଥାରେ ଭକ୍ତିରସର ବିକାଶ ଘଟେ ।

ରାସପଞ୍ଚାଧ୍ୟାୟୀରେ ଶୃଙ୍ଗାର ଓ ଶାନ୍ତରସର ଅପୂର୍ବ ସମାବେଶ ଘଟିଅଛି ଏବଂ ଏଇ ଦୁଇରସ ମିଶିଯାଇ ଅଲୌକିକ ଭକ୍ତରସର କାନ୍ତ-କୋମଳ-କମନୀୟ ସ୍ରୋତଟିଏ ବୁହାଇ ଦେଇଅଛି । ଶ୍ରୀକୃଷ୍ଣଙ୍କର ରୂପ-ମାଧୁର୍ଯ୍ୟ ଓ ବେଣୁ-ମାଧୁର୍ଯ୍ୟରେ ଶୃଙ୍ଗାର ରସ ହୋଇଛି ପରିପ୍ଳୁତ । ଶ୍ରୀକୃଷ୍ଣଙ୍କର ବେଣୁମାଧୁର୍ଯ୍ୟରେ ପ୍ରଥମେ ଗୋପରମଣୀମାନଙ୍କର ମାଦନ ଭାବସୃଷ୍ଟି ହୋଇଅଛି । ସେମାନଙ୍କର ସର୍ବାଙ୍ଗରେ ମଦନର ଅପ୍ରତିହତ ପ୍ରଭାବ । ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବା ପାଇଁ ସେମାନଙ୍କର ସୃଷ୍ଟିହେଲା ପ୍ରବଳ ଉତ୍କଣ୍ଠା । (୪୧) ଏକ ପକ୍ଷରେ ଗୋପାଙ୍ଗନାମାନଙ୍କର ତୀବ୍ର ମଦନଜ୍ୱାଳା ଏବଂ ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କର ରମଣେଚ୍ଛା, ଏକପକ୍ଷରେ ପ୍ରିୟତମର ଅପୂର୍ବ ରୂପ-ମାଧୁର୍ଯ୍ୟ ଏବଂ ଅନ୍ୟପକ୍ଷରେ ପ୍ରିୟତମାମାନଙ୍କର ରୂପାନୁରାଗ ଓ ପ୍ରିୟତମ ସହିତ ମିଳିତ ହେବା ପାଇଁ ରାଗ-ରଞ୍ଜିତ ଭାବ ରାସପଞ୍ଚାଧ୍ୟାୟୀରେ ଶୃଙ୍ଗାର ମାଧୁର୍ଯ୍ୟ ସୃଷ୍ଟି କରିଅଛି ।

---

୪୧ । ଶୁଣି ହୋଇଲେ ଛନ ଛନ । ବ୍ୟାପାରେ ନ ଲାଗଇ ମନ ।
କର ଚରଣ ନ ଚଳଇ । ମଦନେ କମ୍ପୁଅଛି ଦେହ ।

ତ୍ରିଂଶ ଅଧ୍ୟାୟ

ଏହି ମାଧୁର୍ଯ୍ୟ ପ୍ରଥମେ ସମ୍ଭୋଗ ଶୃଙ୍ଗାର ମଧ୍ୟରେ ଆରମ୍ଭ ହୋଇ ପରେ ବିପ୍ରଲମ୍ଭ-ଶୃଙ୍ଗାରରେ ଗାଢତ୍ୱ ଲାଭ କରିଅଛି ଏବଂ ପରିଣତିରେ ପୁନର୍ଶ୍ଚ ମିଳନ-ମାଧୁରୀର ଦିବ୍ୟ-ରସରେ ହୋଇଛି ସ୍ନିଗ୍ଧ ସୁନ୍ଦର । ଯେତେବେଳେ ଶ୍ରୀକୃଷ୍ଣ ମାୟାବଳରେ ଷୋଳସହସ୍ର ରୂପ ଧାରଣ କରି ଗୋପାଙ୍ଗନାଙ୍କୁ ରମଣ କରିବା ପ୍ରସଙ୍ଗ ବର୍ଣ୍ଣନା ଦେଖିବାକୁ ମିଳେ ସେତେବେଳେ ସ୍ୱତଃ ଶ୍ରୀକୃଷ୍ଣଙ୍କ ବିଭୂତ୍ୱ ଓ ପରମତ୍ୱ ସ୍ପଷ୍ଟ ହୋଇ ଉଠେ । ଏ ପ୍ରସଙ୍ଗରେ ଭାଗବତରେ ବର୍ଣ୍ଣନା ଅଛି :

"ମାୟାର ଯୋଗ ବଳେ ହରି । ଷୋଳସହସ୍ର ରୂପ ଧରି ।
ହୋଇଲେ ଭିନ୍ନ ଭିନ୍ନ ଜନ । ଗୋପୀ ରମିଲେ ଭଗବାନ ।
ରତି ପଣ୍ଡିତ ବଳବନ୍ତ । ତୋଷିଲେ ଗୋପୀଙ୍କର ଚିତ୍ତ ।

ଏହି ପ୍ରସଙ୍ଗରୁ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାଙ୍କର ରତି-ରମଣଭାବ ଜଣାଯାଏ । ଏହା ସମ୍ଭୋଗ ଶୃଙ୍ଗାର । ସମ୍ଭୋଗ ପରେ ଗୋପୀମାନେ ପରମ ସନ୍ତୋଷ ଲାଭ କରିଛନ୍ତି ଏବଂ କୃଷ୍ଣ-ରମଣ-ରସ ପାଇ ସେମାନେ ଗର୍ବ ଅନୁଭବ କରିଅଛନ୍ତି ।

"ଆମ୍ଭର ପ୍ରାୟେ ଭାଗ୍ୟବନ୍ତ । ନାହିଁ ନୋହିବ ଏ ଜଗତ ।
ରମିଲୁ ଅନାଦି ପୁରୁଷ । ଆମ୍ଭରେ ହୋଇଲେ ହରଷ ।
କୃଷ୍ଣ ଭଗତି ଆମ୍ଭପ୍ରାୟେ । ସ୍ୱର୍ଗେ ନୋହିଲେ ଦେବତାୟେ ।

ଯଦିଓ ଏହା ସମ୍ଭୋଗ ଶୃଙ୍ଗାର କଥା ସୂଚିତ କରେ ତଥାପି ଏହି ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କୁ ଯେପରି ଅନାଦି ଅବ୍ୟକ୍ତ ପୁରୁଷ ରୂପେ ବର୍ଣ୍ଣନା କରାଯାଇଅଛି ଓ କୃଷ୍ଣାନୁରାଗ ସମ୍ପର୍କରେ ଯେପରି ଉଲ୍ଲେଖ ଅଛି ସେଥିରୁ ଏହି ସମ୍ଭୋଗ ଶୃଙ୍ଗାର ଲୌକିକ ଶୃଙ୍ଗାର ପରି ମନେ ହୁଏ ନାହିଁ । ଶୃଙ୍ଗାର ଜନିତ ଗୋପୀମାନଙ୍କର ଗର୍ବଭାବ ଓ ଭଗବାନ ଶ୍ରୀକୃଷ୍ଣଙ୍କର ଗର୍ବଗଞ୍ଜନ ପ୍ରକ୍ରିୟା ବିପ୍ରଲମ୍ଭ ଶୃଙ୍ଗାରର ପରିଚୟ ଦେଇଅଛି । ସମ୍ଭୋଗ ପରେ ଶ୍ରୀକୃଷ୍ଣ ଜନୈକ ଗୋପୀ ସହିତ ଅନ୍ତର୍ଦ୍ଧାନ ହୋଇ ଯାଇଅଛନ୍ତି । ଏହା ଫଳରେ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କୁ ନ ପାଇ ବ୍ୟଥିତ ହୋଇ ପଡ଼ିଛନ୍ତି । ସେମାନେ ଶ୍ରୀକୃଷ୍ଣଙ୍କ ଗୁଣ ଓ ରୂପ ସ୍ମରଣ କରି କ୍ରନ୍ଦନ କରିବାକୁ ଲାଗିଲେ ।

"ଚିନ୍ତାସାଗରେ ମହାଘୋରେ । ରୋଦନ କଲେ ଉଚ୍ଚସ୍ୱରେ ।
ବାତୁଳ ପ୍ରାୟେ ହୋଇ କାନ୍ଦି । ଏକେ ଆରକେ ଛନ୍ଦାଛନ୍ଦି ।
କୃଷ୍ଣର ଗତି ଅନୁରାଗ । ଅଳପ ହାସ୍ୟ ମୁଖରଙ୍ଗ ।
ମଧୁର ଗୁହ୍ୟଂବାର ଆଶେ । ମନ ନିବେଶି କୃଷ୍ଣ ପାଶେ ।
ବାଞ୍ଛିତ କାଙ୍କ୍ଷ ଯେତେ କଲା । ସୁମରି ଗୋବିନ୍ଦର ଲୀଳା ।

ଚଉ ନବେଶି କୃଷ୍ଣ ଦେହେ । କୃଷ୍ଣ ପଡ଼ିଲେ ଶୋକମୋହେ ।
ପୁଣି ଉଠିଲେ ପ୍ରାଣ ପାଇ । କହନ୍ତି ବାଇ ପ୍ରାୟେ ହୋଇ ।
କେ ବୋଲେ ମୁହିଁ ନାରାୟଣ । ସେବଲେ ମୋହର ଚରଣ ।
କେ ବୋଲେ ମୁହିଁ ନନ୍ଦ ବାଳ । ଦେଖ ମୋ ଶିରେ ଗୁଞ୍ଜମାଳ ।
ପୁଣି ଗୋପୀୟେ ଆଗ ସରି । ବୋଲଇ ଦେଖିଲି ମୁରାରି ।
ଜାଣେଇ ଏହି ପଥେ ଗଲା । ମୁରଲୀ ଘେନି ନନ୍ଦବଳା ।
ପୁଣି ଉଠିଲେ ଧାଡିକାରେ । ପଶିଲେ ଲତା ବନଘୋରେ ।
ଖୋଜନ୍ତି ପଶି ବନେ ବନ । ଡାକନ୍ତି ଆସ ନନ୍ଦନାନ ।
ବାତୁଳଙ୍କର ପ୍ରାୟେ ହୋଇ । ପୁଚ୍ଛନ୍ତି ଆକାଶ ଅନାଇଂ ।
ବୋଲନ୍ତି ଗ୍ରହିଁ ତରୁଗଣ । ତୁମ୍ଭେ ଦେଖିଲ ନାରାୟଣ ।

× × ×

ମାଳତୀ ମଲ୍ଲୀ ଯାଇ ଯୁଇ । ତୁମ୍ଭେ ଦେଖିଲ ଭାବଗ୍ରାହୀ ।
କୃଷ୍ଣର ନଖ କ୍ଷତ ଲାଗି । ନପୁଣ ହୋଇଛ ସୁହାଗି ।"

୩୧ଶ ଅଧ୍ୟାୟ—

ଏତାଦୃଶ ବର୍ଣ୍ଣନା କୃଷ୍ଣ-ପ୍ରେମ-ବିଧୁରା ଗୋପରମଣୀମାନଙ୍କର ଅନ୍ତରର କରୁଣ ଅଭିବ୍ୟକ୍ତି । ଶ୍ରୀକୃଷ୍ଣ ବିରହରେ ସେମାନଙ୍କର ଦେଖାଦେଇଛି ଗଭୀର ଯନ୍ତ୍ରଣା । ସେହି ଯନ୍ତ୍ରଣା ସୃଷ୍ଟି କରିଛି ଭାବାନ୍ତର । ଶ୍ରୀକୃଷ୍ଣ ପ୍ରୀତି ସ୍ମରଣ କରି ସେମାନେ ଶୋକାପ୍ଲୁତ ହୋଇଛନ୍ତି । ଏପରିକି ନିଜ ନିଜକୁ ଶ୍ରୀକୃଷ୍ଣ ମନେ କରି ଅଭିନୟ କରିଅଛନ୍ତି । ଏହି ବିପ୍ରଲମ୍ଭ କାରୁଣ୍ୟ-ଭାବ ତୀବ୍ରତର ହୋଇ ପଡ଼ିଛି ଯେତେବେଳେ ସେମାନେ ଜନୈକା ଗୋପୀର ହୃଦୟର ଛିନ୍ନ କୁନ୍ଦମାଳ ଦେଖିଛନ୍ତି । ସେମାନେ ଏଥର ଲୌକିକ ସ୍ତରରୁ ଅତିକ୍ରମ କରିଗଲେ ଅଲୌକିକ ପ୍ରେମ ସ୍ତରକୁ । କେହି ଗୋପୀ କହିଲା ସେ ପୂତନା ନାଶକାରୀ ନାରାୟଣ । କେହି କହିଲା ସେ ଶକଟା ହତ୍ୟାକାରୀ ଦାମୋଦର । କେହି ମନେ କଲା ସେ ତୃଣାବର୍ତ୍ତ ହତ୍ୟାକାରୀ ଯଶୋଦା-ନନ୍ଦନ । କେହି ଗୋଟିଏ ବୃକ୍ଷ ଡାଳକୁ ଭାଙ୍ଗି ଦେଇ ବକାସୁରକୁ ହତ୍ୟା କଲି ବୋଲି କହିଲା । କେହି ଗୋଟିଏ ବୃକ୍ଷ ଡାଳ ମୁଖରେ ଦେଇ ବେଣୁ ବାଦନର ଅଭିନୟ କରି ନିଜକୁ ବେଣୁଧର ବୋଲି ଘୋଷଣା କଲା । ଏହିପରି ଭାବାନ୍ତର ସୃଷ୍ଟି ହୋଇଥିଲା ବେଳେ ବାଲିକୁଦରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ସହିତ କୌଣସି ଗୋପୀର ପାଦଚିହ୍ନ ସେମାନେ ଦେଖିଲେ । ସେମାନେ କହିଲେ—

ଦେଖ ଗୋ ଚରଣ ଉପର । ପଡ଼ିଛି କାହାର ପୟର ।
ଯାହାକୁ କୃଷ୍ଣ ଘେନିଗଲା । ସେ ତାର ପଛେ ଯାଉଥିଲା ।
ଧନ୍ୟ ଗୋ ତାହାର ଜୀବନ । ମୋହିଲା ଯଶୋଦାନନ୍ଦନ ।

ତାହାର ପାଦ ଦର୍ଶି ଚହ୍ନ । ଦହଇ ଆମ୍ଭର ଜୀବନ ।
ଯେ କାନ୍ତେ କୃଷ୍ଣଙ୍କୁ ରମିଲା । କେତେ ସେ ଗୋପେ କରିଥିଲା ।

ଗୋପ ନାରୀମାନେ ଶ୍ରୀକୃଷ୍ଣଙ୍କୁ କାନ୍ଦି କାନ୍ଦି ଖୋଜିବାକୁ ଲାଗିଲେ । ବିକଳ ହୋଇ ସେମାନେ ପ୍ରାଣ ପ୍ରିୟତମ ଶ୍ରୀକୃଷ୍ଣଙ୍କୁ ଡାକିଲେ । (୪୨) ସେମାନଙ୍କର କାମ ଅନଳକୁ ନିର୍ବାପିତ କରିବା ପାଇଁ ଆକୁଳ ହୋଇ ନିବେଦନ କଲେ । ତାଙ୍କର ପାଇଁ ସେମାନେ ଗୁରୁ ଗୌରବ ମାନି ନାହାନ୍ତି । ତାଙ୍କର କୁଟିଳ କୁନ୍ତଳ ବଦନ ଦେଖି ସେମାନେ ପରମ ସନ୍ତୋଷ ଲାଭ କରନ୍ତି । ତାଙ୍କରି ଯୋଗୁଁ ସେମାନେ 'ପତି ତନୟ ବନ୍ଧୁ ଭାଇ' ଲଙ୍ଘନ କରିଅଛନ୍ତି । ଏଥର ଗୋପୀଙ୍କ ବିକଳ ଭାବ ଦେଖି ଶ୍ରୀକୃଷ୍ଣ ପୁନର୍ବାର ଆବିର୍ଭୂତ ହେଲେ । ଷୋଳ ସହସ୍ର ରୂପ ପୁନର୍ବାର ଧାରଣ କରି ଗୋପାଙ୍ଗନାମାନଙ୍କୁ ନିବିଡ଼ ଆଶ୍ଳେଷ ମଧ୍ୟରେ ଚୁମ୍ବନ ଦେଲେ । ବିପ୍ରଲମ୍ଭ କାରୁଣ୍ୟର ଅବସାନ ଘଟି ସମ୍ଭୋଗର ଉଲ୍ଲାସମୟ ଦୀପ୍ତି ପ୍ରକଟିତ ହେଲା । (୪୩) ବଂଶୀସ୍ୱନରୁ ଆରମ୍ଭ ହୋଇଥିଲା ଶୃଙ୍ଗାରର ମଧୂମାଦକତା । ଶ୍ରୀକୃଷ୍ଣଙ୍କର ରୂପୈଶ୍ବର୍ଯ୍ୟରେ ଶୃଙ୍ଗାର ରସର ହେଲା ଗଭୀର ଉଦ୍‌ବେଳନ । ପ୍ରିୟା ଓ ପ୍ରିୟତମଙ୍କର ହେଲା ମଦନ -ପରିଚର୍ଯ୍ୟା । କାମ-ଚର୍ଯ୍ୟାରେ ହେଲା ଆତ୍ମ-ଅଭିମାନ ଓ ଆତ୍ମ-ଅହଂକାର । ଏହି ଅଭିମାନ-ଅହଂକାରରୁ ହେଲା ପ୍ରିୟ-ବିଚ୍ଛେଦ । ମଦନ-ଚର୍ଯ୍ୟାରେ ପ୍ରେମର ଯେଉଁ କ୍ଷୀଣ କାଳିମା ରେଖା ଫୁଟି ଉଠିଥିଲା ବିଚ୍ଛେଦରେ ବିପ୍ରଲମ୍ଭ ମଧ୍ୟଦେଇ ସେହି କାଳିମା

---

୪୨ । ଭୋନାଥ କମଳ ଲୋଚନ । ଦେଖାଅ ନିର୍ମଳ ବଦନ ।
ତୋ ମୁଖ କମଳର ତେଜେ । ପଦ୍ମ-କୁମୁଦ-ଲକ୍ଷ୍ମୀ ଗଞ୍ଜେ ।
ସେ ଧନେ କିଣିଲୁ ଆମ୍ଭନ୍ତି । ଯେ ବନେ କଲୁ ତୁ ଅନାଥ ।
ସୁରତି ନାଥ ତୁ ଆମ୍ଭର । କିଣିଲା ଦାସୀ ଆମ୍ଭେ ତୋର ।

୩୨ଶ ଅଧ୍ୟାୟ—

୪୩ । କୃଷ୍ଣର ଭୁଜ ଧରି ଗୋପୀ । ଆଘ୍ରାଣ କଲା ଶ୍ବାସ କ୍ଷେପି ।
ଚନ୍ଦନେ ସାମଳିଲା ହୋଇ । ଉତ୍ପଳ ପ୍ରାୟେକ ବାସଇ ।
ଆଘ୍ରାଣ କରି ନାସା ଦ୍ୱାରେ । ରୋମାଞ୍ଚ ହୋଇଲା ଶରୀରେ ।
କେ ଗୋପୀ ନାଟଶ୍ରମ ପାଇ । ଗୋବିନ୍ଦ କର୍ଣ୍ଣମୂଳେ ଯାଇ ।
କୁଣ୍ଡଳ ତଟେ ମୁଖ ଦିଲା । ଚୁମ୍ବନେ ତାମ୍ବୁଳ ପାଇଲା ।
କେ ଭୁଜ ଧରି କୁଚେ ଗୃପି । କେ ମୁଖ ଗୃହାନ୍ତି ନିରେପି ।
× × × ×
କୃଷ୍ଣଙ୍କୁ କାନ୍ତ ପଣେ ପାଇ । ଗୋପୀ ରମିଲେ ତୋଷ ହୋଇ ।

୩୪ଶ ଅଧ୍ୟାୟ

ଲୋପ ପାଇଗଲା ଓ ପ୍ରେମର ମୋହନ ଭାବ ପ୍ରକଟିତ ହୋଇ ଦିବ୍ୟୋନ୍ମାଦର ଅନାବିଲ ଦୀପ୍ତି ପ୍ରକଟିତ ହୋଇଉଠିଲା । ଫଳରେ ଶୃଙ୍ଗାର ରସ ଅଲୌକିକ ଭକ୍ତି ରସରେ ରୂପାନ୍ତରିତ ହୋଇ ସମଗ୍ର ରାସପଞ୍ଚାଧ୍ୟାୟୀକୁ ଏକ ଅପୂର୍ବ ରସ-ମାଧୁର୍ଯ୍ୟ ପ୍ରଦାନ କରିଅଛି ।

ଶୃଙ୍ଗାର ରସ ରାସ ପଞ୍ଚାଧ୍ୟାୟୀର ଅଙ୍ଗୀରସ ହେଲେ ହେଁ ଏଥିରେ ଶାନ୍ତ ରସର ପ୍ରଭାବ ସୁସ୍ପଷ୍ଟ । ଶାନ୍ତ ରସ ଦିବ୍ୟଚେତନାର ସ୍ୱାଭାବିକ ପରିପ୍ରକାଶ । ଏହି ରସ ମଧ୍ୟଦେଇ କୃଷ୍ଣାନୁରକ୍ତି ପ୍ରକଟିତ । ଏହା ହୃଦୟର ନିର୍ମଳ ଭାବର ପ୍ରସ୍ବେଦକ । ଏଥିରେ ଲୀଳା-ଶୃଙ୍ଖଳା ନ ଥିଲେ ହେଁ ଏହା ଯେପରି ହୃଦୟର ଦିବ୍ୟ ଦୀପ୍ତିକୁ ପ୍ରକାଶକରେ ତାହା ଏକାନ୍ତ ପ୍ରଣିଧାନଯୋଗ୍ୟ । ଶ୍ରୀକୃଷ୍ଣଙ୍କର କମନୀୟ କାନ୍ତିକୁ ଦେଖି ଗୋପନାରୀମାନଙ୍କର ପ୍ରଥମେ ଯେଉଁ ଭାବ ସୃଷ୍ଟି ହୋଇଅଛି ତାହା ଶାନ୍ତ-ରସର ସୂଚନା ପ୍ରଦାନ କରିଥାଏ :

"ଷୋଳସହସ୍ର ଗୋପବାଳୀ । ଦେଖିଲେ ପ୍ରଭୁ ବନମାଳୀ ।
ନାନା କୁସୁମେ ପରିମଳ । ହୃଦେ ଲମ୍ବିଇ ବନମାଳ ।
ଗୁଞ୍ଜାରାପାଟି ପଞ୍ଚଚୂଳ । ଶ୍ରବଣେ ମକର କୁଣ୍ଡଳ ।
ନୂପୁର କଙ୍କଣ ବିରାଜେ । ରତ୍ନ ମେଖଳା କଟି ସାଜେ ।
ପୀତବସନ ବେଣୁଧର । ନବୀଡ଼ ସୁରଙ୍ଗ ଅଧର ।
କୋଟିଏ କାମ ନୋହେ ସରି । ଦେଖି ଚକିତ ବ୍ରଜନାରୀ ।"

୩୦ଶ ଅଧ୍ୟାୟ—

ଶ୍ରୀକୃଷ୍ଣଙ୍କ ରୂପ-ମାଧୁର୍ଯ୍ୟ ଗୋପାଙ୍ଗନାମାନଙ୍କ ଅନ୍ତରରେ ମୃଦୁ ଶୃଙ୍ଗାର ଉଲ୍ଲାସ ସୃଷ୍ଟି କରି ଭକ୍ତିଭାବକୁ ଉଦ୍ରେକ କରି ଅଛି ଓ ଏହା ଶାନ୍ତରସର ପର୍ଯ୍ୟାୟବାଚୀ ହୋଇଅଛି । ଏହି ରୂପ-ମାଧୁର୍ଯ୍ୟ ଓ ବଂଶୀ-ମାଧୁର୍ଯ୍ୟର କମନୀୟ ସ୍ମୃତି-ସ୍ଫୁରଣ ଶାନ୍ତରସ ମଧ୍ୟରେ ଆତ୍ମପ୍ରକାଶ କରି ଭକ୍ତତଦ୍‌ଗତ ଚିତ୍ତର କୃଷ୍ଣାନୁରକ୍ତିକୁ ସୂଚାଇ ଦେଇଥାଏ । (୪୪)

୪୪ । ତୁ ନାଥ ଗୋରୁଙ୍କର ମେଳେ । କାନନେ ଯାଉ ଯେତେବେଳେ ।
କୋମଳ ପଦ୍ମପାଦ ଚାହିଁ । ଆମ୍ଭର ହୃଦୟ ଦହଇ ।
କଣ୍ଟା ପାଷାଣ ତୃଣ ଲାଗି । ନପୁଣ ହୋଇ ଦୁଃଖ ଭାଗୀ ।
ଯେବେ ଲୋଚନେ ଦେଖୁ ତାହା । ତେବେ ସେ ସ୍ଥିର ହୋଏ ହିଆ ।
ବନୁ ଯେ ଆସୁ ଦିନ ଅନ୍ତେ । ବାହାର ହୋଇ ଦେଖୁ ପଥେ ।
କପୋଳେ କୁଟିଳ କୁନ୍ତଳ । ହୃଦେ ଲମ୍ବିଇ ବନମାଳ ।
ଗୋରଜ ଦେଖି ତୋର ଦେହେ । ଆମ୍ଭ ଜୀବନ କାମ ଦହେ ।
ତୋର ଅଭୟ ପଦ୍ମପାଦ । ଶରଣଜନଙ୍କ ସମ୍ପଦ ।

୩୨ଶ ଅଧ୍ୟାୟ—

## ଶୁଦ୍ଧା ରାଗାନୁଗା ପ୍ରେମ ଭକ୍ତିର ଅନନ୍ତମନ୍ଦାକିନୀ :

ରାସପଞ୍ଚାଧ୍ୟାୟୀରେ ନବଧା ଭକ୍ତିର ସୂଚନା ଥିଲେ ହେଁ ରାଗାନୁଗା ଶୁଦ୍ଧା ଭକ୍ତିର ବିମଳ ମନ୍ଦାକିନୀ ଧାରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରବାହିତ । ରାଗାନୁଗା ଭକ୍ତି ଶୁଦ୍ଧାଭକ୍ତି । ଏହାହିଁ ପ୍ରେମ ଭକ୍ତି । ପ୍ରତ୍ୟୟ ଦ୍ୱାରା ଶ୍ରୀକୃଷ୍ଣଙ୍କ ମଧୁରିମା ଆସ୍ୱାଦନ କରିବା ଓ ଗୋପାଙ୍ଗନାଙ୍କର ସୁଖସୀମା ପ୍ରକାଶ କରିବା ହିଁ ରାଗାନୁଗା ଭକ୍ତିର ଲକ୍ଷ୍ୟ । ଏହି ରାଗାନୁଗା ପ୍ରେମ ମାର୍ଗରେ ପ୍ରିୟତମଙ୍କୁ ପ୍ରତି ମୁହୂର୍ତ୍ତିରେ ନବ ନବ ରୂପରେ ଅନୁଭବ କରିହୁଏ । ଏଥିରେ ଆସେ ରୂପାନୁରାଗ ଓ ଗୁଣାନୁରାଗ । ରୂପର ମଧୁରିମାରେ ଅନ୍ତର ହୁଏ ପରିପୂର୍ଣ୍ଣ । ଇନ୍ଦ୍ରିୟର ରୂପ-ଚର୍ଯ୍ୟାରେ ନବ ନବ ଭାବୋଲ୍ଲାସ ଲୀଳାୟିତ ହୋଇଉଠେ । ଏହି ରୂପ-ଚର୍ଯ୍ୟା, ବଚନ ବିନ୍ୟାସ ଓ ଗୁଣ-ଚର୍ଯ୍ୟା ମଧ୍ୟରେ ଅଲୌକିକ ଆନନ୍ଦ ପ୍ରକଟିତ ହୋଇଥାଏ । ତେଣୁ ରାଗାନୁଗା ମାର୍ଗରେ ଶ୍ରୀକୃଷ୍ଣଙ୍କୁ ଭଜନ-ସ୍ମରଣ-କୀର୍ତ୍ତନ କଲେ ତାଙ୍କୁ ଲାଭ କରିହୁଏ । (୪୫) ଏହି ରାଗାନୁଗା ମାର୍ଗ ହେଉଛି ଗୋପୀମାନଙ୍କର । ଗୋପୀ-ଅନୁଗତ ନ ହେଲେ ଶ୍ରୀକୃଷ୍ଣଙ୍କୁ ଲାଭ କରିହୁଏ ନାହିଁ । ଏହି ଅନୁରକ୍ତି ବା ଅନୁରାଗରେ ପରମ ପ୍ରେମମୟ ପୁରୁଷ ଶ୍ରୀକୃଷ୍ଣଙ୍କଠାରେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିବାକୁ ହୋଇଥାଏ । ଏହାଦ୍ୱାରା ଚିତ୍ତକୁ ଐଶ୍ୱର୍ଯ୍ୟଜ୍ଞାନ-ବିନିର୍ମୁକ୍ତ କରିବାକୁ ହୁଏ । ଏହା ହିଁ ଶୁଦ୍ଧା ଭକ୍ତି ଓ ପ୍ରେମ ଭକ୍ତିର ସିଂହଦ୍ୱାର । ଏଥିରେ ତତ୍ତ୍ୱାନ୍ୱେଷୀ ମନ ନାହିଁ; ଅଛି ଲୀଳାର ସେଚ୍ଛାଚାରିତା । ଏହା ମୁକ୍ତିର ଉଦ୍‌ଘୋଷ୍ଟା ନୁହେଁ; ପ୍ରେମର ଉଦ୍‌ଗାତା । ଶ୍ରୀମଦ୍‌ଭାଗବତରେ ଜ୍ଞାନମିଶ୍ରା ବା ଯୋଗମିଶ୍ରିତ ଭକ୍ତି ରହସ୍ୟ ଉତ୍‌କୀର୍ଣ୍ଣ । ଏଥିରେ ଅଛି ଜୀବ ଓ ବ୍ରହ୍ମ ମଧ୍ୟରେ ଅଭେଦ ପରିକଳ୍ପନା । ତେଣୁ ଏଥିରେ ଭକ୍ତିର ପ୍ରଶ୍ନ ଆସେ ନାହିଁ, ଆସେ ମୁକ୍ତିର ପ୍ରଶ୍ନ । ରାସପଞ୍ଚାଧ୍ୟାୟୀରେ ଯଦିଓ ମୁକ୍ତି ଓ ଜ୍ଞାନର କଥା ଅଛି, ତଥାପି ଏଥିରେ ପ୍ରେମ ପ୍ରାଧାନ୍ୟ ଲାଭ କରିଅଛି । ଶୁଦ୍ଧାଭକ୍ତି ପରେ ପ୍ରେମଭକ୍ତି ବା ରାଗାତ୍ମିକା ଭକ୍ତି ଆସେ । ପ୍ରେମଭକ୍ତି ହେଉଛି କୃଷ୍ଣରତିର ପ୍ରଗାଢ଼ତମ ଅବସ୍ଥା । ରତି ଘନସାନ୍ଦ୍ରତା ଲାଭ କଲେ ପ୍ରେମ ହୁଏ । କୃଷ୍ଣରତି ବା ଭକ୍ତିଭାବ ଶାନ୍ତରସର ତରଙ୍ଗ ମଧ୍ୟଦେଇ ଗାଢ଼ତା ବା ପୂର୍ଣ୍ଣତା ଲାଭ କଲେ ହୁଏ ପ୍ରେମଭକ୍ତି ବା ଭକ୍ତିରସ । ଶାନ୍ତ ଭକ୍ତିର ନିଷ୍ଠା, ଦାସ୍ୟ ଭକ୍ତିର ସେବା, ସଖ୍ୟ ଭକ୍ତିର ପ୍ରତ୍ୟୟ ବା ଅସଙ୍କୋଚ ଭାବ ଏବଂ

---

୪୫ । ସେଇ ଗୋପୀଭାବାମୃତେ ଯାର ଲୋଭ ହୟ
ବେଦଧର୍ମ ସର୍ବ ତ୍ୟଜି ସେ କୃଷ୍ଣ ଭଜୟ ।
ରାଗାନୁଗା ମାର୍ଗେ ତାଁରେ ଭଜେ ଯେଇଜନ
ସେଇ ଜନ ପାୟ ବ୍ରଜେ ବ୍ରଜେନ୍ଦ୍ର ନନ୍ଦନ ।

ଚୈ. ଚ.—ମଧ୍ୟଲୀଳା-ଅଷ୍ଟମ ପରିଚ୍ଛେଦ

ବାତ୍ସଲ୍ୟର ମମତା ସମସ୍ତ ମଧୁର ପ୍ରେମରେ ମିଶିଯାଏ । ତେଣୁ ମଧୁର ପ୍ରେମକୁ ସର୍ବରାଗରସାସ୍ୱନ କୁହାଯାଇଥାଏ । ଏଥିରେ ହୃଦୟ—ସୁଷମା ଶକ୍ତିମୟୀ । ସକଳ ବାଧା-ବିପଦ-ପ୍ରତିଷ୍ଠାକୁ ଅତିକ୍ରମ କରି ପ୍ରେମର ହୁଏ ବିଜୟ-ଉଦ୍‌ଘୋଷଣ ଏବଂ ସେତିକିବେଳେ ତାହା ରାଗାତ୍ମିକ ପ୍ରେମ ଭକ୍ତିରେ ହୁଏ ରୂପାନ୍ତରିତ । ଏହି ପ୍ରେମଭକ୍ତି ହିଁ ଦିବ୍ୟପ୍ରେମ । ଏହାର ବିଚ୍ୟୁତି ନାହିଁ; ନାହିଁ ମଧ୍ୟ ପରିବର୍ତ୍ତନ । ଏହା ସ୍ୱାଧିଷ୍ଠିତ । ରାସ ପଞ୍ଚାଧ୍ୟାୟୀରେ ଗୋପାଙ୍ଗନାମାନେ ଆପଣା ଆପଣାର ସାଂସାରିକ ବେଷ୍ଟନୀ ଓ ବନ୍ଧନ, ମାୟା ଓ ମମତାକୁ ତ୍ୟାଗ କରି ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବା ଲାଗି ପରମ ଉତ୍କଣ୍ଠିତ ହୋଇ ଜ୍ୟୋତ୍ସ୍ନା ପୁଲକିତ ମଧୁ ଯାମିନୀରେ ଧାଇଁ ଯାଇଥିଲେ ଯମୁନା କୂଳକୁ । କୃଷ୍ଣାନୁରାଗରେ କି ଉତ୍କଣ୍ଠା ସେମାନଙ୍କର ! କୃଷ୍ଣ-ରତିରେ କି ଗାଢ଼ତ୍ୱ !! କୃଷ୍ଣ ପ୍ରେମର କି ଉଦ୍‌ବେଳନ !!! ଶ୍ରୀକୃଷ୍ଣଙ୍କ ବେଣୁ ନାଦରେ ସେମାନେ ଉଚାଟିତ ହେଲେ । ସବୁ ବାଧା ଅତିକ୍ରମ କରି ସେମାନେ ଶ୍ରୀକୃଷ୍ଣଙ୍କ ନିକଟରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣ କିନ୍ତୁ ସେମାନଙ୍କୁ, କପଟ ପରୀକ୍ଷା କଲେ । ସେମାନଙ୍କୁ ଗୃହକୁ ଫେରିଯାଇ ସ୍ୱାମୀ ସେବା କରିବାକୁ ଉପଦେଶ ଦେଲେ । ସରଳମନା ବ୍ରଜାଙ୍ଗନାଗଣଙ୍କର ଦୁଃଖରେ ଭାଙ୍ଗି ପଡ଼ିଲେ ।

"ବକ୍ର ପଡ଼ିଲା ଯେହ୍ନେ ଶିର । ବଦନୁ ନଗଲା ଉତ୍ତର ।
ନିଃଶ୍ୱାସ ବହେ ଖରତର । ଶୁଖିଲା ସୁରଙ୍ଗ ଅଧର ।
ଦଶନେ ଅଧର କାମୋଡ଼ି । କର ଯୁଗଳ ଶିରେ ତାଡ଼ି ।
ଚରଣେ ଅଙ୍ଗୁଳିର ଅଗ୍ରେ । ଭୂମି ଚିରନ୍ତି କାମ ବ୍ୟଗ୍ରେ ।
କମ୍ପିଇ ବିକଳେ ଶରୀର । ବେନିଲୋଚନୁ ବହେ ନୀର ।
ଅଞ୍ଜନ କୁଙ୍କୁମର ସଙ୍ଗେ । ଲୁହ ପଡ଼ଇ କୁଚଯୁଗେ ।
ଦୁଃଖ ସାଗରେ ନିମଜ୍ଜିଲେ । ସମସ୍ତେ ଲୋଚନ ବୁଜିଲେ ।"

ତ୍ରିଂଶ ଅଧ୍ୟାୟ—

ରାଗାନୁଗା ଗୋପୀମାନେ କୃଷ୍ଣ କଥା ଭାବି ଭାବି ଶୋକାପ୍ଲୁତ ହୋଇ ଉଠିଲେ । ସେମାନେ ଜାଣନ୍ତି ଶ୍ରୀକୃଷ୍ଣ ଯଶୋଦା ନନ୍ଦନ ନୁହନ୍ତି । ସେ 'ଅନାଦି ଜ୍ୟୋତି ନିରଞ୍ଜନ' । ସେ 'ସକଳ ଦେହ ଜୀବନର ଠାକୁର ।' ଜ୍ଞାନୀମାନେ ତାଙ୍କୁ ଚିନ୍ତା କରନ୍ତି । ଅଥଚ ଗୋପୀମାନେ ତାଙ୍କ ପାଦପଦ୍ମରେ ଚିତ୍ତ ଦେଇ ନିରାଶ ହେଲେ । ଏହି ଅନୁଭବ ରାଗାନୁଗା ଅନୁଭବ ନୁହେଁ । ଯୋଗପିଣ୍ଡିତ ଜ୍ଞାନ ମାର୍ଗରେ ଏହା ଅନୁଭବ । ଭାଗବତର ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମରାଶି—ଆଦି ଅନାଦି କାରଣ ରୂପେ ମନେ କରି ମଧ୍ୟ ତାଙ୍କୁ ଭଲ ପାଇଅଛନ୍ତି । ତେଣୁ ସେମାନେ ସରଳ ଭାବରେ କହୁଛନ୍ତି :

"ଆମ୍ଭର ପ୍ରିୟ ଅଟୁ ତୁହି । ଆଶା ନଛେଦ ଭାବଗ୍ରାହୀ ।
ତୋହୋର ପାଦର ତୁଳସୀ । ମାଳା କରନ୍ତୁ ବ୍ରହ୍ମରାଶି ।
କବରୀ ଭାର ସଜ କରି । ତୋ ପାଦେ ସେବନ୍ତୁ ମୁରାରି ।
ତୋହୋର ପାଦ ଦୃଢ଼ଚିତ୍ତେ । ମୁନୟେ ଖୋଜୁଥାନ୍ତି ନିତ୍ୟେ ।
ସେ ପାଦେ ପଶିଲୁ ଶରଣ । ଜୀବନ ରଖ ନାରାୟଣ ।
ଆମ୍ଭର ତାପ ହୃଦୁ ଯିବ । ଜୀବନ ରଖ ପଦ୍ମନାଭ ।
ତୋର ସୁନ୍ଦର ମୁଖ ଦେଖି । ପିଛୁଡ଼ି ନପାରୁଁ ଯେ ଆଖି ।
ତୋହୋର ରୂପ ହୃଦେ ଗୁଣି । ବ୍ରହ୍ମାଣ୍ଡେ ଯେତେକ ତରୁଣୀ ।
କେ ଦେହ ଧରିବ ନିର୍ଭରେ । ଶୁଣିଲ ନାହିଁ ତିନିପୁରେ ।

୩୦ଶ ଅଧ୍ୟାୟ —

ଏହା ରାଗାନୁଗା ଭକ୍ତିରସର ପରିଚୟ ପ୍ରଦାନ କରିଥାଏ । ଏଥିରେ ଦାସଭକ୍ତି ପ୍ରକଟିତ । ସେବା ଏହାର ଲକ୍ଷ୍ୟ । ରାଗାନୁଗା ପ୍ରେମ ଭକ୍ତିର ଏହା ଦ୍ୱିତୀୟ ସ୍ତର । ଶ୍ରୀକୃଷ୍ଣ ଗୋପାଙ୍ଗନାମାନଙ୍କୁ ମାୟା ବଳରେ ଷୋଳସହସ୍ର ରୂପ ଧରି ଆଲିଙ୍ଗନ କଲେ । ରତିରସରେ ସମସ୍ତଙ୍କୁ ଆପ୍ୟାୟିତ କଲେ । ସେ ପୁଣି ଗୋପୀମାନଙ୍କ ହୃଦୟରୁ ଅହଙ୍କାର ଦୂର କରି ସେମାନଙ୍କୁ ଅହଙ୍କାର ବିନିର୍ମୁକ୍ତ କରିବା ପାଇଁ ପରୀକ୍ଷା କଲେ । ଶ୍ରୀକୃଷ୍ଣ କୌଣସି ଏକ ଗୋପୀ ସହିତ ଅନ୍ତର୍ଦ୍ଧାନ ହୋଇଯିବାରୁ ଗୋପନାରୀଗଣ କୃଷ୍ଣଙ୍କୁ ନ ଦେଖି ଗଭୀର ଶୋକରେ କାନ୍ଦିବାକୁ ଲାଗିଲେ । ସେମାନଙ୍କର ବିଭ୍ରମ ଦେଖା ଦେଇଛି । ନିଜ ନିଜକୁ ସେମାନେ ମନେକଲେ ଶ୍ରୀକୃଷ୍ଣ । ସେମାନେ ପୁଣି ଚେତନ ଅଚେତନ ଭେଦ ଭୁଲି ବୃକ୍ଷଲତାଙ୍କୁ ଶ୍ରୀକୃଷ୍ଣଙ୍କ ସମ୍ବାଦ ଜିଜ୍ଞାସା କଲେ ।

"ବୋଲନ୍ତି ଗୃହିଂ ତରୁଗଣ । ତୁମ୍ଭେ ଦେଖିଲ ନାରାୟଣ ।
କୋଟି ଭିତରେ ଥୋଇଅଛ । ଯେ କଥା ଅଟଇ ପ୍ରତକ୍ଷ ।
ଅଶ୍ୱତ୍ଥ ବଟ ଶାଳ ବୃକ୍ଷେ । ତୁମ୍ଭେ କି ଦେଖିଲ ପ୍ରତକ୍ଷେ ।
ମଧୁର ହାସ୍ୟେ ଆମ୍ଭ ମନ । ବାନ୍ଧିଣ ନେଲେ ନନ୍ଦନାନ ।
ହେ କୁରୁବେଲ ନାଗେଶ୍ୱର । ଚମ୍ପା ବକୁଳ କଣିଅର ।
ତୁମ୍ଭ ପୀରତି ଯେଣୁ ଚିତ୍ତେ । ଗୋବିନ୍ଦ ଗଲେ କି ଯେ ପଥେ ।

୩୧ଶ ଅଧ୍ୟାୟ —

କୁଞ୍ଜ କାନନ ସାରା ବୁଲି ବୁଲି ସେମାନେ ଖୋଜିଲେ ଶ୍ରୀକୃଷ୍ଣଙ୍କୁ । ଏଥର ସେମାନେ ସମ୍ପୂର୍ଣ୍ଣ ହେଲେ କୃଷ୍ଣଗତପ୍ରାଣା (୪୭) ଶ୍ରୀକୃଷ୍ଣଙ୍କ ଗୁଣ ଓ କୀର୍ତ୍ତି ସ୍ମରଣ କରି ସେହିପରି ଅଭିନୟ କଲେ । ଏହା ପ୍ରେମଭକ୍ତିର ଅକ୍ରମ ପର୍ଯ୍ୟାୟ ମଧୁର ରସ ଅନ୍ତର୍ଭୁକ୍ତ । ଏଥିରେ ସେହି ରାଗାନୁଗା ପ୍ରେମଭକ୍ତି ପ୍ରକାଶିତ । ଯେତେବେଳେ ସେମାନେ ଶ୍ରୀକୃଷ୍ଣଙ୍କୁ ପାଇଲେ ନାହିଁ ସେତେବେଳେ ସେମାନେ କୃଷ୍ଣଗୁଣ ସ୍ମରଣ କରି ବିଳାପ କରିବାକୁ ଲାଗିଲେ । ଏହି ପ୍ରସଙ୍ଗରେ ସେମାନେ ଶ୍ରୀକୃଷ୍ଣଙ୍କର ଅନନ୍ତତ୍ୱ ଓ ଅନାଦିତ୍ୱ ସମ୍ବନ୍ଧରେ ସଚେତନ । ଏଥିରୁ ରାଗାନୁଗାର ଗୁରୁତ୍ୱ ଉପଲବ୍ଧ ହୁଏ ନାହିଁ । ପୁଣି ଯେତେବେଳେ ଶ୍ରୀକୃଷ୍ଣ ଆବିର୍ଭୁତ ହେଲେ ସେତେବେଳେ ଗୋପ-ରମଣୀଗଣ ସବୁ ଦୁଃଖ ଭୁଲି ଯାଇ ତାଙ୍କୁ ବେଢ଼ିଗଲେ ।

"ବହନ ବେଢ଼ିଲେ ମୁରାରି । ଅନ୍ୟ ଜୀବନ ବ୍ରଜନାରୀ ।
ଅଙ୍ଗୁଳି ଛନ୍ଦନ୍ତି କେ କରେ । ଚରଣ ଭିଡ଼ିଲେ ନିର୍ଭରେ ।
ପଣନ୍ତେ ବାନ୍ଧି ବନମାଳୀ । ଆନନ୍ଦେ ଦିଲେ ହୁଳହୁଳି ।
କେ କୁଚଭରେ ଆଲିଙ୍ଗନ । କେ ମୁଖେ ଦିଅନ୍ତି ଚୁମ୍ବନ ।
କେ ଗୋପୀ ଅଧରେ ଅଧର । ତାମ୍ବୁଲ କରନ୍ତି ଆହାର ।
କେ ବେନି ହସ୍ତେ ପାଦ ତୋଳି । ସ୍ତନେ ଚାପଇ ଗୋପବାଳୀ ।
କେ ଗୋପୀ ହୃଦେ କରି ଯାକି । କଟାକ୍ଷ କରି ଚାହେଁ ଆଖି ।
କେ ଦୂରୁ ଚାହେଁ କୋପକରି । ସୁରଙ୍ଗ ଅଧର କାମୋଡ଼ି ।
କେ ଯାଇ ନ ପାରେ ଗହଳେ । ଧୀରେ ଚାହାଁଇ ବେନିଡୋଳେ ।

— ୩୩ଶ ଅଧ୍ୟାୟ —

ଗୋପାଙ୍ଗନାମାନଙ୍କର ରାଗାତ୍ମିକା ଭକ୍ତି ଶରଦ ଜ୍ୟୋତ୍ସ୍ନାପରି ନିର୍ମଳ ହୋଇଉଠିଲା । ସେଥିରେ ରହିଲା ନାହିଁ ଆଉ କୌଣସି ଆବିଳତା । ଏହି ଭକ୍ତିରେ ଉପକାର-ପ୍ରତ୍ୟୁପକାର ଭାବ ନାହିଁ । ଯେଉଁଥିରେ ଉପକାର- ପ୍ରତ୍ୟୁପକାର କାମନା

---

୪୭ । ଯେକ ଗୋପୀଯେ ଆଗହରି । କୋଳେ ଚାପିଲା ଗୋପନାରୀ ।
ତାହାର କୁଚେ ମୁଖ ଦେଇ । ନିର୍ଭରେ ଦିଲକ ପକାଇ ।
ବୋଲଇଂ ମୁହିଂ ନାରାୟଣ । ଶୋଷିଲି ପୁତନା ପରାଣ ।
ମୋତେ ଲୋ ଭଜ ଗୋପନାରୀ । ଚାପଇ କରେ କର ଧରି ।
ଯେକ ଗୋପୀଯେ ପଛେ ଥିଲା । ପଦ୍ମର ଛନ୍ଦ ପକାଇଲା ।
ବୋଲଇଂ ମୁହିଂ ଦାମୋଦର । ପାଦେ ଶକଟା କଲି ଚୂର ।

— ୩୧ଶ ଅଧ୍ୟାୟ —

ଥାଏ, ସେଥିରେ ସହୃଦୟତା ନ ଥାଏ । ତାହା ଜନନୀ ପରି ପ୍ରତ୍ୟୁପକାର କାମନା ଥାଏ । ଶୁଣି ଆତ୍ମଅହଙ୍କାର ପ୍ରକାଶପୂର୍ବକ ଯିଏ ଭଜନ କରନ୍ତି, ସେମାନେ ଉଭୟ ଲୋକରେ ସୁଖ ଲାଭ କରନ୍ତି ନାହିଁ । ଦରିଦ୍ର ବ୍ୟକ୍ତି ଧନ ପାଇ ତାକୁ ଯେପରି ପ୍ରାଣଠାରୁ ଅଧିକ ଯତ୍ନରେ ରଖେ ଏବଂ ଧନ ଗୃଲିଗଲା ପରେ ସେ ଯେପରି କ୍ଷୁଧା-ତୃଷା ଭୁଲି ସେଇ ଧନକଥା ଚିନ୍ତା କରେ ସେହିପରି ଯିଏ ଭଗବାନଙ୍କୁ ଭଜନ କରନ୍ତି ସେହିମାନେ ହିଁ ତାଙ୍କର ଏକାନ୍ତ ପ୍ରିୟ । ଗୋପାଙ୍ଗନାମାନେ ଏହିପରି ପ୍ରେମମାଗର ଭକ୍ତ । ଶ୍ରୀକୃଷ୍ଣଙ୍କୁ ପାଇ ସେମାନେ ଗମ୍ଭୀର ଆନନ୍ଦିତ ହୁଅନ୍ତି । ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେ ସେମାନେ ବାତୁଳ ପ୍ରାୟ ହୋଇ କ୍ରନ୍ଦନ କରନ୍ତି । ତେଣୁ ଭଗବାନ ଶ୍ରୀକୃଷ୍ଣ ଗୋପାଙ୍ଗନାମାନଙ୍କୁ ବୁଝାଇଛନ୍ତି—

"ଲୋକ ବେଦର ବେଦମତ । ଛାଡ଼ି ଭଜିଲ ଅବିରତ ।
ପଛେ ମୁଁ ଥାଇ ତୁମ୍ଭ ତୁଲେ । ଭଗତି ଜାଣିଲିଇଂ ଭଲେ ।
ମୋତେ ନ କର ତୁମ୍ଭେ ରୋଷ । ମୁଁ ତୁମ୍ଭ ପୂରେଇବି ଆଶ ।
ତୁମ୍ଭର ଭାବ ମୁଁ ଜାଣଇ । ଛନ୍ଦ କୁଟିଳ ମାୟା ନାହିଁ ।
ଅନେକ କାଳେହେଁ ତୁମ୍ଭର । ଶୁଝି ନ ପାରି ଉପକାର ।
ମୋହର ମାୟାର ଶାଙ୍କୁଳ । ଭାବେ କାଟିଲ ଗୋପବାଳୀ ।
ତୁମ୍ଭର ଜନ୍ମ ବଧ ନାହିଁ । ମୋତେ କିଣିଲ ଭାବ ଦେଇ ।"

— ଏକାଦଶ ଅଧ୍ୟାୟ —

ରାସପଞ୍ଚାଧ୍ୟାୟୀରେ ଶୁଦ୍ଧା ରାଗାନୁଗା ପ୍ରେମଭକ୍ତିର ବିଜୟ ଉଦ୍‌ଘୋଷିତ ହୋଇଅଛି । ପ୍ରସଂଗତଃ ଯୋଗପିଣ୍ଡିତ ଜ୍ଞାନମାର୍ଗର କଥା ସୂଚିତ ହୋଇଥିଲେ ହେଁ ରାଗାନୁଗା ପ୍ରେମ ଭକ୍ତି ହିଁ ପ୍ରାଧାନ୍ୟ ଲାଭ କରିଅଛି । ଶାନ୍ତ, ଦାସ୍ୟ, ସଖ୍ୟ ଓ ମଧୁର ରସ ମଧ୍ୟରେ ପ୍ରେମଭକ୍ତିର ଉତ୍କର୍ଷ ସୂଚିତ ହୋଇଅଛି । ମଧୁର ରସର ସ୍ୱାଭାବିକ ପ୍ରବାହ ମଧ୍ୟ ଦେଇ ପ୍ରେମ ଭକ୍ତିର ବିକାଶ ଘଟିଅଛି । ଶ୍ରୀଚୈତନ୍ୟ ପ୍ରବର୍ତ୍ତିତ ପ୍ରେମଭକ୍ତି ମାର୍ଗରେ ଶ୍ରୀରାଧା ବା ଗୋପାଂଗନାମାନଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି କେବଳ ଗାଢ଼ ଅନୁରାଗ ସୃଷ୍ଟି ହୋଇଅଛି । ସେମାନେ ଶ୍ରୀକୃଷ୍ଣଙ୍କ ବ୍ରହ୍ମତ୍ୱ-ଅନାଦିତ୍ୱ-ଅମୋକାରତ୍ୱ ସମ୍ବନ୍ଧରେ ଆଦୌ ଚିନ୍ତା ନ କରି ତାଙ୍କୁ ଆପଣାର ଏକାନ୍ତ ପ୍ରିୟତମ ଭାବରେ ଭଲ ପାଇଛନ୍ତି । ଶ୍ରୀମଦ୍‌ଭାଗବତରେ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କୁ ଅନାଦି-ଅବ୍ୟକ୍ତ-ପରମବ୍ରହ୍ମ ଭାବରେ ସ୍ପଷ୍ଟ ଜାଣନ୍ତି । ତେଣୁ ଭାଗବତର ରାଗାନୁଗା ପ୍ରେମଭକ୍ତି ଗୌଡ଼ୀୟ ରାଗାନୁଗା-ରାଗାତ୍ମିକା ଭକ୍ତି ମାର୍ଗରୁ ସାମାନ୍ୟ ପୃଥକ । ରାସପଞ୍ଚାଧ୍ୟାୟୀରେ ଯେପରି ଗୋପାଂଗନାଙ୍କର ରାଗମାର୍ଗର ପରାକାଷ୍ଠା ବର୍ଣ୍ଣନା କରାଯାଇଅଛି ତାହା ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ ।

# ରାସପଞ୍ଚାଧ୍ୟାୟୀରେ ବଂଶୀ-ମାଧୁର୍ଯ୍ୟ :

ରାସପଞ୍ଚାଧ୍ୟାୟୀରେ ବଂଶୀ-ମାଧୁର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ସଂସ୍କୃତ ଭାଗବତରେ ବଂଶୀ ଧ୍ୱନି ସମ୍ପର୍କରେ ଉଲ୍ଲେଖ ଅଛି । ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଉଚ୍ଚାଟ କରିବା ପାଇଁ ଯମୁନା କୂଳସ୍ଥ କୁଞ୍ଜକାନନର କଦମ୍ବତରୁ ତଳେ ବଂଶୀରେ 'କ୍ଲୀଂ' ନାଦ ସୃଷ୍ଟି କରିଥିଲେ । ଏହି ବଂଶୀଧ୍ୱନି ଗୋପୀମାନଙ୍କ ହୃଦୟରେ ଅନଂଗଭାବ ଜାଗ୍ରତ କଲା ଓ ସେମାନଙ୍କୁ ଉଚ୍ଚାଟିତ କରାଇ ନେଇଗଲା କୁଞ୍ଜବନକୁ । ଜଗନ୍ନାଥ ଦାସ ଏହି ବଂଶୀର ନାମ ଦେଲେ ବିରହ ମୁରଲୀ । ଗୌଡ଼ୀୟ ବୈଷ୍ଣବ ଗ୍ରନ୍ଥରେ ଏହି ବଂଶୀ ମୋହନ ବଂଶୀ । ବ୍ରହ୍ମା ଶ୍ରୀକୃଷ୍ଣଙ୍କୁ ଏହି ବଂଶୀ ପ୍ରଦାନ କରିଥିଲେ । ଏହି ବଂଶୀର ମଧୁର ସ୍ୱର ଲହରୀ ତ୍ରିଭୁବନର ଚଉଦିକୁ ଆକର୍ଷଣ କରିପାରେ । ଏହା ଦେହ ଓ ମନରେ ସୃଷ୍ଟି କରେ ବ୍ୟାକୁଳତା । ନୟନରେ ସୃଷ୍ଟି କରେ ନିର୍ଝର, ପ୍ରାଣରେ ବିସ୍ମୃତି, ହୃଦୟରେ ଆକୁଳ ତୃଷ୍ଣା । ଜଗନ୍ନାଥ ଦାସ ତେଣୁ ଏହି ବଂଶୀର ନାମ ବିରହ ମୁରଲୀ ରଖିଲେ । ଏହି ମୁରଲୀ ମୋହନ । ତେଣୁ ଏହା ବିରହ-କାତର ଭାବ ସୃଷ୍ଟି କରେ । ବଂଶୀର କରୁଣ ସ୍ୱରମୂର୍ଚ୍ଛନାରେ ଗୋପୀ-ହୃଦୟ ବିଗଳିତ ହୋଇଉଠେ । ସର୍ବାଙ୍ଗରେ ଦେଖାଦିଏ ବିପୁଳ ପୁଲକ । ନୀବିବନ୍ଧ ବିବଶ ହୋଇଯାଏ । ସେଇ ବଂଶୀ ବଡ଼ ଅଦ୍‌ଭୁତ । ଶକ୍ତି ତାର ଅଦ୍‌ଭୁତ । କୃଷ୍ଣ ହାତରେ ସେଇ ବଂଶୀ ସୁନ୍ଦର । କୃଷ୍ଣ ଅଧରରେ ସେଇ ବଂଶୀର ସ୍ୱର ମଧୁର । ସେଇ ବେଣୁ ଛୁଇଁ ସେ ଶପଥ କରିଥିଲେ ଗୋପାଙ୍ଗନାମାନଙ୍କୁ କୁଞ୍ଜବନରେ ରମଣ କରିବେ । ସେଇ ମୁରଲୀ ସାକ୍ଷୀ ଗୋପୀ-ହୃଦୟର ଓ ଶ୍ରୀକୃଷ୍ଣଙ୍କ ଭକ୍ତିର । ବେଣୁ-ନାଦରେ ଗୋପାଙ୍ଗନାମାନେ ବିମୋହିତ ହେଲେ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଲୁଚାଇ ଅସମ୍ଭାଳ ହୋଇ ଧାଇଁଲେ କୁଞ୍ଜବନକୁ । ଗଭୀର ଉତ୍କଣ୍ଠା । ସାଂସାରିକ ପ୍ରତିଷ୍ଠା ଓ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ସେମାନେ ଆଗେଇଗଲେ ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବା ଲାଗି । (୪୭) ଏହି ମୁରଲୀର ନାଦ ବଡ଼ ବିଚିତ୍ର । ଏ ଧ୍ୱନି ଶୁଣି ନ ଗଲେ ଜୀବନ

---

୪୭ । ଗୋପୀଙ୍କ ନାମ ଧରି ଧୀରେ । ମୁରଲୀ ଡାକଇ ସୁସ୍ୱରେ ।
ଗୋପୀଏ ଥିଲେ ଗୋପପୁରେ । ନାଦ ଶୁଣିଲେ ଯେଝା ଘରେ ।
ଦଣ୍ଡେ ଶୁଣିଲେ ସ୍ଥିର କରି । ବେଣୁ ଡାକଇ ନାମ ଧରି ।
ଶୁଣି ହୋଇଲେ ଛନ ଛନ । ବ୍ୟାପାରେ ନ ଲାଗଇ ମନ ।
କର ଚରଣ ନ ଚଳଇ । ମଦନେ କମ୍ପୁ ଅଛି ଦେହି ।
ନାଦେ ମୋହିଲେ ବନମାଳୀ । ଷୋଳ ସହସ୍ର ଗୋପବାଳୀ ।

—୩୦ଶ ଅଧ୍ୟାୟ—

ରହିବ ନାହିଁ । (୪୮) କେହି ଗୋପୀ ଗାଈ ଦୁହୁଁଥିଲା । ଏତିକିବେଳେ ସେ ଶୁଣିଲା ବେଣୁସ୍ୱନ । ଦୁହୁଁଣୀ ତଳେ ପକାଇ ଦେଇ ସେ ଧାଇଁଲା ବୃନ୍ଦାବନକୁ । କେହି ସର କାଢୁଥିଲା, କେହି ଦହି ମୁହାଁଉ ଥିଲା, କେହି କୋଳରେ ବାଳକ ବସାଇ ଦୁଧ ପିଆଇ ଦେଉଥିଲା, କେହି ସ୍ୱାମୀର ଚରଣ ଘୃପୁଥିଲା, କେହି ଭୋଜନ କରୁଥିଲା, କେହି ଘର ଲିପୁଥିଲା—ସବୁ କାର୍ଯ୍ୟ ଛାଡ଼ିଦେଇ ସମସ୍ତେ ବେଣୁ-ମାଧୁର୍ଯ୍ୟରେ ଆକୃଷ୍ଟ ହୋଇ ଧାଇଁବାକୁ ଲାଗିଲେ । କାମଭୋଳରେ ସେମାନେ ଜ୍ଞାନ ହାରିଲେ । କେହି ଦେହରେ କୁଙ୍କୁମ ଲଗାଇଲା । ବସ୍ତ୍ର ଛାଡ଼ି କେହି କାହାର ଅଞ୍ଚଳ ପିନ୍ଧିଲା । କାହାର ସ୍ୱାମୀ ତାର ପଥ ଓଗାଳିଲା । କାହାର ପୁତ୍ର, କାହାର ଶ୍ୱଶୁର, କାହାର ଖୁଡ଼ୁତା, କାହାର ଭାଇ, ଭଣଜା, ମିତ୍ର ପଥ ଓଗାଳିଲେ । ଗୋପାଙ୍ଗନାମାନେ କହିଲେ—

> ଦେଖ ତ ଶୁଭୁଅଛି ନାଦ । ମୁରଲୀ ବଡ଼ାଇ ଆନନ୍ଦ ।
> କ୍ଷଣେ ମୁରଲୀ ନାଦ ଶୁଣି । ଆମ୍ଭେ ଆସିବୁ ସ୍ନେହକ୍ଷଣି ।
> —୩୦ଶ ଅଧ୍ୟାୟ—

କୌଣସି କ୍ଷୀଣାଙ୍ଗୀ ଗୋପୀକୁ ତାର ସ୍ୱାମୀ ଗୃହ ମଧ୍ୟରେ ଖମ୍ବରେ ବାନ୍ଧିପକାଇ ନିର୍ଯ୍ୟାତନା ଦେଲା । ମୁରଲୀ କିନ୍ତୁ ତାର ନାମ ଧରି ଡାକିଦେଲା । ଏଥର ସେହି ଗୋପୀ ମୁରଲୀ ନାଦ କର୍ଣ୍ଣରେ ଶୁଣି ଓ ଶ୍ରୀକୃଷ୍ଣଙ୍କ ରୂପ କଳ୍ପନା ନୟନରେ ଦେଖି ମୃତ୍ୟୁବରଣ କଲା । ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଛନ୍ତି । ଶ୍ରୀକୃଷ୍ଣଙ୍କ ସହିତ ରମଣ-ଲୀଳା ଶେଷ କରି ଅବଶେଷରେ ରାସମଣ୍ଡଳରେ ରାସକ୍ରୀଡ଼ା କରି ଅଛନ୍ତି । ଶ୍ରୀକୃଷ୍ଣ ରାସନୃତ୍ୟବେଳେ ମନ୍ଦ ମନ୍ଦ ମଧୁର ମୁରଲୀ ବାଦନ କରିଅଛନ୍ତି । ଏହି ମୁରଲୀର ଭୂମିକା ରାସଲୀଳାରେ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ମୁରଲୀ ନିନାଦ ହିଁ ଗୋପାଙ୍ଗନାମାନଙ୍କୁ ଆକୃଷ୍ଟ କରି ଆଣିଛି ରାସମଣ୍ଡଳକୁ । ତେଣୁ ଏହି ମୁରଲୀସ୍ୱର ରାସଲୀଳାର ଆବଦ୍ଧ ସଙ୍ଗୀତ ନୁହେଁ; ରାସର ଏକ ଅବିଚ୍ଛେଦ୍ୟ ବିଭାଗ । ଏହା ପାର୍ଥିବ ମାୟା ଓ ଆକର୍ଷଣକୁ ଦୂର କରିଦେଇ ଅପାର୍ଥିବ ପ୍ରେମର ପରାକାଷ୍ଠା ସୃଷ୍ଟି କରିଅଛି ।

## ରାସପଞ୍ଚାଧ୍ୟାୟୀର ନାଟ୍ୟଧର୍ମିତା :

ରାସପଞ୍ଚାଧ୍ୟାୟୀ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ଶରଦରାସର ଏକ ଚମତ୍କାର ଅଭିବ୍ୟକ୍ତି । ଏହା ନୃତ୍ୟ-ଗୀତ ଓ ଅଭିନୟର ଏକ ଅପୂର୍ବ ପରିପ୍ରକାଶ ।

---

୪୮ । ନ ଗଲେ ନ ରହେ ଜୀବନ । କାଳ ହୋଇଲା ବେଣୁସ୍ୱନ ।
ସ୍ୱାମୀମାନେ ହୋଇଲେ ବାହାର । ମଦନେ କମ୍ପାଇ ଶରୀର ।
—୩୦ଶ ଅଧ୍ୟାୟ—

ଯେପରି ଭାବରେ ରାସକ୍ରୀଡ଼ା ବର୍ଣ୍ଣନା କରାଯାଇଅଛି ସେଥିରେ ନାଟ୍ୟଧର୍ମିତା ପରିଲକ୍ଷିତ । ରାସପଞ୍ଚାଧ୍ୟାୟୀର ବିଷୟବସ୍ତୁ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ରାସଲୀଳା । ପାଞ୍ଚଟି ଅଧ୍ୟାୟ ମଧ୍ୟରେ ଏହାର ଆରମ୍ଭ-ବିକାଶ-ଶୀର୍ଷ-ଅବରୋହଣ ଓ ପରିସମାପ୍ତି ଘଟିଅଛି । ନାଟକର ପଞ୍ଚସନ୍ଧିପରି ଏଥିରେ ପାଞ୍ଚଟି ଅଧ୍ୟାୟର ପରିକଳ୍ପନା କରାଯାଇଅଛି । ପ୍ରଥମ ଅଧ୍ୟାୟରେ ରାସଲୀଳା ପାଇଁ ଶ୍ରୀକୃଷ୍ଣଙ୍କର ପ୍ରସ୍ତୁତି, ଯମୁନା କୂଳରେ ବଂଶୀବାଦନ, ଗୋପାଙ୍ଗନାମାନଙ୍କର ଉଚ୍ଚାଟନ ଓ କୁଞ୍ଜବନରେ ଉପସ୍ଥିତ ଶ୍ରୀକୃଷ୍ଣଙ୍କର ପରୀକ୍ଷା ଓ ଗୋପାଙ୍ଗନାଙ୍କ ସହିତ ସୁରତି କ୍ରୀଡ଼ା, ଗୋପାଙ୍ଗନାଙ୍କର ଅହଂଭାବ, ଶ୍ରୀକୃଷ୍ଣଙ୍କର ଅନ୍ତର୍ଦ୍ଧାନ ବର୍ଣ୍ଣିତ ହୋଇ କଥାବସ୍ତୁର କ୍ରମବିକାଶ ଦେଖାଇ ଦିଆଯାଇଛି । ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କୁ ନ ପାଇ ଗୋପରମଣୀମାନଙ୍କର ଗଭୀର ଦୁଃଖ ଓ ବିଭ୍ରମ ଏବଂ ଶ୍ରୀକୃଷ୍ଣ ଅନ୍ୱେଷଣ, ବୃନ୍ଦାବତୀର କୃଷ୍ଣପ୍ରେମାସ୍ୱାଦରେ ଆତ୍ମ ଅହଙ୍କାର ଓ କୃଷ୍ଣଙ୍କ ଦ୍ୱାରା ପରିତ୍ୟକ୍ତ, ସକଳ ଗୋପନାରୀମାନଙ୍କର ବିକଳ ବିଳାପ କଥାବସ୍ତୁର କ୍ରମବିକାଶକୁ ତୀବ୍ରତର କରିଇବାରେ ସାହାଯ୍ୟ କରିଅଛି । ତୃତୀୟ ଅଧ୍ୟାୟରେ ଗୋପରମଣୀମାନଙ୍କର ଶୋକ ଶୀର୍ଷ ସ୍ଥାନରେ ପହଞ୍ଚିଅଛି । ଏଥିର ସେମାନଙ୍କ ଅନ୍ତରରୁ ସକଳ ଆତ୍ମ-ଅହଙ୍କାର-ଅଭିମାନ ଲୋପ ପାଇଯାଇଅଛି । ସେମାନଙ୍କର କୃଷ୍ଣାନୁରାଗରେ ନିର୍ମଳତା ଫୁଟି ଉଠିଛି । ତେଣୁ ଚତୁର୍ଥ ଅଧ୍ୟାୟରେ ଶ୍ରୀକୃଷ୍ଣ ଗୋପାଂଗନାମାନଙ୍କ ମଧ୍ୟରେ ବିଜୟ କରି ରାସକ୍ରୀଡ଼ା ପାଇଁ ପ୍ରସ୍ତୁତ ହୋଇ-ଅଛନ୍ତି । ସେ ଗୋପାଂଗନାମାନଙ୍କୁ ସରଳ ଭକ୍ତିର ବୈଶିଷ୍ଟ୍ୟ ସମ୍ବନ୍ଧରେ ବୁଝାଇଦେଇ ପଞ୍ଚମ ଅଧ୍ୟାୟରେ ରାସକ୍ରୀଡ଼ା ଓ ଜଳବିହାର କରିଅଛନ୍ତି । ପାଞ୍ଚଟି ଅଧ୍ୟାୟ ମଧ୍ୟରେ କଥାବସ୍ତୁର ନାଟକୀୟ ଗତି ପରିଲକ୍ଷିତ ହୁଏ ।

ପ୍ରଥମେ ରାସକ୍ରୀଡ଼ା ପାଇଁ ଏକ ଚମତ୍କାର ସ୍ଥାନର ପୃଷ୍ଠଭୂମି ଓ ପରିବେଶ ପରିକଳ୍ପନା କରାଯାଇଅଛି । ଯମୁନା କୂଳ । ବୃନ୍ଦାବନର କୁଞ୍ଜକାନନ । କୁସୁମିତ ବନଲତା । ଧୀର ଲଳିତ ଗନ୍ଧବହ । ଶରତ ପୂର୍ଣ୍ଣିମାର ମଧୁ ଜ୍ୟୋତ୍ସ୍ନା । କଦମ୍ବ ତରୁ ତଳେ ତ୍ରିଭଙ୍ଗୀ ଛନ୍ଦରେ ଦଣ୍ଡାୟମାନ ନୀଳ ନୀରଦକାନ୍ତ ଶ୍ରୀକୃଷ୍ଣ । ଅଧରରେ ମୁରଲୀର ମଧୁର ମୂର୍ଚ୍ଛନା । ଦିବ୍ୟ ସଙ୍ଗୀତର ଆବଦ୍ଧ ଧ୍ୱନିରେ ବ୍ରଜପୁରର ଗୋପାଙ୍ଗନା-ମାନେ ଉଚ୍ଚାଟିତ ହୋଇ ଧାଇଁ ଆସିଛନ୍ତି । ପଥରୋଧ କରିଛନ୍ତି ସ୍ୱାମୀ-ପୁତ୍ର-ବନ୍ଧୁ-ବାନ୍ଧବ, ମାତ୍ର ସବୁ ବ୍ୟର୍ଥ ହୋଇଛି । ରାସମଣ୍ଡଳରେ ଉପସ୍ଥିତ ହେଲେ ରାସନାୟିକା ଗୋପାଙ୍ଗନାବୃନ୍ଦ । ପାର୍ଶ୍ୱଚରିତ ଭାବରେ ଜନୈକା କ୍ଷୀଣାଙ୍ଗୀ ଗୋପୀପ୍ରତି ତାର ସ୍ୱାମୀର ନିର୍ଯ୍ୟାତନା ଓ ସେହି ଗୋପୀର କୃଷ୍ଣ ଦେହ ପ୍ରାପ୍ତି ପ୍ରସଙ୍ଗର ବର୍ଣ୍ଣନା କରାଯାଇଅଛି । ରାସମଣ୍ଡଳରେ ଗୋପରମଣୀମାନେ ପହଞ୍ଚିଲା ପରେ ଶ୍ରୀକୃଷ୍ଣ ସେମାନଙ୍କୁ ସାମାଜିକ, ପାରଲୌକିକ ଓ ଆରଣ୍ୟକ ଭୟ ଦେଖାଇଛନ୍ତି । ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ଉକ୍ତି ପ୍ରତ୍ୟୁକ୍ତି ବେଶ୍ ନାଟକୀୟ ଓ ଚିତ୍ତସ୍ପର୍ଶୀ । ତତ୍ପରେ

ନାୟକ ଓ ନାୟିକାମାନଙ୍କର ହୋଇଛି ସୁରତ କେଳି । ଏହି ସମୟରେ ଏକ ନାୟକ ବହୁ ନାୟକରେ ପରିଣତ ହୋଇଅଛନ୍ତି । ନାୟିକାମାନଙ୍କର ଗର୍ବ ହେବାରୁ ଶ୍ରୀକୃଷ୍ଣ ହଠାତ୍ ବୃନ୍ଦାବତୀ ସହିତ ଅନ୍ତର୍ହିତ ହୋଇଯାଇଛନ୍ତି ଓ ଶ୍ରୀକୃଷ୍ଣ ବିଚ୍ଛେଦରେ ସେମାନଙ୍କର ଦେଖାଦେଇଛି ଗଭୀର ଦୁଃଖ ଓ ମାନସିକ ବିଭ୍ରମ । ସେହି ବିଭ୍ରମ ଅବସ୍ଥାରେ ସେମାନେ ନିଜେ ନିଜକୁ ଶ୍ରୀକୃଷ୍ଣ ଭାବି ଅଭିନୟ କରିଅଛନ୍ତି । ଏହି ଅଭିନୟ ଏକାନ୍ତ ନାଟକୀୟ ।

ବୃନ୍ଦାବତୀ ଓ ଶ୍ରୀକୃଷ୍ଣଙ୍କ ପ୍ରସଂଗ ପାର୍ଶ୍ୱ ଦୃଶ୍ୟ ଭାବରେ ରୂପାୟିତ । ଏହି ଦୃଶ୍ୟରେ ବୃନ୍ଦାବତୀର ଗର୍ବ ଓ ଶ୍ରୀକୃଷ୍ଣଙ୍କ ଗର୍ବଗଞ୍ଜନ ଭାବ ପ୍ରକାଶିତ । ପୁନଶ୍ଚ ବାଲିକୁଦରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ସହିତ ବୃନ୍ଦାବତୀର ପାଦଚିହ୍ନ, ବୃନ୍ଦାବତୀର ଛିନ୍ନ କୁସୁମମାଳ ଗୋପାଙ୍ଗନାମାନଙ୍କ ମନ ଭିତରେ ସପତ୍ନୀ ଈର୍ଷା ସୃଷ୍ଟି କରିଅଛି । ଯେତେବେଳେ ବୃନ୍ଦାବତୀ ସମେତ ସକଳ ଗୋପାଙ୍ଗନାମାନେ ବନଗହନରେ ଶ୍ରୀକୃଷ୍ଣଙ୍କୁ ଅନ୍ୱେଷଣ କରିଅଛନ୍ତି ଓ ସେମାନଙ୍କର ନୟନରୁ ଅଶ୍ରୁଧାରା ବିଗଳିତ ହୋଇପଡ଼ୁଛି ସେତେବେଳେ ଶ୍ରୀକୃଷ୍ଣ ଆକସ୍ମିକ ଭାବରେ ସେମାନଙ୍କ ମଧ୍ୟରେ ଉପସ୍ଥିତ ହୋଇଅଛନ୍ତି । ଗୋପନାରୀଗଣ ଯେପରି ଭାବରେ ଶ୍ରୀକୃଷ୍ଣଙ୍କୁ ପରିତରେ ବାନ୍ଧି ଆନନ୍ଦରେ ହୁଳହୁଳି ଦେଇଛନ୍ତି, ଯେପରି ଆଲିଙ୍ଗନ, ଚୁମ୍ବନ ଦେଇଅଛନ୍ତି, ତାହା ନାଟକୀୟ ଦୃଶ୍ୟର ପରିଚୟ ପ୍ରଦାନ କରେ । ଏଥର ଶ୍ରୀକୃଷ୍ଣ ପୁଣି ଷୋଳ ସହସ୍ର ରୂପ ଧାରଣ କଲେ । ଗୋପୀଙ୍କ ହାତଧରି ସେ ନୃତ୍ୟ କଲେ । ଏହା ହିଁ ହେଲା ରାସକ୍ରୀଡ଼ା । ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ଏହି ରାସକ୍ରୀଡ଼ାକୁ ସପ୍ତସ୍ୱର୍ଗର ଲୋକେ ମିଳି ଦର୍ଶନ କଲେ । ସ୍ୱର୍ଗର ଦେବତା, ଗନ୍ଧର୍ବ, ଯକ୍ଷ, ଅପ୍‌ସରା ସମସ୍ତେ ଏହି ଦୃଶ୍ୟ ଉପଭୋଗ କଲେ ।

ଶ୍ରୀକୃଷ୍ଣ ଓ ଗୋପାଙ୍ଗନାଗଣ ରାସ ନୃତ୍ୟ କଲେ । ବ୍ରଜନାରୀମାନଙ୍କର ବଳୟ ନୂପୁର ଶବ୍ଦରେ ଓ କିଙ୍କିଣୀ ତାଳ ଗୀତ ନାଦରେ ରାସସ୍ଥଳୀ ମୁଖରିତ ହୋଇ ଉଠିଲା । ଏହି ରାସନୃତ୍ୟ ଅତ୍ୟନ୍ତ ମନୋମୁଗ୍ଧକର । (୪୯) କେହି ଗୋପୀ ଶ୍ରୀକୃଷ୍ଣଙ୍କର ପ୍ରିୟ ଭାବକୁ ଗୀତରେ ପ୍ରକାଶ କଲା । ଅନ୍ୟ କେହି ଗୋପୀ କୃଷ୍ଣଙ୍କୁ ଭୁଜ-

---

୪୯ । ନୃତ୍ୟ କରନ୍ତି ଗୋପନାରୀ । ଗୀତେ ମୋହିଲେ ନରହରି ।
ପାଦ ବିନ୍ୟାସି ରଙ୍ଗଭଙ୍ଗେ । ଭ୍ରୁକୁଟି କୁଟିଳ ଅନଙ୍ଗେ ।
କୁଚମଣ୍ଡଳୁଂ ବସ୍ତ୍ର ଚଳା । ନାଚନ୍ତି ଦେଇ କରତାଳି ।
ମୁଖେ ଶୋହଇ ଶ୍ରମଝାଳ । କବରୀ ଖସି ଫୁଲମାଳ ।
ବସ୍ତ୍ର ପଡ଼ଇ ଫିଟି ଚଳେ । କଟୀ ମେଖଳା ଅସମ୍ଭାଳେ ।
—୩୪ଶ ଅଧ୍ୟାୟ—

ବକ୍ଷସ୍ଥଳରେ ଆଲିଙ୍ଗନ କଲା । କେହି କୃଷ୍ଣଙ୍କ ଅଧରରେ ଅଧର ଦେଇ ତାମ୍ବୁଳ ସେବନ କଲା । କେହି କୃଷ୍ଣଙ୍କ ଭୁଜ ଧରି ଆପଣାର ବକ୍ଷୋଜକୁ ଚାପିଲା । ଶ୍ରୀକୃଷ୍ଣ ଓ ଗୋପ-ତରୁଣୀଗଣ ଭ୍ରମର ରଙ୍ଗେ ନୃତ୍ୟ କଲେ । (୫୦) ନୃତ୍ୟ ପରେ ଶ୍ରୀକୃଷ୍ଣ ଓ ଗୋପରମଣୀଗଣ ଯମୁନାରେ ସ୍ନାନ କଲେ । ତତ୍ପରେ ସେମାନେ ଆପଣା ଆପଣା ଗୃହକୁ ବାହୁଡ଼ିଗଲେ । ରାସକ୍ରୀଡ଼ାର ପରିସମାପ୍ତି ଘଟିଲା । ମଧ୍ୟେ ମଧ୍ୟେ ପରୀକ୍ଷିତ ଓ ଶୁକଦେବଙ୍କ ଉକ୍ତି ପ୍ରତ୍ୟୁକ୍ତି ରାସକ୍ରୀଡ଼ାରେ ନାଟକର ସୂତ୍ରଧର ପରି ଭୂମିକା ନେଇଥିବା ଜଣାଯାଏ । ସ୍ଥାନ ଓ ସମୟ ପରିକଳ୍ପନା, ପରିବେଶର ଦୃଶ୍ୟସଜ୍ଜା, ନାୟକ ଓ ନାୟିକାଙ୍କର ସମାବେଶ ଓ ରାସକ୍ରୀଡ଼ା, ପାର୍ଶ୍ବ ଚରିତ୍ରର ପରିକଳ୍ପନା, ନୃତ୍ୟ-ଗୀତ-ବାଦ୍ୟର ବଚିତ୍ର ସୁଷମା, ନାୟକ ନାୟିକାଙ୍କର ପାରସ୍ପରିକ ଆଲିଙ୍ଗନ-ଚୁମ୍ବନ, ନାୟକର ଅନ୍ତର୍ଦ୍ଧାନରେ ନାୟିକାମାନଙ୍କର ବିଳାପ ଓ ଉତ୍କଣ୍ଠା, ନାୟକର ଉପସ୍ଥିତିରେ ଉଲ୍ଲାସ ଓ ରାସକ୍ରୀଡ଼ା, ଦର୍ଶକମାନଙ୍କର ରାସଲୀଳା ଉପଭୋଗ ଆଦି ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ରାସପଞ୍ଚାଧ୍ୟାୟୀରେ ନାଟ୍ୟଧର୍ମିତା ବିଦ୍ୟମାନ । ଏହି ନାଟ୍ୟଧର୍ମିତା ଯୋଗୁ ଏହା ଉପରୂପକ ହଲ୍ଲୀଶକ ଶ୍ରେଣୀ ଅନ୍ତର୍ଭୁକ୍ତ ବୋଲି କେହି କେହି କହିଥାନ୍ତି । ଏହା ଯେ ଏକ ଗେୟ ରୂପକ ଓ ଏଥିରେ ନାଟ୍ୟଧର୍ମିତା ବିଦ୍ୟମାନ, ଏଥିରେ ସନ୍ଦେହ ନାହିଁ ।

## ରାସପଞ୍ଚାଧ୍ୟାୟୀର ସାହିତ୍ୟିକ ମୂଲ୍ୟବୋଧ :

ରାସପଞ୍ଚାଧ୍ୟାୟୀ ଏକ ଭକ୍ତିମୂଳକ ରଚନା । ଶ୍ରୀମଦ୍ଭାଗବତର ଏହା ପ୍ରାଣସ୍ୱରୂପ । ତଥାପି ଏହାର ଏକ ଦିଗରେ ଅଛି ସୌମ୍ୟ ଦର୍ଶନ ଏବଂ ଅନ୍ୟ ଦିଗରେ ଅଛି ସୁନ୍ଦରସ୍ନିଗ୍ଧ କବିତା । ଦର୍ଶନ, କବିତ୍ୱ, ପ୍ରକୃତିପ୍ରାଣତା, ସୌନ୍ଦର୍ଯ୍ୟବୋଧ, ବର୍ଣ୍ଣନା ବୈଚିତ୍ର୍ୟ, ନରନାରୀଙ୍କର ମିଳନ-ବିରହ ଓ ମାନସିକ ଭାବାବେଗ, ଆଲଙ୍କାରିକ ସୁଷମା, ରସଚର୍ଯ୍ୟା ଆଦି ଯେପରି ଏଥିରେ ବର୍ଣ୍ଣିତ ହୋଇଅଛି ତାହା ଏହାର ସାହିତ୍ୟିକ ମୂଲ୍ୟବୋଧ ସମ୍ପର୍କରେ ଅବହିତ କରାଏ । ଏହି ସମସ୍ତକୁ ନେଇ ଯେପରି କବିକର୍ମ ସୃଷ୍ଟି ହୋଇ-ଅଛି ତାହା ଯୁଗୋତ୍ତୀର୍ଣ୍ଣତା ଲାଭ କରିଅଛି । ଦର୍ଶନ-କାବ୍ୟ-ଅଳଙ୍କାର-ତତ୍ତ୍ୱ-ଧର୍ମ-ରସ-ସୌନ୍ଦର୍ଯ୍ୟର ଏହା ଏକ ଅପୂର୍ବ ଅଭିବ୍ୟକ୍ତି । ଶ୍ରୀମଦ୍ଭାଗବତ ଯେ କେବଳ ଦର୍ଶନ ଶାସ୍ତ୍ର ରୂପେ ପ୍ରଖ୍ୟାତ ତାହା ନୁହେଁ, ତତ୍ତ୍ୱାନ୍ୱେଷୀଙ୍କ ଓ କାବ୍ୟ ସୌନ୍ଦର୍ଯ୍ୟର ଏହା ଏକ ସଫଳ

---

୫୦ । ବଳୟ ନୂପୁର ଶବଦେ । ଗୋବିନ୍ଦ ନାଚନ୍ତି ଆନନ୍ଦେ ।
ଭ୍ରମର ରଙ୍ଗେ ନୃତ୍ୟ କରି । ରାସ ଉତ୍ସବେ ବ୍ରଜନାରୀ ।
କବରୀ ଫିଟି ଫୁଲମାଳ । କଟୀ ମେଖଳା ଅସମ୍ଭାଳ ।

— ୩୪ଶ ଅଧ୍ୟାୟ—

ସୃଷ୍ଟି । ରାସପଞ୍ଚାଧ୍ୟାୟୀ ଭାଗବତର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ହୋଇଥିବାରୁ ଏଥିରେ ଦର୍ଶନ-ସାହିତ୍ୟ ଓ ଅଲଙ୍କାରର ତ୍ରିବେଣୀ ସଙ୍ଗମ ହୋଇଥିବା ଦେଖାଯାଏ । ଦର୍ଶନ ଓ ସାହିତ୍ୟ ମଧ୍ୟରେ ପ୍ରବାହିତ ଅଲଙ୍କାର ବା ରସତତ୍ତ୍ୱର ଧାରା । ଏହି ରସଧାରା ହିଁ ଦର୍ଶନର ଗଭୀରତାକୁ ପ୍ରବେଶ କରି ଯେପରି ଭାବ-ଗମ୍ଭୀର ହୋଇ ଉଠିଛି ସେହିପରି କାବ୍ୟର ପ୍ରତ୍ୟକ୍ଷ ସୌନ୍ଦର୍ଯ୍ୟରେ ହୋଇଉଠିଛି ମଧୁର । ରାସପଞ୍ଚାଧ୍ୟାୟୀ ଏହି କାରଣରୁ ଶ୍ରୀମଦ୍ଭାଗବତରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି ।

ସୌନ୍ଦର୍ଯ୍ୟବୋଧ, ଅଲଙ୍କାର ଓ ରସତତ୍ତ୍ୱର ବିଚିତ୍ର ସୁଷମା ରାସପଞ୍ଚାଧ୍ୟାୟୀକୁ ରସମୟ କରିଅଛି । ଶରତ ପ୍ରକୃତିର ଚମତ୍କାର ବର୍ଣ୍ଣନା ଗଭୀର ସୌନ୍ଦର୍ଯ୍ୟବୋଧର ପରିଚୟ ପ୍ରଦାନ କରିଥାଏ । (୫୧) ଶ୍ରୀକୃଷ୍ଣଙ୍କର ବଂଶୀବାଦନ ଶୁଣି ଗୋପନାରୀମାନଙ୍କର ଉଚ୍ଚାଟନ ଓ କୁଂଜବନକୁ ଧାବନର ଦୃଶ୍ୟକୁ ଭାଗବତକାର ଯେପରି ରୂପାୟନ କରିଅଛନ୍ତି ତାହା ଏକାନ୍ତ ରସସ୍ନିଗ୍ଧ । ପ୍ରତ୍ୟେକ ଗୋପୀ ଅନ୍ୟକୁ ଲୁଚାଇ ବୃନ୍ଦାବନକୁ ଧାଇଁ ଯାଇଛି ଶ୍ରୀକୃଷ୍ଣଙ୍କ ସହିତ ମିଳିତ ହେବା ଲାଗି । ପ୍ରତ୍ୟେକଙ୍କ ମନ ଭିତରେ ସପତ୍ନୀର ଈର୍ଷା । ପାର୍ଥିବ ଚିତ୍ତ-ସଂଘର୍ଷକୁ ମନୋଜ୍ଞ ଭାବରେ ପ୍ରକାଶ କରାଯାଇ ଗଭୀର ରସବୋଧ ସୃଷ୍ଟି କରାଯାଇଅଛି । ଗୋପରମଣୀମାନେ ଯେପରି ପତି-ପୁତ୍ର-ବନ୍ଧୁ ବାନ୍ଧବ-ଗୃହକାର୍ଯ୍ୟ ତ୍ୟାଗ କରି ବିଭ୍ରମ ହୋଇ ଧାଇଁ ଯାଇଛନ୍ତି ତାହା ମଧ୍ୟ କବିତ୍ୱ-ରସ-ମାଧୁର୍ଯ୍ୟରେ ଚମତ୍କାରିତା ଲାଭ କରିଅଛି । ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ପାଖକୁ ଗଲା ପରେ ଶ୍ରୀକୃଷ୍ଣ ସେମାନଙ୍କୁ ପରୀକ୍ଷା କରିଅଛନ୍ତି । ସେ ପ୍ରଥମେ ଗୋପର ଭଲମନ୍ଦ କଥା ପଚାରି ଭୟ ଦେଖାଇଛନ୍ତି-

"ରଜନୀ ହେଉଛି ଉଚ୍ଛୁର । ବନଗହନ କୁଂଜ ଘୋର ।
ବ୍ୟାଘ୍ର ଭଲ୍ଲୁକ ବନଜୀବେ । ତୁମ୍ଭଙ୍କୁ ଦେଖିଲେ ଖାଇବେ ।
ସ୍ୱଭାବେ ସ୍ତ୍ରୀଜନ୍ମ ହୋଇ । ବନେ ତୁମ୍ଭର ଭୟ ନାହିଁ ।
କଷ୍ଟେ ହୋଇବ ଆଜ ନାଶ । ମରଣ କଲଟି ବିଶ୍ୱାସ ।
ଯାଅ ନ ଯାଅ ବନଘୋରେ । ତୁମ୍ଭଙ୍କୁ ଲୋଡ଼ୁଥିବେ ଘରେ ।
ମାତା ପିଅର ପୁତ୍ର ଭାଇ । ଲୋଡ଼ୁଅଛନ୍ତି ନାମ ଗାଇ ।

---

୫୧. ସ୍ୱଭାବେ ଶରଦର କାଳ । ପବନ ବହେ ପରିମଳ ।
ଗଗନେ ପ୍ରକାଶିଲା ଶଶୀ । ନିର୍ମଳ ବିରାଜଇ ନିଶି ।
ଫୁଟିଲେ ଜଳେ ସ୍ଥଳେ ଫୁଲ । ସୁଗନ୍ଧ ଶୀତଳ ଅମୂଲ୍ୟ ।
ଚନ୍ଦ୍ରମଣ୍ଡଳ ଅଖଣ୍ଡିତ । ଦେଖି ହସତ ଗୋପୀନାଥ ।
ଲକ୍ଷ୍ମୀର ମୁଖ ପ୍ରାୟେ ଦିଶି । କିରଣେ ଦଶଦିଗ ତୋଷି ।
--୩୦ଶ ଅଧ୍ୟାୟ—

ଯେ ଯାହା ସ୍ୱାମୀ କୋପଚଢ଼େ । ଖୋଜନ୍ତି ଘରଦ୍ୱାର ପଥେ ।
ନ ପାଇ କରିବେଟି ଖେଦ । ତୁମ୍ଭେ ହୋଇବ ଜାତିନାଶ ।'

—୩୦ଶ ଅଧ୍ୟାୟ—

ଶ୍ରୀକୃଷ୍ଣ ଯେପରି ଭାବରେ ଗୋପରମଣୀମାନଙ୍କୁ ଭୟ ଦେଖାଇଅଛନ୍ତି ତାହା ସାହିତ୍ୟିକ ରସବୋଧର ପରିଚୟ ପ୍ରଦାନ କରିଥାଏ । ଶ୍ରୀକୃଷ୍ଣଙ୍କଠାରୁ ନିଷ୍ଠୁର ବାକ୍ୟ ଶୁଣି ଗୋପାଙ୍ଗନାମାନଙ୍କର ଦେଖାଦେଇଛି ମାନସିକ ଭାବାନ୍ତର । ଶ୍ରୀକୃଷ୍ଣଙ୍କ ପ୍ରତି ସେମାନଙ୍କର ଭକ୍ତି ବେଶ୍ ରସସ୍ନିଗ୍ଧ :

ତୋହର ଯେବେ ଦୟା ନାହିଁ । କିପାଁ ଗାଇଲୁ ବେଣୁ ବାଇ ।
ଆମ୍ଭର ମନ ନିଜ ଘରେ । ବୁଡ଼ାଇଥିଲୁ ମୁହାଁସରେ ।
ଶ୍ରବଣେ ମୁରଲୀ ଶୁଭିଲା । କରଚରଣ ନ ଚଳିଲା ।
ଜୀବନ ହରିଲୁ ଆମ୍ଭର । ଏବେ ତ କହିଲୁ ନିଷ୍ଠୁର ।
ଭୋ ନାଥ କର ପ୍ରାଣରକ୍ଷା । ଆମ୍ଭେ ପାଇଲୁ ବେଣୁ ଦୀକ୍ଷା ।
ତୁମ୍ଭ ଅଧର ସୁଧା ରସ । ଆମ୍ଭର ମୁଖରେ ବରଷ ।

—୩୦ଶ ଅଧ୍ୟାୟ—

ଶ୍ରୀକୃଷ୍ଣଙ୍କର ଅନ୍ତର୍ଦ୍ଧାନ ପରେ ଗୋପାଙ୍ଗନାମାନଙ୍କର ଯେପରି ବିଭ୍ରମ ସୃଷ୍ଟି ହୋଇଛି ଓ ସେମାନେ ଯେପରି ବୃକ୍ଷ-ଲତା-ପଶୁପକ୍ଷୀମାନଙ୍କୁ ଶ୍ରୀକୃଷ୍ଣଙ୍କର ସମ୍ବାଦ ପଚାରିଅଛନ୍ତି ତାହା ସାହିତ୍ୟିକ ପ୍ରାଣପ୍ରାଚୁର୍ଯ୍ୟ ଓ ରସବୋଧରେ ପରିପୂର୍ଣ୍ଣ ହୋଇଅଛି । ପୁନଶ୍ଚ ସେମାନେ ଯେପରି ଆପଣା ଆପଣାକୁ ଶ୍ରୀକୃଷ୍ଣ ମନେକରି ଅଭିନୟ କରିଅଛନ୍ତି ତାହା ମଧ୍ୟ ବେଶ୍ ହୃଦୟସ୍ପର୍ଶୀ । ବିପ୍ରଲମ୍ଭ ଶୃଙ୍ଗାର ରସ ମଧ୍ୟରେ କାରୁଣ୍ୟର ହୃଦୟଭେଦୀ ଭାବ ଏଥିରେ ଦେଖିବାକୁ ମିଳେ । ଅବଶେଷରେ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ଯେପରି ମଧୁର ରାସଲୀଳା ସୃଷ୍ଟି ହୋଇଛି ତାହା ଦିବ୍ୟ କବିତ୍ୱର ପରିଚାୟକ । ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ଓ ଗୋପାଙ୍ଗନାମାନେ ଦିବ୍ୟସତ୍ତାର ଅଧିକାରିଣୀ । ଭାଗବତକାର ଶ୍ରୀକୃଷ୍ଣଙ୍କ ପ୍ରାକୃତ ସ୍ତରକୁ ନେଇ ଆସି ତାଙ୍କର ମାନବୀୟ ଲୀଳାକୁ ବର୍ଣ୍ଣନା କରି ସେଥିରେ ତାଙ୍କର ଦିବ୍ୟ ଅପ୍ରାକୃତ ଲୀଳାକୁ ସମନ୍ୱୟ କରି ଦେଇଅଛନ୍ତି । ଯେତେବେଳେ ଅଦିବ୍ୟ-ପ୍ରାକୃତ ଲୀଳା ବର୍ଣ୍ଣିତ ହୋଇଛି ତାହା ସାହିତ୍ୟିକ ରସ-ପ୍ରାଚୁର୍ଯ୍ୟରେ ସ୍ନିଗ୍ଧ ସୁନ୍ଦର ଏବଂ ଯେତେବେଳେ ଅପ୍ରାକୃତ ଦିବ୍ୟ ଲୀଳା ବର୍ଣ୍ଣିତ ସେତେବେଳେ ତାହା ଦର୍ଶନ ଓ ତତ୍ତ୍ୱରେ ଭାବ-ଗମ୍ଭୀର । ଯେତେବେଳେ ଶାରଦୀୟ ରାକାରଜନୀର ପ୍ରାକୃତିକ ପରିବେଶ ଓ ଶ୍ରୀକୃଷ୍ଣଙ୍କର ରୂପ-ମାଧୁର୍ଯ୍ୟ ବର୍ଣ୍ଣନା କରାଯାଇଅଛି ସେତେବେଳେ ସ୍ୱଭାବୋକ୍ତି ଅଳଙ୍କାର ଦେଖିବାକୁ ମିଳେ । ଶ୍ରୀକୃଷ୍ଣଙ୍କ ବଂଶୀ ନାଦ ଶୁଣି ଓ କୁଂଜବନରେ ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନ ଫଳରେ ଗୋପାଙ୍ଗନାଙ୍କର

ଯେଉଁ ଭାବାନ୍ତର ସୃଷ୍ଟି ହୋଇଅଛି ତାହା ବିଭ୍ରମ ଅଲଙ୍କାରର ସୂଚନା ଦେଇଥାଏ । ଗୋବିନ୍ଦଙ୍କ ଲୀଳା ସ୍ମରଣ କାଳରେ ଗୋପନାରୀଙ୍କର ଯେଉଁ ଭାବ ସୃଷ୍ଟି ହୋଇଛି ତାହା ସ୍ମରଣ ଅଲଙ୍କାର । କୁଂଜବନରେ ଶ୍ରୀକୃଷ୍ଣଙ୍କର ରୂପମାଧୁର୍ଯ୍ୟ ସହିତ କୋଟି କାମଦେବଙ୍କ ରୂପ ସରି ନୁହେଁ । ଶ୍ରୀକୃଷ୍ଣଙ୍କ ମୁଖର ତେଜ ପଦ୍ମ-କୁମୁଦ-ଲକ୍ଷ୍ମୀଙ୍କୁ ମଧ୍ୟ ବଳିଯାଏ । (୫୨) ଏହା ଅପହ୍ନୁତି ଅଲଙ୍କାରର ନିଦର୍ଶନ । ଅନେକ ସ୍ଥଳରେ ଉପମା ଅଲଙ୍କାରର ବିଚିତ୍ର ସୁଷମା ଦେଖିବାକୁ ମିଳେ ।

ଅନଳ ଦେଖିଣ ପତଙ୍ଗ । ଯେସନ୍ତେ ଧାମନ୍ତି ଉଦବେଗ ।
ବେଢ଼ିଲେ ଶତେ ପୂରହୋଇ । କମ୍ପନ୍ତି କୃଷ୍ଣଙ୍କୁ ଅନାଇ ।
—୩୦ଶ ଅଧ୍ୟାୟ—

ପତଙ୍ଗେ ଅନଳ ଅନାଇଂ । ଯେସନ୍ତେ ବେଢ଼ନ୍ତି ବେଗହୋଇ ।
ବହନ ବେଢ଼ିଲେ ମୁରାରି । ଅନ୍ୟ ଜୀବନ ବ୍ରଜନାରୀ ।
—୩୩ଶ ଅଧ୍ୟାୟ—

ଶରଦ ଚନ୍ଦ୍ର ଯେସନ୍ତେ ଝଳ । ନିର୍ମଳ ବିରାଜଇ ବାଲି ।
କୃଷ୍ଣର ପାଇ ଅଙ୍ଗସଙ୍ଗ । ତାପ ଛାଡ଼ିଲେ ଗୋପୀବୃନ୍ଦ ।
—୩୩ଶ ଅଧ୍ୟାୟ—

ନୀଳ ପର୍ବତ ମଧ୍ୟେ ହରି । ଯେସନେ ସୁବର୍ଣ୍ଣ ପାଚେରି ।
ଗୋପୀଙ୍କ ମଧ୍ୟେ ଶିରୀରଙ୍ଗ । ସୁନ୍ଦର କୋଟିଏ ଅନଂଗ ।
× × ×
ବିଜୁଳି ଯେସନ୍ତେ ନୀଳ ମେଘେ । ଦିଶନ୍ତି ଗୋବିନ୍ଦର ଲାଗେ ।
—୩୪ଶ ଅଧ୍ୟାୟ—

ଏହିପରି ଉପମାଲଙ୍କାରର ବିଚିତ୍ର ସୁଷମା ରାସପଞ୍ଚାଧ୍ୟାୟୀର ବିଭିନ୍ନ ସ୍ଥଳରେ ଦେଖିବାକୁ ମିଳିଥାଏ । ଭାଗବତକାର ଯେପରି ସମ୍ଭୋଗ ଶୃଙ୍ଗାର ଓ ବିପ୍ରଲମ୍ଭ ଶୃଙ୍ଗାରର ରସମୟ ବର୍ଣ୍ଣନା କରିଅଛନ୍ତି, ଯେପରି ଶାନ୍ତ-ଭକ୍ତି-ଦାସ୍ୟ-ରସର ଲଳିତ ପ୍ରବାହ ସୃଷ୍ଟି କରିଅଛନ୍ତି ଏବଂ ବ୍ରହ୍ମତତ୍ତ୍ୱ ନିଗୂଢ଼ ଭାବକୁ ଯେପରି କାବ୍ୟିକ

---

୫୨. ପୀତ ବସନ ବେଣୁଧର । ନିବିଡ଼ ସୁରଙ୍ଗ ଅଧର ।
କୋଟିଏ କାମ ନୋହେ ସରି । ଦେଖି ଚକିତ ବ୍ରଜନାରୀ ।
୩୦ଶ ଅଧ୍ୟାୟ—

ଭୋ ନାଥ କମଳ ଲୋଚନ । ଦେଖାଅ ନିର୍ମଳ ବଦନ ।
ତୋ ମୁଖ କମଳର ତେଜେ । ପଦ୍ମ-କୁମୁଦ-ଲକ୍ଷ୍ମୀ ଗଂଜେ ।
—୩୨ଶ ଅଧ୍ୟାୟ—

ସୌନ୍ଦର୍ଯ୍ୟରେ ପ୍ରକାଶ କରିଅଛନ୍ତି ତାହା ସାହିତ୍ୟିକ ରସବୋଧର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ । ତେଣୁ ରାସ ପଞ୍ଚାଧ୍ୟାୟୀରେ ଦର୍ଶନ ଓ ତତ୍ତ୍ୱର ସମାବେଶ ହୋଇଥିଲେହେଁ ଏହା ଯେ ଏକ ନୂତନ ଗୋଷ୍ଠୀ ଓ ସାହିତ୍ୟିକ ରଚନା; ଏ କଥାକୁ ଅସ୍ୱୀକାର କରିହୁଏ ନାହିଁ ।

## ରାସପଞ୍ଚାଧ୍ୟାୟୀରେ ସୁରତକେଳି ଓ ମଦନଚର୍ଯ୍ୟା :

ରାସପଞ୍ଚାଧ୍ୟାୟୀ ଆଧ୍ୟାତ୍ମିକ ଚେତନା ଓ ପ୍ରେମଭକ୍ତିର ବାଣୀବଦ୍ଧ ହେଲେହେଁ ଏଥିରେ ମଦନଚର୍ଯ୍ୟା ଓ ସୁରତକେଳି ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଥିବା ଜଣାଯାଏ । ଏଥିରେ ଗୋପରମଣୀଗଣ କାମାନୁଗା । ଶ୍ରୀକୃଷ୍ଣ କୋଟି କାମଦେବ ରୂପକୁ ବଳି କାମାନୁଗ ପୁରୁଷ । ଏହି ପ୍ରସଙ୍ଗରୁ ଶ୍ରୀକୃଷ୍ଣଙ୍କର ପ୍ରାକୃତ ଲୀଳା ବିଷୟରେ ଜଣାଯାଇଥାଏ । ରାସପଞ୍ଚାଧ୍ୟାୟୀର ଆରମ୍ଭରୁ ମଦନ-ପରିଚର୍ଯ୍ୟା ସଂପର୍କରେ ଯଥେଷ୍ଟ ପରିଚୟ ମିଳେ । ଶ୍ରୀକୃଷ୍ଣ ଶରତ ଋତୁର ରାକା ରଜନୀରେ ଇଚ୍ଛା କରିଛନ୍ତି ଗୋପନାରୀ-ମାନଙ୍କୁ ରମଣ କରିବେ । (୫୩) ତେଣୁ ସେ କୁଂଜବନରେ ବଂଶୀବାଦନ କରିଅଛନ୍ତି । ସେହି ବଂଶୀ ଧ୍ୱନିରେ ଗୋପତରୁଣୀଗଣ ମଦନଭାବରେ କଂପି ଉଠିଛନ୍ତି । (୫୪) ତତ୍‌ପରେ ସେମାନେ ଉତ୍କଣ୍ଠିତ ହୋଇ ବୃନ୍ଦାବନ ଅଭିମୁଖେ ଯାତ୍ରା କରିଛନ୍ତି ପରସ୍ପରକୁ ଲୁଚି ପ୍ରଥମେ ଶ୍ରୀକୃଷ୍ଣଙ୍କ ସହିତ ରମଣ କରିବା ପାଇଁ । (୫୫) ମୁରଲୀ ନାଦ ଶୁଣି ସେମାନେ ଘରୁ ବାହାରିଗଲେ । ସମସ୍ତଙ୍କର ଶରୀର ମଦନ ଭାବରେ କମ୍ପି ଉଠୁଥାଏ । (୫୬) ସମସ୍ତେ ମଦନ ପ୍ରଭାବରେ ବିକଳ । (୫୭) କାମଭୋଳରେ

---

୫୩. ରମିଣ ଦେବ ନିଜପୁର । ଆଜ ମୁଁ କରିବ ନିସ୍ତାର ।

—୩୦ଶ ଅଧ୍ୟାୟ—

୫୪. କରଚରଣ ନ ଚଳଇ । ମଦନେ କଂପୁଅଛି ଦେହି ।

—୩୦ଶ ଅଧ୍ୟାୟ—

୫୫. ଆଗେ ମୁଁ ଯିବି ବୃନ୍ଦାବନ । ରମିବି ନନ୍ଦର ନନ୍ଦନ ।

—୩୦ଶ ଅଧ୍ୟାୟ—

୫୬. ସ୍ନେମନ୍ତେ ହୋଇଲେ ବାହାର । ମଦନେ କମ୍ପଇ ଶରୀର ।

—୩୦ଶ ଅଧ୍ୟାୟ—

୫୭. ବାଳକ ପକାଇଲି ତଳେ । ଧାଇଁଲି ମଦନ ବିକଳେ ।

× × ×

ପଦ ଚରଣ ଥୋଇ ତଳେ । ବେଗେ ଧାଇଁଲି କାମ ଭୋଳେ ।

—୩୦ଶ ଅଧ୍ୟାୟ—

କେହି ଗୋପୀ ସ୍କନ୍ଧର ଅଂଚଳକୁ ପରିଧାନ କଲା । (୫୮) କୌଣସି କ୍ଷୀଣଦେହୀ ଗୋପୀ ସ୍ୱାମୀର ନିର୍ଯାତନା ଲଭିକରି କାମଜ୍ୱର ସହି ନ ପାରି ପ୍ରାଣ ବିସର୍ଜନ କଲା । (୫୯) ବୃନ୍ଦାବନରେ ଶ୍ରୀକୃଷ୍ଣ କିନ୍ତୁ ଗୋପନାରୀମାନଙ୍କୁ ଘରକୁ ଫେରିଯାଇ ସ୍ୱାମୀସେବା କରିବାକୁ କହିଲେ । ଯେଉଁ ଗୋପରମଣୀଗଣ କାମଭୋଳ ହୋଇ ତାଙ୍କ ପାଖକୁ ଧାଇଁ ଆସିଥିଲେ ସେମାନେ ଶ୍ରୀକୃଷ୍ଣଙ୍କ ନିଷ୍ଠୁର ବାକ୍ୟ ଶୁଣି କାନ୍ଦିବାକୁ ଲାଗିଲେ । ମୁଖ ତଳକୁ କରି ପାଦର ଅଙ୍ଗୁଳିରେ ଗାର କାଟିଲେ । (୬୦) ସେମାନେ ଶ୍ରୀକୃଷ୍ଣଙ୍କୁ ପରମପୁରୁଷ ଅନାଦି ଜ୍ୟୋତି ନିରଂଜନ ଭାବରେ ଜାଣନ୍ତି । ତେଣୁ ସେମାନେ ତାଙ୍କୁ ଛାଡ଼ି ଆଉ ଫେରିଯିବେ ନାହିଁ ବୋଲି ସିଦ୍ଧାନ୍ତ କଲେ । ସେମାନେ ପୁଣି ତାଙ୍କୁ ମନେ ପକାଇଦେଲେ ବସ୍ତ୍ରହରଣ କାଳରେ ତାଙ୍କର ବେଣୁ ଛୁଇଁ ଶପଥ କରିଥିବା କଥା । (୬୧) ଶ୍ରୀକୃଷ୍ଣ ଅବଶେଷରେ ମାୟାବଳରେ ଷୋଳ ସହସ୍ର ରୂପ ଧାରଣ କଲେ । ସେ 'ରତିପଣ୍ଡିତ ବଳବନ୍ତ' । ଗୋପୀମାନଙ୍କୁ ସେ ରମଣ କଲେ । 'କୃଷ୍ଣ ରମଣ ରସ ପାଇ' ଗୋପୀମାନଙ୍କର ଗର୍ବ ହେଲା । ସେମାନେ ଭାବିଲେ :

"ରମିଲୁ ଅନାଦି ପୁରୁଷ । ଆମ୍ଭରେ ହୋଇଲେ ହରଷ ।" ଗୋପାଙ୍ଗନାଙ୍କର ମଦନ-ଚର୍ଯ୍ୟା ସ୍ଥୂଳତଃ ଲୌକିକ ଜୀବନର ଭାବକୁ ପ୍ରକାଶ କରୁଥିଲେ ହେଁ ଯେତେବେଳେ ସେମାନେ ଅନାଦିପୁରୁଷଙ୍କୁ ରମଣ କରିଛନ୍ତି ବୋଲି କହିଛନ୍ତି ଓ ଶ୍ରୀକୃଷ୍ଣ ମାୟାବଳରେ ଷୋଳ ସହସ୍ର ରୂପ ଧାରଣ କରି ଗୋପୀମାନଙ୍କୁ ରମଣ କରିବା ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି ସେତେବେଳେ ଏହି ମଦନ-ଚର୍ଯ୍ୟା ପାର୍ଥିବ-ମିଳନର ସୂଚନା ଦିଏ ନାହିଁ । ବରଂ ଏହା ଅପାର୍ଥିବ ଦିବ୍ୟମିଳନ ମାଧୁରୀର ସଙ୍କେତ ଦିଏ । ଏହି କାରଣରୁ ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନ ଫଳରେ ଗୋପାଙ୍ଗନାମାନଙ୍କର ଦେଖାଦେଇଛି ଭାବାନ୍ତର । ଦେହର ମିଳନ ମାଧୁରୀ ଦେହାତୀତ ହୋଇଯାଇଛି । ତେଣୁ ସେମାନେ ନିଜ ନିଜକୁ ଶ୍ରୀକୃଷ୍ଣ ମନେ କରିଅଛନ୍ତି । ଶ୍ରୀକୃଷ୍ଣଙ୍କ ଦିବ୍ୟଲୀଳାରେ

---

୫୮. ଜ୍ଞାନ ହାରିଲା କାମଭୋଳେ । ପିନ୍ଧିଲା କନ୍ଧର ଅଞ୍ଚଳେ ।
—୩ୟ ଅଧ୍ୟାୟ—

୫୯. ସହି ନ ପାରି କାମ ଭରେ । ପଶିଲା ଗୋବିନ୍ଦ ଶରୀରେ ।
—୩ୟ ଅଧ୍ୟାୟ—

୬୦. ଚରଣ ଅଙ୍ଗୁଳିର ଅଗ୍ରେ । ଭୂମି ଚରନ୍ତି କାମବ୍ୟଗ୍ରେ
—୩ୟ ଅଧ୍ୟାୟ—

୬୧. ଆମ୍ଭର ବସ୍ତ୍ର ଚୋରି କରି । ତୁ ଯେ ବୋଇଲୁ ନରହରି
ରମିବି ବୃନ୍ଦାବନେ ମୁହିଁ । ନିୟମ କଲୁ ବେଣୁ ଛୁଇଁ ।
—୩ୟ ଅଧ୍ୟାୟ—

ଉଦ୍‌ବୁଦ୍ଧ ହୋଇଅଛନ୍ତି । ଯେତେବେଳେ ସେମାନେ ଶ୍ରୀକୃଷ୍ଣଙ୍କ ପାଦଚହ୍ନ ସହିତ କୌଣସି ଏକ ଗୋପୀର ପାଦଚହ୍ନ ଦେଖିଛନ୍ତି ସେତେବେଳେ ସେମାନଙ୍କର କୃଷ୍ଣରମଣ ଇଚ୍ଛା ବଳବତ୍ତର ହୋଇ ଉଠିଛି । ଯେଉଁ ଗୋପୀଟି ଶ୍ରୀକୃଷ୍ଣଙ୍କ ସହିତ ଚାଲିଯାଇଥିଲା ତା' ସହିତ ତାଙ୍କର ରସକେଳି ହୋଇଛି । ଏହାଫଳରେ ଶ୍ରୀକୃଷ୍ଣ ସେହି ଗୋପୀକୁ କାନ୍ଧରେ ବସାଇ ଅଛନ୍ତି । ଯଦିଓ ଏହା ମଦନ-ଚର୍ଯ୍ୟାର ଲୌକିକ ଭାବକୁ ପ୍ରକାଶ କରେ ତଥାପି ଏହା ମଧ୍ୟରେ ଅଲୌକିକ ଦିବ୍ୟ ସତ୍ତା ଉଦ୍‌ବୋଧିତ ।

ଶ୍ରୀକୃଷ୍ଣ ଗୋପୀମାନଙ୍କୁ 'କୋଟିଯେ କାମ ପରି' ଦିଶନ୍ତି । ସେ ହେଉଛନ୍ତି ସେମାନଙ୍କର—'ସୁରତିନାଥ' । ତାଙ୍କର ପଦ୍ମପାଦ ପରଶରେ ସେମାନଙ୍କର କାମ-ଅନଳ ନିର୍ବାପିତ ହେବ । ତେଣୁ ସେମାନେ କହିଛନ୍ତି :

"ଆମ୍ଭର କୁଚେ ତା ଲଗାଅ । କାମ ଅନଳକୁ ଲିଭାଅ ।"

କେବଳ ଏତିକ ନୁହେଁ, ସେହି କୃଷ୍ଣବଧୂରୀ ଗୋପ ରମଣୀ-ଗଣ ବିକଳ ହୋଇ କହିଛନ୍ତି :

"ତୋର ଅଧରୁ ସୁଧାରସ । ଦେଇ ଆମ୍ଭର ମନ ତୋଷ ।
ସୁରତିପଣେ ବଳଆର । ଶୋକନାଶନ ପ୍ରାଣୀଙ୍କର ।"

—୩୨ଶ ଅଧ୍ୟାୟ—

ଶ୍ରୀକୃଷ୍ଣଙ୍କର ରୂପ ଦେଖି ଗୋପାଙ୍ଗନାଙ୍କର କାମଭାବ ଜାଗ୍ରତ ହୁଏ । ତାଙ୍କର ସୁନ୍ଦର କଥା ଶୁଣି ମଦନ ହୃଦୟକୁ ଦହନ କରେ । ଶ୍ରୀକୃଷ୍ଣ ଗୋପୀମାନଙ୍କ ବିକଳ ସହି ନ ପାରି ସେମାନଙ୍କ ମଧ୍ୟରେ ପୁନର୍ବାର ଆବିର୍ଭୂତ ହୋଇଅଛନ୍ତି । ଏଥର ସକଳ ଗୋପୀମାନେ ତାଙ୍କୁ ବେଢ଼ିମାଇ ହୁଳହୁଳି ଦେଲେ । ତାଙ୍କୁ ଆଲିଙ୍ଗନ, ଚୁମ୍ବନ ଦେଲେ । ତତ୍‌ପରେ ଶ୍ରୀକୃଷ୍ଣ—'ଆରମ୍ଭ କଲେ କେଳି ରସ ।' ଶ୍ରୀକୃଷ୍ଣଙ୍କୁ କାନ୍ତ ରୂପରେ ପାଇ ଗୋପୀମାନେ ଆନନ୍ଦରେ ରମଣ କଲେ । (୬୨) ଲୀଳା ବିନୋଦ ଭାବଗ୍ରାହୀ ଶ୍ରୀକୃଷ୍ଣଙ୍କର ମଦନ-ପରିଚର୍ଯ୍ୟା ଲୌକିକ ଭାବଦ୍ୟୋତକ ନୁହେଁ । ଗୋପାଙ୍ଗନାଙ୍କର ସୁରତକେଳି ମଧ୍ୟ ପାର୍ଥିବ ଭୋଗବିଳାସ ନୁହେଁ । ଏହା ହେଉଛି ଆତ୍ମା-ପରମାତ୍ମାଙ୍କର ନିତ୍ୟ ନିମ୍ନତ ସୁରତିଲୀଳା । ଏହି କାରଣରୁ ଭାଗବତରେ ବର୍ଣ୍ଣନା ଅଛି :

---

୬୨. କୃଷ୍ଣଙ୍କୁ କାନ୍ତପଣେ ପାଇ । ଗୋପୀ ରମିଲେ ତୋଷହୋଇ ।
ହରିର କଣ୍ଠେ ଭୁଜଦେଇ । ତୋଷେ ରମିଲେ ଗୀତଗାଇ ।
—୩୪ଶ ଅଧ୍ୟାୟ—

"ଗୋପ ଅବଳାଗଣ ସଙ୍ଗେ । ହରି ରମିଲେ ଆତ୍ମାରଙ୍ଗେ ।
ଯାହାର ନାହିଂ ରସଚ୍ୟୁତ । ଅଚ୍ୟୁତ ନାମ ଆଦି ଅନ୍ତ ।"

—୩୪ଶ ଅଧ୍ୟାୟ—

ଅତଏବ ଶ୍ରୀକୃଷ୍ଣ ଓ ଗୋପରମଣୀମାନଙ୍କର ସୁରତଲୀଳା ଓ ମଦନଚର୍ଯ୍ୟା ରାସପଞ୍ଚାଧ୍ୟାୟୀରେ ଯେପରି ବର୍ଣ୍ଣିତ ହୋଇଅଛି ତାହା ପ୍ରାକୃତ ମଦନ-ପରିଚର୍ଯ୍ୟାର ବ୍ୟଂଜନା ମଧ୍ୟ ଦେଇ ଅପ୍ରାକୃତ ପ୍ରେମଲୀଳାର ଉଦ୍‌ବୋଧକ ଓ ଶୁଦ୍ଧାଭକ୍ତିର ପ୍ରବୋଧକ ।

## 'ରାସପଞ୍ଚାଧ୍ୟାୟୀ'ରେ ତତ୍ତ୍ୱ ଓ ଦର୍ଶନ :

'ରାସପଞ୍ଚାଧ୍ୟାୟୀ' ଶ୍ରୀମଦ୍ଭାଗବତର ମୁକୁଟମଣି ସଦୃଶ । ଏହା କାବ୍ୟରସରେ ଯେପରି ରସସ୍ନିଗ୍ଧ, ଚିରନ୍ତନ ପ୍ରେମାନୁଭୂତିରେ ଯେପରି ଉଚ୍ଛ୍ୱଳ, ପ୍ରେମବିଦଗ୍ଧା ନାୟିକାମାନଙ୍କର ଅଶ୍ରୁ ଓ ଶୋକୋଚ୍ଛ୍ୱାସରେ ଯେପରି ହୃଦୟସ୍ପର୍ଶୀ ସେହିପରି ଆଧ୍ୟାତ୍ମିକ ତତ୍ତ୍ୱ ଓ ଦର୍ଶନରେ ଭାବ-ଗମ୍ଭୀର । ଏଥିରେ ଯେପରି କବିତ୍ୱ-ସଂଗୀତ ଓ ନାଟକୀୟତାର ହୋଇଛି ତ୍ରିବେଣୀ ସଂଗମ ସେହିପରି ତତ୍ତ୍ୱ-ଦର୍ଶନ ଓ ପ୍ରେମର ମଧ୍ୟ ହୋଇଛି ଅପୂର୍ବ ସମନ୍ୱୟ । ଲୌକିକ ଭାବରେ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନଙ୍କର ପ୍ରେମ-ମିଳନ-ବିଚ୍ଛେଦକୁ ବର୍ଣ୍ଣନା କରି ସେଥିରେ ମାନବୀୟତା ଆରୋପ କଲେହେଁ ତାହା ମାନବୀୟ ହୋଇ ମଧ୍ୟ ଉଚ୍ଚତର ଆଧ୍ୟାତ୍ମିକ ଦ୍ୟୁତିର ପ୍ରକାଶକ । ସେହି ପ୍ରେମ ସାଧାରଣ ନରନାରୀର ପ୍ରେମ-ଚର୍ଯ୍ୟା ନୁହେଁ; ତାହା ଦିବ୍ୟ ପ୍ରେମ;—ପ୍ରକୃତି ଓ ପୁରୁଷର ନିତ୍ୟ ଲୀଳା । ଲୋକଦୃଷ୍ଟିରେ ଏହା ଦେହଜ ପରି ମନେହେଲେ ହେଁ ପ୍ରକୃତରେ ଏହା ଦେହଜ ନୁହେଁ । ଦେହାତୀତ ଅତୀନ୍ଦ୍ରିୟ ଲୀଳାମାଧୁର୍ଯ୍ୟର ଏହା ଲଳିତ ପ୍ରକାଶ ।

ଶ୍ରୀକୃଷ୍ଣ ପରମାତ୍ମା । ଶ୍ରୀମଦ୍‌ଭାଗବତରେ ତାଙ୍କୁ ସର୍ବ କଳାର ଅଧିକାରୀ କୁହାଯାଇଅଛି । (୬୩) ସେ ଆଦି ଏବଂ ଅନାଦି । ଯୁଗେ ଯୁଗେ ସେ ଅଧର୍ମ ବିନାଶ କରି ଧର୍ମ ସଂସ୍ଥାପନ ନିମିତ୍ତ ଅବତାର ଗ୍ରହଣ କରନ୍ତି । ଦୁଷ୍ଟମାନଙ୍କୁ ନିଧନ କରି

୬୩ : ଏତେ ଚାଂଶ କଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍ ।'
ସଂ — ଭାଗବତ — ୧ । ୩ । ୨୮

ଭକ୍ତମାନଙ୍କୁ ରକ୍ଷା କରନ୍ତି । (୭୪) ମନୁଷ୍ୟ ଅଂଶରେ ସେ ଶ୍ରୀକୃଷ୍ଣ ଅବତାର ଗ୍ରହଣ କଲେ । ତାଙ୍କର ଜନ୍ମ ବଧ ନାହିଁ । ଶୁଭ ଅଶୁଭ ତାଙ୍କୁ ଲାଗେ ନାହିଁ ।

"ମନୁଷ୍ୟ ଅଂଶେ ଜାତ ହୋଇ । ଅଶେଷ ବ୍ରହ୍ମାଣ୍ଡ ଗୋସାଇଁ ।
ଅଧର୍ମ ନାଶିବାର ଆଶେ । ଜନ୍ମ ହୋଇଲେ ଯଦୁବଂଶେ ।

× × ×

ଯାହାର ବଧ ମୋକ୍ଷ ନାହିଁ । ଇଚ୍ଛା ସପଦେ ଯାର ଦେହି ।
ଗୋପୀ ଗୋପାଳ ଆଦିକରି । ଯେ ଜନ ଜୀବନ ଆବୋରି ।
ଭଗତଜନ ତାରିବାରେ । ଯେ ଜାତ ମନୁଷ୍ୟ ଶରୀରେ ।"

— ୩୪ଶ ଅଧ୍ୟାୟ —

ଶ୍ରୀକୃଷ୍ଣ ଅନନ୍ତ ଅନ୍ତର୍ଯ୍ୟାମୀ । ତାଙ୍କର ଆଦେଶରେ ବ୍ରହ୍ମାଣ୍ଡ ହୋଇଅଛି । ତାଙ୍କର ବଂଶୀନାଦ ଶୁଣି ଗୋପୀମାନେ ଉଚାଟିତ ହୋଇ ଗୃହତ୍ୟାଗ କରି ଆସିଛନ୍ତି । ଗୋପାଳମାନେ ସେମାନଙ୍କର ପଥରୋଧ କରନ୍ତେ ଦାସବତ୍ସଳ ଭଗବାନ ସେମାନଙ୍କ ମନ ବିମୋହିତ କରିଦେଲେ । ଏଥର ଗୋପୀମାନେ କୁଂଜବନକୁ ଗମନ କଲେ । କୌଣସି ଏକ କ୍ଷୀଣଦେହୀ ଗୋପୀ ଯାଇ ନପାରି ସ୍ୱାମୀଙ୍କଠାରୁ ଗୃହରେ ବନ୍ଦୀ ହୋଇ ଯନ୍ତ୍ରଣା ଲଭ କଲା । ଶ୍ରୀକୃଷ୍ଣଙ୍କୁ ଧ୍ୟାନ କରି ସେ ଜୀବନ ହରାଇଦେଲା । ସେ ଶ୍ରୀକୃଷ୍ଣଙ୍କ ସହିତ ମିଶିଯାଇ ମୋକ୍ଷ ଲଭିକଲା । ଶ୍ରୀକୃଷ୍ଣଙ୍କ ସହିତ ଶତ୍ରୁତା କରି ଶିଶୁପାଳ ମୋକ୍ଷ ପାଇଥିଲା । ତାଙ୍କୁ ପ୍ରିୟପଣେ ସେବାକରି ଗୋପୀ ମଧ୍ୟ ମୁକ୍ତି ଲଭ କଲା । ଏହି ପ୍ରସଙ୍ଗରେ ଭାଗବତରେ ବର୍ଣ୍ଣନା ଅଛି :

ଭଗତ ତାରିବାର ଆଶେ । ବ୍ରହ୍ମ ପ୍ରକାଶି ଅଛି ଅଂଶେ ।
ନିର୍ଗୁଣ ହୋଇ ଗୁଣବନ୍ତ । ଦାସବତ୍ସଳ ଗୋପୀନାଥ ।
ତାହାର ନାହିଁ କାମକ୍ରୋଧ । ସୁହୃଦେ ସ୍ନେହକଇ ସ୍ୱଭାବ ।
ଯାହାର ମନ ହୋଏ ଲୟେ । ସେ ପ୍ରାଣୀ ପଶେ କୃଷ୍ଣ ଦେହେ ।

— ୩୦ଶ ଅଧ୍ୟାୟ —

ଶ୍ରୀକୃଷ୍ଣ 'ମହାମହିମ ଯୋଗେଶ୍ୱର ।' ସେ ଅବତାର ଗ୍ରହଣ କରିଥିଲେ ମଧ୍ୟ ସାଧାରଣ ମଣିଷ ନୁହନ୍ତି । ତାଙ୍କରଠାରେ ଯିଏ ମନବୁଦ୍ଧିକୁ ସମ୍ପୂର୍ଣ୍ଣ ଭାବରେ

---

୭୪ । ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୂନାଂ ବିନାଶାୟଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।

— ଶ୍ରୀମଦ୍‌ଭଗବଦ୍ ଗୀତା-୪ର୍ଥ ଅଧ୍ୟାୟ ୭/୮

ସମର୍ପଣ କରିଦିଏ ସେ ତାଙ୍କୁ ଲାଭ କରେ । (୬୪) ତାଙ୍କଠାରୁ ଦୂରରେ ଥାଇ ଯିଏ ତାଙ୍କୁ କାୟମନୋବାକ୍ୟରେ ଚିନ୍ତା କରେ ସେ ତାଙ୍କର କରୁଣା ଲାଭ କରିବାକୁ ସମର୍ଥ ହୁଏ । ଅଥଚ ଯିଏ ତାଙ୍କ ପାଖରେ ଥାଇ ମଧ୍ୟ ତାଙ୍କୁ ଭଜନ କରନ୍ତି ନାହିଁ ସିଏ ତାଙ୍କ କରୁଣାରୁ ବଞ୍ଚିତ ହୁଅନ୍ତି । (୬୫) ଭଗବାନଙ୍କୁ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଏହି ଚାରି ପ୍ରକାର ଲୋକେ ଭଜନ କରନ୍ତି । ଏମାନଙ୍କ ମଧ୍ୟରେ ଭକ୍ତିବିଶିଷ୍ଟ ଜ୍ଞାନୀ ଲୋକ ହିଁ ଶ୍ରେଷ୍ଠ । (୬୬) ସେ ନିଜକୁ ଭଗବାନଙ୍କ ଠାରେ ସମ୍ପୂର୍ଣ୍ଣ ସମର୍ପଣ କରିଦେଇଥାଏ । ତା' ଭିତରେ ଶୁଦ୍ଧ ନିର୍ଗୁଣ ଭକ୍ତି ଜାଗ୍ରତ ହୁଏ । ଫଳରେ ସେ ସାର୍ଷ୍ଟି, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟ ମୁକ୍ତିକୁ ତୁଚ୍ଛ ମନେକରେ । (୬୭ ଭଗବାନ ଯୋଗମାୟା ଦ୍ୱାରା ସମାବୃତ ହୋଇଥିବାରୁ

---

୬୪ । ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢ଼ ନିଶ୍ଚୟଃ
ମୟ୍ୟର୍ପିତମନୋବୁଦ୍ଧି ର୍ଯୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ । ୧୪ ।
ଶ୍ରୀମଦ୍‌ଭଗବଦ୍ ଗୀତା — ଦ୍ୱାଦଶୋଽଧ୍ୟାୟଃ

୬୫ । ଯେ ମୋତେ ଦୂରେ ଥାଇ ଚିନ୍ତି । ମନ ବଚନ ମୋତେ ଧ୍ୟାନ୍ତି ।
ବେଗେ ହୁଅନ୍ତି ଭବୁଂ ପାର । ଖଣ୍ଡଇ ଭ୍ରମ ତାହାଙ୍କର ।
ଯେ ମୋର ନିକଟେ ରହଇ । ସେ ପ୍ରାଣୀ ମୋତେ ନ ଭଜଇ ।
ମାୟାରେ ହୋଇ ଛନ ଛନ । ବିଷୟାନଳେ ଥାଇ ମନ ।
ସେ ମୋତେ ପାଇବେ କେମନ୍ତେ । ହସି ବୋଲନ୍ତି ଗୋପୀନାଥେ ।
— ଭାଗବତ-୩୦ଶ ଅଧ୍ୟାୟ

୬୬ । ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ
ଆର୍ତ୍ତୋଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ।
ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକ ଭକ୍ତିର୍ବିଶିଷ୍ୟତେ
ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ।
— ଶ୍ରୀମଭଗବଦ୍ ଗୀତା — ୭ମ ଅଧ୍ୟାୟ — ୧୬/୧୭

୬୭ । ଅହୈତୁକ୍ୟ ବ୍ୟବହିତା ଯା ଭକ୍ତି ପୁରୁଷୋତ୍ତମ
ସାଲୋକ୍ୟ ସାର୍ଷ୍ଟି ସାମୀପ୍ୟ ସାରୂପୈକତ୍ୱ ମପ୍ୟୁତ
ଦୀୟମାନଂ ନ ଗୃହ୍ଣନ୍ତି ବିନା ମତ୍ ସେବନଂ ଜନାଃ
ସ ଏବ ଭକ୍ତି ଯୋଗାଖ୍ୟ ଆତ୍ୟନ୍ତିକ ଉଦାହୃତଃ ।
— ଭାଗବତ ୩।୨୯।୧୦ —

ତାଙ୍କର ସ୍ୱରୂପ ଜ୍ଞାନ ସମ୍ପର୍କରେ ମୂଢ଼ ଲୋକେ ଅବହିତ ହୁଅନ୍ତି ନାହିଁ । (୬୮) ଯେତେବେଳେ ବ୍ୟକ୍ତି ସକଳ ପ୍ରକାର ଅହଂକାର—ଅଭିମାନକୁ ତ୍ୟାଗ କରି ନିଜକୁ ଭଗବାନଙ୍କଠାରେ ସମ୍ପୂର୍ଣ୍ଣ ସମର୍ପଣ କରିଦିଏ ସେତେବେଳେ ସେ ଭଗବାନଙ୍କ କରୁଣା ଲାଭ କରେ । ଗୋପାଙ୍ଗନାମାନେ ଶୁଦ୍ଧା ରାଗାନୁଗା ଭକ୍ତିମାର୍ଗରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଭଲ ପାଇଛନ୍ତି ପ୍ରିୟତମ ଭାବରେ । ତଥାପି ସେମାନେ ଜାଣନ୍ତି ଶ୍ରୀକୃଷ୍ଣ ଅନାଦି ପୁରୁଷ । ତାଙ୍କରଠାରେ ସେମାନେ ନିଜ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଇ ଅଛନ୍ତି । ତେଣୁ ସେମାନେ କହିଛନ୍ତି :

"ତୁ ନୋହୁ ଯଶୋଦା ନନ୍ଦନ । ଅନାଦି ଜ୍ୟୋତି ନିରଞ୍ଜନ ।
ଆମ୍ଭେ ଅଭାଗୀ ଦୁଃଖୀ ନାରୀ । ଆଉ କି ଯିବୁ ଗୋପପୁରୀ ।
ଛାଡ଼ିଲୁ ବିଷୟୀ ବିଷାଦ । ପାଇ ତୋହର ପଦ୍ମପାଦ ।
ଆମ୍ଭନ୍ତ ତେଜୁ କାହିଂ ପାଇଂ । ତୋ ତହୁଂ ଅନ୍ୟ ଗତି ନାହିଂ ।
ତୋ ପାଦ ପଙ୍କଜର ମୂଳେ । ଗ୍ୟାଂନୀ ଚନ୍ତନ୍ତି ଅନ୍ତକାଳେ ।
ସେ ପାଦପଦ୍ମ ଆମ୍ଭେ ପାଇ । କାହିଁକ ଯିବୁ ଭବଗ୍ରାସୀ ।
ତୋହର ପାଇଁ ଦାମୋଦର । ଛାଡ଼ିଲୁ ପତି ସୁତ ଘର ।
ଭଜନ୍ତି ଯେ ତୋହୋର ନାମ । ତାହାଙ୍କୁ ନାହିଂ ଦୁଃଖ ଶ୍ରମ ।

× × × ×

ତୁ ଯେ ସକଳ ପ୍ରାଣୀଙ୍କର । ଦେହ ଜୀବନର ଠାକୁର ।
ଯେ ପ୍ରାଣୀ ତୋହୋରେ ଭଜଇ । ତାହାର ଜନ୍ମ ବଧ ନାହିଂ ।
ଅନେକ ପୁଣ୍ୟ କରିଥିଲେ । ତୋ ନାମ ଧରି ଅନ୍ତକାଳେ ।
ଅଭୟ ବ୍ରହ୍ମେ ସେ ପଶନ୍ତି । ଆମ୍ଭର ନାହିଂ ମନେ ଭ୍ରାନ୍ତି ।

—୩୦ଶ ଅଧ୍ୟାୟ—

ଭାଗବତର ଗୋପାଙ୍ଗନାମାନେ ସ୍ପଷ୍ଟ ଭାବରେ ଜାଣନ୍ତି ଶ୍ରୀକୃଷ୍ଣ ପରମପୁରୁଷ । ସେ ଅନାଦି । ସେ ଅବ୍ୟକ୍ତ । ସେ ନିର୍ଗୁଣ । ତଥାପି ସେମାନେ ତାଙ୍କୁ ପ୍ରିୟତମ ଭାବରେ ଭଲପାଇଛନ୍ତି । ଏହି ଭଲପାଇବା ବା ଅନୁରାଗ ଶାସ୍ତ୍ରାଦି ଶାସନ ଭୟରୁ ଜାତ ହୋଇ ନାହିଁ । ତେଣୁ ଏହା ବୈଧୀ ଭକ୍ତି ନୁହେଁ ।ଭଗବାନଙ୍କୁ ଗଭୀର ଭାବରେ

---

୬୮ ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟା ସମାବୃତଃ
ମୂଢ଼ୋଽୟଂ ନାଭିଜାନାତି ଲୋକୋମାମଜମବ୍ୟୟମ୍ । ୨୫ ।
—ଶ୍ରୀମଦ୍‌ଭଗବଦ୍ ଗୀତା—୭ମ ଅଧ୍ୟାୟ—

ଭଲ ପାଇବା ଅନୁରାଗରୁ ଏହି ଭକ୍ତି ସଞ୍ଜାତ । ତେଣୁ ଏହା ରାଗାନୁଗା । (୭୯) ଗୋପାଙ୍ଗନାମାନେ ଏହି ରାଗାନୁଗା ମାର୍ଗର ଭକ୍ତ । ତେବେ ଶ୍ରୀଚୈତନ୍ୟ ପ୍ରବର୍ତ୍ତିତ ଶୁଦ୍ଧାଭକ୍ତି ମାର୍ଗର ଗୋପାଙ୍ଗନାମାନେ ଭାଗବତର ଗୋପାଙ୍ଗନାମାନଙ୍କଠାରୁ ସ୍ୱତନ୍ତ୍ର । ଯଦିଓ ଉଭୟ ମାର୍ଗର ଗୋପାଙ୍ଗନା ଶ୍ରୀକୃଷ୍ଣଙ୍କୁ ପ୍ରିୟତମ ଭାବରେ ଭଲ ପାଇ ତାଙ୍କଠାରେ ସଂପୂର୍ଣ୍ଣ ସମର୍ପଣ କରିଅଛନ୍ତି ତଥାପି ଭାଗବତରେ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଯେପରି ଅନାଦିପୁରୁଷ ଭାବରେ ଚିନ୍ତା କରି ତାଙ୍କ ସ୍ମରଣ-ଭଜନ-କୀର୍ତ୍ତନ କରିଅଛନ୍ତି ସେପରି ଚୈତନ୍ୟ ପ୍ରବର୍ତ୍ତିତ ମାର୍ଗରେ ଦେଖିବାକୁ ମିଳେ ନାହିଁ । ଅନାଦିପୁରୁଷଙ୍କ ସହିତ ରତିକେଳି କରି ଭାଗବତର ଗୋପୀମାନେ ଆନନ୍ଦିତ ହୋଇଅଛନ୍ତି । ସେହି ରତିକେଳି ବେଳେ ଶ୍ରୀକୃଷ୍ଣ ମାୟାରେ ଷୋଳ ସହସ୍ର ରୂପ ଧାରଣ କଲେ । ଯେତେବେଳେ ଶ୍ରୀକୃଷ୍ଣ ଗୋପାଙ୍ଗନାମାନଙ୍କୁ ଘନଘଂଚ ବନାନ୍ତରେ ଛାଡ଼ିଦେଇ ଅନ୍ତର୍ଦ୍ଧାନ ହୋଇଗଲେ ସେତେବେଳେ ସେମାନେ କାନ୍ଦି କାନ୍ଦି ପ୍ରିୟତମ ଶ୍ରୀକୃଷ୍ଣଙ୍କୁ ଖୋଜିଅଛନ୍ତି । ଶ୍ରୀକୃଷ୍ଣଙ୍କର ଲୀଳା ସ୍ମରଣ କରି ନିଜେ ନିଜେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଅଛନ୍ତି । ଶ୍ରୀକୃଷ୍ଣଙ୍କ ଚରଣ-କମଳରେ ମନ ଦେଇ ମରଣପଥକୁ ଆବୋରି ଅଛନ୍ତି । ସେମାନେ ସମସ୍ତେ କହିଛନ୍ତି !

'ଆମ୍ଭ ଜୀବନ ଅଟୁ ତୁହି । ତୋ ତହୁଂ ଅନ୍ୟଗତି ନାହିଂ ।'
—୩୨ଶ ଅଧ୍ୟାୟ

'ତୁ ନୋହୁ ଯଶୋଦାକୁମର । ଜୀବନ ଅଟୁ ପ୍ରାଣୀଙ୍କର ।
ସକଳ ଜନ୍ତୁ ହୃଦେ ଥାଇ । ଅନ୍ତର ଜାଣୁ ଭାବଗ୍ରାହୀ ।
ତୋତେ ଚିନ୍ତିଲା ବେଦବର । ନାଶିଲୁ ଅବନୀର ଭାର ।
ତେଣୁ ଯାଦବ କୁଳେ ଜାତ । ତୋହୋର ନାହିଂ ଆଦିଅନ୍ତ ।
ଭୋ ବୃଷ୍ଣି ବଂଶ ଚୂଡ଼ାମଣି । ଆମ୍ଭର ଶିରେ ଦିଅ ପାଣି ।
ତୋହୋର କର ବ୍ରହ୍ମ ରାଶି । ଜନ୍ମ ମରଣ ଭୟ ନାଶି ।''
୩୨ଶ ଅଧ୍ୟାୟ—

ଗୋପାଙ୍ଗନାମାନେ ଯେପରି ଭାବରେ ଶ୍ରୀକୃଷ୍ଣଙ୍କୁ ସ୍ତୁତି କରିଅଛନ୍ତି ତାହା ଶ୍ରୀକୃଷ୍ଣଙ୍କର ଅନାଦିତ୍ୱ - ଅନନ୍ତତ୍ୱ ଓ ବିଭୁତ୍ୱର ପରିଚୟ ପ୍ରଦାନ କରେ । ଜଗତ କଲ୍ୟାଣ ପାଇଁ ତାଙ୍କର ଅବତାରତ୍ୱ ମଧ୍ୟ ଏଥିରୁ ସୂଚିତ ହୋଇଥାଏ । ସେହି ଶ୍ରୀକୃଷ୍ଣ ପୁଣି ଭାବଗ୍ରାହୀ ।

---

୭୯ । ଇଷ୍ଟେସ୍ୱାରସିକୀ ରାଗଃ ପରମାବିଷ୍ଟତା ଭବେତ୍
ତନ୍ମୟୀଯା ଭବେତ୍ ଭକ୍ତିଃ ସାତ୍ର ରାଗାତ୍ମିକୋଦିତା ।
ରାଗାତ୍ମିକା ମନୁସୃତ୍ୟ ଯା ସା ରାଗାନୁଗୋଚ୍ୟତେ ।
—ଭକ୍ତିରସାମୃତ ସିନ୍ଧୁ —

ସେ ଭାବକୁ ନକଟ । ଅଷ୍ଟାଙ୍ଗ ଯୋଗ, ଜ୍ଞାନ, ସ୍ୱାଧ୍ୟାୟ, ତପସ୍ୟା, ସନ୍ନ୍ୟାସ ବା ବେଦାଧ୍ୟୟନଦ୍ୱାରା ତାଙ୍କୁ ଲାଭ କରିହୁଏ ନାହିଁ । ଭକ୍ତିଦ୍ୱାରା ତାଙ୍କୁ ଲାଭ କରିହୁଏ । (୭୦) ଗୋପାଙ୍ଗନାମାନେ ତାଙ୍କୁ ଭକ୍ତି କରିଅଛନ୍ତି । ତାଙ୍କୁ ପ୍ରିୟତମ ଭାବରେ ଭଲ ପାଇଛନ୍ତି । ଆପଣା ଆପଣା ପିନ୍ଧିଲା ବସନରେ ବସାଇ ଅଛନ୍ତି । ଅଥଚ ଯୋଗୀମାନେ ତାଙ୍କୁ କଳ୍ପ କଳ୍ପ ଧରି ସାଧନା କରି ମଧ୍ୟ ପାଆନ୍ତି ନାହିଁ । ପ୍ରେମରେ ଭଗବାନଙ୍କୁ ଯିଏ ଯାହା ଅର୍ପଣ କରେ ସେ ତାକୁ ଗ୍ରହଣ କରନ୍ତି । (୭୧) ଗୋପନାରୀମାନେ ଗଭୀର ଅନୁରାଗରେ ଶ୍ରୀକୃଷ୍ଣଙ୍କୁ ଯାହା ଅର୍ପଣ କରିଛନ୍ତି ସେ ତାକୁ ଗ୍ରହଣ କରିଅଛନ୍ତି । ଏପରିକି ତାଙ୍କର ପାଲଟା ଶାଢ଼ୀ ଉପରେ ସେ ଉପବେଶନ କରିଅଛନ୍ତି । ଏହିଠାରେ ପ୍ରେମତତ୍ତ୍ୱର ମୌଳିକ ପ୍ରଶ୍ନର ସମାଧାନ ହୋଇଅଛି । ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କଲେ :

"ଯାହାକୁ ଭାବେ ଯେ ଭଜଇ । ସେ କପାଂ ତାହାକୁ ଛାଡ଼ଇ ।
ହେ ନାଥ ତୋହୋର ପରାୟେ । ଭାବେ ନ ଭଜନ୍ତି ଥୋକାୟେ ।
ସେ ବେନିକୁଳ ନ ରଖନ୍ତି । ହେ ନାଥ ଫେଡ଼ ମନଭ୍ରାନ୍ତି ।"

ଏହି ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ କହିଲେ (କ) ଯେଉଁମାନେ ପ୍ରେମ କରୁଥିବା ଲୋକଙ୍କୁ ପ୍ରେମ କରନ୍ତି ତାହା ସ୍ୱାର୍ଥଜଡ଼ିତ । ଏଥିରେ ସୌହାର୍ଦ୍ଦ୍ୟ ନ ଥାଏ । (୭୨) ଭାବ ନ ଦେଖିଲେ ଏହି ପ୍ରେମ ଲୋପପାଏ । ଏହା ପ୍ରୟୋଜନ ସିଦ୍ଧ । (ଖ) ପ୍ରେମ ନ କରୁଥିବା ଲୋକଙ୍କୁ ଯିଏ ପ୍ରେମ କରେ, ଅର୍ଥାତ୍ ଭାବ ନ ଥିବା ଲୋକଙ୍କୁ ଭଜନ କରେ ତାର ପ୍ରେମ ଶ୍ରେଷ୍ଠ । ଏଥିରେ ସ୍ୱାର୍ଥ ନ ଥାଏ ; ଥାଏ ପରାର୍ଥ

---

୭୦. ନ ସାଧୟତି ମାଂ ଯୋଗୋ ନ ସାଂଖ୍ୟ ଧର୍ମ ଉଦ୍ଧବ
ନ ସ୍ୱାଧ୍ୟାୟସ୍ତପସ୍ତ୍ୟାଗୋ ଯଥା ଭକ୍ତିର୍ମମୋର୍ଜିତା ।
ସଂ — ଭାଗବତ — ୧୧ । ୧୪ । ୨୦ ।

୭୧. ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ । ୨୬ ।
—ଶ୍ରୀମଦ୍ଭଗବଦ୍ ଗୀତା — ନବମ ଅଧ୍ୟାୟ

୭୨. ଶୁଣ ସକଳ ଗୋପନାରୀ । ଯୋ ଯାହା ଭାବେ ପ୍ରୀତି କରି ।
ସ୍ନେହ ଆରେକ ଉପକାରେ । ଭଜନ୍ତି ସଂସାର ବେଭାରେ ।
ତହିଁ ସୁହୃଦ ପଣ ନାହିଂ । ଭାବ ନ ଦେଖିଲେ ଛାଡ଼ଇ ।
ଭାଗବତ — ୩୩ଶ ଅଧ୍ୟାୟ —

ଭାବ । (୭୩) ସେହି ବ୍ୟକ୍ତି ବିଷ୍ଣୁ ଚରଣ ଲାଭ କରେ । (ଗ) ଯିଏ ଆଦୌ କାହାରିକୁ ପ୍ରେମ କରେ ନାହିଁ ବା ଯାହାର ଭାବଭକ୍ତି ଆଦୌ ନାହିଁ, କେବଳ ଆତ୍ମଗର୍ବ ପ୍ରକାଶ କରନ୍ତି, ସେହି ବ୍ୟକ୍ତି ଗୁରୁଦ୍ରୋହ ପାପ ଲାଭ କରେ । ଉଭୟ ଲୋକରେ ସେ ସୁଖ ପାଏ ନାହିଁ । (୭୪) କିନ୍ତୁ ଯେଉଁମାନେ ଶ୍ରୀକୃଷ୍ଣଙ୍କୁ ଭକ୍ତି କରନ୍ତି, କୌଣସି ପ୍ରକାର କାମନା ନ ରଖି ତାଙ୍କୁ ଭଲ ପାଆନ୍ତି ଓ ତାଙ୍କଠାରେ ନିଜ ନିଜକୁ ସମର୍ପଣ କରିଦିଅନ୍ତି ସେ ସେମାନଙ୍କୁ ସଦାସର୍ବଦା ଭଜନ କରନ୍ତି । ଗୋପାଙ୍ଗନାମାନଙ୍କୁ ସେ ତେଣୁ କହିଛନ୍ତି :

'ଶୁଣ ଗୁଆଳୀ ସାବଧାନେ । ମୋତେ ଭଜନ୍ତି ଯେତେ ଜନେ ।
ତାହାଙ୍କୁ ଭଜୁଥାଇ ମୁହିଂ । ମୁହିଂ ସେ ଭଗତ ଜାଣଇଂ ।'

— ୩୩ଶ ଅଧ୍ୟାୟ —

ଶ୍ରୀକୃଷ୍ଣଙ୍କୁ ଯେଉଁମାନେ ଏକାଗ୍ର ଚିତ୍ତରେ ଭକ୍ତି କରନ୍ତି ସେମାନଙ୍କୁ ସେ ନାନା ଭାବରେ ପରୀକ୍ଷା କରନ୍ତି । ସେମାନଙ୍କଠାରୁ ସେ ଦୂରେଇ ରହି ସେମାନଙ୍କର ଭକ୍ତିର ପରାକାଷ୍ଠା କଳନା କରନ୍ତି । ଦରିଦ୍ର ଲୋକ ଧନପାଇଲେ ନିଜ ପ୍ରାଣରୁ ଅଧିକ ଯତ୍ନ ଦେଇ ଧନକୁ ରଖେ । ସେହି ଧନ ହଜିଗଲେ ସେ ସେହି ଧନରେ ମନ ଦେଇ କ୍ଷୁଧା ତୃଷା ଭୁଲି ଭାଳେଣି କରେ । ସେହିପରି ଶ୍ରୀକୃଷ୍ଣ ଭକ୍ତଙ୍କଠାରୁ ଦୂରେଇ ଯାଇ ସେମାନଙ୍କ ଚିତ୍ତର ଶୁଦ୍ଧତାକୁ ପରୀକ୍ଷା କରନଅନ୍ତି । ଗୋପାଙ୍ଗନାମାନଙ୍କଠାରୁ ସେ ଦୂରେଇ ଯାଇ ସେମାନଙ୍କର ଭକ୍ତିର ଗଭୀରତା ବା ନିର୍ମଳତାକୁ ଉପଲବ୍ଧି କଲେ ଓ ଅବଶେଷରେ ସେମାନଙ୍କ ମଧ୍ୟରେ ବିରାଜିତ ହୋଇ ରାସଲୀଳା କଲେ । ଗୋପରମଣୀମାନଙ୍କ ସହିତ ସେ ରମଣ ଲୀଳା କଲେ ହେଁ ତାଙ୍କର ରସଚ୍ୟୁତ ହେଲା ନାହିଁ । (୭୫) ସେ ତେଜବନ୍ତ । ସେ ନିଜ ମହିମାରେ ଆତ୍ମାରତ । ଅଗ୍ନିପରି

---

୭୩. ଭାବ ନ ଦେଖି ଯେ ଭଜଇ । ତାତ ଜନନୀ ପ୍ରାୟେ ହୋଇ ।
ତାହାକୁ ବୋଲି ବଡ଼ ଜଣ । ସେ ପାଇ ବିଷ୍ଣୁର ଚରଣ ।
— ଭାଗବତ — ୩୩ଶ ଅଧ୍ୟାୟ —

୭୪. ଥୋକେ ଭଗତ ନ ଭଜନ୍ତି । ଆତ୍ମ ବଡ଼ିମା ପ୍ରକାଶନ୍ତି ।
ସେ ଗୁରୁଦ୍ରୋହ ପାପ ପାଇ । ଉଭୟ ଲୋକେ ସୁଖ ନାହିଂ ।
— ୩୩ଶ ଅଧ୍ୟାୟ —

୭୫, ଗୋପ ଅବଳାଗଣ ସଙ୍ଗେ । ହରି ରମିଲେ ଆତ୍ମାରଙ୍ଗେ ।
ଯାହାର ନାହିଂ ରସଚ୍ୟୁତ । ଅଚ୍ୟୁତ ନାମ ଆଦିଅନ୍ତ ।
— ୩୪ଶ ଅଧ୍ୟାୟ —

ସେ ଦୋଷଗୁଣ ବିଗ୍ଭର କରନ୍ତି ନାହିଁ । ତାଙ୍କର ଲୀଳାକୁ ଲୌକିକ ଜୀବନରେ ଅନୁସରଣ କରିବା ଅର୍ଥ ନାଶ ହେବା । ସମୁଦ୍ର ମନ୍ଥନରୁ ଜାତ ବିଷକୁ କେବଳ ରୁଦ୍ର ହିଁ ଭକ୍ଷଣ କରିଥିଲେ । ପରକୀୟା ଦିବ୍ୟ ଲୀଳାକୁ କେବଳ ଶ୍ରୀକୃଷ୍ଣ ହିଁ କରିପାରନ୍ତି । ଏହି ଆଲୋଚନାରୁ ଶ୍ରୀକୃଷ୍ଣଙ୍କର ପରମତ୍ୱ ଓ ଅନନ୍ତତ୍ୱ ପ୍ରମାଣିତ ହୋଇଥାଏ । ସେ ପ୍ରେମଭକ୍ତିକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଥିବା ଜଣାଯାଏ । ତେଣୁ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାଙ୍କର ରତିକେଳି ଲୌକିକ ଭାବ ସଂବୋଧକ ନୁହେଁ ; ଏହା ଅଲୌକିକ ଦିବ୍ୟ ପ୍ରେମର ଉଦ୍‌ବୋଧକ ।

ଜଗନ୍ନାଥ ଦାସ ସଂସ୍କୃତ ଭାଗବତର କଥାବସ୍ତୁ ଓ ଶ୍ଳୋକକୁ ଅନୁବାଦ-ଅନୁସରଣ କରିଥିଲେହେଁ ଅନେକତ୍ର ସେ ମୂଳ ଶ୍ଳୋକକୁ ପରିବର୍ଜନ କରି ନୂତନ ବିଷୟରେ ସଂଯୋଜନା କରିଅଛନ୍ତି । ତେଣୁ ସେ ଶ୍ରୀକୃଷ୍ଣଙ୍କର ନାମରେ ସୃଷ୍ଟି କରିଛନ୍ତି ଭାବ ବୈଚିତ୍ର୍ୟ । ଯେତେବେଳେ ସେ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମରାଶି, ଚକ୍ରପାଣି, ନାରାୟଣ, ଭଗବାନ, ଦେବରାୟ, ଅନାଦି ଜ୍ୟୋତି ନିରଂଜନ, ଭାବଗ୍ରାହୀ, ଆଦିମୂଳ, ବେଦସାର, ପଦ୍ମନାଭ, ଅଶେଷ ବ୍ରହ୍ମାଣ୍ଡଠାକୁର, ଅଚ୍ୟୁତ ଆଦି ନାମରେ ସମ୍ବୋଧନ କରିଅଛନ୍ତି ସେତେବେଳେ ତାଙ୍କର ଅନାଦିତ୍ୱ ଓ ଅଣାକାରତ୍ୱକୁ ବ୍ୟଂଜିତ କରିଅଛନ୍ତି ଏବଂ ଯେତେବେଳେ ସେ ତାଙ୍କୁ ଶ୍ରୀକୃଷ୍ଣ, ଗୋବିନ୍ଦ, ବନମାଳୀ, ଯଶୋଦାନନ୍ଦନ, ଗୋପୀନାଥ, ଦାମୋଦର, ହରି, ନନ୍ଦନାନ, ନନ୍ଦବଳା, ମୁରାରି, ବେଣୁଧର, ପୀତବାସ, ବୃଷ୍ଣିବଂଶ ଚୂଡ଼ାମଣି ଆଦି ଭାବରେ ନାମିତ କରିଅଛନ୍ତି ସେତେବେଳେ ତାଙ୍କର ଅବତାରତ୍ୱ ସଂପର୍କରେ ସୂଚିତ ହୋଇଥିବା ଜଣାଯାଏ । ଏଥିରୁ ମଧ୍ୟ ଶ୍ରୀକୃଷ୍ଣଙ୍କର ଅନାଦିତ୍ୱ ଓ ଅବତାରତ୍ୱ ସଂପର୍କରେ ପରିଚୟ ମିଳେ ।

ଜଗନ୍ନାଥ ଦାସ ରାସପଞ୍ଚାଧ୍ୟାୟୀରେ ନାମ ଭକ୍ତି ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ଅବଶ୍ୟ ଏଥିରେ ଲକ୍ଷ୍ୟ, ଧ୍ୟାନ, ଭଜନ, ସ୍ମରଣ, କୀର୍ତ୍ତନ ଓ ଆତ୍ମସମର୍ପଣ କଥା ରହିଛି । କିନ୍ତୁ ନାମ ଭଜନ-ସ୍ମରଣ ଓ କୀର୍ତ୍ତନ ଗୁରୁତ୍ୱ ଲାଭ କରିଅଛି । କ୍ଷୀଣାଙ୍ଗୀ ଗୋପୀ ଧ୍ୟାନରେ ଶ୍ରୀକୃଷ୍ଣଙ୍କୁ ଦେଖି ପ୍ରାଣ ଛାଡ଼ି ଦେଇଛି । (୭୬) ଯିଏ ମନକୁ ଏକାଗ୍ର କରି ଲକ୍ଷ୍ୟ କରେ ସେ କୃଷ୍ଣଙ୍କୁ ଲାଭ କରେ । (୭୭) ଯିଏ ତାଙ୍କର

---

୭୬ । ଧ୍ୟାନେ ଦେଖିଲି ଭଗବାନ । ନିର୍ଭୟେ କଲି ଆଲିଙ୍ଗନ ।
— ୩୦ଶ ଅଧ୍ୟାୟ —

୭୭ । ଯାହାର ମନ ହୋଏ ଲକ୍ଷେ । ସେପ୍ରାଣୀ ପଶେ କୃଷ୍ଣ ଦେହେ ।
— ୩୦ ଅଧ୍ୟାୟ —

ନାମ ଭଜନ କରେ ତାର ଦୁଃଖ ରହେ ନାହିଁ । (୭୮) ତାଙ୍କର ନାମ ଧରି ଜୀବନର ଶେଷ କାଳରେ ବ୍ୟକ୍ତି ଅଭୟ ବ୍ରହ୍ମପଦ ଲାଭ କରେ । ଗୋପାଙ୍ଗନାମାନେ ତେଣୁ ତାଙ୍କର ନାମକୁ ଭରସା କରିଅଛନ୍ତି । ଯଦିଓ ସେମାନେ ଶ୍ରୀକୃଷ୍ଣଙ୍କୁ ପ୍ରିୟତମ ଭାବରେ ଭଲପାଇଅଛନ୍ତି, ବାରମ୍ବାର ସେମାନେ ତାଙ୍କର ପାଦପଦ୍ମର ଦାସୀ ରୂପେ ନିଜନିଜକୁ ପରିକଳ୍ପନା କରିଅଛନ୍ତି । ତାଙ୍କର ପାଦରୁ ସେମାନଙ୍କର ଅନ୍ୟଗତି ନାହିଁ । ତାଙ୍କ ପାଦସେବା ହିଁ ସେମାନଙ୍କର ସତେ ଯେପରି ପରମ ଲକ୍ଷ୍ୟ । ଦାସ୍ୟ ଭକ୍ତି ମଧ୍ୟ ଦେଇ ସେମାନଙ୍କର ରାଗାନୁଗା ଭକ୍ତି ଫୁଟି ଉଠିଛି । ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ପାଦସେବାକୁ ଯେପରି ଗୁରୁତ୍ୱ ଦେଇଛନ୍ତି ଏବଂ ସେହି ପଦ୍ମପାଦରେ ଯେପରି ନିଜନିଜକୁ ସମର୍ପଣ କରିଦେଇ ଅଛନ୍ତି ଭକ୍ତକବି ଜଗନ୍ନାଥ ଦାସ ମଧ୍ୟ ସେହିପରି ଶ୍ରୀକୃଷ୍ଣଙ୍କୁ ଅନ୍ୱେଷଣ କରିଅଛନ୍ତି ଓ ଅମୃତରସମୟ ହରିଚରିତରେ ତନ୍ମୟ ହୋଇଅଛନ୍ତି । ସେହି ଭଗବାନ ଶ୍ରୀକୃଷ୍ଣଙ୍କ ପାଦରେ ନିଜକୁ ସମର୍ପଣ କରିଦେଇ ଅଛନ୍ତି । ସେ ମଧ୍ୟ ନିଜକୁ କୃଷ୍ଣସେବକଙ୍କର ଦାସ ବୋଲି କଳ୍ପନା କରିଛନ୍ତି । ଏଥିରୁ ଜଗନ୍ନାଥ ଦାସଙ୍କର ବୈଷ୍ଣବୀୟ ବ୍ୟକ୍ତିତ୍ୱର ସୂଚନା ମିଳେ । ସେ ନିଜେ ଯୋଗପିଣ୍ଡିତ ଭକ୍ତିମାର୍ଗର ସାଧକ ହୋଇଥିବାରୁ ଧ୍ୟାନ, ଧାରଣା, ଲୟ, ସ୍ମରଣ, ପାଦସେବନ, ଶରଣ, ଏକାଗ୍ରତା, ସମର୍ପଣ, ଭଜନ, କୀର୍ତ୍ତନ ଉପରେ ଗୁରୁତ୍ୱ ଦେଇ-ଅଛନ୍ତି । ଏହା ସତ୍ତ୍ୱେ ଶୁଦ୍ଧାଭକ୍ତି ମାର୍ଗର ସେ ସମର୍ଥକ । ତେଣୁ ଗୋପାଙ୍ଗନାମାନଙ୍କୁ ସେ ରାଗାନୁଗା ଶୁଦ୍ଧାଭକ୍ତିମାର୍ଗୀ ରୂପେ ବର୍ଣ୍ଣନା କରି ତାଙ୍କର ଭିତରେ ଜ୍ଞାନଭକ୍ତିର ଉତ୍କର୍ଷ ଦେଖାଇ ଅଛନ୍ତି । ଅବଶ୍ୟ ଏହି ଚିନ୍ତାଧାରା ମୂଳ ସଂସ୍କୃତ ଭାଗବତରେ ଅଛି । କିନ୍ତୁ ଜଗନ୍ନାଥ ଦାସ ସେଥିରେ ମୌଳିକତା ଦେଖାଇ ଅଛନ୍ତି । ଅତଏବ ଜ୍ଞାନ ଓ ଶୁଦ୍ଧାଭକ୍ତିର ସମନ୍ୱୟ—ସମୀକରଣ ଓ ପରିଶେଷରେ ରାଗାନୁଗା ଭକ୍ତିର ଉତ୍କର୍ଷ ପ୍ରତିପାଦନ ରାସପଞ୍ଚାଧ୍ୟାୟୀର ଦାର୍ଶନିକ ନିର୍ଯ୍ୟାସ ।

ତାତ୍ତ୍ୱିକ ବସ୍ତୁର ଦୃଷ୍ଟିରୁ ବୃନ୍ଦାବତୀ ପ୍ରସଙ୍ଗକୁ କେହି କେହି ଶ୍ରୀରାଧାଙ୍କ ସହିତ ସମନ୍ୱିତ କରିଥାନ୍ତି । (୮୦) ମୂଳ ସଂସ୍କୃତ ଭାଗବତରେ ବୃନ୍ଦାବତୀ ପ୍ରସଙ୍ଗ ନାହିଁ । ସେଥିରେ ଜନୈକା ଗୋପୀ ସହିତ ଶ୍ରୀକୃଷ୍ଣଙ୍କର ଅନ୍ତର୍ଦ୍ଧାନ ପ୍ରସଙ୍ଗ ବର୍ଣ୍ଣିତ । ଏହି ଗୋପୀକୁ ସନାତନ ଗୋସ୍ୱାମୀ, ଜୀବ ଗୋସ୍ୱାମୀ ଓ ବିଶ୍ୱନାଥ ଚକ୍ରବର୍ତ୍ତୀ ପ୍ରମୁଖ

---

୭୮ । ଭଜନ୍ତି ଯେ ତୋହୋର ନାମ । ତାହାଙ୍କୁ ନାହିଁ ଦୁଃଖ ଶ୍ରମ ।

— ୩୦ଶ ଅଧ୍ୟାୟ —

ଯେ ପ୍ରାଣୀ ତୋହୋରେ ଭଜଇ । ତାହାର ଜନ୍ମ ବଧ ନାହିଂ ।

— ୩୦ଶ ଅଧ୍ୟାୟ —

୮୦ । ଅଧ୍ୟାପିକା କେତକୀ ନାୟକ—'କୋଣାର୍କ'—ପଞ୍ଚସଖା ବିଶେଷାଙ୍କ ପୃ. ୧୬୪

ରାଧା ଭାବରେ ଗ୍ରହଣ କରିଅଛନ୍ତି । ମୂଳ ସଂସ୍କୃତ ଭାଗବତରେ ଥିବା 'ବଧ୍ୱାଃ ପଦୈଃ' (୮୧)କୁ ନେଇ ଗୌଡ଼ୀୟ ବୈଷ୍ଣବମାନେ ରାଧା ଅର୍ଥ କରିଛନ୍ତି । ସନାତନ ଗୋସ୍ୱାମୀ ଜୀଙ୍କର 'ବୃହଦ୍ତୋଷିଣୀ' ନାମକ ଟୀକାରେ "ଗୋକୁଲେ ବଧୂତ୍ୱେନ ପ୍ରସିଦ୍ଧାୟାଃ ଶ୍ରୀରାଧାୟା ଏବ" ରୂପେ ଉଲ୍ଲେଖ କରିଛନ୍ତି ଏବଂ ଶ୍ରୀ ଜୀବ ଗୋସ୍ୱାମୀ ମଧ୍ୟ ତାଙ୍କର 'ବୈଷ୍ଣବ ତୋଷିଣୀ' ଗ୍ରନ୍ଥରେ ଏହାକୁ ସମର୍ଥନ କରି ଲେଖିଛନ୍ତି—"ବଧ୍ୱାଃ ଶ୍ରୀରାଧାୟାସ୍ତସ୍ୟା ଏବ ପରମସୌଭାଗ୍ୟବତୀତ୍ୱେନ ସ୍ଥାପୟିଷ୍ୟମାଣତ୍ୱାତ୍ ।" ପୁନଶ୍ଚ ଶ୍ରୀମଦ୍ଭାଗବତର—"ଅନୟାରାଧିତୋ ନୂନଂ ଭଗବାନ୍ ହରିରୀଶ୍ୱରଃ" (୮୨) ଶ୍ଳୋକରେ ଥିବା 'ଅନୟାରାଧିତଃ' ଶବ୍ଦରେ ରାଧା ସୂଚିତ ହେଉଛି ବୋଲି ସନାତନ ଗୋସ୍ୱାମୀ 'ବୃହଦ୍ତୋଷିଣୀ' ଗ୍ରନ୍ଥରେ ଉଲ୍ଲେଖ କରିଅଛନ୍ତି—"ଅନୟା ଏବ ଆରାଧିତଃ ଆରାଧଃ ବଶୀକୃତଃ ନ ତୁ ଅସ୍ମାଭିଃ ଅନ୍ୟଥା ଅସ୍ମାକମେତଦ୍ବିରହାତ୍ୟାଦ୍ୟସମ୍ଭବଃ ରାଧୟତି ଆରାଧୟତୀତି ଶ୍ରୀରାଧେତି ନାମକରଣଂ ଚ ଦର୍ଶିତମ୍ ।" ସନାତନ ଗୋସ୍ୱାମୀ ହିଁ ସର୍ବପ୍ରଥମେ ଭାଗବତର ଆଲୋଚ୍ୟ ଦୁଇ ଶ୍ଳୋକରୁ ରାଧାଙ୍କୁ ଉଦ୍‌ଘାଟନ କରିଅଛନ୍ତି ଏବଂ ତାଙ୍କର ମତକୁ ଅନ୍ୟାନ୍ୟ ବୈଷ୍ଣବ ଗୋସ୍ୱାମୀଗଣ ଗ୍ରହଣ କରି ନେଇଅଛନ୍ତି । କୃଷ୍ଣଦାସ କବିରାଜ ମଧ୍ୟ ଚୈତନ୍ୟ ଚରିତାମୃତରେ ଏହାକୁ ସମର୍ଥନ କରିଛନ୍ତି ।

'କୃଷ୍ଣ ବାଞ୍ଛା ପୂର୍ତ୍ତିରୂପ କରେ ଆରାଧନେ
ଅତଏବ ରାଧିକା ନାମ ପୁରାଣେ ବଖାନେ ।'

ଶ୍ରୀମଦ୍ଭାଗବତର ମୂଳ ଶ୍ଳୋକରେ ଶ୍ରୀରାଧାଙ୍କ ନାମ ନ ଥିଲାବେଳେ ବୈଷ୍ଣବ ଗୋସ୍ୱାମୀଗଣ ସେଥିରୁ ଶ୍ରୀରାଧାଙ୍କ ନାମ ବାହାର କରିଅଛନ୍ତି । ଜଗନ୍ନାଥ ଦାସ ଓ ଅଚ୍ୟୁତାନନ୍ଦ ଦାସ ଶ୍ରୀରାଧାଙ୍କ ପରିବର୍ତ୍ତେ ବୃନ୍ଦାବତୀଙ୍କ ନାମ ଉଲ୍ଲେଖ କରିଛନ୍ତି । ହରିବଂଶରେ ବୃନ୍ଦାବତୀ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପାଇବା ପାଇଁ ପୂର୍ବ ଜନ୍ମରେ ତପସ୍ୟା କରିଥିଲା ବୋଲି ଉଲ୍ଲେଖ ଅଛି । (୮୩) ଜଗନ୍ନାଥ ଦାସ ମଧ୍ୟ ସେହି

---

୮୧ । ତୈସ୍ତୈଃ ପଦୈସ୍ତତ୍ପଦବୀମନ୍ୱିଚ୍ଛନ୍ତ୍ୟୋଽଗ୍ରତୋଽବଲାଃ
ବଧ୍ୱାଃ ପଦୈଃ ସୁପୃକ୍ତାନି ବିଲୋକ୍ୟାର୍ତ୍ତାଃ ସମବ୍ରୁବନ୍ ।
୧୦ । ୩୦ । ୨୭

୮୨ । ଶ୍ରୀମଦ୍ଭାଗବତ—୧୦ । ୩୦ । ୨୮

୮୩ । ବୃନ୍ଦାବତୀ ବୋଲି ଏକ ଗୋପର ଝିଆରି
କୃଷ୍ଣଙ୍କର ନାମ ସଦା ହୃଦ ମଧ୍ୟେ ଭାଳି ।
ଶୟନେ ଭୋଜନେ ସ୍ୱପ୍ନେ ଜାଗ୍ରତେ ଭଜଇ
ଗତ ଜନ୍ମେ ହରିଙ୍କି ସେ ତପରେ ମନାଇ ।
ପତି କରିବା ସକାଶେ କଲା ବହୁ ତପ
ତା ତପେ ସନ୍ତୋଷ ହେଲେ ପ୍ରଭୁ ପରନ୍ତପ ।
ହରିବଂଶ—ଓଡ଼ିଆ ଖଣ୍ଡ

ବୃନ୍ଦାବତୀଙ୍କୁ ଗ୍ରହଣ କରିଅଛନ୍ତି । ଡକ୍ଟର କୃଷ୍ଣଚରଣ ସାହୁ 'ଭାଗବତ ଚର୍ଚ୍ଚା' ପ୍ରବନ୍ଧରେ ବୃନ୍ଦାବତୀଙ୍କୁ ରାଧା ଭାବରେ ଗ୍ରହଣ କରି ନାହାନ୍ତି । କାରଣ ରାଧା ମହାଭାବ ସ୍ୱରୂପିଣୀ । ସେ ସର୍ବଗୋପୀ ଅଗ୍ରଗଣ୍ୟା । ତାଙ୍କର ଗର୍ବ ବା ଅଭିମାନ ନ ଥିଲା । ତେଣୁ ଗୋପୀଙ୍କର ଗର୍ବଭାବ ବା ବୃନ୍ଦାବତୀର ଶ୍ରୀକୃଷ୍ଣଙ୍କ ସ୍କନ୍ଧାରୋହଣ ପରି ଘଟଣା ଶ୍ରୀରାଧା ଚରିତ୍ରର ଅନୁକୂଳ ନୁହେଁ । ବରଂ ଏହି ଘଟଣା ପୁରାଣ-ବର୍ଣ୍ଣିତ ଜଳନ୍ଧରର ପତ୍ନୀ ବୃନ୍ଦାବତୀ ହରଣ ଓ ମସ୍ତକରେ ବସାଇବା ପାଇଁ ଶ୍ରୀକୃଷ୍ଣଙ୍କର ପ୍ରତିଜ୍ଞା ଉପାଖ୍ୟାନକୁ ସୂଚାଇ ଦେଇଥାଏ । (୮୪) ଅତଏବ ଓଡ଼ିଆ ଭାଗବତର ବୃନ୍ଦାବତୀ ଜଗନ୍ନାଥ ଦାସଙ୍କର ଏକ ରସମୟ କାବ୍ୟିକ ପରିକଳ୍ପନା । ଏହି ଚରିତ୍ର ମାଧ୍ୟମରେ ବ୍ୟକ୍ତିମୁଖୀ ଗୋପୀ ହୃଦୟରୁ ଆତ୍ମ ଅଭିମାନ ଓ ଅହଂକାରକୁ ବିନିର୍ମୁକ୍ତ କରି ସମୂହ ଗୋପୀ ଜୀବନର ନିର୍ମଳ ପ୍ରେମଧାରାରେ ତାକୁ ଏକୀଭୂତ କରି ଏକ ଅଲୌକିକ ପ୍ରେମରସର ମହାପ୍ଲାବନ ସୃଷ୍ଟି କରିବାରେ ଭାଗବତକାର ଯେ ସମର୍ଥ ହୋଇଛନ୍ତି, ଏଥିରେ ସନ୍ଦେହ ନାହିଁ ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ରାସପଞ୍ଚାଧ୍ୟାୟୀ ଶ୍ରୀମଦ୍ଭାଗବତର ଜ୍ଞାନଯୋଗ ଓ କର୍ମଯୋଗ ମଧ୍ୟରେ ଭକ୍ତିଯୋଗର ଏକ ରମଣୀୟ ଚଉସ୍ପର୍ଶୀ ଫଲ୍ଗୁ । ଏହି ଫଲ୍ଗୁରେ ପରିଣତିରେ ଜ୍ଞାନ ମିଶି ଯାଇଛି । ମିଶିଯାଇଛି ମଧ୍ୟ କର୍ମ । ଫଳରେ ଏହା ସୃଷ୍ଟି କରିଛି ମହାଭାବ । ଏହି ମହାଭାବ ପ୍ରେମର ଲଳିତ ପ୍ରକାଶ । ତତ୍ତ୍ୱ ଓ ଦର୍ଶନର ରୁଦ୍ର କଠୋର ଭାବ କବିତ୍ୱ ଓ ରସପ୍ରବାହର ସୁକୁମାର ପରଶରେ ହୋଇ ଯାଇଛି କାନ୍ତ - କୋମଳ - କମନୀୟ । ପାର୍ଥିବ ଆବେଗ ଓ ଚରିତ୍ର- ସଂଘର୍ଷ କ୍ରମେ ଅପାର୍ଥିବ ସ୍ତରରେ ଲୀନ ହୋଇଯାଇ ଆଧ୍ୟାତ୍ମିକ ଦୀପ୍ତିରେ ହୋଇଛି ଉଦ୍‌ଭାସିତ । ସ୍ୱକୀୟା - ପରକୀୟାର ଦ୍ୱନ୍ଦ୍ୱ - ସଂଘାତ ଭିତରେ ଅଶ୍ରୁର ଅସରନ୍ତି ତରଙ୍ଗ ଦେଇ ପ୍ରେମର ଯେଉଁ ଦିବ୍ୟ ଜ୍ୟୋତି ଫୁଟି ଉଠିଛି ଏବଂ ଯେଉଁ ଭଗବତ୍ ଅନୁରକ୍ତି ଆତ୍ମ ପ୍ରକାଶ କରିଛି ତାହା ବାସ୍ତବିକ ବିସ୍ମୟ । ଶୃଙ୍ଖଳିତ ସମାଜଧାରାର ଅତିକ୍ରାନ୍ତ ବ୍ୟକ୍ତିଜୀବନର ଅଧ୍ୟାତ୍ମ୍ୟ ଦୀପ୍ତ ଭାବବୋଧ ଓ ଭଗବାନଙ୍କଠାରେ ନିଜକୁ ସମର୍ପଣଦ୍ୱାରା କୃଷ୍ଣସୁଖ ବିଧାନର ଉତ୍କଣ୍ଠା ରାସପଞ୍ଚାଧ୍ୟାୟୀରେ ଯେପରି ବର୍ଣ୍ଣନା କରା ଯାଇଅଛି ତାହା ଅତୁଳ୍ୟ ମାଧୁର୍ଯ୍ୟମଣ୍ଡିତ । ପଦ୍ମ ପୁରାଣ , ବ୍ରହ୍ମବୈବର୍ତ୍ତ ପୁରାଣ , ବିଷ୍ଣୁ ପୁରାଣ, ହରିବଂଶ, ଗୀତଗୋବିନ୍ଦ ପ୍ରଭୃତିରେ ରାସଲୀଳା ସମ୍ପର୍କରେ ବର୍ଣ୍ଣନା ଥିଲେହେଁ ଭାଗବତର ରାସଲୀଳା ସର୍ବାପେକ୍ଷା ଉତ୍କୃଷ୍ଟ । ଏଥିରେ ଗୋପୀ-କୃଷ୍ଣ-ରାସ ହିଁ ମୁଖ୍ୟ । କୌଣସି କୌଣସି ଗ୍ରନ୍ଥରେ ରାଧା-କୃଷ୍ଣ-ରାସ, ଗୋପୀ-ରାଧା-କୃଷ୍ଣ ରାସ ଅଛି

୮୪ । ଡଃ କୃଷ୍ଣ ଚରଣ ସାହୁ — 'ଭାଗବତ ପରିଚର୍ଚ୍ଚା' — ପ୍ରଜ୍ଞା ଦୋଳ -୧୯୭୭ - ପୃ. ୪୪ -୪୫ .

ମାତ୍ର ଭାଗବତରେ ଗୋପୀ-କୃଷ୍ଣ-ରାସ ତତ୍ତ୍ୱ ଓ କବିତ୍ୱ, ଦର୍ଶନ ଓ ରସବୋଧ, ଆଧ୍ୟାତ୍ମିକ ଉତ୍କରଣ ଓ ସାହିତ୍ୟିକ ମୂଲ୍ୟବୋଧ ଦୃଷ୍ଟିରୁ ଶ୍ରେଷ୍ଠତ୍ୱ ଲାଭ କରିଅଛି । ଜଗନ୍ନାଥ ଦାସଙ୍କ ଭାଗବତର ରାସଲୀଳା ଏପରି ପ୍ରଭାବ ବିସ୍ତାର କରିଛି ଯେ ଦେବ-ଦୁର୍ଲଭ ଦାସଙ୍କ 'ରହସ୍ୟମଞ୍ଜରୀ' ଗ୍ରନ୍ଥଠାରୁ ଆରମ୍ଭ କରି ଦୀନକୃଷ୍ଣ ଦାସଙ୍କର ରସକଲ୍ଲୋଳ, ଭୂପତି ପଣ୍ଡିତଙ୍କର 'ପ୍ରେମପଞ୍ଚାମୃତ' ଆଦି ଗ୍ରନ୍ଥମାନଙ୍କରେ ଏହାର ପରିଚୟ ଦେଖିବାକୁ ମିଳେ । ଏପରିକି ଅଚ୍ୟୁତାନନ୍ଦ ଦାସଙ୍କର ହରିବଂଶରେ ମଧ୍ୟ ରାସଲୀଳାର ବିସ୍ତୃତ ବର୍ଣ୍ଣନା ରହିଅଛି । ଏତଦ୍‌ବ୍ୟତୀତ ଜଗନ୍ନାଥ ଦାସ—ବଳରାମ ଦାସ – ଅଚ୍ୟୁତାନନ୍ଦ ଦାସ ଓ ଶିଶୁ ଅନନ୍ତ ଦାସ ପ୍ରମୁଖ ସିଦ୍ଧସାଧକ କବିଗଣ ମଧ୍ୟ ଶୂନ୍ୟରାସ ରଚନା କରିଅଛନ୍ତି । ପଦ୍ମବନ ରାସ, ବୃନ୍ଦାବନ ଇତ୍ୟାଦିରୁ ଏହାର ଦୃଷ୍ଟାନ୍ତ ମିଳେ । ତେବେ ଏସବୁ ରାସ ରସମୟ ରଚନା ନୁହେଁ । ଏହା ତାତ୍ତ୍ୱିକ ଓ ପିଣ୍ଡ ବ୍ରହ୍ମାଣ୍ଡ ମଧ୍ୟରେ ରାଧା-କୃଷ୍ଣ-ଗୋପାଙ୍ଗନାମାନଙ୍କର ନିତ୍ୟ ରାସର ସୂଚନା ଦେଇଥାଏ । ଏ ସମସ୍ତ ମଧ୍ୟରେ ଭାଗବତର ରାସପଞ୍ଚାଧ୍ୟାୟୀ ରସ ଓ ତତ୍ତ୍ୱ ବିଚାରରୁ ଯେ ଏକ କାଳଜୟୀ ସାହିତ୍ୟିକ ରଚନା; ଏଥିରେ ସନ୍ଦେହର ଅବକାଶ ନାହିଁ ।

●

# ସ୍ୱର୍ଗାରୋହଣ ପର୍ବ
# ବିଚାର ଓ ଆଲୋଚନା

ମାଟିର ମହାକବି ସାରଳା ଦାସ ଓଡ଼ିଆ ଭାଷା ଓ ସାହିତ୍ୟର ଆଦିସ୍ରଷ୍ଟା । ଯେଉଁ ସମୟରେ ଅପଭ୍ରଂଶ ଭାଷାରୁ ସଦ୍ୟ ମୁକ୍ତି ଲାଭ କରି ଓଡ଼ିଆ ଭାଷା ସ୍ୱକୀୟ ମୌଳିକ ଦୀପ୍ତିରେ ଭାସ୍ୱର ହୋଇ ଉଠୁଥିଲା ସେହି ସମୟରେ ସାରଳା ଦାସ ସାରଳା ଦେବୀଙ୍କର ଅମୀୟ ଆଶୀର୍ବାଦରୁ ଓଡ଼ିଆ ଭାଷାରେ ଶକ୍ତି ପରୀକ୍ଷା କରି ଅପୂର୍ବ ପ୍ରତିଭାର ପରିଚୟ ଦେଇଥିଲେ । ଲୋକମୁଖରେ ପ୍ରଚଳିତ ଭାଷା ଓ ଶୈଳୀକୁ ନେଇ ସାରଳା ଦାସ ରଚନା କଲେ ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ଆଦି ପୁରାଣ ଓ ମହାପୁରାଣ । ସଂସ୍କୃତ ସାହିତ୍ୟର ସୁଦୂରପ୍ରସାରୀ ଅପ୍ରତିହତ ପ୍ରଭାବକୁ ପ୍ରତିହତ କରି ଓଡ଼ିଆ ସାହିତ୍ୟରେ ସେ ଯେଉଁ ଆଦ୍ୟ ଓଁକାର ସୃଷ୍ଟି କଲେ ତାର ମଧୁର ଝଙ୍କାରରେ ସମଗ୍ର ଓଡ଼ିଆ ସାହିତ୍ୟ ହେଲା ଝଂକୃତ । ସତେ ଯେପରି ଓଡ଼ିଆ ଭାଷା ଓ ସାହିତ୍ୟ ପାଇଲା ନୂତନ ଜୀବନ୍ୟାସ । ଉତ୍କଳଭାରତୀ ଆପଣାର ପରିଚୟ ଲାଭ କଲା—ଆପଣାର ଐଶ୍ୱର୍ଯ୍ୟରେ ହେଲା ଐଶ୍ୱର୍ଯ୍ୟମୟୀ । ଆପଣାର ମହତରେ ହେଲା ମହିମାମୟୀ, ସାରଳା ଦାସଙ୍କ ଲେଖନୀରେ ଉତ୍କଳଭାରତୀଙ୍କର ସ୍ୱାଭାବିକ ଅଲଙ୍କୃତ ସ୍ୱରୂପ ଉକୁଟି ଉଠିଲା । ଏହି ସ୍ୱରୂପରେ ନାହିଁ ରାଜକୀୟ ଛଟା; ଅଛି ମାଟି-ମଣିଷର ସ୍ୱାଭାବିକ ଠାଣି । ଭାଷା ସରଳ, ନିରାଡ଼ମ୍ବର ଅଥଚ ଭାବ ଗମ୍ଭୀର । ମଣିଷକୁ ଚିହ୍ନି ଚିହ୍ନାଇବାରେ ଏ ଭାଷା ସତେ କେତେ ସାର୍ଥକ ! ଜାତୀୟ ଜୀବନର ପରିପ୍ରକାଶ ପାଇଁ ଓ ଜାତୀୟ ସଂସ୍କୃତିର ରସ-ରୂପାୟନ ପାଇଁ ଏ ଭାଷା ସତେ କେଡ଼େ ଶକ୍ତିଶାଳୀ ! ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ—"ଜଣେ କୃଷକ ପକ୍ଷରେ ସାରଳାଙ୍କ ମହାଭାରତ ପ୍ରକୃତରେ ଏକ ବିସ୍ମୟଜନକ ସିଦ୍ଧି; କିନ୍ତୁ ସେ ତ ସାଧାରଣ କୃଷକ ନ ଥିଲେ; ଥିଲେ ପ୍ରତିଭାଧାରୀ ଓ ଜନ୍ମ ନେଇଥିଲେ ମହାକାବ୍ୟୋପଯୋଗୀ ଯୁଗରେ । ସାରଳା ଦାସଙ୍କ ଓଡ଼ିଆ ମହାଭାରତ କାଳ ଓ ପ୍ରତିଭାର ଏକ ସୁବର୍ଣ୍ଣ-ସଂଯୋଗ କହିବାକୁ ହେବ ।" (୧) ସାରଳା ଦାସ ଥିଲେ କୃଷକ କବି । କୃଷକ ପରିବାରରେ ତାଙ୍କର ଜନ୍ମ ଓ ବିକାଶ । ତେଣୁ ତାଙ୍କର ସୃଜନଶୀଳ ପ୍ରତିଭା ଏ ଦେଶର ମାଟି-ପାଣି-ପବନକୁ ଏକାତ୍ମ କରି ଏକ କାଳଜୟୀ କଳା-କୋଣାର୍କ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି । ତାଙ୍କର

---

୧ । ଡକ୍ଟର ମାୟାଧର ମାନସିଂହ-ଓଡ଼ିଆ ସାହିତ୍ୟର ଇତିହାସ-ପୃଃ ୯୬

ନ ଥିଲା ଉଚ୍ଚ ପାଣ୍ଡିତ୍ୟ, ସଂସ୍କୃତ ସାହିତ୍ୟରେ ଗଭୀର ଅବଗାହନ ! ମାତ୍ର ଥିଲା ଓଡ଼ିଆ ମାଟିକୁ ଚହ୍ନିବାରେ ଅପୂର୍ବ ଦକ୍ଷତା, ଓଡ଼ିଆ ଜାତିର ସାମଗ୍ରିକ ବ୍ୟକ୍ତିତ୍ୱକୁ ରୂପାୟନ କରିବାରେ ଅସୀମ ଧୀ-ଶକ୍ତି ଏବଂ ସର୍ବୋପରି ଦଳିତ ମଣିଷ ସମାଜ ପ୍ରତି ଗଭୀର ମମତା । ସେ ଥିଲେ କ୍ରାନ୍ତଦର୍ଶୀ । ତେଣୁ ଶାସକ ଓ ସମାଜ ନିୟନ୍ତ୍ରଣକାରୀ-ମଣିଷକୁ ସେ ଶୁଣାଇଛନ୍ତି ବାରମ୍ବାର ଚେତାବନୀ । ଅନାଗତ ଭବିଷ୍ୟତର ସାମାଜିକ ତଥା ଧାର୍ମିକ ଅଧୋପତନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ସତର୍କ ଘଣ୍ଟି । ଡକ୍ଟର ମାନସିଂହ ଏହି କାରଣରୁ ଯଥାର୍ଥରେ ଲେଖିଛନ୍ତି—"ଆନୁଷ୍ଠାନିକ ବିଦ୍ୟାଶିକ୍ଷା ନ ଥିଲେ ମଧ୍ୟ ପ୍ରତିଭାର ସହଜାତ ଅନ୍ତର୍ଦୃଷ୍ଟି ଓ ପ୍ରତ୍ୟକ୍ଷ ବାସ୍ତବ ଅଭିଜ୍ଞତା ଫଳରେ ସାରଳା ଦାସ ଜୀବନକୁ ସେହିପରି ଚିହ୍ନି ପାଇଛନ୍ତି, ସେ ଯେପରି ଜୀବନକୁ ଦେଖିଥିଲେ ଓ ଜାଣିଥିଲେ । ସେ ସଂସ୍କୃତ ପୁରାଣମାନଙ୍କର ଅତିମାନବମାନଙ୍କୁ ଆଙ୍କିବାକୁ ଯାଇ ନାହାନ୍ତି, ଆଙ୍କିଛନ୍ତି ରକ୍ତମାଂସର ପୁରୁଷ ଓ ସ୍ତ୍ରୀ । ସାରଳାଙ୍କ ଜଗତଟି ଗୋଟିଏ ସାଧାରଣ କୃଷକର ଜଗତ । ସେଠି ଦେବଦେବୀଙ୍କ ପଦ ମଧ୍ୟ ସାଧାରଣ ଜନପଥର ଧୂଳିରେ ଧୂସରିତ । ତାଙ୍କର ଅଭିଜାତ ନାୟିକାମାନଙ୍କର କୋମଳ କରପଲ୍ଲବ ମଧ୍ୟ ରୋଷେଇଶାଳାର ଧୂଆଁ ଓ ଅଳଂଧୁ ବା ଗୁହର ବାସି-ପାଇଟି ଯୋଗୁଁ ଅପରିଚ୍ଛନ୍ନ ଓ କଠିନୀଭୂତ । ସାରଳାଙ୍କ ରାଣୀ ଓ ରାଜକନ୍ୟାମାନେ ନାରୀଜନ୍ମର ସହଜାତ କ୍ଷୁଦ୍ର କ୍ଷୁଦ୍ର ଈର୍ଷା ପ୍ରକାଶ କରି ଗମ୍ଭୀର ପରିବେଶରେ ମଧ୍ୟ ହାସ୍ୟକର ହୋଇ ଉଠିଛନ୍ତି ।" (୨)

ସାରଳାଦାସଙ୍କ ମହାଭାରତ ଓଡ଼ିଶାର ଏକ ଜାତୀୟ ଗ୍ରନ୍ଥ । ଏହା ଜାତୀୟ ଜୀବନର ମହାକାବ୍ୟ । କୃଷକ କବିଙ୍କର ଅକ୍ଷୟ କୀର୍ତ୍ତି ଏହି ମହାପୁରାଣ । ଡ଼କ୍ଟର ମାନସିଂହ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି—"If epics are and have to be national in character, the Mahabharata of Sarala Das is a national epic from many stand points. It had to be a book of Orissa and the Oriyas in the very nature of things, as the poet knew no other language except Oriya, and knew no other world or society except that of his own rural environment But as in many other things Sarala Das was dynamic in his patriotism also. His epic is a picture gallery of Oriya Social life that is true even today." (୩) ସାରଳା ଦାସ ଓଡ଼ିଆ ସାହିତ୍ୟର ଉପୋଦ୍‌ଘାତରେ

---

୨ । ଡକ୍ଟର ମାୟାଧର ମାନସିଂହ – ଓଡ଼ିଆ ସାହିତ୍ୟର ଇତିହାସ ପୃ: ୯୫

୩ । Dr. Mayadhar Mansingh – History of Oriya Literature – P.65

ଏକ ସ୍ମରଣୀୟ ପ୍ରତିଭା । ଇତିହାସର ସଂକୀର୍ଣ୍ଣ ସୀମା ଲଙ୍ଘନ କରି ସେ ସର୍ବକାଳୀନ । ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ—ସମୟର ସୀମାତୀତ ଓଡ଼ିଶାର ମନ୍ଦିରମାନ ଯେପରି ସ୍ଥପତି, କର୍ମୀଣ ଓ କର୍ମୀଣକାଳର ସଂକୀର୍ଣ୍ଣତା ଅତିକ୍ରାନ୍ତ ହୋଇ, ଏକ ଚିରନ୍ତନତା-ମଧ୍ୟରେ ଐତିହାସିକ ସଂଜ୍ଞା ହରାଇଅଛି, ସାରଳା ଦାସ ସେହିପରି ଇତିହାସର ସୀମା ଲଙ୍ଘନ କରି, ଏକ ସର୍ବକାଳୀନତା ଲାଭ କରିଅଛନ୍ତି ।" (୪) ଡକ୍ଟର ମାନସିଂହ ସାରଳା ଦାସଙ୍କୁ ଶୂଦ୍ର ବା କୃଷକ କୁଳରେ ଜନ୍ମ ଗ୍ରହଣ କରିଥିବାରୁ ଓ ସଂସ୍କୃତ ଜାଣି ନଥିବାରୁ ମହାଭାରତ ପରି ଏକ ବିରାଟ ମହାକାବ୍ୟ ସୃଷ୍ଟି କରି ପାରିଥିଲେ ବୋଲି ମତ ବ୍ୟକ୍ତ କରିଥିବା ସ୍ଥଳେ (୫) ସମାଲୋଚକ ସୁରେନ୍ଦ୍ର ମହାନ୍ତି କହନ୍ତି ଯେ, "ସାରଳାଙ୍କ ଓଡ଼ିଆ ମହାଭାରତରେ ସଂସ୍କୃତ ମହାଭାରତଠାରୁ ଯେଉଁ ବୈଷମ୍ୟ ପରିଲକ୍ଷିତ ହୁଏ ତାହା, 'ଶୂଦ୍ର' ସାରଳା ଦାସଙ୍କ ସଂସ୍କୃତାନଭିଜ୍ଞତା ଅଥବା ମୂର୍ଖତା-ପ୍ରସୂତ ନୁହେଁ । ସାରଳା ମହାଭାରତରେ ପରିଲକ୍ଷିତ ପ୍ରକ୍ଷେପ ଓ ବୈଷମ୍ୟ ସଂପୂର୍ଣ୍ଣ ସ୍ୱେଚ୍ଛାକୃତ ।" (୬) ତେଣୁ ସାରଳା ମହାଭାରତ କେବଳ ଏକ ପୁରାଣ ନୁହେଁ; ଏହା ଓଡ଼ିଶାର ଜନଜୀବନର ଏକ ମାର୍ମିକ ଆଲେଖ୍ୟ, ବଂଶ ପରମ୍ପରା, ଜନଶ୍ରୁତି, କିମ୍ବଦନ୍ତୀ ଓ ଅଲିଖିତ ଇତିହାସର କଳା-ରୂପ । ଏହା ସାରଳା ଦାସଙ୍କର ଗ୍ରାମ୍ୟସୁଲଭ ଚିନ୍ତାଧାରାର ଅଭିବ୍ୟକ୍ତି ନୁହେଁ; ଗ୍ରାମ୍ୟପରିବେଶ ଓ ଗ୍ରାମ୍ୟ ଜୀବନଚର୍ଯ୍ୟା ଭିତରେ ସାମଗ୍ରିକ ମାନବଜୀବନ ଦର୍ଶନର ଅଭିନବ କୃତି—"ଏକ ବଳିଷ୍ଠ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ନେତୃତ୍ୱର ପରିଚାୟକ ।" (୭) ସାରଳା ମହାଭାରତର ଆଦି ଆଲୋଚକ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଏହି କାରଣରୁ ଯଥାର୍ଥରେ ଲେଖିଛନ୍ତି—"ଏହି କବି ମୂଳ ଗ୍ରନ୍ଥର ଅନୁବାଦ କରି ନାହାନ୍ତି କିମ୍ବା ଅବିକଳାନୁକରଣରେ ଲେଖି ନାହାନ୍ତି । ମୂଳଗ୍ରନ୍ଥର ପ୍ରଗାଢ଼ ଶୁଶ୍ରୂଷାରେ ଏକାନ୍ତ ଅନୁରକ୍ତ ଥାଇ ସମଗ୍ର ଭାରତର ସ୍ଥୂଳ ସ୍ଥୂଳ ବିଷୟ ଓ ଆମୂଳାନ୍ତ ଘଟନାଂଶମାନ ମାତ୍ର ସ୍ୱୀୟ ଅବ୍ୟାହତ ସ୍ମୃତିକୋଷରେ ପ୍ରତିପ୍ତ ରଖି ଅସାମାନ୍ୟ କଳ୍ପନାଶକ୍ତି ଓ ବିଷୟ ସଂବିଧାନ ପ୍ରବୀଣତାର ବଳରେ ବଳୀୟାନ୍ ହୋଇ ଅଳଙ୍କୀକରଣ, ବିସ୍ତୃତୀକରଣ, ଅନୁକ୍ତପ୍ରକ୍ଷେପ ଓ ଉକ୍ତ ନିକ୍ଷେପାଦି କ୍ରମରେ ଏହି ପ୍ରକାଣ୍ଡ ଗ୍ରନ୍ଥକୁ ଲେଖିଯାଇଅଛନ୍ତି । ଏଥିରେ ଯେ କିଛି ପରିସର ଅସାମଞ୍ଜସ୍ୟ, ଅସଂଲଗ୍ନତା, ଅସଙ୍ଗତି ପ୍ରଭୃତି ଦୋଷ ନାହିଁ, ତାହା ଆମ୍ଭେମାନେ କହୁନାହୁଁ । ସେ ସବୁ ସମଧିକ ମାତ୍ରାରେ ଅଧିକାର ସ୍ଥାପନ କରିଅଛି; ତଥାପି ମୋଟରେ କହିଲେ,

---

୪ । ସୁରେନ୍ଦ୍ର ମହାନ୍ତି—ଓଡ଼ିଆ ସାହିତ୍ୟର ଆଦିପର୍ବ—ପୃ: ୧୨୦

୫ । ଡକ୍ଟର ମାୟାଧର ମାନସିଂହ—ଓଡ଼ିଆ ସାହିତ୍ୟର ଇତିହାସ—ପୃ: ୯୩

୬ । ସୁରେନ୍ଦ୍ର ମହାନ୍ତି—ଓଡ଼ିଆ ସାହିତ୍ୟର ଆଦିପର୍ବ—ପୃ: ୧୩୫

୭ । ସୁରେନ୍ଦ୍ର ମହାନ୍ତି—ଓଡ଼ିଆ ସାହିତ୍ୟର ଆଦିପର୍ବ—ପୃ: ୧୬୩

ଏହି ମହାକବିଙ୍କର ପ୍ରଜ୍ଞା ଅସାଧାରଣ ପ୍ରଶଂସାର୍ହ, ଏହା ଅଭିଜ୍ଞମାନେ ଅସନ୍ଦିଗ୍ଧ ଚିତ୍ତରେ ସ୍ୱୀକାର କରିବାକୁ କୁଣ୍ଠିତ ହେବେ ନାହିଁ ।" (୮) ଅତଏବ ସାରଳା ଦାସଙ୍କ ମହାଭାରତ ମୂଳ ସଂସ୍କୃତ ମହାଭାରତର ଏକ ଅବଲମ୍ବନ ବିଶେଷ ହେଲେହେଁ ଏହା ମୌଳିକ ସୃଷ୍ଟିର ରସ-ମାଧୁର୍ଯ୍ୟ ଓ ଭାବ-ମାଧୁର୍ଯ୍ୟ ପ୍ରକାଶ କରିଥାଏ ଏବଂ ଓଡ଼ିଶାର ଜାତୀୟ ତଥା ସାଂସ୍କୃତିକ ଓ ଆଧାତ୍ମିକ ଜୀବନର ବାର୍ତ୍ତା ପ୍ରଦାନ କରି କାଳଜୟୀ କଳା-ଶିଳ୍ପରେ ପରିଣତ ହୋଇ ସମଗ୍ର ଭାରତୀୟ ସାହିତ୍ୟରେ ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ଗ୍ରହଣ କରିଥିବା ଲକ୍ଷ୍ୟ କରାଯାଏ ।

## ସ୍ୱର୍ଗାରୋହଣ ପର୍ବର ପରିକଳ୍ପନା

ସାରଳା ଦାସ ମୂଳ ମହାଭାରତର ପର୍ବ ସଂଖ୍ୟା ସମାନ ରଖିଥିଲେହେଁ ପର୍ବର ନାମକରଣରେ କେତେକ ବ୍ୟତିକ୍ରମ କରିଅଛନ୍ତି । ଅବଶ୍ୟ ମହାଭାରତର ଶେଷ ପର୍ବର ନାମ ଅପରିବର୍ତ୍ତିତ ରଖିଛନ୍ତି । ମୂଳ ମହାଭାରତରେ ମହାପ୍ରସ୍ଥାନିକ ତିନିଗୋଟି ଓ ସ୍ୱର୍ଗାରୋହଣ ପର୍ବ ଛଅଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଥିଲାବେଳେ ସାରଳା ଦାସ ଉଭୟ ପର୍ବର ବିଷୟକୁ କେବଳ ସ୍ୱର୍ଗାରୋହଣ ପର୍ବରେ ବର୍ଣ୍ଣନା କରିଅଛନ୍ତି । ମୂଳ ମହାଭାରତରେ ଅଛି ଯେ ବୃଷ୍ଣି ବଂଶର ସର୍ବନାଶ ସମ୍ବାଦ ଶୁଣି ଯୁଧିଷ୍ଠିର ଅନ୍ୟାନ୍ୟ ଭାଇମାନଙ୍କ ସହିତ ବିଚାର ଆଲୋଚନା କରି ମହାପ୍ରସ୍ଥାନ ପାଇଁ ସ୍ଥିର କଲେ । ସେ ଯୁଯୁତ୍ସୁଙ୍କ ଦାୟିତ୍ୱରେ ପରୀକ୍ଷିତଙ୍କୁ ରାଜା କରାଇ ଭାଇମାନଙ୍କ ସହ ବଲ୍କଳ-ଧାରଣ ପୂର୍ବକ ଦ୍ରୌପଦୀଙ୍କୁ ସାଙ୍ଗରେ ନେଇ ଗଜପୁରରୁ ମହାପ୍ରସ୍ଥାନ ଆରମ୍ଭ କଲେ । ଗୋଟିଏ ଅନୁଗତ ଶ୍ୱାନ ତାଙ୍କର ଅନୁସରଣ କଲା । ଏହି ସମୟରେ ଅର୍ଜୁନଙ୍କର ଅନ୍ୟପତ୍ନୀ ଉଲୁପୀ ଗଙ୍ଗାରେ ଆତ୍ମବିସର୍ଜନ କଲେ ଓ ଚିତ୍ରାଙ୍ଗଦା ମଣିପୁରକୁ ପ୍ରସ୍ଥାନ କଲେ । ପାଣ୍ଡବମାନେ ବିଭିନ୍ନ ତୀର୍ଥସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ହିମାଳୟରେ ଉପସ୍ଥିତ ହେଲେ । ହିମାଳୟ ଆରୋହଣ ବେଳେ ଦ୍ରୌପଦୀ, ସହଦେବ, ନକୁଳ, ଅର୍ଜୁନ ଓ ଭୀମ ଯଥାକ୍ରମେ ଭୂପତିତ ହେଲେ ଏବଂ ଯୁଧିଷ୍ଠିର ଏକାକୀ ଊର୍ଦ୍ଧ୍ୱକୁ ଗମନ କଲେ । ତାଙ୍କ ପଛରେ ଶ୍ୱାନଟି ମଧ୍ୟ ଯାଉଥାଏ । ଏହା ପରେ ଇନ୍ଦ୍ର ଉପସ୍ଥିତ ହୋଇ ଯୁଧିଷ୍ଠିରଙ୍କୁ ସ୍ୱର୍ଗାରୋହଣ କରିବାକୁ କହିଲେ । ସେଠାରେ ଯୁଧିଷ୍ଠିର ଦ୍ରୌପଦୀ ଓ ଭାଇମାନଙ୍କ ସମ୍ବନ୍ଧରେ ତଥା ଶ୍ୱାନ ସମ୍ବନ୍ଧରେ ଆପଣାର ମତାମତ ପ୍ରକାଶ କରି ସ୍ୱର୍ଗ ଗମନ କରିଅଛନ୍ତି । ସ୍ୱର୍ଗାରୋହଣ ପରେ ଯୁଧିଷ୍ଠିର ଦର୍ଶନ କରିଛନ୍ତି ଦୁର୍ଯ୍ୟୋଧନ ତଥା ଅନ୍ୟାନ୍ୟ ଭାଇମାନଙ୍କର ଅବସ୍ଥାନ । ଏହା ପରେ ସେ ନରକ ଦର୍ଶନ କରି ଇନ୍ଦ୍ରାଦି ଦେବତାମାନଙ୍କ ସହିତ ଦିବ୍ୟ ସ୍ଥାନକୁ ଯାଇ ଅଛନ୍ତି ।

୮ । ପଣ୍ଡିତ ଗୋପୀନାଥ ନନ୍ଦଶର୍ମା-ଶ୍ରୀଭାରତ ଦର୍ପଣ-ପୃଃ ୧୦

ମୂଳ ମହାଭାରତର ଏହି ବିଷୟବସ୍ତୁକୁ ସାରଳା ଦାସ ମୋଟାମୋଟି ଭାବରେ ଗ୍ରହଣ କରିଥିଲେହେଁ ସେଥିରେ ସେ ଆପଣାର ଅପୂର୍ବ କଳ୍ପନାବିଳାସ ମିଶାଇ ତାକୁ ପରିବର୍ତ୍ତନ-ପରିବର୍ଦ୍ଧନ କରି ଦେଇଅଛନ୍ତି । ଏହି ପରିବର୍ତ୍ତନ ବା ପରିବର୍ଦ୍ଧନ ମୂଳ ବିଷୟର ଗାମ୍ଭୀର୍ଯ୍ୟ ନଷ୍ଟ କରୁଥିଲେହେଁ ତାଙ୍କର ସଂସ୍କୃତି ଓ ମାନବୀୟ ଭାବ ଭାବନାର ପ୍ରକାଶନ ଦିଗରେ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛି । ସାରଳା ଦାସ ସ୍ୱର୍ଗାରୋହଣ ପର୍ବର ପରିକଳ୍ପନା ଭିନ୍ନଭାବରେ କରିଅଛନ୍ତି । ଅଗସ୍ତି ମହର୍ଷିଙ୍କୁ ବୈବସ୍ୱତ ମନୁ ଯୁଧିଷ୍ଠିରଙ୍କର ଅଶ୍ୱମେଧ ଯଜ୍ଞ ଓ ଶ୍ରୀକୃଷ୍ଣଙ୍କର ସ୍ୱର୍ଗାରୋହଣ ପରେ ପାଣ୍ଡବମାନଙ୍କର ଅବସ୍ଥା ସମ୍ପର୍କରେ ପ୍ରଶ୍ନ ପଚାରିଲେ । ଏହାର ଉତ୍ତରରେ ଅଗସ୍ତି କଳିଯୁଗର ଆଗମନ ଓ ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ସଂପର୍କିତ ନାନା ଘଟଣାକୁ ପ୍ରକାଶ କରିଅଛନ୍ତି ।

"ସେହିଥୁ ଅନନ୍ତରେ ବଇବସ୍ୱତ ମନୁରାଜା
ଅଗସ୍ତି ମୁନିଂକ ଚରଣେ କଲାକ ଦିବ୍ୟପୂଜା ।
ଅଶ୍ୱମେଧ ଯାଗ କୃଷ୍ଣ ସ୍ୱର୍ଗାରୋହଣ ଉଦ୍ଧାରେଣ କଥା
କହିବା ଭୋ ଋଷି ମୋତେ ପାଣ୍ଡବଂକ ବ୍ୟବସ୍ଥା ।
ଅଗସ୍ତି ବୋଇଲେ ହୋ ସାବଧାନେ ଶୁଣ
ମହାଭାରଥ ଅନ୍ତେ ଯେ ସ୍ୱର୍ଗ ଆରୋହଣ ।
କଥଯନ୍ତି ମହାତମା ଯେ ହୋଇଲାକ ଆସି
କଳିଯୁଗ ପ୍ରବେଶ ହୋଇଲାକ ଆସି ।
ଅମାତ ଗତ ଲୋକେ ହେଲେ ଗୁରୁହଂସୀ
କଳିଯୁଗ ସିଦ୍ଧ ଯେ ଅଭୟେ ସୋମବଂଶୀ ।"

ପାଣ୍ଡବସଖା ଶ୍ରୀକୃଷ୍ଣଙ୍କର ଦେହାନ୍ତ ଓ ସ୍ୱର୍ଗପୁର ଗମନ ଏବଂ ତାଙ୍କର ଅପୋଡ଼ା ପିଣ୍ଡ ନୀଳଗିରିରେ ମହାବୌଦ୍ଧ ଶ୍ରୀଜଗନ୍ନାଥ ରୂପେ ପ୍ରତିଷ୍ଠା ପରେ ପାଣ୍ଡବମାନଙ୍କର ପ୍ରତିକ୍ରିୟା ଓ ସ୍ୱର୍ଗାରୋହଣ ପାଇଁ ପ୍ରସ୍ତୁତିକୁ ସାରଳା ଦାସ ବର୍ଣ୍ଣନା କରି ନିଜର ମୌଳିକତା ଓ ଜାତୀୟ ପ୍ରୀତିକୁ ପ୍ରକାଶ କରିଅଛନ୍ତି । (୧) ଶ୍ରୀକୃଷ୍ଣଙ୍କର ତିରୋଧାନର ଦୁଇ ଶତ ବର୍ଷ ପର୍ଯ୍ୟନ୍ତ ପାଣ୍ଡବମାନେ ରାଜ୍ୟ ଭୋଗ କଲେ ଏବଂ କ୍ରମେ କଳିର ଆଗମନ ନିଶ୍ଚିତ ଉପଲବ୍ଧି କରି ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ସେମାନେ ମହାପ୍ରସ୍ଥାନ କଲେ । ଏହି ସମୟରେ ଧର୍ମରାଜ ଯୁଧିଷ୍ଠିର ପାତ୍ର, ମନ୍ତ୍ରୀ, ସୈନ୍ୟସାମନ୍ତ ଓ ପ୍ରଜାମାନଙ୍କୁ ସମବେତ କରାଇ କହିଲେ –

---

୧ । ବଉଦ ରୂପେ କୃଷ୍ଣ ନୀଳଗିରିରେ ବିଜେ କଲେ
ତହୁଂଣ ପାଣ୍ଡବ ଯେ କେବଣ କୃତ୍ୟ କଲେ ।

"ବାବୁ ତୁମ୍ଭେ ସକଳ ଜନେ ଶୁଣିମା ମୋର ବାଣୀ
ଆମ୍ଭଂକୁ ସଖାଥିଲେ ଦେବ ଚକ୍ରପାଣି ।
କୃଷ୍ଣର ଅଭାବେ ଆମ୍ଭର କସ ରାଜ୍ୟ
କହଇ ତୁମ୍ଭନ୍ତ ଯେବେ ଆମ୍ଭର ପୂର୍ବ କାର୍ଯ୍ୟ ।
ଯେତେକ ଦୋଷ ତୁମ୍ଭନ୍ତ ଅଛଇ ମୁଂ କର
କ୍ଷମା କରବାକ ଯେବେ ସେ ଦୋଷ ମୋହର ।
ମୋହର ଅପମାନ ପାଇଲ ବହୁତ
ଯେ ଦୋଷ ମୋହୋର କ୍ଷମା କରବା ସମସ୍ତ ।
ସମସ୍ତ ଦୋଷ ମୋର କରବା ଉପେକ୍ଷା
କଅଛ ପୁଣ୍ୟେ ମୋର ବହୁତ ଧର୍ମ ବାଞ୍ଛା ।"

ମହାରାଜ ଯୁଧିଷ୍ଠିର ସକଳ ପ୍ରଜାମାନଙ୍କୁ ଉପଦେଶ ଦେଲେ ପରୀକ୍ଷିତଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ପାଇଁ । ପ୍ରଜାମାନେ ସମସ୍ତେ ଏହି ସଂବାଦ ଶୁଣି ତଟସ୍ଥ ହୋଇଗଲେ । ସେମାନେ ପାଣ୍ଡବମାନଙ୍କ ସହିତ ବନଗମନ କରିବାକୁ କହିଲେ ମାତ୍ର ଯୁଧିଷ୍ଠିର ସେମାନଙ୍କୁ ବୁଝାଇଦେଲେ । ଏହା ପରେ ଯୁଧିଷ୍ଠିର ପରୀକ୍ଷିତଙ୍କୁ ଉପଦେଶ ଦେଲେ ରାଜଧର୍ମ ସଂପର୍କରେ । ଏହି ଉପଦେଶ କ୍ରାନ୍ତଦର୍ଶୀ କବି ସାରଳା ଦାସଙ୍କର । ଶାନ୍ତିପର୍ବରେ ସେ ଶରଶଯ୍ୟାଶାୟୀ ଭୀଷ୍ମଙ୍କ ମୁଖରେ ଏହିପରି ଉପଦେଶ ପ୍ରଦାନ କରିଅଛନ୍ତି । ରାଜା ଯେତେଦିନ ପର୍ଯ୍ୟନ୍ତ ପ୍ରଜାଙ୍କର ସୁଖ ସମ୍ଭୋଗ ପ୍ରତି ଦୃଷ୍ଟି ଦେଉଥିବେ ସେତେଦିନ ପର୍ଯ୍ୟନ୍ତ ତାଙ୍କର କୌଣସି କ୍ଷତି ହୁଏ ନାହିଁ । ରାଜା ଅତ୍ୟାଚାରୀ ହେଲେ ଦେଶର ହୁଏ ଅମଙ୍ଗଳ । କୃଷକ-କବି ସାରଳା ଦାସ ଏହି କଥାକୁ ମର୍ମେ ମର୍ମେ ଉପଲବ୍ଧି କରିଥିଲେ । ତେଣୁ ମହାଭାରତ ପରି ଏକ ବିପୁଳ ଗ୍ରନ୍ଥ ରଚନା କଲାବେଳେ ପ୍ରସଙ୍ଗତଃ ସେ ରାଜଧର୍ମ ସଂପର୍କରେ ଚେତାବନୀ ଶୁଣାଇ ଅଛନ୍ତି ।

## ସ୍ୱର୍ଗାରୋହଣ ପର୍ବରେ ରାଜଧର୍ମ :

ଧର୍ମରାଜ ଯୁଧିଷ୍ଠିର ରାଜ୍ୟ-ସିଂହାସନ-ବିଳାସ-ବ୍ୟସନ ତ୍ୟାଗ କରି ଭାଇ ଓ ପତ୍ନୀ ସହିତ ମହାପ୍ରସ୍ଥାନ କରିବାର ଅବ୍ୟବହିତ ପୂର୍ବରୁ ପରୀକ୍ଷିତଙ୍କୁ ସିଂହାସନରେ ବସାଇ ଉପଦେଶ ଦେଲେ :

"ବାବୁ ପ୍ରଜା ପାଳିଲେ ବର୍ଦ୍ଧିତ ହୋଅଇ ଯଶଶ୍ରୀ ଆୟୁଷେ ।
ପରଜାକୁ ଯେବଣ ରାଜା ପାଳଇ ପୁତ୍ର ତୁଲେ
ଦେବ ଇନ୍ଦ୍ର ତହିଁ ପାଳଇଟି ଭଲେ ।

ରାଜା ପାଳିଲେ ସେ ପରଜା ହୋଇ ସୁସ୍ଥ
ପ୍ରଜା ପାଳନେ କୃଷି ଉପୁଜଇ ବହୁତ ।

କୃଷି ଉପୁଜିଲେ ଭଣ୍ଡାର ହୋଏ ପୁଷ୍ଟ
ଜଳଜନ୍ତୁମାନେ ନ ପାବନ୍ତି କଷ୍ଟ ।"

କୃଷକ-କବି ସାରଳା ଦାସ ସମସାମୟିକ ରାଜତନ୍ତ୍ର ସଂପର୍କରେ ଅବହିତ ଥିଲେ । ସୂର୍ଯ୍ୟବଂଶର ପ୍ରତାପୀ ରାଜା କପିଳେନ୍ଦ୍ର ଦେବଙ୍କର ବୀରତ୍ୱ ଓ ପ୍ରଜାବତ୍ସଳତାକୁ ଲକ୍ଷ୍ୟ କରିଥିଲେ । କପିଳେନ୍ଦ୍ର ଦେବ ମଧ୍ୟ ଗଂଗବଂଶର ଅନଙ୍ଗ ଭୀମଦେବଙ୍କ ପରି ରାଜ୍ୟର ରାଜା ରୂପେ ଶ୍ରୀଜଗନ୍ନାଥଙ୍କୁ ସ୍ୱୀକାର କରି ନେଇଥିଲେ । (୧୦) ଓଡ଼ିଶାର ଗଜପତି ପରଂପରାର ଭାବ ସ୍ପନ୍ଦନ ମାଟିର ମହାକବି ସାରଳା ଦାସଙ୍କୁ ପ୍ରେରଣା ଦେଇଥିବ । ସେ ନିଜେ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିବାରୁ କୃଷିକୁ ରାଜ୍ୟର ଏକାନ୍ତ ମାନଦଣ୍ଡ ଭାବରେ ବିଚାର କରିଅଛନ୍ତି ଓ କୃଷିର ଉନ୍ନତିରେ ଦେଶର ଉନ୍ନତି ବୋଲି ମନେ କରିଅଛନ୍ତି । ସାରଳା ଦାସଙ୍କ ସମୟ ଥିଲା ସାମନ୍ତବାଦୀ ସମୟ ଏବଂ ସେହି ସାମନ୍ତବାଦରେ କୃଷିର ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା । ତେଣୁ କୃଷିଭିତ୍ତିକ ସାମନ୍ତବାଦୀ ସଭ୍ୟତାରେ କୃଷି ଓ କୃଷକର ମଙ୍ଗଳ ବିଧାନ ରାଜାଙ୍କର ପରମ କର୍ତ୍ତବ୍ୟ ବୋଲି ସାରଳା ଦାସ ମନେ କରି ଅଛନ୍ତି । ଯୁଧିଷ୍ଠିର ଯେପରି ଅଷ୍ଟାଦଶ ହାତରେ ନଳକାଠି କରି ଜମିଜମା ବନ୍ଦୋବସ୍ତ କରି ଦେଇ ବାଟିକରେ ପଉଟିଏ କର ଭିଆଣ ବ୍ୟବସ୍ଥା କରିଦେଇଥିଲେ ତାହା ସାରଳା ଦାସଙ୍କ ସମୟରେ ଜମିଜମା ବ୍ୟବସ୍ଥା ଓ କର-ପ୍ରଥା ସଂପର୍କରେ ସୂଚନା ପ୍ରଦାନ କରିଥାଏ । କେବଳ ଏତିକି ନୁହେଁ ; ରାଜ୍ୟରେ ସୁଜନମାନଙ୍କୁ ଆଦର କରିବା ପାଇଁ ଯୁଧିଷ୍ଠିର ପରୀକ୍ଷିତଙ୍କୁ ମଧ୍ୟ ଉପଦେଶ ଦେଇଥିଲେ । ଏହି ଉପଦେଶ ସ୍ୱୟଂ କବି ସାରଳା ଦାସଙ୍କର । ରାଜଧର୍ମ ସଂପର୍କରେ ସାରଳା ଦାସ ଯେପରି ଉପଦେଶ ପ୍ରଦାନ କରିଅଛନ୍ତି ତାହା ତାଙ୍କର ଉଦାର ମାନବିକ ଦୃଷ୍ଟିକୋଣର ପରିଚୟ ଦେଇଥାଏ ।

---

"୧୦ । × × × ଶ୍ରୀ ଜଗନ୍ନାଥ ମୋହର ବାହ୍ୟ ଅଭ୍ୟନ୍ତର ଜାଣୁ । ମୋହର ଯେତେ ରତ୍ନ ପଦାର୍ଥ ଅଛି ସେ ତୋହୋର ଏହା ଉଁ ଆଉ ଆନ ଧନ ଜିସ ଅଛି ମୁଇଂ ବ୍ରାହ୍ମଣ ହାଥରେ ଯେତେ ଦେଇ ପାରଇ ତାହା ଦେବି—ଏ ଭୂମିଖଣ୍ଡ ତୁ ଯାହାକୁ ଅନୁଗ୍ରହ କରୁ—ମୋହୋର ସେ କେବେ ନୁହେଂ ।"

—ଶ୍ରୀଜଗନ୍ନାଥ ମନ୍ଦିରରେ କପିଳେନ୍ଦ୍ର ଦେବଙ୍କ ଶିଳାଲେଖ—

# କଳି ଓ ସତ୍ୟ ଯୁଗର ସନ୍ଧିକ୍ଷଣ ଏବଂ କଳିର ଆଗମନ

ମୂଳ ମହାଭାରତରେ କଳି ଆଗମନ ବିଷୟରେ କୌଣସି ବର୍ଣ୍ଣନା ନ ଥିଲାବେଳେ ସାରଳା ଦାସ କଳି ଆଗମନ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଅଛନ୍ତି । ବ୍ୟାସଦେବ ଯେତେବେଳେ ମହାଭାରତ ରଚନା କରିଥିଲେ ସେ ସମୟର ସାମାଜିକ ଜୀବନ ସାରଳା ଦାସଙ୍କ ସମୟକୁ ବହୁ ଭାବରେ ବଦଳି ଯାଇଥିବା ସମ୍ଭବ । ଏ ସମୟକୁ ରାଜା ଓ ପ୍ରଜାଙ୍କର ଦ୍ୱନ୍ଦ୍ୱ, ରାଜାଙ୍କର ଶୋଷଣ, ବ୍ରାହ୍ମଣର ଯଥେଚ୍ଛାଚାର, ସମାଜରେ ସ୍ୱୈରାଚାରର ପ୍ରଭାବ, କୁଳଧର୍ମ ପ୍ରତି ଅନାସ୍ଥା, ପରସ୍ୱାପହରଣ ଓ ବ୍ୟକ୍ତି ସ୍ୱାର୍ଥ ଆଦି ନାନା କଥା ସାମାଜିକ ଜୀବନକୁ କଳଙ୍କିତ କରି ଦେଇଥିବା ହୁଏତ ସାରଳା ଦାସ ଲକ୍ଷ୍ୟ କରିଥିବେ । ତେଣୁ ଦ୍ୱାପରର ଶେଷ ଓ କଳିର ଆଗମନ— ଏହି ସନ୍ଧିକ୍ଷଣର ଚିତ୍ତ-ସଂଘର୍ଷକୁ ପ୍ରକାଶ କରି ସାରଳା ଦାସ ସମସାମୟିକ ସାମାଜିକ ଜୀବନ ପ୍ରତି ତୀର୍ଯ୍ୟକ ଦୃଷ୍ଟିପାତ କରିଅଛନ୍ତି । ଏହି ପ୍ରସଙ୍ଗରେ କବି ଓଡ଼ିଶାର ବୈତରଣୀ ନଦୀ କୂଳସ୍ଥ ବେଦପୁର ନଗରର ସୁରେଶ୍ୱର ବ୍ରାହ୍ମଣ ଓ ତାର କୃଷାଣ ତଡ଼ପାର ଚାରିତ୍ରିକ ଦ୍ୱନ୍ଦ୍ୱକୁ ଅବତାରଣା କରିଅଛନ୍ତି । ସାରଳା ଦାସ ଓଡ଼ିଶାକୁ ଗଭୀର ଭାବରେ ଭଲପାଇଥିବାରୁ ଅନେକ ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନ ଓ ନଦନଦୀର ବର୍ଣ୍ଣନା କରି ସେଥିରେ ଆପଣାର ଜାତୀୟ ଭାବକୁ ପ୍ରକାଶ କରିଅଛନ୍ତି ।

ଏକଦା ତଡ଼ପା ବିଲରେ ଚାଷ କରୁଥାଏ । ସୁରେଶ୍ୱର ବ୍ରାହ୍ମଣ ତାକୁ ଜମିକୁ ସମାନ କରିବା ପାଇଁ କୋଦାଳ ଦେଲେ । ସେ ଘରକୁ ଚାଲିଗଲା ପରେ ତଡ଼ପା ଜମି ହାଣୁ ହାଣୁ ମାଟି ତଳୁ ଗୋଟିଏ ରତ୍ନଜାଳି ପାଇଲା । ସେ ସେହି ରତ୍ନ-ଜାଳିକୁ ମୁଣ୍ଡାଇ ପଣ୍ଡାଙ୍କ ଘରକୁ ଆସିଲା, ମାତ୍ର ପଣ୍ଡାଏ ତାକୁ ରଖିଲେ ନାହିଁ । ଭାଗ୍ୟବଶତଃ ସେ ଜମିରୁ ଧନ ପାଇଛି । ତେଣୁ ସେହି ଧନରେ କେବଳ ତଡ଼ପାର ଅଧିକାର ଅଛି । ତଡ଼ପା କିନ୍ତୁ କହିଲା :

"ତୁମ୍ଭର ଉପର ବଂଶେ କେବଣ ସାଧିବ
ଭୂପତେ ଥୋଇଲା ଆନ କେ ହରିବ ।
ମୁହିଂ କୃଷିକାରୀ ଉପୁଜାଇବି ବିତ୍ତ
ଧନ ମୋହର କିସ ମୂଲ୍ୟହିଂ ମୁଗତ୍ତ ।
ଅନ୍ନ ବସ୍ତ୍ର ବର୍ଜିତ ହୁଅଇ ଯେତେ ମୋତେ
ତୁମ୍ଭର ଆଜ୍ଞେ ବିତ୍ତ ମୁଁ ନେମଇଂ କେମନ୍ତେ ।"

ଏଥର ସୁରେଶ୍ୱର ବ୍ରାହ୍ମଣ ଓ ତଡ଼ପା କୃଷାଣ ସେହି ରତ୍ନଜାଳି ନେଇ ଯୁଧିଷ୍ଠିରଙ୍କ ନିକଟକୁ ସମାଧାନ ପାଇଁ ଗଲେ । ଯୁଧିଷ୍ଠିର ସେମାନଙ୍କର ନିର୍ଲୋଭତା

ଦେଖି ଆଶ୍ଚର୍ଯ୍ୟ ହେଲେ । ସେ ଏହାର କାରଣ ସମ୍ପର୍କରେ ସହଦେବଙ୍କୁ ପଚାରିଲେ । ସହଦେବ କହିଲେ ଉଦ୍‌ଯୋଗ ପର୍ବରେ ଶ୍ରୀକୃଷ୍ଣ ଦୂତ ହୋଇ ଗଲାବେଳୁ କଳିଯୁଗର ଆଗମନ ହୋଇଛି ମାତ୍ର ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ଭୟରେ ସେ ପ୍ରକାଶ ପାଇ ପାରିନାହିଁ । ମହାଭାରତ ଯୁଦ୍ଧରେ କଳି ପ୍ରବେଶ କଲା । ସହଦେବ କଳିକୁ ବନ୍ଧନ କରି ରଖିଥିଲେ । ଏହି ସମୟରେ ଆକାଶର ବାଣୀ ଶୁଣି ସହଦେବ କଳିକାଳ ଫାଶ ଫିଟାଇଦେଲେ । ଯେଉଁ ବ୍ରାହ୍ମଣ ଓ କୃଷକ ରତ୍ନଜାଲି ନେବାକୁ ନିର୍ଲୋଭତା ପ୍ରକାଶ କରିଥିଲେ ହଠାତ୍ ସେମାନେ ପରସ୍ପର ମଧ୍ୟରେ କଳି ଆରମ୍ଭ କରିଦେଲେ ।

"ଯେତିକା ନିମିଷକେ ସଘୂଳ ଜଳ ଘୋଟି
ଲାଗିଲା ମାୟାମୋହ ଘୋଟିଲା ନବ ସୃଷ୍ଟି ।
ସୁରେଶ୍ୱର ବ୍ରାହ୍ମଣ ବୋଇଲା ଯେ ଧନ ମୋହର ବୋଲି
ପଳା ଯାଅ ସାଧୁତ୍ତ ବୋଲି କରିଷାଣ ଦେଲା ପେଲି ।
ବ୍ରାହ୍ମଣ ବୋଲଇ ଦେବ ତୁମ୍ଭେ ଯେ ଧର୍ମରାୟେ
କରିଷାଣ ମାତ୍ର ହୋଇ ସାଧୁକୁ ବଳ କଷେ ।
ବ୍ରାହ୍ମଣୀ କୋଳ କରି ଧରଇ ଯାଇଂ ଜାରି
ବଳେଣ କରିଷାଣ ଯେ ନିଆଇ ଉଚ୍ଛୁଡ଼ି ।"

ବ୍ରାହ୍ମଣ ଓ କୃଷକ ମଧ୍ୟରେ ରତ୍ନଜାଲି ପାଇଁ କଳହ ଲାଗିଥିଲା ବେଳେ ପରୀକ୍ଷିତ ସେହି ଧନକୁ ନେଇ ରାଜକୋଷରେ ଥୋଇଦେଲେ । ପୃଥିବୀର ସୁନାରେ ରାଜାର ଅଧିକାର । ସେଥିରେ ଆଉ କାହାରି ଅଧିକାର ନାହିଁ । ଏଥର ସହଦେବ କଳିଯୁଗରେ ଯେଉଁସବୁ ପରିବର୍ତ୍ତନ ଦେଖାଦେବ ସେ ବିଷୟରେ ମହାରାଜ ଯୁଧିଷ୍ଠିରଙ୍କୁ ଗୋଟି ଗୋଟି କରି ବୁଝାଇଅଛନ୍ତି । ଅନେକ କଷ୍ଟ କରି ପ୍ରଜା ଧନ ଉପାର୍ଜନ କରିବେ ମାତ୍ର ରାଜା ନାନା କୂଟଛନ୍ଦ ପାତି ସେହି ଧନକୁ ଅପହରଣ କରିନେବେ । ଇନ୍ଦ୍ର ବୃଷ୍ଟି କରିବ ନାହିଁ । ବସୁଧାରୁ ଭଲ ଫସଲ ଉତ୍ପନ୍ନ ହେବ ନାହିଁ । ରାଜା ହେବେ ଶାର୍ଦ୍ଦୂଳ ପରି ଏବଂ ପ୍ରଜା ହେବେ ମଢ଼ା ସଦୃଶ । ଶୂଦ୍ରଙ୍କୁ ବ୍ରାହ୍ମଣ ତଳ ହାତରେ ମାଗିବେ । ବ୍ରାହ୍ମଣମାନେ ଅନାଚାରୀ ହେବେ । ଚଣ୍ଡାଳ ସ୍ତ୍ରୀ ସହିତ ବ୍ରାହ୍ମଣ ସମ୍ଭୋଗ କରିବ । କୁଳନାରୀଗଣ ବ୍ୟଭିଚାର କରିବେ । ବିଧବାମାନେ ଅନ୍ୟାଚାରୀ ହେବେ । (୧୧) ଆପଣାର ବିବାହିତ ପତ୍ନୀକୁ ଛାଡ଼ି ଲୋକେ ବିଧବା ସ୍ତ୍ରୀ ସହିତ ରମଣ

---

୧୧ । ଅନେକ କଷ୍ଟେ ପରଜାଏ ଉପୁଜାଇବେ କୃଷି
ନାନା ଛନ୍ଦ ପାତି ରାଜା ନେବ ଦୁଇ ରାଶି ।
ଯହୁଂ ସେ ଅବାଧ୍ୟ କରିବାକ ରାଏ
ଇନ୍ଦ୍ର ବୃଷ୍ଟି ନ କରିବ ପୃଥୀ ନୋହିବ ଫଳଦାଏ ।

କରିବେ । ସମାଜରେ ଯୌନ ଅବକ୍ଷୟ ପ୍ରାଧାନ୍ୟ ଲାଭ କରିବ । ଚରିତ୍ରହୀନତା, ଧର୍ମହୀନତା ଓ ନୀତିହୀନତା ସମାଜ-ଜୀବନକୁ କଳଙ୍କିତ କରିଦେବ । କଳିଯୁଗର ଲୋକେ ଶାସ୍ତ୍ରନିନ୍ଦା କରି ଭଣ୍ଡପଣରେ ଜୀବନ କଟାଇବେ । ସାମାନ୍ୟ କଥାରେ କଳି ହେବ । ଶୃଙ୍ଗାର ଅବକ୍ଷୟତା ସମ୍ପର୍କରେ କବି ଚେତେଇ ଦେଇଛନ୍ତି :

"ପିତା ପୁତ୍ର ପତ୍ନୀରେ ହୋଇବେ ସ୍ନେହ ସଙ୍ଗ
ସାବତ ପୁତ୍ରେ ମାତା ହୋଇବେ ରତିଯୋଗ ।
ଆପଣାର ନିଜବୃତ୍ତି ଛାଡ଼ିବେ ଶିଷ୍ୟମାନେ
ଶୃଙ୍ଗାରେ ଅନ୍ୟୋଅନ୍ୟ ହୋଇବେ ହାଦେଜନେ ।
× × × ×
ବାରବ୍ରତ ଭୋଜନ ଅନୁବ୍ରତେ ଭୋଗୀ
ଅବିଚ୍ଛନ୍ନେ ଶୃଙ୍ଗାରେ ଜନେ ହୋଇବାକ ରୋଗୀ ।
ଗର୍ଭରବ ସ୍ତ୍ରୀମାନ ଯେ କରିବ ରମଣ
ସଂକ୍ରାନ୍ତି ଅମାବାସ୍ୟାରାତ୍ରେ କରିବେ ଅନ୍ନ ଭୋଜନ ।"

ଯୌନ ଅବକ୍ଷୟତା ସହିତ ନାନା ଅଧର୍ମ ସମାଜରେ ବିସ୍ତୃତ ହେବ । ଲୋକେ ମିଥ୍ୟାକୁ ଜୀବନରେ ଏକମାତ୍ର ସତ୍ୟ ମନେ କରିବେ । (୧୨) ଶିର ଧନ

---

ପରଜା ଦୁଇରାଶି ନ ଅର୍ଚ୍ଚିବ ରାଜାକୁ
କଷ୍ଟାଳ କରିବେ ସେ ଦେବତା ବ୍ରାହ୍ମଣଂକୁ ।
ରାଜା ହୋଇବେ ଶାଗୁଣା ପରଜା ହୋଇବେ ମଡ଼ା
ଠାବ ଠାବ ହୋଇ ସେ ଉଠିବାକ ପଡ଼ା ।
ଶୁଦ୍ରଙ୍କଇଂ ବ୍ରାହ୍ମଣେ ଯେ ମାଗିବେ ଅନାଗୃହ
ରାଜସେବା କରିବେ ଯେ ଦଣ୍ଡପାଟ ଆବୋର ।
କୃଷି କର୍ମେଣ ଯେ ଦଳିବାକ ମସ୍ତ
ଶହସ୍ର ଧରି ଶିର ଛେଦିବାକ ସେହି ।
ବେଦମନ୍ତ୍ରମାନ ଯେ ଯେ ହୋଇବ ଅଗ୍ରାହ୍ଯ
ବ୍ରାହ୍ମଣ ସ୍ତ୍ରୀ ଯୋନରେ ଚଣ୍ଡାଳେ ଦେବେ ବୀର୍ଯ୍ୟ ।
ବିଧବା ବ୍ରାହ୍ମଣୀ ହୋଇବେ ଅନ୍ୟାଗୃହ
କୁଳସ୍ତ୍ରୀମାନେ ଯେ ହୋଇବେ ଅଭିସାରୀ ।
ମିଛହିଁ ସତ ଜନେ ନ କହିବ ବାଣୀ
ଓନ୍ଦ ଲୋକେ ସିଂହାସନେ ବସିବେ ପାତ୍ର ମନ୍ତ୍ରୀ ଜାଣି ।

ଅପହରଣ କରି ଅନେକ ଲୋକ ମୃତ୍ୟୁବରଣ କରିବେ । ରାଜା ଅନ୍ୟାୟ ଅବିଚାରରେ ଅନେକଙ୍କୁ ମୃତ୍ୟୁଦଣ୍ଡ ଦେବେ । ସେ ପୁଣି ଆପଣାର ରାଜ୍ୟ ସୀମା ଅତିକ୍ରମ କରି ଅନ୍ୟ ରାଜ୍ୟକୁ ଆକ୍ରମଣ କରିବେ । କଳିଯୁଗର ଆଗମନ ହେଲେ ଏହିପରି ନାନା ସାମାଜିକ ପରିବର୍ତ୍ତନ ହେବ ବୋଲି ସହଦେବ ମହାରାଜା ଯୁଧିଷ୍ଠିରଙ୍କୁ ବୁଝାଇ ଦେଲେ । ଏଥିର ଯୁଧିଷ୍ଠିର କହିଲେ—

"ଯେ ଭୂମିରେ ଥାଇଂ କର୍ମେ ବାବୁ ଅରଜିବା ପାପ ।"

ମହାରାଜ ଯୁଧିଷ୍ଠିର ଭାଇ ଓ ପତ୍ନୀ ଦ୍ରୌପଦୀଙ୍କ ସହିତ ରାଜ୍ୟ ତ୍ୟାଗ କଲେ । ସେମାନେ ବିଭିନ୍ନ ସ୍ଥାନ ପରିକ୍ରମା କରି ଓଡ଼ିଶାର ବୈତରଣୀ ନଦୀ କୂଳରେ ଥିବା ଯାଜପୁରର ଧର୍ମପୁର ଗ୍ରାମରେ ଅବସ୍ଥାନ କଲେ । ସମାଜ-ସଚେତନଶୀଳ କବି ସମସାମୟିକ ସାମାଜିକ ଜୀବନ ସଂପର୍କରେ ଅବହିତ ଥିବାରୁ କଳି ଆଗମନଜନିତ ଘଟଣାକୁ ବାସ୍ତବ ରୂପେ ବର୍ଣ୍ଣନା କରିଅଛନ୍ତି । ମୂଳ ମହାଭାରତରେ ଏ ପ୍ରସଙ୍ଗ ନାହିଁ । କିନ୍ତୁ ସାରଳା ଦାସ ଏ ପ୍ରସଙ୍ଗର ଅବତାରଣା କରି ସାମାଜିକ ସଚେତନତା ସୃଷ୍ଟି କରିଅଛନ୍ତି ।

## ସୁହାଣୀ କନ୍ୟା ପ୍ରସଙ୍ଗର ବୈଶିଷ୍ଟ୍ୟ :

ରାଜ୍ୟ ତ୍ୟାଗ କରି ଧର୍ମରାଜ ଯୁଧିଷ୍ଠିର ଭାଇ ଓ ପତ୍ନୀ ଦ୍ରୌପଦୀଙ୍କ ସହିତ ନାନା ତୀର୍ଥସ୍ଥାନ ପରିକ୍ରମା କରି ସ୍ୱର୍ଗାରୋହଣ କରିବାକୁ ସ୍ଥିର କରିଥିଲା ବେଳେ ଯାଜପୁରର ଧର୍ମପୁର ଗ୍ରାମରେ ଅବସ୍ଥାନ କରି ବୈଶ୍ୟ ହରିସାହୁଙ୍କ କନ୍ୟା ସୁହାଣୀକୁ ବିବାହ କରିଥିଲେ । ଏହି ବର୍ଣ୍ଣନା ମୂଳ ମହାଭାରତରେ ନାହିଁ । ଅଥଚ ସାରଳା ଦାସ ଏହାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଅଛନ୍ତି । ଯେତେବେଳେ ଯୁଧିଷ୍ଠିର ଜରାଗ୍ରସ୍ତ ଓ ସକଳ ସାଂସାରିକ ପ୍ରଲୋଭନରୁ ମୁକ୍ତି ଲଭ ପାଇଁ ତୀର୍ଥ ପର୍ଯ୍ୟଟନରେ ନିୟୋଜିତ, ସେତେବେଳେ ପଞ୍ଚଦଶ ବର୍ଷ ବୟସ୍କା ସୁହାଣୀ କନ୍ୟା ସହିତ ତାଙ୍କର ବିବାହ ଏକାନ୍ତ ଅପ୍ରାସଙ୍ଗିକ ଓ ଅମୂଳକ ମନେହୁଏ । ଏ ପ୍ରସଙ୍ଗରେ ସାରଳା ମହାଭାରତର ଆଦି ସମୀକ୍ଷକ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା କହନ୍ତି—"ଏହି ପର୍ବର ପ୍ରାରମ୍ଭରେ ଗୋଟିଏ ଅଲୀକ ଓ ଅସଙ୍ଗତ କଥା ଏହି—ଧର୍ମପୁର ବା ଯାଜନ ନଗରର ନିବାସୀ ହରି ସାହୁଙ୍କର ପଞ୍ଚଦଶ ବର୍ଷ ବୟସ୍କା ରଜୋବତୀ ସିଂହାଣୀ ନାମ୍ନୀ କନ୍ୟାର ଅପମୃତ୍ୟୁ ହରଣାର୍ଥ ଯୁଧିଷ୍ଠିର ବ୍ୟାସାଦିଙ୍କ ସମକ୍ଷରେ ତଦୀୟ ପାଣିଗ୍ରହଣ କରି ତତ୍ର ପଞ୍ଚସପ୍ତତି ବର୍ଷ ନିବାସ କରିଥିଲେ । ଏହା ପରେ ଯୁଧିଷ୍ଠିର ବିବାହିତା ପ୍ରୋକ୍ତ ବୈଶ୍ୟକନ୍ୟାଙ୍କ ଯୋଗୁଁ ଅର୍ଜ୍ଜୁନ ଯମଙ୍କ ପରାସ୍ତ କରିଥିବା କେତେକ ସାଙ୍ଗତ୍ୟବିହୀନ କଥା ଲେଖାଅଛି ।" (୧୩) ଡକ୍ଟର ମାୟାଧର ମାନସିଂହ କିନ୍ତୁ ଏ ପ୍ରସଙ୍ଗକୁ ଅସଙ୍ଗତ

---

୧୩ । ଗୋପୀନାଥ ନନ୍ଦ ଶର୍ମା—ଶ୍ରୀଭାରତ ଦର୍ପଣ—ପୃଃ ୨୧୯—୨୨୦

ମନେ କରି ନାହାନ୍ତି । ସେ କହନ୍ତି — " ତାଙ୍କର ଉଗ୍ର - ଜାତୀୟତାର ତୀବ୍ରତା ଥିବଲେ ଆମକୁ ଆଜି ବିସ୍ମୟାଭିଭୂତ ହେବାକୁ ହେଉଛି । ଜନ୍ମମାଟି ଓଡ଼ିଶାକୁ ଦେଶବାସୀଙ୍କ ଚକ୍ଷୁରେ ଭାରତର ଅନ୍ୟ ପୌରାଣିକ ରାଜ୍ୟମାନଙ୍କ ପରି ପୂତ ଓ ପ୍ରଧାନ କରି ଠିଆ କରେଇବା ପାଇଁ ହିଁ ସେ ସୌରାଷ୍ଟ୍ରର ଶ୍ରୀକୃଷ୍ଣଙ୍କୁ ଆଣି ଯୋଡ଼ିଛନ୍ତି ପୁରୀର ଜଗନ୍ନାଥଙ୍କ ସହିତ ଓ ପାଣ୍ଡବମାନଙ୍କୁ ତୀର୍ଥ ଯାତ୍ରୀ କରି ଓଡ଼ିଶାର ସବୁ ତୀର୍ଥରେ ବୁଲାଇଛନ୍ତି କେବଳ ନୁହେଁ, ସେମାନଙ୍କୁ ବିଷ୍ଟକର ପଣ୍ଡା ଓ ଅନନ୍ତ ପ୍ରତିହାରୀ ପ୍ରଭୃତି ସାଧାରଣ ଓଡ଼ିଆ ନାଗରିକମାନଙ୍କ ସାଥିରେ ସାଧାରଣ ନାଗରିକ ପରି ବନବାସ କରାଇଛନ୍ତି । ସେତିକରେ ସନ୍ତୁଷ୍ଟ ନ ହୋଇ, ଉଗ୍ର କବି ସାରଳା, ବୃଦ୍ଧ ଯୁଧିଷ୍ଠିରଙ୍କୁ ଓଡ଼ିଆ ଝିଅର ସ୍ୱାମୀ କରାଇ ପାଣ୍ଡବମାନଙ୍କୁ ଓଡ଼ିଶାରେ ରଖାଇଛନ୍ତି ଦୀର୍ଘ ପଞ୍ଚସ୍ତରୀ ବର୍ଷ । " (୧୪) ମାନସିଂହ ଏହି ପ୍ରସଙ୍ଗରେ ସାରଳା ଦାସଙ୍କର ଉଗ୍ର - ଜାତୀୟତାକୁ ଅନୁମାନ କରିଥିଲା ବେଳେ ସମାଲୋଚକ ସୁରେନ୍ଦ୍ର ମହାନ୍ତି ଏଥିରେ ଧର୍ମପୂଜାର ଆଚାର୍ଯ୍ୟମାନଙ୍କ କାମଲୋଲୁପତାକୁ ଉପହାସ କରାଯାଇଥିବା ଲକ୍ଷ୍ୟ କରିଛନ୍ତି । ସେ ଲେଖିଛନ୍ତି — "ସାରଳାଙ୍କ ସମସାମୟିକ ପୃଷ୍ଠଭୂମିରେ ଧର୍ମ ପୂଜାର ସେହି ବିଡ଼ମ୍ବିତ ପରିସ୍ଥିତିକୁ ନିନ୍ଦିତ କରିବାର, ଏକ ସାହିତ୍ୟିକ ଆବଶ୍ୟକତା ଥିଲା । ସାରଳା ସ୍ୱୀୟ ମହାଭାରତରେ ସେ ଦାୟିତ୍ୱ ରସୋତ୍ତୀର୍ଣ୍ଣ ଭାବରେ ସଂପାଦନ କରିଅଛନ୍ତି । ପୁଣି ଧର୍ମରାଜ ଯୁଧିଷ୍ଠିର, ବିଚଳିତ କରୁଣାର ପ୍ରତିରୂପ ବୃଦ୍ଧ ରୂପେ କଳ୍ପିତ ହୋଇଥିବାରୁ, ବୈଶ୍ୟ ହରି ସାହୁଙ୍କୁ କନ୍ୟା ଦାୟରୁ ମୁକ୍ତ କରିବା ପାଇଁ ତାହାର ଅବିବାହିତା, ରଜୋବତୀ କନ୍ୟା ସୁହାଣୀକୁ ବିବାହ କରିଅଛନ୍ତି ; କିନ୍ତୁ ମହାପ୍ରସ୍ଥାନ ପଥରେ ଯୁଧିଷ୍ଠିର ଆର୍ତ୍ତି ଓ ପୀଡ଼ିତର ଶୋକ ଅପନୋଦନ ପାଇଁ ସୁହାଣୀ କନ୍ୟା ବିବାହ ବ୍ୟତୀତ, ଅନ୍ୟ ବୃଦ୍ଧସୁଲଭ ଅବକାଶ ପାଇ ନ ଥିବା ସାରଳାଙ୍କ ସ୍ୱେଚ୍ଛାକୃତ କାମୁକ ଓ ବିଦ୍ରୂପାତ୍ମକ ଚିତ୍ରଣର ପରିଚାୟକ । ମାତ୍ର ଏହା ପଶ୍ଚାତରେ ସମସାମୟିକ ଓ ସାଂସ୍କୃତିକ ପୃଷ୍ଠଭୂମିର ଯେଉଁ ପ୍ରେରଣା ରହିଅଛି, ତାହା ବିସ୍ମୃତ ହେବା ଉଚିତ ନୁହେଁ ।" (୧୫) ସାରଳା ଦାସଙ୍କ ସମୟକୁ ଯାଜପୁର ଧର୍ମପୂଜାର ଏକ ମୁଖ୍ୟ ପୀଠ ସ୍ଥାନ ରୂପେ ପ୍ରତିଷ୍ଠା ଲାଭ କରିଥିଲା । ଏହି ପୂଜା-ପଦ୍ଧତିରେ ତନ୍ତ୍ରର ପ୍ରଭାବ ସୁସ୍ପଷ୍ଟ । ତେଣୁ ଏଥିରେ ଯୌନ ସ୍ୱେଚ୍ଛାଚାରର ପ୍ରଭାବ ବିସ୍ତାର କରିଥିବା ସ୍ୱାଭାବିକ । ଶୈବାଚାର ମଧ୍ୟରେ ଧର୍ମପୂଜାତତ୍ତ୍ୱର ଅନୁପ୍ରବେଶ ହେତୁ ଯୌନ ପରତନ୍ତ୍ରତା ପ୍ରାଧାନ୍ୟ ଲାଭ କରିଥିଲା । ଏହି କାରଣରୁ ସାରଳା ଦାସ ସ୍ୱର୍ଗାରୋହଣ ପର୍ବରେ ସୁହାଣୀ କନ୍ୟାର ବିବାହ ପ୍ରସଙ୍ଗରେ ଧର୍ମପୂଜାପଦ୍ଧତିରେ ଯୌନ ସ୍ୱୈରାଚାରକୁ ବିଦ୍ରୂପ କରିଥିବା ମନେକରାଯାଇଥାଏ । ସମାଲୋଚକ ସୁରେନ୍ଦ୍ର

---

୧୪ । ଡକ୍ଟର ମାୟାଧର ମାନସିଂହ — ଓଡ଼ିଆ ସାହିତ୍ୟର ଇତିହାସ—ପୃ: ୧୦୮

୧୫ । ସୁରେନ୍ଦ୍ର ମହାନ୍ତି—ଓଡ଼ିଆ ସାହିତ୍ୟର ଆଦିପର୍ବ—ପୃ ୧୬୧/୧୬୨

ମହାନ୍ତିଙ୍କର ଏହି ଅନୁମାନରେ ଯାଥାର୍ଥ୍ୟ ଥାଇପାରେ ମାତ୍ର ମାନସିଂହଙ୍କର ଉତ୍ତ୍ର-ଜାତୀୟତାର ପ୍ରାଣସତ୍ତାକୁ ମଧ ଅସ୍ୱୀକାର କରିହୁଏ ନାହିଁ । ଡକ୍ଟର ବଂଶୀଧର ମହାନ୍ତି କିନ୍ତୁ ଏହି ଉପାଖ୍ୟାନରେ ଧର୍ମର ପ୍ରଭାବକୁ ଉପଲବ୍ଧି କରିଅଛନ୍ତି । ସେ କହନ୍ତି—'ଏହି ଉପାଖ୍ୟାନରେ ଦେବଚରିତ୍ର ସହିତ ଲୋକଚରିତର ଏକ ମଧୁର ସମନ୍ୱୟ ଘଟିଛି । ଯୁଧିଷ୍ଠିର ହରି ସାହୁର ଝିଅ ସୁହାଣୀ କନ୍ୟାକୁ ବିବାହ କରିବା କପୋଳକଳ୍ପିତ ହୋଇପାରେ : କିନ୍ତୁ ଧର୍ମରାଜ ଯୁଧିଷ୍ଠିର ଧର୍ମାର୍ଥେ କନ୍ୟାକୁ ମୃତ୍ୟୁ-ମୁଖରୁ ରକ୍ଷାକରିବା ପାଇଁ ତାକୁ ବିବାହ କରିବାରେ ଯଥାର୍ଥତା କବି ପ୍ରତିପାଦନ କରିଅଛନ୍ତି । ଧର୍ମପୁରରେ ଯୁଧିଷ୍ଠିର ଥିବାପର୍ଯ୍ୟନ୍ତ ଯମ ସେଠାରେ ପ୍ରବେଶ ନ କରିବାର ପ୍ରତିଜ୍ଞା ମୂଳରେ ଧର୍ମରାଜ ଯୁଧିଷ୍ଠିରଙ୍କର ଧର୍ମପ୍ରାଣତା ରହିବା ସହିତ ଏହି ସତ୍ୟ ପ୍ରତିପାଦିତ ହୋଇଛି ଯେ ଧର୍ମ ରହିଥିଲେ ଯମ ବା କାଳ ତାହାକୁ ଗ୍ରାସ କରିପାରିବ ନାହିଁ ।'' (୧୬) ଏହି ଲୋକକଥା ପ୍ରସଙ୍ଗର ଅବତାରଣାଦ୍ୱାରା କବି ସାରଳା ଦାସ ଯେପରି ଉତ୍କ୍ର-ଜାତୀୟତାର ପରିଚୟ ଦେଇଅଛନ୍ତି ସେହିପରି ଧର୍ମ ପୂଜାପଦ୍ଧତିରୁ ଯୌନ ସ୍ୱୈରାଚାରକୁ ବିଦ୍ରୂପ କରିଅଛନ୍ତି ଓ ସମାଜରେ ଧର୍ମର ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଅଛନ୍ତି । ଏତଦ୍‌ବ୍ୟତୀତ ସେ କ୍ଷତ୍ରିୟ ଓ ବୈଶ୍ୟଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ କରି ସାମାଜିକ ସଂହତି ପାଇଁ ଦେଇଛନ୍ତି ଯଥାର୍ଥ ଆହ୍ୱାନ ।

ଧର୍ମରାଜ ଯୁଧିଷ୍ଠିର ଯେତେବେଳେ ଧର୍ମପୁରରେ ଅବସ୍ଥାନ କରୁଥିଲେ ସେତେବେଳେ ଅମରାବତୀ ନଗରର ବୈଶ୍ୟ ହରି ସାହୁ ଆପଣାର ଦୁହିତା ସୁହାଣୀକୁ ନେଇ ଯୁଧିଷ୍ଠିରଙ୍କ ପାଖରେ ପହଞ୍ଚିଅଛି । ସୁହାଣୀ (ସୁହାସିନୀ ?) ରୂପବତୀ ଓ ଯୁବତୀ ମାତ୍ର ଅବିବାହିତା । ଦୈବଜ୍ଞ ଉଦ୍ଦାଳକଙ୍କ ଗଣନା ଅନୁସାରେ ବିବାହ ହେଲା ମାତ୍ରେ କନ୍ୟାର ମୃତ୍ୟୁ ଅବଶ୍ୟମ୍ଭାବୀ । ଯୁଧିଷ୍ଠିର ହରି ସାହୁଙ୍କୁ ସେହି କନ୍ୟାର ପରିଚୟ ଜିଜ୍ଞାସା କରିଅଛନ୍ତି । ହରି ସାହୁଠାରୁ କନ୍ୟା ଅବିବାହିତା ଥିବା ଜାଣି ଯୁଧିଷ୍ଠିର କହିଲେ :

'ଦୋହିତା ପିତା ଘରେ ହୋଇଲେ ରଜୋବତୀ
ପିତୃଲୋକମାନଙ୍କୁ ହୋଇଅଇ ଅସଦଗତି ।'

ଏହା ହିଁ ଥିଲା ସେ କାଳର ସାମାଜିକ ବିଶ୍ୱାସ ଓ ଚଳଣି । ଯୁଧିଷ୍ଠିର ସହ-ଦେବଙ୍କଠାରୁ କନ୍ୟାର ଭାଗ୍ୟ ସମ୍ପର୍କରେ ଅବଗତ ହେଲେ । ଏଥର ହରି ସାହୁ ବିନୟ ହୋଇ କହିଲେ :

୧୬ । ଡକ୍ଟର ବଂଶୀଧର ମହାନ୍ତି—ଓଡ଼ିଆ ସାହିତ୍ୟର ଇତିହାସ ୨ୟ ଭାଗ—ପୃ ୨୦୮

"ଆମେ ପ୍ରଧାନେ ଦେବ-ନାହିଁ ନା କାରଣ
ଯେବେ ଦୋହିତାକୁ ଘେନ ତୁମ୍ଭରେ ଶରଣ ।
ତୁମ୍ଭରେ ପ୍ରଦାନ ମୁଁ କରିବି ଦୋହିତା
ଯାବତ ଚନ୍ଦ୍ରାର୍କେ ରୁହାଇବ କଥା ।
ସ୍ୱାମୀର ସତ୍ୟ ବାକ୍ୟ ହେଉ ଉଦିତ ହେଉ ଧର୍ମ
ବର୍ଣ୍ଣ୍ୟକୁଳକୁ କଥା ରହୁ ଜନ୍ମ ଜନ୍ମ ।"

ଯୁଧିଷ୍ଠିରଙ୍କର ଗଳିତ ବୟସ । ଜୀବନର ସାୟଂକାଳରେ ସେ ଉପନୀତ । ରାଜ୍ୟ ସମ୍ପଦ ସେ ତ୍ୟାଗ କରି ତୀର୍ଥବାସ କରୁଛନ୍ତି । ଏହିପରି ଅବସ୍ଥାରେ ବିବାହର ମୂଲ୍ୟ କଣ ? ଯୁଧିଷ୍ଠିରଙ୍କ ମନ ଭିତରେ ଯେତେବେଳେ ଏହି ଦ୍ୱନ୍ଦ୍ୱ ସେତେବେଳେ ସହଦେବ କହିଲେ :

"ଯାଚିଲା କନ୍ୟା ଯେ ଅର୍ଚ୍ଚିଲା ଭୋଜନ
ଯେହୁ ଉପେକ୍ଷିଲେ ଦେବ କୁଳକଇଁ ଦୂଷଣ ।"

ଏଥର ଯୁଧିଷ୍ଠିର ସୁହାଣୀ କନ୍ୟାକୁ ବିବାହ କରିବାକୁ ସିଦ୍ଧାନ୍ତ କଲେ । ଯମଭୟରୁ ସୁହାଣୀକୁ ରକ୍ଷା କରିବାକୁ ସବ୍ୟସାଚୀ ଗାଣ୍ଡିବ ଧରି ବିଦ୍ୟମାନ ରହିଲେ । ହରିସାହୁ ବନ୍ଧୁବାନ୍ଧବମାନଙ୍କୁ ଆମନ୍ତ୍ରଣ କଲେ । ଧୌମ୍ୟ ପୁରୋହିତ ଏକ ଲକ୍ଷ ବ୍ରାହ୍ମଣମାନଙ୍କ ସହିତ ଉପଗତ ହେଲେ । ବ୍ୟାସଦେବ ଷାଠିଏ ସହସ୍ର ବାଲଖିଲ୍ୟ ଋଷିଙ୍କ ସହିତ ପ୍ରବେଶ କଲେ । ଯୁଧିଷ୍ଠିର ଓ ସୁହାଣୀ କନ୍ୟାଙ୍କର ହସ୍ତଗ୍ରନ୍ଥି ପଡ଼ିବା ମାତ୍ରେ ଯମଙ୍କର କାଳବିକାଳ ଦୂତ ଶୂନ୍ୟମାର୍ଗରେ ଉପସ୍ଥିତ ହେଲେ । ଅର୍ଜୁନ ଶର ନିକ୍ଷେପ କରି ଯମଦୂତଙ୍କୁ ବନ୍ଧନ କଲେ । ଚିତ୍ରଗୁପ୍ତ ଭୟରେ ପଳାଇ ଯାଇ ଏ ସମ୍ବାଦ ଯମ ଦେବତାଙ୍କୁ କହିଲେ । ଫଳରେ ଯମଦେବତା ନିଜେ ସୁହାଣୀର ପ୍ରାଣ ନେବା ପାଇଁ ଆଗମନ କଲେ । ଅର୍ଜୁନ ଦିବ୍ୟଦୃଷ୍ଟିରେ ଯମଙ୍କ ଆଗମନ ଦେଖିପାରିଲେ । ସେ ପ୍ରଥମେ ଯମଙ୍କୁ ପ୍ରାର୍ଥନା କଲେ ସୁହାଣୀ କନ୍ୟାର ଜୀବନ ନ ନେବାକୁ । ମାତ୍ର ଯମ କୌଣସି ଅନୁନୟ ବାଣୀ ନ ଶୁଣିବାରୁ ଅର୍ଜୁନ ମନଭେଦୀ କାଳଫାଶ ପ୍ରୟୋଗ କରି ଯମଙ୍କୁ ବନ୍ଧନ କଲେ । ଯୁଧିଷ୍ଠିର ଆନନ୍ଦରେ ବିବାହ ବଢ଼ାଇ ସୁହାଣୀ ସହିତ ଅବସ୍ଥାନ କଲେ । ଯମଙ୍କ କବଳରୁ ସୁହାଣୀ ରକ୍ଷା ପାଇବାରୁ ହରି ସାହୁ ବିସ୍ମିତ ହୋଇଛନ୍ତି ଓ ସହଦେବଙ୍କଠାରୁ ଅର୍ଜୁନଙ୍କ ଦ୍ୱାରା ବନ୍ଧା ହୋଇଥିବା ସମ୍ବାଦ ଶୁଣି ଯମଙ୍କୁ ଦେଖିବା ଲାଗି ସେ ଇଚ୍ଛା ପ୍ରକାଶ କରିଛନ୍ତି । ହରି ସାହୁ ଯମଙ୍କୁ ଦେଖି ଭକ୍ତିରେ ପ୍ରଣାମ କରିଛନ୍ତି ଓ ତାଙ୍କୁ ବନ୍ଧନମୁକ୍ତ କରିବା ଲାଗି ଅର୍ଜୁନଙ୍କୁ ନିବେଦନ କରିଛନ୍ତି । ହରିସାହୁଙ୍କ ଅନୁରୋଧକ୍ରମେ ଅର୍ଜୁନ ଯମଙ୍କୁ ବନ୍ଧନମୁକ୍ତ କରିଛନ୍ତି

ଏବଂ ଯେଉଁଦିନ ପର୍ଯ୍ୟନ୍ତ ସେମାନେ ଧର୍ମପୁରରେ ଅବସ୍ଥାନ କରିବେ ସେତେଦିନ ପର୍ଯ୍ୟନ୍ତ ତାଙ୍କର ଦୂତ ସେଠାକୁ ଆସିବେ ନାହିଁ ବୋଲି କହିଛନ୍ତି । ଯମ, ଏଥିରେ ସମ୍ମତି ପ୍ରକାଶ କଲେ ଏବଂ ହରିସାହୁଙ୍କୁ ବର ମାଗିବାକୁ କହିଲେ । କୈବର୍ତ୍ତଜାତି କେଉଁପରି ଯମଦଣ୍ଡରେ ଦଣ୍ଡିତ ନ ହେବେ ଏହି ବର ହରି ସାହୁ ମାଗିଲାରୁ ଯମଦେବତା କହିଲେ :

"ତୋହୋର ଜାତିକି ତିଆରି ଆଅ ଯେ ସବୁନ୍ତ
ସ୍ୱଜାତିରେ ଥାଇ କେହି ନୋହିବେ ଅନୀତି ।
ବଣିଜେ ସ୍ୱରୂପ କରି କହିବାନା କଥା
ଲାଭ ଲାଗି କହିବ ସେ ନ କହିବ ମିଥ୍ୟା ।
ଗଣ୍ଡାକରେ କଡ଼ାଏ ଲାଭ ବୋଡ଼ିକରେ ଗଣ୍ଡାଏ
ପଣକରେ ବୋଡ଼ିଏ କାହାଣକରେ ପଣକାଏ ।
ଚାରିପାଦେ କିଣିବ ବିକିବ ପାଞ୍ଚପାଦେ
ପୁଣ୍ୟମାର୍ଗେ ଥିବ ନ ପଶିବେ ଅପ୍ରମାଦେ ।

× × ×

ତୋହୋର ଲୋକନ୍ତ ସମସ୍ତ ତିଆରିବୁ
ପରଦାରି କଥାକୁ ପଶିତ ନ ଦେବୁ ।
ଅନ୍ୟ ଜାତି ସ୍ତିରୀଙ୍କ ତୁମ୍ଭେ ନ ଛୁଇଁବ ଅଙ୍ଗ
ଆପଣା ଜାତିରେ ସେ ହୋଇବ ସତସଙ୍ଗ ।
ପ୍ରୀତି ଆହାର୍ଷ୍ଟିକ ଯାରିବ ତିନକାଳ
ଅବସର ଥିଲେ ପଶିବ ଦେବଆଳ ।
ବିଷ୍ଣୁଙ୍କୁ ଉପାସନା କରିବ ନିତ୍ୟ ଯେ ବିଧାନେ
ଶାହାସ୍ତ୍ର ସଙ୍ଗତେ ଯେ ବସିବ ମଧ୍ୟାହ୍ନେ ।
ହତ୍ୟା ବିବାଦ ବଧ ନ ଯିବାକ ଦେଖି ।
ବେନିଜନ କଳହେଣ ନୋହିବାକ ସାକ୍ଷୀ ।
ବହୁତ ଲାଭ ଦେଖି ନ ଯିବାକ ବିଦେଶେ
ଷାଠିଏ ବରଷ ହେଲେ ଯିବ ତୀର୍ଥବାସେ ।

× × ×

ବ୍ରାହ୍ମଣ ପାପ କଲେ କରିବାକ ଯାଗ
କ୍ଷତ୍ରୀ ପାପ କଲେ ପଶିବ ରଣଯାଗ ।
ଶୂଦ୍ର ପାପ କଲେ ଉପୁଜାଇବ କୃଷି
ବୈଶ୍ୟ ପାପ କଲେ ମୁକତି ବାଟ ନ ଦିଶି ।"

ଯମଦେବତାଙ୍କର ଏହି ଉପଦେଶ ପ୍ରକୃତରେ କବି ସାରଳା ଦାସଙ୍କର ଉପଦେଶ । ସାମାଜିକ ଆଦର୍ଶ ଓ ନୈତିକ ଜୀବନ ପାଇଁ କବି ଏହି କଥାକୁ ପ୍ରକାଶ କରିଅଛନ୍ତି । ପରଦାରାହରଣ ପ୍ରସଙ୍ଗକୁ ସେ ବାରମ୍ବାର ନିନ୍ଦା କରିଅଛନ୍ତି । ଯୌନ ସ୍ୱେଚ୍ଛାଚାରକୁ ସେ ପ୍ରଶ୍ରୟ ଦେଇ ନାହାନ୍ତି । ଯଦିଓ ଯୁଧିଷ୍ଠିରଙ୍କ ସହିତ ହରି ସାହୁର କନ୍ୟା ସୁହାଣୀର ବିବାହ ହୋଇଛି ତଥାପି ଯମଙ୍କ ମୁଖରେ ଆପଣା ଜାତିରେ ବିବାହ ପ୍ରଥାକୁ କବି ପ୍ରକାଶ କରିଅଛନ୍ତି । ଏଥିରୁ ପ୍ରତିପାଦିତ ହେଉଛି ଯେ କବି ଭିନ୍ନ ଜାତି ମଧ୍ୟରେ ବିବାହର ପକ୍ଷପାତୀ ନୁହନ୍ତି । ବ୍ୟବସାୟ ବାଣିଜ୍ୟରେ ଦୁର୍ନୀତି ନିନ୍ଦନୀୟ ବୋଲି କବି ମତ ବ୍ୟକ୍ତ କରିଅଛନ୍ତି । ଏହି ପ୍ରସଙ୍ଗରେ କବି ମହାରାଷ୍ଟ୍ରର ସୁଜାଣେଶ୍ୱର ଯତିଙ୍କ ବିଷୟରେ ଅବତାରଣା କରିଅଛନ୍ତି । ଏହି ସୁଜାଣେଶ୍ୱର ସମ୍ଭବତଃ ସନ୍ଥ ଜ୍ଞାନେଶ୍ୱର । ଚତୁର୍ଦ୍ଦଶ ଶତାବ୍ଦୀରେ ସେ ମହାରାଷ୍ଟ୍ରରେ ପ୍ରସିଦ୍ଧି ଲାଭ କରିଥିଲେ । କବି ସାରଳାଦାସ ତାଙ୍କ ସମ୍ପର୍କରେ ଧ୍ରୁଏତ ଆଲୋଚ୍ୟ ପ୍ରସଙ୍ଗରେ ବର୍ଣ୍ଣନା କରି ବର୍ଣ୍ଣାଶ୍ରମ ଧର୍ମର ମହତ୍ତ୍ୱକୁ ସୂଚାଇ ଅଛନ୍ତି । ସୁହାଣୀ କନ୍ୟାକୁ ଯୁଧିଷ୍ଠିର ବିବାହ କରି ଧର୍ମପୁରରେ ପଞ୍ଚଦଶ ବର୍ଷ ପର୍ଯ୍ୟନ୍ତ ଅବସ୍ଥାନ କଲେ ଏବଂ ସେଠାରୁ ସେ ଲୋମଶ ମହର୍ଷିଙ୍କ ସହିତ ଗୁପ୍ତ ତୀର୍ଥ ଦର୍ଶନ କରିବାକୁ ବାହାରିଲେ । କପିଳାସ ପର୍ବତରେ ଶିଖରେଶ୍ୱର ମହାଦେବ ବିଦ୍ୟମାନ । ସେଠାକୁ ସୁହାଣୀ ଯିବାକୁ ଅସମର୍ଥ । ତେଣୁ ତାକୁ ପର୍ବତ ତଳେ ଅବସ୍ଥାନ କରାଇ ଯୁଧିଷ୍ଠିର ଭାଇ ଓ ଦ୍ରୌପଦୀଙ୍କ ସହିତ ପର୍ବତ ଆରୋହଣ କଲେ । ସୁହାଣୀ ସେହି ପର୍ବତରେ ଥାଇ ଈଶ୍ୱରଙ୍କୁ ସେବା କରି ଓ ସେଠାରେ ତାର ସିଦ୍ଧନାମ ହେଲା । ପ୍ରତ୍ୟାବର୍ତ୍ତନ ସମୟରେ ତାକୁ ସାଙ୍ଗରେ ବାରଣସୀ ନେଇଯିବାକୁ ଯୁଧିଷ୍ଠିର ପ୍ରତିଶ୍ରୁତି ଦେଲେ । ଏହି ଲୋକକଥାଟି ମୂଳ ମହାଭାରତରେ ନ ଥିଲେ ମଧ୍ୟ ଅଦ୍ଭୁତ କଳ୍ପନାବିଳାସୀ କବି ସାରଳା ଦାସ ଯେପରି ଏହାକୁ ବର୍ଣ୍ଣନା କରିଅଛନ୍ତି ଆପାତତଃ ଏହା ଅମୂଳକ ଓ ଅସଂଗତିପୂର୍ଣ୍ଣ ମନେ ହେଲେହେଁ ସାମାଜିକ-ସାଂସ୍କୃତିକ ଓ ଜାତୀୟ ଭାବ ସ୍ପନ୍ଦନ ଦୃଷ୍ଟିରୁ ଏହା ଯେ ଏକ ସାହିତ୍ୟିକ ଆବଶ୍ୟକତା ଏଥିରେ ସନ୍ଦେହ ନାହିଁ ।

## ପାଣ୍ଡବଙ୍କର ତୀର୍ଥ ପର୍ଯ୍ୟଟନ :

ଦୀର୍ଘ ପଞ୍ଚଦଶ ବର୍ଷ ଅମରାବତୀ ନଗରରେ ପାଣ୍ଡବମାନେ ରହିଲା ପରେ ଧର୍ମରାଜ ଯୁଧିଷ୍ଠିର ଭାରତବର୍ଷର ଗୁପ୍ତ ତୀର୍ଥସବୁ ଦେଖିବା ଲାଗି ଲୋମଶ ମହର୍ଷିଙ୍କୁ ଅନୁରୋଧ କଲେ । (୧୭) ଲୋମଶ ସେମାନଙ୍କୁ ସାଙ୍ଗରେ ନେଇ ଗୁପ୍ତତୀର୍ଥ ଦେଖାଇଛନ୍ତି । ପ୍ରଥମେ ସେମାନେ କପିଳାସ ତୀର୍ଥ ଦର୍ଶନ କରିଛନ୍ତି । ଏହି ପ୍ରସଙ୍ଗରେ

---

୧୭ । ଲୋମଶଙ୍କୁ ରାଇ ବୋଲନ୍ତି ଧର୍ମସୁତ
ଯେ ଭୂଖଣ୍ଡ ମଧ୍ୟେ ଅଛି କେବଣ ଗୁପତ ତୀର୍ଥ ।

ଲୋମଶ ଋଷିଙ୍କ ନୃପତି ବିଶ୍ୱାବସୁଙ୍କର କାଳ, କାମ, ସମ, ସୋମ, ଆଧାନ, ପ୍ରିୟ ଓ ନନ୍ଦା ଆଦି ସାତ ପୁତ୍ରଙ୍କର ଯୌନ ସ୍ୱୈରାଚାର ଓ ବେଶ୍ୟାସକ୍ତ ଜୀବନଯାପନ ସମ୍ପର୍କରେ ବର୍ଣ୍ଣନା କରିଅଛନ୍ତି । ବିଶ୍ୱାବସୁ ପୁତ୍ରମାନଙ୍କୁ ନେଇ ସଦାଶିବଙ୍କ ଆଗରେ ବିରାଜିତ କରି ସେମାନଙ୍କର ସ୍ୱୈରାଚାର ଭାବକୁ ପ୍ରକାଶ କଲେ । ଏଥିରେ ଦେବାଧି-ଦେବ ମହାଦେବ କ୍ରୋଧ ପ୍ରକାଶକରି ସେମାନଙ୍କୁ ପାଷାଣ ହୋଇଯିବାକୁ ଅଭିଶାପ ଦେଲେ । ସେମାନଙ୍କର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାଦେବ କହିଲେ—

"ମୋହୋର କପିଳାସେ ତୁମ୍ଭେରେ ପାବଚ୍ଛ ହୋଇଥାଅ ।
ମୋତେ ଦ୍ରଶନ କରି ଆସିବେ ଯେତେ ନର,
ସଭିର ପାଦରଜ ପଡୁ ତୁମ୍ଭର ଉପର ।"

କବି ସାରଳାଦାସ ଏହି ଜନଶ୍ରୁତିକୁ ଅଦ୍ଭୁତ କଳ୍ପନା ବଳରେ ରୂପାୟନ କରିଅଛନ୍ତି । ଏହିଠାରେ ଯୁଧିଷ୍ଠିର ଅବସ୍ଥାନ କଲେ ଏବଂ ଭୀମ ଧର୍ମପୁର ନଗରକୁ ଯାଇଁ ଅମଳା ଧାନ ଭାରେ ଆଣି ବଣର ସାତଟି ବ୍ୟାଘ୍ର ସାହାଯ୍ୟରେ ଧାନକୁ ମଳି ସେଥିରୁ ଅନ୍ନ ବାହାର କଲେ ଓ ହାତରେ ମୁଥମାରି ଚୂଲି ସଂଗ୍ରହ କରି ଅନ୍ନ ପ୍ରସ୍ତୁତ କଲେ । ସମସ୍ତେ ଭୋଜନ କରି ଦକ୍ଷିଣ ଦିଗ ଅଭିମୁଖେ ଯାତ୍ରା କଲେ । ସେଠାରେ ଯୁଧିଷ୍ଠିର ଯମଦେବତାଙ୍କୁ ଶପଥ କରାଇଲେ ।

"ଚତୁର୍ଦ୍ଦଶୀ ଶିବରାତ୍ରିରେ ଯେ କପିଳାସେ ଜାଗନ୍ତି
ସେ ଲୋକ ଅନେକ ଦୋଷ କଲେ ତାଙ୍କୁ ନ ଦେବୁ ତୁ ଶାସ୍ତି ।"

ଦକ୍ଷିଣାଭିମୁଖେ ଗତିକରି ଚନ୍ଦ୍ରୋତ୍ପଳା ନଦୀ ତୀରରେ ଉତ୍ପଳେଶ୍ୱର ମହାଦେବଙ୍କୁ ପୂଜା କଲେ ଏବଂ ସେଠାରୁ ସେମାନେ ଏକାମ୍ର ତୀର୍ଥ ଦର୍ଶନରେ ବାହାରିଲେ । ବିନ୍ଦୁସାଗରରେ ସ୍ନାନ ସାରି ସେମାନେ ବିଶ୍ୱନାଥଙ୍କୁ ଦର୍ଶନ କଲେ । ସେଠାରେ ଯୁଧିଷ୍ଠିର ପଞ୍ଚଲିଙ୍ଗ ସ୍ଥାପନ କଲେ । ଏଠାରୁ ଅଗ୍ନିକୋଣରେ ଗତି କରି ପ୍ରାଚୀ ନଦୀ କୂଳରେ ଉପଗତ ହେଲେ । ଏହା ହିଁ ପ୍ରକୃତରେ ଗୁପ୍ତତୀର୍ଥ । ସତ୍ୟଯୁଗରେ ରକ୍ଷ ଓ ଭକ୍ଷ ଦନୁଜଙ୍କ ବଂଶଧର କୀର୍ତ୍ତିନ ଓ କୀର୍ତ୍ତିବାସ ଏକାମ୍ର ବନରେ ଏବଂ ଆରଣ୍ୟକ ପ୍ରାଚୀ ନଦୀ କୂଳରେ ଅବସ୍ଥାନ କଲେ । କୀର୍ତ୍ତିନ ଓ କୀର୍ତ୍ତିବାସ ଭୟରେ କେହି ଏକାମ୍ର ତୀର୍ଥକୁ ଆସିଲେ ନାହିଁ । ଏକଦା ଶିବଙ୍କ ଆଦେଶରେ ପାର୍ବତୀ ଗୋଟିଏ ସୁନ୍ଦରୀ ଗୋପାଳୁଣୀ ବେଶରେ ମୁଣ୍ଡରେ ଦଧିଭାଣ୍ଡ ରଖି ସେଠାରେ ପହଞ୍ଚିଲେ । କୀର୍ତ୍ତିନ ଓ କୀର୍ତ୍ତିବାସ ସ୍ୱୀୟ ଲୀଳା ଦେଇ ପାର୍ବତୀଙ୍କଠାରୁ ଦଧି ପାନକଲେ । ପାର୍ବତୀ ଚାଲିଗଲା ପରେ ଅସୁରଦ୍ୱୟ କାମକ୍ରୀଡ଼ାରେ ବ୍ୟସ୍ତ ହୋଇ ପଡ଼ିଲେ । ପର ଦିନ ପାର୍ବତୀ ପୁନର୍ବାର

ଦଧି ନେଇ ଆସିଲେ । କୀର୍ତ୍ତିନ ଓ କୀର୍ତ୍ତିବାସ ଦଧି ପାନକଲେ ଏବଂ ପାର୍ବତୀଙ୍କୁ ସେମାନଙ୍କର ପତ୍ନୀ ହେବାକୁ କହିଲେ । ପାର୍ବତୀ କହିଲେ ତାଙ୍କର ଗୋଟିଏ ବ୍ରତ ଅଛି । ସେହି ବ୍ରତ ପାଳନ କଲେ ସେ ସେମାନଙ୍କର ପତ୍ନୀ ହେବେ । ଅସୁରଙ୍କଠାରୁ ସମ୍ମତି ଶୁଣି ପାର୍ବତୀ କହିଲେ —

" × × × ଦୁହିଁକର କାନ୍ଧେ ମୁ ପାଦ ଦେଇଥିବି
ହାଥେ ହାଥେ ଦେଇ ତୁମ୍ଭର ମୁଣ୍ଡ ମୁଁ ଧରିଥିବି ।
ବୁଲାଇବ ମୋତେ ତିନି କୋଶ ପରିଯନ୍ତେ
ସ୍ନେହ କଲେ ମୁଁ ତୁମ୍ଭ ଭାରିଯା ଯୁଗତେ । "

ଏ କଥାରେ ଅସୁରଦ୍ୱୟ ଏକମତ ହେଲେ । ପାର୍ବତୀ ସେମାନଙ୍କ କାନ୍ଧରେ ପାଦ ଦେଇ ଛିଡାହେଲେ ଏବଂ ସେମାନଙ୍କୁ ଭୂମିରେ ଚୁପି ଦେଲେ । ପାଣ୍ଡବମାନେ ଏକାମ୍ର ତୀର୍ଥ ଦର୍ଶନ କରି ସାରି ପ୍ରାଚୀ ନଦୀ ତୀରକୁ ଗଲେ ଆରଣ୍ଡେକ ରାକ୍ଷସକୁ ମାରିବା ପାଇଁ । ପ୍ରାଚୀ ନଦୀରେ ସେମାନେ ସ୍ନାନ କରି ତାକୁ ପଞ୍ଚତୀର୍ଥ ବୋଲି ନାମିତ କଲେ । ସେହିଠାରେ ଯୁଧିଷ୍ଠିର କୃଷ୍ଣବର୍ଣ୍ଣ ମାଧବ ମୂର୍ତ୍ତି ପାଇଲେ । ପାଣ୍ଡବ ଘାଟରେ ସେହି ମୂର୍ତ୍ତିକୁ ସ୍ଥାପନକଲେ । ଏହି ସମୟରେ ଆରଣ୍ଡେକ ଅସୁର ସେମାନଙ୍କୁ ଆକ୍ରମଣ କରିବାରୁ ଭୀମ ତା' ସହିତ ଘୋର ଯୁଦ୍ଧ କରିଛି । ଅସୁରକୁ ତଳେ ଭୀମ ମାଡ଼ି ବସିଥିବା ବେଳେ ଆକାଶବାଣୀ ହେଲା ଯେ ସେହି ଅସୁର ଉପରେ ମାଧବମୂର୍ତ୍ତି ବିଜେ କରାଇଲେ ସେ ମୃତ୍ୟୁବରଣ କରିବ । ଯୁଧିଷ୍ଠିର ମାଧବ ମୂର୍ତ୍ତି ନେଇ ଅସୁର ଉପରେ ବିଜେ କରାଇଲେ ଏବଂ ଅସୁରର ବିନାଶ ହେଲା । ସେହିଦିନଠାରୁ ସେହି ମାଧବ ମୂର୍ତ୍ତିଙ୍କ ନାମ ହେଲା "ଯୁଦ୍ଧେଷ୍ଟି ମାଧବ" । କବି ଲୋକପ୍ରଚଳିତ କାହାଣୀକୁ ଉକ୍ତ ଗ୍ରନ୍ଥରେ ବର୍ଣ୍ଣନା କରି ସାହିତ୍ୟିକ ରସବୋଧ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତତ୍କାଳୀନ ସମାଜରେ ବିଭିନ୍ନ ଧର୍ମଧାରଣାକୁ ମଧ୍ୟ ରୂପାୟନ କରିଅଛନ୍ତି । ମାଧବ ଦର୍ଶନର ସୁଫଳ ସମ୍ପର୍କରେ କବି କହିଛନ୍ତି :

"ମାଧବ ସୁମର ନରେ ରୋଗ ବ୍ୟାଧି ନ ପୀଡ଼ୁ
ମାଧବ ସୁମର ନରେ କାଳଦଣ୍ଡ ନ ପଡ଼ୁ ।
ମାଧବ ସୁମର ନରେ ହରୁ ସର୍ବ ପାପ
ମାଧବ ସୁମର ନରେ ସିଦ୍ଧ ହୋଉ ଜପ ।
ମାଧବ ସୁମର ନରେ ପ୍ରାପତ ହୋଉ ସିଦ୍ଧି
ମାଧବ ସୁମର ନରେ ପ୍ରସର ହୋଉ ବୁଦ୍ଧି ।
ମାଧବ ସୁମର ନରେ କାଳିକଳଙ୍କ ନ ପଡ଼ୁ
ମାଧବ ସୁମର ନରେ ହତ୍ୟାହିଂ ନ ପୀଡ଼ୁ ।

ମାଧବ ସୁମରି ନରେ ଅଶ୍ୱୈର୍ଯ୍ୟ ଭୁଞ୍ଜି
ମାଧବ ସୁମର ନରେ ସିଦ୍ଧି ହୋଇ ସର୍ବକାର୍ଯ୍ୟ ।
ମାଧବ ସୁମର ନରେ ବନ୍ଧ ବନ୍ଧନ ଫିଟୁ
ମାଧବ ସୁମର ନରେ ଆୟୁଷ ନ ତୁଟୁ ।
ମାଧବ ସୁମର ନରେ ଧନ ସନ୍ତାନ ହୋଇ
ମାଧବ ସୁମର ନରେ ଦୁଃଖ ଅପାଦ କ୍ଷୟ ଯାଉ ।"

ଏଥିଉତାରୁ ପାଣ୍ଡବମାନେ ପଶ୍ଚିମାଭିମୁଖେ ଯାତ୍ରା କଲେ । ଓଡ଼ିଶାର ବିଭିନ୍ନ ତୀର୍ଥସ୍ଥାନ ଦର୍ଶନ କରି ସେମାନେ ମହ୍ଲାର ରାଜ୍ୟରେ ପ୍ରବେଶ କଲେ । ମହ୍ଲାର ରାଜ୍ୟରୁ ତୁଳସୀ ନଗର ଯାଇ ରୁଦ୍ର ନଦୀ ତୀରରେ ଭୈରବଙ୍କୁ ପୂଜା କଲେ । ସେଠାରେ ସେମାନେ ପରଶୁରାମଙ୍କର କୋଠାରକୁ ମଧ୍ୟ ଦର୍ଶନ କଲେ । ରୁଦ୍ରନଦୀ ତୀରରେ ତାରକେଶ୍ୱରଙ୍କୁ ଦର୍ଶନ କରି ସେମାନେ ପଶ୍ଚିମାଭିମୁଖେ ଯାତ୍ରା କରି ଗ୍ରାମଗର୍ଯ୍ୟା ତୀର୍ଥରେ ଅବସ୍ଥାନ କଲେ । ସେଠାରେ ଫଲ୍‌ଗୁ ନଦୀରେ ପିତୃଶ୍ରାଦ୍ଧ ପ୍ରଦାନ କରି ବାରାଣସୀ ଯାତ୍ରା କଲେ । ମାର୍କଣ୍ଡେୟ ଓ ବ୍ୟାସଦେବ ସେମାନଙ୍କୁ ଭେଟିଲେ । ଯୁଧିଷ୍ଠିର ମାର୍କଣ୍ଡେୟ ମହର୍ଷିଙ୍କୁ କହିଲେ

"ଆମ୍ଭେ ଯେ ଅନେକ ସୋଦରନ୍ତ ବଧକଲୁ,
ହତ୍ୟା ବିମୋଚନ ଅର୍ଥେ ତୀର୍ଥେ କରି ଅଇଲୁ ।"

ଏ କଥାର ଉତ୍ତରରେ ମାର୍କଣ୍ଡେୟ ମହର୍ଷି କହିଲେ ଯେ ଅସ୍ତ୍ରଧାରୀ ହୋଇ ତୀର୍ଥବାସୀ ହେଲେ କୌଣସି ଫଳ ମିଳେ ନାହିଁ । ଦେବତାଙ୍କ ଭଣ୍ଡାରରେ ଥିବା ଧନୁ ଓ ଅସ୍ତ୍ରଗୁଡ଼ିକ ପୃଥିବୀର ଭାର ନିବାରଣ ପାଇଁ ସେମାନଙ୍କ ହାତରେ ଥିଲା । ତୀର୍ଥବାସ ସମୟରେ ଅସୁରମାନେ ସେହି ଦେବାସ୍ତ୍ରଗୁଡ଼ିକୁ ହରଣ କରନେବେ । ଏହି କାରଣରୁ ବ୍ରହ୍ମା ଦୁର୍ବାସା ମହର୍ଷିଙ୍କୁ ସେହି ଅସ୍ତ୍ରଗୁଡ଼ିକୁ କପିଳାସକୁ ନେଇଯିବା ପାଇଁ ପଠାଇଛନ୍ତି । ଯୁଧିଷ୍ଠିର ସମସ୍ତ ଅସ୍ତ୍ରଶସ୍ତ୍ର ଦୁର୍ବାସାଙ୍କୁ ଦେଇଦେଲେ ମାତ୍ର ଅର୍ଜୁନ ଗାଣ୍ଡିବ ଧନୁ ଦେଲେ ନାହିଁ । ସେ ଆମ୍ଭଠାରୁ ବଳି ଭଲ ପାଉଥିଲେ ଗାଣ୍ଡିବକୁ । ଏହି ସମୟରେ ଅଗ୍ନିଦେବତା ବ୍ରାହ୍ମଣ ରୂପରେ ସେଠାରେ ଆବିର୍ଭୂତ ହେଲେ । ସେ ଅର୍ଜୁନଙ୍କୁ ସତ୍ୟ କରାଇ ଗାଣ୍ଡିବ ଧନୁ ମାଗିଲେ । ଯୁଧିଷ୍ଠିର ମଧ୍ୟ ଅର୍ଜୁନଙ୍କୁ ବୁଝାଇଲେ ଗାଣ୍ଡିବ ଧନୁ ଦେଇଦେବା ପାଇଁ । ଅର୍ଜୁନ କିନ୍ତୁ କହିଲେ—

"ସ୍ୱାମୀ ଅଗ୍ନି ଦେବତାଏ ଯେହ୍ନା ହାଦେ ଦେଇଛନ୍ତି ସୁଖୁ
ତାହାଙ୍କ ବିନକେ ଯେହ୍ନା ନ ଦଅଇ ଆନକୁ ।"

ଛଦ୍ମରୂପୀ ଅଗ୍ନି ଯେତେ ପ୍ରକାର କହିଲେ ମଧ୍ୟ ଅର୍ଜୁନ ଗାଣ୍ଡିବ ଧନୁ ଦେଲେ ନାହିଁ । ଅବଶେଷରେ ଅଗ୍ନି ନିଜକୁ ପ୍ରକାଶ କରିବାରୁ ଅର୍ଜୁନ ଗାଣ୍ଡିବ ଧନୁ ଅନଳରେ ପକାଇଦେଲେ । ମୂଳ ମହାଭାରତରେ ଲୋହିତ୍ୟଠାରେ ଅଗ୍ନିଙ୍କର ଆବିର୍ଭାବ ଘଟିଥିଲା ଓ ସେଠାରେ ଅର୍ଜୁନ ଗାଣ୍ଡିବ ଧନୁ ଫିଙ୍ଗି ଦେଇଥିଲେ ବୋଲି ଉଲ୍ଲେଖ ଅଛି ମାତ୍ର ସାରଳାଦାସ ବାରାଣସୀ କ୍ଷେତ୍ରରେ ଅଗ୍ନିଙ୍କର ଆବିର୍ଭାବ ଘଟାଇ ସେହିଠାରେ ପାଣ୍ଡବମାନଙ୍କୁ ଅସ୍ତ୍ରତ୍ୟାଗ କରାଇଅଛନ୍ତି । ଏଥର ପାଣ୍ଡବମାନେ ସକଳ ଅହଙ୍କାର ବିନିର୍ମୁକ୍ତ ହୋଇ ପ୍ରୟାଗ ତୀର୍ଥକୁ ଗମନ କଲେ । ସେଠାରୁ ସେମାନେ ଗଲେ ଗଣ୍ଡକୀ ନଦୀ ତୀରସ୍ଥ ପଶୁପତି ତୀର୍ଥ ଓ ସେଠାରୁ ଗଲେ, ମାଳତୀ ନଦୀ ତୀରସ୍ଥ ବିଶ୍ୱାମିତ୍ରଙ୍କ ଆଶ୍ରମକୁ । ତତ୍ପରେ ସେମାନେ ବିଶ୍ୱାମିତ୍ରଙ୍କ ସହିତ ହିଙ୍ଗୁଳା ଦର୍ଶନ କଲେ । ସତ୍ୟ ଯୁଗର ଧନପାଳ ନାମକ ଜନୈକ ସାଧବଙ୍କର କୁଳବଧୂ ହେଙ୍ଗୁଳା ଦେବର୍ଷିମାନଙ୍କୁ ଖାଇବାକୁ ଦେଇ ସିଦ୍ଧି ଲାଭ କରିଥିଲେ । ପିତୃଲୋକମାନେ ତାଙ୍କୁ ହିଙ୍ଗୁଳା ଦେବୀ ଭାବରେ ପ୍ରତିଷ୍ଠା ଦେଇଥିଲେ । ସାରଳା ଦାସ ଏହି ଘଟଣାକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ହିଙ୍ଗୁଳାଙ୍କର ସ୍ତୁତି କରିଅଛନ୍ତି—

"ହିଙ୍ଗୁଳା ସୁମରି ନରେ ଦରିଦ୍ର କ୍ଷୟ ଯାଉ
ହିଙ୍ଗୁଳା ସୁମରି ନରେ ଅପାନ୍ଦ ପଳାଉ ।
ହିଙ୍ଗୁଳା ସୁମରି ନରେ ପିତୃଲୋକେ ପାବନ୍ତି ଗତି
ହିଙ୍ଗୁଳା ସୁମରି ନରେ ଭୋଜନେ ହୋଅ ନି ତୃପ୍ତି ।
ଲୋହିତ ବର୍ଣ୍ଣେ ସୁନ୍ଦର ବିଜୟେ ନିର୍ମଳା
କୃପା ଜଳ ନନ୍ଦିନୀ ଗୋ ପ୍ରତକ୍ଷେ ହିଙ୍ଗୁଳା ।
ପରମ ନିରାକୁଳୀ ସମ୍ବଳ ଜନ ଫାନ୍ତ
ଶିରୀ ସମ୍ପଦ ଦିଅନ୍ତା ହାଦେ ଉଦ୍ଧରନ୍ତ ।
× × ×
ଅମୃତ ଲୋଚନ ଦୁଷ୍ଟିତ ଜନମୁଖ ହରା
ତାରିଣୀ ମାରିଣୀ ଗୋ ପାଳିଣୀ ଉଗ୍ରତାରା ।"

ଯୁଧିଷ୍ଠିରାଦି ପାଞ୍ଚ ଭାଇ ଓ ଦ୍ରୌପଦୀ ଭାରତବର୍ଷର ବିଭିନ୍ନ ତୀର୍ଥ ସ୍ଥାନ ପର୍ଯ୍ୟଟନ କରି ଅବଶେଷରେ ହିମାଳୟ ପଥଦେଇ ସ୍ୱର୍ଗ ଆରୋହଣ କଲେ । ମୂଳ ମହାଭାରତରେ ପାଣ୍ଡବମାନଙ୍କର ତୀର୍ଥ ପର୍ଯ୍ୟଟନ ପ୍ରସଙ୍ଗରେ ବର୍ଣ୍ଣନା ଥିଲେ ହେଁ ସାରଳାଦାସ ସେଥିରେ ଆପଣାର କଳ୍ପନାବିଳାସକୁ ମିଶାଇଦେଇ ମୌଳିକତା ଦେଖାଇଅଛନ୍ତି । ବିଭିନ୍ନ ତୀର୍ଥସ୍ଥାନ ସମ୍ପର୍କରେ ଅଧିକ ଗୁରୁତ୍ୱ ପ୍ରଦାନ କରିଅଛନ୍ତି । ଏଥିରୁ ତାଙ୍କର ଜାତୀୟଚେତନାର ପରିଚୟ ମିଳିଥାଏ । ପୁନଶ୍ଚ ସେ ବିଭିନ୍ନ ତୀର୍ଥ ସ୍ଥାନର ବର୍ଣ୍ଣନା କଲାବେଳେ ନାନା ଜନଶ୍ରୁତି ଓ କିମ୍ବଦନ୍ତୀକୁ କାବ୍ୟ ରୂପ ପ୍ରଦାନ

କରି ତୀର୍ଥସ୍ଥାନର ମହାତ୍ମ୍ୟକୁ ପ୍ରକାଶ କରିଅଛନ୍ତି । ଓଡ଼ିଶାର ବିଭିନ୍ନ ତୀର୍ଥସ୍ଥାନ ବର୍ଣ୍ଣନା କଲାବେଳେ ସେ ବିଶେଷତଃ ବୈତରଣୀ ତୀର୍ଥ, ପ୍ରାଚୀ ତୀର୍ଥ, ଏକାମ୍ର ତୀର୍ଥ ଓ କପିଳାସ ତୀର୍ଥ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଅଛନ୍ତି । ମନେହୁଏ କବି ସାରଳା ଦାସ ଯେଉଁ ଯେଉଁ ତୀର୍ଥ ସମ୍ପର୍କରେ ପ୍ରତ୍ୟକ୍ଷ ଭାବରେ ଅବଗତ ଥିଲେ ସେହିସବୁ ତୀର୍ଥକୁ ଗୁରୁତ୍ୱ ଦେଇ ବର୍ଣ୍ଣନା କରିଅଛନ୍ତି । ମୂଳ ମହାଭାରତରେ ପାଣ୍ଡବମାନେ ଓଡ଼ିଶାକୁ ଆସିଥିବା କଥା ନ ଥିଲାବେଳେ ସାରଳା ଦାସ ସେମାନଙ୍କୁ ଓଡ଼ିଶାକୁ ନେଇଆସି ଏଠାରେ ଦୀର୍ଘ ପଞ୍ଚସ୍ତରି ବର୍ଷ ରଖାଇ ଅଛନ୍ତି । କେବଳ ଏତିକି ନୁହେଁ ଓଡ଼ିଶାରେ ଯୁଧିଷ୍ଠିରଙ୍କୁ ବୈଶ୍ୟ କନ୍ୟା ସହିତ ବିବାହ କରାଇଦେଇ ସମାଜସଂସ୍କାର ପାଇଁ ପ୍ରଚ୍ଛନ୍ନ ଆହ୍ୱାନ ଦେଇଅଛନ୍ତି । ଜରାଜର୍ଜ୍ଜର ଅବସ୍ଥାରେ ଯୁଧିଷ୍ଠିରଙ୍କର ଯୁବତୀ କନ୍ୟାକୁ ବିବାହ ଓ ବିଭିନ୍ନ ତୀର୍ଥସ୍ଥାନରେ ଯୌନ ସ୍ୱୈରାଚାରକୁ କବି ଯେପରି ଭାବରେ ବର୍ଣ୍ଣନା କରିଅଛନ୍ତି ସେଥିରୁ ସମାଜରେ ଯୌନ-ସ୍ୱୈରାଚାର ପ୍ରତି କବିଙ୍କର ବିଦ୍ରୂପାତ୍ମକ ମନୋଭାବର ପରିଚୟ ମିଳିଥାଏ । ଏତଦ୍‌ବ୍ୟତୀତ କବି ବିଭିନ୍ନ ପ୍ରସଙ୍ଗରେ ଯେପରି ଶିବ, ଅଗ୍ନି, ଯମ, ଶାରଳା, ହିଙ୍ଗୁଳା, ଦୁର୍ଗା, ମାଧବ, ପରଶୁରାମ, ନାରାୟଣ ପ୍ରଭୃତିଙ୍କୁ ବନ୍ଦନା କରିଅଛନ୍ତି ସେଥିରୁ ତାଙ୍କର ଉଦାର ଧର୍ମନୀତି ସମ୍ପର୍କରେ ପରିଚୟ ମିଳିଥାଏ ।

## ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ

ତୀର୍ଥ ପର୍ଯ୍ୟଟନ ପରେ ପାଣ୍ଡବମାନେ ହିମାଳୟ ପଥରେ ସ୍ୱର୍ଗଯାତ୍ରା ଆରମ୍ଭ କଲେ । ଦ୍ରୌପଦୀଙ୍କ ମନ ଭିତରେ ଦ୍ୱନ୍ଦ୍ୱ । କାହିଁକି ହିମାଳୟର ଊର୍ଦ୍ଧ୍ୱକୁ ଯୁଧିଷ୍ଠିର ଯାତ୍ରା କରୁଛନ୍ତି ! ସେ ଏଥର ପ୍ରଶ୍ନ କଲେ ଯୁଧିଷ୍ଠିରଙ୍କୁ । ଯୁଧିଷ୍ଠିର ଅବିଚଳିତ ଭାବରେ ଉତ୍ତର ଦେଲେ :

"ଆମ୍ଭର ପଞ୍ଚଭୂତ ଆତ୍ମାହିଂ ଭଗବାନ
ସେ ଯେବେ ଚୈତନ୍ୟ କରି ଗଲେ ସ୍ୱେ ଭୁବନ ।
ଆମ୍ଭର ଜୀବନେ ଆଉ କିସ ପ୍ରୟୋଜନ
ଅଥବା ସ୍ୱେଥେ ଥିଲେ ଅର୍ଜିବା ପାପମାନ ।"

ଆଉ କୌଣସି କଥା ନ କହି ଯୁଧିଷ୍ଠିର ସମ୍ମୁଖକୁ ଦୃଷ୍ଟି ରଖି ଏକାଗ୍ର ଚିତ୍ତରେ ଆଗେଇ ଚାଲିଲେ । ଦ୍ରୌପଦୀ ପଥଶ୍ରମ ଅନୁଭବ କଲେ । କ୍ଷୁଧା ତୃଷାରେ ସେ ବିଚଳିତ ହୋଇପଡ଼ିଲେ । ଗୋଟିଏ ମାତ୍ର ଦିବସ ବିଶ୍ରାମ ନେଇ ପଥ ଚାଲିବାକୁ ସେ ସ୍ୱାମୀଙ୍କୁ ଅନୁରୋଧ କଲେ ମାତ୍ର ଯୁଧିଷ୍ଠିର ଅଗ୍ରଜ । ସେ ଅପେକ୍ଷା କଲେ ନାହିଁ । ଦ୍ରୌପଦୀ ରଥର ତଳକୁ ଢଳି ପଡ଼ିଲେ । ଭୀମ ଦ୍ରୌପଦୀଙ୍କୁ ଧରିପକାଇ ଯୁଧିଷ୍ଠିରଙ୍କୁ ଡାକ ପକାଇଲେ ମାତ୍ର ଯୁଧିଷ୍ଠିର ଉତ୍ତର ଦେଲେ :

"ଆସ ଆସ ଭୀମ ଛାଡ଼ ତାକୁ କୋଳ
ମାୟା ମୋହ ବନ୍ଧନ ଯେ ନୋହଇ ଯେତେ ବେଳ ।
କେ କାହାର ସୋଦର ରେ କେ କାହାର ଭରଯା
କେ କାହାର ପୁତ୍ର ବନ୍ଧୁ କେ କାହାର ଆତ୍ମଜା ।"

ଭୀମ ପୁନର୍ବାର ଦ୍ରୌପଦୀଙ୍କର ମହନୀୟ ଗୁଣ ସମ୍ପର୍କରେ କହିଲାରୁ ଯୁଧିଷ୍ଠିର ତାଙ୍କୁ ବୁଝାଇଦେଲେ ଦ୍ରୌପଦୀ ବଡ଼ ପାପିନୀ । ତାର ଚିତ୍ତ ପରୋପକାରବ୍ରତୀ ନୁହେଁ । ସେ କୌଣସି ଧର୍ମ କାର୍ଯ୍ୟ କରିନାହିଁ । ଏହି ପୃଥିବୀରେ କେହି ଅମର ହୋଇ ରହିବ ନାହିଁ । ପୁଣ୍ୟ କରିଥିଲେ ଏଠାରେ କେହି ଦୁଃଖ ପାଇବେ ନାହିଁ । ପୁଣ୍ୟରେ ସ୍ୱର୍ଗବାସ । ପାପରେ ନର୍କ ବାସ । ଦ୍ରୌପଦୀ ମହାପାପିନୀ । ଯୁଧିଷ୍ଠିର ଭୀମଙ୍କୁ ବୁଝାଇଦେଲେ :

"ଯେତ ସହଜେ ପଞ୍ଚ ପାଣ୍ଡବଙ୍କ ନାରୀ
ଅଭୟଙ୍କରୀ ହୋଇ ଯେହୁ ଅଟଇ ଦୁଷ୍ଟାଚାରୀ ।
ସଦୟେ ସେନେହେ ଯେ ନ କରଇ ତୁମ୍ଭର
ଆବର ମଧ୍ୟମଟି ଯେ କରଇ ମୋହୋର ।
ଯେ ଛାରକୁ ତୋର ଯେତେକ ମୁହାଂସ
ଆମ୍ଭର ବଚ୍ଚରେ ଯେହାକୁ ଧର୍ମ କସ ।
ଯେଣୁ ସେ ଯେହାକୁ ହୋଏ ମୃତ୍ୟୁ ପରାପତ
ପୁଣ୍ୟ ଥିଲେ ଯାଆନ୍ତା ନା ଆମ୍ଭର ସଙ୍ଗତ ।"

ସେହି ଦ୍ରୌପଦୀ ପୁଣି କୌରବମାନଙ୍କୁ ବିନାଶ କରିବା ପାଇଁ ପନ୍ଦର ବର୍ଷ ପର୍ଯ୍ୟନ୍ତ କେଶ ଅବନ୍ଧନ ରଖିଲା । ଅନେଶ୍ୱତ ଭାଇଙ୍କୁ ବଧ କରାଇ ସେ କେଶ ବନ୍ଧନ କଲା । ତେଣୁ ଦ୍ରୌପଦୀଙ୍କ ପାଇଁ ଶୋକ କରିବା ଅବିଧେୟ । ଏହା ପରେ ସହଦେବ ତଳକୁ ପଡ଼ିଗଲେ । ଭୀମ ତାକୁ ଧରି ବଡ଼ ଭାଇଙ୍କୁ ଡାକିଲେ ମାତ୍ର ଯୁଧିଷ୍ଠିର ପୂର୍ବପରି ଅବିଚଳ । ତାର ପୁଣ୍ୟ ଯୋଗୁ ସେ ଏତେ ବାଟ ଆସିଲା । ପୁଣ୍ୟ ସରିଯିବାରୁ ସେ ଯମପୁରକୁ ଯିବ । ସେ ମଧ୍ୟ ପାପୀ ଓ କୃତଘ୍ନ । ସେ ତାର କରକୁ ଚାହିଁଲେ ତ୍ରିଭୁବନ ସମ୍ବାଦ ଜାଣିପାରେ । ଅଥଚ —

"ଜାଣିକରି ନ କହଇ ପଚାରିଲେ ଜଣାଇ
ପ୍ରାଣ ଅନ୍ତକାଳେ ନ କହଇ ସଂଦେଶାଇ ।
ଯେହୁ ଯେବେ କହିଥାନ୍ତା ପଶାଖେଳର ବେଳେ
ରାଜ୍ୟଭାର ଛାଡ଼ି କର୍ମେ ଯାନ୍ତୁ ବନସ୍ତରେ ।"

ଏଥର ପୁଣି ନକୁଳ ଢଳି ପଡ଼ିଲେ । ଭୀମ ତାକୁ କୋଳକରି ଧରି ଶୋକ କଲେ । ଯାହାର ଦେହରେ ମାଛି ଗୋଟିଏ ବସିଲେ ଅଙ୍ଗରେ ଶତେ ପଲ ଚନ୍ଦନ ଲଗାଏ ସେହି ଆଜି ଅସହାୟ ଭାବରେ ମୃତ୍ୟୁବରଣ କଲା, ଅଥଚ ଯୁଧିଷ୍ଠିର ବୁଝାଇ ଦେଲେ ନକୁଳ ଆପଣାର ସୁନ୍ଦରପଣ ପାଇଁ ଅହଙ୍କାର ପ୍ରକାଶ କରୁଥିବାରୁ ସେ ବଡ଼ ପାତକୀ । ଏହି ପୃଥିବୀରେ ଯିଏ ମତଗର୍ବ ଓ ହିଂସା କରେ ସେ ମୃତ୍ୟୁବରଣ କରେ । ନକୁଳ ଆପଣାର ଗର୍ବ ଓ ହିଂସା ପାଇଁ ଯମ ଦାଢ଼ରେ ପଡ଼ିଲା । କିଛି ପଥ ଅତିକ୍ରମ କଲା ପରେ ଅର୍ଜୁନ ତଳକୁ ଢଳି ପଡ଼ନ୍ତେ ଭୀମସେନ ତାକୁ କୋଳ କରିନେଲେ । ଭୀମ ବିକଳ ହୋଇ କ୍ରନ୍ଦନ କରିବାରୁ ଯୁଧିଷ୍ଠିର ବୁଝାଇ ଦେଲେ :

"ଯଦ୍ୟପି ରୋଦନ ତୁ କରିବୁ ଶିର କୋଡ଼ି
ଚେତନା ପାଇଣ କି ସେ ଜୀଇଂବ ବାହୁଡ଼ି ।"

ଅର୍ଜୁନ ପୁଣି ପାପୀ । ଆପଣାର ବୀରତ୍ୱପଣକୁ ସେ ଆପେ କହେ । ତାରି ଯୋଗୁ ଯୁଧିଷ୍ଠିର ରାଜଚକ୍ରବର୍ତ୍ତୀ । ତେଣୁ ଅର୍ଜୁନର ପୁଣ୍ୟ ନାହିଁ ସ୍ୱର୍ଗକୁ ଯିବାଲାଗି । ସେ କହିଲେ—

"ମର୍ତ୍ତ୍ୟ ମଣ୍ଡଳେ ଜାତ ହୋଇଲେ ଅବଶ୍ୟ ଯେ ମରି
ଦେହ ଘେନି ସ୍ୱର୍ଗକୁ ଯାଇ ତ ନୁଆରି ।"

ଅବଶେଷରେ ଭୀମ ନିଜେ କ୍ଳାନ୍ତ ହୋଇପଡ଼ିଲେ । ତାରି ଆଗରେ ପ୍ରିୟତମା ଦ୍ରୌପଦୀ ଓ ତିନି ଭାଇଙ୍କର ମୃତ୍ୟୁ ହୋଇଗଲା । ସେ ଯୁଧିଷ୍ଠିରଙ୍କର ଅନୁସରଣ କରୁଥାଏ । ବହୁକଷ୍ଟରେ ସେ ଯାଉଥାଏ ହେମଗିରି ଉପରକୁ । ବାରମ୍ବାର ସେ ଖସିପଡ଼ୁଥାଏ । ବିକଳ ହୋଇ ଯୁଧିଷ୍ଠିରଙ୍କୁ ଡାକୁଥାଏ ଅଥଚ ଯୁଧିଷ୍ଠିର କହିଲେ :

"ଯେ ଯାହାର ପୁଣ୍ୟ ଘେନି ସ୍ୱର୍ଗପୁର ଯାଅ
ଆସି ମୋତେ ନୁଆରିଲୁ ତୁନିହୋଇ ଶୁଅ ।"

ପରିଶେଷରେ ଯୁଧିଷ୍ଠିର ଏକମାତ୍ର ହେମଗିରି ପର୍ବତରେ ଉପଗତ ହେଲେ । ଆଉ ସମସ୍ତେ ଢଳିପଡ଼ିଲେ ପଥ ମଧ୍ୟରେ । ମୂଳ ମହାଭାରତର କଥାବସ୍ତୁକୁ ଏହି ପ୍ରସଙ୍ଗରେ ସାରଳା ଦାସ ଗ୍ରହଣ କରିଥିଲେହେଁ ଦ୍ରୌପଦୀ ସମେତ ଅନ୍ୟାନ୍ୟ ଭାଇ-ମାନଙ୍କର ପତନର କାରଣକୁ ଯେପରି ସାରଳା ଦାସ ରୂପାୟନ କରିଅଛନ୍ତି ତାହା ତାଙ୍କର ମୌଳିକତାର ପରିଚୟ ଦେଇଥାଏ । ଯୁଧିଷ୍ଠିର ମହାଭାରତ ଯୁଦ୍ଧରେ ଅଶ୍ୱତ୍ଥାମା ହତ ବୋଲି ଥରେ ମାତ୍ର ମିଥ୍ୟା କହିଥିବାରୁ ତାଙ୍କୁ ନର୍କ ଦର୍ଶନ କରିବାକୁ ହେଲା । ନର୍କ ଭୋଗ କରୁଥିବା ରାଜାମାନେ ଯୁଧିଷ୍ଠିରଙ୍କୁ ଦର୍ଶନ କରି ମୁକ୍ତିଲାଭ କଲେ । ଏହି ସମୟରେ ଯୁଧିଷ୍ଠିରଙ୍କ ସମ୍ମୁଖରେ ଧର୍ମ ଶ୍ୱାନ ରୂପରେ

ଉଦ୍ୟମାନ ହେଲେ । ମୂଳ ମହାଭାରତରେ ଯୁଧିଷ୍ଠିର ଆଦି ପାଞ୍ଚ ଭାଇ ଓ ଦ୍ରୌପଦୀଙ୍କ ସହିତ ଶ୍ୱାନ ଆରମ୍ଭରୁ ହିମାଳୟ ପଥରେ ଆସିଛି । ସବୁଭାଇ ଓ ଦ୍ରୌପଦୀଙ୍କର ଦେହାନ୍ତ ହୋଇଗଲା ମଧ୍ୟ ଶ୍ୱାନ ଯୁଧିଷ୍ଠିରଙ୍କ ସହିତ ଯିବାକୁ ସମର୍ଥ ହୋଇଅଛି । ସାରଳା ଦାସ କିନ୍ତୁ ଯୁଧିଷ୍ଠିରଙ୍କର ନର୍କ ଦର୍ଶନ ପରେ ଶ୍ୱାନର ଆବିର୍ଭାବ କରାଇଅଛନ୍ତି । ହଠାତ୍ ଗୋଟିଏ ବ୍ୟାଘ୍ର ଗର୍ଜନ କରି ଶ୍ୱାନକୁ ଆକ୍ରମଣ କରିବାକୁ ଉଦ୍ୟତ ହେଲା । ଯୁଧିଷ୍ଠିର ଶ୍ୱାନକୁ ଆବୋରି ଧରି ବସିଲେ । ପ୍ରିୟତମା ପତ୍ନୀ ଓ ସ୍ନେହର ଅନୁଜମାନଙ୍କ ମୃତ୍ୟୁ ତାଙ୍କୁ ବିଚଳିତ କରି ନ ଥିଲା ଅଥଚ ସାମାନ୍ୟ ଗୋଟିଏ ଶ୍ୱାନର ଆସନ୍ନ ମୃତ୍ୟୁ ତାଙ୍କୁ ବିବ୍ରତ କରିଦେଲା । ପିତାମହ ବ୍ରହ୍ମାଙ୍କ ଆଦେଶରେ ଇନ୍ଦ୍ର ପୁଷ୍ପକ ବିମାନ ନେଇ ଯୁଧିଷ୍ଠିରଙ୍କ ନିକଟରେ ଉପସ୍ଥିତ ହେଲେ । ସେହି ବିମାନରେ ଯୁଧିଷ୍ଠିରଙ୍କୁ ବସିବାକୁ କହନ୍ତେ ସେ ଶ୍ୱାନଟିକୁ ଧରି ବିମାନକୁ ଆରୋହଣ କରିବାକୁ ଉଦ୍ୟତ ହେଲେ । ଇନ୍ଦ୍ର ଜାଣନ୍ତି ଶ୍ୱାନ ହେଉଛନ୍ତି ଧର୍ମ । ତଥାପି ସେ ଯୁଧିଷ୍ଠିରଙ୍କୁ ପରୀକ୍ଷା କରିବାକୁ କହିଲେ ଶ୍ୱାନ ଅପବିତ୍ର । ତାକୁ ସ୍ପର୍ଶ କଲେ ଦେହ ଅପବିତ୍ର ହୁଏ । ଅଥଚ ଯୁଧିଷ୍ଠିର କହିଲେ—

"ଅନେକ ସୋଦର ଥିଲେ ମୋହୋର ସେ ସାହା
ଶେଷ କାଳେ କେହି ନୋହିଲେ ମୋର ବାହା ।
ଯେ ଶ୍ୱାନଗୋଟି ମୋର ରକ୍ଷା କଲା ଧର୍ମ
ମୋହୋରେ ସଦୟା ଥିଲେ ବିବାନେ ସେହିକାରଇଁ ନେମ ।
ବିବାନେ ନ ବସାଇବ ହୋ ଯେବେ ଦେବ ତାତ
ମୋତେ କର୍ମା ସ୍ୱର୍ଗ ହୋଇବ ପରାପତ ।"

ଏଥର ଇନ୍ଦ୍ର ଶ୍ୱାନର ପରିଚୟ ଦେଲେ । ଏହି ଶ୍ୱାନ ହେଉଛି ଅନ୍ତର୍ଯାମୀ ନିରାକାର ପୁରୁଷ ଧର୍ମଦେବତା । ଏ ସମ୍ପର୍କରେ ସାରଳା ଦାସ ବର୍ଣ୍ଣନା କରିଛନ୍ତି :

"ଶୂନ୍ୟମାର୍ଗେ ଶବଦ ଶୁଭଇ ଯାହାର
ଚନ୍ଦ୍ରବର୍ଣ୍ଣେ ନ ଦିଶଇ ଯେ ପ୍ରତକ୍ଷେ ନିରାକାର ।
ଆଦିହୁଁ ଶୂନ୍ୟ ହୋଇ ଯେ ଶୂନ୍ୟରୁ ପବନ
ପବନହୁଁ ଜଳ ଜଳହୁଁ ତାପନ ।
ତାପନହୁଁ ହେମ ହେମରୁ ବୁଦୁବୁଦ
ବୁଦୁବୁଦରୁ ଫେନ ହୋଇଲା ସମ୍ବାଦ ।
ପବନ ମନ୍ଥନୁଁ ଫେଣୁ ଜାତ ଅଣ୍ଡ
ଡିମ୍ବ ଫୁଟିକରି ବିକାଶିଲା ପିଣ୍ଡ ।
ଶୁଣ ସଷ୍ଟିକ ପ୍ରାୟେ ଯାହାର ରୂପଗୋଟି
ଯେ ସେ ଧର୍ମଦେବତା ଶୁଣ ଗୋ ଯୁଧିଷ୍ଠି ।"

ଧର୍ମ ଅନ୍ତର୍ଦ୍ଧାନ ହୋଇଗଲେ । ଶୂନ୍ୟରେ ଥାଇ ସେ ଯୁଧିଷ୍ଠିରଙ୍କ ପ୍ରଶଂସା କଲେ । ଇନ୍ଦ୍ରଙ୍କ ବିମାନରେ ବସି ଯୁଧିଷ୍ଠିର ସ୍ୱର୍ଗକୁ ଗମନ କଲେ । ଅମରସଭାରେ ଯୁଧିଷ୍ଠିର ବିରାଜିତ ହେଲେ । ସେଠାରେ ଭୀମ, ଅର୍ଜୁନ, ନକୁଳ, ସହଦେବ ଓ ଦୁର୍ଯ୍ୟୋଧନାଦି ଭାଇମାନଙ୍କୁ ଦେଖିଲେ । ମହାଭାରତ ଯୁଦ୍ଧରେ ଯେଉଁ ରାଜାମାନେ ପ୍ରାଣତ୍ୟାଗ କରିଥିଲେ ସେମାନେ ସମସ୍ତେ ସ୍ୱର୍ଗରେ ଥିବା ଯୁଧିଷ୍ଠିରଙ୍କୁ ଦର୍ଶନ କଲେ । ମୂଳ ମହାଭାରତକୁ ଅନୁସରଣ କରି ସାରଳା ଦାସ ଏହି ପ୍ରସଙ୍ଗର ଅବତାରଣା କରିଥିଲେ ମଧ୍ୟ ବର୍ଣ୍ଣନା-ବିନ୍ୟାସରେ ମୌଳିକତା ଦେଖାଇ ଅଛନ୍ତି ।

## ମହାରାଜ ପରୀକ୍ଷିତ ଓ କଳି ଆଗମନ ପ୍ରସଙ୍ଗ :

ଯୁଧିଷ୍ଠିରଙ୍କ ରାଜତ୍ୱର ଶେଷ କାଳରେ କଳି ଆଗମନର ସୂଚନା ସୁରେଶ୍ୱର ବ୍ରାହ୍ମଣ ଓ ତାର କୁଷାଣର ରହିଜାଲକୁ କେନ୍ଦ୍ର କରି ସଂଘର୍ଷରୁ ମିଳିଥାଏ । ସେହି ପ୍ରସଙ୍ଗରେ ସାରଳା ଦାସ କଳିଯୁଗ ଆଗମନ ହେଲେ କେଉଁ କେଉଁ ପରିବର୍ତ୍ତନ ଦେଖାଦେବ ସେ ବିଷୟରେ ବର୍ଣ୍ଣନା କରିଅଛନ୍ତି । ଯୁଧିଷ୍ଠିରାଦି ଭାଇମାନେ ସ୍ୱର୍ଗାରୋହଣ କରିସାରିଲା ପରେ କଳିର ପୂର୍ଣ୍ଣ ପ୍ରଭାବ ଅନୁଭୂତ ହୋଇଅଛି । ସେତେବେଳେ ପରୀକ୍ଷିତ ପୂର୍ବ ଜମ୍ବୁଦ୍ୱୀପ ପୃଥିବୀରେ ନରପତି । ସମସ୍ତ ରାଜା ତାଙ୍କର ଅଧୀନତା ସ୍ୱୀକାର କରିଛନ୍ତି । କଳିର ଆଗମନ ହେତୁ ସମସ୍ତେ ସନ୍ଧ୍ୟା ତର୍ପଣ ତ୍ୟାଗ କଲେ । ବାଣିଜ୍ୟ କର୍ମରେ ଦୁର୍ନୀତି ପ୍ରବେଶ କଲା । କେହି ନିତ୍ୟକର୍ମ କଲେ ନାହିଁ । ବ୍ରାହ୍ମଣ ବେଦ ଅଧ୍ୟୟନ ଓ ଯଜ୍ଞ କାର୍ଯ୍ୟ ତ୍ୟାଗ କଲେ । ସର୍ବତ୍ର ଅନୀତି, ଦୁର୍ନୀତି, ଓ ଅଧର୍ମ । (୧୮) କଳିର ଆଗମନରେ ସାମାଜିକ ଜୀବନରୁ ସକଳ ଧର୍ମ ଓ ଆଚାର ଲୋପ ପାଇଗଲା । ଏକଦା ପରୀକ୍ଷିତ ମହାରାଜା ଡଗରକୁ ରାଜ୍ୟର କୁଶଳବାର୍ତ୍ତା ପଚାରିଲେ । ଡଗର କହିଲା ଯେ କଳିର ଆଗମନ ହେତୁ

---

୧୮ । "ବ୍ରାହ୍ମଣ ବେଦମନ୍ତ୍ର ଯଜ୍ଞ୍ୟଂ ହୋମ ଛାଡ଼ି
ଅକର୍ମ କରନ୍ତି କେହୁ କୁପଥହିଂ ମାଡ଼ି ।
ମଦ୍ୟ ମତ୍ସ୍ୟ ହିଂସା ନିନ୍ଦାରେ ମନ୍ଦ ବୁଦ୍ଧି
ସନ୍ଥ ବଚନେ କେହି ନୋହନ୍ତି ପ୍ରବୋଧି ।
ପ୍ରସବ ସ୍ତ୍ରୀ ଶିସ୍ୟେ ସେ ଇଚ୍ଛନ୍ତି କାମ ଇଚ୍ଛା
ଅନୁବ୍ରତେ ଜିହ୍ୱାରେ ସେ କହୁଥାନ୍ତି ମିଛା ।
ପିତାକଇଂ ପୁତ୍ରେ ଯେ କରନ୍ତି ଉପବାସ
ନାରୀନ୍ତି ପୁରୁଷମାନେ ନଗଲେ ବିଶ୍ୱାସ ।
ମାତାପିତା ତେଜି ପୁତ୍ରେ ଭରିଯାରେ ବଶ
ନିଜ ପୁରୁଷକଇଂ ହୋଯ୍ୟେ ପତ୍ନୀ ଅମର୍ଷ ।"

ସବୁ ଧର୍ମ ନଷ୍ଟ ହୋଇଗଲାଣି । ତେଣୁ ପରୀକ୍ଷିତ ଗୁପ୍ତରେ ଦେଶେ ଦେଶେ ବୁଲି କଳିକୁ ଖୋଜିବାକୁ ଲାଗିଲେ । ଏକଦା ଗୋଟିଏ ବୃଷଭର ତିନି ପାଦ ଛେଦ କରି ଅନ୍ୟ ଏକ ଗାଈ ସହିତ ତାକୁ ଯୋଚି କଳି ଯାଉଥାଏ । ପରୀକ୍ଷିତ କଳିକୁ ଦେଖି କ୍ରୋଧ ପ୍ରକାଶ କଲେ । ତାଙ୍କ ରାଜ୍ୟରେ ଏପରି ଅଧର୍ମକୁ ସେ ପ୍ରଶ୍ରୟ ଦେବେ ନାହିଁ । ପରୀକ୍ଷିତଙ୍କୁ ଦେଖି ବୃଷଭ ରୂପୀ ଧର୍ମ କହିଲେ—

"ମୁହିଂ ଧର୍ମ ଯେ ବୃଷଭ ରୂପ ହୋଇ
ଯେ କଳମାସ୍ତା ମୋତେ ଧଇଲା ଗୋଡ଼ାଇ ।
ମୋହୋର ଯେ ସତ୍ୟ ଶଉଚ ଦୟା କ୍ଷମା ଧଇଲା ଚଉପାଦ
ସତ୍ୟ ଛାଡ଼ିଣ ଯେ ତିନପାଦ କଲା ମୋର ଛେଦ ।"

ଏ କଥା ଶୁଣି ପରୀକ୍ଷିତ କଳିକୁ ହତ୍ୟା କରିବା ପାଇଁ ଖଡ଼୍ଗ ଉତ୍ତୋଳନ କଲେ । କଳି କରୁ କହିଲା :—

"ମୁଂ ତୋତେ ଶରଣ ମୋତେ ରଖ ନୃପବର ।
ମୋତେ ମାରନ୍ତେଣ ତୋହୋର ପିରୋଜନ ନାହିଂ
ଆଗ୍ୟାଂ ମୋତେ ଦିଅନ୍ତ ମୁଂ ଥିବଇଟି କାହିଂ ।"

ଏକଥା ଶୁଣି ପରୀକ୍ଷିତ କହିଲେ, ତାଙ୍କ ରାଜ୍ୟ ଛାଡ଼ି କଳି ଚାଲିଗଲେ ସେ ତାକୁ ଆଉ ହତ୍ୟା କରିବେ ନାହିଁ । ପୁନର୍ବାର କଳିର ଅନୁରୋଧରେ ପରୀକ୍ଷିତ କହିଲେ ଯେଉଁଠାରେ ମଦ, ଗଞ୍ଜେଇ ଓ ଜୁଆଖେଳ ହେଉଥିବ ସେହିଠାରେ କଳି ରହିବ । ସାରଳା ଦାସ ଯେପରି ଭାବରେ କଳି ଆଗମନକୁ ବର୍ଣ୍ଣନା କରିଅଛନ୍ତି ତାହା ଶ୍ରୀମଦ୍ଭାଗବତର କଳି ଆଗମନ ବର୍ଣ୍ଣନାଠାରୁ ସ୍ୱତନ୍ତ୍ର । ଶ୍ରୀମଦ୍ଭାଗବତରେ କଳି ଆଗମନ ବେଶ୍ ପ୍ରଭାବଶାଳୀ । ତଥାପି ସାରଳା ଦାସ କଳି ଆଗମନକୁ ଯେପରି ଭାବରେ ବର୍ଣ୍ଣନା କରିଅଛନ୍ତି ତାହା କବିଙ୍କର ସମସାମୟିକ ସାମାଜିକ ଜୀବନ ସଂପର୍କରେ ଅବହିତକୁ ସୂଚାଇ ଦେଇଥାଏ ।

## ସାରଳା ଦାସଙ୍କ ଜାତି ସ୍ୱରୂପ ଓ ଉଦାର ଧର୍ମଧାରଣା :

ସାରଳା ଦାସ ତାଙ୍କର ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀପୁରାଣ ଆଦି ଗ୍ରନ୍ଥରେ ନିଜର ପରିଚୟ ଓ ଉଦାର ଧର୍ମଧାରଣା ବିଷୟରେ ପର୍ଯ୍ୟାପ୍ତ ସୂଚନା ଦେଇଅଛନ୍ତି । 'ସ୍ୱର୍ଗାରୋହଣ ପର୍ବ'ରେ ସାରଳା ଦାସ ଆପଣାର ପରିଚୟ ଦେଇଛନ୍ତି ଯେତେବେଳେ ସେ ଯମଦେବତାଙ୍କର ବନ୍ଦନା କରିଅଛନ୍ତି ।

"ମୁହିଂ ଯାହା ସ୍ରି ଜିବ ତୁହି ସିନା ସାକ୍ଷୀ
ବହନ୍ତା ତାରନ୍ତା ତୁହି ସିନା ନାଥ ଯେକ୍ଷୀ ।

ସ୍ୱାମୀ ମୁହିଂ ସେ ଯେ ଦ୍ୱାରପାଳ କଇଲାସ ସ୍ୱର୍ଗେ
ମାନେବ ଜନ୍ମ ମୁହିଂ ଶ୍ରୀରାମଙ୍କ କଞ୍ଚିତ ଅନୁରାଗେ ।
ଅଭୟେ ପିଙ୍ଗଳାକ୍ଷୀ ବଚନେ ମୁହିଂ ଅଛି
ସ୍ୱେ ମୋହୋର କଥାକୁ ନାଥ ତୁହି ଯେ ଅଟୁ ସାକ୍ଷୀ ।
ଗତ ଆଗତ ସଞ୍ଚିତ ନାଥ ମୁହିଂ ତୋହୋର ଅନୁରାଗୀ
ଭଣ୍ଡାର ଅଧିକାର ପଣେ ମୋତେ ଆଗ୍ୟାଂ ଦଲେ ବାକ୍ୟଦେବୀ ।"

ଯମଦେବତାଙ୍କର ସ୍ତୁତି କରୁ କରୁ କବି ସାରଳା ଦାସ ନିଜର ପରିଚୟ ଓ ଜାତିସ୍ମରତ୍ୱ ପ୍ରଦାନ କରିଅଛନ୍ତି । ଯମଦେବତାଙ୍କର ଶରଣାପନ୍ନ ହୋଇ ସେ ଯମଙ୍କୁ ପ୍ରାର୍ଥନା କରିଛନ୍ତି । ସେ ପୁଣି ନିଜକୁ ଶ୍ରୀକୃଷ୍ଣଙ୍କ ଦାସ ବୋଲି ଘୋଷଣା କରିଅଛନ୍ତି । ଶ୍ରୀରାମଙ୍କ ଅନୁରାଗରୁ ସେ ମାନବ ଜନ୍ମ ଲାଭ କରିଛନ୍ତି ବୋଲି କହିଛନ୍ତି । ସାରଳା ଚଣ୍ଡୀଙ୍କ କୃପାରୁ ତାଙ୍କର କବିତ୍ୱ ବିକଶିତ ହୋଇଛି । ସେ ପୁଣି ଜାତିସ୍ମରତ୍ୱ ସମ୍ପର୍କରେ ସୂଚନା ଦେଇଛନ୍ତି ।

"କଇଲାସ ଦ୍ୱାରପାଳ ନାମ ମୋ ନନ୍ଦିକେଶ୍ୱର
ପାର୍ବତୀ ଦୁର୍ଗା ରୂପେ ବଧିଲେ ମଇଂଷାସୁର ।
ଛଳଙ୍ଗ ହୋଇଣ ସେ ବଧ କଲେ ତାକୁ
ସିଂଘ ବାହନେ ବିଜେକରି ନେଇଥିଲେ ମୁକୁ ।
ସେସନେକ କରତା ତହିଂ କହିଲଇଂ ମୁହିଂ
ଶୁଣି କୋପ କଲେ ମୋତେ ନିଦଶର ସାଇଂ ।
ସେହେନେକ ଚରିତ ହୋଇଲା ଶୁଣିକରି ବୋଇଲେ
ମା ତାଂକ କର୍ମ କହିଲୁ ବୋଲି ବିଘ୍ନରାଜ କୋପ କଲେ ।
କୋପ କରି ଗଜାନନ ଦଲେକ ମୋତେ ଶାପ
ସେ ଦୋଷରୁ ହୋଇଲି ମାନୁଷ ସରୂପ ।
ପ୍ରଥମ ଜନ୍ମରେ ମୁଂ ହୋଇଲି କାଳିଦାସ
ମହାକାଳିକା ବିଜୟ ନାମେ ଅଂଶ ।
ତୃତୀୟ ଜନ୍ମରେ ମୁଁ ସାରୋଳାଦାସ କବି
ଆର ଜନ୍ମରେ ପୁଣି ମୃତ୍ୟୁମଣ୍ଡଳେ ଜନ୍ମିବି ।
ଆହୋ ଜନ୍ମେ ଜନ୍ମେ ପନ୍ଦର ଲକ୍ଷ ବିଷ୍ଣୁକଳାରେ ଭକତ
ସ୍ୱର ଜନ୍ମେ ହୋଇବ ଯେ ଷାଠିଏ ଲକ୍ଷ ଗ୍ରନ୍ଥ ।
ଷାଠିଏ ଲକ୍ଷ ଗ୍ରନ୍ଥ କହିବି ମର୍ତ୍ତ୍ୟର ଭୁବନେ
ତେବେ ସେ ବସିବି ଯାଇଂ ଶିବଦ୍ୱାର ସ୍ଥାନେ ।

ଜାତିସ୍ମର ନୁହଇ ମୁଁ ନ ଜାଣଇ ସ୍ନେହା
ସିଦ୍ଧଚଣ୍ଡୀ ସାରୋଳା କହିଲେ ମୋତେ ଯାହା ।
ଶୂଦ୍ର ମୁନି ସାରୋଳା ରୁଦ୍ରସାର ବଲ୍ଲଭ ନିଜଦାସ
ହେ ବୁଧଜନେ । ମୋର ଜନ୍ମେ ଜନ୍ମ ଅଭ୍ୟାସ
ନ ଜାଣଇ ବେଦ ବିଦ୍ୟା ନୋହଇ ମୁଁ କାହାର ଶିଷ୍ୟ ।"

ଏଥିରୁ ସାରଳା ଦାସ ନିଜକୁ ଶିବଙ୍କର ଦ୍ୱାରପାଳ ନନ୍ଦିକେଶ୍ୱର ରୂପେ ବର୍ଣ୍ଣନା କରିଥିବା, ଗଣେଶଙ୍କଦ୍ୱାରା ଅଭିଶାପ ପାଇ ମର୍ତ୍ତ୍ୟରେ ଜନ୍ମ ହେବା କଥା, ପ୍ରଥମ ଜନ୍ମରେ କାଳିଦାସ ରୂପେ ଅବତୀର୍ଣ୍ଣ ହେବା ଓ ତୃତୀୟ ଜନ୍ମରେ ସାରୋଳ ଦାସ କବି ରୂପେ ଆବିର୍ଭାବ ହେବା ବିଷୟର ସୂଚନା ମିଳିଥାଏ । ଯେତେବେଳେ ସାରଳା ଦାସ ଯୁଟେଶ୍ୱର ମାଧବଙ୍କର ବର୍ଣ୍ଣନା କରିଅଛନ୍ତି ସେତେବେଳେ ସେ ତାଙ୍କୁ ଶ୍ୱେତ, ପୀତ, କୁଂକୁମ ତିନି ରୂପରେ କଳ୍ପନା କରିଛନ୍ତି । ଏଥିରୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ସଂପର୍କରେ ସୂଚନା ମିଳେ । ମାଧବ ବନ୍ଦନାରୁ କବିଙ୍କର ଯୁଟେଶ୍ୱର ମାଧବ ଭକ୍ତିର ପରିଚୟ ମିଳିଥାଏ । ( ୧୯ ) ହିଙ୍ଗୁଳାଦେବୀଙ୍କ ବର୍ଣ୍ଣନା କଲାବେଳେ କବି ସାରଳା ଚଣ୍ଡୀଙ୍କର ହିଁ ବର୍ଣ୍ଣନା କରିଥିବା ଲକ୍ଷ୍ୟ କରାଯାଏ । ଯୁଧିଷ୍ଠିର ଯେତେବେଳେ ହେମଗିରି ପର୍ବତ ଉପରେ ଇନ୍ଦ୍ରଙ୍କୁ ବନ୍ଦନା କରିଅଛନ୍ତି ତାହା କବି ସାରଳା ଦାସଙ୍କର ଇନ୍ଦ୍ରସ୍ତୁତିକୁ ହିଁ ସୂଚାଇ ଦେଇଥାଏ । ସେ ପୁଣି ସ୍ୱର୍ଗାରୋହଣ ପର୍ବର ଶେଷରେ ଶ୍ରୀକୃଷ୍ଣଙ୍କର ବନ୍ଦନା କରି ତାଙ୍କୁ ନୀଳଗିରିରେ ମହାବୌଦ୍ଧ ଜଗନ୍ନାଥ ରୂପେ ରୂପାୟନ କରିଅଛନ୍ତି ।

"ନିଜର ବଂଶ ସ୍ୱାମୀ ଆପଣେ ନାଶ କରି
ଖେଳୁଥିଲା ଭୁବଣ ନୀଳଗିରି ବିଜେ କରି ।
ପରମ ଆତ୍ମା ନିରଞ୍ଜନ ଆପଣେ ଦେବ ଗୋପୀ
ପିଣ୍ଡ ଆତ୍ମା ନୀଳଗିରି ବଉଦ ଶରୀର ସ୍ୱରୂପ ।

---

୧୯ । ଶ୍ୱେତ ପୀତ କୁଂକୁମ ଅଟଇ ତିନି ରୂପ
କଳିକାଳ ଜାଣି ସ୍ୱାମୀ ହୋଇଥିବେ ଯେବଣ ସ୍ୱରୂପ ।
ଅସଂଖ୍ୟ ମହିମାଂ ଯାର ନ ସରଇ କହନ୍ତେ
ମୁହିଂ କିସ ଅନ୍ତ କରିବି ଲେଖନ୍ତେ ।
ଅପଣ୍ଡିତ ଲୋକ କିସ ମୋର ବୁଦ୍ଧି
ଯୁଟେଶ୍ୱର ମାଧବ ଚରଣେ ସଫଳ ଜନ ବନ୍ଦି ।
ମନ ବଚନ କର୍ତ୍ତବ୍ୟ ନ ପଶୁ ମୋର ଆନ
ସର୍ଜନ ଶୂଦ୍ରମୁନି ସାରୋଳା ଦାସ ଧ୍ୟାନ

ହେ ବୁଧଜନେ ଯାବତ ପୁଣ୍ୟ ଥିବ ତାବତ ଭଜ ହରି
ମହାଘୋର ନର୍କରୁ ସେହି ସେ କରିବ ପାରି ।
ଶ୍ରୀ ନାରାୟଣଦେବଙ୍କ ଚରଣେ ଲୟ ଘେନି
ବଦୟନ୍ତି ସାରୋଳା ଦାସ ଶୂଦ୍ରମୁନି ।"

ଗ୍ରନ୍ଥର ଶେଷରେ କବି ପୁଣି ନିଜକୁ ସାରଳା ଚଣ୍ଡୀଙ୍କର ପୁତ୍ର ରୂପେ ପ୍ରକାଶ କରିଛନ୍ତି ।

ନୋହଇ ପଣ୍ଡିତ ମୁଂ ନ ଜାଣଇ ଶାସ୍ତ୍ରବିଦ୍ୟା
ଜନମେ ଜନମେ ମୂର୍ଖ ମୁହିଂ ଜାଣଇ ଯଦସିଦ୍ଧା ।
ଜପ ମନ୍ତ୍ର ଶାସ୍ତ୍ର ମୁଂ ନ ଜାଣଇ କିଛି
ସ୍ୱେସନେକ ଆଗ୍ୟାଂ ମୋତେ ହେଲେକ କାମାକ୍ଷୀ ।
ହେ ବୁଧଜନେ ଜମ୍ବୋଦ୍ୱୀପ ଭ୍ରୁଥଖଣ୍ଡ ଓଡ଼ରାଷ୍ଟ୍ର ମଣ୍ଡଳେ
ଠାବ କଣସ୍ୱାଦ୍ରିଣୀ ନଗ୍ର ଚନ୍ଦ୍ରଭାଗା ନଦୀକୂଳେ ।
ମହୋଦଧି ଉତ୍ତର ତଟେ ପ୍ରଶୁରାମଂକ ପାଟଣା
ପ୍ରଶୁରାମ ପୂଜା କଲେ ଯେବଣ ପ୍ରତିମା ।
ପ୍ରତକ୍ଷେ ଭବାନୀ ସେହି ଶ୍ରୀଚଣ୍ଡୀ ସାରଳେ
ସେ ମୋର ତୁଳସୀମାଳା ହୋଇ ଲମ୍ବୁ ବକ୍ଷ ସ୍ଥଳେ ।
ହେ ପଣ୍ଡିତ ଜନେ ପ୍ରସନ୍ନ ହୋଇଲେ ପିଙ୍ଗଳା
ସେ ସର୍ବମଙ୍ଗଳା ହୃଦେ ମୋର ହାର ।
ମୁଂ ତାହାର ପୁତ୍ର ହୋଇ ସେ ମୋହୋର ମାତ
କର ଅନଗ୍ରହ ମୋତେ ତୁଳସାର କାନ୍ତି ।
ସେହି ମାଳା ମୋହୋର ଗଳାରେ ଅଛି ଭରି
ଯେବଣ ନାମ ଧରି ସଂସାର ଜନେ ତରି ।
ବାଳୁତ ରୂପ ମୁହିଂ ତାର ପ୍ରତକ୍ଷେ ଦେଖଇ
ସେ ଯାହା କହଇ ତାହା ମୁଂ ଲେଖଇ ।
ସେ ସାରଳା ପ୍ରସନ୍ନେ ହୋଇଲା ମୋର ଗ୍ୟାନ
ଅଷ୍ଟାଦଶ ପର୍ବ ଗ୍ରନ୍ଥ କଲଇଂ ଲେଖନ ।
ସାରଳା ଚଣ୍ଡୀ ଚରଣେ ମୋହର ହୋଯେ ସେବା
ସାରୋଳା ଦାସକୁ ଅନଗ୍ରହ କରିବା ।"

ମାଟିର ମହାକବି ସାରଳା ଦାସ ସାରଳା ଚଣ୍ଡୀଙ୍କ ଆଶୀର୍ବାଦରୁ ଅପୂର୍ବ କବିତ୍ୱର ଅଧିକାରୀ ହୋଇଥିଲେ ବୋଲି ମହାଭାରତର ବିଭିନ୍ନ ସ୍ଥଳରେ ଉଲ୍ଲେଖ କରିଅଛନ୍ତି । କେବଳ ମହାଭାରତ ନୁହେଁ; ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣରେ

ମଧ୍ୟ ସେ ସାରଳା ଦେବୀଙ୍କୁ ବାରମ୍ବାର ସ୍ତୁତି କରିଅଛନ୍ତି । ସେ ଆଜନ୍ମରୁ ମୂର୍ଖ ଓ ଅପଣ୍ଡିତ ଥିଲେ । ସାମାନ୍ୟ ଜଣେ କୃଷିକାରୀ ଭାବରେ ସମୟ କଟାଉଥିଲେ । ସାରଳା ଦେବୀଙ୍କର କୃପା ଲାଭକରି ସେ ମହାକବିରେ ପରିଣତ ହେଲେ । ସାରଳା ଦେବୀ ତାଙ୍କୁ ଯାହା କହନ୍ତି ତାହାକୁ ସେ କେବଳ ଲେଖନ୍ତି । ତେଣୁ ତାଙ୍କର କୌଣସି ଦୋଷ ନାହିଁ । ଏହିପରି ନମ୍ର ଉକ୍ତିରୁ ସାରଳା ଦାସଙ୍କର ବିନୟଭାବ ପ୍ରକାଶିତ ହୋଇଥାଏ । ସେ ଯେ ଶାକ୍ତ ଥିଲେ ତାର ପ୍ରମାଣ ମଧ୍ୟ ଏଥିରୁ ମିଳିଥାଏ । କେବଳ ସାରଳା ଦେବୀ ନୁହଁନ୍ତି ; ପ୍ରସଙ୍ଗତଃ ସେ ଅନ୍ୟାନ୍ୟ ଦେବୀମାନଙ୍କର ବନ୍ଦନା କରିଅଛନ୍ତି । ସ୍ୱର୍ଗାରୋହଣ ପର୍ବରେ ହିଙ୍ଗୁଳା, ଭୈରବୀ ଓ ଡାକେଶ୍ୱରୀଙ୍କର ବର୍ଣ୍ଣନା କରିଅଛନ୍ତି । ଏତଦ୍‌ବ୍ୟତୀତ ସେ ଧର୍ମଦେବତାଙ୍କର ଯେପରି ବର୍ଣ୍ଣନା କରିଅଛନ୍ତି ସେଥିରୁ ଧର୍ମପୂଜା ପଦ୍ଧତି ପ୍ରତି ଆନୁଗତ୍ୟ ପ୍ରକାଶ କରିଥିବା ଜଣାଯାଏ । ଇନ୍ଦ୍ର, ଅଗ୍ନି, ଶିବ, ଶ୍ରୀକୃଷ୍ଣ, ଜଗନ୍ନାଥ, ମାଧବ ପ୍ରଭୃତିଙ୍କୁ ସେ ବନ୍ଦନା କରି ସର୍ବ ଦେବଦେବୀଙ୍କ ପ୍ରତି ଆପଣାର ଆନୁଗତ୍ୟ ଓ ଭକ୍ତିକୁ ପ୍ରକାଶ କରି ସକଳ ଧର୍ମଧାରଣା ପ୍ରତି ଉଦାର ଭାବ ପୋଷଣ କରିଅଛନ୍ତି ।

ସ୍ୱର୍ଗାରୋହଣ ପର୍ବ ସାରଳା ଦାସଙ୍କ ଉକ୍ତ—ଜାତୀୟତାର ଚୂଡ଼ାନ୍ତ ନିଦର୍ଶନ । ଅନ୍ୟାନ୍ୟ ପର୍ବମାନଙ୍କରେ ଓଡ଼ିଶାର ତତ୍ତ୍ୱ ଥିଲେହେଁ ସ୍ୱର୍ଗାରୋହଣ ପର୍ବରେ ମହାଭାରତର ନାୟକ ଯୁଧିଷ୍ଠିରଙ୍କୁ ଓଡ଼ିଶାରେ ବୈଶ୍ୟ କନ୍ୟା ସହିତ ବିବାହ କରାଇଦେଇ ଏକ ନୂତନ ସାମାଜିକ ସଂପର୍କ ସ୍ଥାପନ କରିଅଛନ୍ତି । ଏଥିରୁ ତାଙ୍କର ସଂସ୍କାର ମନୋଭାବର ପରିଚୟ ମିଳିବା ସଙ୍ଗେ ସଙ୍ଗେ ଧର୍ମପୂଜାର ଯୌନ ସ୍ୱୈରାଚାର ପ୍ରତି ବିଦ୍ରୂପାତ୍ମକ ମନୋଭାବରେ ପରିଚୟ ମିଳେ । ପୁନଶ୍ଚ ସେ ଯେପରି ଓଡ଼ିଶାର ବିଭିନ୍ନ ତୀର୍ଥସ୍ଥାନର ବର୍ଣ୍ଣନା କରିଅଛନ୍ତି ଓ ସେହିସବୁ ତୀର୍ଥସ୍ଥାନର ଜନଶ୍ରୁତିକୁ କାବ୍ୟିକ ରୂପ ପ୍ରଦାନ କରିଅଛନ୍ତି ତାହା ତାଙ୍କର ଅପୂର୍ବ କଳ୍ପନା ବିଳାସ ଏବଂ ଜାତୀୟ ମମତାର ସୂଚନା ଦିଏ । ମୂଳ ମହାଭାରତରେ କେବଳ ଉତ୍ତର ପୂର୍ବ ଭାରତର ତୀର୍ଥସ୍ଥାନଗୁଡ଼ିକର ବର୍ଣ୍ଣନା ଥିଲାବେଳେ ସାରଳା ଦାସ ପାଣ୍ଡବମାନଙ୍କୁ ପ୍ରଥମେ ଓଡ଼ିଶାର ବୈତରଣୀ ନଦୀକୂଳକୁ ନେଇ ଆସି ସେଠାରୁ ସେମାନଙ୍କୁ ତୀର୍ଥ ପର୍ଯ୍ୟଟନ କରାଇଅଛନ୍ତି । ଯାଜପୁର, କପିଳାସ, ଚଟ୍ରୋପୁଲା, ଏକାମ୍ର, ପ୍ରାଚୀତୀର୍ଥ ପରିକ୍ରମା କରି ପାଣ୍ଡବମାନେ ଓଡ଼ିଶାରୁ ବିଦାୟ ନେଇ ଯାଇଛନ୍ତି ଏବଂ ରାମଗୟା, କାଶୀ ବାରାଣସୀ, ବିଶ୍ୱାମିତ୍ର ତପୋବନ ଆଦି ଦେଇ ହିମାଳୟ ପଥେ ସ୍ୱର୍ଗଯାତ୍ରା କରିଛନ୍ତି । ଓଡ଼ିଶାରେ ପରିକ୍ରମା କରୁଥିବାବେଳେ ସେମାନେ ଅସ୍ତ୍ର ତ୍ୟାଗ କରି ନାହାନ୍ତି । କାରଣ ବିଭିନ୍ନ ସ୍ଥଳରେ ସେମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିଛି । ବାରାଣସୀଠାରେ ସେମାନେ ଅସ୍ତ୍ର ତ୍ୟାଗ କରି ସମ୍ପୂର୍ଣ୍ଣ ଅହଂକାର ବିନିର୍ମୁକ୍ତ ହୋଇ ସ୍ୱର୍ଗଯାତ୍ରା ପାଇଁ ପ୍ରସ୍ତୁତ ହୋଇଛନ୍ତି । ସ୍ୱର୍ଗଯାତ୍ରାବେଳେ କେବଳ

ଯୁଧିଷ୍ଠିର ସଂପୂର୍ଣ୍ଣ ଅନାସକ୍ତି ଓ ଏକାଗ୍ରତା ବଳରେ ସ୍ୱର୍ଗକୁ ଯିବାକୁ ସମର୍ଥ ହୋଇଛନ୍ତି ମାତ୍ର ଦ୍ରୌପଦୀ-ସହଦେବ-ନକୁଳ-ଅର୍ଜୁନ-ଭୀମ ପର୍ଯ୍ୟାୟକ୍ରମେ ଆପଣାର ଅହଂକାର-ଆସକ୍ତି-ପାପବୋଧ ଯୋଗୁଁ ଭୂପତିତ ହୋଇଅଛନ୍ତି । ଭୀମ ସମସ୍ତଙ୍କ ପଛରେ ଯାଉଥିବାରୁ ତାଙ୍କର ଆଗରେ ସମସ୍ତେ ଗୋଟି ଗୋଟି କରି ଟଳି ପଡ଼ିଛନ୍ତି ଏବଂ ତାଙ୍କର କୋଳରେ ମୃତ୍ୟୁବରଣ କରିଅଛନ୍ତି । ରୁଦ୍ର କଠୋର ଭୀମଙ୍କର କାରୁଣ୍ୟ ଓ ସମ୍ବେଦନା ପ୍ରକାଶିତ ହୋଇଥିଲାବେଳେ ଯୁଧିଷ୍ଠିରଙ୍କର ଚିତ୍ତ-ଚଞ୍ଚଳତା ଦେଖାଯାଇ ନାହିଁ । ଅବଶେଷରେ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶକ୍ରମେ ଭୀମ ଦକ୍ଷିଣ ଭୁଜ ସାହାଯ୍ୟରେ ଆରୋହଣ କରିବା ମାତ୍ରେ ଭୂପତିତ ହୋଇଅଛି । ଏଥିରୁ ଯୁଧିଷ୍ଠିରଙ୍କର କାପଟ୍ୟ ପରିଲକ୍ଷିତ ହୋଇଥାଏ । ତେବେ ଭୀମ ସାଂସାରିକ ମୋହ ମୁକ୍ତ ହୋଇପାରି ନ ଥିବାରୁ ସ୍ୱର୍ଗାରୋହଣ କରିବାକୁ ସମର୍ଥ ହୋଇପାରି ନାହିଁ । ପୁନଶ୍ଚ ଯୁଧିଷ୍ଠିର ଜୀବନବ୍ୟାପୀ ସତ୍ୟବାକ୍ ଥିଲେହେଁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ 'ନରେ ବା କୁଂଜରେ ଅଶ୍ୱତ୍ଥାମା ହତ' ବୋଲି ସାମାନ୍ୟ ମିଥ୍ୟା କହିଥିବାରୁ ତାଙ୍କୁ ନର୍କ ଦର୍ଶନ କରିବାକୁ ହୋଇଛି । ସ୍ୱର୍ଗକୁ ଯିବା ପୂର୍ବରୁ ଏହି ନର୍କ ଦର୍ଶନ ତାଙ୍କର ଚିତ୍ତମୁକ୍ତି କରିଅଛି । ତତ୍ପରେ ଧର୍ମର ପରୀକ୍ଷା ହୋଇ ଯୁଧିଷ୍ଠିର ସ୍ୱଦେହରେ ସ୍ୱର୍ଗକୁ ଯିବାକୁ ସମର୍ଥ ହୋଇପାରିଅଛନ୍ତି ।

ମହାଭାରତର ଅଷ୍ଟାଦଶ ପର୍ବ ମଧ୍ୟରେ ସ୍ୱର୍ଗାରୋହଣ ପର୍ବ ଶେଷ ପର୍ବ ଏବଂ ଏହି ପର୍ବରେ ସାରଳା ଦାସ ମୂଳ ମହାଭାରତକୁ ଅନୁସରଣ କରିଥିଲେ ହେଁ ପ୍ରସଙ୍ଗତଃ ସେ ମୌଳିକତା ଦେଖାଇ ଅଛନ୍ତି । ଏହି ମୌଳିକତା ସୃଷ୍ଟି ହୋଇଛି ଅପୂର୍ବ ଗଳ୍ପ-ଗ୍ରନ୍ଥନ କଳାରେ । ଏହା ହିଁ ସାରଳା ଦାସଙ୍କର ବୈଶିଷ୍ଟ୍ୟ । ଉତ୍କଳ-ଜାତୀୟତାବୋଧ, ଅପୂର୍ବ ଗଳ୍ପ ଗ୍ରନ୍ଥନ କଳା, ଉଦାର ଧର୍ମ ଭାବ, ଦଳିତ ସମାଜ ପ୍ରତି ସମ୍ବେଦନା, ଧାର୍ମିକ ଓ ନୈତିକ ଜୀବନ ପ୍ରତିଷ୍ଠା ପାଇଁ ଆହ୍ୱାନ, ବ୍ରାହ୍ମଣ୍ୟ ସଂସ୍କୃତି ପ୍ରତି ବିଦ୍ରୋହ, ଯୌନ ସ୍ୱୈରାଚାର ପ୍ରତି ବିଦ୍ରୂପ, ସାମାଜିକ ସଂସ୍କାର ପାଇଁ ସଂକେତ, ଅହଂକାର ବିନିର୍ମୁକ୍ତ ଜୀବନର ମହନୀୟତା ଆଦି ଦୃଷ୍ଟିକୋଣରୁ ସ୍ୱର୍ଗାରୋହଣ ପର୍ବ ଯେ ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି ଏଥିରେ ସନ୍ଦେହ ନାହିଁ । ଅଧିକନ୍ତୁ ବୌଦ୍ଧ ଧର୍ମର କରୁଣା ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ସାମାଜିକ ଜୀବନରେ ଯେଉଁ ପ୍ରଭାବ ପକାଇଥିଲା, ସଚେତନଶୀଳ କବି ସାରଳା ଦାସ ତାକୁ ଉପଲବ୍ଧି କରିଥିଲେ ଏବଂ ବିଭିନ୍ନ ପ୍ରସଙ୍ଗରେ ସେ ବୁଦ୍ଧ-କରୁଣାକୁ ପରୋକ୍ଷ ଭାବରେ ରୂପାୟନ କରି ଶ୍ରୀକୃଷ୍ଣ-ଜଗନ୍ନାଥଙ୍କୁ ମହାବୌଦ୍ଧରେ ରୂପାନ୍ତରିତ କରି ଐତିହାସିକ-ସାମାଜିକ-ସାଂସ୍କୃତିକ ବିବର୍ତ୍ତନର ଯେ ଏକ ସ୍ପଷ୍ଟ ପ୍ରତିଲିପି ପ୍ରଦାନ କରିପାଇଛନ୍ତି, ତାଙ୍କର ମହାଭାରତ ତାର ଜ୍ୱଳନ୍ତ ପ୍ରମାଣ ।

●

# 'କାଂଚିକାବେରୀ' ନାଟକ :
# ଏକ ବିସ୍ତର ବିବେଚନ

ଊନବିଂଶ ଶତାବ୍ଦୀର ଶେଷ ତ୍ରି ଦଶକ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ କାଳ । ନଅଙ୍କ ଦୁର୍ଭିକ୍ଷର କରାଳ ତାଣ୍ଡବ ପରେ ହୃତଗୌରବ ଓଡ଼ିଆ ଜାତିର ନବଜନ୍ମ, ଭାଷାବିଲୋପ ଆନ୍ଦୋଳନ ପରିପ୍ରେକ୍ଷୀରେ ଓଡ଼ିଆ ଜାତିର ନୂତନ ଆତ୍ମ-ପ୍ରତ୍ୟୟ ଓ ଭାଷା କୈନ୍ଦ୍ରିକ ଜାତୀୟବୋଧର ବିକାଶ, ବ୍ରାହ୍ମ-ଆର୍ଯ୍ୟ ସମାଜ-ଖ୍ରୀଷ୍ଟିୟାନ ଧର୍ମଧାରାର ଅନୁବର୍ତ୍ତିନରେ ନୂତନ ସାମାଜିକ ଚେତନାର ଜାଗରଣ ଓ ସର୍ବୋପରି ପାଶ୍ଚାତ୍ୟ ଶିକ୍ଷାର ବିକାଶ ଓ ପ୍ରସାର ଫଳରେ ନୂତନ ଶିକ୍ଷିତ ମାନସର ପ୍ରସ୍ତୁତି ହିଁ ଯଥାର୍ଥରେ ଏହି ସମୟରେ ଆଧୁନିକ ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣା ପ୍ରଦାନ କରିଥିଲା । ଭାଷା କୈନ୍ଦ୍ରିକ ଜାତୀୟତାବୋଧର ଏଇ ନବ ଅଭ୍ୟୁଦୟ ଯୁଗରେ ଓଡ଼ିଆ ଜାତିର ଅନ୍ତରରେ ସୃଷ୍ଟି ହେଲା ସ୍ୱାଭିମାନ ଏବଂ ଏଇ ସ୍ୱାଭିମାନ ତାର ଅନ୍ତରରେ ଇତିହାସ-ସଚେତନତା ସୃଷ୍ଟି କରି ତାକୁ ନୂତନ-ସାହିତ୍ୟ-ସରଣୀରେ ଗତି କରିବାକୁ ଦେଲା ଦୁର୍ବାର ପ୍ରେରଣା । ଆତ୍ମବିଲୁପ୍ତ ଓଡ଼ିଆ ଜାତିର ଆତ୍ମଜାଗରଣ ପରେ ଆତ୍ମରକ୍ଷା ପାଇଁ ଅତୀତର ଗୌରବମୟ ଇତିହାସ ହିଁ ହେଲା ତାର ବଳିଷ୍ଠ ଅସ୍ତ୍ର । କେବଳ ଇତିହାସ ନୁହେଁ; ବହୁ ଜନଶ୍ରୁତି—କିମ୍ବଦନ୍ତୀ ଇତିହାସର ଅସ୍ପଷ୍ଟ ଅନ୍ଧାର-ଆଲୋକରେ ନୂତନ ଜୀବନ୍ୟାସ ନେଇ ଜାତୀୟ ଜୀବନରେ ସୃଷ୍ଟି କଲା ନବୋନ୍ମେଷ—ଜାତିର ଆତ୍ମରକ୍ଷା ପାଇଁ ସେଦିନ ନୂତନ ଶିକ୍ଷିତ ଯୁବମାନସ ଖୋଜିଲା ତାର ସୁଦୂର ଇତିହାସକୁ—ଏ ଜାତିର ଅଜସ୍ର କିମ୍ବଦନ୍ତୀକୁ—ଜନଶ୍ରୁତିକୁ—ପୁରା ବୃତ୍ତିକୁ । ଇତିହାସ ଓ କିମ୍ବଦନ୍ତୀକୁ ମିଶାଇଦେଇ ସେ ସୃଷ୍ଟି କଲା ଏକ ନୂତନ ଇତିହାସ-ସମର୍ଥିତ ଜୀବନ-ରସ । ତାହା ହିଁ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବର ପ୍ରେରଣା । ଏହି ପ୍ରେରଣାର କଳା-ରୂପ ହିଁ ନାଟକ । ଯଦିଓ ଆଦିପର୍ବରେ ସାମାଜିକ ସାଂସ୍କୃତିକ-ରାଜନୀତିକ-ଧାର୍ମିକ ଚିତ୍ତବୃତ୍ତିକୁ ନେଇ ଆଧୁନିକ ସାହିତ୍ୟର ବିଭିନ୍ନ ବିଭାଗର ବିକଚ ବିକାଶ ହୋଇଅଛି ତଥାପି ନାଟକ ଏସବୁ ପ୍ରାଣସ୍ପନ୍ଦନକୁ ଗ୍ରହଣ କରିଥିଲେହେଁ ଜାତୀୟତାର ପରିପୂର୍ତ୍ତି ଓ ନବଜାଗରଣ ପାଇଁ ଇତିହାସ-ପୁରାବୃତ୍ତ-ନିର୍ଭର କଥାବସ୍ତୁକୁ ନେଇ ଏକ ନୂତନ ନାଟ୍ୟଚେତନା ସୃଷ୍ଟି କରିବାକୁ ସମର୍ଥ ହୋଇପାରିଛି । ରାମଶଙ୍କର ରାୟଙ୍କର 'କାଞ୍ଚିକାବେରୀ' ଏହି ଯୁଗଚେତନାର ଆଦ୍ୟ ସଫଳ ସ୍ମାରକୀ ।

## ଗୃହସ୍ଥର ପ୍ରଥମ ଫଳ ସଦୃଶ ଆଦ୍ୟ ନାଟକ 'ବାବାଜୀ' :

ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ ଆଦ୍ୟ ନାଟ୍ୟକାର ଜଗନ୍ମୋହନ ଲାଲଙ୍କର 'ବାବାଜୀ' (୧୮୭୭) ଏକ ସ୍ମରଣୀୟ ସୃଷ୍ଟି । ଏହି ନାଟକ ସାମାଜିକ ସଚେତନତା ଓ ଗମ୍ଭୀର ନୀତିବୋଧର ଏକ ବଳିଷ୍ଠ ଅଭିବ୍ୟକ୍ତି ହେଲେହେଁ ନାଟକୀୟ ତ୍ରୁଟିରୁ ମୁକ୍ତ ନୁହେଁ । ଆଧୁନିକ ଓଡ଼ିଆ ନାଟ୍ୟସାହିତ୍ୟର ଏହା ତଥାପି ଥିଲା ଆଦ୍ୟ ପ୍ରେରଣା । ଅବଶ୍ୟ ଇତିପୂର୍ବରୁ ରଘୁନାଥ ପରିଚ୍ଛାଙ୍କର 'ଗୋପୀନାଥ ବଲ୍ଲଭ ନାଟକ' (୧୮୬୮) ଆତ୍ମପ୍ରକାଶ କରି ସାରିଥିଲା । ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଏଥିରେ ସଙ୍ଗୀତଧର୍ମୀ ସଂଳାପ ମାଧ୍ୟମରେ ପ୍ରକାଶ କରାଯାଇଥିଲା । ଏହା ଯଥାର୍ଥରେ ଏକ ଗୀତାଭିନୟ ;ନାଟକ ନୁହେଁ । ଦକ୍ଷିଣୀ ଯାତ୍ରା ଓ ଲୀଳାର ଏହା ଏକ ନୂତନ ସଂସ୍କରଣ ମାତ୍ର । ୧୮୭୭ ମସିହାରେ 'ବାବାଜୀ' ନାଟକର ଆଲୋଚନା ପ୍ରସଙ୍ଗରେ 'ବାଲେଶ୍ୱର ସମ୍ବାଦ ବାହିକା'ରେ କୌଣସି ଲେଖକ 'ଗୋପୀନାଥ ବଲ୍ଲଭ' ନାଟକକୁ ସମାଲୋଚନା କରି ଲେଖିଥିଲେ—"ଓଡ଼ିଶାରେ ଓଡ଼ିଆ ଭାଷାରେ ନାଟକ ନାମ ଶୁଣିବାକୁ ଆଶ୍ଚର୍ଯ୍ୟ । ଏଥିପୂର୍ବେ ଗୋପୀନାଥ ବଲ୍ଲଭ ନାମକ ଖଣ୍ଡିଏ ନାଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଥିଲା । × × × ତାର ସ୍ୱାଦୁ ପରୀକ୍ଷା କରିବା ପାଇଁ ମନ ବଳିଲା ; ମାତ୍ର ତାହା 'ନା ଟକ, ନା-ମିଷ୍ଟ' କିଛି ଜଣାଗଲା ନାହିଁ ।" (୧) ପ୍ରକୃତ ପକ୍ଷରେ ଗୋପୀନାଥ ବଲ୍ଲଭ ନାଟକ ନାଟକ ନୁହେଁ । ଏଥିରେ ନାଟକର ଆଙ୍ଗିକ ଧର୍ମ ନାହିଁ କିମ୍ବା ମାନବୀୟ ଚିତ୍ତବୃତ୍ତିର ନାଟକୀୟ ସୁତୀବ୍ର ସଂଘର୍ଷ ବା ଉତ୍କଣ୍ଠା ନାହିଁ । ଏହା ଦକ୍ଷିଣୀ ଯାତ୍ରାର ଆଦର୍ଶରେ ରଚିତ । ଏ ସମ୍ପର୍କରେ ଜନୈକ ଲେଖକ 'ଓଡ଼ିଆଯାତ୍ରା' ପ୍ରବନ୍ଧରେ ମତ ଦେଇଛନ୍ତି— "ଉକ୍ତ ପୁସ୍ତକଟି ଦକ୍ଷିଣୀ ଯାତ୍ରାର ଆଦର୍ଶରେ ହୋଇଅଛି ଓ ତହିଁରେ ଯେ ସମସ୍ତ ଗୀତ ସନ୍ନିବେଶିତ ହୋଇଅଛି ସେସବୁ ଦକ୍ଷିଣୀ, ହିନ୍ଦୁସ୍ଥାନୀ ଓ ବଙ୍ଗଳା ରାଗରାଗିଣୀ ଓ ତାଳରେ ଗଠିତ ହୋଇଥିବାରୁ ବଡ଼ ସୁନ୍ଦର ହୋଇଅଛି ।" (୨) ଯଦିଓ ଦୀପିକାରେ ଉକ୍ତ ଗୀତାଭିନୟର ପ୍ରଶଂସା କରାଯାଇଛି ତଥାପି ଏଥିରେ ଆଶା ପ୍ରକାଶ କରାଯାଇଛି—"ଯେମନ୍ତ ଯାତ୍ରାଟି ନିତାନ୍ତ ବଙ୍ଗଳା ନ ହେଉ ଓ ଓଡ଼ିଶା ପ୍ରଚଳିତ ଭଲ ଭଲ ରାଗ ଓ ତାଳର ଗୀତ ତହିଁରେ ସ୍ଥାନ ପାଉ ।" ଏହି ଆଲୋଚନା-ମାନଙ୍କରୁ ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଯେ ୧୮୭୭ ମସିହା ବେଳକୁ ଓଡ଼ିଆ ଭାଷାରେ ନାଟକ ଲେଖାଯିବା ପାଇଁ ଉପଯୁକ୍ତ ସମୟ ଉପସ୍ଥିତ ହୋଇଅଛି କି ନା ସେ ବିଷୟରେ ସନ୍ଦେହ ପ୍ରକାଶ ଏବଂ ଆଧୁନିକ ରୁଚିର ଅନୁକୂଳ ନାଟକ

---

୧ । ସମ୍ବାଦବାହିକା—ତା ୧ । ୧୨ । ୧୮୭୭

୨ । ଉତ୍କଳଦୀପିକା – ତା ୨୮ । ୧୦ । ୧୮୭୬

ରଚନା ପାଇଁ ଶିକ୍ଷିତ ଯୁବମାନସର ପ୍ରତିକ୍ରିୟା । ଏହି ସନ୍ଦେହ ଓ ଚିନ୍ତା-ବୃତ୍ତିର ପ୍ରତିକ୍ରିୟାରୁ ଜନ୍ମ ନେଲା ଓଡ଼ିଆ ସାହିତ୍ୟରେ ପ୍ରଥମ ସାମାଜିକ ନାଟକ 'ବାବାଜୀ' । ଏଥିରେ ସମସାମୟିକ ସାମାଜିକ ଜୀବନରେ ହିନ୍ଦୁବାବୁଙ୍କର ସୁରାପାନ, ନବ୍ୟବାବୁ ଓ ଦେଶୀୟ ଖ୍ରୀଷ୍ଟିୟାନମାନଙ୍କର କୁସଂସ୍କାର, ଡାହାଣୀ, ଭୂତ, ଗାରୁଡ଼ି ବିଦ୍ୟାର ରହସ୍ୟ ସମ୍ପର୍କରେ ନାଟକୀୟ ଉପସ୍ଥାପନା ସହିତ ମଠାଧୀଶମାନଙ୍କର ଆଚରଣ, ବାବାଜୀଙ୍କ ମହିମା ଓ ପ୍ରକୃତ ସାଧୁର ସୁଚରିତ ଏବଂ ଉପଦେଶ ସମ୍ପର୍କରେ ଉଲ୍ଲେଖ ଅଛି । (୩) ତଥାପି ଉତ୍କଳଦୀପିକା ଏହି ନାଟକର ସମାଲୋଚନା କରିଥିଲେ "ଓଡ଼ିଆ ଭାଷାରେ ଏ ପର୍ଯ୍ୟନ୍ତ ନାଟକ ରଚନା ହୋଇ ନ ଥିଲା । ଏ ପୁସ୍ତକ ତହିଁର ପ୍ରଥମ ପୁସ୍ତକ ଅଟଇ । ଇଂରାଜୀ, ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ବୋଲିବାକୁ ମନ ବଳୁ ନାହିଁ । × × × ନାଟକର ଭାଷା ଓ ରଚନା ଛଟା କି ପ୍ରକାରର ହେବ ଏସବୁ ଅତି ଚମତ୍କାର ରୂପେ ଗ୍ରନ୍ଥକର୍ତ୍ତା ଦେଖାଇ ଅଛନ୍ତି । ଭଣ୍ଡମଠାଧିକାରିମାନଙ୍କର ଦୋଷ ପ୍ରକାଶ କରିବା, ଭୂତ, ଡାହାଣୀ, ଜଡ଼ିମନ୍ତ୍ର ଇତ୍ୟାଦି ବିଷୟରେ ଲୋକଙ୍କର ଭ୍ରମ ଓ କୁସଂସ୍କାର ଛେଦନ ଏ ଗ୍ରନ୍ଥର ମୁଖ୍ୟ ଉଦ୍ଦେଶ୍ୟ ଜଣାଯାଏ । ଏହାଦ୍ୱାରା ନାଟକର ବାଟ ଫିଟିଲା । ଏଥର ଅନ୍ୟାନ୍ୟ କୃତବିଦ୍ୟମାନେ ଏ ପକ୍ଷରେ ମନଦେଲେ ଅଚିରେ ପ୍ରକୃତ ନାଟକ ଓଡ଼ିଆ ଭାଷାରେ ବାହାରିପାରେ ।" (୪) ଦୀପିକା ଉକ୍ତ ନାଟକକୁ ଓଡ଼ିଆ ନାଟକର ପ୍ରଥମ ନାଟକ ରୂପେ ଗ୍ରହଣ କରି ଇଂରାଜୀ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ରୂପେ ସ୍ୱୀକାର କରିବାକୁ କୁଣ୍ଠା ପ୍ରକାଶ କରିଛି ଓ ଓଡ଼ିଆ ସାହିତ୍ୟରେ ନାଟକ ରଚନା ହେବାର ବାଟ ଫିଟିଲା ବୋଲି ମତ ଦେଇଛି । ଅନ୍ୟ ପକ୍ଷରେ ସମ୍ବାଦବାହିକାରେ ଉଲ୍ଲେଖ ଅଛି—"ଆମ୍ଭମାନଙ୍କ ମାତୃଭାଷାରେ ନାଟକ ଲେଖିବାର ସମୟ ଉପସ୍ଥିତ ହୋଇଅଛି କି ନା ତାହା ଆମ୍ଭେମାନେ କହି ନ ପାରୁଁ । ତଥାଚ ଯେବେ ଓଡ଼ିଆ ଭାଷାରେ ନାଟକ ଲେଖିବାକୁ କାହାରି ଇଚ୍ଛା ହୁଏ, ତେବେ ଓଡ଼ିଶାର ସମସ୍ତ ଗାର୍ହସ୍ଥ୍ୟ ଭାଷା ସନ୍ନିବେଶିତ କରି ତାହା ସମ୍ପାଦନ କଲେ କଥଞ୍ଚିତ୍ ନାଟକ ନାମ ବହନ କରିପାରେ । ଏମନ୍ତ ସ୍ଥଳେ ବାବାଜୀ ନାଟକର ପ୍ରଣେତା ବାବୁ ଜଗନ୍ମୋହନ ଲାଲ ସାହସ ଉପରେ ନିର୍ଭର କରି ଖଣ୍ଡିଏ ନାଟକ ପ୍ରଣୟନ କରି-ଅଛନ୍ତି, ଅତ୍ୟନ୍ତ ପ୍ରଶଂସାର ବିଷୟ । ଜଗନ୍ମୋହନ ବାବୁ ପ୍ରଥମେ ଆମ୍ଭମାନଙ୍କ ଆଶାରୁ ଅଧିକ ଏଇ ନାଟକ ଖଣ୍ଡିକ ପ୍ରଦାନ କଲେ ଏଥି ନିମନ୍ତେ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । × × × ଗ୍ରନ୍ଥକର ପ୍ରଥମ ଫଳ ପରି ପାଠକମାନଙ୍କୁ

୩ । ଉତ୍କଳଦୀପିକା—ବିଜ୍ଞାପନ – ତା ୨୭ । ୧୦ । ୧୮୭୭

୪ । ଉତ୍କଳଦୀପିକା—ତା ୩ । ୧୧ । ୧୮୭୭

ଆମ୍ଭେମାନେ ଏହା ଦେଲୁଁ ।" (୫) ବାବାଜୀ ନାଟକ ରଚିତ ହେଲା ପରେ ସମ୍ବାଦଧର୍ମୀ ଆଲୋଚନାମାନଙ୍କରେ ଏ ସମ୍ପର୍କରେ ବିଭିନ୍ନ ମତାମତ ପ୍ରକାଶ ପାଇଥିଲା । ଉତ୍କଳଦୀପିକା ଇଂରାଜୀ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ କହି ନ ଥିଲେହେଁ ପ୍ରଥମ ନାଟକର ମର୍ଯ୍ୟାଦା ଦେଇ ଓଡ଼ିଆ ଭାଷାରେ ପ୍ରକୃତ ନାଟକର ବାଟ ଫିଟିଲା ବୋଲି କହିଥିଲା ବେଳେ ସମ୍ବାଦବାହିକା ଓଡ଼ିଆ ଭାଷାରେ ନାଟକ ଲେଖିବାର ସମୟ ଉପସ୍ଥିତ ହୋଇଛି କି ନାହିଁ ସନ୍ଦେହ ପ୍ରକାଶ କରି ଗାର୍ହସ୍ଥ୍ୟ ଭାଷାରେ ନାଟକ ରଚିତ ହେବା ଉଚିତ ବୋଲି ମନ୍ତବ୍ୟ ଦେଇ 'ବାବାଜୀ'କୁ ଗୃହସ୍ଥର ପ୍ରଥମ ଫଳ ରୂପେ ଗ୍ରହଣ କରି ନେଇଛି ।

ଆଲୋଚନାର ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ପୂର୍ବ ପ୍ରଚଳିତ ଯାତ୍ରାଧାରାରେ ପରିବର୍ତ୍ତନ କରାଯାଇ ଲୋକରୁଚିର ଅନୁକୂଳ ନାଟ୍ୟରୀତି ପ୍ରବର୍ତ୍ତନ କରାଯାଇଥିଲା । ତେଣୁ ଆଦି ନାଟକ 'ବାବାଜୀ'ରେ ଗଦ୍ୟାତ୍ମକ ବାସ୍ତବଧର୍ମୀ ସଂଳାପ, ସଙ୍ଗୀତର ସ୍ୱଳ୍ପତା, ସାମାଜିକ ସଂସ୍କାର ପାଇଁ ଉଦ୍ୟମ ଓ ବ୍ୟକ୍ତି ଚରିତ୍ରର ରହସ୍ୟ ଉଦ୍‌ଘାଟନ ଆଦି ଦେଖିବାକୁ ମିଳିଲେ ହେଁ ନାଟକର ସୃଷ୍ଟିବୈଶିଷ୍ଟ୍ୟ ଅଭାବରୁ ଏହାକୁ ଯାତ୍ରାର ଏକ ମାର୍ଜିତ ରୂପ କୁହାଯାଇଥାଏ । ଡକ୍ଟର ନଟବର ସାମନ୍ତରାୟ ଯଥାର୍ଥରେ ମତ ବ୍ୟକ୍ତ କରିଛନ୍ତି—"ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ହେତୁ ସେ ସମୟରେ ଲୋକଚିତ୍ତରେ ଯେଉଁ ନୂତନ ମୂଲ୍ୟବୋଧ, ନୂତନ ରସପିପାସା ଓ ନୂତନ ଜୀବନଜିଜ୍ଞାସା ଦେଖା ଦେଇଥିଲା ତାହା ପ୍ରାଚୀନ ରୁଚିର ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ଖୋଜୁଥିଲା ନୂତନ ରସ, ନୂତନ କାବ୍ୟକଳା । ଲୋକଚିତ୍ତର ଏ ଦାବୀପୂରଣ ପାଇଁ ଏହି ନୂତନ ଯାତ୍ରାର ଅନୁସରଣରେ ରଚିତ ହୋଇଥିଲା 'ବାବାଜୀ ନାଟକ' । ତେଣୁ 'ଗୋପୀନାଥବଲ୍ଲଭ' ଓ 'ବାବାଜୀ' ଯଥାକ୍ରମେ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ଦେଖା ଦେଇଥିବା ପରିବର୍ତ୍ତିତ ଲୋକଚିତ୍ତର ଜୀବନ୍ତ ମୂକସାକ୍ଷୀ ମାତ୍ର—ସମୟର ପ୍ରାଣସ୍ପନ୍ଦନ ସେଥିରେ ଯଥାର୍ଥ ଭାବରେ ରୂପାୟିତ ।" (୬) 'ବାବାଜୀ' ନାଟକରେ ଯାତ୍ରାର ନୂତନ ମାର୍ଜିତ ରୂପ ଥିଲେହେଁ ଏହା ପୂର୍ଣ୍ଣତଃ ଯାତ୍ରା ନୁହେଁ । ନାଟକର ଆଦିରୂପ । ଏହା ଉଦ୍ଦେଶ୍ୟଧର୍ମୀ । ତେଣୁ ପ୍ରଚାର ଏହାର ମୁଖ୍ୟ ; କଳା ଶିଳ୍ପ ଗୌଣ । ଡକ୍ଟର ମାୟାଧର ମାନସିଂହ କହନ୍ତି—"ଏହା ବୋଧହୁଏ ପ୍ରଥମ ଆଧୁନିକ ଓଡ଼ିଆ ନାଟକ । ଯଦିଓ ଏହି ଚାରି ଅଙ୍କବିଶିଷ୍ଟ ପ୍ରଥମ ଓଡ଼ିଆ ନାଟକଟି, ମାହାତ୍ମା ଗାନ୍ଧି ଓ ଜାତୀୟ କଂଗ୍ରେସ ସରକାରଙ୍କର ପଚାଶ ବର୍ଷ ଆଗରୁ ନିଶା ନିବାରଣ ପାଇଁ ପ୍ରଚାର ଆରମ୍ଭ କରି ଦେଇଥିଲା, ନାଟକୀୟ ଶିଳ୍ପ ଅପେକ୍ଷା

୫ । ସମ୍ବାଦବାହିକା—ତା ୧ । ୧୨ । ୧୮୭୭

୬ । ଡକ୍ଟର ନଟବର ସାମନ୍ତରାୟ—ଓଡ଼ିଆ ସାହିତ୍ୟର ଇତିହାସ—ପୃ ୪୧୭

ଏ ପୁସ୍ତକରେ ନୈତିକ ପ୍ରଶ୍ନର ଅତ୍ୟଧିକ ହୋଇ ଉଠିଥିବାରୁ, ଏହା ରଙ୍ଗମଞ୍ଚରେ ସିଦ୍ଧିବାନ୍ ହୋଇପାରି ନ ଥିଲା ।" (୭) ନାଟକ ବାସ୍ତବ ଜୀବନରେ କଳାତ୍ମକ ଅଭିବ୍ୟକ୍ତି । ତେଣୁ ଏହାର ଉପାଦାନ ବାସ୍ତବ, ସଂଳାପ ବାସ୍ତବ, ଅଭିବ୍ୟକ୍ତି ମଧ୍ୟ ବାସ୍ତବ । ବାବାଜୀ ନାଟକରେ ବାସ୍ତବ ଜୀବନ ଓ ସମାଜର ଚିତ୍ର-ସଂଘର୍ଷ ଥିଲେହେଁ ଏହାର ଶିଳ୍ପ ଗଢ଼ଣରେ ନାଟକୀୟ ଶୈଥିଲ୍ୟ ପରିଲକ୍ଷିତ । ଏହାର ସଂଳାପରେ ନାଟକୀୟତା ଅପେକ୍ଷା ସାଧାରଣ ଉକ୍ତି-ପ୍ରତ୍ୟୁକ୍ତି (Conversation) ବିଦ୍ୟମାନ । ଏ ସମ୍ପର୍କରେ ସମାଲୋଚକ ଦାଶରଥି ଦାସଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ । ସେ କହନ୍ତି - "ଅବଶ୍ୟ ବାବାଜୀ ଠିକ୍ ନାଟକ ନୁହେଁ, ନାଟକର ଆଭାସ ମାତ୍ର । ନାଟ୍ୟକଳା ସମ୍ପର୍କରେ ଶ୍ରୀ ଲାଲ ସଂପୂର୍ଣ୍ଣ ଅନଭିଜ୍ଞ ଥିଲେ ; କିନ୍ତୁ ନ ଥିଲେ ବାସ୍ତବ-ବିମୁଖ କି ଶାସ୍ତ୍ରାନୁଗତ । ଆମର ଅନ୍ଧ ଅଚେତନ ଧର୍ମାଗ୍ରହ ବିରୁଦ୍ଧରେ ସେତେବେଳେ ନୂଆ ମୂଲ୍ୟ, ମତ ଓ ଆଦର୍ଶ ଉପସ୍ଥାପନ କରିବାକୁ ସେ ଯଥେଷ୍ଟ ଆଗ୍ରହ ପ୍ରକାଶ କରିଛନ୍ତି । ସେଥିପାଇଁ ସେ ଭଲ ପ୍ରବନ୍ଧଟିଏ ଲେଖି ପାରିଥାନ୍ତେ, ମାତ୍ର ଲେଖିଛନ୍ତି ନାଟକ । କଥୋପକଥନ (Conversation)କୁ ନାଟ୍ୟ ସଂଳାପ (dialogues) ବୋଲି ଭୁଲ ବୁଝିଛନ୍ତି ଓ ଗଦ୍ୟ ଭାଷାରେ ସଙ୍ଗୀତ ରଚନା କରି ଦେଇଛନ୍ତି । ସାହିତ୍ୟ ସାମଗ୍ରୀ ଭାବରେ 'ବାବାଜୀ'ର ବିଶେଷ କୌଣସି ମୂଲ୍ୟ ନାହିଁ । ତେବେ ଓଡ଼ିଆ ନାଟକର ବିକାଶଧାରାରେ ଶ୍ରୀ ଲାଲଙ୍କୁ ସ୍ମରଣ କରିବାକୁ ହୁଏ । ସେ ତ ପ୍ରଥମେ ପ୍ରଥମେ ପ୍ରଚଳିତ ଯାତ୍ରାବିଧି ଭାଙ୍ଗିଛନ୍ତି, ପୁରାଣ ଇତିହାସରୁ ଦୃଷ୍ଟି ଫେରାଇ ବାସ୍ତବ ଜଗତ ଓ ଜୀବନ ପ୍ରତି କୌତୂହଳ ପ୍ରକାଶ କରିଛନ୍ତି । ମୁକ୍ତ ସ୍ୱଚ୍ଛନ୍ଦ ଓଡ଼ିଆ ଭାଷାର ଉକ୍ତି ପ୍ରତ୍ୟୁକ୍ତି ରଚନାରେ ହାତ ଦେଇଛନ୍ତି; ଓଡ଼ିଆ ନାଟକ ଯେ ଅଚିରେ ଜନ୍ମ ନେବ, ସେପରି ସମ୍ଭାବନାକୁ ଉଜ୍ଜ୍ୱଳ କରିଛନ୍ତି । ସେ ହୁଏତ ସର୍ବାଂଶରେ ପରମ୍ପରାହୀନ ମୁକ୍ତ ଏକ ସ୍ୱଚ୍ଛନ୍ଦ ନାଟ୍ୟଶୈଳୀ ପ୍ରବର୍ତ୍ତନ କରିବାକୁ ଚାହିଁଥିଲେ, କିନ୍ତୁ ତାଙ୍କୁ ତାଙ୍କର ବିଦ୍ୟାବୁଦ୍ଧି ଓ ଶକ୍ତି ସାମର୍ଥ୍ୟ ଶୋଚନୀୟ ଭାବରେ ଅପଦସ୍ଥ କରିଛି । ତେବେ ତାଙ୍କ ପ୍ରଚେଷ୍ଟାକୁ ଊଷାର ଆକାଶରେ କ୍ଷଣସ୍ଥାୟୀ ରକ୍ତିମ ଛଟା ବୋଲି ସ୍ୱୀକାର କରାଯାଇପାରେ । ସୂର୍ଯ୍ୟୋଦୟରେ ତା'ର ଅସ୍ତିତ୍ୱ ବିଲୟ ଭଜିଛି ।" (୮) ଶ୍ରୀ ଦାସଙ୍କର ଏହି ଅଭିମତ ସମ୍ବାଦବାହିକାର 'ସଙ୍ଗୀତବିଦ୍ୟା' ପ୍ରବନ୍ଧର ମନ୍ତବ୍ୟ "× × ବାବାଜୀ ନାଟକର ପ୍ରଣେତା ଯେପରି ନାଟକ କାହାକୁ ବୋଲାଯାଏ ତାହା ନ ଜାଣି ନାଟକ ଲେଖିବାକୁ ପ୍ରବୃତ୍ତ ହୋଇ ଅଛନ୍ତି" (୯)ର

---

୭ । ଡକ୍ଟର ମାୟାଧର ମାନସିଂହ – ଓଡ଼ିଆ ସାହିତ୍ୟର ଇତିହାସ ୨ୟ ସଂ-ପୃ ୩୧୨

୮ । ଦାଶରଥି ଦାସ – ସାହିତ୍ୟ ସନ୍ଧାନ (ଓଡ଼ିଆ ନାଟକ ଓ ରାମଶଙ୍କର)ପୃ ୭୫।୭୬

୯ । ସମ୍ବାଦବାହିକା – ତା ୨୪ । ୧ । ୧୮୭୮

ପ୍ରତିଧ୍ୱନି ପରି ମନେହୁଏ । ତେବେ ଶ୍ରୀ ଦାସ ଯେପରି ଭାବରେ ବାବାଜୀ ନାଟକର କଳା-ଧର୍ମ-ହୀନତା ସମ୍ପର୍କରେ ଆଲୋଚନା କରିଅଛନ୍ତି ଓ ବାବାଜୀର ସଂଳାପ, କଥୋପକଥନ ରୀତି ଓ ପ୍ରବନ୍ଧଧର୍ମିତାକୁ ଲକ୍ଷ୍ୟ କରିଛନ୍ତି ତାହା ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଡକ୍ଟର ନଟବର ସାମନ୍ତରାୟ ମଧ୍ୟ କହନ୍ତି—"ବାବାଜୀ ବିଷୟବସ୍ତୁ ନିର୍ବାଚନର ପଶ୍ଚାତରେ ଜଗନ୍ମୋହନଙ୍କ ଆଧୁନିକ ମନର ପରିଚୟ ଥିଲେ ସୁଦ୍ଧା ଆଧୁନିକ ନାଟ୍ୟ ଶିଳ୍ପର ବୈଚିତ୍ର୍ୟ ଓ ନାଟକର ଅନ୍ତର୍ନିହିତ ରସଧାରା ଅର୍ଥାତ୍ ନାଟକର ଆଙ୍ଗିକ ପରିକଳ୍ପନା ଓ ଆତ୍ମିକ ରସଘନ ରୂପ, ଏଥିରୁ କେଉଁଟିର ଆଭାସ ଏଥିରେ ନାହିଁ । 'ଦୃଶ୍ୟ'-ବିହୀନ 'ବାବାଜୀ'ର ସ୍ୱତନ୍ତ୍ର ଅଙ୍କ କୌଣସି ସୃଷ୍ଟି ପରିକଳ୍ପନା ଉପରେ ପ୍ରତିଷ୍ଠିତ ନୁହେଁ, କିମ୍ବା ନାଟକୀୟ ରସ ବିକାଶ ପାଇଁ ଏଥିରେ କୌଣସି ପ୍ରଯତ୍ନ କରାଯାଇ ନାହିଁ । ମଧ୍ୟାହ୍ନଠାରୁ ସନ୍ଧ୍ୟା ୬।୭ ଟା ପର୍ଯ୍ୟନ୍ତ ସମୟ ଭିତରେ ଘଟଣାର ପରିବ୍ୟାପ୍ତି – ଏ ଘଟଣା ବୈଚିତ୍ର୍ୟହୀନ ଭାବେ ଏକ ସରଳରେଖାରେ ଧାବମାନ ।" [୧୦] କିନ୍ତୁ ବେଣୁଧର ରାଉତ ଏହି ନାଟକରେ କୌଣସି ଅସ୍ୱାଭାବିକତା ଲକ୍ଷ୍ୟ କରି ନାହାନ୍ତି । ସେ କହନ୍ତି—"× × ବାବାଜୀ ବାସ୍ତବଧର୍ମୀ ଏବଂ ଆଧୁନିକ ଚରିତ୍ର-ଗୁଡ଼ିକ ସଂକ୍ଷିପ୍ତ ହେଲେ ବି ସତ୍ୟ ଓ ଜୀବନ୍ତ ପରିପାର୍ଶ୍ୱରେ ଅସ୍ୱାଭାବିକ ରଙ୍ଗ ରଞ୍ଜିତ ନୁହନ୍ତି ।" (୧୧) ଡକ୍ଟର ମାୟାଧର ମାନସିଂହ ଏହାକୁ ପ୍ରଥମ ନାଟକ ଭାବରେ ଗ୍ରହଣ କରିଥିଲେ ମଧ୍ୟ ଏହାର ପ୍ରଚାରଧର୍ମିତା ଯୋଗୁ କଳାପାଟବତାର ଅଭାବକୁ ଦର୍ଶାଇଥିଲା ପରି ଡକ୍ଟର ହେମନ୍ତ କୁମାର ଦାସ କହନ୍ତି—"× × ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ (କୁସଂସ୍କାର ଲୋପ)କୁ ଅବଲମ୍ବନ କରି ଏହି ନାଟକର ବିଷୟବସ୍ତୁ, ଆଙ୍ଗିକ ପରିକଳ୍ପନା, ଆତ୍ମିକ ରୂପ ପରିସ୍ଫୁଟନ ନିମନ୍ତେ ଉଦ୍ୟମ କରାଯାଇଥିବାରୁ ଏହା ପ୍ରଚାରଧର୍ମୀ ହୋଇପଡ଼ିଛି ଏବଂ ନାଟକ-ରଚନା ପଛରେ କୌଣସି ଉଚ୍ଚ ଧରଣର ସୃଷ୍ଟି-ପରିକଳ୍ପନା ରହିପାରି ନାହିଁ ।" (୧୨) ଏହାସତ୍ତ୍ୱେ ସେ କହନ୍ତି—"× × ଶ୍ରୀ ଲାଲ ନାଟକ କାହାକୁ କୁହାଯାଏ, ତାହା ଜାଣିଥିଲେ ଏବଂ ବିଶେଷ ରୂପେ ଜାଣିଥିଲେ ।" (୧୩ ଶ୍ରୀ ଲାଲ ନାଟ୍ୟଶିଳ୍ପ ସମ୍ପର୍କରେ ସମ୍ପୂର୍ଣ୍ଣ ଅବହିତ ଥିଲେ ଅଥଚ ତାଙ୍କର 'ବାବାଜୀ' ନାଟକରେ ଉଚ୍ଚ ଧରଣର ସୃଷ୍ଟି କଳ୍ପନା ରହିପାରି ନାହିଁ ଓ ଏହା ପ୍ରଚାରଧର୍ମୀ ହୋଇଅଛି – ଏପରି ମନ୍ତବ୍ୟ ପୂର୍ବୋକ୍ତ ପ୍ରତିପକ୍ଷ ଆଲୋଚକମାନଙ୍କ ମତକୁ ସମର୍ଥନ ଜଣାଇଥାଏ । ଡକ୍ଟର ରତ୍ନାକର ଚଇନି ଡକ୍ଟର

---

୧୦ । ଡକ୍ଟର ନଟବର ସାମନ୍ତରାୟ—ଓଡ଼ିଆ ସାହିତ୍ୟର ଇତିହାସ – ପୃ ୪୪୭

୧୧ । ବେଣୁଧର ରାଉତ – ପ୍ରଥମ ଓଡ଼ିଆ ନାଟକ – ଆଦି ନାଟ୍ୟକାର
ଜଗନ୍ମୋହନ ଲାଲ ସ୍ମରଣିକା—ପୃ ୬୩

୧୨ । ଡକ୍ଟର ହେମନ୍ତ କୁମାର ଦାସ – ଓଡ଼ିଆ ନାଟକର ବିକାଶଧାରା – ପୃ ୧୩୬

୧୩ । ତତ୍ରୈବ – ପୃ ୧୩୬

ନଟବର ସାମନ୍ତରାୟଙ୍କ ଅଭିମତ ଖଣ୍ଡନ କରିବାକୁ ଯାଇ କହିଛନ୍ତି—"ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଶ ଓ ନିର୍ବହଣ ଏଥିରେ ଅଛି ; ମାତ୍ର ତାହା ନିୟମାନୁଯାୟୀ ରଖାଯାଇ ନାହିଁ । ଅତଏବ ଏଥିରେ ଆଙ୍ଗିକ ପରିକଳ୍ପନା କରାଯାଇଛି; କିନ୍ତୁ ଠିକ୍ ନିୟମରେ କରାଯାଇ ନାହିଁ ।" (୧୪) ଏହି ଅଭିମତ ପରୋକ୍ଷରେ ଡକ୍ଟର ସାମନ୍ତରାୟଙ୍କ ଅଭିମତର ପୃଷ୍ଠପୋଷକ ହୋଇ ପଡ଼ିଛି । ତେଣୁ ଉତ୍କଳଦୀପିକା-ସମ୍ବାଦବାହିକା-ଗିରିଜାଶଙ୍କର ରାୟ-ପ୍ରିୟରଞ୍ଜନ ସେନ୍-ନଟବର ସାମନ୍ତରାୟ ପ୍ରମୁଖ ଆଲୋଚକଗଣ 'ବାବାଜୀ'କୁ ନାଟକ ଭାବରେ ଗ୍ରହଣ କରିଥିଲେ ମଧ୍ୟ ଓଡ଼ିଆ ଯାତ୍ରାର ନୂତନ ସଂସ୍କରଣ ବୋଲି ଅଭିମତ ପ୍ରଦାନ କରିଅଛନ୍ତି । ପ୍ରକୃତରେ 'ବାବାଜୀ' ଓଡ଼ିଆ ଯାତ୍ରାର ନୂତନ ସଂସ୍କରଣ ନୁହେଁ ; ଓଡ଼ିଆ ନାଟକର ପ୍ରାଥମିକ ଅଧିକୃତ ଉଦ୍ୟମ । ତେଣୁ ଶ୍ରୀ ଲାଲ "ନାଟ୍ୟକଳା ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ" ଓ "ତାଙ୍କୁ ତାଙ୍କର ବିଦ୍ୟାବୁଦ୍ଧି ଓ ଶକ୍ତି ସାମର୍ଥ୍ୟ ଶୋଚନୀୟ ଭାବରେ ଅପଦସ୍ଥ କରିଛି"—ଏପରି ମନ୍ତବ୍ୟ ଆଦୌ ଯଥାର୍ଥ ନୁହେଁ । ଏହା ସ୍ୱୀକାର୍ଯ୍ୟ ଯେ 'ବାବାଜୀ'ର ସଂଳାପରେ କଳାପାଟବତା ନାହିଁ; ଅଛି କଥୋପକଥନ ଧର୍ମିତା, ବାସ୍ତବତା ଅଛି; ନାହିଁ ବାସ୍ତବ ଜୀବନର ଚରିତ୍ର-ସଂଘର୍ଷର ନାଟକୀୟ ଉପସ୍ଥାପନା, ନାଟ୍ୟକଳାର ନିୟମ ଯଥାର୍ଥ ଭାବରେ ସଂରକ୍ଷିତ ହୋଇ ନାହିଁ, ତଥାପି ନାଟ୍ୟକାର ତତ୍କାଳୀନ ସମାଜର ପ୍ରାଣ ସ୍ପନ୍ଦନକୁ ଯେପରି ଲୋକକଥିତ ଭାଷାରେ ନାଟ ରୂପ ପ୍ରଦାନ କରିଅଛନ୍ତି ତାହା ନିଶ୍ଚିତ ଭାବରେ ଉଲ୍ଲେଖଯୋଗ୍ୟ । ସମାଲୋଚକ ସୁରେନ୍ଦ୍ର ମହାନ୍ତି ତେଣୁ ଯଥାର୍ଥରେ କହିଛନ୍ତି—"ବାବାଜୀରେ ଗଠନଗତ ଶୈଥିଲ୍ୟ ପରିଲକ୍ଷିତ ହେଲେହେଁ, ଏହା ଅଭୂତପୂର୍ବ ଭାବରେ ମଡ଼ର୍ଣ୍ଣ ।" (୧୫) ଜଗନ୍ମୋହନ ଲାଲ ଏକ ଅଖ୍ୟାତ ପଲ୍ଲୀ ଅଞ୍ଚଳରେ ରାଧାକୃଷ୍ଣ ରଙ୍ଗମଞ୍ଚ (୧୮୭୫) ପ୍ରତିଷ୍ଠା କରି ନିଜେ ନାଟକ ରଚନା କରି ସେହି ରଙ୍ଗମଞ୍ଚରେ ଅଭିନୟ ଦେଖାଇ ଓଡ଼ିଆ ନାଟ୍ୟସାହିତ୍ୟ ପ୍ରତି ତତ୍କାଳୀନ ଦର୍ଶକର ରୁଚିକୁ ଆକୃଷ୍ଟ କରିବାର ଯେଉଁ ପ୍ରାଥମିକ ଉଦ୍ୟମ କରିଥିଲେ ତାହା ବାସ୍ତବିକ ଅଭିନନ୍ଦନୀୟ । ଜଣେ ସମାଜ-ସଚେତନଶୀଳ ନାଟ୍ୟଶିଳ୍ପୀ ଭାବରେ ନାଟକ ରଚନା କରି ସମସାମୟିକ ସାମାଜିକ ଚିତ୍ରବୃତ୍ତିକୁ ନାଟକରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଭାଷା ପ୍ରୟୋଗରେ ବାସ୍ତବ-ଧର୍ମିତା ଅବଲମ୍ବନ କରି ସେ ପ୍ରଗତିବାଦୀତାର ପରିଚୟ ଦେଇଅଛନ୍ତି । ତତ୍କାଳୀନ ପରିବର୍ତ୍ତିତ-ପରିମାର୍ଜିତ ଯାତ୍ରାର ପ୍ରେରଣାରୁ 'ବାବାଜୀ'ର ନବଜନ୍ମ ହୋଇଥିଲେହେଁ ଏହା ଯାତ୍ରାର ନୂତନ ସଂସ୍କରଣ ନ ହୋଇ ଆଧୁନିକ ଓଡ଼ିଆ ନାଟକର ପ୍ରଥମ ପଥିକୃତ ପ୍ରେରଣା ରୂପେ ଗୌରବ ଅର୍ଜନ କରିଅଛି ।

---

୧୪. ଡକ୍ଟର ରତ୍ନାକର ଚଇନି — ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ — ପୃ ୨୬୭

୧୫. ସୁରେନ୍ଦ୍ର ମହାନ୍ତି — ଓଡ଼ିଆ ସାହିତ୍ୟର କ୍ରମବିକାଶ — ପୃ. ୩୧୮

# ଓଡ଼ିଆ ନାଟ୍ୟସାହିତ୍ୟରେ ପ୍ରଥମ ମଞ୍ଚ ସଫଳ ନାଟକ : କାଞ୍ଚିକାବେରୀ

ସମାଲୋଚକ ଗିରିଜାଶଙ୍କର ରାୟ 'ବାବାଜୀ' ନାଟକ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ମତ ଦେଇଛନ୍ତି—"ବାସ୍ତବିକ ଏହି 'ବାବାଜୀ ନାଟକ' ପ୍ରକୃତ ନାଟକ ନୁହେଁ, କିନ୍ତୁ ଏହା ଯାତ୍ରା ଅପେକ୍ଷା ଉନ୍ନତ ଓ ସୁରୁଚିସମ୍ପନ୍ନ । ଏଥିରେ କଥୋପକଥନର ବାହୁଲ୍ୟ ଅଛି, ଚରିତ୍ରଚିତ୍ରଣର ପ୍ରୟାସ ଅଛି ; ମାତ୍ର ନାଟକରେ ଯେଉଁ କଥାବସ୍ତୁର ବିନ୍ୟାସ ଥାଏ ଓ ନାନା ଚରିତ୍ରର ଏକତ୍ର ସମାବେଶରେ କଥାବସ୍ତୁର ସୌନ୍ଦର୍ଯ୍ୟ ସମ୍ପାଦିତ ହୋଇଥାଏ, ଏଥିରେ ସେ ସବୁ କିଛି ନାହିଁ । ଏହା ଅତି କ୍ଷୁଦ୍ର ଶିକ୍ଷାପ୍ରଦ ଗୀତିନାଟ୍ୟ ଭିନ୍ନ ଆଉ କିଛି ନୁହେଁ ।" (୧୬) ଉତ୍କଳଦୀପିକା ତା ୩ । ୧୧ । ୧୮୭୭ ରିଖରେ ବାବାଜୀ ନାଟକକୁ ଇଂରାଜୀ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ପ୍ରକୃତ ନାଟକ ନ କହି ଅଚିରେ ପ୍ରକୃତ ନାଟକ ରଚନାର ପଥ ସୁଗମ ହେଲା ବୋଲି ଯେଉଁ ଅଭିମତ ପ୍ରଦାନ କରିଥିଲା ଗିରିଜାଶଙ୍କର ସେହି ଅଭିମତକୁ ସମର୍ଥନ କରି 'ବାବାଜୀ'କୁ ପ୍ରକୃତ ନାଟକ କହି ନାହାନ୍ତି । କିନ୍ତୁ ସେ ଏହାକୁ ଯେପରି ଶିକ୍ଷାପ୍ରଦ ଗୀତିନାଟ୍ୟ କହିଅଛନ୍ତି ତାହା ଯୁକ୍ତିଯୁକ୍ତ ନୁହେଁ । ଏହି ନାଟକରେ କେତେକ ତ୍ରୁଟି ବିଚ୍ୟୁତି ଅଛି ସତ ମାତ୍ର ଏହାକୁ ଯେପରି ଗୀତିନାଟ୍ୟ ଓ ଯାତ୍ରାର ନୂତନ ସଂସ୍କରଣ କହି ନାଟକ ଭାବରେ ଅସ୍ୱୀକାର କରାଯାଇଅଛି ତାହା ଠିକ୍ ନୁହେଁ । ଏହା ସତ୍ୟ ଯେ ବାବାଜୀ ନାଟକ ମାତ୍ର ଦୁଇ ତିନି ଥର ଅଭିନୀତ ହୋଇଥିଲା । (୧୭, ଯଦିଓ ଏହାର ସାମାଜିକ ମୂଲ୍ୟ ଗୁରୁତ୍ୱପୂର୍ଣ୍ଣ ଓ ଏହାର କେନ୍ଦ୍ରସ୍ଥ ସମସ୍ୟାର ଅନ୍ତର୍ଦ୍ଧ୍ୱନ୍ଦ୍ୱ ମାତ୍ର ଏହାର ନାଟକୀୟ କଳା-ଶୈଳୀ ଏହାକୁ ସଫଳ ମଞ୍ଚ-ମୂଲ୍ୟ ପ୍ରଦାନ କରିପାରି ନାହିଁ ।

ଏହି ପରିପ୍ରେକ୍ଷୀରେ ରାମଶଙ୍କର ରାୟଙ୍କର 'କାଞ୍ଚିକାବେରୀ' ନାଟକକୁ ବିଚାର କରାଯାଇପାରେ । ଉକ୍ତ ନାଟକର ଅଭିନୟ ପୂର୍ବରୁ ବିଗତ ଏକ ଦଶନ୍ଧି ଧରି ଓଡ଼ିଶାର ଲୋକରୁଚିରେ କ୍ରମବିବର୍ତ୍ତନର ସୂତ୍ରପାତ ହୋଇ ସାରିଥାଏ । ଆଧୁନିକ ଶିକ୍ଷାର ପ୍ରସାର ହେତୁ ଗଢ଼ିଉଠିଥିବା ନୂତନ ଶିକ୍ଷିତ ଗୋଷ୍ଠୀକୁ କେନ୍ଦ୍ର କରି ଯେଉଁ ସହରୀ ସଭ୍ୟତା ଓ ଜୀବନଧାରାର କ୍ରମବିକାଶ ହୋଇଥିଲା ତାହା ହିଁ ନୂତନ ରୁଚିବୋଧର ହେଲା ଜନ୍ମଦାତା । ତେଣୁ ଗଣଭୋଗ୍ୟ ଓଡ଼ିଆ ଯାତ୍ରାର ଇତର ରୁଚିବୋଧ ପ୍ରତି କ୍ରମେ ବିତୃଷ୍ଣା ଜାତ ହେବାକୁ ଲାଗିଲା । ୧୮୭୫ ମସିହା

---

୧୬. ଗିରିଜାଶଙ୍କର ରାୟ – ଓଡ଼ିଆ ନାଟ୍ୟକଳା – ପୃ ୩୪

୧୭ । ଉତ୍କଳଦୀପିକା – ତା ୧୯ । ୧୦ । ୧୮୯୫

ବେଳକୁ ଏହି ମନୋଭାବ ସୁତୀବ୍ର ହୋଇ ଉଠିଥିବା ପତ୍ରପତ୍ରିକାରୁ ଲକ୍ଷ୍ୟ କରାଯାଇଥାଏ । ଓଡ଼ିଶାରେ ବଙ୍ଗଳା-ଯାତ୍ରାର ଅଭିନୟର ନୂତନ ରୁଚିବୋଧ ପ୍ରତି ଜନସାଧାରଣଙ୍କ ଦୃଷ୍ଟିକୁ ଆକର୍ଷଣ କରି ଓଡ଼ିଆ ଯାତ୍ରାର ସଂସ୍କାର ପାଇଁ ଶିକ୍ଷିତ ଲୋକଙ୍କ ଯତ୍ନ ଏକାନ୍ତ ଆବଶ୍ୟକ ବୋଲି "ସମ୍ବାଦବାହିକା" ମତ ବ୍ୟକ୍ତ କରିଥିଲା । (୧୮) ଦୀପିକା ପୁଣି ମତ ପ୍ରଦାନ କରିଥିଲା ଯେ—"ଶିକ୍ଷିତ ଓ ହିତୈଷୀ-ଲୋକଙ୍କ ସାହାଯ୍ୟ ବିନା ଏସବୁ ବ୍ୟାପାର ସାଧନ ହୋଇ ନ ପାରେ ।" (୧୯) ଓଡ଼ିଆଯାତ୍ରାର ରୁଚିହୀନତା ଓ ବଙ୍ଗଳାଯାତ୍ରାର ନବୀନତା ପ୍ରତି ସେତେବେଳେ ସମ୍ବାଦପତ୍ରମାନେ ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ନୂତନ ଓଡ଼ିଆଯାତ୍ରାର ଅଭ୍ୟୁଦୟ ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଅନ୍ୟ ପକ୍ଷରେ ୧୮୭୨ ମସିହା ଜୁଲାଇ ମାସ ୨୭ ତାରିଖ ଦିନ କଟକର କାଥଲିକ୍ ଗୀର୍ଜା ସଂଲଗ୍ନ ବିଦ୍ୟାଳୟରେ ପାଦ୍ରୀମାନଙ୍କ ପ୍ରଚେଷ୍ଟାରେ ଗୋଟିଏ ଇଂରାଜୀ ନାଟକ ଅଭିନୀତ ହୋଇଥିଲା । ଏହା ପରଠାରୁ ୧୮୭୮ ମସିହା ପର୍ଯ୍ୟନ୍ତ କଟକ ଓ ବାଲେଶ୍ୱରଠାରେ ପାଦ୍ରୀମାନଙ୍କ ଚେଷ୍ଟାରେ ଆଉ କେତେଥର ଇଂରାଜୀ ନାଟକ ପରିବେଷିତ ହୋଇଥିଲା । ଇଂରାଜୀ ନାଟକର ଅଭିନୟ ପ୍ରଦର୍ଶନ ସାଙ୍ଗକୁ ୧୮୭୮ ମସିହା ବେଳକୁ ବଙ୍ଗଳା ନାଟକର ଅଭିନୟ ପ୍ରଦର୍ଶନ ଓଡ଼ିଆମାନଙ୍କୁ ନାଟକ ଲେଖିବା ପାଇଁ ଉତ୍ସାହିତ କରିଥିଲା । ଓଡ଼ିଆ ନାଟକ ଇତିହାସରେ ୧୮୭୮ ମସିହା ଫେବୃୟାରି ମାସ ୭ ତାରିଖ ଗୁରୁବାର ଦିନ ସରସ୍ୱତୀ ପୂଜା ଏକ ସ୍ମରଣୀୟ ଦିବସ । କଟକର ଜମିଦାର ଗୋପାଳଚନ୍ଦ୍ର ବୋଷଙ୍କ ବୈଠକଖାନାରେ ମନମୋହନ ବସୁଙ୍କର ବଙ୍ଗଳା 'ରାମାଭିଷେକ' ନାଟକ ସେଦିନ ବିପୁଳ ଜନସମାଗମ ଓ ନୂତନ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଅଭିନୀତ ହୋଇଥିଲା । ଉକ୍ତ ନାଟକର ସଫଳ ଅଭିନୟ, ନୂତନ ମଞ୍ଚସଜ୍ଜା ଓ ରୁଚିବୋଧର ପ୍ରବର୍ତ୍ତନ ହିଁ ସେତେବେଳେ ଓଡ଼ିଆ ନାଟକ ଲେଖିବା ପାଇଁ ଯଥେଷ୍ଟ ପ୍ରେରଣା ପ୍ରଦାନ କରିଥିଲା । ତେଣୁ 'ଦୀପିକା' ଯଥାର୍ଥରେ କହିଥିଲା "ଏହି ବସନ୍ତ ପଞ୍ଚମୀ ରାତିରେ ଓଡ଼ିଶାରେ ନାଟକର ଅଭିନୟ ପ୍ରଥମ ଥର ହେଲା, ଏ ସକାଶେ ଏ ଦିନଟି ସ୍ମରଣୀୟ ହୋଇ ଉଠିଲା ।" (୨୦) ଯଦିଓ ଏ ସମୟକୁ ଓଡ଼ିଆ ଯାତ୍ରା ଅଭିନୀତ ହେଉଥାଏ ଓ 'ବାବାଜୀ' ନାଟକର ଅଭିନୟ ସରି ଯାଇଥାଏ ତଥାପି ବଙ୍ଗଳା ନାଟକର ପ୍ରଥମ ସଫଳ ଅଭିନୟ ପ୍ରତି 'ଦୀପିକା' ନାଟ୍ୟସଚେତନ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରି ନୂତନ ରୁଚିବୋଧର ପ୍ରତିଷ୍ଠା ପାଇଁ ଆହ୍ୱାନ ପ୍ରଦାନ କରିଛି । 'ରାମାଭିଷେକ'

---

୧୮ । ସମ୍ବାଦବାହିକା—ତା ୧ । ୧୧ । ୧୮୭୫

୧୯ । ଉତ୍କଳଦୀପିକା—ତା ୨୦ । ୧୧ । ୧୮୭୫

୨୦ । ଉତ୍କଳଦୀପିକା—ତା ୯ । ୨ । ୧୮୭୮

ନାଟକ ସାଙ୍ଗକୁ—'ଏକେଇ କି ବଲେ ସଭ୍ୟତା' ପ୍ରହସନଟି ତା ୨୩ । ୨ । ୧୮୮୦ ମସିହାରେ ସଫଳ ଭାବରେ ଅଭିନୀତ ହୋଇଥିଲା ଏବଂ ଏହି ପ୍ରହସନର ଅଭିନୟ ପରେ 'ଦୀପିକା' ମତ ଦେଇଥିଲା—" × × ନାଟକାଭିନୟ ପ୍ରତି ରୁଚି ଜନ୍ମିଥିବାର ପରିଚୟ ମିଳୁଅଛି ।" (୨୧) ଏହି ସମସ୍ତ ମନ୍ତବ୍ୟ ଓ ସମ୍ବାଦରୁ ଜଣାଯାଏ ଯେ ୧୮୮୦ ମସିହା ବେଳକୁ ଓଡ଼ିଶାରେ ନୂତନ ରୁଚିବୋଧକୁ ନେଇ ନାଟକ ଅଭିନୟ କରିବା ପାଇଁ ଦୁର୍ବାର ବାସନା ସୃଷ୍ଟି ହୋଇ ସାରିଥାଏ । ଏହି ବାସନାକୁ ପୂର୍ବ ପ୍ରଚଳିତ ଯାତ୍ରା, ଲୀଳା, ସୁଆଙ୍ଗ ଓ ଗୀତାଭିନୟ ଆଦି ଆଉ ଚରିତାର୍ଥ କରିବାକୁ ସମର୍ଥ ହେଲେ ନାହିଁ । ତେଣୁ ନୂତନ ନାଟକ ରଚନା କରିବାକୁ ଜନଚିତ୍ତରେ ଦେଖାଦେଲା ଅଦମ୍ୟ ପ୍ରେରଣା । ଏହି ନୂତନ ନାଟକ ପୂର୍ବ ପ୍ରଚଳିତ ଓଡ଼ିଆ ଯାତ୍ରାର ନୂତନ ସଂସ୍କାର ନୁହେଁ । "ଓଡ଼ିଆ ଯାତ୍ରା ଓଡ଼ିଆ ନାଟକର ଭିତ୍ତି ।" (୨୨) ଗିରିଜାଶଙ୍କରଙ୍କର ଏହି ଅଭିମତ ସଂପୂର୍ଣ୍ଣ ଠିକ୍ ନୁହେଁ । ଅବଶ୍ୟ ଓଡ଼ିଆ ଯାତ୍ରାର ଅନେକ ଦୃଶ୍ୟ-ବିଭବ ଓ ଭାବ-ବିଭବ ନାଟକରେ ଅନୁସୃତ ହୋଇଥିବା ଦେଖିବାକୁ ମିଳେ । ଏସବୁ ସତ୍ତ୍ୱେ ପୁରାତନ ଯାତ୍ରା, ନୃତ୍ୟ ଓ ଗୀତରୁ ଓଡ଼ିଆ ନାଟକର ଜନ୍ମ ନ ହୋଇ ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ନାଟକର ପ୍ରେରଣାରୁ ହେଲା ଶୁଭ ଅରୁଣୋଦୟ ।

ଓଡ଼ିଆ ନାଟକ ରଚନା କରିବାର ଆଦ୍ୟ ସଙ୍କେତ ଜଗନ୍ମୋହନ ଲାଲଙ୍କ ଠାରେ ଦେଖା ଦେଇଥିଲେ ହେଁ ସାଂସ୍କୃତିକ ଓ ଐତିହାସିକ ପ୍ରାଣସ୍ପନ୍ଦନ ଦୃଷ୍ଟିରୁ ଏବଂ ଜାତୀୟ ସ୍ୱାଭିମାନ ପରିପ୍ରେକ୍ଷୀରୁ ରାମଶଙ୍କର ରାୟ ଅଧିକ ଗୌରବର ଅଧିକାରୀ । ଭାଷାକୈନ୍ଦ୍ରିକ ଜାତୀୟତାବୋଧ, ଭକ୍ତିଭାବ ଓ ନୂତନ ରୁଚିବୋଧ :— ଏହି ଭାବତ୍ରୟୀ ହିଁ ସେ ସମୟର ଯଥାର୍ଥ ପ୍ରାଣସ୍ପନ୍ଦନ । ରାମଶଙ୍କର ଏହି ଭାବଧାରା ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଆରେ ନାଟକ ରଚନା କରିବାକୁ ବଦ୍ଧପରିକର ହୋଇଥିଲେ । ଯେତେବେଳେ 'ରାମାଭିଷେକ' ନାଟକ ୧୮୭୮ ମସିହା ସରସ୍ୱତୀ ପୂଜା ଦିନ କଟକର ଗୋପାଳଚନ୍ଦ୍ର ବୋଷଙ୍କ ଘରେ ଅଭିନୀତ ହେଉଥାଏ ସେତେବେଳେ ଏଫ୍. ଏ. ଶ୍ରେଣୀରେ ଅଧ୍ୟୟନ କରୁଥିବା ଯୁବକ ରାମଶଙ୍କର ଜଣେ ଦର୍ଶକ ମାତ୍ର । ଓଡ଼ିଶାରେ ବଙ୍ଗଳା ନାଟକ ଅଭିନୟ ହେଉଥିବା ଦେଖି ସେଦିନର ତରୁଣ ରାମଶଙ୍କରଙ୍କ ଚିତ୍ତବୃତ୍ତିରେ ଗଭୀର ପ୍ରତିକ୍ରିୟା ଦେଖାଦେଲା । ସେଦିନ ସେ ମନେ ମନେ ସ୍ଥିର ସଂକଳ୍ପ କରିଥିଲେ ଓଡ଼ିଆରେ ନାଟକ ଲେଖିବେ ବୋଲି । 'ଓଡ଼ିଆ ନାଟକ ଓ ନାଟକାଭିନୟ' ପ୍ରବନ୍ଧରେ ସେ ତେଣୁ ପରବର୍ତ୍ତୀ ସମୟରେ ଲେଖିଥିଲେ –"ଏ

---

୨୧ । ଉତ୍କଳଦୀପିକା—ତା ୨୮ । ୨ । ୮୮୦

୨୨ । ଗିରିଜାଶଙ୍କର ରାୟ—ଓଡ଼ିଆ ନାଟ୍ୟକଳା—ପୃ ୩୬

ନଗର (କଟକ)ରେ ସନ ୧୮୭୮ ମସିହାରେ ପ୍ରଥମେ ନାଟକାଭିନୟ ହୋଇଥିଲା ଏବଂ ତାହା ବଙ୍ଗଳା ନାଟକର । ସେ ପର୍ଯ୍ୟନ୍ତ ଯେଉଁମାନେ ଇଂରେଜୀ ଅଥବା ବଙ୍ଗଳା ନାଟକ ପଢ଼ୁଥିଲେ, ସେମାନେ ରଙ୍ଗଭୂମି ଉପରେ ନାଟକାଭିନୟ ହୁଏ ବୋଲି ଶୁଣିଥିଲେ, ଦେଖି ନ ଥିଲେ । ଓଡ଼ିଆରେ ତ ନାଟକ ନ ଥିଲା । ଅଭିନୟ ହେବ ବା କିପରି ? କଲେଜରେ ପଢ଼ୁଥିବା ସମୟରେ କଟକର ସେହି ପ୍ରଥମ ଅଭିନୟ ଦେଖିବାକୁ ଯାଇଥିଲି । ଓଡ଼ିଆ ଓ ବଙ୍ଗାଳୀ କୃତବିଦ୍ୟ ଯୁବକମାନେ ଅଭିନୟ କରିଥିଲେ ଓ ଅଭିନୟଟି ସର୍ବାଙ୍ଗ ସୁନ୍ଦର ହୋଇଥିଲା ।'' (୧୩) ସେ ପୁନଶ୍ଚ ନିଜର ନାଟ୍ୟରଚନା ସମ୍ପର୍କରେ ମନ୍ତବ୍ୟ ଦେଇଛନ୍ତି—''ସନ ୧୮୭୮ ମସିହାରେ ମୋର ମଧ୍ୟମ ଭ୍ରାତା ହରିଶଙ୍କର ରାୟଙ୍କ ଯତ୍ନ ଓ ଉଦ୍ୟମରେ ଏହି କଟକ ନଗରରେ ପ୍ରଥମେ ନାଟକାଭିନୟ ହେଲା ଓ ଅଭିନୟ ନିମନ୍ତେ ବଙ୍ଗଳା ରାମାଭିଷେକ ନାଟକ ନିର୍ବାଚିତ ହୋଇଥିଲା । ମୁଁ କଲେଜରେ ପଢ଼ୁଥିବା ଅବସ୍ଥାରେ ଅଭିନୟ ଦେଖିବାକୁ ଯାଇ ତନ୍ମୟ ହୋଇଗଲି ଏବଂ ମନେ ମନେ ଭାବିଲି ଓଡ଼ିଆରେ ନାଟକ ନ ଥିବାରୁ ସିନା ବଙ୍ଗଳା ନାଟକ ଅଭିନୟ ଏଠାରେ ହେଲା । ସେହି ଦିନରୁ ମୋ ମନରେ ଓଡ଼ିଆ ନାଟକ ଲେଖିବାର ଆକାଙ୍‌କ୍ଷା ଜାଗ୍ରତ ହେଲା ଏବଂ ଅଚିରେ ଉତ୍କଳର ପ୍ରଧାନ ଠାକୁର ଜଗନ୍ନାଥ ଦେବଙ୍କ ମହିମା ସମନ୍ୱିତ ରାଜା ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟର କାଞ୍ଚି କାଞ୍ଚିକାବେରୀ ବିଷୟରେ ନାଟକ ରଚନା କଲି । ଉତ୍କଳ ଭାଷାଭିଜ୍ଞ ମୋର କେତେଜଣ ବନ୍ଧୁ ଓଡ଼ିଆ ଭାଷା କର୍କଶ ଓ ତହିଁରେ ନାଟକ ହୋଇପାରିବ ନାହିଁ ବୋଲି କହି ମୋତେ ତହିଁରୁ ନିରସ୍ତ ହେବାକୁ ଅନୁରୋଧ କରିଥିଲେ; ମାତ୍ର ମୁଁ ତାଙ୍କୁ ଓଡ଼ିଆ କବିମାନଙ୍କର କୋମଳ ଗୀତ ଉଦ୍ଧୃତ କରି ଶୁଣାଇ କର୍ତ୍ତବ୍ୟରେ ଅଗ୍ରସର ହେଲି ଏବଂ ସେମାନଙ୍କୁ ମୋର ପ୍ରତିଦିନର ଲେଖା ଶୁଣାଉଥିଲି । କାଞ୍ଚିକାବେରୀ ନାଟକର ତୃତୀୟ ଅଭିନୟ ପ୍ରଥମ ଦୃଶ୍ୟ ସେମାନେ ଶୁଣି ଓଡ଼ିଆରେ ନାଟକ ହୋଇପାରିବ ବୋଲି ସ୍ଥିର ମତ ଦେଲେ ।'' (୧୪) ନିଜେ ରାମଶଙ୍କର ମଧ୍ୟ ସେକାଳର ପତ୍ରପତ୍ରିକାମାନଙ୍କର ମନ୍ତବ୍ୟକୁ ସ୍ୱୀକାର କରି ନେଇ 'ବାବାଜୀ'ଙ୍କୁ ପ୍ରକୃତ ନାଟକ ରୂପେ ଗ୍ରହଣ କରି ନ ଥିଲେ । ଏ ପ୍ରସଙ୍ଗରେ ସେ ଲେଖିଥିଲେ—''ଓଡ଼ିଶାରେ ଆଗେ ନାଟକ ନ ଥିଲା । ଉଲ୍ଲିଖିତ ବାବୁ ଜଗନ୍ମୋହନ ଲାଲ ପ୍ରଥମେ 'ବାବାଜୀ' ନାଟକ ପ୍ରକାଶ କରିଥିଲେ, ମାତ୍ର ତାହା ପ୍ରକୃତ ନାଟକ ନାମର ଯୋଗ୍ୟ ନୁହେଁ ବୋଲି ସେ ସମୟରେ ପ୍ରଚାରିତ ହୋଇଥିଲା । × × × ବଙ୍ଗଳା ଅଭିନୟ ଦେଖି ଆସି ମନେକଲି ଓଡ଼ିଆରେ ନାଟକ ନାହିଁ ବୋଲି ସିନା ଉଦ୍ୟୋକ୍ତାମାନେ

---

୧୩ । ରାମଶଙ୍କର ରାୟ—ଓଡ଼ିଆ ନାଟକ ଓ ନାଟକାଭିନୟ, ଉତ୍କଳସାହିତ୍ୟ—
୧୧ଶ ଖ । ୮ ସ, ପୃ ୩୭୧

୧୪ । ରାମଶଙ୍କର ରାୟ ଗ୍ରନ୍ଥାବଳୀ ଭୂମିକା—ପୃ ୪

ବଙ୍ଗଳା ନାଟକର ଅଭିନୟ କଲେ । ଦିନାକେତେ ଅପେକ୍ଷା କଲି, ମାତ୍ର କେହି ଅଭିନୟୋପଯୋଗୀ ଓଡ଼ିଆ ନାଟକ ନ ଲେଖିବାରୁ ମୁଁ ତହିଁରେ ହାତ ଦେଲି । (୨୫) ଓଡ଼ିଆଭାଷାରେ ନାଟକ ଲେଖା ହୋଇପାରିବ ନାହିଁ;—ପ୍ରତିପକ୍ଷମାନଙ୍କର ଏହି ଅଭିମତକୁ ଖଣ୍ଡନ କରି ରାମଶଙ୍କର ଚିନ୍ତା କଲେ—"ଯେଉଁ ଭାଷାର କବିତାକୁ ଦୀନକୃଷ୍ଣ ଓ ଅଭିମନ୍ୟୁ ସାମନ୍ତ ସିଂହାର ଏତେ କୋମଳ କରିଛନ୍ତି ଯେ, ତାହା ଧଇଲି ମାତ୍ରେ ରସ ନିଗିଡ଼ି ପଡ଼େ, ସେ ଭାଷାରେ ନିଶ୍ଚୟ ନାଟକ ହୋଇ ପାରିବ । ଅନ୍ତତଃ ଥରେ ମୁଁ ଚେଷ୍ଟା କରି ଦେଖିବି ।" (୨୬) ଓଡ଼ିଶାରେ ବଙ୍ଗଳା ନାଟକର ଅଭିନୟ ଓ ଓଡ଼ିଆ ଭାଷା କର୍କଶ ହୋଇଥିବାରୁ ଓଡ଼ିଆରେ ନାଟକ ଲେଖାଯାଇ ପାରିବ ନାହିଁ —ଏହି ପ୍ରତିକ୍ରିୟାରୁ ତରୁଣ ରାମଶଙ୍କର ସେଦିନ ଓଡ଼ିଆରେ ନାଟକ ଲେଖିବାକୁ ସିଦ୍ଧାନ୍ତ କଲେ ଏବଂ ନୂତନ ରୁଚିବୋଧ, ପ୍ରଚଣ୍ଡ ଜାତୀୟ ସ୍ୱାଭିମାନ ଓ ଓଡ଼ିଆଭାଷା ପ୍ରୀତି ତାଙ୍କୁ ଓଡ଼ିଆ ସାହିତ୍ୟରେ ପ୍ରଥମ ପ୍ରଥିତଯଶା ନାଟ୍ୟକାର ରୂପେ ପ୍ରତିଷ୍ଠା ଦେଲା । ସେ ନୂତନ ନାଟକ ରଚନା କରିଥିଲେହେଁ ନାଟକର ଆଙ୍ଗିକ ପରିକଳ୍ପନାରେ ସଂସ୍କୃତ ଓ ଇଂରାଜୀ ନାଟକର ଆଦର୍ଶ ଅନୁସରଣ କରିଅଛନ୍ତି । ଯଦିଓ ସେ ବଙ୍ଗଳା ନାଟକ ଅଭିନୟର ପ୍ରତିକ୍ରିୟାରେ ଓଡ଼ିଆ ନାଟକ ରଚନା କଲେ ତଥାପି ସେ ବଙ୍ଗଳା ନାଟ୍ୟାଦର୍ଶ ନିକଟରେ ପରୋକ୍ଷରେ ଋଣୀ ହୋଇ ପଡ଼ିଛନ୍ତି । ଅଧିକନ୍ତୁ ଓଡ଼ିଆ ଯାତ୍ରାର ମଧ୍ୟ ପ୍ରଭାବ ତାଙ୍କ ନାଟକରେ ଅନୁଭୂତ । ଏହି କାରଣରୁ ଗିରିଜାଶଙ୍କର ରାୟ କହନ୍ତି—"ଓଡ଼ିଆ ନାଟ୍ୟକାରଙ୍କ ସମ୍ମୁଖରେ ସଂସ୍କୃତ ନାଟକ, ଇଂରାଜୀ ନାଟକ, ଓଡ଼ିଆ ଯାତ୍ରା, ବଙ୍ଗଳା ନାଟକ ପ୍ରଭୃତିର ଆଦର୍ଶ ଥିଲା ଓ ଏ ସମସ୍ତରୁ ରସ ଗ୍ରହଣ କରି ପ୍ରତିଭା ଦ୍ୱାରା ଅନୁପ୍ରାଣିତ ହୋଇ ନାଟ୍ୟକାର ଓଡ଼ିଆ ନାଟକ ଲେଖିବାରେ ପ୍ରବୃତ୍ତ ହେଲେ ।" (୨୭) ପ୍ରଥମେ ସେ ଇତିହାସ ସମର୍ଥିତ ଓଡ଼ିଶାର ଅତୀତ ଗୌରବମୟ ଘଟଣାକୁ ନେଇ ରଚନା କଲେ 'କାଞ୍ଚିକାବେରୀ' (୧୮୮୦) ନାଟକ ଏବଂ ଏହି ନାଟକର ପ୍ରଥମ ଅଭିନୟ ହେଲା କଟକରେ ୧୮୮୧ ମସିହା ଫେବୃୟାରୀ ମାସ ୭ ତାରିଖ ସୋମବାର ଦିନ । ସେଦିନର ସନ୍ଧ୍ୟା ବାସ୍ତବିକ ଓଡ଼ିଆ ନାଟକର ଇତିହାସରେ ଚିରସ୍ମରଣୀୟ । ସେଦିନ ସନ୍ଧ୍ୟାର ଅନ୍ଧକାର ଭେଦ କରି ଆଲୋକିତ ପରିବେଶରେ 'କାଞ୍ଚିକାବେରୀ'ର ଯେଉଁ ପ୍ରଥମ ଅଭିନୟ ହେଲା ତାହା ହିଁ ଓଡ଼ିଆ ନାଟକର ଘନ ଅନ୍ଧକାର ମଧ୍ୟରୁ ନୂତନ ଆଲୋକିତ ସ୍ୱର୍ଣ୍ଣଉଷାର ସଙ୍କେତ ଦେଲା । ତେଣୁ କାଞ୍ଚିକାବେରୀ ନାଟକ ହେଲା ଓଡ଼ିଆ ନାଟ୍ୟସାହିତ୍ୟରେ ପ୍ରଥମ ସଫଳ କ୍ରାନ୍ତି ।

---

୨୫ । ରାମଶଙ୍କର ରାୟ – ଅଭିଭାଷଣ – ମୁକୁର – ୯ ଭା/୧୦ମ ସଂଖ୍ୟା

୨୬ । ରାମଶଙ୍କର ରାୟ – ଅଭିଭାଷଣ – ମୁକୁର – ୯ ଭା/୧୦ମ ସଂଖ୍ୟା

୨୭ । ଗିରିଜାଶଙ୍କର ରାୟ – ଓଡ଼ିଆ ନାଟ୍ୟକଳା ପୃ ୩୮

ପୂର୍ବରୁ 'ବାବାଜି' ନାଟକର ନାଟକୀୟତା, ସାମାଜିକ ପ୍ରାଣସ୍ପନ୍ଦନ, ଭାଷା ବିନ୍ୟାସରେ ବାସ୍ତବଧର୍ମିତା ସତ୍ତ୍ୱେ ତାକୁ ପ୍ରକୃତ ନାଟକ କୁହାଯାଇ ନଥିଲା । ତେଣୁ ରାମଶଙ୍କର ମଧ୍ୟ 'ବାବାଜି'କୁ ପ୍ରକୃତ ନାଟକ ଭାବରେ ଗ୍ରହଣ କରି ନଥିଲେ । କାଞ୍ଚିକାବେରୀ ନାଟକର ପ୍ରସ୍ତାବନାରେ ସେ କାଞ୍ଚିକାବେରୀକୁ ପ୍ରଥମ ନାଟକ ରୂପେ ଉପସ୍ଥାପନ କରିଅଛନ୍ତି । ସୂତ୍ରଧର କାଞ୍ଚିକାବେରୀ ନାମକ ନବପ୍ରଣୀତ ନାଟକ ଖଣ୍ଡିକ ଅଭିନୟ ଦେଖାଇବାକୁ ନଟକୁ କହନ୍ତେ ନଟ କହୁଛି – "ବଙ୍ଗବର" ଆମ୍ଭେ କହୁଥିଲୁଁ ସତ୍ୟ, ମାତ୍ର ତାହା ଓଡ଼ିଆରେ ପ୍ରଥମ ନାଟକ । ଓଡ଼ିଆ ଭାଷା ଏ ପର୍ଯ୍ୟନ୍ତ ସୁଦ୍ଧା ନାଟକୋଚିତ ରୂପେ ମାର୍ଜିତ ହୋଇଛି କି ନା ଜଣା ନାହିଁ । ତୁମ୍ଭେ ଏତେ ଶୀଘ୍ର ସେ ନାଟକର ଅଭିନୟ ଦେଖାଇବାକୁ କିପରି ସାହସ କଲ ?" ଏହାର ଉତ୍ତରରେ ସୂତ୍ରଧର କହୁଛି—"ଘଷା ଖାଇଲେ ସବୁ ସଜାଡ଼ି ହୋଇଯାଏ, ଲୁହାର ଛାଟକୁ ମଧ୍ୟ ସୁନ୍ଦର ଚାହାରେ । ନାଟକ ସଙ୍ଗରେ ଭାବର ସମ୍ପର୍କ ଅଛି, ଭାବ ହିଁ ଇହାର ସାର; ଯେବେ ଓଡ଼ିଆମାନଙ୍କର ଭାବନା ଶକ୍ତି ଅଛି, ତେବେ ଭାଷା ନ ମିଳିବ କାହିଁକି ? ମୁଁ ଦେଖିଛି 'କାଞ୍ଚିକାବେରୀ'ର ବିଷୟ ମନ୍ଦ ନୁହେଁ । ତହିଁରେ ଭାବୁକ ପାଇଁ ଯେପରି ଭାବ ନିହିତ ଅଛି, ଭକ୍ତ ପାଇଁ ମଧ୍ୟ ସେହିପରି ରସ ସଞ୍ଚିତ ଅଛି, ରସିକ ଯେପରି ରସରେ ବୁଡ଼ି ପାରିବ ନୈତିକ ସେହିପରି ନୀତିରେ ଖେଳୁଥିବ ।" ସୂତ୍ରଧରଙ୍କଠାରୁ ଏକଥା ଶୁଣି ନଟ କହୁଛି—"ଆଜି ଓଡ଼ିଆ ନାଟକର ପ୍ରଥମ ଅଭିନୟ, ତହିଁରେ ଯେ ସମସ୍ତଙ୍କର ମନ ପରିତୃପ୍ତ ହେବ, ଏହା ଆଶା କରିବା ଦୁରାଶା ମାତ୍ର ।" ପ୍ରସ୍ତାବନାରୁ ରାମଶଙ୍କର କାଞ୍ଚିକାବେରୀକୁ ପ୍ରଥମ ଓଡ଼ିଆ ନାଟକ ରୂପେ ଗ୍ରହଣ କରିଥିବା ଦେଖିବାକୁ ମିଳେ । ଯଦିଓ ଇତିପୂର୍ବରୁ 'ବାବାଜି' ନାଟକ ସର୍ବପ୍ରଥମେ ଅଭିନୀତ ହୋଇ ସାରିଥିଲା ତାକୁ ପ୍ରକୃତ ନାଟକ ରୂପେ ଗ୍ରହଣ କରାଯାଇ ନଥିବାରୁ ରାମଶଙ୍କର ଏପରି ଅଭିମତ 'କାଞ୍ଚିକାବେରୀ'ର ପ୍ରସ୍ତାବନାରେ ପ୍ରଦାନ କରିଅଛନ୍ତି ଏବଂ ପରବର୍ତ୍ତୀ କାଳରେ ସେ ଏହି ଅଭିମତକୁ 'ମୁକୁର' 'ଉତ୍କଳସାହିତ୍ୟ' ଓ ନିଜ ଗ୍ରନ୍ଥାବଳୀର ମୁଖବନ୍ଧରେ ଉପସ୍ଥାପନ କରି ନିଜକୁ ପ୍ରଥମ ନାଟ୍ୟକାର ରୂପେ ପରିଚିତ କରାଇବାକୁ ଉଦ୍ୟମ କରିଅଛନ୍ତି । ଜଗନ୍ମୋହନ ଲାଲା ଏହି ଅଭିମତର ବିରୋଧ କରି ନଥିବାରୁ, ମନେହୁଏ ବାବାଜି ନାଟକକୁ ପ୍ରକୃତ ନାଟକ ନୁହେଁ ବୋଲି ଯେଉଁ ଅଭିମତ ପ୍ରକାଶ ପାଇଥିଲା ତାକୁ ସେ ସ୍ୱୀକାର କରି ନେଇଛନ୍ତି । ପୁନଶ୍ଚ ସେ ସମୟରେ ଅନ୍ୟ କୌଣସି ସମ୍ବାଦପତ୍ର ବା ସଚେତନ ସମାଲୋଚକ ମଧ୍ୟ ରାମଶଙ୍କରଙ୍କ ଅଭିମତକୁ ଖଣ୍ଡନ କରି ନାହାନ୍ତି । ବରଂ ରାମଶଙ୍କରଙ୍କ ଅଭିମତ ସହିତ ଏକମତ ହୋଇ ତାଙ୍କୁ ପ୍ରଥମ ନାଟ୍ୟକାର ଭାବରେ ଗ୍ରହଣ କରି 'କାଞ୍ଚିକାବେରୀ'କୁ ପ୍ରଥମ ମଞ୍ଚ ସଫଳ ପ୍ରକୃତ ନାଟକ ରୂପେ ଉଲ୍ଲେଖ କରି ଯାଇଅଛନ୍ତି । ବ୍ୟାସକବି ଫକୀରମୋହନ ସେନାପତି 'ଉତ୍କଳ ଭ୍ରମଣ' ଗ୍ରନ୍ଥରେ ମଧ୍ୟ ରାମଶଙ୍କରଙ୍କୁ ପ୍ରଥମ ନାଟ୍ୟକାର ରୂପେ ଗ୍ରହଣ କରି ଅଛନ୍ତି । (୨୮) ଫକୀର-

ମୋହନଙ୍କର ଏହି ଅଭିମତରେ ଐତିହାସିକ ସତ୍ୟତା ନାହିଁ । ସେ କେବଳ ରାମଶଙ୍କରଙ୍କର ଅଭିମତକୁ ସ୍ୱୀକାର କରି ନେଇଅଛନ୍ତି ମାତ୍ର । ଫକୀରମୋହନଙ୍କ ପରେ ପ୍ରିୟରଞ୍ଜନ ସେନ୍ ରାମଶଙ୍କରଙ୍କୁ ପ୍ରଥମ ନାଟ୍ୟକାର ଓ ଜଗନ୍ମୋହନଙ୍କୁ Next Dramatist ରୂପେ ଗ୍ରହଣ କରିଅଛନ୍ତି । ସମାଲୋଚକ ଗିରିଜାଶଙ୍କର ରାୟ ମଧ୍ୟ କହିଛନ୍ତି—"ଓଡ଼ିଆରେ ପ୍ରଥମ ନାଟକ ରଚିତ ହେଲା ୧୮୮୦ ମସିହାରେ । ତାହା ପୂର୍ବରୁ ଯେଉଁ ବାବାଜୀ ନାଟକ ରଚିତ ହୋଇଥିଲା ତାହା ବାସ୍ତବରେ ନାଟକ ନୁହେଁ ।" (୨୯) ପରବର୍ତ୍ତୀ କାଳରେ ଜାନକୀ ବଲ୍ଲଭ ମହାନ୍ତି କାଞ୍ଚିକାବେରୀକୁ ପ୍ରଥମ ନାଟକ ଭାବରେ ଗ୍ରହଣ କରି 'ବାବାଜୀ'କୁ ଶସ୍ତା ଯାତ୍ରା ସୁଲଭ ହାସ୍ୟରସ ଓ ବହୁ ସଙ୍ଗୀତର ସମାହାର ବୋଲି ମତ ଦେଇ ଅଛନ୍ତି । (୩୦) ଡକ୍ଟର ନଟବର ସାମନ୍ତରାୟ ମଧ୍ୟ 'ବାବାଜୀ'କୁ ପ୍ରଥମ ପ୍ରକୃତ ନାଟକ ରୂପେ ଗ୍ରହଣ କରି ନାହାନ୍ତି । ସେ କହନ୍ତି, ସମସାମୟିକ ସମାଜର ଲୋକରୁଚିର ଦାବୀ ପୂରଣ ପାଇଁ 'ବାବାଜୀ' ନାଟକ ରଚିତ ହୋଇଥିଲା । (୩୧) ଡକ୍ଟର ସାମନ୍ତରାୟ 'ବାବାଜୀ'ରେ ଆଧୁନିକ ମନର ପରିଚୟ ପାଇଅଛନ୍ତି ମାତ୍ର ନାଟ୍ୟ କଳାରେ ଆଧୁନିକ ନାଟ୍ୟଶିଳ୍ପର ବୈଚିତ୍ର୍ୟ ଓ ନାଟକର ଅନ୍ତର୍ନିହିତ ରସଧାରାର ଅଭାବ ଅନୁଭବ କରିଅଛନ୍ତି । ସମାଲୋଚକ ଦାଶରଥି ଦାସ ମଧ୍ୟ ସେଇ ମତର ପକ୍ଷପାତୀ । ତେଣୁ 'ବାବାଜୀ' ନାଟକକୁ ପ୍ରକୃତ ନାଟକ କହିବାକୁ ପ୍ରଥମେ ଯେଉଁ ସମ୍ବାଦଧର୍ମୀ ଆଲୋଚନାରେ ସନ୍ଦେହ ପ୍ରକାଶ ପାଇଥିଲା ଓ ଅଚିରେ ପ୍ରକୃତ ନାଟକ ଲେଖା ହିବାର ଆଶା ପୋଷଣ କରାଯାଇଥିଲା ତାହା ହିଁ ପରବର୍ତ୍ତୀ କାଳରେ ପ୍ରଭାବ ବିସ୍ତାର କରିଛି ଓ ସେହି ଅଭିମତ ହିଁ ଏପର୍ଯ୍ୟନ୍ତ କାଳଜୟୀ ଅଭିମତ ରୂପେ ପ୍ରତିଷ୍ଠା ଲାଭ କରିଅଛି । ସେଇ ଅଭିମତରୁ ରାମଶଙ୍କର ନିଜକୁ ପ୍ରଥମ ନାଟ୍ୟକାର ରୂପେ ଘୋଷଣା କରିବାକୁ ସୁଯୋଗ ପାଇଛନ୍ତି ଏବଂ ତାଙ୍କର ମତକୁ ଅନ୍ୟମାନେ ଗ୍ରହଣ କରି ନେଇଅଛନ୍ତି ମାତ୍ର । ତଥାପି ପରବର୍ତ୍ତୀ କାଳରେ କାଳୀଚରଣ ପଟ୍ଟନାୟକ

---

୨୮ । "ହେ ରାମଶଙ୍କର ମୋର ମାନୁଛି ମନକୁ
ହୋଇପାର ଭାଇ ତୁମେ ଗୌରବ ପଛକୁ,
ଓଡ଼ିଆ ନାଟକ ଆଉ ନଭେଲର ଲେଖା
ପ୍ରଥମରେ ତୁମଠାରେ ଗଲା ଯିନା ଦେଖା ।"
'ଉତ୍କଳଭ୍ରମଣଂ' ଫକୀର ମୋହନ

୨୯ । ଗିରିଜାଶଙ୍କର ରାୟ – ଓଡ଼ିଆ ନାଟ୍ୟକଳା – ପୃ ୩୯

୩୦ । J. B. Mahanty – Oriya Literature – Page 13

୩୧ । ଡଃ ନଟବର ସାମନ୍ତରାୟ – ଆଧୁନିକ ଓଡ଼ିଆ ସାହିତ୍ୟ ପୃ ୨୧୭

(୩୨), ବୈଷ୍ଣବର ରାଉତ (୩୩,) ଡଃ ଜାନକୀବଲ୍ଲଭ ମହାନ୍ତି (୩୪) ପ୍ରମୁଖ ଆଲୋଚକଗଣ 'ବାବାଜୀ'ଙ୍କୁ ପ୍ରଥମ ନାଟକ ରୂପେ ଗ୍ରହଣ କରି ନେଇଅଛନ୍ତି । ମାତ୍ର ଯେଉଁମାନେ 'ବାବାଜୀ'ଙ୍କୁ ପ୍ରଥମ ନାଟକ ରୂପେ ସମ୍ମାନ ଦେଇଅଛନ୍ତି ସେମାନେ ହିଁ 'ବାବାଜୀ'ର ତ୍ରୁଟି ବିଚ୍ୟୁତି ସମ୍ପର୍କରେ ସଚେତନ । ତେଣୁ 'କାଞ୍ଚି-କାବେରୀ'କୁ ଇଂରାଜୀ ଓ ସଂସ୍କୃତ ନାଟକ ଲକ୍ଷଣାନୁସାରେ ପ୍ରଥମ ମଞ୍ଚ ସଫଳ ନାଟକ ରୂପେ ଗ୍ରହଣ କରାଯାଇ 'ବାବାଜୀ'କୁ ଓଡ଼ିଆ ନାଟ୍ୟସାହିତ୍ୟର ଇତିହାସରେ ପ୍ରାଥମିକ ପଥିକୃତ ଉଦ୍ୟମ କହିଲେ ସତ୍ୟର ଅପଲାପ ହେବ ନାହିଁ । 'କାଞ୍ଚିକାବେରୀ' ଓଡ଼ିଆ ନାଟ୍ୟସାହିତ୍ୟର ପ୍ରଥମ ନାଟକ ନହେଲେ ମଧ୍ୟ ଏହା ଯେ ପ୍ରଥମ ଐତିହାସିକ ନାଟକ ଓ ତତ୍କାଳୀନ ସମୟର ଯଥାର୍ଥ ପ୍ରାଣସ୍ପନ୍ଦନ ଓ ଜାତୀୟ ଚିତ୍ତବୃତ୍ତିର ଗଭୀର ଆତ୍ମପ୍ରକାଶ—ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ । ଏକଥା ସତ୍ୟ ଯେ 'କାଞ୍ଚିକାବେରୀ'ର ଅଭିନୟ ପରେ ଓଡ଼ିଆ ନାଟକର ମଞ୍ଚ ସଫଳତା ଓ ଓଡ଼ିଆ ଭାଷାର ନାଟକୋପଯୋଗିତା ପ୍ରମାଣିତ ହେଲା ଏବଂ ଓଡ଼ିଶାରୁ କ୍ରମେ ବଙ୍ଗଳା ନାଟକର ଅଭିନୟ ବନ୍ଦ ହେବାକୁ ଲାଗିଲା । ପ୍ରକୃତରେ କାଞ୍ଚିକାବେରୀର ଅଭିନୟ ହିଁ ଓଡ଼ିଆ ନାଟକର ଜୈତ୍ର ଯାତ୍ରାର ପ୍ରଥମ ପଦଧ୍ୱନି । ଓଡ଼ିଆ ଭାଷାରେ ନାଟକ ରଚିତ ହୋଇପାରିବ ନାହିଁ ବୋଲି ୧୮୮୦ ମସିହା ବେଳକୁ ଯେଉଁ ସନ୍ଦେହ ଓଡ଼ିଶାରେ ବଳବତ୍ତର ହୋଇ ରହିଥିଲା 'କାଞ୍ଚିକାବେରୀ'ର ଅଭିନୟ ପରେ ସେହି ସନ୍ଦେହ ସମୂଳେ ପାଇଁ ତିରୋହିତ ହେଲା । ଓଡ଼ିଆ ନାଟକର ମର୍ଯ୍ୟାଦା ବୃଦ୍ଧିପ୍ରାପ୍ତ ହେଲା । ଓଡ଼ିଆ ନାଟକର ଉଦ୍ଦୀପ୍ତ ଅଭିନୟ ଓଡ଼ିଆ ଦର୍ଶକ ହୃଦୟରେ ସୃଷ୍ଟି କଲା ଗଭୀର ଆତ୍ମପ୍ରତ୍ୟୟ । ୧୮୮୧ ମସିହାର ସେଦିନ ଶୁଭ ସନ୍ଧ୍ୟାରେ ଓଡ଼ିଆ ନାଟକର ଯେଉଁ ଐତିହାସିକ ଆଦ୍ୟ ପାଞ୍ଚଜନ୍ୟ ନିନାଦିତ ହୋଇଥିଲା ତାହା ହିଁ ପ୍ରାୟ ଏକ ଶତାବ୍ଦୀ ବ୍ୟାପି ଓଡ଼ିଆ ନାଟକର ଯାତ୍ରା ପଥରେ ଅନେକ ଆଶା ଓ ସମ୍ଭାବନା ସୃଷ୍ଟି କରି ଆସିଛି । ଜାତୀୟତାର ଏହି ଆଦ୍ୟ ଅଭ୍ୟୁଦୟ ଯୁଗରେ 'କାଞ୍ଚିକାବେରୀ' ଥିଲା ବାସ୍ତବିକ ଏକ ଉଜ୍ଜ୍ୱଳ ଦୀପସ୍ତମ୍ଭ । ଏହି ଦୀପସ୍ତମ୍ଭର ଆଲୋକରେ ଓଡ଼ିଆ ନାଟ୍ୟ ସାହିତ୍ୟ ହୋଇଛି ଆଲୋକିତ । ଓଡ଼ିଆ ଯାତ୍ରାର କୁକ୍ଷୀ ମଧ୍ୟରୁ ଓଡ଼ିଆ ଆଦି ନାଟକର ନବଜନ୍ମ ହୋଇଥିଲେହେଁ ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ନାଟକର ଆଙ୍ଗିକ ପରିକଳ୍ପନା ଏବଂ ଆତ୍ମିକ ରସଧନ ରୂପର ପ୍ରଭାବରେ ସମ୍ପୂର୍ଣ୍ଣ ନୂତନ

୩୨ । କାଳୀଚରଣ ପଟ୍ଟନାୟକ ବାବାଜୀ—ମୁଖବନ୍ଧ ପୃ ୮

୩୩ । ଝଙ୍କାର—୧୧ଶ ବର୍ଷ, ୧ମ ସଂଖ୍ୟା—ପୃ ୬୪

୩୪ । ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି—ଆଧୁନିକ ଓଡ଼ିଆ ସାହିତ୍ୟ-ପ୍ର ସଂ —୧୯୬୩ ପୃ ୩୪

ରୂପରେଖ ନେଇ ଆବିର୍ଭୂତ ହେଲା ଏବଂ ଲୋକରୁଚିର ପରିବର୍ତ୍ତନ ସହିତ ତାଳ ଦେଇ ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ଭିତ୍ତି ସ୍ଥାପନ କରିବାକୁ ସମର୍ଥ ହେଲା ।

## 'କାଞ୍ଚିକାବେରୀ' ନାଟକ ରଚନାର ମୁଖ୍ୟ ପ୍ରାଣସ୍ପନ୍ଦନ

'କାଞ୍ଚିକାବେରୀ' ନାଟକ ରଚନାର ନେପଥ୍ୟରେ ମୁଖ୍ୟତଃ ତିନୋଟି ପ୍ରାଣସ୍ପନ୍ଦନ ଡକ୍ଟର ନଟବର ସାମନ୍ତରାୟ ଲକ୍ଷ୍ୟ କରିଛନ୍ତି : ସେଗୁଡ଼ିକ ହେଲା—(କ) ଜାତୀୟତାଭାବ (ଖ) ଭକ୍ତିଭାବ (ଗ) ଆଧୁନିକ ଉନ୍ନତ ରୁଚିବୋଧ । (୩୫) ଊନବିଂଶ ଶତାବ୍ଦୀର ଆରମ୍ଭରୁ ଇଂରେଜମାନେ ଓଡ଼ିଶାକୁ ଅଧିକାର କରିନେଲେ ଓ କ୍ରମେ ଓଡ଼ିଶାର ସାଂସ୍କୃତିକ ପରମ୍ପରାକୁ ବିଲୋପ କରିଦେବା ପାଇଁ ଉଦ୍ୟମ କଲେ । ଶିକ୍ଷା-ପ୍ରସାର ନାମରେ ସେମାନେ କୌଶଳତା ସହକାରେ ଧର୍ମପ୍ରଚାର କଲେ ଓ ଓଡ଼ିଶାର ପ୍ରଶାସନିକ କ୍ଷେତ୍ରରେ ବଙ୍ଗୀୟ ଲୋକମାନଙ୍କୁ ପ୍ରତିଷ୍ଠା ଦେଲେ । ଯାହା ଫଳରେ ଓଡ଼ିଶାର ଆର୍ଥନୀତିକ ମାନଦଣ୍ଡ ଦୁର୍ବଳ ହେବା ସଙ୍ଗେ ସଙ୍ଗେ ସାଂସ୍କୃତିକ ଜଡ଼ତାର ସୂତ୍ରପାତ ହେଲା । ଏହି ଜଡ଼ତାର ସୁଯୋଗ ନେଇ ୧୮୬୯ ମସିହା ବେଳକୁ ଓଡ଼ିଆ ଭାଷା ଉଚ୍ଛେଦ କରାଯିବା ପାଇଁ ଆଦେଶ ପ୍ରଚାରିତ ହୋଇଗଲା । ଏହାର ପ୍ରତିକ୍ରିୟାରେ ନୂତନ ଶିକ୍ଷିତ ଯୁବଗୋଷ୍ଠୀ ଭାଷା ବିଲୋପ ଆନ୍ଦୋଳନରେ ସବ୍ୟସାଚୀ ହୋଇ ଆବିର୍ଭୂତ ହେଲେ । ଫଳରେ ଓଡ଼ିଶାରେ ଜାତୀୟତାର ଯେଉଁ ଆଦ୍ୟ ଜାଗରଣ ଦେଖାଦେଲା ତାହା ଭାଷାକେନ୍ଦ୍ରିକ ଜାତୀୟତାବୋଧର ପରିଚାୟକ । ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା ଏବଂ ଏହାର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି ସମୃଦ୍ଧ ଏହି ଜାତୀୟତା ଭାବରେ ଅନୁପ୍ରାଣିତ ହୋଇ ସେତେବେଳେ ଶିକ୍ଷିତ ଗୋଷ୍ଠୀ ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନର ଅବ୍ୟବହିତ ପୂର୍ବରୁ ରଙ୍ଗଲାଲ ବନ୍ଦୋପାଧ୍ୟାୟ 'ରହସ୍ୟ ସନ୍ଦର୍ଭ' ପତ୍ରିକାରେ ୧୮୭୪ ମସିହାରେ 'ଦୀନକୃଷ୍ଣ ଦାସ' ଶୀର୍ଷକ ଆଲୋଚନାରେ ଲେଖିଥିଲେ—"ଆମାଦେର ପାଠକେରା ପାଛେ 'ଓଡ଼ିଆ କବିତା' ଏଇ ଶିରେ । ଭୂଷଣ ଦୃଷ୍ଟେ ବିରକ୍ତ ହନ, ଏ ଜନ୍ୟ ଆମରା ଉପସ୍ଥିତ ପ୍ରସ୍ତାବେର ଶିରୋଭାଗେ 'ଦୀନକୃଷ୍ଣ ଦାସ' ଇତି ନାମାକ୍ଷର ପ୍ରଦାନ କରିଲାମ । ଏକଥା ବଲା ବାହୁଲ୍ୟ, ଉଡ଼ିଆ ଦେଶେର କୋନ କଥା ଏଇକ୍ଷଣେ ଜନସମାଜେ ଉପସ୍ଥିତ କରିଲେ ହାସ୍ୟାସ୍ପଦ ହଇତେ ହୟ, ଉଡ଼ିଆ ଶବ୍ଦ ବୀଭତ୍ସ ରସେର ଉଦ୍ଦୀପକ ହଇୟାଛେ । ଫଲେ ବାଙ୍ଗ୍ଲା ଦେଶେର ଅପେକ୍ଷା ଉତ୍କଳ ଦେଶେର ଏକ ସମୟେ ପ୍ରଭୂତ ପରାକ୍ରମ ଛିଲ; ଏକ ସମୟେ ଉତ୍କଳୀୟ ଲୋକେରା ବାଙ୍ଗ୍ଲା ଦେଶେର ଉତ୍ତ-ମାଂଶକେ ସ୍ୱକର ତଲେ ଆନିୟାଛିଲ ଏବଂ ବାଙ୍ଗ୍ଲା ଦେଶେର ତୁଲନାୟ ଉତ୍କଳ ଦେଶ ସ୍ୱଳ୍ପକାଲ ମାତ୍ର ପରାଧୀନତା ଶୃଙ୍ଖଲେ ବଦ୍ଧ ହଇଆଛେ । × × × ଇହା

୩୫ । ଡକ୍ଟର ନଟବର ସାମନ୍ତରାୟ—ଆଧୁନିକ ଓଡ଼ିଆ ସାହିତ୍ୟ—ପୃ ୪୩୩

ନିଃସନ୍ଦେହେ ପ୍ରମାଣିତ ହଇତେଛେ ଯେ ବାଙ୍ଗ୍ଲା କବିତା ଜନନେର ଅନେକ ପୂର୍ବେ ଉତ୍କଳୀୟ ଭାଷାୟ କବିତାର ସୃଷ୍ଟି ହଇୟାଛେ ଏବଂ ବାଙ୍ଗାଲି ପୂର୍ବତନ କାବ୍ୟକାର ଦିଗେର ଅପେକ୍ଷା ଉତ୍କଳୀୟ କବିଗଣ ହୀନକଳ୍ପ ନହେନ । ବରଂ କୋନ କୋନ ବିଷୟେ ତାହାଁ ଦିଗେର ପ୍ରାଧାନ୍ୟ ଦେଖାଯାୟ ।'' (୩୬) ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଓଡ଼ିଶାରେ କାର୍ଯ୍ୟୋପଲକ୍ଷେ ଅବସ୍ଥାନ କରୁଥିବା ବଙ୍ଗୀୟମାନଙ୍କ ଉଦ୍ୟମରେ ଓଡ଼ିଶା ଭାଷା ବିରୁଦ୍ଧରେ ଯେଉଁ ଆନ୍ଦୋଳନ ଚାଲିଥିଲା ତାର ପ୍ରତିକ୍ରିୟାରେ ରଙ୍ଗଲାଲ ଏପରି ମତ ପ୍ରକାଶ କରି ଆପଣାର ଓଡ଼ିଆ ଜାତିପ୍ରୀତି ଓ ଭାଷା ପ୍ରୀତିର ନିଦର୍ଶନ ପ୍ରଦାନ କରିଅଛନ୍ତି ଏବଂ ୧୮୭୯ ମସିହାରେ 'କାଞ୍ଚିକାବେରୀ' କାବ୍ୟ ବଙ୍ଗଳାରେ ରଚନା କରି ଓଡ଼ିଆ ଭାଷାକେନ୍ଦ୍ରିକ ଜାତୀୟତାବୋଧର ଆଦ୍ୟ ଓଁକାର ସୃଷ୍ଟି କରିଅଛନ୍ତି । ଏହି ଭାଷାକେନ୍ଦ୍ରିକ ଜାତୀୟତାବୋଧର ପ୍ରତିଧ୍ୱନି ହିଁ ରାମଶଙ୍କର ରାୟଙ୍କର 'କାଞ୍ଚିକାବେରୀ' ନାଟକ ।

ଆଲୋଚ୍ୟ ସମୟର ଅନ୍ୟତମ ପ୍ରାଣସ୍ପନ୍ଦନ ଭକ୍ତିଭାବ । ଏହି ଭକ୍ତିଭାବର ଅନ୍ତର୍ନିହିତ ଭାବ ହୋଇ ହେଉଛି ମଧ୍ୟ ଜାତୀୟତା । ଊନବିଂଶ ଶତାବ୍ଦୀର ଆରମ୍ଭରୁ ଖ୍ରୀଷ୍ଟୀୟ ମିଶନାରୀମାନେ ଓଡ଼ିଶାରେ ଧର୍ମପ୍ରଚାର କରିବା ଆରମ୍ଭ କରି ଦେଇଥିଲେ । ମିଶନାରୀମାନଙ୍କର ସ୍କୁଲ ପ୍ରତିଷ୍ଠା (୧୮୨୨)ଠାରୁ ଆରମ୍ଭ କରି କାମ୍ବେଲ ସାହେବଙ୍କ ଶିକ୍ଷାନୀତି (୧୮୭୩) ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଆଧୁନିକ ଶିକ୍ଷା ପ୍ରସାର ସହିତ ଖ୍ରୀଷ୍ଟ ଧର୍ମପ୍ରଚାର କରାଯାଇ ନବ୍ୟଶିକ୍ଷିତମାନଙ୍କୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରାଯାଇଥିଲା । ଏକ ପକ୍ଷରେ ବହୁ ଲୋକଙ୍କର ଖ୍ରୀଷ୍ଟ ଧର୍ମ ଗ୍ରହଣ ଏବଂ ଅନ୍ୟପକ୍ଷରେ ଖ୍ରୀଷ୍ଟୀୟ ମିଶନାରୀମାନଙ୍କର ଓଡ଼ିଶାର ପ୍ରତିଷ୍ଠିତ ଦେବତା ଶ୍ରୀଜଗନ୍ନାଥଙ୍କ ଭାବମୂର୍ତ୍ତି ପ୍ରତି ଘନ ଘନ ଆକ୍ରମଣ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଓଡ଼ିଶାର ଜନଚିତ୍ତରେ କ୍ରମେ ପ୍ରତିକ୍ରିୟା ସୃଷ୍ଟି କଲା । ଜଗନ୍ନାଥଙ୍କ ପତନ ଅନିବାର୍ଯ୍ୟ ମନେକରି ଆମସ୍ ସଟନ ସେଦିନ କହିଥିଲେ—"ଏଇ ବିରାଟ, ଅଶ୍ଳୀଳ ଓ ଘୃଣିତ ଜଗନ୍ନାଥଙ୍କର ପତନ ସୁନିଶ୍ଚିତ । ହୁଏତ, ଆମର ସଂଗ୍ରାମ ଦୀର୍ଘ ସମୟ ବ୍ୟାପୀ ଓ ସଂଘର୍ଷ ତୀବ୍ରତର ହୋଇପାରେ; କିନ୍ତୁ ସେ ନିଶ୍ଚୟ ଧ୍ୱଂସ ପ୍ରାପ୍ତ ହେବେ । ଫଳରେ ଯେଉଁ ସ୍ଥାନ ତାଙ୍କ ପାଇଁ ଆଜି ପରିଚିତ, ତାହା ଚିରଦିନ ପାଇଁ ତାଙ୍କୁ ଜାଣିପାରିବ ନାହିଁ ।'' (୩୭) ଓଡ଼ିଶାର ଆର୍ଥନୀତିକ ଦୁର୍ଗତି, ଓଡ଼ିଆ

---

୩୬ । ରହସ୍ୟ ସନ୍ଦର୍ଭ—୨ୟ ପର୍ବ । ୧୫ଶ ଖଣ୍ଡ (୧୮୬୩)—ପୃ ୪୦, ୪୧

ଦେଖ : ଗଗନେନ୍ଦ୍ରନାଥ ଦାସ : ଜନଗ୍ରନ୍ଥି 'କାଞ୍ଚିକାବେରୀ' – ପୃ ୮୬

୩୭ । N.M. O Intro pp 6-8

ଦେଖ : ଡାଃ ନଟବର ସାମନ୍ତରାୟ - ଆଧୁନିକ ଓଡ଼ିଆ ସାହିତ୍ୟ - ପୃ ୨୪

ଜାତିର ଅତୀତ ଗୌରବର ବିପର୍ଯ୍ୟୟ, ସାଂସ୍କୃତିକ ଜଡ଼ତା ଓ ଇଂରେଜ ତଥା ବଙ୍ଗୀୟ କର୍ମଚାରୀମାନଙ୍କର ଶୋଷଣ ଯୋଗୁ ମିଶନାରୀମାନେ ଏପରି ଜଗନ୍ନାଥ-ବିରୋଧୀ ଭାବ ସୃଷ୍ଟି କରିବାକୁ ସମର୍ଥ ହୋଇ ପାରିଥିଲେ । ଯେତେବେଳେ ମିଶନାରୀ-ମାନଙ୍କର ଜଗନ୍ନାଥ ଧର୍ମଧାରଣା ଉପରେ ନିରବଚ୍ଛିନ୍ନ ଆକ୍ରମଣ ଲାଗିରହିଥିଲା ସେତେବେଳେ ଓଡ଼ିଶାରେ କ୍ରମେ ସଚେତନ ଶିକ୍ଷିତ ଗୋଷ୍ଠୀଙ୍କ ମନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାକୁ ଲାଗିଲା । ଅନ୍ୟ ପକ୍ଷରେ ୧୮୭୦ ମସିହା ବେଳକୁ ଓଡ଼ିଶାରେ ବ୍ରାହ୍ମଧର୍ମର ପ୍ରଚାର ଓ ପୌତ୍ତଳିକତା ବିରୁଦ୍ଧରେ ଅଭିଯାନ, ମହିମା-ପନ୍ଥୀମାନଙ୍କର ଜଗନ୍ନାଥ ମନ୍ଦିର ଆକ୍ରମଣ ଆଦି ନାନା ଘଟଣା ଓଡ଼ିଶାର ଧର୍ମପ୍ରାଣ ଲୋକଙ୍କ ଚିତ୍ତବୃତ୍ତିରେ ଜଗନ୍ନାଥଙ୍କ ପ୍ରତି ନୂତନ ଜାତୀୟ ଭାବମୂର୍ତ୍ତି ଜାଗ୍ରତ କଲା । ଏହା ସାଙ୍ଗକୁ ଭାଗ୍ୟ ବିପର୍ଯ୍ୟସ୍ତ ଓଡ଼ିଶାର ଠାକୁରରାଜା ଗଜପତିମାନଙ୍କର ଦୁର୍ଦ୍ଦଶା ମଧ୍ୟ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ କଲା । ପାଇକବିଦ୍ରୋହର ପରିଣତି ସ୍ୱରୂପ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କର କଟକଠାରେ ଅଟକବନ୍ଦୀ (୧୮୧୭) ଓ ଓଡ଼ିଆ ସେନାବାହିନୀର ସର୍ବଶ୍ରେଷ୍ଠ ସେନାପତି ବକ୍ସି ଜଗବନ୍ଧୁଙ୍କର ବିପର୍ଯ୍ୟୟ ଏବଂ ବିଦ୍ରୋହର ଅସଫଳତା ଓଡ଼ିଶାରେ ବ୍ରିଟିଶମାନଙ୍କର ନିରଙ୍କୁଶ ଶାସନ ପ୍ରତିଷ୍ଠାର କାରଣ ହୋଇଥିଲେହେଁ ଓଡ଼ିଆ ଜାତିର ଅନ୍ତର ଭିତରର ଅସନ୍ତୋଷ ବହ୍ନି ନିର୍ବାପିତ ହେଲା ନାହିଁ । ଯାହା ଫଳରେ ବୀର ସୁରେନ୍ଦ୍ର ସାଏଙ୍କର ବିଦ୍ରୋହ ମୁଣ୍ଡଟେକି ଉଠିଥିଲା (୧୮୨୭— ୮୪୦) । ସିପାହୀ ବିଦ୍ରୋହବେଳେ ସୁରେନ୍ଦ୍ର ସାଏ କାରାମୁକ୍ତ ହୋଇ ପୁନର୍ବାର ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମ କରି ଅସୁରଗଡ଼ ଦୁର୍ଗରେ ବନ୍ଦୀ ହେଲେ ଏବଂ ୧୮୮୪ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଜନୈକ ବାବାଜୀଙ୍କୁ ହତ୍ୟା କରିଥିବା ଅପରାଧରେ ପୁରୀର ଗଜପତି ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୧୮୭୮ ଖ୍ରୀଷ୍ଟାବ୍ଦରେ ଦ୍ୱୀପାନ୍ତର ଦଣ୍ଡ ପ୍ରଦାନ କରାଯାଇଥିଲା । ତତ୍ପୂର୍ବରୁ ସେ ବିଚାରାଧୀନ ବନ୍ଦୀ ରୂପେ କଟକ ଜେଲରେ ଥିଲାବେଳେ ଜଗନ୍ନାଥଙ୍କୁ ନିବେଦନ କରି ଗୋଟିଏ କବିତା ଲେଖିଥିଲେ । (୩୮) ଏଥିରୁ ତାଙ୍କର ଜଗନ୍ନାଥ ଭକ୍ତି ସହିତ ଓଡ଼ିଆ ଜାତୀୟତାର ପରିଚୟ

---

୩୮ । ପ୍ରଭୁ ନୀଳାଦ୍ରୀ ବିହାରୀ
କଟକେ ଅଟକ ହେବାରୁ ମୋ ଧନ
ସରୁ ନାହିଁ ଝୁରି ଝୁରି ।
ମହାବଳୀୟାର ଭୁଜ ଦେବରାଜ ସୁଦର୍ଶନ ଚକ୍ରଧାରୀ
ଏ ମହା ବିପଦୁଁ ଉଦ୍ଧରିଲ ନାହିଁ ନ ଶୁଣିଲ ମୋ ଗୁହାରି ।
× × ×
କଲା ଶ୍ରୀବଦନ ଏ ଘୋର କଦନ ବେଳକୁ ବେଲ ତ ଖରି
ଧଲା ଅଶ୍ୱବାର ପାଇ ନାହିଁ କିବା ଲୋଡ଼ି ଲୋଡ଼ି ଦଇତାରି ।
—ଦିବ୍ୟସିଂହଦେବ—

ମିଳିଥାଏ । ଓଡ଼ିଶାର ଗଜପତିଙ୍କୁ ଓଡ଼ିଆ ଜାତିର ଚଳନ୍ତିବିଷ୍ଣୁ ପରି ମନେ କରେ । ଯେତେବେଳେ ଦିବ୍ୟସିଂହ ଦେବଙ୍କୁ ଦଣ୍ଡାଦେଶ ପ୍ରଦାନ କରାଯାଇଛି ସେତେବେଳେ ଏହି ଘଟଣା ଓଡ଼ିଆ ଜାତିର ଅନ୍ତରରେ ସୃଷ୍ଟି କରିଛି ଗଭୀର ପ୍ରତିକ୍ରିୟା । 'ଉତ୍କଳଦୀପିକା' ଏହି ପ୍ରସଙ୍ଗରେ ଲେଖିଥିଲା—"ଆମ୍ଭେମାନେ ଜଜ୍‌ସାହେବଙ୍କ ବିଚାରର ଭଲମନ୍ଦ କହିବାର ମାନସ ରଖୁନାହୁଁ । ପୁଣି ହାଇକୋର୍ଟରେ ଅପିଲ ହେବାର ଥିବାରୁ କହିବାର ଉଚିତ ନୁହଇ, କିନ୍ତୁ ଏକଥା ଆମ୍ଭେମାନେ ଅବଶ୍ୟ କହିବୁଁ ଯେ ଏ ଆଜ୍ଞା ଶୁଣି ଏ ନଗରର ଆବାଲ ବୃଦ୍ଧବନିତା ସମସ୍ତେ ଯତ୍ପରୋନାସ୍ତି ସନ୍ତାପିତ ହୋଇଅଛନ୍ତି ଓ ସମୁଦାୟ ଓଡ଼ିଶାର ଏହି ଭାବ ଜଣାଯାଏ । ଏକ ଜଣ ସକାଶେ ଶ୍ରେଷ୍ଠବଡ଼ ସମସ୍ତ ଲୋକଙ୍କୁ ଏପରି ଦୁଃଖିତ ହେବାର କେବେହେଁ ଦେଖାଯାଇ ନାହିଁ । ବିଦେଶୀୟମାନେ ଲୋକଙ୍କର ଏ ପ୍ରକାର ଭାବ ଦେଖି ଆଶ୍ଚର୍ଯ୍ୟ ହେଉଅଛନ୍ତି; କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ତହିଁରେ ବିଚିତ୍ର କିଛି ନାହିଁ । (୩୯) ଏଥିରୁ ଏହା ହିଁ ପ୍ରମାଣିତ ହୁଏ ଯେ ଓଡ଼ିଶାରେ ୧୮୮୦ ମସିହା ବେଳକୁ ଜଗନ୍ନାଥ ଭକ୍ତିର ପୁନର୍ଜାଗରଣ ହୋଇ ଓଡ଼ିଆ ଜାତୀୟତାର ପ୍ରେରଣା ରୂପେ ଏକ ନୂତନ ଚେତନା ସୃଷ୍ଟି ହେବାକୁ ଆରମ୍ଭ କରିଥିଲା । ଶ୍ରୀଜଗନ୍ନାଥଙ୍କୁ ଏକଦା ଗଙ୍ଗବଂଶର ତଥା ସୂର୍ଯ୍ୟବଂଶର ରାଜାମାନେ ଓଡ଼ିଶାର ଜାତୀୟ ଦେବତା ଓ ରାଷ୍ଟ୍ରନାୟକ ଭାବରେ ଘୋଷଣା କରିଥିଲେ । ଓଡ଼ିଶାର ଗଜପତି ଥିଲେ ତାଙ୍କ ଆଦେଶର ବାହକ ମାତ୍ର । (୪୦) ମୁକୁନ୍ଦଦେବଙ୍କ ମୃତ୍ୟୁପରୁ (୧୫୬୮) ଓଡ଼ିଶାର ଗୌରବ-ରବି ଅସ୍ତମିତ ହେବାକୁ ଲାଗିଲା ଏବଂ ଓଡ଼ିଶା ବିଭିନ୍ନ ବୈଦେଶିକ ଶାସକମାନଙ୍କ ଦ୍ୱାରା ଶାସିତ ହୋଇ ତାର ଅତୀତ ଗୌରବକୁ ଭୁଲିବାକୁ ଲାଗିଲା । ଇଂରେଜମାନଙ୍କର ଓଡ଼ିଶାରେ ଧର୍ମ-ପ୍ରଚାର, ଶ୍ରୀ ଜଗନ୍ନାଥଙ୍କ ଉପରେ ଆକ୍ରମଣ ଏବଂ ସର୍ବୋପରି ଓଡ଼ିଶାର ଚଳନ୍ତିବିଷ୍ଣୁ

---

୩୯ । ଉତ୍କଳଦୀପିକା – ୧୩ଶ ଭାଗ । ୧୫ଶ ସଂଖ୍ୟା ତା ୧୩ । ୪ । ୧୮୭୮

୪୦ । * ଅନଙ୍ଗଭୀମଦେବଙ୍କ ଘୋଷଣାପତ୍ର—ମାଦଳାପାଞ୍ଜି ପୃ ୨୮ । ୨୯

ସ : ଆର୍ତ୍ତବଲ୍ଲଭ ମହାନ୍ତି ।

* "ଏହାଙ୍କ ପୁଅ ଅନଙ୍ଗଭୀମଦେବ···ନଗର କଟକେ ଥାଇ ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଦେବଙ୍କୁ ସମସ୍ତ ସମର୍ପି ରାଉତ ପଣେ ଥାଆନ୍ତି । × × × ଓଡ଼ିଶା ରାଜ୍ୟ ରାଜା ଶ୍ରୀଜଗନ୍ନାଥ ମହାପ୍ରଭୁ ଏମନ୍ତ କହି ଅଭିଷେକ ନୋହିଲେ ।" ମାଦଳାପାଞ୍ଜି—ପୃ ୭

* "ଶ୍ରୀ ଜଗନ୍ନାଥ ମୋହର ବାହ୍ୟ ଅଭ୍ୟନ୍ତର ଜାଣୁ, ମୋହର, ଯେତେ ରତ୍ନ ପଦାର୍ଥ ଅଛି ସେ ତୋହର × × × ଏ ଭୂମିଖଣ୍ଡ ତୋହର (ତୋହର ଏହାକୁ) ଅନୁଗ୍ରହ କରିଥା, ମୋହର ସେ କେବେ ନୁହେଁ ।"
୧୪୬୬ ଖ୍ରୀ: ଅ: ର ଜଗନ୍ନାଥ ମନ୍ଦିରର କପିଳେନ୍ଦ୍ର ଦେବଙ୍କ ଶିଳାଲେଖ ।

ଦିବ୍ୟସିଂହଦେବଙ୍କର ଦ୍ୱୀପାନ୍ତର ଦଣ୍ଡ (୧୮୭୯) ଓଡ଼ିଆ ଜାତିର ଅନ୍ତରରେ ସୃଷ୍ଟି କଲା ଜଗନ୍ନାଥ ଭକ୍ତିର ଦୃଢ଼ତା ଓ ଓଡ଼ିଆ ଜାତୀୟତାର ଉନ୍ମେଷ । ଭାଷା ବିଲୋପ ଆନ୍ଦୋଳନକୁ ଅବଲମ୍ବନ କରି ଯେଉଁ ଉତ୍କଳୀୟ ଜାତୀୟଚେତନାର ଆଦ୍ୟ ସ୍ଫୁରଣ ସୃଷ୍ଟି ହୋଇଥିଲା ତାହା ଜଗନ୍ନାଥ ଚେତନା ମଧ୍ୟ ଦେଇ ପୂର୍ଣ୍ଣତା ଲାଭ କଲା ଏବଂ ସେହି ଉତ୍କଳୀୟ ଭାଷା କୈନ୍ଦ୍ରିକ ଓ ଜଗନ୍ନାଥ ଚେତନା କୈନ୍ଦ୍ରିକ ଜାତୀୟ ଚେତନାର ଆଦ୍ୟ ଐତିହାସିକ ଭୂମିକା ନେଇ ରାମଶଙ୍କର ରଚନା କଲେ 'କାଞ୍ଚି-କାବେରୀ' ନାଟକ ।

•

୧୮୮୦ ମସିହା ବେଳକୁ ଓଡ଼ିଶାରେ ସହରକୁ କେନ୍ଦ୍ର କରି ନୂତନ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟି ସାରିଥିଲା । ଏହି ଗୋଷ୍ଠୀ ଇତର ରସାସ୍ୱାଦନକୁ ପରିହାର କରି ଏକ ମାର୍ଜିତ ରୁଚିର ଅପେକ୍ଷା ରଖିଥିଲା । ୧୮୭୦ ମସିହା ପରେ ଓଡ଼ିଶାରେ ଶିକ୍ଷିତ ଗୋଷ୍ଠୀଙ୍କୁ ଅବଲମ୍ବନ କରି ବ୍ରାହ୍ମଧର୍ମର କ୍ରମପ୍ରଚାର ଓ ପ୍ରସାର ଆରମ୍ଭ ହେବାକୁ ଲାଗିଲା । ବ୍ରାହ୍ମଧର୍ମର ଗଭୀର ନୀତିବୋଧ ଓ ଧାର୍ମିକ ତଥା ସାମାଜିକ ଆଦର୍ଶ ସେତେବେଳେ ଅନେକଙ୍କୁ ଆକୃଷ୍ଟ କଲା । ପ୍ୟାରୀମୋହନ ଆଚାର୍ଯ୍ୟ 'ଉତ୍କଳପୁତ୍ର'ରେ ରୀତି ସାହିତ୍ୟର ଅଶ୍ଳୀଳତା ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ସେ ସମୟର ସାମାଜିକ ଜୀବନରେ ଯେପରି ସୁରାପାନ ଓ ଅଶ୍ଳୀଳ ନୃତ୍ୟଗୀତ ପ୍ରଭାବ ପକାଇଥିଲା ତାର କଟୁ ସମାଲୋଚନା କଲେ । 'ଉତ୍କଳଦୀପିକା' ଓ 'ସମ୍ବାଦ ବାହିକା' ମଧ୍ୟ ତତ୍କାଳୀନ ଗଣଭୋଗ୍ୟ ଯାତ୍ରା ଓ ଲୀଳା ଇତ୍ୟାଦିର ଇତର ଅଭିନୟ ପ୍ରତି ପାଠକମାନଙ୍କୁ ସଚେତନ କରାଇବାକୁ ଲାଗିଲେ । ଉତ୍କଳ-ଦୀପିକା ସେତେବେଳେ ଓଡ଼ିଶାର ଯାତ୍ରାଭିନୟକୁ ଲକ୍ଷ୍ୟ କରି କହିଥିଲେ "ସଂପ୍ରତି ଓଡ଼ିଶାରେ ଯାହା ଯାତ୍ରା ବୋଲି ଖ୍ୟାତ ହେଉଅଛି ଓ ଯାହାକୁ ନିରୁପାୟ ହୋଇ ଭଦ୍ରଲୋକମାନେ ପର୍ବବିଶେଷରେ ଦେଖିବାକୁ ବାଧ୍ୟ ହୁଅନ୍ତି, ତାହା ଅତ୍ୟନ୍ତ ଘୃଣିତ ଓ ତଦ୍ଦ୍ୱାରା ଓଡ଼ିଶାର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଏ ।" (୪୧) ଉତ୍କଳଦୀପିକା ପୁନଶ୍ଚ ବାଲେଶ୍ୱର ରାଜବାଟୀରେ ପୂଜା ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଯାତ୍ରାକୁ ଲକ୍ଷ୍ୟ କରି କହିଥିଲେ—"ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତି ଅଟଇ । ପ୍ରଥମ ଦୁଇଟି ବହୁସ୍ଥଳରେ ଦେଖାଯାଏ, ଏମନ୍ତ କି କଟକ ଜିଲ୍ଲାର ପ୍ରତି ବଡ଼ ଗ୍ରାମରେ ଏଥିର ଏକ ଏକ ଆଖଡ଼ା ଅଛି । ସୁଭଦ୍ରାହରଣ କେବଳ ଭଦ୍ରଖିଆମାନେ କରନ୍ତି । ମାତ୍ର ଆମ୍ଭେମାନେ ଯେତେଦୂର ଦେଖିଅଛୁ, କୌଣସି ଯାତ୍ରାରେ ସଙ୍ଗୀତର ବାସନା ସୁଙ୍ଘା ପାଇ ନାହୁଁ ଏବଂ ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ ସଙ୍ଗୀତ କାହାକୁ ବୋଲାଯାଏ, ଯାତ୍ରାବାଲାମାନେ ଜାଣନ୍ତି ନାହିଁ, କେବଳ ସଜବେଶ ହୋଇ ଗୁଡ଼ାଏ

୪୧ । ଉତ୍କଳଦୀପିକା—ତା ୨୦ । ୧୧ । ୧୮୭୫

ଉପାଧି ବୋଲନ୍ତି ଓ ନାନା ପ୍ରକାର କଦର୍ଯ୍ୟ ଓ ଭଣ୍ଡ ରୂପ ଦେଖାଇ ଏବଂ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି।" (୪୨) ଏହି ସମସ୍ତ ଟିପ୍ପଣୀରୁ ଜଣାଯାଏ ଯେ ପ୍ରାକ୍ ୧୮୮୦ ମସିହା ପର୍ଯ୍ୟନ୍ତ ପ୍ରଚଳିତ ଯାତ୍ରାରେ ମାର୍ଜିତ ରୁଚିବୋଧ ନ ଥିଲା। ଅଭିନୟମାନଙ୍କରେ ଅଶ୍ଳୀଳ ସଙ୍ଗୀତ ଓ ରୁଚିହୀନ ଅଭିନୟ ପ୍ରଦର୍ଶନ କରାଯାଉଥିଲା। ଦର୍ଶକ ଇତର ଗ୍ରାମ୍ୟ ଆନନ୍ଦ ଉପଭୋଗ କରୁଥିଲେ। ତେଣୁ ସହର-କେନ୍ଦ୍ରିକ ନୂତନ ଶିକ୍ଷିତ ଗୋଷ୍ଠୀ ଏତାଦୃଶ ଅଭିନୟ ପ୍ରତି କ୍ରମେ ବିତୃଷ୍ଣା ପ୍ରକାଶ କରି ନୂତନ ରୁଚିବୋଧର ପ୍ରତିଷ୍ଠା ପାଇଁ ଆପଣାର ପ୍ରତିଶ୍ରୁତି ପ୍ରକାଶ କରିବାକୁ ଲାଗିଲେ। ଏହି ପ୍ରତିଶ୍ରୁତିର ସାର୍ଥକ ପ୍ରତିନିଧି ହେଲେ ତରୁଣ ନାଟ୍ୟକାର ରାମଶଙ୍କର ରାୟ ଏବଂ ସେ ନିର୍ଦ୍ଦୋଷ ଆମୋଦ ପାଇଁ ସୁନ୍ଦର ରୁଚିର କାର୍ଯ୍ୟ ସ୍ୱରୂପ ନାଟକକୁ ଗ୍ରହଣ କରିନେଇ ସର୍ବପ୍ରଥମେ 'କାଞ୍ଚିକାବେରୀ' ନାଟକ ଓଡ଼ିଶାର ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପନ କରି ଏକ ଐତିହାସିକ ଦାୟିତ୍ୱ ସମ୍ପାଦନ କରିବାକୁ ସମର୍ଥ ହୋଇ ପାରିଥିଲେ।

## 'କାଞ୍ଚିକାବେରୀ' ନାଟକର ପ୍ରେରଣା-ଉତ୍ସ :

ନାଟ୍ୟକାର ରାମଶଙ୍କର ରାୟ 'କାଞ୍ଚିକାବେରୀ' ନାଟକ ରଚନା ପାଇଁ ବିଭିନ୍ନ ପୁସ୍ତକରୁ ପ୍ରେରଣା ଲାଭ କରିଥିଲେହେଁ ମୁଖ୍ୟତଃ ସେ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥ ଦେବଙ୍କ ପ୍ରତି ସମଗ୍ର ଭାରତବର୍ଷର ଗଭୀର ଭକ୍ତି ଓ ଆକର୍ଷଣକୁ ଲକ୍ଷ୍ୟ କରିଥିଲେ। ତେଣୁ 'କାଞ୍ଚିକାବେରୀ' ନାଟକର 'ପରିଭାଷା'ରେ ସେ ଲେଖିଛନ୍ତି— "ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀଜଗନ୍ନାଥ ଦେବ ଓଡ଼ିଶାର ପ୍ରଧାନ ଦେବତା। ତାହାଙ୍କର କୀର୍ତ୍ତି ଭାରତ ଭୂମିରେ ବିସ୍ତୃତ ଏବଂ ଇତିହାସର ଅଙ୍ଗରେ ଦେଦୀପ୍ୟମାନ ହୋଇ ରହିଅଛି; ମଧ୍ୟ ତାଙ୍କର ନାନାପ୍ରକାର ମହିମା ପୁରାଣମାନଙ୍କରେ ଲିପିବଦ୍ଧ ହୋଇ ଅବଧି ଲୋକରେ ପ୍ରସିଦ୍ଧ ଅଛି। ଆଜି ସେହି ଜଗନ୍ନାଥ ଦେବଙ୍କର ଗୋଟିଏ ବିଖ୍ୟାତ ମହିମା କୀର୍ତ୍ତନ କରିବା ଅଭିଳାଷରେ ଲେଖକ ଏ ଅଭିନବ ପ୍ରକାର ପୁସ୍ତକ ଘେନି ଜନସମାଜରେ ଉପସ୍ଥିତ ହୋଇଅଛି; ମାତ୍ର ସେ ଜାଣେନା—ତାହାର ଚେଷ୍ଟା ସେହି ଦେବଦେବଙ୍କର ମହିମା ଉପଯୁକ୍ତ ରୂପରେ କୀର୍ତ୍ତନ କରିବା ପକ୍ଷରେ କେତେଦୂର ସମର୍ଥ ହୋଇଅଛି ଅଥବା ଏଭଳି ଅଭିନବ ପ୍ରକାରର ଗ୍ରନ୍ଥ ରଚନା ସାଧାରଣରେ କେତେଦୂର ଆଦୃତ ହେବ। ତେବେହେଁ ଏତିକି ଉତ୍ତମ ଜଣାଅଛି ଯେ ଲୋକ ମହତ୍ତ୍ୱ ଆଶାର ବଶୀଭୂତ ହୋଇ ମୁକ୍ତାହରଣ କରିବା ଆକାଙ୍କ୍ଷାରେ ସମୁଦ୍ରରେ ବୁଡ଼ିଲେ, ସେ ତହିଁରେ କୃତାର୍ଥ ନ ହେଲେ ପଛକେ, ଲୋକେ ତାହାକୁ ତୁଚ୍ଛ ମଣନ୍ତି ନାହିଁ ! ଫଳତଃ ଲୋକଙ୍କର ସେହିଭଳି ଉଦାର ଭାବ ପ୍ରତ୍ୟାଶା କରି

୪୨। ଉତ୍କଳଦୀପିକା—ତା ୨୮।୧୦।୧୮୭୭

ଲେଖକଙ୍କ ଆଶା ବାନ୍ଧିଅଛି ।" ଶ୍ରୀଜଗନ୍ନାଥଙ୍କ ମହିମା କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କର ଶ୍ରେଷ୍ଠ ଭକ୍ତରୂପେ ବିବେଚିତ ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବଙ୍କର ଭକ୍ତି—ବୀରତ୍ୱ ଓ ପ୍ରେମକୁ ଉକ୍ତ ନାଟକରେ ପ୍ରକାଶ କରି ସେ ସମସାମୟିକ ସମାଜର ଚରିତ୍ରବୃତ୍ତିକୁ ଉଦ୍‌ଘାଟନ କରିଅଛନ୍ତି ଏବଂ ସେହି ରହସ୍ୟ ଉଦ୍‌ଘାଟନ ମଧ୍ୟଦେଇ ଉତ୍କଳୀୟ ଜାତୀୟଚେତନାର ଆଡ଼ ଓଁକାର ଉଚ୍ଚାରଣ କରିଅଛନ୍ତି । ଏହି ନାଟକର ପରିକଳ୍ପନା ପାଇଁ ନାଟ୍ୟକାରଙ୍କ ସମ୍ମୁଖରେ ଥିଲା—

(କ) ଶ୍ରୀଜଗନ୍ନାଥଙ୍କ ମହିମା ଓ ପରିବର୍ତ୍ତିତ ପରିସ୍ଥିତିରେ ଜଗନ୍ନାଥଙ୍କ ପ୍ରତି ଜାତୀୟ ମମତ୍ୱବୋଧ ।

(ଖ) ଉତ୍କଳୀୟ ସ୍ୱାଭିମାନର ଜାତୀୟତାବୋଧର ନବୋତ୍‌ଥାନ ।

(ଗ) ନୂତନ ରୁଚିବୋଧର ବିକାଶ ଓ ଇତର ରୁଚିବୋଧ ପ୍ରତି ବିତୃଷ୍ଣା ।

ତରୁଣ ନାଟ୍ୟକାର ରାମଶଙ୍କର ଏହି ସମସ୍ତ ଚିନ୍ତାଧାରା ପ୍ରତି ସଚେତନ ହୋଇ ସଂପୂର୍ଣ୍ଣ ଏକ ଅଭିନବ ନାଟକ ରଚନା କରିବାକୁ ଉପାଦାନ ଖୋଜିପାଇଲେ । ତେଣୁ ସେ ଅତୀତ ଓଡ଼ିଶାର ଗୌରବମୟ ଇତିହାସ ପ୍ରତି ଦୃଷ୍ଟିପାତ କଲେ । ତାଙ୍କର ସୃଷ୍ଟି ପ୍ରତିଭା ନିକଟରେ କାଞ୍ଚିକାବେରୀ କାହାଣୀ ଜୀବନ୍ତ ହୋଇ ଆବିର୍ଭୂତ ହେଲା । ଏହି କାହାଣୀର ଉପାଦାନ ସେ ସଂଗ୍ରହ କଲେ ନିମ୍ନୋକ୍ତ ପୁସ୍ତକମାନଙ୍କରୁ ଓ ଅନ୍ୟାନ୍ୟ ପ୍ରସଙ୍ଗରୁ ;—

(କ ବଙ୍ଗୀୟ କବି ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କର ବଙ୍ଗଳା 'କାଞ୍ଚିକାବେରୀ' କାବ୍ୟ । (୧୮୭୯)

(ଖ) ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ କବି ପୁରୁଷୋତ୍ତମ ଦାସଙ୍କର ଓଡ଼ିଆ 'କାଞ୍ଚିକାବେରୀ' କାବ୍ୟ ।

(ଗ) 'ମାଦଳା ପାଞ୍ଜି'ରେ ବର୍ଣ୍ଣିତ କାଞ୍ଚିବିଜୟ କାହାଣୀ ।

(ଘ) ପ୍ୟାରୀମୋହନ ଆଚାର୍ଯ୍ୟଙ୍କର 'ଓଡ଼ିଶା ଇତିହାସ' । (୧୮୭୯)

(ଙ) History of Orissa—Hunter and Stirling

(ଚ) ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ କଳା ଧଳା ଅଶ୍ୱାରୋହୀ ଓ ମାଣିକ ଗୌଡ଼ୁଣୀର ଖୋଦିତ ଓ ଚିତ୍ରିତ ରୂପ ଓ ଶ୍ରୀ ଜଗନ୍ନାଥଙ୍କର ପ୍ରତିବର୍ଷ ପଦ୍ମବେଶପରେ କାଞ୍ଚିକାବେରୀ ବେଶ ।

(ଛ) 'ଉତ୍କଳ ଦୀପିକା'ରେ ବଙ୍ଗଳା 'କାଞ୍ଚିକାବେରୀ' କାବ୍ୟର ସମାଲୋଚନା ଓ ପ୍ରଶଂସା । (୪୩)

(ଜ) କଟକ ରାଜବଂଶାବଳୀ ।

ଉପରୋକ୍ତ ପୁସ୍ତକ ଓ ପ୍ରସଙ୍ଗମାନଙ୍କରୁ ପ୍ରେରଣା ଲାଭ କରି ରାମଶଙ୍କର 'କାଞ୍ଚିକାବେରୀ' ନାଟକ ରଚନା କରିବାକୁ ଉଦ୍ୟମ କରିଥିଲେ । ତାଙ୍କ ଆଗରେ ଅନ୍ୟାନ୍ୟ ବହୁ ଉପାଦାନ ଥିଲେ ହେଁ 'ଉତ୍କଳ ଦୀପିକା'ରେ କାଞ୍ଚିକାବେରୀ କାବ୍ୟର ପ୍ରଶଂସା ବାହାରିଲା ପରେ ସେ ଉକ୍ତ କାବ୍ୟ ଅଧ୍ୟୟନ କରିବାକୁ ଆଗ୍ରହୀ ହୋଇଥିବେ ଏବଂ ରଙ୍ଗଲାଲଙ୍କ 'କାଞ୍ଚିକାବେରୀ' ହିଁ ତାଙ୍କର ମୁଖ୍ୟ ପ୍ରେରଣାରେ ଉତ୍ସ ରୂପେ ବିବେଚିତ ହୋଇଥିବ । ସମାଲୋଚକ ଗିରିଜାଶଙ୍କର ରାୟ ଏ ସମ୍ପର୍କରେ ଲେଖିଛନ୍ତି—"ମାତ୍ର ନାଟକର ପ୍ରଧାନ ଅବଲମ୍ବନ ରଙ୍ଗଲାଲ ବାବୁଙ୍କର କାଞ୍ଚିକାବେରୀ କାବ୍ୟ ଓ ନାଟ୍ୟକାର ଏହି କାବ୍ୟଗତ ବିଷୟକୁ ଅନେକ କ୍ଷେତ୍ରରେ ନିଷ୍ଠା ସହକାରେ ଅନୁସରଣ କରିଅଛନ୍ତି । କାଞ୍ଚିକାବେରୀ ନାମରେ ଗୋଟିଏ ଓଡ଼ିଆ କାବ୍ୟ ପ୍ରଚଳିତ ଥିଲା । ମାଦଳାପାଞ୍ଜିରେ ପୁରୁଷୋତ୍ତମଦେବଙ୍କ ରାଜତ୍ୱ ବିଷୟରେ ଅନ୍ୟ ଅନେକ ଜ୍ଞାତବ୍ୟ କଥା ଥିଲା । କିନ୍ତୁ ନାଟ୍ୟକାର ଏ ସମସ୍ତ ବ୍ୟବହାର କରିଥିବା ଜଣାଯାଏ ନାହିଁ । ରାଜାଙ୍କର ମୃଗ ଯାତ୍ରା, ଦାସଙ୍କ ପ୍ରଗାଢ଼ ଭକ୍ତି, କାଞ୍ଚିଗଡ଼ଠାରେ ଦୁଇ ବାର ଯୁଦ୍ଧ, ଜଗନ୍ନାଥ ଓ ବଳଭଦ୍ରଙ୍କର ରାଜାଙ୍କୁ ସାହାଯ୍ୟ କରିବା ଓ ପରିଶେଷରେ ପଦ୍ମାବତୀଙ୍କ ସହିତ

୪୩ । ଉତ୍କଳ ଦୀପିକା—୧୫ ଶ ଭାଗ / ୭ମ ସଂଖ୍ୟା ତା ୧୪।୨।୧୮୮୦

କାଞ୍ଚିକାବେରୀ ଆଖ୍ୟାନଟି ଓଡ଼ିଶାବାସୀଙ୍କୁ ଅବିଦିତ ନାହିଁ । ଏ ବିଷୟରେ ଖଣ୍ଡିଏ ଓଡ଼ିଆ ପଦ୍ୟଗ୍ରନ୍ଥ ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ କଳା ଧଳା ଅଶ୍ୱାରୋହୀ ଓ ମାଣିକା ଗୌଡ଼୍ୁଣୀର ରୂପ ଖୋଦିତ ଓ ଚିତ୍ରିତ ହୋଇଅଛି । ଏପରି ପ୍ରତି ବର୍ଷ ପର୍ବଶେଷରେ ଜଗନ୍ନାଥଙ୍କର ମଧ୍ୟ ଏକ ଦିନ କାଞ୍ଚିକାବେରୀ ବେଶ ହୁଅଇ । ସୁତରାଂ ତହିଁର ବୃତ୍ତାନ୍ତ ପ୍ରାୟ ସମସ୍ତେ ଜାଣନ୍ତି । ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ମଧ୍ୟ ଏ ଜିଲାରେ ବହୁକାଳ ଡେପୁଟି କଲେକଟର ଥାଇ ସମସ୍ତଙ୍କଠାରେ ପରିଚିତ ହୋଇଅଛନ୍ତି ଓ ଯେଉଁମାନେ ବଙ୍ଗଳା ଭାଷା ପାଠ କରିଅଛନ୍ତି ସେମାନେ ଅବଶ୍ୟ ଜାଣିଥିବେ ଯେ ବାବୁ ଜଣେ ପ୍ରଧାନ କବି ଓ ଗ୍ରନ୍ଥକାର ଅଟନ୍ତି । ଏଥି ହେତୁରୁ ସମାଲୋଚିତ ଗ୍ରନ୍ଥ ଖଣ୍ଡି ଉତ୍ତମ ହୋଇଅଛି ଏହା ବୋଲିବା ବାହୁଲ୍ୟ ଅଟଇ । ଫଳତଃ ଆମ୍ଭେମାନେ ଏ ଗ୍ରନ୍ଥ ଖଣ୍ଡି ପାଠ କରି ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ଏବଂ ଓଡ଼ିଶାର ଗୋଟିଏ ଐତିହାସିକ ବିବରଣ ବଙ୍ଗଳା ଛନ୍ଦରେ ସୁଲଳିତ ଭାଷାରେ ପ୍ରକାଶ ହୋଇଥିବାରୁ ଅଧିକ ଆଦର ସାମଗ୍ରୀ ହୋଇଅଛି । ଏପରି କୌଣସି ପୁସ୍ତକ ଅଦ୍ୟାପି ପ୍ରକାଶ ହୋଇ ନ ଥିଲା ।"

ପୁରୁଷୋତ୍ତମଦେବଙ୍କ ମିଳନ ଏହି ସମସ୍ତ ବିଷୟ ରଙ୍ଗଲାଲବାବୁଙ୍କ କାବ୍ୟଗ୍ରନ୍ଥରେ ବିଶଦ ଭାବରେ ଦିଆ ଯାଇଅଛି । ଏ ସମସ୍ତ ସମ୍ଭବତଃ ପ୍ରାଚୀନ ଓଡ଼ିଆ କାଞ୍ଚି-କାବେରୀ କାବ୍ୟର କଥାବସ୍ତୁ ଉପରେ ସାଧାରଣ ଭାବରେ ପ୍ରତିଷ୍ଠିତ । କେବଳ ଦୁଇଗୋଟି ମୁଖ୍ୟ ବିଷୟରେ ନାଟ୍ୟକାର ରଙ୍ଗଲାଲ ବାବୁଙ୍କ କୃତ କାଞ୍ଚିକାବେରୀ କାବ୍ୟକୁ ଅନୁସରଣ କରିନାହାନ୍ତି — ଗୋଟିଏ ଭଦ୍ରାର ଚରିତ୍ର ଓ ଅନ୍ୟଟି ପୁରୁଷୋତ୍ତମ ଦେବଙ୍କ ପ୍ରଥମ ପରାଜୟର କାରଣ ନିର୍ଦ୍ଦେଶ । ନାଟକ ମଧ୍ୟରେ ସଙ୍ଗୀତ ସଂଯୋଗ କରିବାର ଏକମାତ୍ର ଉପାୟ ଭଦ୍ରାର ଚରିତ୍ର ସୃଷ୍ଟି ଓ ନାଟ୍ୟକାର ନାଟକ ମଧ୍ୟରେ ସଙ୍ଗୀତ ଦେବା ଏକାନ୍ତ ପ୍ରୟୋଜନ ବୋଧକରି ଏହି ଚରିତ୍ରର କଳ୍ପନା କରି ଅଛନ୍ତି । ପୁଣି ପୁରୁଷୋତ୍ତମଦେବଙ୍କ ପରାଜୟ ନିମନ୍ତେ ତାହାଙ୍କର ଭକ୍ତିକୁ ଦାୟୀ କରି ନାଟ୍ୟକାର ଅତି ସୁନ୍ଦର ଭାବରେ ସେହି ପରାଜୟର କାରଣ ନିର୍ଦ୍ଦେଶ କରିଅଛନ୍ତି । ବାସ୍ତବରେ କଥାବସ୍ତୁଟି ଉକ୍ତ କାବ୍ୟ ଗ୍ରନ୍ଥରୁ ମୁଖ୍ୟତଃ ଗୃହୀତ ହୋଇଥିଲେ ହେଁ, ନାଟ୍ୟକାର କେତେକ ସ୍ଥାନରେ ଏହାର ପରିବର୍ତ୍ତନ କରି କଥାବସ୍ତୁକୁ ସର୍ବଥା ନାଟକୀୟ କରିବା ନିମନ୍ତେ ସଚେଷ୍ଟ ହୋଇଛନ୍ତି । (୪୪) ରାମଶଙ୍କର ରଙ୍ଗଲାଲଙ୍କ କାବ୍ୟରୁ ନାଟକୀୟ ପ୍ରେରଣା ଲାଭ କରିଅଛନ୍ତି । ଡକ୍ଟର ନଟବର ସାମନ୍ତରାୟ ଏ କଥାକୁ ଯଥାର୍ଥ ଭାବରେ ଉପଲବ୍ଧି କରିଅଛନ୍ତି — "ମୂଳ କିମ୍ବଦନ୍ତୀରେ ପୁରୁଷୋତ୍ତମଦେବ ଥିଲେ ଜଣେ ଆଦର୍ଶ ନରପତି, ପରମଭକ୍ତ, ଗମ୍ଭୀର ସ୍ୱଦେଶାନୁରାଗୀ ଓ ଅତୁଳ ବଳବୀର୍ଯ୍ୟଶାଳୀ । କିମ୍ବଦନ୍ତୀର ଏ ପୁରୁଷୋତ୍ତମ ଦେବ ପୂର୍ଣ୍ଣତଃ ଜଣେ ଐତିହାସିକ ବ୍ୟକ୍ତି । କିନ୍ତୁ ଏ ବ୍ୟକ୍ତିର ଐତିହାସିକତାକୁ ବାଦ ଦେଲେ ତାଙ୍କୁ ମଣିଷ ବୋଲି ଚିହ୍ନିବାର ତ କୌଣସି ଉପାୟ ନ ଥିଲା । ପୁରୁଷୋତ୍ତମ ଦେବଙ୍କର ଏଇ ବାସ୍ତବ ମାନବିକ ରୂପ ତାଙ୍କର ଐତିହାସିକ ବ୍ୟକ୍ତିତ୍ୱ ନିକଟରେ ଥିଲା ସଂପୂର୍ଣ୍ଣ ବିଲୁପ୍ତ । ଏଇ ବିଲୁପ୍ତ ମାନବିକ ରୂପର ପୁନଃସ୍ଥାପନ କିମ୍ବଦନ୍ତୀ କେତେକ ପରିମାଣରେ ପଦ୍ମାବତୀଙ୍କୁ କେନ୍ଦ୍ର କରି କରିଥିଲେ ହେଁ ପୁରୁଷୋତ୍ତମ ଦାସଙ୍କ ଓଡ଼ିଆ କାଞ୍ଚିକାବେରୀ ପୋଥି ଏଥିପ୍ରତି ଆଦୌ ଦୃଷ୍ଟି ଦେଇ ନାହିଁ । ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ବଙ୍ଗଳା କାଞ୍ଚିକାବେରୀ କାବ୍ୟର ଶେଷାଂଶରେ ରାଜହୃଦୟର ଦ୍ୱନ୍ଦ୍ୱ ଦେଖାଇ ଏଇ ମାନବିକ ରୂପର ପ୍ରଥମ ସଂକେତ ଦିଅନ୍ତି । ରାମଶଙ୍କର ଏଇଠୁ ପ୍ରେରଣା ପାଇ ପୁରୁଷୋତ୍ତମ ଦେବଙ୍କ ସେଇ ମାନବିକ ରୂପ ଓ ତାଙ୍କ ହୃଦୟର ଅନ୍ତର୍ଦ୍ୱନ୍ଦ୍ୱ ସାହାଯ୍ୟରେ ସମଗ୍ର ନାଟକକୁ ଏକ ସାର୍ଥକ ସୃଷ୍ଟିରେ ରୂପାୟନ କରି ଦେଇଅଛନ୍ତି । ଏଇ ମାନବିକତା ଓ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟ ନାଟକୀୟ ବୈଶିଷ୍ଟ୍ୟ ଆଙ୍ଗିକ ଭିତରେ ଫୁଟି ଉଠି ନାଟକଟିକୁ ଅତୀବ ମନୋଜ୍ଞ କରିଦେଇଛି ।" (୪୫)

୪୪ । ରାମଶଙ୍କର ରାୟ—ଓଡ଼ିଆ ନାଟ୍ୟ କଳା—ପୃ ୬୦/୪୧
୪୫ । ଡାଃ ନଟବର ସାମନ୍ତରାୟ—ଆଧୁନିକ ଓଡ଼ିଆ ସାହିତ୍ୟ ପୃ ୪୩୭

ରାମଶଙ୍କର ମାଦଳା ପାଞ୍ଜି ଅଧ୍ୟୟନ କରିଥିବେ ଏବଂ ସେଥିରୁ ମଧ୍ୟ କାଞ୍ଚିକାବେରୀ ପ୍ରସଙ୍ଗରେ ପରିଚୟ ଲାଭ କରିଥିବେ । ମାଦଳାପାଞ୍ଜିରେ ବର୍ଣ୍ଣିତ ଅଛି ଯେ ପୁରୁଷୋତ୍ତମଦେବ ତାଙ୍କ ରାଜତ୍ୱର ଦଶମ ଅଙ୍କରେ କାଞ୍ଚି ରାଜକନ୍ୟା ପଦ୍ମାବତୀ ସଂପର୍କରେ ଶୁଣି ତାଙ୍କୁ ବିବାହ କରିବା ଲାଗି ମଧ୍ୟସ୍ଥ ପଠାଇଥିଲେ, ମାତ୍ର କାଞ୍ଚିରାଜା ଏଥିରେ ସମ୍ମତ ନ ହେବାରୁ ପୁରୁଷୋତ୍ତମଦେବ କୋପ କରି ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ମହାସୁଆର ଶ୍ରୀଜଗନ୍ନାଥଙ୍କୁ ଏ କଥା ଜଣାଇବାରୁ ଜଗନ୍ନାଥ ନିଜେ ବଳଭଦ୍ରଙ୍କ ସହିତ ଧଳା ଘୋଡ଼ା ଓ କଳା ଘୋଡ଼ା ଚଢ଼ି ଯୁଦ୍ଧକୁ ଯିବାକୁ କହିଲେ । ବାଟରେ ସେମାନେ ମାଣିକା ଗଉଡୁଣୀଠାରୁ ଦହିଖାଇ ଯୁଦ୍ଧକୁ ଯାଇଥିଲେ । ଯୁଦ୍ଧରେ ଜୟ ଲାଭ କରି ପଦ୍ମାବତୀ ସହିତ କାଞ୍ଚିଗଣେଶଙ୍କୁ ନେଇ ସେ ପୁରୀକୁ ଫେରି ଆସିଥିଲେ । ବାଟରେ ଗୋଦାବରୀ ନଦୀକୁ ମନ୍ତ୍ରଦ୍ୱାରା ପ୍ଲାବିତ କରାଇ ଦେଇ କାଞ୍ଚିସେନାଙ୍କର ପ୍ରତି ଆକ୍ରମଣକୁ ବ୍ୟର୍ଥ କରିଦେଇଥିବାରୁ ଜନୈକ ବ୍ରାହ୍ମଣଙ୍କୁ ରାଜା ଗୋଦାବରୀ ମହାପାତ୍ର ପଦ ପ୍ରଦାନ କରିଥିଲେ । ତତ୍ପରେ ରାଜା ପଦ୍ମିନୀ କନ୍ୟାକୁ ବିବାହ କରିଥିଲେ । ମାଦଳାପାଞ୍ଜିର ଏହି ଜନଶ୍ରୁତି ବା କିମ୍ବଦନ୍ତୀ (୪୬) ପରବର୍ତ୍ତୀ କାଳରେ

---

୪୬ । ମାଦଳା ପାଞ୍ଜି—(ରାଜବଂଶ ଇତିହାସ)—ପୃ ୫୦/୫୧

—ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ—

"ସେଦିନ ରାତ୍ରରେ ମହାସ୍ୱାର ବହୁତ କାକୁସ୍ଥ ହୋଇ ମହାପ୍ରଭୁଙ୍କ ଶ୍ରୀମୁଖରେ ଜଣାଇଲେ । ପ୍ରଭୁଙ୍କର ସେହି ରାତ୍ରେ ଆଜ୍ଞା ହୋଇଲା । ସେ ତ ନ ମରିବ । ଆମ୍ଭେ ବିଜେ କଲେ ସେ ଗଡ଼ ମରିବ । ଆମ୍ଭେ କଳାବାରୁ ଧଳାବାରୁ ଚଢ଼ି ଆଗେ ବିଜେ କଲୁ । ତୁ ଯାଇଁ ରାଜାଙ୍କୁ କହ । ଆମ୍ଭ ଦକ୍ଷିଣ ପାଟେଶ୍ୱରୀ କଣରେ ଦୁର୍ଗାମାଧବ ମୂର୍ତ୍ତି ଦରଶନ କରି ଆମ୍ଭ ପଛେ ଯିବୁ । ଏହି ରୂପେ ମହାସ୍ୱାର କହିଲେ । ପାତ୍ରମାନେ ବହୁତ ଭଙ୍ଗାଇ ରାଜାଙ୍କୁ କହିଲେ । ସେ ତାହା ମାନି ଦକ୍ଷିଣ କୋଣେ ଦୁର୍ଗାମାଧବ ମୂର୍ତ୍ତିକି ଦରଶନ କରି ବିଜେ କରିଗଲେ । କିଛି ଦୂର ଗଲା ଉତ୍ତାରୁ ମନେ ବିଚାରିଲେ ମହାପ୍ରଭୁଙ୍କର କିଛି ସଙ୍କେତ ନ ପାଇଲୁ । ଏହା ପ୍ରଭୁ ଜାଣି ଗଉଡୁଣୀଠାରେ ବନ୍ଧ ମୁଦି ଦେଇଗଲେ । ସେ ମୁଦି ରାଜା ପାଇ ବହୁତ କାକୁସ୍ଥ ହୋଇ ମଥାରେ ଲଗାଇଲେ । × × × ତହିଁକି ବ୍ରାହ୍ମଣ କହିଲେ ଆପଣେ ବିଜେ କର । ମୁଁ ଏଠାରେ ଜପ କରି ଗୋଦାବରୀ ବଢ଼ାଇବି । ସେ ରାଜା ଫେରିଯିବ । ସେହିରୂପେ ସେଠାରେ ରହି କର୍ମ କରି ଗୋଦାବରୀ ବଢ଼ାଇଲେ । ଏହା ଦେଖି ସେ ରାଜା ଫେରିଗଲା । × × × ଏ ଉତ୍ତାରୁ ସେ ପଦ୍ମିନୀ କନ୍ୟାକୁ ରାଜା ବିଭା ହେବାକୁ ରାଜା ସ୍ୱୀକାର ନ କଲେ । ବହୁତ ଲୋକ ରାଜାଙ୍କୁ ପ୍ରବୋଧ କରି ସେ କନ୍ୟାକୁ ବିଭା କରାଇଲେ ।"

ପୁରୁଷୋତ୍ତମ ଦାସଙ୍କୁ 'କାଞ୍ଚିକାବେରୀ' କାବ୍ୟ ରଚନା କରିବାକୁ ପ୍ରେରଣା ପ୍ରଦାନ କରିଥିଲା । ତେବେ ମାଦଳାପାଞ୍ଜିର କଙ୍କାଳ ଉପରେ ପୁରୁଷୋତ୍ତମ ଦାସ କାବ୍ୟିକ କଳ୍ପନା ବିଳାସ ସାହାଯ୍ୟରେ ରଚନା କଲେ ଏକ ରମଣୀୟ କାବ୍ୟସୌଧ । ଏହି ଘଟଣା ମଧ୍ୟ ବଳରାମଦାସଙ୍କ 'ବେଢ଼ା ପରିକ୍ରମା'ରେ ସ୍ଥାନ ପାଇଅଛି । କେବଳ ଏତିକି ନୁହେଁ ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି ରସାମୃତ'ର 'ବଣ୍ଡ ବିପ୍ର ଶ୍ରେଷ୍ଠ ବିପ୍ର ସମ୍ବାଦ', 'କଟକର ରାଜବଂଶାବଳୀ', 'ଚକଡ଼ାବିସାଣ' ପ୍ରଭୃତି ପୁସ୍ତକରେ କାଞ୍ଚିକାବେରୀ ଜନଶ୍ରୁତିଟି ପ୍ରଭାବ ବିସ୍ତାର କରିଥିବା ଲକ୍ଷ୍ୟ କରାଯାଏ ।

ରାମଶଙ୍କର 'କାଞ୍ଚିକାବେରୀ' ନାଟକ ରଚନା କଲାବେଳକୁ ତାଙ୍କ ଆଗରେ ରଙ୍ଗଲାଲଙ୍କ ବଙ୍ଗଳା 'କାଞ୍ଚିକାବେରୀ' କାବ୍ୟ ସଦ୍ୟ ପ୍ରେରଣା ଭାବରେ ବିଦ୍ୟମାନ ଥିଲା । କାରଣ ଏହି କାବ୍ୟର ନାଟକୀୟ ଉପସ୍ଥାପନା, ପୁରୁଷୋତ୍ତମଦେବଙ୍କ ହୃଦୟର ମାନବିକ ଅନ୍ତର୍ଦ୍ୱନ୍ଦ୍ୱ ତାଙ୍କୁ ନାଟକ ଲେଖିବାକୁ ପ୍ରେରଣା ପ୍ରଦାନ କରିଅଛି । ପୁରୁଷୋତ୍ତମ ଦାସଙ୍କ କାବ୍ୟ 'କାଞ୍ଚିକାବେରୀ'ରୁ ସେ ବିଭିନ୍ନ ଚରିତ୍ର, ଭାବାବିନ୍ୟାସ ଓ ବିଷୟ ସଂସ୍ଥାନକୁ ଗ୍ରହଣ କରିଥିଲେହେଁ ସେଥିରୁ ନାଟକୀୟ ଚିତ୍ତବୃତ୍ତିର ପରିଚୟ ପାଇ ନାହାନ୍ତି । ଏଥିପାଇଁ ସେ ଅନେକ ସ୍ଥଳମାନଙ୍କରେ ରଙ୍ଗଲାଲଙ୍କ ବଙ୍ଗଳା କାଞ୍ଚିକାବେରୀ ନିକଟରେ ଋଣୀ । ତେବେ ସେ ମାଦଳାପାଞ୍ଜିର ବିବରଣୀକୁ ସ୍ମରଣ ପଥରେ ଆଣି ପୁରୁଷୋତ୍ତମ ଦାସଙ୍କ କାବ୍ୟର ଉପାଦାନକୁ ପୁଞ୍ଜି କରି ରଙ୍ଗଲାଲଙ୍କ କାବ୍ୟରେ ମାନବିକ ଅନ୍ତର୍ଦ୍ୱନ୍ଦ୍ୱ—ଚରିତ୍ର ସଂଘର୍ଷ ଓ ନାଟକୀୟ ସଂସ୍ଥାନକୁ ମୁଖ୍ୟ ଉପଜୀବ୍ୟ କରି ରଚନା କଲେ 'କାଞ୍ଚିକାବେରୀ' ନାଟକ । ଏହାର ନେପଥ୍ୟରେ ଜନଶ୍ରୁତି-କିମ୍ବଦନ୍ତୀ-ଇତିହାସ-କାବ୍ୟ କବିତା ଓ ଭକ୍ତିଚରିତ୍ରର ପ୍ରଚ୍ଛନ୍ନ ପ୍ରେରଣା ଥିଲେହେଁ ପୁରୁଷୋତ୍ତମ ଦାସ ଓ ରଙ୍ଗଲାଲଙ୍କ କାବ୍ୟଦ୍ୱୟ ହିଁ ତାଙ୍କୁ ନାଟକ ଲେଖିବାକୁ ଉଦ୍‌ବୋଧନ କରିଛି । ବଙ୍ଗଳା କାବ୍ୟର ମାନବିକ ଅନ୍ତର୍ଦ୍ୱନ୍ଦ୍ୱ ସହିତ ଜାତୀୟତାର ସ୍ୱରଲିପି ତରୁଣ ନାଟ୍ୟକାର ରାମଶଙ୍କରଙ୍କ ଚିତ୍ତବୃତ୍ତିରେ ପ୍ରକୃତରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଛି ତାହା ହିଁ 'କାଞ୍ଚିକାବେରୀ' ନାଟକ ରଚନାର ମୁଖ୍ୟ ପ୍ରାଣସ୍ପନ୍ଦନ—ଏ କଥା କହିଲେ ସତ୍ୟର ଅପଳାପ ହେବ ନାହିଁ ।

## 'କାଞ୍ଚିକାବେରୀ' ନାଟକର ଐତିହାସିକ ଭାବ-ତରଙ୍ଗ

'କାଞ୍ଚିକାବେରୀ' ନାଟକର ଉପାଦାନ ଐତିହାସିକ କିମ୍ବା କିମ୍ବଦନ୍ତୀ-ମୂଳକ;—ଏ ସମ୍ପର୍କରେ ଆଲୋଚକମାନଙ୍କ ମଧ୍ୟରେ ମତଦ୍ୱିଧା ଦେଖାଯାଇଥାଏ । ଡକ୍ଟର ନଟବର ସାମନ୍ତରାୟ କହନ୍ତି—"କାଞ୍ଚିକାବେରୀର ବିଷୟବସ୍ତୁ ଐତିହାସିକ ନୁହେଁ; ଏହା ପୂର୍ଣ୍ଣତଃ କିମ୍ବଦନ୍ତୀମୂଳକ । କିନ୍ତୁ ନାଟକରେ ନାଟ୍ୟରସର ବିକାଶ

ପାଇଁ ଏ ବିଷୟବସ୍ତୁ ସୁସଂଯତ ଓ ସୁସଙ୍ଗତ ଭାବେ ସୁସଜ୍ଜିତ ।" (୪୭) ଡକ୍ଟର ସାମନ୍ତରାୟ ଯଦିଓ ରାମଶଙ୍କରଙ୍କ ନାଟକର ଶ୍ରେଣୀବିଭାଗ କଲାବେଳେ 'କାଞ୍ଚୀକାବେରୀ'କୁ ଐତିହାସିକ ନାଟକ ଶ୍ରେଣୀଭୁକ୍ତ କରିଅଛନ୍ତି, କିନ୍ତୁ ଆଲୋଚନା ବେଳେ ଏହାକୁ କିମ୍ବଦନ୍ତୀମୂଳକ ନାଟକ କହିଅଛନ୍ତି, ଡକ୍ଟର ମାୟାଧର ମାନସିଂହ କିନ୍ତୁ କାଞ୍ଚୀକାବେରୀର ଐତିହାସିକ ଗୌରବକୁ ସ୍ୱୀକାର କରିଅଛନ୍ତି । (୪୮) ଡକ୍ଟର ହେମନ୍ତ କୁମାର ଦାସ 'କାଞ୍ଚୀକାବେରୀ' ଘଟଣାର ଐତିହାସିକତା ଉପରେ ନିଃସନ୍ଦେହ । (୪୯) ଅପରପକ୍ଷରେ ଡକ୍ଟର ରତ୍ନାକର ଚଇନି କହନ୍ତି—"ରାମଶଙ୍କରଙ୍କ ନାଟକ ଇତିହାସ-ଭିତ୍ତିକ ହୋଇ ନ ପାରି ଅତିଶକ୍ତିକ ଓ କିମ୍ବଦନ୍ତୀମୂଳକ ହୋଇ-ପଡ଼ିଛି ।" (୫୦) ଗିରିଜାଶଙ୍କର ରାୟ 'ଓଡ଼ିଆ ନାଟ୍ୟକଳା' ପୁସ୍ତକରେ ମତ ଦେଇଛନ୍ତି—"ଏହି ଗୌରବମୟ କାହାଣୀ ଓ ଉତ୍କଳୀୟ ସେନାମାନଙ୍କର କାଞ୍ଚୀବିଜୟ ଉତ୍କଳ ଇତିହାସର ଏକ ବିଶିଷ୍ଟ ଅଂଶ ଥିବାରୁ ଏହି ବିଷୟଟି ପ୍ରଥମ ଓଡ଼ିଆ ନାଟକରେ ଗୃହୀତ ହେବା ସ୍ୱାଭାବିକ ହୋଇଅଛି ।" (୫୧) ସମାଲୋଚକ ଦାଶରଥି ଦାସ କହନ୍ତି—"କିମ୍ବଦନ୍ତୀର ସହଜ ବିଶ୍ୱାସ ଓ ଇତିହାସର ସାମାନ୍ୟ ଉପାଦାନ ନେଇ କାଞ୍ଚୀକାବେରୀ ଆତ୍ମପ୍ରକାଶ କରିଛି ।" (୫୨) 'କାଞ୍ଚୀକାବେରୀ' ନାଟକର ଜଗନ୍ନାଥ-ବଳଭଦ୍ରଙ୍କର ଭକ୍ତି-ବାତ୍ସଲ୍ୟ ସହିତ ଉତ୍କଳ-ଇତିହାସ ପ୍ରସିଦ୍ଧ ଜାତୀୟ ବୀରପୁରୁଷ ପୁରୁଷୋତ୍ତମଦେବଙ୍କ ଚରିତ୍ରର ମାନବିକ ଚିତ୍ତ-ସଂଘର୍ଷ ଅଭିବ୍ୟଞ୍ଜିତ । ଡକ୍ଟର ଗଗନେନ୍ଦ୍ର ନାଥ ଦାଶ କାଞ୍ଚୀକାବେରୀର ଐତିହାସିକତାକୁ ସ୍ୱୀକାର ନ କରି ଏହାକୁ ଏକ ଜନଶ୍ରୁତି ଭାବରେ ଗ୍ରହଣ କରିଅଛନ୍ତି । ସେ କହନ୍ତି "କାଞ୍ଚୀକାବେରୀ ବୋଧହୁଏ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଓ ଲୋକପ୍ରିୟ କିମ୍ବଦନ୍ତୀ ।" (୫୩) ଏହି ଜନଶ୍ରୁତି ମାଧ୍ୟମରେ ସେ ଓଡ଼ିଶାର ଜାତୀୟ ଆତ୍ମାକୁ ଚିହ୍ନିବାକୁ ଉଦ୍ୟମ କରି ଅଛନ୍ତି । "ପୁଣି ଗୋଟିଏ ଜାତିର ଆତ୍ମାକୁ ଚିହ୍ନିବା ପାଇଁ ହେଲେ ଜନଶ୍ରୁତିକୁ ବିଚାର ପରିସର ମଧ୍ୟରୁ ବାଦଦେବା ଏକାନ୍ତ ଅସମ୍ଭବ କାରଣ ଦେଶ ବା ଜାତିର ଆତ୍ମାର ପ୍ରତିଫଳନ ଜନଶ୍ରୁତି ଭିତରେ ହିଁ ଦେଖିବା ପାଇଁ ମିଳେ ।" (୫୪)

---

୪୭ । ଡକ୍ଟର ନଟବର ସାମନ୍ତରାୟ—ଆଧୁନିକ ଓଡ଼ିଆ ସାହିତ୍ୟ—ପୃ ୪୩୫

୪୮ । ଡକ୍ଟର ମାୟାଧର ମାନସିଂହ—ଓଡ଼ିଆ ସାହିତ୍ୟର ଇତିହାସ—ପୃ ୩୧୨

୪୯ । ଡକ୍ଟର ହେମନ୍ତ କୁମାର ଦାସ—ଓଡ଼ିଆ ନାଟକର ବିକାଶଧାରା—ପୃ ୧୫୪

୫୦ । ଡକ୍ଟର ରତ୍ନାକର ଚଇନି—ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ—ପୃ ୩୦୭

୫୧ । ଗିରିଜାଶଙ୍କର ରାୟ—ଓଡ଼ିଆ ନାଟ୍ୟକଳା—ପୃ ୪୦

୫୨ । ଦାଶରଥି ଦାସ—ସାହିତ୍ୟ ସନ୍ଧାନ—ପୃ ୭୧

୫୩ । ଡକ୍ଟର ଗଗନେନ୍ଦ୍ର ନାଥ ଦାଶ—ଜନଶ୍ରୁତି କାଞ୍ଚୀକାବେରୀ—ପୃ ୧୩

୫୪ । ଡକ୍ଟର ଗଗନେନ୍ଦ୍ର ନାଥ ଦାଶ—ତତ୍ରୈବ—ପୃ ୨

କାଞ୍ଚୀକାବେରୀ ଜନଶ୍ରୁତିକୁ ସେ ମାଦଳାପାଞ୍ଜି, ଚକଡ଼ା ବଖାଣ, ବେଢ଼ା ପରିକ୍ରମା, କାଞ୍ଚୀକାବେରୀ କାବ୍ୟ, ଦାର୍ଢ୍ୟତା ଭକ୍ତି ରସାମୃତ, କଟକ ରାଜବଂଶାବଳୀ ଆଦି ସୂତ୍ରକମାନଙ୍କରେ ଲକ୍ଷ୍ୟ କରିଅଛନ୍ତି । ଏହି ଜନଶ୍ରୁତି କିପରି ଭାବରେ ଓଡ଼ିଶାର ଅଗଣିତ ଗଣଜୀବନକୁ ପ୍ରଭାବିତ କରି ଏକ ଜାତୀୟ ଆତ୍ମା ରୂପେ ପ୍ରତିଷ୍ଠା ଲାଭ କରି ଆସିଛି ତାର ବିଶ୍ଳେଷଣ କରିଅଛନ୍ତି । ମୂଳ କିମ୍ବଦନ୍ତୀରେ କାଞ୍ଚୀ ରାଜକନ୍ୟା ପଦ୍ମାବତୀ ସହିତ ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବଙ୍କର ବିବାହ ପ୍ରସ୍ତାବ, ରଥଯାତ୍ରାବେଳେ ପୁରୁଷୋତ୍ତମଦେବଙ୍କର ଛେରାପହଁରା କାର୍ଯ୍ୟରେ କାଞ୍ଚୀ ରାଜାଙ୍କର ବିତୃଷ୍ଣା ଓ ବିବାହ ପ୍ରସ୍ତାବରେ ଅରାଜି ପୁରୁଷୋତ୍ତମଦେବଙ୍କର କାଞ୍ଚୀ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା ଓ ପଦ୍ମାବତୀଙ୍କୁ ଚଣ୍ଡାଳ ସହିତ ବିବାହ ଦେବା ପାଇଁ ଧମକି, ପ୍ରଥମ ଥର ଯୁଦ୍ଧରେ ପୁରୁଷୋତ୍ତମଦେବଙ୍କର ପରାଜୟ, ଦ୍ୱିତୀୟ ଥର ଜଗନ୍ନାଥଙ୍କ ଆଜ୍ଞାରେ ଯୁଦ୍ଧଯାତ୍ରା ଓ ଜଗନ୍ନାଥ ବଳଭଦ୍ରଙ୍କର ସୈନିକବେଶରେ ଯୁଦ୍ଧକ୍ଷେତ୍ରକୁ ଗମନ, ବାଟରେ ମୁଦି ବନ୍ଧା ଦେଇ ମାଣିକୀ ଗୌଡ଼ୁଣୀଠାରୁ ଦଧିପାନ, ପୁରୁଷୋତ୍ତମଦେବ ମାଣିକୀଠାରୁ ସମସ୍ତ କଥା ଶୁଣି ତାର ନାମରେ ମାଣିକପାଟଣା ଗ୍ରାମ ସ୍ଥାପନ, ଯୁଦ୍ଧରେ ପୁରୁଷୋତ୍ତମ ଦେବଙ୍କର ବିଜୟ, ପଦ୍ମାବତୀଙ୍କ ସହ ଗୋପାଳ ଓ ଗଣେଶ ମୂର୍ତ୍ତି ନେଇ ପୁରୀକୁ ପ୍ରତ୍ୟାବର୍ତ୍ତନ, ପର ବର୍ଷ ରଥଯାତ୍ରାବେଳେ ରାଜା ଛେରାପହଁରା କରୁଥିଲା ସମୟରେ ମନ୍ତ୍ରୀଙ୍କ କୌଶଳରେ ପଦ୍ମାବତୀଙ୍କର ପୁରୁଷୋତ୍ତମଦେବଙ୍କୁ ବରମାଳା ପ୍ରଦାନ ଘଟଣା ବର୍ଣ୍ଣିତ ହୋଇଥିଲା ବେଳେ ପରବର୍ତ୍ତୀ କାଳରେ ଏଥିରେ ଅନେକ ଉପ-ଜନଶ୍ରୁତି ଯୋଡ଼ି ଦିଆଯାଇଅଛି । ସେହି ଉପଜନଶ୍ରୁତିଗୁଡ଼ିକ ହେଲା ଜଗନ୍ନାଥଙ୍କ ଭକ୍ତ ଦାସ ମହାସୁଆରକୁ ପୁରୁଷୋତ୍ତମଦେବଙ୍କର ବନ୍ଦୀ କରିବା ଓ ଜଗନ୍ନାଥଙ୍କ ଆଦେଶରେ ମୁକ୍ତ କରିଦେବା, ଗୋଦାବରୀ ମିଶ୍ରଙ୍କର ମନ୍ତ୍ର ବଳରେ ଗୋଦାବରୀ ନଦୀରେ ପ୍ରବଳ ବନ୍ୟା ସୃଷ୍ଟି ହେବା ଓ କାଞ୍ଚୀସେନାଙ୍କର ପ୍ରତିଆକ୍ରମଣରେ ବାଧା ସୃଷ୍ଟି କରିବା, ଜଗନ୍ନାଥ-ବଳଭଦ୍ରଙ୍କର ମିଠର ସାହୁ ଗୁଡ଼ିଆଠାରୁ ପଣା ଖାଇ ଘୋଡ଼ାକୋରଡ଼ା ବନ୍ଧା ଦେବା, ସାକ୍ଷୀଗୋପାଳଙ୍କ ପୂର୍ବ ବୃତ୍ତାନ୍ତ । ଏହି ସମସ୍ତ ଜନଶ୍ରୁତିଗୁଡ଼ିକ ମାଦଳା ପାଞ୍ଜିରେ ସୂଚିତ ହୋଇଥିଲା ବେଳେ ପରବର୍ତ୍ତୀ କାବ୍ୟ କବିତା ଓ ନାଟକାବଳୀରେ ବହୁ ଭାବରେ ପଲ୍ଲବିତ ହୋଇଅଛି । ଏହି ଜନଶ୍ରୁତି-ଗୁଡ଼ିକର ପ୍ରଭାବ ଗଣଜୀବନକୁ ଏପରି ଭାବରେ ପ୍ରଭାବିତ କରିଦେଇଛି ଯେ ଏଥିରୁ ପ୍ରକୃତ ଐତିହାସିକ ସତ୍ୟକୁ ଖୋଜି ବାହାର କରିବା ଦୁଷ୍କର ହୋଇ ପଡ଼ୁଛି । ଐତିହାସିକ କାଞ୍ଚୀଯୁଦ୍ଧ ଓ ଐତିହାସିକ ଚରିତ୍ର ପୁରୁଷୋତ୍ତମ ଦେବ ତଥା କାଞ୍ଚୀରାଜା ଜନଶ୍ରୁତିର ଧୂମ୍ରାଲୋକ ମଧ୍ୟରେ ନିଷ୍ପ୍ରଭ ହୋଇ ଯାଇଅଛି ଏବଂ ସେଥିରୁ ଗଣ ହୃଦୟରେ ସରଳ ବିଶ୍ୱାସ ଓ ଅଲୌକିକ ଭକ୍ତିଭାବ ଏବଂ ଜଗନ୍ନାଥପ୍ରାଣତାର ପ୍ରାଧାନ୍ୟ ଫୁଟି ଉଠିଛି । ଏହି ଜନଶ୍ରୁତି ଏପରି ପ୍ରଭାବ ବିସ୍ତାର କରିଛି ଯାହା ଫଳରେ ପୁରୁଷୋତ୍ତମ ଦାସ "କାଞ୍ଚୀକାବେରୀ" କାବ୍ୟରେ ମାଣିକୀକୁ ଦ୍ୱାପର ଯୁଗର କୃଷ୍ଣ

ପ୍ରିୟତମା ଶ୍ରୀରାଧା ରୂପେ ପରିକଳ୍ପନା କରି ମାଣିକାର ପିତାଙ୍କ ନାମ କୃଷ୍ଣ ବେହେରା ଓ ସ୍ୱାମୀର ନାମ ଚନ୍ଦ୍ର ବେହେରା ବୋଲି ବର୍ଣ୍ଣନା କରି ମାଣିକା ଓ ଶ୍ରୀରାଧା, ଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଅଭେଦତ୍ୱ ପ୍ରତିପାଦନ କରିଅଛନ୍ତି ।

ମୂଳ ଜନଶ୍ରୁତିଟି କେବଳ ହିଁ ଜନଶ୍ରୁତି; ଏହା ଇତିହାସ ନୁହେଁ—ଏପରି ମତ ପ୍ରଦାନ କରାଯାଇଥିଲେହେଁ ଅନେକ ଗବେଷକ ଓ ଆଲୋଚକ ଏହାର ଐତିହାସିକ ସତ୍ୟକୁ ଅସ୍ୱୀକାର କରି ନାହାନ୍ତି । ସର୍ବପ୍ରଥମେ ଷ୍ଟର୍ଲିଂ ୧୮୨୨ ମସିହାରେ ଆଲୋଚ୍ୟ ଜନଶ୍ରୁତିର ଅଲୌକିକତା ଓ ଅତିରଞ୍ଜନତାକୁ ବାଦ ଦେଇ ତାର ଐତିହାସିକ ଗୁରୁତ୍ୱକୁ ପ୍ରକାଶ କରିଥିଲେ । (୫୫) ପରେ ହଣ୍ଟର ମଧ୍ୟ ତାଙ୍କର Ori sa ଗ୍ରନ୍ଥରେ ଉଲ୍ଲେଖ କରିଥିଲେ ଯେ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାର ଦାକ୍ଷିଣାତ୍ୟ ଅଭିଯାନର ଏକମାତ୍ର ସଂରକ୍ଷଣ ଯୋଗ୍ୟ କାହାଣୀ ହେଉଛି କାଞ୍ଚିଅଭିଯାନ ଘଟଣା । (୫୬) ରାଜେନ୍ଦ୍ରଲାଲ ମିତ୍ର ମଧ୍ୟ Antiquities of O i.sa ଗ୍ରନ୍ଥର ଦ୍ୱିତୀୟ ଖଣ୍ଡରେ ଏହି ଜନଶ୍ରୁତିର ସୂଚନା ପ୍ରଦାନ କରିଅଛନ୍ତି । ପ୍ୟାରୀମୋହନ ଆଚାର୍ଯ୍ୟ ତାଙ୍କର "ଓଡ଼ିଶାର ଇତିହାସ" ଗ୍ରନ୍ଥରେ ଏହି ଜନଶ୍ରୁତିର ବାହୁଲ୍ୟ ସମ୍ପର୍କରେ ସଚେତନ ଥିଲେ ମଧ୍ୟ ଏହାର ଐତିହାସିକ ସତ୍ୟତାକୁ ଅସ୍ୱୀକାର କରି ନାହାନ୍ତି । (୫୭) ତାରିଣୀଚରଣ ରଥ ଆଲୋଚ୍ୟ ଜନଶ୍ରୁତିର ଐତିହାସିକତାକୁ ସ୍ୱୀକାର କରି ନେଇ ପୁରୁଷୋତ୍ତମ ଦେବଙ୍କର କାଞ୍ଚି ଅଭିଯାନକୁ କର୍ଣ୍ଣାଟ ବା ବିଜୟ-ନଗର ଅଭିଯାନ ବୋଲି ମତ ଦେଇଛନ୍ତି । (୫୮) ସେ ପୁଣି ବିଜୟନଗର ସମ୍ରାଟ ବିରୂପା ଦେବରାୟଙ୍କର ପ୍ରଧାନ ମନ୍ତ୍ରୀ ଓ ସେନାପତି ସାଳୁ-ନରସିଂହଙ୍କ ସହ ପୁରୁଷୋତ୍ତମଦେବଙ୍କର ଯୁଦ୍ଧ ୧୪୭୦ରୁ ୧୪୮୦ ମସିହା ମଧ୍ୟରେ ହୋଇଥିଲା ବୋଲି ଉଲ୍ଲେଖ କରି ଜନଶ୍ରୁତିର ପଦ୍ମାବତୀଙ୍କ ନାମ ରୂପାମ୍ବିକା ଥିଲା ବୋଲି ମତ ଦେଇ ଅଛନ୍ତି; କିନ୍ତୁ ଡକ୍ଟର ଗଗନେନ୍ଦ୍ର ନାଥ ଦାଶ କହିଛନ୍ତି ଯେ କର୍ଣ୍ଣାଟ ରାଜାଙ୍କ ମନ୍ତ୍ରୀଙ୍କ ନାମ ରୂପାମ୍ବିକା ଥିବାର ଉଲ୍ଲେଖ 'ସରସ୍ୱତୀ ବିଳାସଃ'ରେ ଥିଲେ ମଧ୍ୟ ରୂପାମ୍ବିକା ତାଙ୍କର କନ୍ୟା ବା ପୁରୁଷୋତ୍ତମଦେବ କର୍ଣ୍ଣାଟ ରାଜକନ୍ୟାକୁ ବିବାହ କରିଥିବା ପ୍ରସଙ୍ଗର ଉଲ୍ଲେଖ ନାହିଁ । (୫୯) କୃପାସିନ୍ଧୁ ମିଶ୍ର 'ଉତ୍କଳ ଇତିହାସ'ରେ

---

୫୬ । "The centuries of expedition of the southward have left but a single tradition worth preserving"
W: W. Hunter Orissa—(1872) P, 320

୫୭ । ପ୍ୟାରୀମୋହନ ଆଚାର୍ଯ୍ୟ – ଓଡ଼ିଶାର ଇତିହାସ – ପୃ ୮୧

୫୮ । ତାରିଣୀଚରଣ ରଥ –Purusottama Deva, King of Orissa (J. B. & O. R S. Vol V P. 146—149)

୫୯ । ଗଗନେନ୍ଦ୍ର ନାଥ ଦାଶ—ଜନଶ୍ରୁତି କାଞ୍ଚିକାବେରୀ – ପୃ ୨୨

କାଞ୍ଚିକାବେରୀ ଜନଶ୍ରୁତିର ଐତିହାସିକତାକୁ ବିଶ୍ୱାସ କରିଅଛନ୍ତି । (୬୦) ଜଗବନ୍ଧୁ ସିଂହ ମଧ୍ୟ 'ପ୍ରାଚୀନ ଉତ୍କଳ'ରେ ଏହି ଘଟଣାର ଐତିହାସିକତାକୁ ସ୍ୱୀକାର କରନ୍ତି । (୬୧) ରାଖାଲ ଦାସ ବାନାର୍ଜୀ ମଧ୍ୟ କାଞ୍ଚିକାବେରୀ କାବ୍ୟର କଥାବସ୍ତୁକୁ କପୋଳକଳ୍ପିତ କହି କାଞ୍ଚିଯୁଦ୍ଧର ଐତିହାସିକତାକୁ ସ୍ୱୀକାର କରି ଅଛନ୍ତି । (୬୨) ପ୍ରଭାତ ମୁଖାର୍ଜୀ କାଞ୍ଚିଯୁଦ୍ଧ ସମ୍ପର୍କିତ ଜନଶ୍ରୁତିର ଐତିହାସିକ ସତ୍ୟତାକୁ ପ୍ରମାଣ କରିବାକୁ ଉଦ୍ୟମ କରିଥିଲାବେଳେ (୬୩) ଡକ୍ଟର ହରେକୃଷ୍ଣ ମହତାବ ଏହି ଜନଶ୍ରୁତିର ଐତିହାସିକତାରେ ବିଶ୍ୱାସ କରିଅଛନ୍ତି । ସେ ପ୍ରତାପରୁଦ୍ରଦେବଙ୍କ ଜନନୀ ଓ ପୁରୁଷୋତ୍ତମଦେବଙ୍କ ପତ୍ନୀ ରୂପାମ୍ବିକା ବୋଲି ମତ ଦେଇଅଛନ୍ତି । ଏହି ରୂପାମ୍ବିକା ପରବର୍ତ୍ତୀ କାଳରେ ପଦ୍ମାବତୀ ନାମ ଧାରଣ କରିଅଛି । (୬୪) ପଣ୍ଡିତ ନୀଳକଣ୍ଠ ଦାସ ବୈରୀପକ୍ଷଙ୍କୁ ମୈତ୍ରୀଧର୍ମ ଭାବରେ ଗ୍ରହଣ କରି—"ଏହି ମୈତ୍ରୀଧର୍ମର ପାଳନରେ ବ୍ୟାଘାତ ଘଟିବାରୁ ପୁରୁଷୋତ୍ତମଦେବଙ୍କର କାଞ୍ଚି ଅଭିଯାନ" (୬୫) କଥା ଉଲ୍ଲେଖ କରି ଅଛନ୍ତି ଏବଂ ସେ ପୁନଶ୍ଚ କହନ୍ତି—"କାଞ୍ଚି ରାଜକନ୍ୟା ପଦ୍ମାବତୀ ଓ ଓଡ଼ିଶା ସମ୍ରାଟ ପୁରୁଷୋତ୍ତମ—ଏ ଦୁହିଁଙ୍କ ବିଭାଘର କଥା ଏ ଦେଶରେ ସାଧାରଣ କିମ୍ବଦନ୍ତୀ । ଇତିହାସର ସତ୍ୟରେ ତାର ପ୍ରତିଷ୍ଠା ଯେ ଦୃଢ଼, ସେଥିପାଇଁ 'ସାକ୍ଷୀଗୋପାଳ' ଓ 'କାଞ୍ଚିଗଣେଶ'ଙ୍କ ପରି ସ୍ମାରକମାନେ ମଧ୍ୟ ପ୍ରମାଣରୂପେ ବିଦ୍ୟମାନ ।" (୬୬) କିନ୍ତୁ ଏଥିରେ ଥିବା ଜଗନ୍ନାଥ-ବଳଭଦ୍ରଙ୍କର ଧଳାଘୋଡ଼ା କଳାଘୋଡ଼ା ଚଢ଼ି ଯୁଦ୍ଧକୁ ଯାତ୍ରା କରିବା ଓ ମାଣିକାଠାରୁ ଦହି ଖାଇବା ପ୍ରସଙ୍ଗକୁ ସେ ପ୍ରାଚୀନ ଅସିରିଆ ସଭ୍ୟତାର କିମ୍ବଦନ୍ତୀ ସହିତ ଯୋଡ଼ି ଏହାକୁ ଆକ୍ଷରିକ ମିଥ୍ୟା କହିଛନ୍ତି । ସେ ଏ ପ୍ରସଙ୍ଗରେ ମତ ଦେଇଛନ୍ତି—"ଏଥିରେ କୌଣସି ବାସ୍ତବ ବୃତ୍ତି ନାହିଁ, କି ଐତିହାସିକ ସତ୍ୟ ନାହିଁ, ଥାଇ ନପାରେ ।" (୬୭) "ମାଣିକ ଗଉଡୁଣୀ

୬୦ । କୃପାସିନ୍ଧୁ ମିଶ୍ର—ଉତ୍କଳ ଇତିହାସ—(୯୨୭)—ପୃ ୧୩୪।୧୩୫

୬୧ । ଜଗବନ୍ଧୁ ସିଂହ—ପ୍ରାଚୀନ ଉତ୍କଳ—ପୃ ୩୭୨।୩୭୩

୬୨ । R.D. Banerji—History of Orissa Vol 1 (1930)—P. 215 P 317

୬୩ । ପ୍ରଭାତ ମୁଖାର୍ଜୀ—'Historicity of Kanchi-Kaveri Tradition'—I H Q Vol XXI No1—P 34

୬୪ । ହରେକୃଷ୍ଣ ମହତାବ—ଓଡ଼ିଶା ଇତିହାସ—୧ମ ଖ—ପୃ ୨୫୮ / ୨୫୯

୬୫ । ପଣ୍ଡିତ ନୀଳକଣ୍ଠ ଦାସ—ଓଡ଼ିଆ ସାହିତ୍ୟର କ୍ରମପରିଣାମ—ପୃ ୩୦୮

୬୬ । ତତ୍ରୈବ—ପୃ ୩୩୭

୬୭ । ତତ୍ରୈବ—ପୃ ୩୮୨/୩୮୩

ଆଖ୍ୟାନଟି ଗୋଟିଏ ଭକ୍ତଙ୍କ ମନଗଢ଼ା ମିଥ୍ୟା ।" (୬୮) ଡକ୍ଟର ବଂଶୀଧର ମହାନ୍ତି କାଂଚିକାବେରୀ ଯୁଦ୍ଧକୁ ଐତିହାସିକ ଘଟଣା ରୂପେ ଗ୍ରହଣ କରି ଏଥିରେ ଥିବା ଅତିପ୍ରାକୃତ ଓ ଅଲୌକିକ ଘଟଣାକୁ ଇତିହାସର ଅନ୍ତର୍ଭୁକ୍ତ କରି ନାହାନ୍ତି । ସେ ପ୍ରସଙ୍ଗକ୍ରମେ ଆସାମର 'ବୁରୁଞ୍ଜି'ରେ କାଂଚିକାବେରୀ କିମ୍ବଦନ୍ତୀ ପରିବର୍ତ୍ତିତ ରୂପେ ସ୍ଥାନ ପାଇଥିବା କଥା ଦର୍ଶାଇଅଛନ୍ତି ଓ 'ଫୁଲ୍ଲ-କଳିଙ୍ଗ ଜାତକ'ରେ ଅନୁରୂପ କାହାଣୀ ଥିବା କହି ଏହାର ଐତିହାସିକତାକୁ ଅସ୍ୱୀକାର କରିଅଛନ୍ତି । (୬୯) ଡକ୍ଟର ନବୀନ କୁମାର ସାହୁ ପୁରୁଷୋତ୍ତମଦେବଙ୍କର ବିଜୟନଗର ସାମ୍ରାଜ୍ୟର ଅଧୀଶ୍ୱର ସାଳୁ ନରସିଂହଙ୍କ ସହିତ ଯୁଦ୍ଧ ଓ ତାଙ୍କୁ ପରାସ୍ତ କରି ତାଙ୍କର କନ୍ୟା ରୂପାମ୍ବିକା ବା ପଦ୍ମାବତୀଙ୍କୁ ବିବାହ କରିଥିବା କଥା ସୂଚାଇଥିଲେ ବେଳେ (୭୦) ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏଇ କିମ୍ବଦନ୍ତୀରେ ଐତିହାସିକ ଭିତ୍ତି ଥିଲା ବୋଲି ମନେକରି ଅଛନ୍ତି । (୭୧) ଏହି ସମସ୍ତ ଆଲୋଚନାରୁ ଜଣାଯାଏ ଯେ ପୁରୁଷୋତ୍ତମଦେବ ବିଜୟନଗର ସାମ୍ରାଜ୍ୟ ଆକ୍ରମଣ କରି ସାଳୁ ନରସିଂହଙ୍କୁ ପରାସ୍ତ କରିଥିଲେ । କିମ୍ବଦନ୍ତୀରେ ଥିବା ଏହି ଘଟଣାର ଐତିହାସିକ ସତ୍ୟକୁ ସ୍ୱୀକାର କରାଯାଇ ଏହାକୁ ଅବଲମ୍ବନ କରି ଗଢ଼ିଉଠିଥିବା ଅନ୍ୟାନ୍ୟ କିମ୍ବଦନ୍ତୀଗୁଡ଼ିକରେ କେତେକ ଐତିହାସିକ ସତ୍ୟକୁ ଅନୁଶୀଳନ କରିଥିଲେ ବେଳେ ଅନ୍ୟ କେତେକ ଏହାକୁ ଭକ୍ତିକ ମିଥ୍ୟା ଓ ସମ୍ପୂର୍ଣ୍ଣ କପୋଳକଳ୍ପିତ ବୋଲି ମତ ଦେଇଅଛନ୍ତି । ଜଗବନ୍ଧୁ ସିଂହ, କୃପାସିନ୍ଧୁ ମିଶ୍ର ଓ ନୀଳକଣ୍ଠ ଦାଶ ଛେରାପହରାକୁ କିମ୍ବଦନ୍ତୀର ମୂଳ ଉତ୍ସ ଭାବରେ ଗ୍ରହଣ କରି ଏହି ପ୍ରଥାର ସମ୍ମାନ ରକ୍ଷା କରିବା ଉଦ୍ଦେଶ୍ୟରେ ପୁରୁଷୋତ୍ତମ ଯୁଦ୍ଧଯାତ୍ରା କରିଥିଲେ ବୋଲି ଯୁକ୍ତି କରିଅଛନ୍ତି । ତେବେ ଏଥିରେ ଐତିହାସିକ ଭିତ୍ତି କିଛି ଥିଲାପରି ମନେହୁଏ ନାହିଁ ।

ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ (୧୪୬୭-୧୪୯୭) କାଳରେ ଏହି କିମ୍ବଦନ୍ତୀର ଉଦ୍‌ଭବ ଓ ବିକାଶ ବୋଲି ଗଗନେନ୍ଦ୍ର ନାଥ ଦାଶ ମତ ପ୍ରଦାନ କରିଅଛନ୍ତି । (୭୨) କାରଣ ପ୍ରତାପରୁଦ୍ରଦେବଙ୍କ ସମୟରେ ବଳରାମ ଦାସଙ୍କ 'ବେଢ଼ା ପରିକ୍ରମା' ଓ କୃଷ୍ଣଦାସ କବିରାଜଙ୍କର 'ଚୈତନ୍ୟ ଚରିତାମୃତ'ରେ ଯଥାକ୍ରମେ

୬୮ । ତତ୍ରୈବ—ପୃ ୩୮୬

୬୯ । ଡକ୍ଟର ବଂଶୀଧର ମହାନ୍ତି—ଶ୍ରୀ ଜଗନ୍ନାଥ (୧ମ) ପୃ ୩୬।୩୮

୭୦ । ଡକ୍ଟର ନବୀନ କୁମାର ସାହୁ—History of Orissa Vol II P384

୭୧ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ—ସାରଳା ସାହିତ୍ୟର ଐତିହାସିକ ଚିତ୍ର—ପୃ ୧୪।୩୩।୪୭

୭୨ । ଗଗନେନ୍ଦ୍ର ନାଥ ଦାସ—କିମ୍ବଦନ୍ତୀ କାଞ୍ଚୀକାବେରୀ—ପୃ ୩୪/୩୫

ଜଗନ୍ନାଥ-ବଳଭଦ୍ରଙ୍କର କଳାଘୋଡ଼ା-ଧଳାଘୋଡ଼ାରେ ଚଢ଼ି ଯୁଦ୍ଧଯାତ୍ରା କରିବା ଓ ଛେରାପହଁରା କଥା ସୂଚିତ । ସେ ମଧ୍ୟ ଛେରାପହଁରା ଅନୁଷ୍ଠାନକୁ ପୁରୁଷୋତ୍ତମ ଦେବଙ୍କ ସମୟରେ ପ୍ରଥମେ ପ୍ରଚଳିତ ବୋଲି ମତପ୍ରଦାନ କରିଅଛନ୍ତି । ପୁରୁଷୋତ୍ତମ ଦେବ କପିଳେନ୍ଦ୍ର ଦେବଙ୍କର ଦାସୀ ପୁତ୍ର ହୋଇଥିବାରୁ ସିଂହାସନରେ ବସିବା ତାଙ୍କ ପକ୍ଷରେ ନ୍ୟାଯ୍ୟତଃ ଅଧିକାର ନ ଥିଲା । ତେଣୁ ଜଗନ୍ନାଥଙ୍କ ସେବକମାନେ ତାଙ୍କୁ ସମର୍ଥନ କରି ଜଗନ୍ନାଥଙ୍କ ଇଚ୍ଛା ଓ ନିର୍ଦ୍ଦେଶ ବୋଲି ଘୋଷଣା କରିଦେଇଥିଲେ । ସେବକମାନଙ୍କର ଏହି ସକ୍ରିୟ ସମର୍ଥନର ପ୍ରତିଦାନ ସ୍ୱରୂପ ପୁରୁଷୋତ୍ତମଦେବ ଛେରାପହଁରା ମାଧ୍ୟମରେ ଜଗନ୍ନାଥଙ୍କ ସମସ୍ତ ସେବକମାନଙ୍କ ତଳେ ବିରାଜିତ ହୋଇ ହାଡ଼ି-ସେବକ ରୂପେ ପରିଚିତ ହୋଇଥିଲେ । ପୂର୍ବରୁ ଗଙ୍ଗରାଜାମାନେ ଜଗନ୍ନାଥଙ୍କୁ ଓଡ଼ିଶା ସାମ୍ରାଜ୍ୟ ଉତ୍ସର୍ଗ କରି ତାଙ୍କର ରାଉତ ରୂପେ ଶାସନ କରୁଥିଲେ । ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ ନିଜର ସାମ୍ରାଜ୍ୟକୁ ଜଗନ୍ନାଥଙ୍କୁ ଉତ୍ସର୍ଗ କରି ତାଙ୍କର ସେବକ ରୂପେ ଓ ପୁରୁଷୋତ୍ତମ ଦେବ ହାଡ଼ି-ସେବକ ରୂପେ ପରିଚିତ ହେଲେ । ଗଗନେନ୍ଦ୍ର ନାଥ ଦାଶଙ୍କର ଏହି ଅନୁମାନ ଯୁକ୍ତିଯୁକ୍ତ ହେଲେହେଁ ଏଥିରେ ଐତିହାସିକ ସତ୍ୟତାର ପ୍ରମାଣ ନାହିଁ । ହୃତରାଜ୍ୟର ପୁନରୁଦ୍ଧାର ପାଇଁ ପୁରୁଷୋତ୍ତମ ଦେବଙ୍କର ବିଜୟନଗର ଅଭିଯାନକୁ ଐତିହାସିକ ଭିତ୍ତି ଭୂମି ଭାବରେ (୭୩) ଗ୍ରହଣ କରି ଏଥି ସଂଲଗ୍ନ ଅନ୍ୟାନ୍ୟ କିମ୍ବଦନ୍ତୀକୁ ସେ ଐତିହାସିକ ସତ୍ୟ ବୋଲି ମାନି ନେଇ ନାହାନ୍ତି । ଏପରିକି ସେ ପୁରୁଷୋତ୍ତମ ଦେବ ସନ୍ଧିର ସର୍ତ୍ତ ଅନୁଯାୟୀ ସାଳ୍ୱ-ନରସିଂହଙ୍କ କନ୍ୟାକୁ ବିବାହ କରିଥିବା ଘଟଣାକୁ ଅସ୍ୱୀକାର କରିଅଛନ୍ତି । ଜନଶ୍ରୁତିର ପ୍ରାସାଦ ନିର୍ମାଣ ପାଇଁ ସେ ସାରଳା ମହାଭାରତର ରୁକ୍ମିଣୀ ହରଣ, ଉଷାହରଣ, ଚନ୍ଦ୍ରାବତୀ ହରଣ, ସୁରେଖା ହରଣ ଓ ଶୋଭାବତୀ ହରଣ ଆଦି ଉପାଖ୍ୟାନଗୁଡ଼ିକୁ ଗ୍ରହଣ କରିଅଛନ୍ତି । ତେବେ ପ୍ରଶ୍ନ ହେଉଛି, ଯେ କାଞ୍ଚୀ ଯୁଦ୍ଧର ସମୟ ଯଦି ୧୪୬୭ରୁ ୧୪୭୧ ମଧ୍ୟରେ ହୋଇଥାଏ କିମ୍ବା ଅନ୍ୟମତରେ ୧୪୮୭ରୁ ୧୪୯୧ ମଧ୍ୟରେ ହୋଇଥାଏ, ତେବେ କପିଳେନ୍ଦ୍ର ଦେବଙ୍କ ମୃତ୍ୟୁ ପୂର୍ବରୁ ଆରମ୍ଭ ହୋଇ କୁଏତ ପୁରୁଷୋତ୍ତମଦେବଙ୍କ ରାଜତ୍ୱ କାଳପର୍ଯ୍ୟନ୍ତ ରଚିତ ହୋଇ ଚାଲିଥିବା ସାରଳା ମହାଭାରତର ଆଲୋଚ୍ୟ କାହାଣୀ-ଗୁଡ଼ିକ ଉପରେ କାଞ୍ଚୀକାବେରୀ ପରି ଜନଶ୍ରୁତିକୁ ଠିଆ କରିବ ? କାଞ୍ଚୀ ଯୁଦ୍ଧ ସମୟବେଳକୁ ସାରଳା ମହାଭାରତର ସମୟ କୁଏତ କୋଡ଼ିଏ ବର୍ଷ ବା କିଛି ବେଶି ହୋଇ ପାରିଥାଏ । ଏତେ କମ୍ ସମୟ ମଧ୍ୟରେ ଲିପିବଦ୍ଧ ହୋଇଥିବା ପୁରାଣରେ କଥାବସ୍ତୁ ଗୋଟିଏ ଜାତୀୟ କିମ୍ବଦନ୍ତୀ ସୃଷ୍ଟି କରିବାକୁ ସମର୍ଥ ହୋଇଥିବା ଅନୁମାନ ହୋଇପାରେ ମାତ୍ର ଐତିହାସିକ ଯୁକ୍ତି ନାହିଁ ।

---

୭୩ । ଗଗନେନ୍ଦ୍ର ନାଥ ଦାଶ — ଜନଶ୍ରୁତି କାଞ୍ଚୀକାବେରୀ — ପୃ ୫୧

ଆଲୋଚନାର ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ପୁରୁଷୋତ୍ତମଦେବ —ସାଲ୍ୱ-ନରସିଂହ ଜଣେ ଜଣେ ଐତିହାସିକ ଚରିତ୍ର ଓ ସେମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ମଧ୍ୟ ଇତିହାସ ସମର୍ଥିତ । ତେବେ ଏହି ଯୁଦ୍ଧର କାରଣ ହୃତରାଜ୍ୟର ଉଦ୍ଧାର, ରାଜ୍ୟବିସ୍ତାର ବା ଛେରାପହଁରା ବା ମୈତ୍ରୀଧର୍ମର ମର୍ଯ୍ୟାଦା ସଂସ୍ଥାପନ ହୋଇପାରେ । ଏହି ଯୁଦ୍ଧର ପରିଣତିରେ ପୁରୁଷୋତ୍ତମ ଦେବ କାଞ୍ଚି ରାଜକନ୍ୟାକୁ ବିବାହ କରିଥିବା ଘଟଣାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯାଇ ନ ପାରେ । ଏହାକୁ ଏକ କପୋଳକଳ୍ପିତ କାହାଣୀ କହି ଉଡ଼ାଇଦେବା ସମ୍ଭବ ନୁହେଁ । ବରଂ ଏଇ ଜନଶ୍ରୁତିର ଐତିହାସିକ ସତ୍ୟତା ଖୋଜିବା ଏକାନ୍ତ ପ୍ରୟୋଜନ । ଏହି ଐତିହାସିକ ପ୍ରସଙ୍ଗ ସହିତ ଜନଶ୍ରୁତି ବା କିମ୍ବଦନ୍ତୀର ଛେରାପହଁରା ପ୍ରତି କାଞ୍ଚିରାଜାଙ୍କ ଅବମାନନା ଏଥିପାଇଁ ପୁରୁଷୋତ୍ତମଦେବଙ୍କ ଯୁଦ୍ଧଯାତ୍ରା, ଯୁଦ୍ଧରେ ଜଗନ୍ନାଥ-ବଳଭଦ୍ରଙ୍କର ଗୁପ୍ତବେଶରେ ଧଳାଘୋଡ଼ା-କଳାଘୋଡ଼ା ଚଢ଼ି ଯୋଗଦାନ, ମାଣିକାଠାରୁ ଦହି ପାନ, ଶିଖରସାହୁ ବୁଢ଼ୀଅଠାରୁ ଜଳପାନ, ଗୋଦାବରୀ ମିଶ୍ରଙ୍କର ମନ୍ତ୍ରବଳରେ ଗୋଦାବରୀ ନଦୀରେ ବନ୍ୟା, କାଞ୍ଚିଗଣେଶ ଓ ଗୋପାଳମୂର୍ତ୍ତିର ଓଡ଼ିଶା ଆନୟନ ଆଦି ଘଟଣାକୁ ଯୋଡ଼ି ଦିଆଯାଇଛି । ଏସବୁ ଘଟଣାରେ ପ୍ରକୃତରେ ଐତିହାସିକ ସତ୍ୟତା ନାହିଁ । ତେବେ ଏହି ସମସ୍ତ ଘଟଣାକୁ ନେଇ ଯେତେବେଳେ କାବ୍ୟ ବା ନାଟକର ପରିକଳ୍ପନା କରାଯାଇଅଛି ସେତେବେଳେ ଇତିହାସ ଗୌଣ ହୋଇଯାଇ ଜନଶ୍ରୁତି ମୁଖ୍ୟ ହୋଇ ଉଠିଛି । କାଞ୍ଚିଯୁଦ୍ଧ ଓ ପୁରୁଷୋତ୍ତମ ଦେବଙ୍କର ବିଜୟ ଏଥିରେ ସେତିକି ମୁଖ୍ୟ ନୁହେଁ; ତଦପେକ୍ଷା ଅଧିକ ପ୍ରଭାବ ବିସ୍ତାର କରିଛି ଛେରା-ପହଁରାବେଳେ କାଞ୍ଚିରାଜାଙ୍କର ପୁରୁଷୋତ୍ତମଦେବଙ୍କ ପ୍ରତି ଅବମାନନା ଓ ଏହାର ପ୍ରତିକ୍ରିୟାରେ ପୁରୁଷୋତ୍ତମଦେବଙ୍କର ଯୁଦ୍ଧଯାତ୍ରା, ବାଟରେ ଜଗନ୍ନାଥ ବଳଭଦ୍ରଙ୍କର ମାଣିକାଠାରୁ ଦହି ଖାଇ ମୁଦି ବନ୍ଧାଦେବା ପ୍ରସଙ୍ଗ ଓ ପର ବର୍ଷ ରଥଯାତ୍ରାବେଳେ ପୁରୁଷୋତ୍ତମଦେବଙ୍କ ସହିତ ପଦ୍ମାବତୀଙ୍କର ପରିଣୟ । ଏହା ସହିତ ମଧ୍ୟ ଆଉ କେତୋଟି ଉପଜନଶ୍ରୁତିର ପ୍ରଭାବ ରହିଛି । ପଦ୍ମାବତୀ 'ମାଦଳା ପାଞ୍ଜି' ବର୍ଣ୍ଣିତ 'ପଦ୍ମିନୀ କନ୍ୟା'ର ରୂପାନ୍ତର ହୋଇଥିଲେହେଁ ଏହାକୁ ସମ୍ପୂର୍ଣ୍ଣ ଏକ କାଳ୍ପନିକ କଳ୍ପନାପ୍ରସୂତ ଚରିତ୍ର ରୂପେ ଯେପରି କେତେକ ଉଲ୍ଲେଖ କରିଅଛନ୍ତି ତାହା ଯୁକ୍ତି-ଯୁକ୍ତ ନୁହେଁ । ଅତଏବ କାଞ୍ଚିକାବେରୀ ଘଟଣା ସମ୍ପୂର୍ଣ୍ଣ ଅନୈତିହାସିକ ନୁହେଁ । ଏଥିରେ ଐତିହାସିକ ସତ୍ୟତା ବିଦ୍ୟମାନ । ଐତିହାସିକ କଥାବସ୍ତୁ ମଧ୍ୟରେ ପୁରୁଷୋତ୍ତମ ଦେବ ଓ କାଞ୍ଚି ରାଜକନ୍ୟା ପଦ୍ମାବତୀ (ରୂପାମ୍ବିକା)ଙ୍କର ପ୍ରେମକାହାଣୀ ବର୍ଣ୍ଣିତ । ଏହା କିନ୍ତୁ ଇତିହାସ ସମର୍ଥିତ ନୁହେଁ; କିମ୍ବଦନ୍ତୀ ପ୍ରସୂତ । ଏହାର ମାଧ୍ୟମରେ ପୁରୁଷୋତ୍ତମ ଦେବଙ୍କର ମାନବିକ ଚରିତ୍ର-ସଂଘର୍ଷ ଓ ଅନ୍ତର୍ଦ୍ୱନ୍ଦ୍ୱକୁ ଦେଖାଇବା ପାଇଁ ଉଦ୍ୟମ କରାଯାଇ ଅଛି । ଅତଏବ 'କାଞ୍ଚିକାବେରୀ' କିମ୍ବଦନ୍ତୀ ଆଶ୍ରିତ ଏକ ଐତିହାସିକ ନାଟକ ଏବଂ ଏଥିରେ ଇତିହାସର ଅନଦ୍‌ଘାଟିତ ଓ

ଅନାବିଷ୍କୃତ ମାନବିକ ଭାବସତ୍ତାକୁ ନାଟ୍ୟକାର ଉଦ୍‌ଘାଟନ କରିଅଛନ୍ତି ଓ ଇତିହାସର ଜୀର୍ଣ୍ଣ କଥାବସ୍ତୁରେ ନୂତନ ପ୍ରାଣବିନ୍ୟାସ କରି ନାଟ୍ୟରୂପ ଦେଇଅଛନ୍ତି ।

## 'କାଞ୍ଚିକାବେରୀ' ଜାତୀୟ ଚେତନାର ଆଦ୍ୟସଂକେତ :

ନଅଙ୍କ ଦୁର୍ଭିକ୍ଷ (୧୮୬୬) ଓ ଭାଷାବିଲୋପ ଆନ୍ଦୋଳନ (୧୮୬୯) ଫଳରେ ଓଡ଼ିଶାରେ ନୂତନ ଶିକ୍ଷିତଗୋଷ୍ଠୀକୁ ଅବଲମ୍ବନ କରି ଭାଷାକୈନ୍ଦ୍ରିକ ନୂତନ ଜାତୀୟ ଚେତନାର ଆଦ୍ୟ ଉନ୍ମେଷ ଊନବିଂଶ ଶତାବ୍ଦୀର ଶେଷ ତ୍ରିଦଶକରେ ହୋଇଥିଲା । ୧୫୬୮ ଖ୍ରୀ. ଅ. ରେ ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବଙ୍କର ମୃତ୍ୟୁ ପରେ ଓଡ଼ିଶା ହେଲା ପରାଧୀନା । ଏହାର ବିପୁଳ ଭୂଖଣ୍ଡ କ୍ରମେ ଖଣ୍ଡ ବିଖଣ୍ଡିତ ହୋଇଗଲା । ମୋଗଲ—ମରହଟ୍ଟା ଓ ଇଂରେଜମାନଙ୍କ ଦ୍ୱାରା ଏହା ଶାସିତ ହୋଇ ଏହାର ସ୍ୱାତନ୍ତ୍ର୍ୟ ଓ ଐଶ୍ୱର୍ଯ୍ୟ ଲୋପ ହେବାକୁ ଲାଗିଲା । ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶାକୁ ଅଧିକାର କଲେ ଏବଂ ୧୮୧୭ ମସିହାରେ ସେମାନଙ୍କ ବିରୁଦ୍ଧରେ ଯେଉଁ ପାଇକ ବିଦ୍ରୋହ ଦେଖାଦେଲା ତାହା ଜାତୀୟତାର ହେଲା ଆଦ୍ୟ ଓଁକାର । ଏହି ଜାତୀୟ ସ୍ୱର ଲିପି ସୁରେନ୍ଦ୍ରସାଏଙ୍କର ବିଦ୍ରୋହ ମଧ୍ୟରେ ପ୍ରତିଧ୍ୱନିତ ହେଲେ ହେଁ ବିପୁଳ ଇଂରେଜ ସରକାରଙ୍କ ନିକଟରେ ଏହା ବ୍ୟର୍ଥ ହୋଇଗଲା । ଇଂରାଜୀ ଶିକ୍ଷା ଓ ସଭ୍ୟତାର ସଂସ୍ପର୍ଶରେ ଆସି ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଓଡ଼ିଶାର ସହର ଜୀବନକୁ ଅବଲମ୍ବନ କରି ଯେଉଁ ନୂତନ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିବାକୁ ଲାଗିଲା, ସେହି ଗୋଷ୍ଠୀର ଅନ୍ତର ଭିତରେ ପ୍ରତିବେଶୀ ବଂଗୀୟ କର୍ମଚାରୀମାନଙ୍କ ଓଡ଼ିଆ ଭାଷା ବିରୋଧୀ ମନୋଭାବ ଓ କାର୍ଯ୍ୟକଳାପ ସୃଷ୍ଟି କଲା ଭାଷା କୈନ୍ଦ୍ରିକ ଜାତୀୟତାବୋଧ । 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନୟ' ପରି କାନ୍ତିଲାଲ ଭଟ୍ଟାଚାର୍ଯ୍ୟଙ୍କର ମନ୍ତବ୍ୟ ତତ୍‌କାଳୀନ ଶିକ୍ଷିତ ସମ୍ପ୍ରଦାୟଙ୍କ ମନ ଭିତରେ ଗଭୀର ପ୍ରତିକ୍ରିୟା ସୃଷ୍ଟି କରିବା ସଙ୍ଗେ ସଂଗେ ଏକ ନୂତନ ଜାତୀୟ ଆତ୍ମପ୍ରତ୍ୟୟ ସୃଷ୍ଟି କରିବାରେ ସାହାଯ୍ୟ କଲା ।

୧୮୭୦ ମସିହାବେଳକୁ ଓଡ଼ିଆ ଭାଷା ପ୍ରତି ଶିକ୍ଷିତ ଓଡ଼ିଆମାନଙ୍କର ମମତା ବୃଦ୍ଧି ପାଇବାକୁ ଲାଗିଲା । ୧୮୬୯ ମସିହାର ଭାଷା ଆନ୍ଦୋଳନର ସଂକଟରୁ ଓଡ଼ିଆ ଭାଷା ରକ୍ଷା ପାଇଗଲାପରେ ଏହି ଭାଷାକୁ କେନ୍ଦ୍ରକରି ନୂତନ ଜାତୀୟତାବୋଧ ପ୍ରତିଷ୍ଠିତ ହେଲା । ଅବଶ୍ୟ ଇତିପୂର୍ବରୁ 'ଦୀପିକା' ଓଡ଼ିଆ ଭାଷାର ପ୍ରାଚୀନତା ଓ ଐଶ୍ୱର୍ଯ୍ୟ ସଂପର୍କରେ ବାରମ୍ବାର ପାଠକମାନଙ୍କୁ ଅବହିତ କରାଇ ଆସିଥିଲା । ରଙ୍ଗଲାଲ ବନ୍ଦୋପାଧ୍ୟାୟ ୧୮୬୩ ମସିହାରୁ ବାଲେଶ୍ୱରରେ ଅବସ୍ଥାନ କରିବା ଦିନଠାରୁ ବଙ୍ଗଭାଷାରେ ରାଜେନ୍ଦ୍ରଲାଲ ମିତ୍ରଙ୍କ ଦ୍ୱାରା ସଂପାଦିତ 'ରହସ୍ୟ ସନ୍ଦର୍ଭ' ପତ୍ରିକାରେ ଉତ୍କଳ ବର୍ଣ୍ଣନ (୧୮୬୪), ଦୀନକୃଷ୍ଣ ଦାସ (୧୮୬୪) ଓ

ଓ ଉପେନ୍ଦ୍ର ଭଞ୍ଜ (୧୮୬୪) ପ୍ରବନ୍ଧମାନ ଲେଖି ଓଡ଼ିଆ ଭାଷାର ପ୍ରାଚୀନତା ଓ ଗୌରବ ସଂପର୍କରେ ବଂଗୀୟ ପାଠକମାନଙ୍କୁ ଅବହିତ କରାଇଥିଲେ । କେବଳ ଏତିକି ନୁହେଁ, ସେ କଟକକୁ ବଦଳି ହୋଇ ଆସିଲାପରେ ୧୮୬୭ ମସିହାରେ 'ଉତ୍କଳ ଭାଷୋଦ୍ଦୀପନୀ ସଭା'ର ପ୍ରତିଷ୍ଠା ହୁଏ ଏବଂ ରଙ୍ଗଲାଲ ଏହି ସଭାର ପ୍ରଥମ ସଭାପତି ହୋଇଥିଲେ । ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆ ଭାଷାର ଉନ୍ନତି । ଯେତେବେଳେ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ହୋଇଥିଲା ରଙ୍ଗଲାଲ ଓଡ଼ିଆ ଭାଷା ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ । ସେ ମଧ୍ୟ 'ଉତ୍କଳ ଦର୍ପଣ' (୧୮୬୩) ସାହିତ୍ୟ ପତ୍ରିକା ପ୍ରତିଷ୍ଠା କରିଥିଲେ ଓ ୧୮୬୭ ମସିହାରେ 'କାଞ୍ଚିକାବେରୀ' ପୋଥି ପାଇ ତାର ଅବଲମ୍ବନରେ ବଂଗ ଭାଷାରେ 'କାଞ୍ଚିକାବେରୀ' କାବ୍ୟ ୧୮୬୯ ମସିହାରେ ରଚନା କଲେ । ଏହି କାବ୍ୟ ହିଁ ଉତ୍କଳୀୟ ଭାଷାକୈନ୍ଦ୍ରିକ ଜାତୀୟତାବୋଧର ଆଦ୍ୟ ସ୍ମାରକୀ । ଓଡ଼ିଶା ଓ ବଙ୍ଗଳା ମଧ୍ୟରେ ଐକ୍ୟ ସ୍ଥାପନ ଉଦ୍ଦେଶ୍ୟରେ ସେ ଏହାର ମୁଖବନ୍ଧରେ ଲେଖିଥିଲେ- "ଉଭୟ ଦେଶୀୟ ଲୋକେର ମଧ୍ୟେ ଏଇ ସୌହାର୍ଦ୍ଦ୍ୟ ଯତ ବର୍ଦ୍ଧିତ ହୟ, ତତଇ ସୁଖେର ବିଷୟ । ସେଇ ସୌହାର୍ଦ୍ଦ୍ୟ ରଜ୍ଜୁର ଏକଟି କ୍ଷୀଣ ସୂତ୍ର ବା ତନ୍ତୁବତ୍ ଆମି ଏଇ ଐତିହାସିକ କାବ୍ୟ ଖାନି ବଂଗୀୟ ଏବଂ ଉତ୍କଳୀୟ ବନ୍ଧୁଗଣେର ହସ୍ତେ ସମର୍ପଣ କରିଲାମ ।" (୭୪) ରଙ୍ଗଲାଲ ଯେଉଁ ଭାଷା କୈନ୍ଦ୍ରିକ ଜାତୀୟତାବୋଧର ଆଦ୍ୟ ପାଞ୍ଚଜନ୍ୟ କାଞ୍ଚିକାବେରୀ କାବ୍ୟରେ ନିନାଦିତ କଲେ ତାହା ହିଁ କବି ରାଧାନାଥଙ୍କୁ ପ୍ରେରଣା ଦେଲା ଭିନ୍ନ ସ୍ୱାଦର କାବ୍ୟ ରଚନା କରିବା ପାଇଁ । ୧୮୬୯ ମସିହାରେ ଭୂଦେବ ମୁଖୋପାଧ୍ୟାୟଙ୍କ ସଂସ୍ପର୍ଶରେ ଆସି ରାଧାନାଥ 'ନୂଆ ଗଢିବାକୁ' ଚେଷ୍ଟା କରିଅଛନ୍ତି । ଏହି ଯେଉଁ ଉତ୍କଳୀୟ ଭାଷା-କୈନ୍ଦ୍ରିକ ଜାତୀୟତାବୋଧର ଉନ୍ମେଷ ହେବାକୁ ଲାଗିଥିଲା, ତାର ସାର୍ଥକ ପ୍ରତିନିଧି ହେଲେ ନାଟ୍ୟକାର ରାମଶଙ୍କର ରାୟ । ରଙ୍ଗଲାଲଙ୍କଠାରୁ ପ୍ରେରଣା ଲାଭ କରି ଏବଂ ନିଜର ଅଗ୍ରଜ ଗୌରୀଶଙ୍କରଙ୍କର ଉତ୍ସାହ ନେଇ ସେ ରଚନା କଲେ 'କାଞ୍ଚିକାବେରୀ' ନାଟକ ।

ଯୁବକ ରାମଶଙ୍କରଙ୍କର ଓଡ଼ିଆ ଭାଷା ପ୍ରୀତି ଥିଲା ଅତ୍ୟନ୍ତ ଗଭୀର । ତେଣୁ ପ୍ରତିପକ୍ଷମାନଙ୍କର ଓଡ଼ିଆ ଭାଷା ବିରୋଧୀ ମନ୍ତବ୍ୟକୁ ସେ ସ୍ୱୀକାର କରୁ ନ ଥିଲେ । ବରଂ ଅତୀତ ଓଡ଼ିଆ ଭାଷାର ଗୌରବ ତାଙ୍କୁ ବିମୁଗ୍ଧ କରିଥିଲା । ଏହି କାରଣରୁ ସେ 'କାଞ୍ଚିକାବେରୀ' ନାଟକର ପ୍ରସ୍ତାବନାରେ ସୂତ୍ରଧର ମୁଖରେ କହିଅଛନ୍ତି— "ଯେବେ ଓଡ଼ିଆମାନଙ୍କର ଭାବନା ଶକ୍ତି ଅଛି, ତେବେ ଭାଷା ନ ମିଳିବ କାହିଁକି ?

---

୭୪ । ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ—କାଞ୍ଚିକାବେରୀ—ନିବେଦନ—ପୃ ୨

ଏହି ଜାତୀୟତାବୋଧଦ୍ୱାରା ଅନୁପ୍ରାଣିତ ହୋଇ ରାମଶଙ୍କର ରଚନା କରିଅଛନ୍ତି 'କାଞ୍ଚି-କାବେରୀ' ନାଟକ । କେବଳ ଏତିକି ନୁହେଁ, ପୁରୀର ଗଜପତି ଦିବ୍ୟସିଂହଦେବଙ୍କ ଦ୍ୱୀପାନ୍ତରିତ ଦଣ୍ଡ ଓ ପୁରୀର ଜଗନ୍ନାଥ ମନ୍ଦିର ଉପରେ ଇଂରେଜମାନଙ୍କର ହସ୍ତକ୍ଷେପ ରାମଶଙ୍କରଙ୍କ ଜାତୀୟ ଚିତ୍ତବୃତ୍ତିରେ ଗଭୀର ପ୍ରତିକ୍ରିୟା ସୃଷ୍ଟି କରିଥିବ । ଏକ ଦିଗରେ ଓଡ଼ିଆ ଭାଷା ପ୍ରତି ବଙ୍ଗୀୟମାନଙ୍କର ବିତୃଷ୍ଣା ଓ ଓଡ଼ିଆଭାଷାର ଆତ୍ମପ୍ରତିଷ୍ଠା ପାଇଁ ଉଦ୍ୟମ ଏବଂ ଅନ୍ୟ ଦିଗରେ ଓଡ଼ିଶାର ଚଳନ୍ତିବିଷ୍ଣୁ ଗଜପତି ଦିବ୍ୟସିଂହଦେବଙ୍କ ପ୍ରତି ଇଂରେଜ ସରକାରଙ୍କର କଠୋର ଦଣ୍ଡାଦେଶ ଓ ଜଗନ୍ନାଥଧର୍ମ ଉପରେ ଆକ୍ରମଣ ଓଡ଼ିଶାରେ ଯେଉଁ ଜାତୀୟ ଚେତନାର ନବ ଜାଗରଣ ସୃଷ୍ଟି କରିଥିଲା ତାର ସାର୍ଥକ ସାହିତ୍ୟିକ ଆଦ୍ୟ ପ୍ରତିନିଧି ହେଲେ ନାଟ୍ୟକାର ରାମଶଙ୍କର ରାୟ । ଡକ୍ଟର ନଟବର ସାମନ୍ତରାୟ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ ଏ ପ୍ରସଙ୍ଗରେ ଲେଖିଛନ୍ତି—"ଲୋକଚିତ୍ତରେ ଯେତେବେଳେ ଏକ ଜାତୀୟ ଭାବ ଦେଖାଯାଉଥିଲା, ସେତେବେଳେ ଅଧଃପତିତ ଓଡ଼ିଆ ଜାତିକୁ ନୂତନ ମନ୍ତ୍ରରେ ଉଦ୍‌ଜୀବିତ କରିବା ପାଇଁ ଜାତିର ଗୌରବୋଜ୍ଜ୍ୱଳ ଅତୀତ ଇତିହାସକୁ ନାଟକ ମାଧ୍ୟମରେ ପରିବେଷଣ କରିବାର ବଳବତୀ କାମନା ରାମଶଙ୍କରଙ୍କ ମନରେ ଉଦିତ ହୋଇଥିବ, ଏହା ନିଃସନ୍ଦେହରେ କୁହାଯାଇପାରେ । ଜନସାଧାରଣ ନିଜର ଗୌରବାବହ ଅତୀତ ଐତିହ୍ୟ ସନ୍ଦର୍ଶନ କରି ନାଟକ ପ୍ରତି ଆକୃଷ୍ଟ ହେବେ, ଏ ଭାବନା ମଧ୍ୟ ତାଙ୍କ ମନରେ ଜାତ ହୋଇଥିବ । ସମର ବିଜୟୀ ଓଡ଼ିଆ ଜାତି ସହିତ ନାଟ୍ୟକାରଙ୍କ ସମସ୍ତର ଓଡ଼ିଆ ଜାତି ଓ ଆଦର୍ଶ ନରପତି ପୁରୁଷୋତ୍ତମଦେବଙ୍କ ସହିତ ଦିବ୍ୟସିଂହ-ଦେବ ଏଇମାନଙ୍କ ତୁଳନା ଲୋକଙ୍କ ପକ୍ଷରେ ଅତି ସହଜ ଓ ପ୍ରତ୍ୟକ୍ଷ ହୋଇପାରିବ; ସେଥିପାଇଁ ରାମଶଙ୍କର ଅତି ଚତୁରତା ସହ ଏ ବିଷୟବସ୍ତୁ ନିର୍ବାଚନ କରିଛନ୍ତି ।" (୭୫) ଓଡ଼ିଶାର ଗଜପତି ଜାତୀୟ ଐତିହ୍ୟର ପ୍ରତିମୂର୍ତ୍ତି ପ୍ରତୀକ । ତାଙ୍କପ୍ରତି କୌଣସି ବିପଦ ବା ବିପର୍ଯ୍ୟୟ ଆସିବା ଅର୍ଥ ଓଡ଼ିଆ ଜାତି ପ୍ରତି ସେହି ବିପଦ ବା ବିପର୍ଯ୍ୟୟ ଆସିବା ସହ ସମାନ । ଦିବ୍ୟସିଂହଦେବଙ୍କ ପ୍ରତି ଏହି ବିପର୍ଯ୍ୟୟ ଆସିଥିବା ବେଳେ ନାଟ୍ୟକାର ସୁଦୂର ଇତିହାସରୁ କାଞ୍ଚିବିଜୟ ଘଟଣାକୁ ଗ୍ରହଣ କରି ନାଟ୍ୟରୂପ ଦେଇ ଗଜପତି ପୁରୁଷୋତ୍ତମଦେବଙ୍କର ଜାତୀୟତାବୋଧ ଓ ତାଙ୍କ ପ୍ରତି ଓଡ଼ିଆଜାତିର ବିଶ୍ୱାସ ଏବଂ ମମତାକୁ ରୂପ ପ୍ରଦାନ କରିଅଛନ୍ତି । ଓଡ଼ିଶାର ଗଜପତି ଶ୍ରୀଜଗନ୍ନାଥଙ୍କର ସେବକ । ତେଣୁ ତାଙ୍କୁ କେହି ଏହି କାରଣରୁ ଅପମାନ ଦେଲେ ସେ ତାର ପ୍ରତିଶୋଧ ନିଅନ୍ତି । ଯେତେବେଳେ ପୁରୁଷୋତ୍ତମ ଦେବ ରଥଯାତ୍ରାବେଳେ ଛେରା ପହଁରା କାର୍ଯ୍ୟ କରୁଥିଲେ ସେହି ଘଟଣା କାଞ୍ଚିରାଜା ସାଲ୍ୱ ନରସିଂହଦେବଙ୍କ ମନ ଭିତରେ ଘୃଣା ସୃଷ୍ଟି କଲା । ରାଜା ହୋଇ ଚଣ୍ଡାଳର କାର୍ଯ୍ୟ କରିବାକୁ ସେ ପସନ୍ଦ

---

୭୫ । ଡକ୍ଟର ନଟବର ସାମନ୍ତରାୟ—ଆଧୁନିକ ଓଡ଼ିଆ ସାହିତ୍ୟ—ପୃ ୪୩୪

କରି ନାହାନ୍ତି । ସେ କିନ୍ତୁ ଓଡ଼ିଶାର ପରମ୍ପରାରେ ଛେରାପହଁରାର ବୈଶିଷ୍ଟ୍ୟକୁ ଉପଲବ୍ଧି କରିପାରି ନାହାଁନ୍ତି । ଛେରାପହଁରା ଯେଉଁ ମୈତ୍ରୀଧର୍ମ ସମ୍ପର୍କରେ ସୂଚନା ଦିଏ ସେ ବିଷୟରେ କାଞ୍ଚିରାଜା ସମ୍ପୂର୍ଣ୍ଣ ଅଜ୍ଞ । ତେଣୁ ସେ ଉତ୍କଳ ଦୂତଙ୍କୁ କହୁଛନ୍ତି – "ଓଡ଼ିଶାରାଜା ସଙ୍ଗେ କାଞ୍ଚିକାବେରୀ ରାଜାଙ୍କର କୌଣସି ସମ୍ପର୍କ ନାହିଁ । ପୁରୁଷୋତ୍ତମଦେବ ରାଜଗୃହରେ ଗୋପାଳୁଣୀ ଗର୍ଭ-ସମ୍ଭୂତ । ତହିଁରେ ଆପଣାର ପଦଗୌରବ ବୁଝି ନ ପାରି ଅଜ୍ଞାନଙ୍କ ପରି ଚଣ୍ଡାଳର ଆଚରଣ କରେ—ଆଜି ସିଂହାସନରେ ବସିଛୁ ବୋଲି ତାହା ସହିତ କାଞ୍ଚିରାଜା ସଖ୍ୟଭାବ ରଖିବା ନିମନ୍ତେ ପ୍ରସ୍ତୁତ ନାହାନ୍ତି ।" (୭୬) କାଞ୍ଚିରାଜାଙ୍କର ଏହି କଥା ଶୁଣି ଉତ୍କଳଦୂତ ଓଡ଼ିଶାର ଗଜପତି ପୁରୁଷୋତ୍ତମଦେବଙ୍କର ମହତ୍ତ୍ୱକୁ ଓଜସ୍ୱିନୀ ଭାଷାରେ ପ୍ରକାଶ କରିଛି—

'ଧନେ ଜନେ ପ୍ରାଣେ ମାନେ ନୁହନ୍ତି ସାମାନ୍ୟ
ଓଡ଼ିଶାର ରାଜା;— ଏତେ଼ ଭାଗ୍ୟବାନ ଭବେ,
ସଂସାର କରତା ପ୍ରଭୁ ସଦାନନ୍ଦେ ବସି
ପାଉଛନ୍ତି ଶ୍ରୀହସ୍ତରୁ ସେବାଭକ୍ତି ସୁଖ !
ପ୍ରସିଦ୍ଧ ଲୋକରେ, ଯେହ୍ନେ ମହତ ଲୋକର
ସେବା କରେ ପଦ, ସେହ୍ନେ ମହତ ଅଟଇ;
ମହତ କୁସୁମ ବିନା ପାଏ ଦେବପଦ ?
ସମସ୍ତଙ୍କ ଭାଗ୍ୟେ ଯେବେ ଘଟୁଥାନ୍ତା ସବୁ
ପ୍ରଭେଦ ଲୋକରେ ତେବେ ସାନ ବଡ଼ ବୋଲି
ରହିଥାନ୍ତା କିମ୍ପା ? ବଡ଼ ଓଡ଼ିଶା ରାଜନ
ଭାଗ୍ୟବଳେ ପାଇଛନ୍ତି ବଡ ଅଧିକାର
ଅଧିକାର ତାହା, ନୁହେଁ ସାମାନ୍ୟ ବିଷୟ ।
× × ×
ସଂସାର କରତା ପ୍ରଭୁ ଜଗନ୍ନାଥ ଦେବେ
ଅବହେଳା କରି ଯେବେ କରିଛନ୍ତି ତୁମ୍ଭେ
ଚଣ୍ଡାଳ ବୋଲି, ଯା ମୁଖେ ନ ଆସେ ଚଣ୍ଡାଳ !
କରନ୍ତୁ ଏବେ ସେହି ପ୍ରାୟଶ୍ଚିତ୍ତ ତାର
ଅଟରେ ଭକତି ସହ; ଯାଉନ୍ତୁ ହୋ ଯାଇ
ଜଗନ୍ନାଙ୍କ [illegible]ପଦେ ଦୃଢ଼ କରି ମନ;
ମାଗନ୍ତୁ ଯୋଡ଼ହସ୍ତେ ହୋଇ କ୍ଷମା ସେହି ପଦେ;
ତେବେ ସେ ସକଳ ଦୋଷ ହୋଇବ ଖାଳିତ ।

୭୬ । କାଞ୍ଚିକାବେରୀ ନାଟକ—ତୃତୀୟ ଅଭିନୟ—ଦ୍ୱିତୀୟ ଦୃଶ୍ୟ ।

ନୋହିଲେ ଅଛି ଯେ ବାର୍ତ୍ତା ଦୂତ ମୁଖେ, ତାହା
ଫଳିବ ଅବଶ୍ୟ; ଯେଉଁ ପ୍ରତିଜ୍ଞା ହୋଇଛି
ପର୍ବତୁଁ ଅଟଳ;—ପ୍ରଭୁ ଅଗଣ୍ୟସେନାର
ଆସୁଛନ୍ତି ପଛେ; କନ୍ୟା ନଦେଇ ଆପଣ
ବୋଇଲେ ଚଣ୍ଡାଳ;—ସେହି ଘୋର ଅପମାନ
ପ୍ରତିଶୋଧ ଦାନେ, ଜୟ କରି କାଞ୍ଚିଦେଶ
କରିବେ ଚଣ୍ଡାଳଙ୍କୁ ହୀନ ଗ୍ରୁମୁଙ୍କୁ ମୋ ପ୍ରଭୁ
ଚଣ୍ଡାଳ ହସ୍ତରେ ନିକ୍ଷେପିବେ ପଦ୍ମାବତୀ ।" (୭୭)

ଉତ୍କଳଦୂତ ମୁଖରେ ଏହି ଉକ୍ତି ଜାତୀୟତାର ପ୍ରାଣ ସ୍ପନ୍ଦନକୁ ପ୍ରତିଧ୍ୱନିତ କରିଥାଏ । ନାଟ୍ୟକାର ରାମଶଙ୍କର ଏ ସମ୍ପର୍କରେ ସଚେତନ । ଓଡ଼ିଆ ଜାତିର ସୁପ୍ତ ଚେତନାକୁ ଜାଗ୍ରତ କରିବା ପାଇଁ ସେ ଦେଇଛନ୍ତି ଏହି ସଂଳାପ ମାଧ୍ୟମରେ ପ୍ରେରଣା । ଏହି ଉକ୍ତି ମାଧ୍ୟମରେ ଓଡ଼ିଶା ଗଜପତିଙ୍କର ଅତୁଳ ବଳ ବିକ୍ରମ ଓ ଗଭୀର ଜଗନ୍ନାଥ ଭକ୍ତି ପ୍ରକଟିତ । ସେ ଜଗନ୍ନାଥଙ୍କର ପରମ ସେବକ । ତେଣୁ ସେ ବିନସ୍ଥୀ ମାନ ଶତ୍ରୁର ଦର୍ପ ବିନାଶ ପାଇଁ ସେ ବଜ୍ରକଠୋର । ଯଦିଓ ରାମଶଙ୍କର ପୁରୁଷୋତ୍ତମ ଦେବଙ୍କର ବିରତ୍ୱ ଓ ଜାତୀୟ ମର୍ଯ୍ୟାଦା ପ୍ରତିଷ୍ଠାର ଅଦମ୍ୟ ଅଭିଳାଷକୁ ଆଲୋଚ୍ୟ ନାଟକରେ ମୁଖ୍ୟ ପ୍ରାଣସ୍ପନ୍ଦନ ରୂପେ ବିଚାର କରି ନେଇ ଅଛନ୍ତି; କିନ୍ତୁ ସେହି ବୀରତ୍ୱ ଜଗନ୍ନାଥ-ଭକ୍ତି ଦ୍ୱାରା ହୋଇଛି ନିୟନ୍ତ୍ରିତ । ଏଥିରେ ଜାତୀୟତାର ଅନ୍ତଃସ୍ୱର ଅଛି; କିନ୍ତୁ ଏହି ଜାତୀୟତା ଇତିହାସ ସମର୍ଥିତ ନ ହୋଇ କିମ୍ବଦନ୍ତୀ ଆଶ୍ରିତ ଭକ୍ତି—କୈବଲ୍ୟ ହୋଇ ପଡ଼ିଛି । ପୁରୁଷୋତ୍ତମ ଦେବଙ୍କର କାଞ୍ଚି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି ଜଗନ୍ନାଥଙ୍କ ଛେରା ପହଁରା କାର୍ଯ୍ୟ ପ୍ରତି କାଞ୍ଚିରାଜାଙ୍କର ଅବମାନନା । ଏଥି ପାଇଁ ତାଙ୍କୁ କାଞ୍ଚିରାଜା ଚଣ୍ଡାଳ କହିଥିବାରୁ ସେ ହୋଇଛନ୍ତି ମର୍ମାହତ ଓ କାଞ୍ଚି ବିଜୟ କରି ରାଜକନ୍ୟା ପଦ୍ମାବତୀଙ୍କୁ ଚଣ୍ଡାଳ ହାତରେ ଦେବାକୁ ସେ କରିଛନ୍ତି ପ୍ରତିଜ୍ଞା । ପୁରୁଷୋତ୍ତମଦେବଙ୍କ ପ୍ରତି ଏହି ଅପମାନ ଓଡ଼ିଆ ଜାତି ପ୍ରତି ଅପମାନ । ଅନ୍ୟ ଅର୍ଥରେ ଏହା ଜଗନ୍ନାଥଙ୍କ ପ୍ରତି ଅପମାନ । ଏହି ଜାତୀୟ ଅପମାନର ପ୍ରତିଶୋଧ ନେବାକୁ ଗଜ-ପତିଙ୍କର ଯୁଦ୍ଧଯାତ୍ରା । ପଣ୍ଡିତ ନୀଳକଣ୍ଠ ଦାସ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ କାଞ୍ଚିଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଭାବରେ ଛେରାପହଁରା ବା ମୈତ୍ରୀ ଧର୍ମ ପ୍ରତି କାଞ୍ଚି ରାଜାଙ୍କର ଅବମାନନାକୁ ଯେପରି ଲକ୍ଷ୍ୟ କରିଛନ୍ତି ତାହା 'କାଞ୍ଚିକାବେରୀ' ନାଟକରେ ଯଥାର୍ଥ ଭାବରେ ପ୍ରତିଫଳିତ । ହୃତ ରାଜ୍ୟ ପୁନରୁଦ୍ଧାର ବା ରାଜ୍ୟ ବିସ୍ତାର ଏହି ଅଭିଯାନର ଲକ୍ଷ୍ୟ ନୁହେଁ । ପୁନଶ୍ଚ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କ ଆଶୀର୍ବାଦ ବ୍ୟତୀତ ଏକ ଭୀରୁ ବ୍ୟକ୍ତି । ତାଙ୍କର

୭୭— କାଞ୍ଚିକାବେରୀ—ତୃତୀୟ ଅଭିନୟ ୨ୟ ଦୃଶ୍ୟ

ଆଶୀର୍ବାଦରୁ ସେ ଗୋପାଳୁଣୀ-ଗର୍ଭ ସଂଭୂତ ହେଲେ ମଧ୍ୟ ଓଡ଼ିଶାର ଗଜପତି ହୋଇଛନ୍ତି ଏବଂ ଦୁର୍ଦ୍ଧର୍ଷ କାଞ୍ଚି ସେନାକୁ ଜୟ କରିଛନ୍ତି । ନାଟକର ଆରମ୍ଭରେ ସମ୍ପ୍ରଦାୟ କେନ୍ଦ୍ରିକ ଜାତୀୟତାବୋଧର ଯେଉଁ ସୂଚନା ଥିଲା ତାହା କ୍ରମେ ଜଗନ୍ନାଥ ଭକ୍ତି କେନ୍ଦ୍ରିକ ଜାତୀୟତାବୋଧରେ ରୂପାନ୍ତରିତ ହୋଇ ଯାଇଅଛି । ଏହି ଜାତୀୟତାବୋଧ ଜାତିର ଶ୍ରେଷ୍ଠତ୍ୱ ପାଇଁ ଯେତିକି ଗର୍ବିତ ନୁହେଁ; ଅଧିକ ଗର୍ବିତ ଜଗନ୍ନାଥଙ୍କ ସକ୍ରିୟ ସହଯୋଗରେ ମୈତ୍ରୀ ଧର୍ମର ପ୍ରତିଷ୍ଠା ପାଇଁ । ଅତଏବ ଓଡ଼ିଆ ଜାତିର ଏହି ଐତିହ୍ୟବୋଧକୁ ନାଟ୍ୟକାର ରାମଶଙ୍କର ରାୟ ଉକ୍ତ ନାଟକରେ ପ୍ରକାଶ କରି ଭବିଷ୍ୟତ ଜାତିଗଠନ ପାଇଁ ପ୍ରେରଣା ପ୍ରଦାନ କରିଅଛନ୍ତି ଏବଂ ଯାହାକି ପରବର୍ତ୍ତୀ କାଳରେ ସତ୍ୟବାଦୀ ଗୋଷ୍ଠୀର ଜାତୀୟ ଭାବ-ଭାବନାକୁ ଅନେକ ପରିମାଣରେ ନିୟନ୍ତ୍ରଣ କରିଥିବା ଲକ୍ଷ୍ୟ କରାଯାଇଅଛି ।

## 'କାଞ୍ଚି କାବେରୀ' ଜଗନ୍ନାଥ ଭକ୍ତିର ଏକ ଅମ୍ଲାନ ସଂକେତ :

ଓଡ଼ିଆ ଜାତି ଯୁଗେ ଯୁଗେ ଶ୍ରୀଜଗନ୍ନାଥଙ୍କୁ ଗଭୀର ଭକ୍ତି କରିଆସିଅଛି । ଶ୍ରୀ ଜଗନ୍ନାଥ ହିଁ ତାର ସମ୍ପଦ ଓ ବିପଦର ବନ୍ଧୁ । ପରମ କାରୁଣିକ ଜଗନ୍ନାଥଙ୍କଠାରେ ନିଜକୁ ସମର୍ପଣ କରିଦେଇ ଏ ଜାତି ଗଭୀର ଆତ୍ମତୃପ୍ତି ଲାଭ କରେ । ଶ୍ରୀଜଗନ୍ନାଥଙ୍କୁ ଭରସା କରି ଏ ଜାତି ଅବତୀର୍ଣ୍ଣ ହୁଏ ଯୁଦ୍ଧକ୍ଷେତ୍ରରେ । ଶତ୍ରୁ ବିଦୀର୍ଣ୍ଣ କରି ଜଗନ୍ନାଥଙ୍କର ମହିମା କୀର୍ତ୍ତନ କରେ । ଜଗନ୍ନାଥ ହିଁ ଏ ଜାତିର ଜାତୀୟ ଠାକୁର । ତାଙ୍କରି ନିର୍ଦ୍ଦେଶରେ ଏ ଜାତି ଶାସନ କରେ—ରାଜ୍ୟ ଜୟ କରେ । ଗଂଗବଂଶର ପ୍ରସିଦ୍ଧ ରାଜା ଶ୍ରୀ ଅନଙ୍ଗ ଭୀମ ଦେବ (୨ୟ) ନିଜର ସାମ୍ରାଜ୍ୟକୁ ଜଗନ୍ନାଥଙ୍କଠାରେ ସମର୍ପଣ କରି ଦେଇ ତାଙ୍କର ରାଉତ ରୂପେ ରାଜ୍ୟ ଚଳାଇଲେ । ପ୍ରଥମଥର ପାଇଁ ସେ ଏହି ପରଂପରା ସୃଷ୍ଟି କରିଥିଲେ । ଜଗନ୍ନାଥ ହେଲେ ରାଷ୍ଟ୍ରଦେବତା । ପ୍ରଥମ ଅନଙ୍ଗଭୀମଦେବ ମଧ୍ୟ ଜଗନ୍ନାଥଙ୍କଠାରେ ସମସ୍ତ ସମର୍ପଣ କରି ଦେଇଥିଲେ ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । (୭୮) ଦ୍ୱିତୀୟ ଅନଙ୍ଗ ଭୀମଦେବଙ୍କ ଘୋଷଣାପତ୍ର ଜଗନ୍ନାଥଙ୍କ ପ୍ରାଧାନ୍ୟକୁ ପରବର୍ତ୍ତୀକାଳରେ ପ୍ରତିଷ୍ଠା

---

୭୮— ମାଦଳା ପାଞ୍ଜି—ସମ୍ପାଦନା ଆର୍ତ୍ତବଲ୍ଲଭ ମହାନ୍ତି—ପୃ ୨୭ "ଏହାଙ୍କ ପୁଅ ଅନଙ୍ଗ ଭୀମ ଦେବ ଏହାଙ୍କ ଇଚ୍ଛାରେ କହିଲେ । ଆମ୍ଭେ ନାଆ ପୁରୁଷୋତ୍ତମ ଦେବେ । ଏ ନଗର କଟକ ଥାଇ ଶ୍ରୀପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ଦେବଙ୍କୁ ସମସ୍ତ ସମର୍ପି ରାଉତ ପଣେ ଥାଆନ୍ତି । × × × ଅନଙ୍ଗ ଭୀମଦେବ ଓ ପୁରୁଷୋତ୍ତମ ଦେବ ମଧ୍ୟ ରାଜା ର ଅଙ୍କ ଅଭିଷେକ ନ ହେଲେ । ଓଡ଼ିଶା ରାଜ୍ୟ ରାଜା ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏମନ୍ତ କହି ଅଭିଷେକ ନୋହିଲେ ।"

ଦେଇଥିଲା । ତୃତୀୟ ଅନଙ୍ଗଭୀମ ଦେବ ମଧ୍ୟ ଓଡ଼ିଶା ସାମ୍ରାଜ୍ୟକୁ ପୁରୁଷୋତ୍ତମ–ଜଗନ୍ନାଥଙ୍କୁ ସମର୍ପଣ କରିଦେଇଥିଲେ । ଗଂଗ ବଂଶର ଏହି ପରମ୍ପରା ସୂର୍ଯ୍ୟବଂଶରେ ମଧ୍ୟ ପ୍ରଭାବ ବିସ୍ତାର କରିଥିଲା । କପିଳେନ୍ଦ୍ର ଦେବ ଜଗନ୍ନାଥଙ୍କ କରୁଣାରୁ ଓଡ଼ିଶା ସିଂହାସନରେ ବସିଥିବାରୁ ସେ ମଧ୍ୟ ଜଗନ୍ନାଥଙ୍କୁ ନିଜର ସାମ୍ରାଜ୍ୟ ସମର୍ପଣ କରିଦେଇ ନିଜକୁ ଜଗନ୍ନାଥଙ୍କର 'ସେବକ' ରୂପେ ଘୋଷଣା କରିଥିଲେ । ( ପୂର୍ବରୁ ଆଲୋଚିତ) । ସେହି ପରଂପରାର ଦାୟାଦ, ଭାବରେ ପୁରୁଷୋତ୍ତମ ଦେବ ହେଲେ ଜଗନ୍ନାଥଙ୍କର 'ହାଡ଼ି-ସେବକ । ତେଣୁ ସେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାବେଳେ ଛେରା ପହଁରା କାର୍ଯ୍ୟ କରି ନିଜକୁ ଜଗନ୍ନାଥଙ୍କର ସକଳ ସେବକମାନଙ୍କ ତଳେ ରଖି ଏକ ନୂତନ ପରଂପରା ସୃଷ୍ଟି କଲେ । ଅବଶ୍ୟ ଏହି ପରଂପରା ପୂର୍ବରୁ ଥିଲା କି ନାହିଁ ତାର ଐତିହାସିକ ଆଲୋଚନା ସାପେକ୍ଷ । ତେବେ ସେ ଯାହାହେଉ ନା କାହିଁକି ଏହି ଛେରାପହଁରା ପରଂପରା ମୈତ୍ରୀ ଧର୍ମର ପରଂପରା ଏବଂ ଏହି ପରଂପରା ଯୋଗେ ଓଡ଼ିଶାର ଗଜପତି ଅହଂକାର ଭୁଲି ସାଧାରଣ ଲୋକଙ୍କ ସହିତ ମିଶନ୍ତି ଏବଂ ଏଥିରେ ଗଭୀର ଆତ୍ମତୃପ୍ତି ଲାଭ କରନ୍ତି । ବାହାର ଲୋକଙ୍କ ଦୃଷ୍ଟିରେ ଏହି କାର୍ଯ୍ୟ ଘୃଣ୍ୟ ବିବେଚିତ ହେଲେହେଁ ଓଡ଼ିଆ ଜାତି ପକ୍ଷରେ ପରମ ଶ୍ଳାଘ୍ୟ । ନାଟ୍ୟକାର ରାମଶଙ୍କର ଓଡ଼ିଆ ଜାତିର ଏହି ଜଗନ୍ନାଥୈକପ୍ରାଣତାକୁ ଗଭୀର ଭାବରେ ଉପଲବ୍ଧି କରିଅଛନ୍ତି । ଊନବିଂଶ ଶତାବ୍ଦୀରେ ଜଗନ୍ନାଥ ଧର୍ମ ପ୍ରତି ବିଦେଶୀମାନଙ୍କର ଆକ୍ରମଣକୁ ସେ ଲକ୍ଷ୍ୟ କରି ଅଛନ୍ତି । ଓଡ଼ିଆ ଜାତୀୟ ଜୀବନ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ନିୟନ୍ତ୍ରିତ ହୋଇଥିଲା । ବିଦେଶୀ ଶାସନର ରଥ ଚକତଳେ ଏହି ପରଂପରା ବିଲୀନ ହୋଇଯାଇ ନ ଥିଲେ ହେଁ ନିସ୍ତେଜ ହୋଇ ପଡ଼ିଥିଲା । ତେଣୁ ନାଟ୍ୟକାର ରାମଶଙ୍କର ଆଲୋଚ୍ୟ କାଞ୍ଚିକାବେରୀ ନାଟକରେ ଜଗନ୍ନାଥ ଚେତନାର ପୁନର୍ଜାଗରଣ ଓ ଜାତୀୟ ଚେତନାର ନବ ଅଭ୍ୟୁଦୟ ନିମିତ୍ତ ସଂଚେତନ ଭାବରେ ପ୍ରେରଣା ପ୍ରଦାନ କରିଅଛନ୍ତି । ନାଟକର 'ପରିଭାଷା'ରେ ସେ ଶ୍ରୀ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ସୂଚନା ଦେଇ ପ୍ରସ୍ତାବନାରେ ସୂତ୍ରଧର ମୁଖରେ କହିଅଛନ୍ତି "ଏ ଦେଶ ପ୍ରତିଷ୍ଠିତ ଯେଉଁ ଜଗନ୍ନାଥ ଦେବଙ୍କର ଦର୍ଶନ ନିମନ୍ତେ ଭାରତ ବର୍ଷର ତାବତ୍ ଲୋକେ ପିପାସୁ ହୋଇ ଦୌଡ଼ିଛନ୍ତି, ଆଜି ତାଙ୍କର ବିଷୟ ଘେନି ଏଠାରେ ପ୍ରଥମ ଅଭିନୟ କରିବା ସୁନ୍ଦର ରୁଚିର କାର୍ଯ୍ୟ ।" ନାଟ୍ୟକାର ଦର୍ଶକମାନଙ୍କୁ 'ନିର୍ଦ୍ଦୋଷ ଆମୋଦ' ଦେବା ନିମିତ୍ତ ଏହି 'ସୁନ୍ଦର ରୁଚିର କାର୍ଯ୍ୟ'କୁ ଉକ୍ତ ନାଟକରେ ନାଟ୍ୟ ରୂପ ପ୍ରଦାନ କରିଅଛନ୍ତି ।

କାଞ୍ଚିକାବେରୀ ନାଟକରେ ଶ୍ରୀ ଜଗନ୍ନାଥ ହିଁ ପ୍ରକୃତରେ ପ୍ରାଣକେନ୍ଦ୍ର । ସମାଲୋଚକ ସୁରେନ୍ଦ୍ର ମହାନ୍ତି ପୁରୁଷୋତ୍ତମ ଦାସଙ୍କର କାଞ୍ଚିକାବେରୀ କାବ୍ୟ ଆଲୋଚନା କଲାବେଳେ ସେଥିରେ ସେ ଯଥାର୍ଥରେ ଲକ୍ଷ୍ୟ କରିଛନ୍ତି ପୁରୁଷୋତ୍ତମ

ଦେବ ନାୟକ ନୁହଁନ୍ତି । ନାୟକ ଶ୍ରୀଜଗନ୍ନାଥ—'କାଳିଆ ସାଉନ୍ତ' । ପୁରୁଷୋତ୍ତମ ଦେବ ସେହି କାଳିଆ ସାଉନ୍ତ ଜଗନ୍ନାଥଙ୍କ ନିର୍ଦ୍ଦେଶର ପାଳକମାତ୍ର । 'କାଞ୍ଚିକାବେରୀ' କାବ୍ୟରେ ଗଜପତି ପୁରୁଷୋତ୍ତମଦେବ ଓ କାଞ୍ଚି ରାଜକେମା ପଦ୍ମାବତୀ ନିମିତ୍ତ ମାତ୍ର; କିନ୍ତୁ ନାୟକ ଜଗନ୍ନାଥ ବା କାଳିଆ ସାଉନ୍ତ ଓ ନାୟିକା ଗୋପାଳୁଣୀ ମାଣିକ୍ୟ ବା ମାଣିକା । ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ବା କାଞ୍ଚି ଅଭିଯାନର ନେପଥ୍ୟରେ ଶ୍ରୀ ଜଗନ୍ନାଥଙ୍କ ଭକ୍ତବତ୍ସଳତା ପୁଣି ମାଣିକ୍ୟର ରାଗାନୁଗା ଶୁଦ୍ଧାଭକ୍ତି ଏଥିରେ ଏକ ଉଜ୍ଜ୍ୱଳ ଅଭିବ୍ୟକ୍ତି ଲାଭ କରିଅଛି ।" (୭୯) 'କାଞ୍ଚିକାବେରୀ' କାବ୍ୟ ଐତିହାସିକ ବିଷୟକୁ ଆଧାର କରି ରଚିତ ହୋଇଥିଲେ ହେଁ ଏଥିରେ ଇତିହାସ ଏକାନ୍ତ ଗୌଣ ହୋଇଯାଇ ଜଗନ୍ନାଥ ଭକ୍ତି ପ୍ରାଧାନ୍ୟ ଲାଭ କରିଅଛି । ଡକ୍ଟର ମାୟାଧର ମାନସିଂହ ମଧ୍ୟ ସ୍ପଷ୍ଟ ଲକ୍ଷ୍ୟ କରିଅଛନ୍ତି —"ତେଣୁ ଏ ଗ୍ରନ୍ଥରେ ପୁରୁଷୋତ୍ତମ ଦେବ ସାମ୍ରାଜ୍ୟ—କାମୀତା ବିଜୟୀ ବୀର ନୁହନ୍ତି । ସେ ଜଗନ୍ନାଥଙ୍କ ଦ୍ୱାରା ବିଶେଷ ଭାବରେ ଅନୁଗୃହୀତ ଜଣେ ବ୍ୟକ୍ତି ମାତ୍ର ।" (୮୦) ଉକ୍ତ କାବ୍ୟର ଭିତ୍ତି ମାଦଳା ପାଞ୍ଜି ବର୍ଣ୍ଣିତ କିମ୍ବଦନ୍ତୀ । ପୁରୁଷୋତ୍ତମ ଦାସ ସେହି କିମ୍ବଦନ୍ତୀକୁ ରସାଳ କାବ୍ୟିକ ରୂପ ପ୍ରଦାନ କରିଅଛନ୍ତି । ନାଟ୍ୟକାର ରାମଶଙ୍କର ସେହି କାବ୍ୟ ତଥା ରଙ୍ଗଲାଲଙ୍କ କାଞ୍ଚିକାବେରୀ କାବ୍ୟକୁ ମୁଖ୍ୟ ପ୍ରେରଣା ଭାବରେ ଗ୍ରହଣ କରିଥିବାରୁ ନାଟକରେ ଶ୍ରୀ ଜଗନ୍ନାଥଙ୍କୁ ହିଁ ପ୍ରକୃତରେ ନାୟକ କରିଅଛନ୍ତି । ତାଙ୍କର ଉଦ୍ଦେଶ୍ୟ ଯଦିଓ ଥିଲା ଶ୍ରୀ ଜଗନ୍ନାଥଙ୍କୁ ଜାତୀୟ ଦେବତା ରୂପେ ଉପସ୍ଥାପନ କରି ପୁରୁଷୋତ୍ତମ ଦେବଙ୍କୁ ଜାତୀୟ ବୀର ରୂପେ ଚିତ୍ରଣ କରିବା ଓ ତାରି ମାଧ୍ୟମରେ ଉତ୍କଳୀୟ ଜାତୀୟତାର ନବଜାଗରଣ ଆଣିବା କିନ୍ତୁ ନାଟକରେ ପୁରୁଷୋତ୍ତମଦେବ ଜାତୀୟ ବୀର ହୋଇ ପାରି ନାହାନ୍ତି । ବରଂ ସେ ହୋଇଛନ୍ତି ଜଗନ୍ନାଥଙ୍କର ଭକ୍ତ ।

ଗଜପତି ପୁରୁଷୋତ୍ତମ ଗୋପାଳୁଣୀ-ଗର୍ଭ-ସଂଭୂତ । କପିଳେନ୍ଦ୍ରଦେବଙ୍କର ସେ କୁଳଭ୍ରଷ୍ଟ ପୁତ୍ର । ଅଥଚ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ସେ ହେଲେ ଓଡ଼ିଶାର ଗଜପତି । ତତ୍ପରେ ସେ କାଞ୍ଚି ରାଜକନ୍ୟା ପଦ୍ମାବତୀଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ପଠାଇଲେ । କିନ୍ତୁ କାଞ୍ଚି ରାଜା ତାଙ୍କୁ ଜଗନ୍ନାଥଙ୍କ ରଥରେ ଛେରାପହଁରା ପରି ହାଡ଼ିର କାର୍ଯ୍ୟ କରୁଥିବାରୁ କନ୍ୟା ପ୍ରଦାନ କରିବାକୁ ମନା କରି ଦେଲେ । ଏହି ଅପମାନର ପ୍ରତିଶୋଧ ନେବା ପାଇଁ ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନ କଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଜଗନ୍ନାଥଙ୍କର ମାନ ରକ୍ଷା କରିବା । କିନ୍ତୁ ପ୍ରକୃତରେ ସେ ଏଥିପାଇଁ ଅସମର୍ଥ । ଶ୍ରୀଜଗନ୍ନାଥଙ୍କ ସକ୍ରିୟ ସମର୍ଥନ ବିନା ସେ

---

୭୯— ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ମଧ୍ୟ ପର୍ବ—ପୃ: ୩୮

୮୦— ଡକ୍ଟର ମାୟାଧର ମାନସିଂହ—ଓଡ଼ିଆ ସାହିତ୍ୟର ଇତିହାସ—ପୃ ୨୨୮

ଏହି ଅପମାନର ପ୍ରତିଶୋଧ ନେବେ ବା କିପରି ? ପଦ୍ମାବତୀଙ୍କ ପ୍ରତି ତାଙ୍କର ହୃଦୟରେ ଥିଲା ଗଭୀର ପ୍ରେମ । କିନ୍ତୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅପମାନ ହେତୁ ସେ ପଦ୍ମାବତୀଙ୍କୁ ଗୌଣ ମନେକଲେ । ସେ କହିଲେ କାଞ୍ଚିର ରାଜା କି ଜାଣେନା ଆମ୍ଭେ ଯାହାର ସେବା କରୁଁ ସେ ସମସ୍ତ ଜଗତର କର୍ତ୍ତା, ସମସ୍ତ ଲୋକଙ୍କର ପିତା—ସେ କହିଲେ କ୍ଷଣକ ମଧ୍ୟରେ କାଞ୍ଚି କାବେରୀ କି କାହିଁ ଉଡ଼ାଇ ଦେଇପାରେ । ତାହାର କି ଏତିକି ଜ୍ଞାନ ନୋହିଲା ଯେ ଯେଉଁ ଦେବତାର ଦର୍ଶନ ନିମନ୍ତେ ସମଗ୍ର ଭାରତବର୍ଷର ଯାବନ୍ତ ଲୋକେ ଅହରହ ଏ ସ୍ଥାନକୁ ଆସି ଏହି ନୀଳକନ୍ଦରକୁ ସ୍ୱର୍ଗପରି କରି ରଖିଛନ୍ତି, ଏଠାକୁ ଆସି ଦେବ ଦର୍ଶନ ନିମନ୍ତେ ନିତ୍ୟ ମହାକୋଳାହଳ ଲଗାଇଛନ୍ତି ସେ ମନେ କଲେ ଏହିକ୍ଷଣି ତା'କୁ ଜଳାଇଦେଇ ପାରେ, ତାକୁ ଅଧଃପାତରେ ବିନଷ୍ଟ କରି ପାରେ ? ଯାହାର ଅସୀମ ମାୟାବଳରେ ସିଂହଦ୍ୱାରକୁ ସମୁଦ୍ର ନିକଟ ହେଲେ ମଧ୍ୟ ତାହାର ବଜ୍ରନାଦ ଶୁଭଇ ନାହିଁ ଆମେ ସେହି ପ୍ରଭୁର ସେବା କରିବା କାଳରେ ଆମ୍ଭଙ୍କୁ ଚଣ୍ଡାଳ ବୋଲି କହିଲା ?" (୮୧) ପୁରୁଷୋତ୍ତମ ଦେବଙ୍କର ଏହି ଉକ୍ତି ତାଙ୍କର ଜଗନ୍ନାଥ ପ୍ରାଣତାର ପରିଚୟ ପ୍ରଦାନ କରେ । କେବଳ ସେ ନୁହନ୍ତି, ମନ୍ତ୍ରୀ ସଭାସଦ୍ ଓ ବିଦୂଷକ ପ୍ରମୁଖ ମଧ୍ୟ କାଞ୍ଚିରାଜାଙ୍କର ଜଗନ୍ନାଥଙ୍କର ଛେରାପହଁରା କାର୍ଯ୍ୟକୁ ତାଚ୍ଛଲ୍ୟ କରିବା ଘଟଣାକୁ ପସନ୍ଦ କରି ନାହାନ୍ତି । ତେଣୁ ପୁରୁଷୋତ୍ତମଦେବ ଦାସ ମହାସୁଆର ମାଧ୍ୟମରେ ଜଗନ୍ନାଥଙ୍କ ନିର୍ଦ୍ଦେଶ ଲାଭକରି କାଞ୍ଚି ଅଭିଯାନ କରିଅଛନ୍ତି । ଜଗନ୍ନାଥ ଓ ବଳଭଦ୍ର ମଧ୍ୟ ସୈନିକ ବେଶରେ ଧଳାଘୋଡ଼ା ଓ କଳାଘୋଡ଼ା ଚଢ଼ି ଯୁଦ୍ଧକୁ ଯାଇଛନ୍ତି । ବାଟରେ ଚିଲିକା କୂଳରେ ମାଣିକଠାରୁ ଦହି ଖାଇ ମୁଦି ବନ୍ଧା ଦେଇଛନ୍ତି । ମାଣିକ ସେହି ମୁଦି ଦେଖାଇ ତାର ମୂଲ୍ୟ ମାଗିଛି । ଏହି ସମୟର କେତୋଟି ସଂଳାପରୁ ଜଗନ୍ନାଥଙ୍କ ସ୍ୱରୂପ ଜଣାଯାଇଥାଏ ।

"ମାଣିକ—ଗୋସେଇଁ ଜଣେ କାଳିଆ ଆଉ ଜଣେ ଗୋରା । ଦହିଁଯାକ ଖାଇ ଆହୁରି ବଳିଲାରୁ ତାଙ୍କ ଘୋଡ଼ା ସହସ ଦହିଙ୍କି ଖାଇବାକୁ ଦେଲେ । କଉଡ଼ି ମାଗିଲାରୁ କାଳିଆଜଣକ ନାହିଁ ନାସ୍ତି କରି ଦେଲେ, ଆଉ ଗୋରାଜଣକ ଏ ମୁଦି ଦେଇଗଲେ । ମୁଁ ଭଲା ହଟହଟାରେ ପଡ଼ିଲି ଗୋସେଇଁ, ମୋତେ ରକ୍ଷା କର ।

ଦାସ— × × × ମଣିମା, ଦେଖିବା ହେଉନ୍ତୁ, ଆଗେତ ଏଡ଼େ ବହୁ-ମୂଲ୍ୟ ମିଳିବାର ଦୁଷ୍କର—ତହିଁରେ ପୁଣି ଏହା ଅବିକଳ ସେହି ମୁଦି । ପୁଣି ଦେଖନ୍ତୁ, ଯେଉଁ ଦହି ଖାଇଥିଲେ ସେ ଦହିଙ୍କ ଭିତରେ ଜଣେ କାଳିଆ ଆଉ ଜଣେ ଗୋରା । କାଳିଆ ଆମର ନଟନାଗର

୮୧ । କାଞ୍ଚିକାବେରୀ ନାଟକ - ପ୍ରଥମ ଅଭିନୟ—୧ମ ଦୃଶ୍ୟ ।

—ସେତ ମନା କରିଥିବ ଆଉ ଗୋରାଜଣଙ୍କ ସିଧା ମଣିଷ ମୁଦ ଦେଇଗଲା ।

× × ×

ରାଜା — × × × ଦେଖିଯାଆନ୍ତୁ ମଣିମା । ଭଲ ତୋତେ ସେ ଚିହ୍ନା ଦେଇଚନ୍ତି — ତାଙ୍କ ନାଁ, କି ତାଙ୍କ ମା'ବାପାଙ୍କ ନାଁ, କି ଆଉ କିଛି ?

ମାଣିକା — ନାହିଁ ଗୋସେଇଁ । ସାନ କଉଠି ଯଶୋଦା ବୋଲି ଜଣେ ଧାଈମା ଘରେ ଠି ଥିଲେ ଯେ ସେଠେଇ ଗାଈ ମଇଁଷି ଦୁହିଁ ହାତରେ ବିଣ୍ଡି ବସି ଯାଇଛି । ମୋତେ ଆଉ କିଛି ଜଣା ନାହିଁ, ତାଙ୍କ ସହିସଙ୍କ ନାଁ ଅକ୍ରୁର ଆଉ ଉଦ୍ଧବ ।"

— ଦ୍ୱିତୀୟ ଅଭିନୟ — ପ୍ରଥମଦୃଶ୍ୟ

ରାମଶଙ୍କର ଏହି ପ୍ରସଙ୍ଗକୁ କାଞ୍ଚିକାବେରୀ କାବ୍ୟରୁ ଗ୍ରହଣ କରିଥିବା ମନେହୁଏ । ଏଥିରେ ଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପିତ । ମାଣିକା ଓ ଶ୍ରୀରାଧାଙ୍କ ମଧ୍ୟରେ ସେଇ ଅଭେଦତ୍ୱ । ଏହାର ମାଧ୍ୟମରେ ପୁରୁଷୋତ୍ତମ ଦାସଙ୍କ କାଞ୍ଚିକାବେରୀ କାବ୍ୟର ଶୁଦ୍ଧା ଭକ୍ତିରସ ପ୍ରକଟିତ । ଗଜପତି ପୁରୁଷୋତ୍ତମ ଦେବ ଯେତେବେଳେ ମାଣିକାଠାରୁ ସକଳ ବୃତ୍ତାନ୍ତ ଶୁଣିଲେ ସେତେବେଳେ ସେ ଜଗନ୍ନାଥଙ୍କ ପ୍ରତି ଶୁଦ୍ଧାଭକ୍ତି ରସରେ ଉଦ୍‌ବେଳିତ ହୋଇ ଉଠିଲେ । ସେ କହିଲେ —

"ଦେବଜଗନ୍ନାଥ ସହ ବଳଭଦ୍ର ଭ୍ରାତା
ଆମ୍ଭର ନିମନ୍ତେ ଏତେ କ୍ଳେଶ ସହ୍ୟ କରି,
ଆମ୍ଭର ପ୍ରତିଜ୍ଞା ଏକା ପୂରାଇବା ଆଶେ,
ନିଜେ ଯାଇଛନ୍ତି କାଞ୍ଚି ଯୁଦ୍ଧରେ ଯୁଝିବେ,
ପାରିଲି ମୁଁ ଏତେଦିନେ ଚିହ୍ନି ଆପଣାକୁ
ଭଲ କରି ଭଦେ, କେହୁ ଏହି ଧରାଧାମେ
ମୋଠାରୁ ଭକତ — ପୂତ ଭକ୍ତିରସେ ମଗ୍ନ
ଯା ଲାଗି ଦେବେ ଏ ଶ୍ରମ ସ୍ୱୀକାର କରନ୍ତି,
ଅଶେଷ ପୂଜିତ ସେହୁ ମନୁଷ୍ୟ-ସମାଜେ —
ବଳି ତାହାଠାରୁ ନାହିଁ ଜଗତରେ କେହି !"

— ଦ୍ୱିତୀୟ ଅଭିନୟ —

ଶ୍ରୀଜଗନ୍ନାଥ ବଳଭଦ୍ର ରାଉତ ବେଶରେ ଯୁଦ୍ଧକୁ ଯାଉଥିବା ଜାଣି ପୁରୁଷୋତ୍ତମଦେବ ନିଜକୁ ବ୍ରହ୍ମାଠାରୁ ମଧ୍ୟ ବଡ଼ ମନେକରୁଛନ୍ତି । ତାଙ୍କର ଯୁକ୍ତି ହୋଇଛି ଅହଙ୍କାର । ଗର୍ବ

ଗଂଜନ ପ୍ରଭୁ ଜଗନ୍ନାଥ ତେଣୁ ପ୍ରଥମଥର ଯୁଦ୍ଧରେ ପୁରୁଷୋତ୍ତମଦେବଙ୍କୁ ପରାସ୍ତ କରାଇ ଦେଲେ । ଏଥର ପୁରୁଷୋତ୍ତମଦେବଙ୍କର ସୃଷ୍ଟି ହେଲା ଗଭୀର ଅନୁତାପ । ସେ କହିଲେ—"ପତିତପାବନ ! ପତିତପାବନବାନାରେ କଳଙ୍କ ଲାଗିବ ବୋଲି କେଉଁ ମନ କି ସାହସରେ କହିପାରେ ? ଦେବ ! ଜୀବ ସେହି ପାଦପଦ୍ମରେ ଆଜନ୍ମଭିକ୍ଷା ପ୍ରାର୍ଥନା କରି ଯେପରି ସୁଖରେ ପ୍ରତିପାଳିତ ହୋଇଆସିଛୁ ନିଜେ ଦେବ ଅନନ୍ତ ଶଯ୍ୟନରେ ସେ ସୁଖଲାଭ କରନ୍ତି କି ନାହିଁ ସନ୍ଦେହ । ଯେତେବେଳେ କରୁଣାଜଳ ହିଲ୍ଲୋଳ ପ୍ରଭାବରୁ ମନ ଅନ୍ତରଆତ୍ମାରୁ ଉଚ୍ଛ୍ୱସିଉଠି କାନ୍ଦିପକାଏ, ଦେବ ! ସେ ଆନନ୍ଦାଶ୍ରୁ ପବିତ୍ର ବୃଷ୍ଟିଧାରା ଅପେକ୍ଷା ମହତ୍ତର ଅଟେ । × × × ଦେବଙ୍କୁ କାଞ୍ଚିରାଜା ଅପମାନ ଦେଲା—ସେବକଙ୍କୁ ଅନ୍ୟାୟ କହି ଦେବଙ୍କୁ ଅବହେଳା କଲା, ଦାନ ତାହିଁର ପ୍ରତିଶୋଧ ନେବାକୁ ଇଚ୍ଛା କରିବାରୁ, ଦେବ, ପ୍ରଥମ ଦର୍ଶକ ହେଇ ନିଜେ ଯୁଦ୍ଧ କ୍ଷେତ୍ରକୁ ବାହାରି ଆସିଲେ । ଯେବେ ତାହିଁରେ ମଧ୍ୟ ଏ ଫଳ, ଯେବେ ତାହିଁରେ ମଧ୍ୟ ସ୍ୱଦେଶ ଛାଡ଼ି ବିଦେଶରେ ଘୋର ଅପମାନ ସହିବାକୁ ହେଲା, ତେବେ ଆଉ ଦିନ ଦେଖିବାର ଆଶା ରଖିନାହିଁ, ଏହିଠାରେ ମାଟିର ଶରୀର ମାଟିରେ ମିଶିଯିବ । ଆଜ୍ଞା ପାଦପଦ୍ମ ।" (୮୨) ପ୍ରାଣର ଆବେଗରେ ପୁରୁଷୋତ୍ତମଦେବ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଅଛନ୍ତି । ତାଙ୍କର ଦେଖା ଦେଇଛି ଗଭୀର ଅନ୍ତର୍ଦହନ । ସକଳ ଅହଂକାର ଓ ଅଭିମାନ ଅଶ୍ରୁଜଳରେ ବିଧୌତ ହୋଇଯାଇଛି । ଏଥର ସେ ମନେ କଲେ ଶ୍ରୀଜଗନ୍ନାଥଙ୍କ ଇଚ୍ଛାର ସେ କେବଳ ନିମିତ୍ତମାତ୍ର । ଜଗନ୍ନାଥ ହିଁ ସର୍ବନିୟନ୍ତା । ପୁରୁଷୋତ୍ତମଦେବ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ପୁନର୍ବାର ଯୁଦ୍ଧ ଯାତ୍ରା କରିଅଛନ୍ତି ଏବଂ ମାତ୍ର ଦୁଇଟା ତରବାରି କାଞ୍ଚୀସେନାକୁ ବିପର୍ଯ୍ୟସ୍ତ କରିଦେଇଛି । ପୁରୁଷୋତ୍ତମଦେବ ହେଲେ ବିଜୟୀ । ଏ ବିଜୟ ପୁରୁଷୋତ୍ତମଦେବଙ୍କର ଶୌର୍ଯ୍ୟ ଓ ବୀରତ୍ୱର ନୁହେଁ; ଏ ଭକ୍ତିର, ଜଗନ୍ନାଥଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣର । 'କାଞ୍ଚୀକାବେରୀ' ନାଟକରେ ବୀରତ୍ୱର ସଙ୍କେତଥିଲେ ହେଁ ତାହା ଭକ୍ତି-ନିୟନ୍ତ୍ରିତ । ବରଂ ଏଥିରେ ବୀରରସ ପ୍ରତି ପଦେ ପଦେ ଖର୍ବୀକୃତ । ଅଲୌକିକତା ଓ ଅତିଭୌତିକତାର କୁହେଳି ଭିତରେ ନାଟକୀୟ କଥାବସ୍ତୁ ଗତିଶୀଳ ହୋଇ ଭକ୍ତିରସକୁ ପ୍ରତିଷ୍ଠା ଦେଇଛି । ତେଣୁ ପୁରୁଷୋତ୍ତମଦେବ ଏହି ନାଟକରେ ଭକ୍ତ ହୋଇ-ପାରିଛନ୍ତି ସିନା ବୀର ହୋଇ ପାରିନାହାନ୍ତି । ଶ୍ରୀଜଗନ୍ନାଥଙ୍କଠାରେ ଆତ୍ମନିବେଦନ ଆତ୍ମସମର୍ପଣ କରିପାରିଛନ୍ତି ସିନା ଜାତୀୟ ଜାଗରଣରେ ପ୍ରେରଣାର ଉତ୍ସ ହୋଇ ପାରିନାହାନ୍ତି । ନାଟକର ନାୟକ ହେବାକୁ ମଧ୍ୟ ସେ ଯୋଗ୍ୟ ହୋଇପାରିନାହାନ୍ତି । ଶ୍ରୀଜଗନ୍ନାଥ ହେଲେ ନାୟକ । ପୁରୁଷୋତ୍ତମଦେବ ସେହି ନାୟକଙ୍କ ଆଦେଶ ଓ ଇଙ୍ଗିତର ପାଳକ ମାତ୍ର । ବୀରରସ ଏଥିରେ ଗୌଣ; ମୁଖ୍ୟ ଭକ୍ତିରସ । ଲୌକିକ

---

୮୨ । କାଞ୍ଚିକାବେରୀ—୪ର୍ଥ ଅଭିନୟ – ପ୍ରଥମ ଦୃଶ୍ୟ ।

ଶକ୍ତି ହୀନପ୍ରଭ; ଅଲୌକିକତା ଶକ୍ତିଶାଳୀ । ଏହାଦ୍ୱାରା ନାଟକର କଳାପାଟବତାରେ ବାଧା ଆସିଛି । କିନ୍ତୁ ଯାତ୍ରା ଓ ଲୀଳାରେ ପରଂପରାକ୍ରମେ ପ୍ରଚଳିତ ହୋଇ ଆସୁଥିବା ଦୈବୀଶକ୍ତିର ପ୍ରଭାବ ରାମଶଙ୍କରଙ୍କୁ ଏପରି ଅତିଭୌତିକଶକ୍ତି ଉପରେ ଗୁରୁତ୍ୱ ଦେବାକୁ ପ୍ରେରଣା ଦେଇଛି । ଅତଏବ ଇତିହାସ-କିମ୍ବଦନ୍ତୀ ଜନଶ୍ରୁତି ନିର୍ଭରଶୀଳ କାଞ୍ଚୀକାବେରୀ ନାଟକରେ ଜାତୀୟତାର ଭାବସ୍ପନ୍ଦନ ଥିଲେ ହେଁ ଦୈବୀଶକ୍ତି ପ୍ରାଧାନ୍ୟ ଲାଭ କରିଛି ଏବଂ ଏହି ଦୈବୀଶକ୍ତିର ନାଟ୍ୟରୂପାୟନ ହିଁ ଜଗନ୍ନାଥ ମାହାତ୍ମ୍ୟ ପ୍ରତିଷ୍ଠା କରିବାରେ ଓ ଜଗନ୍ନାଥ କୈନ୍ଦ୍ରିକ ଜାତୀୟ ଜାଗରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । କାଞ୍ଚିକାବେରୀ ନାଟକ ବାସ୍ତବିକ ଜଗନ୍ନାଥ ଭକ୍ତିର ଏକ ଅମ୍ଳାନ ସଂକେତ । ଏହା ଇତିହାସର ବିଷୟ ହେଲେ ହେଁ ମିଥ୍ ବା ପୁରାଣଧର୍ମୀ ହୋଇପଡ଼ିଥିବାରୁ ଜଗନ୍ନାଥଙ୍କୁ କେନ୍ଦ୍ରବିନ୍ଦୁ ଭାବରେ ଗ୍ରହଣ କରିନେଇ ଜଗନ୍ନାଥଭକ୍ତିର ଯଥାର୍ଥ ପ୍ରାଣପ୍ରତିଷ୍ଠା କରିଅଛି ଏବଂ ପରବର୍ତ୍ତୀ ସତ୍ୟବାଦୀ ସାହିତ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ଏହା ପ୍ରଭାବ ବିସ୍ତାର କରିଛି ।

## 'କାଞ୍ଚିକାବେରୀ'—ସୁନ୍ଦର-ରୁଚିର: କାର୍ଯ୍ୟ ।

ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ବିକାଶ ଓ ପ୍ରସାର ଫଳରେ ଏକ ନୂତନ ସାମାଜିକ ଚେତନା ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଓଡ଼ିଶାରେ ସୃଷ୍ଟି ହୋଇ ସାରିଥାଏ । ୧୮୭୦ ମସିହା ପରେ ବ୍ରାହ୍ମଧର୍ମର ପ୍ରସାର ଫଳରେ ଓଡ଼ିଶାରେ ନବ ଶିକ୍ଷିତ ଗୋଷ୍ଠୀଙ୍କୁ କେନ୍ଦ୍ରକରି ନୂତନ ସାମାଜିକ ଭାବଧାରା ଓ ରୁଚିବୋଧ ଦେଖାଦେଇଥାଏ । ବିଭିନ୍ନ ସାମାଜିକ ତଥା ଧାର୍ମିକ ଅନୁଷ୍ଠାନ ଓ ଉତ୍ସବମାନଙ୍କରେ ସୁରାପାନ ଏକ ମର୍ଯ୍ୟାଦା ଭାବରେ ବିବେଚିତ ହେଉଥିଲା ଏବଂ ବେଶ୍ୟାନୃତ୍ୟ ମଧ୍ୟ ପ୍ରଭାବ ବିସ୍ତାର କରିଥିଲା । ସେହି ସମୟରେ ଯାତ୍ରା, ପାଲା, ସୁଆଙ୍ଗ ଓ ଲୀଳା ଆଦିରେ ଅଶ୍ଳୀଳ ସଙ୍ଗୀତ ଓ ଅଭିନୟ ମଧ୍ୟ ଇତର ରୁଚିବୋଧକୁ ପରିତୃପ୍ତ କରୁଥିଲା । ସାମାଜିକ ଜୀବନରେ ଯେତେବେଳେ ଏହିପରି ସାଂସ୍କୃତିକ ଅବକ୍ଷୟ ଦେଖା ଦେଇଥିଲା ସେତେବେଳେ କେତେକ ସମ୍ବାଦପତ୍ରମାନଙ୍କରେ ତାକୁ କଠୋର ଭାବରେ ସମାଲୋଚନା କରାଯିବାକୁ ଲାଗିଲା । ପ୍ୟାରୀମୋହନ ଆଚାର୍ଯ୍ୟ 'ଉତ୍କଳ ପୁତ୍ର'ରେ ଏ ଦିଗରେ ଆଦ୍ୟ ନେତୃତ୍ୱ ନେଲେ । 'ଉତ୍କଳଦୀପିକା' ଓ 'ସମ୍ବାଦବାହିକା'ରେ ମଧ୍ୟ ଇତର-ରୁଚିବୋଧ ପ୍ରତି ତୀବ୍ର ସମାଲୋଚନା ପ୍ରକାଶ ପାଇଲା । ବିଶେଷତଃ ତତ୍କାଳୀନ ଯାତ୍ରାରେ ପ୍ରଦର୍ଶିତ ହେଉଥିବା ଅଶ୍ଳୀଳ ସଙ୍ଗୀତ ଓ ଅଭିନୟ ପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲେ । ୧୮୮୦ ମସିହା ପର୍ଯ୍ୟନ୍ତ ନୂତନ ରୁଚିବୋଧ ପାଇଁ ପତ୍ରପତ୍ରିକାମାନେ କ୍ଷେତ୍ର ପ୍ରସ୍ତୁତ କରିବାକୁ ଲାଗିଲେ । ତାର

ପରିଣତ ସ୍ୱରୂପ ରାମଶଙ୍କର ରାୟ ରଚନା କଲେ କାଞ୍ଚିକାବେରୀ ନାଟକ । ଏହା ହିଁ ଆଧୁନିକ ଓଡ଼ିଆ ସାହିତ୍ୟରେ ଅଦ୍ୟ 'ସୁନ୍ଦରରୁଚିର କାର୍ଯ୍ୟ' ।

'କାଞ୍ଚିକାବେରୀ' ନାଟକର ପ୍ରସ୍ତାବନାରେ ସୂତ୍ରଧର କହୁଛୁ "ବର୍ତ୍ତମାନ ଉପସ୍ଥିତ ଭାରତୀୟ ସାଧୁଜନମାନଙ୍କୁ ଆମ୍ଭର ସାଦର ଅଭିବାଦନ । ଆଜି ଲୋକରେ ଯେପରି ରମଣୀୟ ସମୟ ପ୍ରାପ୍ତ ହୋଇଅଛୁ ତହିଁକି ନାଟକର ଅଭିନୟ ବିନା ଭଦ୍ର-ମଣ୍ଡଳୀର ଉପଯୁକ୍ତ ତୃପ୍ତି ହୋଇ ନ ପାରେ ।" ପ୍ରଥମରୁ ନାଟ୍ୟକାର ସେ ସମୟରେ ସାଧୁ ଓ ଶିକ୍ଷିତ ଲୋକମାନଙ୍କୁ ତାଙ୍କର ନାଟକ ବିଷୟରେ ଅବହିତ କରାଇ ଦେଇ-ଛନ୍ତି । ସେହି ସମୟ ଥିଲା ନାଟକ ପାଇଁ 'ରମଣୀୟ ସମୟ' । ଯାତ୍ରା, ଲୀଳା, ସୁଆଙ୍ଗର ଇତର-ଅଭିନୟର ପୂର୍ଣ୍ଣଚ୍ଛେଦ ପକାଇ ନୂତନ ନାଟ୍ୟାଭିନୟ ପାଇଁ ଯେଉଁ ଉତ୍କଣ୍ଠା ସୃଷ୍ଟି ହୋଇଥିଲା ତାକୁ ହିଁ ନାଟ୍ୟକାର ରାମଶଙ୍କର ଲକ୍ଷ୍ୟ କରିଥିଲେ । ତେଣୁ ସେହି ସମୟ ଥିଲା ତରୁଣ ନାଟ୍ୟକାର ରାମଶଙ୍କରଙ୍କ ପକ୍ଷରେ ସୁବର୍ଣ୍ଣ ସମୟ । ସେ ଠିକ୍ ରୂପେ ଅନୁଭବ କରିଥିଲେ ଯେ 'ଉଦାର ମନ, ଗମ୍ଭୀର ପ୍ରକୃତି ଓ ରସଜ୍ଞ ବୁଦ୍ଧିକୁ ପ୍ରକୃତ ନାଟକାଭିନୟ ହିଁ 'ନିର୍ଦ୍ଦୋଷ ଆମୋଦ' ପ୍ରଦାନ କରିପାରିବ । ତେଣୁ ସେ 'କାଞ୍ଚିକାବେରୀ' ନାଟକ ଅଭିନୟ ଦେଖାଇବାକୁ ସାହସ କଲେ । ତାଙ୍କର ଆଶଙ୍କା ଥିଲା ଓଡ଼ିଆ ଭାଷାରେ ସେ ପ୍ରଥମେ ପ୍ରକୃତ ନାଟକ ରଚନା କରିବାକୁ ଯାଉଥିବାରୁ ହୁଏତ ଲୋକେ ତାକୁ ଗ୍ରହଣ କରି ନ ପାରନ୍ତି । କିନ୍ତୁ ସୂତ୍ରଧର ଏ ସମ୍ପର୍କରେ କହୁଛୁ—"ମୁଁ ଦେଖିଛୁ 'କାଞ୍ଚିକାବେରୀ'ର ବିଷୟ ମନ୍ଦ ନୁହେଁ । ତହିଁରେ ଭାବୁକ ପାଇଁ ଯେପରି ଭାବ ନିହିତ ଅଛୁ, ଭକ୍ତ ପାଇଁ ମଧ୍ୟ ସେହିପରି ରସ ସଂଚିତ ଅଛୁ; ରସିକ ଯେପରି ରସରେ ବୁଡ଼ିପାରିବ, ନୈତିକ ସେହିପରି ନୀତିରେ ଖେଳୁଥିବ । ତହିଁରେ ଶୃଙ୍ଗାର, ବୀର, କରୁଣ, ରୌଦ୍ର ଓ ହାସ୍ୟାଦି କେତେଗୁଡ଼ିଏ ରସର ଚର୍ଚ୍ଚା ଅଛୁ । ଆହୁରି ମଧ୍ୟ ତହିଁରେ ଶ୍ରୀଜଗନ୍ନାଥ ଦେବଙ୍କର ମହିମା କୀର୍ତ୍ତନ, ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କର ପୁରୁଷୋତ୍ତମଦେବଙ୍କ ନିମନ୍ତେ ସ୍ୱୟଂ ଯୁଦ୍ଧଯାତ୍ରା, ପଦ୍ମାବତୀଙ୍କର କଠୋର ବ୍ରତ, ପୁରୁଷୋତ୍ତମଦେବଙ୍କର ନିଶ୍ଚଳ ପ୍ରତିଜ୍ଞା, ମନ୍ତ୍ରୀ ବିଦ୍ୟାନିଧିର ଅପୂର୍ବ କୌଶଳ, ମାଣିକାର ଭକ୍ତି, ଦୂତ ମେଘବର୍ଣ୍ଣର ଚତୁରତା, ଭଦ୍ରାର ମୋହିନୀ ଶକ୍ତି, ଦାସର ଅପୂର୍ବ ଭକ୍ତି ସୁନ୍ଦର ରୂପରେ ବର୍ଣ୍ଣିତ ହୋଇଛୁ । ପୁଣି ଏ ଦେଶ ପ୍ରତିଷ୍ଠିତ ଯେଉଁ ଜଗନ୍ନାଥ ଦେବଙ୍କର ଦର୍ଶନ ନିମନ୍ତେ ଭାରତ ବର୍ଷର ତାବତ୍ ଲୋକେ ପିପାସୁ ହୋଇ ଦୌଡ଼ୁଛନ୍ତି, ଆଜି ତାଙ୍କର ବିଷୟ ଘେନି ଏଠାରେ ପ୍ରଥମ ଅଭିନୟ କରିବା ସୁନ୍ଦର ରୁଚିର କାର୍ଯ୍ୟ ।" ନାଟ୍ୟକାର ସୂତ୍ରଧର ମୁଖରେ ଏ ଯେଉଁ କଥା କହିଅଛନ୍ତି ତାହା ପ୍ରକୃତରେ ତାଙ୍କ ନିଜର ଅଭିବ୍ୟକ୍ତି । ସେ ବିଜ୍ଞ ଦର୍ଶକମାନଙ୍କର ନିର୍ଦ୍ଦୋଷ ଆମୋଦ ପାଇଁ ଜଗନ୍ନାଥଙ୍କ ବିଷୟକୁ ସୁନ୍ଦର ରୁଚିର କାର୍ଯ୍ୟ ମନେ କରିଅଛନ୍ତି । ତେଣୁ 'କାଞ୍ଚିକାବେରୀ'ର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜଗନ୍ନାଥଙ୍କ ବିଷୟ ଓ ଜଗନ୍ନାଥଙ୍କ-ଭକ୍ତି ଉକ୍ତ ନାଟକର ମୁଖ୍ୟ ପ୍ରାଣସତ୍ତା । ତେଣୁ ଏ ନାଟକର ନାୟକ ଶ୍ରୀଜଗନ୍ନାଥ । ପୁରୁଷୋତ୍ତମଦେବ ତାଙ୍କ ଭକ୍ତ । ଜଗନ୍ନାଥଙ୍କ ବ୍ୟତୀତ ସେ ଭୀରୁ ଓ ଦୁର୍ବଳ । ଜଗନ୍ନାଥଙ୍କ ସେବାପର୍ବକୁ ସେ ମନେ କରିଛନ୍ତି ପରମ କର୍ତ୍ତବ୍ୟ । ସେହି ଅଧିକାର ପ୍ରତି କାଞ୍ଚିରାଜାଙ୍କର ତାଚ୍ଛଲ୍ୟ ତାଙ୍କୁ କାଞ୍ଚି ବିରୁଦ୍ଧରେ ଅଭିଯାନ କରିବାକୁ ବାଧ୍ୟ କରିଛି । କିନ୍ତୁ ସେ ନିଜ ଶକ୍ତି ଓ ସାମର୍ଥ୍ୟରେ କାଞ୍ଚି ଜୟ କରିପାରି ନାହାନ୍ତି । ଜଗନ୍ନାଥଙ୍କ ସକ୍ରିୟ ସାହାଯ୍ୟ ତାଙ୍କୁ ବିଜୟୀ କରିଛି । ଏହି ବିଷୟର ନାଟକୀୟ ଉପସ୍ଥାପନା ଦର୍ଶକଙ୍କୁ ଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ କରିଛି । ତତ୍‌ସହିତ ଦାସ ମହାସୁଆରର ଜଗନ୍ନାଥଙ୍କ ଭକ୍ତି, 'ମାଣିକର ଜଗନ୍ନାଥ ଓ ବଳଭଦ୍ରଙ୍କୁ ଦହି ଖୁଆଇ ମୁଦି ବନ୍ଧା ରଖିବା, ଗୋଦାବରୀ ମିଶ୍ରଙ୍କର ଅଲୌକିକ ମନ୍ତ୍ରବଳରେ ଗୋଦାବରୀରେ ବନ୍ୟା ହେବା ଇତ୍ୟାଦି ଘଟଣା ଅନେକ ସମୟରେ ନାଟକୀୟ ବାସ୍ତବତା ପ୍ରତି ଆଣିଥିଲେ ହେଁ ଭକ୍ତିର ବିକାଶ ଓ ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛି । କେବଳ ଏତିକି ନୁହେଁ; ଓଡ଼ିଆ ସାହିତ୍ୟରେ ରୂପତୃଷ୍ଣା ଜନିତ ଯେଉଁ ଭୋଗ-ସର୍ବସ୍ୱ ପ୍ରେମର ଧାରା ପ୍ରଚଳିତ ହୋଇ ଆସିଥିଲା ଏବଂ ପ୍ରେମ ନାମରେ କାମର ଯେଉଁ ବିଚିତ୍ର ବିଳାସ ଦେଖିବାକୁ ମିଳୁଥିଲା ତାର ଏକ ସଂଯତ ଓ ସ୍ୱବସାନ୍ଦ୍ର ଚିତ୍ର ପ୍ରଥମଥର ପାଇଁ 'କାଞ୍ଚିକାବେରୀ' ନାଟକରେ ଦେଖିବାକୁ ମିଳିଲା । ଏହି ପ୍ରେମ ମାର୍ଜିତ ଓ ସୁରୁଚିପୂର୍ଣ୍ଣ । ଏଥିରେ ବିଭିନ୍ନ ରସର ଅବତାରଣା ଅଛି; ମାତ୍ର ସବୁ ରସ ସୁରୁଚିପୂର୍ଣ୍ଣ । ଏହାର ସାମଗ୍ରିକ ଆବେଦନ 'ନିର୍ଦ୍ଦୋଷ ଆମୋଦ' ଦେବାକୁ ସମର୍ଥ । ଲୋକଚିତ୍ତରେ ନୂତନ ରୁଚିବୋଧ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ଜାତୀୟତା ଭାବକୁ ଭକ୍ତି ରସରେ ରୂପାନ୍ତରିତ କରି ମାର୍ଜିତ କଳାଧର୍ମୀ ଆଧୁନିକ ନାଟକ ରଚନା କରିବାରେ ରାମଶଙ୍କର 'କାଞ୍ଚିକାବେରୀ'ରେ ଯେଉଁ ପ୍ରାଥମିକ ଭୂମିକା ନେଇ ଅଛନ୍ତି ତାହା ବାସ୍ତବିକ ଅଭିନବ ।

## 'କାଞ୍ଚିକାବେରୀ' ନାଟକରେ ଲଳିତ ବିଭବ-ପ୍ରେମ ।

ଓଡ଼ିଶା ଇତିହାସର ଏକ ସୁପରିଚିତ ଘଟଣାକୁ ନେଇ 'କାଞ୍ଚିକାବେରୀ' ନାଟକ ରଚିତ ହୋଇଥିଲେ ହେଁ କିମ୍ବଦନ୍ତୀ ଜନଶ୍ରୁତି ଅବଲମ୍ବନରେ ଏହି କଥାବସ୍ତୁର ଅନ୍ତଃସ୍ଥଳରେ ପ୍ରେମର ଏକ ଅନାହତ ଫଲ୍ଗୁ ପ୍ରବାହିତ । ଗଜପତି ପୁରୁଷୋତ୍ତମ, ଦେବ ଓ କାଞ୍ଚି ରାଜକନ୍ୟା ପଦ୍ମାବତୀଙ୍କ ମଧ୍ୟରେ ଥିବା ପ୍ରେମର ସ୍ୱରୂପ, ସଂଘର୍ଷ ଓ ପରିଣତି ସମ୍ପର୍କରେ ନାଟ୍ୟକାର ଯେପରି ନାଟକୀୟ ଉପସ୍ଥାପନା କରିଅଛନ୍ତି ତାହା ବାସ୍ତବିକ ପ୍ରଣିଧାନଯୋଗ୍ୟ । ଡକ୍ଟର ନଟବର ସାମନ୍ତରାୟ "ଓଡ଼ିଆ ସାହିତ୍ୟର ଇତିହାସ"ରେ ଏ ସମ୍ପର୍କରେ ଲେଖିଛନ୍ତି—"ଏକ ଦିଗରେ ପଦ୍ମାବତୀ ପ୍ରତି ପୁରୁଷୋତ୍ତମଦେବଙ୍କର ଆନ୍ତରିକ ଆକର୍ଷଣ, ଅନ୍ୟଦିଗରେ ପ୍ରତିଶୋଧର ଅନଳ-

ପ୍ରତିଜ୍ଞା ଅର୍ଥାତ୍ ପ୍ରେମ ଓ ତାର ବିପରୀତମୁଖୀ ପ୍ରବୃତ୍ତି ପ୍ରତିଶୋଧ - ଏ ଦୁଇ ପ୍ରବୃତ୍ତିର ପାରସ୍ପରିକ ଦ୍ୱନ୍ଦ୍ୱ ଭିତରେ ଫୁଟି ଉଠିଛି ପୁରୁଷୋତ୍ତମଦେବଙ୍କ ଆନ୍ତଃସୌନ୍ଦର୍ଯ୍ୟ ତଥା ନାଟକର ଲଳିତ କଳା-ବିଭବ ।'' (୮୩) ଇତିହାସର ଜୀର୍ଣ୍ଣ କଥାବସ୍ତୁରେ କିମ୍ବଦନ୍ତୀର ମାନବୀୟ ରସ ମିଶି 'କାଞ୍ଚିକାବେରୀ' ନାଟକକୁ କଳାଶ୍ରୀ ମଣ୍ଡିତ କରିଛି । ପୁରୁଷୋତ୍ତମ ଦେବଙ୍କ ପ୍ରତି ପଦ୍ମାବତୀଙ୍କର ରୂପାନୁରାଗ, ପଦ୍ମାବତୀ ଓ ପୁରୁଷୋତ୍ତମଦେବଙ୍କର ପାରସ୍ପରିକ ଆକର୍ଷଣ ଓ ପ୍ରେମବୋଧ, ପୁରୁଷୋତ୍ତମଦେବଙ୍କ ପ୍ରତି କାଞ୍ଚିରାଜାଙ୍କର ଅପମାନ ଓ ସେହି ଅପମାନର ପ୍ରତିଶୋଧ ନେବା ପାଇଁ ପୁରୁଷୋତ୍ତମଦେବଙ୍କର ଅଭିଯାନ ଏବଂ ପଦ୍ମାବତୀଙ୍କୁ ଚଣ୍ଡାଳ ହାତରେ ସମର୍ପଣ କରିବା ପାଇଁ କଠୋର ପ୍ରତିଜ୍ଞା, ବିଜୟ ପରେ ପୁରୁଷୋତ୍ତମଦେବଙ୍କର ମାନସିକ ପ୍ରତିକ୍ରିୟା ଓ ମନ୍ତ୍ରୀକର୍ତ୍ତୃକ ପଦ୍ମାବତୀ ସହିତ ପୁରୁଷୋତ୍ତମଦେବଙ୍କର ବିବାହ—ଏହି କଥାବସ୍ତୁକୁ ନେଇ ଗଢ଼ି-ଉଠିଛି 'କାଞ୍ଚିକାବେରୀ' ନାଟକର କଳା-ଶିଳ୍ପ । ନାୟକ ନାୟିକାଙ୍କର ଏହି ପ୍ରେମ କାହାଣୀ ଇତିହାସ ସମର୍ଥିତ ନୁହେଁ, ମାତ୍ର ଏହି ମାନବିକ ଅନ୍ତର୍ଦ୍ୱନ୍ଦ୍ୱ ପରିବର୍ତ୍ତେ ଉକ୍ତ ନାଟକର କଳାବିଭବ ଗଢ଼ି ଉଠିଥାନ୍ତା କିପରି ? କିମ୍ବଦନ୍ତୀ ଆଶ୍ରିତ ଏହି ଉପାଖ୍ୟାନକୁ ଇତିହାସଗର୍ଭିତ କରି ନାଟ୍ୟକାର ଏହାକୁ କମନୀୟ ନାଟ୍ୟରୂପ ପ୍ରଦାନ କରିଅଛନ୍ତି ।

ଗଜପତି ପୁରୁଷୋତ୍ତମଦେବ ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ ସେଦିନ ଦେଖିଥିଲେ କାଞ୍ଚିରାଜକନ୍ୟା ଅପରୂପଲାବଣ୍ୟମୟୀ ପଦ୍ମାବତୀଙ୍କୁ । ସେହି ପ୍ରଥମ ଦର୍ଶନରୁ ହିଁ ତାଙ୍କ ଅନ୍ତରରେ ସୃଷ୍ଟି ହୋଇଥିଲା ପ୍ରେମର ଅଙ୍କୁରୋଦ୍‌ଗମ । ସେଦିନର ସେହି ରୂପତୃଷ୍ଣା ତାଙ୍କର ଅନ୍ତରରେ କ୍ରମେ ଦ୍ରବୀଭୂତ ହୋଇ ପ୍ରେମର ଲଳିତ ଭାବ ସୃଷ୍ଟି କଲା । ପଦ୍ମାବତୀର ଅନୁପସ୍ଥିତିରେ ସେ ଅଙ୍କନ କଲେ ତାଙ୍କର ଚିତ୍ରପଟ । ପଦ୍ମାବତୀଙ୍କୁ ଭୁଲିବାକୁ ଶତଚେଷ୍ଟା କରି ମଧ୍ୟ ସେ ଭୁଲିପାରି ନାହାନ୍ତି । କାଞ୍ଚିରାଜାଙ୍କ ଅପମାନର ପ୍ରତିଶୋଧ ନେବାକୁ ଯଦିଓ ସେ ବଜ୍ରଶପଥ କରିଛନ୍ତି ପଦ୍ମାବତୀଙ୍କୁ ଚଣ୍ଡାଳ ହାତରେ ସମର୍ପଣ କରିବା ପାଇଁ ତଥାପି ସେ ଅନ୍ତର ମଧ୍ୟରେ ପଦ୍ମାବତୀଙ୍କୁ ଭଲ ପାଇଛନ୍ତି । କାଞ୍ଚିଅଭିଯାନର ଅବ୍ୟବହିତ ପୂର୍ବରୁ ସେ କହିଛନ୍ତି—''ଆମ୍ଭର ହୃଦୟର ହୃଦୟ ଏବେ ମଧ୍ୟ ପଦ୍ମାବତୀ ପାଇଁ ଝୁରୁଛି । କିନ୍ତୁ ଯେଉଁଦିନ କାଞ୍ଚିର ରାଜା ଆମ୍ଭଙ୍କୁ ଚଣ୍ଡାଳ ବୋଲି କହିଛି ଆମ୍ଭେ ସେହିଦିନୁଁ ପଦ୍ମାବତୀକି ଦୂରକୁ ନିକ୍ଷେପ କରିଛୁଁ ।'' (୮୪) ଅନ୍ୟପକ୍ଷରେ ପଦ୍ମାବତୀ ମଧ୍ୟ ପ୍ରିୟତମ ପୁରୁଷୋତ୍ତମଙ୍କୁ ଭୁଲିପାରି ନାହାନ୍ତି । ପିତାମାତାଙ୍କର ବିରୋଧ ସତ୍ତ୍ୱେ ସେ ମନେ ମନେ ପୁରୁଷୋତ୍ତମଦେବଙ୍କୁ ହିଁ ଭଲ ପାଇଛନ୍ତି । ମନ ଭିତରେ ଯାହାଙ୍କୁ ପତି ରୂପେ ବରଣ କରିସାରିଛନ୍ତି ଆଉ କିପରି ସେ କାହାକୁ

---

୮୩ । ଡ଼କ୍ଟର ନଟବର ସାମନ୍ତରାୟ — ଓଡ଼ିଆ ସାହିତ୍ୟର ଇତିହାସ—ପୃ ୪୩୭

ବିବାହ କରିବେ । ଠାକୁର ରାଜାଙ୍କୁ ଦେଖିଲା ଦିନରୁ ତାଙ୍କର ଯେଉଁ ରୂପାନୁରାଗ ସୃଷ୍ଟି ହୋଇଥିଲା ବିବାହ ପ୍ରସ୍ତାବ ଭାଙ୍ଗିଗଲା ପରେ ସେହି ଅନୁରାଗ ପ୍ରେମରେ ପରିଣତ ହୋଇଗଲା । ଯେତେବେଳେ ସେ ଶୁଣିଛି ଯେ ପୁରୁଷୋତ୍ତମଦେବ ତାର ପାଇଁ ଯୁଦ୍ଧ କରିବାକୁ ଆସୁଛନ୍ତି ସେତେବେଳେ ସେ ଭାବିଛି ପ୍ରାଣେଶ୍ୱର ତାଙ୍କୁ ଭୁଲି ନାହାନ୍ତି । ଶଶିବାଳା ପୁରୁଷୋତ୍ତମଦେବଙ୍କୁ ନିଷ୍ଠୁର କହନ୍ତେ ପଦ୍ମାବତୀ ସଙ୍ଗେ ସଙ୍ଗେ ବିରୋଧ କରିଛି ଏବଂ କହିଛି—"ତାଙ୍କୁ ନିନ୍ଦା କରିବ ନାହିଁ । ମୁଁ ତାଙ୍କୁ ଉତ୍ତମ ରୂପରେ ଜାଣେ; ତାଙ୍କପରି ବିଶ୍ୱରକ୍ଷକ, ଦୟାଳୁ ଏବଂ ସଦାଚାରୀ ଲୋକ ଅତି ଅଳ୍ପ ଦେଖାଯାନ୍ତି । ସେ ରାଗରେ ଏପରି କହିପକାଇଥିବେ । ତାଙ୍କର କେବେ ଏପରି ମନ ନୁହେଁ ଯେ, ମୋତେ ନିଷ୍ଠୁର କହିବେ । ମାଂସ, ଚର୍ମ ନିର୍ମିତ ଶରୀରକୁ ପାଷାଣ କରିବା ମନୁଷ୍ୟର କରାୟତ୍ତ ନୁହେଁ, ନୋହିଲେ ପୃଥିବୀରୁ ଦୟାମାୟା ଉଠିଯାଇ ସାରି-ଥାଆନ୍ତାଣି । ଯେତେବେଳେ ଶ୍ରୀଜଗନ୍ନାଥଦେବଙ୍କର ରଥଯାତ୍ରା ଉଦ୍ଦେଶ୍ୟରେ ପୁରୀ ରାଜାଙ୍କୁ ଦେଖିବା କାରଣ ପିତାମାତାଙ୍କ ସଙ୍ଗରେ ଯାତ୍ରା କଲୁଁ, ତେତେବେଳେ ଯେଉଁ ପ୍ରଣୟବୀଜର ଆଗହୁଁ ସୂତ୍ରପାତ ହୋଇଥିଲା ତାହା ଦୃଢ଼ୀଭୂତ ହେଲା । ତହିଁ ଉତ୍ତାରୁ ପ୍ରାଣେଶ୍ୱରଙ୍କୁ ଦେଖିଲା ବେଳୁଁ ପ୍ରଣୟ ପ୍ରେମରେ ପରିଣତ ହେଲା, ମନକ୍ଷେତ୍ରରେ ପ୍ରଣୟବୀଜରୁ ପ୍ରେମାଙ୍କୁର ଜାତ ହେଲା, ଯେ ତା ସ୍ୱାଭାବିକ ଆଉ କାଳ୍ପନିକ ପ୍ରାଣେଶ୍ୱରଙ୍କୁ ତେତେବେଳେ ପ୍ରାଣେଶ୍ୱର ବୋଲି ବୁଝିପାରିଲୁ । ସେତେବେଳେ ଉପବନରେ ପୁଷ୍ପ ତୋଳୁ ତୋଳୁ ହଠାତ୍ ପ୍ରାଣେଶ୍ୱରଙ୍କୁ ସେଠାରେ ଉପସ୍ଥିତ ହେବାର ଦେଖି ଲଜ୍ଜାରେ ପଳାୟନ କରିଥିଲୁ—ସେଦିନ ଆଉ ମୃତ୍ୟୁ ପରେ ସୁଧା ମିଳିବ ନାହିଁ !

(୮୫) ପଦ୍ମାବତୀ ପୁରୁଷୋତ୍ତମଦେବଙ୍କ ପ୍ରତି ଆକୃଷ୍ଟା । ଦେଶ ଓ ଜାତି ପ୍ରତି ବିପଦ ଆସିଥିଲେ ମଧ୍ୟ ତାର ପ୍ରେମ ଅଟଳ । ପିତାମାତାଙ୍କ ବିପର୍ଯ୍ୟୟ ହୋଇଥିଲେ ମଧ୍ୟ ଏବଂ ସେ ସୈନିକମାନଙ୍କ ଦ୍ୱାରା ବନ୍ଦିନୀ ହୋଇ ଆସିଥିଲେ ମଧ୍ୟ ପୁରୁଷୋତ୍ତମଦେବଙ୍କ ପ୍ରତି କୌଣସି ପ୍ରକାର ବାଣୀ ପ୍ରକାଶ କରି ନାହାନ୍ତି । ରାମାୟଣରେ ସତୀ ସାଧ୍ୱୀ ସୀତା ଯେପରି ସ୍ୱାମୀ କର୍ତ୍ତୃକ ନିର୍ବାସିତା ହୋଇଥିଲେ ମଧ୍ୟ ସ୍ୱାମୀଙ୍କୁ ନିନ୍ଦା କରି ନାହାନ୍ତି ସେହିପରି ପଦ୍ମାବତୀ ସକଳ ଦୁଃଖ ଓ ଯନ୍ତ୍ରଣାରେ ଥାଇ ମଧ୍ୟ ପୁରୁଷୋତ୍ତମଦେବଙ୍କୁ ନିନ୍ଦା କରି ନାହାନ୍ତି । ପୁରୁଷୋତ୍ତମଦେବ ସେଦିନ ମନ୍ତ୍ରୀ ବିଦ୍ୟାନିଧିଙ୍କୁ ଆଦେଶ ଦେଇଥିଲେ ଯଥାଶୀଘ୍ର ପଦ୍ମାବତୀଙ୍କୁ ଚଣ୍ଡାଳ ସହିତ ବିବାହ ଦେଇଦେବାକୁ । ତତ୍ପରେ ତାଙ୍କର ଦେଖାଦେଇଥିଲା ଗମ୍ଭୀର ମାନସିକ ଦ୍ୱନ୍ଦ୍ୱ । ସେ ଆଉ ରାଜା ନୁହନ୍ତି; ଜଣେ ସାମାନ୍ୟ ରକ୍ତମାଂସ ଦେହଧାରୀ ମଣିଷ । ତାଙ୍କର ହୃଦୟବୃତ୍ତିରେ ଅଛି ଗଭୀର ପ୍ରେମ । ପଦ୍ମାବତୀ ତାଙ୍କ ହୃଦୟର ଏକମାତ୍ର ଅଧିକାରିଣୀ । ଅଥଚ ସେ ପଦ୍ମାବତୀଙ୍କୁ

---

୮୪ । କାଞ୍ଚିକାବେରୀ ନାଟକ—ପ୍ରଥମ ଅଭିନୟ—ପ୍ରଥମ ଦୃଶ୍ୟ ।

୮୫ । 'କାଞ୍ଚିକାବେରୀ'—ତୃତୀୟ ଅଭିନୟ—୪ର୍ଥ ଦୃଶ୍ୟ ।

ଚଣ୍ଡାଳ ସହିତ ବିବାହ ଦେବାକୁ ଆଦେଶ ଦେଇଛନ୍ତି । ଏପରି ନିଷ୍ଠୁର ଆଦେଶରେ ସେ ନିଜେ ବିଚଳିତ ହୋଇପଡ଼ିଛନ୍ତି । ସୀତାଙ୍କୁ ନିର୍ବାସନ ଦଣ୍ଡ ଦେଇ ରାମଚନ୍ଦ୍ର ଯେପରି ବିଚଳିତ ହୋଇପଡ଼ିଥିଲେ ଏବଂ ତାଙ୍କର ରାଜହୃଦୟରେ ଯେପରି ପ୍ରେମମୟ ପୁରୁଷହୃଦୟର ଆବିର୍ଭାବ ଘଟିଥିଲା ଠିକ୍ ସେହିପରି ପୁରୁଷୋତ୍ତମଦେବଙ୍କର ରାଜ ହୃଦୟରେ ଆବିର୍ଭୂତ ହେଲା ପ୍ରେମମୟ ପୁରୁଷର ହୃଦୟ । ରାତ୍ରିରେ ହଠାତ୍ ଏକ ସ୍ୱପ୍ନ ଦେଖି ପୁରୁଷୋତ୍ତମ ଉଠି ପଡ଼ିଛନ୍ତି । ସେ କହିଛନ୍ତି—"ଓଃ । କି ଦୁର୍ଦ୍ଦୈବ । କି ଭୟାନକ ସ୍ୱପ୍ନ । ଭଗବାନ ଏ ଦୀନକୁ ଏ ଭୟାନକ ସନ୍ଧିରେ ପକାଇ କାହିଁକି ପୀଡ଼ା ଦେଉଛନ୍ତି ? ଅଥବା ଯାହା ମନରୁ ବିସ୍ମୃତ ହେବା ନିମନ୍ତେ ଯଥେଷ୍ଟ ଚେଷ୍ଟା ହେଲା, ମନ କି ବିଧିବିଡ଼ମ୍ବନାରେ ପଡ଼ି ତାହା ଆଉ ଭୁଲିବ ନାହିଁ । କି କଷ୍ଟ ! କାହିଁ ଶାନ୍ତି । ଭଗବାନ ପଦ୍ମାବତୀ କି ଚଣ୍ଡାଳ ହାତରେ ନିପତିତା; ସେ ବିକଳରେ ରୋଦନ କରିବ, ନିଜ ପିତାର କର୍ମରୁ ଘୋର ନରକ ଯନ୍ତ୍ରଣା ସହ୍ୟ କରିବ, ଏହା ଆମେ କାହିଁକି ସ୍ୱପ୍ନରେ ଦେଖିବୁ ? ପୁଣି ପଦ୍ମା କାନ୍ଦୁ କାନ୍ଦୁ କଣ ନା ସେ ଆମରି ପାଇଁ ଫୁଲ ଗୁନ୍ଥି ବେକରେ ପିନ୍ଧାଇ ଦେଇ କେଡ଼େ ସରାଗରେ ଆଦର କରୁଛି । ତା ମୁଖରେ ଚୁମ୍ବ ଦେଉଁ ଦେଉଁ ହଠାତ୍ ସମସ୍ତ ଲୋପ ହେଲା...... । × × × ହା ପଦ୍ମାବତୀ । ଓଡ଼ିଶା ରାଜାଙ୍କୁ ନିନ୍ଦା କରିବ ନାହିଁ—ସେ ଯେ ତୁମକୁ ମନ ସହିତରେ ଦେଖିପାରେ, ହୃଦ ଫେଡ଼ି ଦେଖାଇବାର ହୋଇଥିଲେ ଦେଖିଥାନ୍ତ— ହନୁମାନର ସର୍ବାଙ୍ଗ ରାମନାମରେ ପୂରିତ ।" (୮୬) ରାଜହୃଦୟର ଏହି ଦ୍ୱନ୍ଦ୍ୱ ଗଭୀର ପ୍ରେମର ନିଦର୍ଶନ । ମୂଳ କିମ୍ବଦନ୍ତୀରେ ଏହି ମାନବିକ ଦ୍ୱନ୍ଦ୍ୱ ନାହିଁ । ସେଠି ପୁରୁଷୋତ୍ତମଦେବ ଜଣେ ଆଦର୍ଶ ନରପତି, ବୀର ଓ ଭକ୍ତ । ତାଙ୍କର ସ୍ୱଦେଶାନୁରାଗ ଅଛି ମାତ୍ର ଇତିହାସର ବ୍ୟୂହ ମଧ୍ୟରେ ତାଙ୍କର ମାନବିକ ରୂପ ଅବଲୁପ୍ତ । କିମ୍ବଦନ୍ତୀରେ ଏହି ମାନବିକ ରୂପର ଆଭାସ ଥିଲେହେଁ ତାର ବ୍ୟାପ୍ତି ବା ଦୀପ୍ତି ନାହିଁ । ପୁରୁଷୋତ୍ତମ ଦାସ 'କାଞ୍ଚିକାବେରୀ' କାବ୍ୟରେ ଏ ଦିଗପ୍ରତି ମଧ୍ୟ ଦୃଷ୍ଟିପାତ କରି ନାହାନ୍ତି । ରଙ୍ଗଲାଲ ବନ୍ଦୋପାଧ୍ୟାୟ 'କାଞ୍ଚିକାବେରୀ' କାବ୍ୟର ଶେଷ ଭାଗରେ ରାଜହୃଦୟର ଦ୍ୱନ୍ଦ୍ୱକୁ ଦେଖାଇଅଛନ୍ତି ଏବଂ ରାମଚନ୍ଦ୍ରଙ୍କର ସେଇ ମାନବିକ ରୂପ ଓ ହୃଦୟର ଅନ୍ତର୍ଦ୍ୱନ୍ଦ୍ୱକୁ ନାଟକରେ ରସ-ରୂପାୟନ କରି କାଳଜୟୀ ନାଟ୍ୟ ମୂଲ୍ୟ ପ୍ରଦାନ କରିଅଛନ୍ତି । ନାଟକର ଶେଷରେ ମନ୍ତ୍ରୀବିଦ୍ୟାନିଧିଙ୍କ କୌଶଳକ୍ରମେ ପୁରୁଷୋତ୍ତମଦେବ ଓ ପଦ୍ମାବତୀଙ୍କର ପରିଣୟ ଜଗନ୍ନାଥଙ୍କ ସମ୍ମୁଖରେ ସମାପ୍ତ ହୋଇଛି ଏବଂ ମାନବିକଦ୍ୱନ୍ଦ୍ୱର ଅବସାନ ଘଟିଛି । ତେଣୁ 'କାଞ୍ଚିକାବେରୀ' ନାଟକର ପ୍ରାଣକେନ୍ଦ୍ର ନୁହେଁ 'ନୀତି ବା ଧର୍ମବାଣୀ ପ୍ରଚାର, ଜାତୀୟତା ବା ଭକ୍ତିଭାବ ପ୍ରତିଷ୍ଠା ।'

---

୮୬ । କାଞ୍ଚିକାବେରୀ—ପଞ୍ଚମ ଅଭିନୟ– ୨ୟ ଦୃଶ୍ୟ ।

ଏହାର "ମୌଳିକ ଦୃଷ୍ଟି ଲକ୍ଷ୍ୟ ହେଉଛି ମାନବିକ ଅନ୍ତର୍ଦ୍ୱନ୍ଦ୍ୱ ପ୍ରତିଷ୍ଠା—ଜାତୀୟତା ଓ ଭକ୍ତିଭାବ ପ୍ରଭୃତି ସମସ୍ତର ପ୍ରାଣସ୍ପନ୍ଦନ ଏହି ଲକ୍ଷ୍ୟ ସାଧନର ସହାୟକ ମାତ୍ର ।' (୮୭)

ବାସ୍ତବିକ 'କାଞ୍ଚିକାବେରୀ' ନାଟକର ମୌଳିକ ବିଭବ—ପ୍ରେମ । ଏହି ପ୍ରେମର ସୂତ୍ରପାତ ରୂପତୃଷ୍ଣା ଓ ରୂପାନୁରାଗ ମଧ୍ୟରୁ । ଜାତୀୟତାର ସଙ୍କୀର୍ଣ୍ଣ ସଂଗ୍ରାମ-କଠୋର ପଥରେ ଏହି ରୂପାନୁରାଗ ଅପସୃୟମାଣ ଏବଂ ତା'ସ୍ଥାନରେ ରୂପାଗଣିତ ଆତ୍ମୋତ୍ସର୍ଗମୟ ପ୍ରେମର ଲଳିତ ସ୍ଫୂର୍ତ୍ତି ପ୍ରକାଶିତ । ରଥଯାତ୍ରାକୁ କେନ୍ଦ୍ରକରି ପ୍ରେମର ଯେଉଁ ଆଦ୍ୟ ବିକଚ ବିକାଶ ଘଟିଥିଲା ତାହା ଜାତୀୟତାର ବନ୍ଧୁର ପଥରେ ଗତି କରି ସେହି ରଥଯାତ୍ରାରେ ହିଁ ମିଳନ ମଧ୍ୟ ଦେଇ ପୂର୍ଣ୍ଣତା ଲାଭ କଲା । 'କାଞ୍ଚିକାବେରୀ' ନାଟକରେ ଏହି ମାନବିକ ଭାବସତ୍ତାକୁ ନାଟ୍ୟକାର ଯେପରି ସଂଯତ ଭାବରେ ନାଟ୍ୟ ରୂପ ପ୍ରଦାନ କରିଅଛନ୍ତି ତାହା ରସସ୍ନିଗ୍ଧ ଓ ସୁରୁଚିପୂର୍ଣ୍ଣ ।

## 'କାଞ୍ଚିକାବେରୀ ନାଟକରେ ଦୈବ ଓ ଦୈବଶକ୍ତି :

'କାଞ୍ଚିକାବେରୀ' ନାଟକ ଇତିହାସାଶ୍ରିତ ହେଲେ ହେଁ ଏହାର ମୁଖ୍ୟ ଉପାଦାନ କିମ୍ବଦନ୍ତୀ ବା ଜନଶ୍ରୁତି । ତେଣୁ ଏଥିରେ ଇତିହାସ ମୁଖ୍ୟ ନ ହୋଇ ମୁଖ୍ୟ ହୋଇଛି ଦୈବ ଓ ଦୈବଶକ୍ତି । ଓଡ଼ିଶାର ଜନସାଧାରଣ ଯୁଗେ ଯୁଗେ ଧର୍ମପ୍ରାଣ ଓ ଦୈବଶକ୍ତିରେ ବିଶ୍ୱାସୀ । ଦୈବଶକ୍ତିକୁ ଅବଲମ୍ବନ କରି ସେ ଗଢ଼ି ତୋଳିଛି କେତେ କିମ୍ବଦନ୍ତୀ । କାଞ୍ଚିକାବେରୀ ବୃତ୍ତାନ୍ତ ସେହିପରି ଦୈବଶକ୍ତି ସମ୍ବନ୍ଧିତ ଗୋଟିଏ ଉପାଦେୟ ଜାତୀୟ ଜନଶ୍ରୁତି । ନାଟ୍ୟକାର ରାମଶଙ୍କର ଏହି ଜନଶ୍ରୁତିକୁ ମାନବୀୟ ରସରେ ରସାଣିତ କରି ପ୍ରଦାନ କରିଛନ୍ତି ନାଟ୍ୟରୂପ । ଏଥିରେ ଦୈବ ଓ ଦୈବଶକ୍ତି ମୁଖ୍ୟଭୂମିକା ନେଇଅଛି । ଗଜପତି ପୁରୁଷୋତ୍ତମ ଦେବଙ୍କ ପକ୍ଷରେ ଶ୍ରୀଜଗନ୍ନାଥ ଏବଂ କାଞ୍ଚିରାଜାଙ୍କ ପକ୍ଷରେ ଗଣନାଥ ଦୈବଶକ୍ତି ରୂପେ ବିଦ୍ୟମାନ । ଉଭୟରାଜା ସତେଯେପରି ଏହି ଦେବତାଦ୍ୱୟଙ୍କୁ ଅବଲମ୍ବନ କରି ଆପଣା ଆପଣାର ବୀରତ୍ୱ ଦେଖାଇ ଅଛନ୍ତି । ଏହି ଦେବତାଙ୍କୁ ଛାଡ଼ିଦେଲେ ଉଭୟଙ୍କର ବୀରତ୍ୱ ନାହିଁ, କି ସ୍ଥିତି ନାହିଁ । ମନେହୁଏ, ସତେଯେପରି ଏହି ଯୁଦ୍ଧ ଦୁଇ ରାଜାଙ୍କ ମଧ୍ୟରେ ନୁହେଁ, ଦୁଇ ଦେବତାଙ୍କ ମଧ୍ୟରେ । ପୁରୁଷୋତ୍ତମ ଦେବ ଦାସ ମହାସୁଆର ମାଧ୍ୟମରେ ଜଗନ୍ନାଥଙ୍କ ଆଦେଶ ଲାଭ କରିଛନ୍ତି କାଞ୍ଚି ଅଭିଯାନ ପାଇଁ । ତତ୍ପରେ ସେ ସୈନ୍ୟସାମନ୍ତ ଧରି ଯୁଦ୍ଧଯାତ୍ରା କରିଛନ୍ତି । ଜଗନ୍ନାଥଙ୍କର ପୁରୁଷୋତ୍ତମ ଦେବଙ୍କୁ ସକ୍ରିୟ ସହଯୋଗର ପ୍ରମାଣ ମିଳିଛି ମାଣିକା ପ୍ରସଙ୍ଗରୁ । ଦୈବଶକ୍ତି ଯେ ପୁରୁଷୋତ୍ତମ ଦେବଙ୍କର ଅନୁକୂଳ ଏହା

୮୭— ଡକ୍ଟର ନଟବର ସାମନ୍ତରାୟ—ଓଡ଼ିଆ ସାହିତ୍ୟର ଇତିହାସ—ପୃ ୪୩୭.

ସୂଚିତ ହୋଇଥାଏ । କିନ୍ତୁ ପୁରୁଷୋତ୍ତମ ଦେବ ନିଜକୁ ଏହାଦ୍ୱାରା ଅତ୍ୟନ୍ତ ଗର୍ବିତ ମନେ କରିଛନ୍ତି । ଏହା ଫଳରେ ଦୈବ ଶକ୍ତି ତାଙ୍କର ଅହଂକାର ବିଲୋପ ପାଇଁ ନୀରବ ହୋଇଯାଇଛି ।

ଏହିପରି ସମୟରେ କାଞ୍ଚିରାଜରାଣୀ ଗଣପତି ମନ୍ଦିରରେ ପ୍ରାର୍ଥନା କରିଛନ୍ତି । —"ଓଡ଼ିଶା ରାଜା ତେଣେ ଆଣ୍ଠୁ କରି ମୋର ପଦ୍ମାବତୀକି ଚଣ୍ଡାଳ ହାତରେ ପକେଇବି ବୋଲି ନଟେଇ କରିବାକୁ ଆସୁଚି, ମୋର ପଦ୍ମାବତୀ ଯେପରି ଅକ୍ଲେଶରେ ମହାନ୍ ରାଜାର ରାଣୀ ହୋଇ ଚିରକାଳ ସୁଖରେ କଟାଏ ମୋର ସେହି ସଂକଳ୍ପ ଇଷ୍ଟଦେବ ଗଣପତିଙ୍କ ପାଦପଦ୍ମରେ ନିବେଦିତ ।" (୮୮) ଗଣପତିଙ୍କ ଶିରୋଦେଶରୁ ଫୁଲ ଖସି ପଡ଼ିଛି । 'କାଞ୍ଚିରାଣୀ ମନେ କରିଛନ୍ତି ତାଙ୍କର ସଂକଳ୍ପ ପ୍ରତି ଦୈବ ଅନୁକୂଳ । ଅଥଚ ଏଥିରୁ ସୂଚିତ ହୁଏ ଯେ ପଦ୍ମାବତୀ ପୁରୁଷୋତ୍ତମ ଦେବଙ୍କ ପରି ମହାନ୍ ରାଜାଙ୍କର ରାଣୀ ହେବା ଲାଗି ଗଣପତିଙ୍କର ଆଶୀର୍ବାଦ ଅଛି । ପୁରୁଷୋତ୍ତମ ଦେବ ପ୍ରଥମ ଥର ଯୁଦ୍ଧରେ ଆପଣାର ଅହଂକାର ଯୋଗୁ ଦୈବ କର୍ତ୍ତୃକ ପରାସ୍ତ ହେଲେ । ତେଣୁ ସେ ଶ୍ରୀଜଗନ୍ନାଥଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମ ନିବେଦନ କଲେ ଅପମାନର ପ୍ରତିଶୋଧ ଲାଗି । ତାଙ୍କର ବଜ୍ରକଠୋର ପ୍ରତିଜ୍ଞା ପଦ୍ମାବତୀକୁ ଚଣ୍ଡାଳ ହାତରେ ସମର୍ପଣ କରିବେ । ଏଥର ଜଗନ୍ନାଥ ପୁରୁଷୋତ୍ତମଦେବଙ୍କ ପ୍ରତି ସଦୟ ହୋଇ ଅଛନ୍ତି ଓ ଯୁଦ୍ଧରେ ପୁରୁଷୋତ୍ତମଦେବ ବିଜୟ ଲାଭ କରିଛନ୍ତି । ଏ ବିଜୟ କିନ୍ତୁ ସ୍ୱୟଂ ଜଗନ୍ନାଥଙ୍କର ବିଜୟ । କାଞ୍ଚିରାଜା ପରାଜିତ ହେଲାପରେ ଗମ୍ଭୀର ମନସ୍ତାପରେ କହିଛନ୍ତି—"ଦେଖୁଁ ଦେଖୁଁ ଦୁଇଟା ତରବାରି ଆସି ଆମର ତାବତ୍ ବଳକୁ କାଟି ପକେଇଲେ । ଏବେ କି କରାଯିବ । ଏ ପଦ୍ମାର ଦଶା କି ହେବ । —ହା ଇଷ୍ଟଦେବ ଗଣପତେ ! ଭକ୍ତର ଦଶା କି ଏହିଠାରେ ଶେଷ କଲ । ସେ ସ୍ୱପ୍ନାଦେଶ ଆମେ କିପରି ମାନିଥାନ୍ତୁ ? ସନ୍ଧି କରିଥିଲେ ମଧ୍ୟ ପଦ୍ମାବତୀକି ତ ଦେବାକୁ ପଡ଼ିଥାନ୍ତା—" (୮୯) ଏଥିରୁ ଜଣାଯାଏ ଯେ ଜଗନ୍ନାଥଙ୍କ ଅଲୌକିକ ଦୈବଶକ୍ତି ହିଁ ଯୁଦ୍ଧରେ ପୁରୁଷୋତ୍ତମଦେବଙ୍କୁ ବିଜୟୀ କରିଛି । ପୁଣି ଗଣପତିଙ୍କ ଦୈବଶକ୍ତି କାଞ୍ଚିରାଜାଙ୍କୁ ସନ୍ଧି କରିବାକୁ ସ୍ୱପ୍ନରେ ପରାମର୍ଶ ଦେଇଥିଲା ମାତ୍ର କାଞ୍ଚିରାଜା ତାହା ପାଳନ ନ କରିବାରୁ ତାଙ୍କର ଦୁର୍ଦ୍ଦଶା ହେଲା । ଏହି ଦୈବଶକ୍ତି ନାଟକର ପ୍ରାଣ କେନ୍ଦ୍ରରେ ରହି ଉଭୟ ରାଜାଙ୍କର ଭାଗ୍ୟ ନିର୍ଦ୍ଧାରଣ କରିଛି ଓ ସେହି ଦୈବଶକ୍ତି ପଦ୍ମାବତୀଙ୍କର ଉପସ୍ଥିତ ବିପର୍ଯ୍ୟୟର କାରଣ (ବାହ୍ୟତଃ) ହୋଇଥିଲେହେଁ ପରିଣତିରେ ତାଙ୍କର ସୁଖର କାରଣ ହୋଇଅଛି । ନାଟକର କେନ୍ଦ୍ରବିନ୍ଦୁରେ ଦୈବୀଶକ୍ତି ନିହିତ

---

୮୮ । କାଞ୍ଚିକାବେରୀ—ତୃତୀୟ ଅଭିନୟ—୪ର୍ଥ ଦୃଶ୍ୟ ।

୮୯ । କାଞ୍ଚିକାବେରୀ—ଚତୁର୍ଥ ଅଭିନୟ—ଦ୍ୱିତୀୟ ଦୃଶ୍ୟ

ପଦ୍ମାବତୀର ବିପର୍ଯ୍ୟୟ, କାଞ୍ଚିରାଜାଙ୍କର ତଜ୍ଜନିତ ଗଭୀର ମନସ୍ତାପ ଓ ବିଜୟ ନାଟକକୁ ଅଧିକ ରସସ୍ନିଗ୍ଧ କରିଅଛି ।

ନାଟକରେ ମୁଖ୍ୟ ଦୈବୀଶକ୍ତି ସହିତ ଆଉ କେତେକ ସ୍ଥଳରେ ଉପ-ଦୈବୀଶକ୍ତିର ଅବତାରଣା କରାଯାଇଅଛି । ଦାସ ମହାସୁଆରର ଜଗନ୍ନାଥ ଭକ୍ତି, ରାଜାଦେଶ ଯୋଗେ କାରାରୁଦ୍ଧ ଓ ଜଗନ୍ନାଥଙ୍କ ଯୋଗୁଁ କାରାମୁକ୍ତି, ଦାସ ମହାସୁଆର ମାଧ୍ୟମରେ ଜଗନ୍ନାଥଙ୍କ ନିର୍ଦ୍ଦେଶ ପ୍ରଚାର, ଗୁରୁଦେବ ଗୋଦାବରୀଶ ମିଶ୍ରଙ୍କର ଅଲୌକିକ ଶକ୍ତିବଳରେ ଗୋଦାବରୀ ନଦୀରେ ଅକାଳ ବନ୍ୟା ଓ କାଞ୍ଚିସେନାଙ୍କର ପ୍ରତିଆକ୍ରମଣରେ ବାଧା ଆଦି କେତେକ ଅତିପ୍ରାକୃତ ବିଷୟର ନାଟକୀୟ ଉପସ୍ଥାପନା କରାଯାଇଅଛି । ତେବେ ଏସବୁ ଅତି ପ୍ରକୃତ ଘଟଣାକୁ ନାଟ୍ୟକାର ନାଟକରେ ପ୍ରତ୍ୟକ୍ଷ ଭାବରେ ଉପସ୍ଥାପନ ନ କରି ପରୋକ୍ଷ ଭାବରେ ଉପସ୍ଥାପନ କରି ନାଟକୀୟ ଉତ୍କଣ୍ଠା ବୃଦ୍ଧି କରିଅଛନ୍ତି । ଅବଶ୍ୟ ନାଟ୍ୟକାର ଏହି ସମସ୍ତ ଅତିପ୍ରାକୃତ ଘଟଣାକୁ ପୂର୍ବ ପ୍ରଚଳିତ କିମ୍ବଦନ୍ତୀ ଓ ଜନଶ୍ରୁତିରୁ ଗ୍ରହଣ କରିଅଛନ୍ତି । ବିଶେଷତଃ ପୁରୁଷୋତ୍ତମ ଦାସଙ୍କର 'କାଞ୍ଚିକାବେରୀ' କାବ୍ୟରେ ବର୍ଣ୍ଣିତ ଅତିପ୍ରାକୃତ ଘଟଣାକୁ ସେ ଅବଲମ୍ବନ କରିଅଛନ୍ତି ମାତ୍ର ସେସବୁକୁ ସେ ନାଟକରେ ପ୍ରୟୋଜନଦୃଷ୍ଟିରୁ ନାଟ୍ୟରୂପ ଦେଇଛନ୍ତି ପରୋକ୍ଷ-ରୂପେ । ପୂର୍ବ ପ୍ରଚଳିତ ଯାତ୍ରା-ଲୀଳା ଆଦିରେ ପ୍ରଭାବ ବିସ୍ତାର କରିଥିବା ଅତିପ୍ରାକୃତ ଘଟଣା ନାଟ୍ୟକାର ରାମଶଙ୍କରଙ୍କୁ ନିଶ୍ଚିତ ଭାବରେ ପ୍ରଲୋଭିତ କରିଥିବ ନାଟକରେ ରୂପ ଦେବା ପାଇଁ । ତେଣୁ ସେ ଅତିପ୍ରାକୃତ ଦୈବୀଶକ୍ତିକୁ ନାଟକର ଅନ୍ତଃ ସ୍ଥଳରେ ମୁଖ୍ୟ ଉତ୍ସଭାବରେ ବିଚାର କରି ସେହି ସମସ୍ତ ଘଟଣାକୁ ପ୍ରତ୍ୟକ୍ଷ ଭାବରେ ରଙ୍ଗମଞ୍ଚକୁ ନ ଆଣି ପରୋକ୍ଷ ଭାବରେ ଉପସ୍ଥାପନ କରି ନାଟକୀୟ ବାସ୍ତବତା ରକ୍ଷା କରିବାରେ ସମର୍ଥ ହୋଇପାରିଛନ୍ତି । ଦୈବଶକ୍ତି ଭକ୍ତିରସରେ ରୂପାନ୍ତରିତ ହୋଇ ନାଟକଟିକୁ ଭକ୍ତିରସାତ୍ମକ ନାଟକ ରୂପେ ପ୍ରତିଷ୍ଠା ଦେଇଅଛି ।

## 'କାଞ୍ଚିକାବେରୀ' ନାଟକର ଶିଳ୍ପ ପ୍ରକରଣ :

'କାଞ୍ଚିକାବେରୀ' ପୂର୍ବରୁ ଜଗନ୍ମୋହନ ଲାଲଙ୍କର 'ବାବାଜୀ' ନାଟକ ରଚିତ ହୋଇଥିଲେହେଁ ସଂସ୍କୃତ ଓ ଇଂରାଜୀ ନାଟକ-ରୀତି ଅନୁଯାୟୀ 'କାଞ୍ଚିକାବେରୀ'ହିଁ ପ୍ରଥମ ପ୍ରକୃତ ନାଟକ । ଏହି ନାଟକର ଗଠନ କଳା ପ୍ରତି ଦୃଷ୍ଟି ଦେଲେ ଏହା ବିଭିନ୍ନ ଶିଳ୍ପପ୍ରକରଣର ଆଦର୍ଶକୁ ଅନୁସରଣ କରିଥିବା ଜଣାଯାଏ । 'କାଞ୍ଚିକାବେରୀ' ନାଟକରେ ମୁଖ୍ୟତ ତ୍ରିବିଧ ଆଦର୍ଶ ସଂରକ୍ଷିତ । ଯଥା .—

(କ) ନାଟ୍ୟାଦର୍ଶ
(ଖ) କାବ୍ୟାଦର୍ଶ
(ଗ) ଯାତ୍ରାଦର୍ଶ

ଏହି ତ୍ରିବିଧ ଆଦର୍ଶକୁ ନାଟ୍ୟକାର ରାମଶଙ୍କର ଉକ୍ତ ନାଟକରେ ସମନ୍ୱୟ କରି ଏକ ନୂତନ ନାଟ୍ୟରୀତି ପ୍ରଚଳନ କଲେ । ତେଣୁ 'କାଞ୍ଚିକାବେରୀ' କାବ୍ୟସୌନ୍ଦର୍ଯ୍ୟ ଓ ନାଟ୍ୟ ସୌନ୍ଦର୍ଯ୍ୟର ଏକ ସଫଳ ଅଭିବ୍ୟକ୍ତି । ନବ ନାଟ୍ୟସ୍ରଷ୍ଟା ଚରିତାର୍ଥତା ପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଓଡ଼ିଶାରେ ନବନାଟ୍ୟ ଆନ୍ଦୋଳନର ପୃଷ୍ଠଭୂମିରେ ଏହାର ଅବଦାନ ସ୍ମରଣୀୟ । ପାରମ୍ପରିକ ଯାତ୍ରା ରୀତି ଓ ଗଣଭୋଗ୍ୟ ଇତର ରୁଚିବୋଧକୁ ପରିତ୍ୟାଗ କରି ଓଡ଼ିଆ ନାଟ୍ୟସାହିତ୍ୟରେ ସେତେବେଳେ ଉକ୍ତ ନାଟକ ବାସ୍ତବିକ ଏକ ବୈପ୍ଳବିକ ଭୂମିକା ନେଇଥିଲା ଏବଂ ନୂତନରୁଚିର ନାଟକ ରଚନା କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲା । ବିଷୟବସ୍ତୁର ସଙ୍କ୍ଷିପ୍ତୀକରଣ, ଘଟଣା ଓ ଚରିତ୍ର ମଧ୍ୟରେ ସମତା, କାଳ ଓ ସ୍ଥାନଗତ ଐକ୍ୟ, ଦୈବୀଶକ୍ତିର ନାଟ୍ୟ ରୂପାୟନ ମଧ୍ୟରେ ମାନବୀୟ ଚିତ୍ତବୃତ୍ତିର ସଂଘର୍ଷ ଉପସ୍ଥାପନ, ପଞ୍ଚସନ୍ଧିବ୍ୟବସ୍ଥା ମଧ୍ୟ ଦେଇ କଥାବସ୍ତୁର ଆରମ୍ଭ-ବିକାଶ-ଶୀର୍ଷ-ଅବରୋହ ଓ ପରିସମାପ୍ତି, ନାଟକୀୟ ବାସ୍ତବତା ପ୍ରତି ସଚେତନତା, ବିଭିନ୍ନ ବିଷୟର ଅବତାରଣା ଭିତରେ ଏକ ବିଶେଷ ମାନବିକ ବୃତ୍ତିର ବିକାଶ, ଦୈବୀ ଚରିତ୍ରଗୁଡ଼ିକୁ ରଙ୍ଗମଞ୍ଚରେ ଉପସ୍ଥାପନ ନ କରି ସେଗୁଡ଼ିକର ବ୍ୟଂଜନା, ସଂଳାପ, ସଂଯୋଜନାରେ ବାସ୍ତବଧର୍ମିତା, ସଙ୍ଗୀତ ସମାବେଶରେ ରୁଚିତା, ଭବିଷ୍ୟତ ନାଟକର ବିବର୍ତ୍ତନ ଓ ବିକାଶ ପାଇଁ ଇଙ୍ଗିତ ଏବଂ ସର୍ବୋପରି ନୈତିକ ଚିତ୍ତବୃତ୍ତିର ଆଲୋଡ଼ନ ପାଇଁ ପ୍ରେରଣା 'କାଞ୍ଚିକାବେରୀ' ନାଟକକୁ ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ପୁରୋଭାଗରେ ଏକ ସ୍ମରଣୀୟ ସୃଷ୍ଟି ରୂପେ ପ୍ରତିଷ୍ଠା ଦେବାକୁ ସମର୍ଥ ହୋଇପାରିଅଛି । ଏହି ନାଟକର ଶିଳ୍ପ ପ୍ରକରଣରେ ରାମଶଙ୍କର ନିମ୍ନୋକ୍ତ ନାଟ୍ୟାଦର୍ଶ ନିକଟରେ ଋଣୀ । ଯଥା :—

(କ) ଓଡ଼ିଆ ଯାତ୍ରା ଓ ଲୀଳା

(ଖ) ବଙ୍ଗଳା ନାଟକ

(ଗ) ସଂସ୍କୃତ ନାଟକ

(ଘ) ଇଂରାଜୀ ନାଟକ

'କାଞ୍ଚିକାବେରୀ' ନାଟକରେ ପୂର୍ବ ପ୍ରଚଳିତ ନାଟ୍ୟାଦର୍ଶ ସମ୍ପର୍କରେ ଆଲୋଚନା କଲାବେଳେ ପ୍ରଥମତଃ ଓଡ଼ିଶାରେ ପ୍ରଚଳିତ ଯାତ୍ରା ଓ ଲୀଳାର ନାଟ୍ୟାଦର୍ଶ ସମ୍ପର୍କରେ ଅବହିତ ହେବାକୁ ହୋଇଥାଏ । ଯାତ୍ରା ବା ଲୀଳାର ଆଙ୍ଗିକ ଆଦର୍ଶ 'କାଞ୍ଚିକାବେରୀ'ରେ ଅନୁସୃତ ନୁହେଁ । କିନ୍ତୁ ଯାତ୍ରାରେ ଅତିପ୍ରାକୃତ ଚରିତ୍ରମାନଙ୍କର ଅବତାରଣା କରାଯାଇ ଯେପରି ଗଣମାନସକୁ ପ୍ରଭାବିତ କରାଯିବାପାଇଁ ବ୍ୟବସ୍ଥା ଥାଏ ରାମଶଙ୍କର ସେହି ଚରିତ୍ରମାନଙ୍କୁ ନାଟକରେ ପ୍ରତ୍ୟକ୍ଷ ଭାବରେ ଅବତାରଣା ନକରି ପରୋକ୍ଷ ଭାବରେ ବ୍ୟଞ୍ଜନାତ୍ମକ ରୂପେ ଉପସ୍ଥାପନ କରି ଯାତ୍ରାମୋଦି ଗଣମାନସକୁ

ଆକୃଷ୍ଟ କରିବା ପାଇଁ ସେହିପରି ବ୍ୟବସ୍ଥା କରିଅଛନ୍ତି । ଯାହାରେ କୃତ୍ୟର ପ୍ରଭାବ ଅପ୍ରତିହତ ଥିଲାପରି କାଞ୍ଚିକାବେରୀରେ ମଧ୍ୟ ତାର ପ୍ରଭାବ ରହିଛି । ଏତଦ୍‌ବ୍ୟତୀତ ଯାହାରେ ସଙ୍ଗୀତର ପ୍ରାବଲ୍ୟ ଥାଏ ଏବଂ ସଙ୍ଗୀତ ମାଧ୍ୟମରେ ସଂଳାପ ବ୍ୟବସ୍ଥା ଥାଏ । ରାମଶଙ୍କର ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ସଙ୍ଗୀତର ଅବତାରଣା କରିଅଛନ୍ତି । ଏପରିକି ପଦ୍ମାବତୀ ଓ ଭଦ୍ରା ସଙ୍ଗୀତ ଦ୍ୱାରା ଯେପରି ଆପଣା ଆପଣାର ମନୋଭାବକୁ ବ୍ୟକ୍ତ କରିଅଛନ୍ତି ତାହା ଯାତ୍ରାର ପ୍ରଭାବରୁ ସୃଷ୍ଟି ହୋଇଅଛି । ତେବେ 'କାଞ୍ଚିକାବେରୀ' ନାଟକରେ ଯାତ୍ରାର କେତେକ ରୀତି ଅନୁସୃତ ହୋଇଥିଲେହେଁ ଏହା ଯାତ୍ରାର ପ୍ରତ୍ୟକ୍ଷ ଫଳଶ୍ରୁତି ନୁହେଁ । ଏଥିସହିତ କାଞ୍ଚିକାବେରୀ ନାଟକରେ ମଧ୍ୟଯୁଗୀୟ ଓଡ଼ିଆ ବୈଷ୍ଣବ କାବ୍ୟ ପରମ୍ପରାରେ ସଖୀମାନଙ୍କର ଭୂମିକାକୁ ସ୍ପଷ୍ଟ ଲକ୍ଷ୍ୟ କରାଯାଇଥାଏ । ସୂର୍ଯ୍ୟବାଳା, ଶଶୀକଳା ଓ ଭଦ୍ରା ଚରିତମାନଙ୍କର ନାୟିକା ପଦ୍ମାବତୀ ସହିତ ସମ୍ପର୍କ, ସେମାନଙ୍କର ପାରସ୍ପରିକ କଥୋପକଥନ ମଧ୍ୟ ଦେଇ ନାୟିକାର ହୃଦୟବୃତ୍ତିର ପରିପ୍ରକାଶ, ନାୟିକାର ଦୁଃଖରେ ସେମାନଙ୍କର ଗଭୀର ଦୁଃଖ, ନାୟକ ସହିତ ନାୟିକାକୁ ମିଳାଇବାରେ ସେମାନଙ୍କର ଭୂମିକା ଇତ୍ୟାଦି ବୈଷ୍ଣବ କାବ୍ୟ ସମ୍ପର୍କରେ ପାଠକଙ୍କୁ ଅବହିତ କରିଥାଏ । ପୁନଶ୍ଚ କାବ୍ୟ ପରମ୍ପରାରେ ଯେପରି ପ୍ରଥମେ ମଙ୍ଗଳାଚରଣ କରାଯାଇ ସାଧୁଲୋକମାନଙ୍କର ସ୍ତୁତି କରାଯାଇ ବିଷୟ ନିର୍ଦ୍ଦେଶ କରାଯାଇଥାଏ 'କାଞ୍ଚିକାବେରୀ' ନାଟକର ପ୍ରସ୍ତାବନା ଆରମ୍ଭରେ ଏହାର ପରିଚୟ ମିଳିଛି ।

'କାଞ୍ଚିକାବେରୀ' ନାଟକର ଶିଳ୍ପ ପ୍ରକରଣର ଆଦର୍ଶ ବଙ୍ଗଳା ନାଟକ ନୁହେଁ ଯଦିଓ ରାମଶଙ୍କର ବଙ୍ଗଳା 'ବିପମୋଦକ' ନାଟକ ଦେଖି ତାର ପ୍ରତିକ୍ରିୟାରେ ପ୍ରଥମେ ନାଟକ ରଚନା କରିବାକୁ ମନ ବଳାଇଥିଲେ । ସେତେବେଳେ ତାଙ୍କର ମନେ ହୋଇଥିଲା ଓଡ଼ିଆରେ ନାଟକ ନ ଥିବାରୁ ବଙ୍ଗଳା ନାଟକ ଓଡ଼ିଶାରେ ଅଭିନୀତ ହେଉଅଛି । ତେଣୁ ସେ ଓଡ଼ିଆ ଭାଷାରେ ନାଟକ ଲେଖି ବଙ୍ଗଳା ନାଟକର ସମକକ୍ଷ କରିବାକୁ ଚାହୁଁଥିଲେ । ଏହି କାରଣରୁ ବଙ୍ଗଳା ନାଟକର ପ୍ରଭାବରୁ ସେ ସମ୍ପୂର୍ଣ୍ଣ ମୁକ୍ତ ରହିବାକୁ ଚାହିଁଥିବେ । ତେବେ ବଙ୍ଗଳା ନାଟକରେ ବ୍ୟବହୃତ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପକୁ ସେ କାଞ୍ଚିକାବେରୀ ନାଟକରେ ବୀରରସ ସୃଷ୍ଟି କରିବା ଉପଲକ୍ଷେ ବ୍ୟବହାର କରିଅଛନ୍ତି । ଅବଶ୍ୟ ଏହି ଛନ୍ଦ ବ୍ୟବହାରରେ ସେ ଇଂରାଜୀ ନାଟକର ପରମ୍ପରା ପ୍ରତି ଅଧିକ ଆନୁଗତ୍ୟ ଦେଖାଇଅଛନ୍ତି । ତଥାପି ବଙ୍ଗଳା ନାଟକ ଦ୍ୱାରା ରାମଶଙ୍କର ମାନସିକ ସ୍ତରରେ ପ୍ରଭାବିତ ହୋଇଛନ୍ତି ଓ ସେହି ଆଦର୍ଶ ଗ୍ରହଣ କରି ନଥିଲେ ମଧ୍ୟ ସେଥିପ୍ରତି ସମ୍ପୂର୍ଣ୍ଣ ଅନାସକ୍ତି ଦେଖାଇ ନାହାନ୍ତି ।

'କାଞ୍ଚିକାବେରୀ' ଶିଳ୍ପପ୍ରକରଣର ପ୍ରଧାନ ଆଦର୍ଶ ସଂସ୍କୃତ ଓ ପ୍ରାକୃତ ନାଟକ । ସଂସ୍କୃତ ନାଟକର କଥାବସ୍ତୁକୁ ମୁଖ-ପ୍ରତିମୁଖ-ଗର୍ଭ-ବିମର୍ଶ-ନିର୍ବହଣ

ଆଦି ପଞ୍ଚସନ୍ଧି ଦେଇ ପ୍ରକାଶ କରାଯାଇଥାଏ । ‘କାଞ୍ଚୀକାବେରୀ’ ନାଟକରେ ସଂସ୍କୃତର ଏହି ଆଦର୍ଶ ପ୍ରଥମ ଥର ପାଇଁ ଅନୁସୃତ ହେଲା । ପ୍ରଥମ ଅଭିନୟରେ (ମୁଖ) ଦୁଇଗୋଟି ଦୃଶ୍ୟ ମଧ୍ୟଦେଇ କାଞ୍ଚୀ ମୁକ୍ତଯାତ୍ରା ପାଇଁ ପୂର୍ବରେ ଗଜପତି ପୁରୁଷୋତ୍ତମ ଦେବଙ୍କର ପ୍ରସ୍ତୁତି ଓ ଯାତ୍ରାରମ୍ଭ, ଦ୍ୱିତୀୟ ଅଭିନୟରେ (ପ୍ରତିମୁଖ) ମାତ୍ର ଗୋଟିଏ ଦୃଶ୍ୟ ମଧ୍ୟ ଦେଇ ଆଦିପୁର ଦାଣ୍ଡରେ ମାଣିକା ଚରିତ୍ରର ଅବତାରଣା ଦ୍ୱାରା ଶ୍ରୀ ଜଗନ୍ନାଥଙ୍କର ସାହାଯ୍ୟ ପ୍ରାପ୍ତିର ନିଶ୍ଚିତତା ଲାଭ କରି ବିଜୟ ଲାଭ ଆଶାରେ ପୁରୁଷୋତ୍ତମ ଦେବଙ୍କର ଗର୍ବ ଓ ଅହଂକାର, ତୃତୀୟ ଅଭିନୟରେ (ଗର୍ଭ) ପାଞ୍ଚଗୋଟି ଦୃଶ୍ୟ ମଧ୍ୟ ଦେଇ କାଞ୍ଚୀରାଜାଙ୍କର ବିଜୟ ଓ ଆନନ୍ଦ, ପଦ୍ମାବତୀଙ୍କୁ ବନ୍ଦୀ କରି ପୁରୀ ପ୍ରତ୍ୟାବର୍ତ୍ତନ, ପଞ୍ଚମ ଅଭିନୟରେ (ନିର୍ବହଣ) ତିନୋଟି ଦୃଶ୍ୟ ମଧ୍ୟ ଦେଇ ପୁରୁଷୋତ୍ତମଦେବଙ୍କ ସହିତ ପଦ୍ମାବତୀଙ୍କର ମିଳନ ବର୍ଣ୍ଣିତ ହୋଇଅଛି । ଏହି ମିଳନ। ହିଁ ଉକ୍ତ ନାଟକର ମୁଖ୍ୟ ବିଭବ । ନାଟକର ଆରମ୍ଭ,—ମିଳନର ପ୍ରସ୍ତୁତିକୁ ନେଇ ନାଟକର ବିକାଶ— ମିଳନର ବାଧା ଜନିତ ନାୟକ-ନାୟିକାଙ୍କର ମାନସିକ କଷ୍ଟକୁ ନେଇ, ନାଟକର ବିମର୍ଶ,—ମିଳନର ସମ୍ଭାବନାକୁ ନେଇ ଓ ନାଟକର ଶେଷ,—ମିଳନର ପରିପୂର୍ତ୍ତିକୁ ନେଇ । ତେଣୁ କଥାବସ୍ତୁ ସଂସ୍ଥାନରେ ରାମଶଙ୍କର ସଂସ୍କୃତ ନାଟ୍ୟ ରୀତି ଅନୁସରଣ କରିଥିବା ଜଣାଯାଏ ।

ସଂସ୍କୃତ ନାଟକରେ ନାୟକ ଅତିପ୍ରାକୃତ ଶକ୍ତିର ଅଧିକାରୀ । ସମାଲୋଚକ ଗିରିଜାଶଙ୍କର ରାୟଙ୍କ ମତରେ– “ସଂସ୍କୃତ ନାଟକ ଧର୍ମମୂଳକ ଓ ଏଥିରେ ମର୍ତ୍ତ୍ୟବାସୀ ଲୋକମାନଙ୍କର ସୁଖ ଦୁଃଖ ଅତିପ୍ରାକୃତ ଲୋକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେବାର ବର୍ଣ୍ଣନା ଥାଏ ।” (୧୦) ଗ୍ରୀକ୍ ନାଟ୍ୟ ସାହିତ୍ୟରେ ନିୟତିର ଦୁର୍ବାର ପ୍ରଭାବ ଫଳରେ ଲୋକେ ବିପଦର ସମ୍ମୁଖୀନ ହେଉଥିଲାବେଳେ ଇଂରାଜୀ ନାଟ୍ୟ ସାହିତ୍ୟରେ ନାଟକୀୟ ଚରିତ୍ରଗୁଡ଼ିକ ନିଜ ନିଜର କାର୍ଯ୍ୟକଳାପ ଯୋଗୁଁ ସୁଖ ଦୁଃଖର ସମ୍ମୁଖୀନ ହେଉଥିଲାବେଳେ ସଂସ୍କୃତ ନାଟ୍ୟ ସାହିତ୍ୟରେ ଚରିତ୍ରମାନଙ୍କର ସୁଖ ଦୁଃଖ ସେମାନଙ୍କର ପାପପୁଣ୍ୟକୁ ଅନୁସରଣ କରିଥାଏ । ଗିରିଜାଶଙ୍କର ଏକଥାକୁ ସ୍ପଷ୍ଟ ଲକ୍ଷ୍ୟ କରିଛନ୍ତି । “ସଂସ୍କୃତ ନାଟ୍ୟ ସାହିତ୍ୟରେ ସୁଖ ଦୁଃଖ ଚରିତ୍ରମାନଙ୍କର ନିଜ ନିଜର ପାପପୁଣ୍ୟକୁ ଅନୁସରଣ କରେ । ନିୟତି ପ୍ରବଳ । ମାତ୍ର ପାପୀର ସୁଖ ଓ ପୁଣ୍ୟବାନର ଦୁଃଖ କିମ୍ବା ନରନାରୀଙ୍କର ଅହେତୁକୀ ଦୁଃଖ ଭୋଗ ସଂସ୍କୃତ ନାଟକରେ ଅଚଳ । ଏଣୁ ନିୟତି ଓ ମନୁଷ୍ୟର କୃତ କର୍ମର ପରିଣାମ; ଏ ଦୁହିଙ୍କ ମଧ୍ୟରେ ଗଭୀର ସାମଞ୍ଜସ୍ୟ ସଂସ୍କୃତ ନାଟକରେ

୧୦ । ଗିରିଜାଶଙ୍କର ରାୟ—ଓଡ଼ିଆ ନାଟ୍ୟ କଳା—ପୃ ୪୪

ଦେଖାଯାଇଥାଏ ଓ ଅନେକ କ୍ଷେତ୍ରରେ ନାୟକ ଅତିପ୍ରାକୃତ ସାହାଯ୍ୟ ଲାଭ କରି ନିଜର ଜୀବନକୁ ନିୟନ୍ତ୍ରିତ କରିବାକୁ ସଚେଷ୍ଟ ହୁଏ । ଏହା ଦ୍ୱାରା ଜନସାଧାରଣଙ୍କ ମନ ଭିତରେ ଧର୍ମ ଭାବ ଜାଗରୂକ ହୋଇଥାଏ ।" (୨୧) ସଂସ୍କୃତ ନାଟକର ଏହି ଆଦର୍ଶ 'କାଞ୍ଚିକାବେରୀ' ନାଟକରେ ଅନୁସୃତ । ଦୈବଶକ୍ତି ଏଥିରେ ପ୍ରଭାବ ବିସ୍ତାର କରିଛି ମାତ୍ର ସଂସ୍କୃତ ନାଟକର ଦେବତାମାନେ ଏଥିରେ ସଶରୀରରେ ଅବତରଣ କରି ନାହାନ୍ତି । ପରୋକ୍ଷରେ ଏସବୁ ଚରିତ୍ରର ଉପସ୍ଥାପନା ଦ୍ୱାରା ନାଟକୀୟ ବାସ୍ତବତା ସଂରକ୍ଷିତ ହୋଇଅଛି ଏବଂ ଜନସାଧାରଣଙ୍କ ହୃଦୟରେ ଭକ୍ତିଭାବ ଉଦ୍ରେକ କରିବା ପାଇଁ ପ୍ରେରଣା ରହିଛି । ପୁରୁଷୋତ୍ତମଦେବ ସଂସ୍କୃତ ନାଟକାଦର୍ଶ ଅନୁଯାୟୀ ଦୈବବଳରେ ବଳୀୟାନ ହୋଇଅଛନ୍ତି ଓ ରୂପ, ଗୁଣ, କୀର୍ତ୍ତି, ବୀରତ୍ୱ ଓ ଧର୍ମଭାବ ପ୍ରଭୃତି ବିଭିନ୍ନ ସଦ୍‌ଗୁଣାବଳୀରେ ଅଲଙ୍କୃତ ହୋଇଅଛନ୍ତି ।

ସଂସ୍କୃତ ନାଟକର ଅନ୍ୟତମ ଆଦର୍ଶ ହେଉଛି ରଙ୍ଗମଂଚରେ ଯୁଦ୍ଧ, ବିବାହ, ଗୃହଦାହ ଇତ୍ୟାଦି ପ୍ରଦର୍ଶନ କରାଯାଏ ନାହିଁ । ରାମଶଙ୍କର ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ 'କାଞ୍ଚିକାବେରୀ' ନାଟକରେ ଏସବୁ ଦୃଶ୍ୟ ଦେଖାଇ ନାହାନ୍ତି । ଏହି ନାଟକରେ ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବ ଓ କାଞ୍ଚିର ରାଜା ସାଲୁବନରସିଂହ ଦେବଙ୍କ ମଧ୍ୟରେ ଦୁଇଥର ଲୋମହର୍ଷଣକାରୀ ଯୁଦ୍ଧ ହୋଇଥିବାର ସଂକେତ ରହିଅଛି ମାତ୍ର ଏସବୁ ଯୁଦ୍ଧକୁ ରଙ୍ଗମଂଚରେ ପ୍ରଦର୍ଶନ କରାଯାଇ ନାହିଁ । ପ୍ରଥମ ଯୁଦ୍ଧରେ ପୁରୁଷୋତ୍ତମ ଦେବ ପରାସ୍ତ ହୋଇ ତଜ୍ଜନିତ ମାନସିକ ଗ୍ଳାନି ଲାଭ କରିଛନ୍ତି ଓ କାଞ୍ଚିରାଜା ବିଜୟୀ ହୋଇ ଉଲ୍ଲସିତ ହୋଇଅଛନ୍ତି । ଯୁଦ୍ଧ ପରବର୍ତ୍ତୀ କାଳରେ ସେ ସେନାପତି ବଜ୍ରନାଦଙ୍କୁ ଯୁଦ୍ଧ ଚାଲନାର ସକଳ ବୃତ୍ତାନ୍ତ କହିବାକୁ କହିଛନ୍ତି ଏବଂ ବଜ୍ରନାଦ ଯୁଦ୍ଧଚାଳନା ଓ ଯୁଦ୍ଧରେ କାଞ୍ଚିସେନାଙ୍କର ଅପୂର୍ବ ରଣ କୌଶଳ ଇତ୍ୟାଦି ସଂପର୍କରେ ବର୍ଣ୍ଣନା କରିଅଛନ୍ତି । ଏହାଦ୍ୱାରା ଯୁଦ୍ଧର ପରିଚୟ ମିଳିଛି । ଦ୍ୱିତୀୟ ଥର ଯୁଦ୍ଧରେ ପୁରୁଷୋତ୍ତମଦେବଙ୍କର ଉତ୍ସାହ ପରେ ଆକସ୍ମିକ ଭାବରେ ଓଡ଼ିଶା ସୈନ୍ୟ କାଞ୍ଚିରାଜାଙ୍କ ଅନ୍ତଃପୁରରେ ପ୍ରବେଶ କରି ପଦ୍ମାବତୀଙ୍କୁ ବନ୍ଦିନୀ କରିଛନ୍ତି । ଏଥର ମଧ୍ୟ ଯୁଦ୍ଧ ପ୍ରଦର୍ଶନ କରାଯାଇ ନାହିଁ । କିନ୍ତୁ ଯୁଦ୍ଧର ଭୀଷଣତା ପରବର୍ତ୍ତୀ ଦୃଶ୍ୟମାନଙ୍କରୁ ଅନୁମିତ ହୋଇଥାଏ । ଶ୍ରୀ ମନ୍ଦିରରେ ଗଣେଶ ମୂର୍ତ୍ତି ଓ ସତ୍ୟବାଦୀରେ ସାକ୍ଷୀଗୋପାଳ ମୂର୍ତ୍ତି ପ୍ରତିଷ୍ଠାରୁ ପୁରୁଷୋତ୍ତମଦେବଙ୍କର ବିଜୟ ଓ ଶୌର୍ଯ୍ୟ ସଂପର୍କରେ ଜଣାଯାଏ । ଯୁଦ୍ଧପ୍ରଦର୍ଶନ କରା ନ ଯାଇ ସୂଚନା ଦ୍ୱାରା ଯୁଦ୍ଧର ଭୀଷଣତା ଅନୁମିତ ହୁଏ । ସଂସ୍କୃତ ନାଟକରେ ଏହି କୌଶଳକୁ ରାମଶଙ୍କର

୨୧ । ଗିରିଜାଶଙ୍କର ରାୟ — ଓଡ଼ିଆ ନାଟ୍ୟ କଳା — ପୃ ୪୪

ଅନୁସରଣ କରି ଓଡ଼ିଆ ନାଟ୍ୟ ସାହିତ୍ୟରେ ନୂତନତା ପ୍ରଦର୍ଶନ କରିଅଛନ୍ତି । ଯୁଦ୍ଧପରି ବିବାହ ପ୍ରସଙ୍ଗକୁ ମଧ୍ୟ ନାଟ୍ୟକାର ସଂସ୍କୃତ ରୀତି ଅନୁସରଣ କରି ସୂଚନାତ୍ମକ ଭାବରେ ଉପସ୍ଥାପନା କରିଅଛନ୍ତି । ପୁରୁଷୋତ୍ତମ ଦେବ ଓ ପଦ୍ମାବତୀଙ୍କର ଶେଷ ଦୃଶ୍ୟରେ ବିବାହ କେବଳ ବ୍ୟଞ୍ଜନାରେ ପ୍ରକାଶିତ ।

ସଂସ୍କୃତ ନାଟକରେ ହାସ୍ୟରସ ସୃଷ୍ଟି ପାଇଁ ବିଦୂଷକ ଚରିତ୍ରର ଆବଶ୍ୟକତା ହୋଇଥାଏ । ଆଧୁନିକ ନାଟକରେ ଏହି ପରଂପରା ଅନନୁସୃତ ମାତ୍ର ସଂସ୍କୃତ ଓ ପ୍ରାକୃତ ନାଟକରେ ଏ ଚରିତ୍ରର ପ୍ରଭାବ ସୁସ୍ପଷ୍ଟ । ବିଦୂଷକ ରାଜାଙ୍କର ଏକାନ୍ତ ବିଶ୍ୱସ୍ତ ଓ ରାଜାଙ୍କ ସହିତ ସେ ନାନା କୌତୁକପୂର୍ଣ୍ଣ କଥାବାର୍ତ୍ତା କରେ । ଏପରିକି ସେ ରାଜାଙ୍କ ସହିତ କୌଣସି ରୂପସୀ ନାରୀଙ୍କୁ କେନ୍ଦ୍ର କରି ରସିକତାପୂର୍ଣ୍ଣ କଥାବାର୍ତ୍ତା କରେ । ଆପଣାର ଖାଦ୍ୟଲୋଲୁପତା ବିଷୟରେ ସେ ସର୍ବଦା ସଚେତନ । ଯୁଦ୍ଧ ବା ଅନ୍ୟକୌଣସି ସଂକଟ ସମୟରେ ସେ ରାଜାଙ୍କୁ ତାର ଉଦର କ୍ଷୁଧା ସଂପର୍କରେ କହି ହାସ୍ୟରସ ସୃଷ୍ଟି କରେ । ତାର ଉଦ୍ଦେଶ୍ୟ ରାଜାଙ୍କୁ ଜଟିଳ ପରିସ୍ଥିତିରେ ହାସ୍ୟରସାତ୍ମକ କଥା କହି ତାଙ୍କର ମନକୁ ଟିକେ ହାଲୁକା କରିବା । ସେ ପୁଣି ସର୍ବଦା ଜାତିରେ ବ୍ରାହ୍ମଣ । ବିଦୂଷକର କଥାବାର୍ତ୍ତାରୁ ଜଣେ ସାଧାରଣ ମଣିଷ ପରି ଜଣାଗଲେ ମଧ୍ୟ ସେ ପଣ୍ଡିତ । ସଂସ୍କୃତ ନାଟକରେ ଏହି ଚରିତ୍ର ଥିଲା ଏକାନ୍ତ ଅପରିହାର୍ଯ୍ୟ । ରାଜଶେଖରଙ୍କର ପ୍ରାକୃତ 'କର୍ପୂରମଂଜରୀ' ସଟ୍ଟକରେ ବିଦୂଷକ କପିଞ୍ଜଳ ବ୍ରାହ୍ମଣର ଉଦଗ୍ର ଉଦର କ୍ଷୁଧା, ରାଜାଙ୍କର ପ୍ରଣୟ ବ୍ୟାପାରରେ ତାର ସକ୍ରିୟ ଅଂଶ ଗ୍ରହଣ ଓ ହାସ୍ୟରସ ଉତ୍ପାଦନ ଇତ୍ୟାଦି ଯେପରି ବର୍ଣ୍ଣିତ ହୋଇଅଛି ରାମଶଙ୍କର ସେହି ଆଦର୍ଶ ଅନୁସରଣ କରି 'କାଞ୍ଚୀକାବେରୀ' ନାଟକରେ ବିଦୂଷକ ନଟବର ବ୍ରାହ୍ମଣର ଉପସ୍ଥାପନ କରିଅଛନ୍ତି ଏବଂ ଏହି ଚରିତ୍ର ମାଧ୍ୟମରେ ହାସ୍ୟରସ ସୃଷ୍ଟି କରିଅଛନ୍ତି । ପୁରୁଷୋତ୍ତମଦେବଙ୍କର ପଦ୍ମାବତୀ ପ୍ରତି ଗଭୀର ଆସକ୍ତିକୁ ବିଦୂଷକ ଜାଣେ । ତେଣୁ ସେ ରାଜଚିତ୍ତ ବିନୋଦନ ପାଇଁ ପଦ୍ମାବତୀଙ୍କର ରୂପ ଯେପରି ବର୍ଣ୍ଣନା କରିଛି ତାହା ସଂସ୍କୃତ-ପ୍ରାକୃତ ନାଟକର ରୀତିକୁ ମନେପକାଇ ଦେଇଥାଏ । ପୁଣି ଆଦିପୁର ଘାଟରେ ମାଣିକାକୁ ଦେଖି ବିଦୂଷକ ଯେପରି ରାଜାଙ୍କ ନିକଟରେ ତାର ରୂପ ବର୍ଣ୍ଣନା କରିଛି ତାହା ହାସ୍ୟରସ ସୃଷ୍ଟି କରିଥାଏ । ଯେତେବେଳେ ପୁରୁଷୋତ୍ତମ ଦେବ ଦ୍ୱିତୀୟଥର ଯୁଦ୍ଧ ଯାତ୍ରା ପାଇଁ ପ୍ରସ୍ତୁତ ସେତେବେଳେ ମଧ୍ୟ ବିଦୂଷକ ନିଜର କ୍ଷୁଧା ଓ ଖାଦ୍ୟଲାଳସା କଥା କହି ହାସ୍ୟରସ ଉଦ୍ରେକ କରିଛି । ଅବଶ୍ୟ ଏପରି ଭକ୍ତିପ୍ରଧାନ ନାଟକରେ ରସ ବିପର୍ଯ୍ୟୟ ଘଟିଥାଏ ମାତ୍ର ସଂସ୍କୃତ-ପ୍ରାକୃତ ନାଟକର ରୀତିକୁ ଅନୁସରଣ କରି ନାଟ୍ୟକାର ବିଦୂଷକ ଚରିତ୍ରର

ଅବତାରଣା କରିଅଛନ୍ତି । ପରବର୍ତ୍ତୀ ନାଟକରୁ ସେ ବିଦୂଷକ ଚରିତ୍ରକୁ ବିଦାୟ ଦେଇଛନ୍ତି ଏବଂ ହାସ୍ୟରସ ପାଇ ସେହି ନାଟକୀୟ ଚରିତ୍ରମାନଙ୍କୁ ମାଧ୍ୟମ କରିଅଛନ୍ତି ।

ସଂସ୍କୃତ ନାଟକରେ ଯେପରି ଚରିତ୍ରମାନଙ୍କର ଅନ୍ତର୍ନିହିତ ସମତା ରକ୍ଷା କରାଯାଇଥାଏ 'କାଞ୍ଚିକାବେରୀ' ନାଟକରେ ସେହିପରି ବିଭିନ୍ନ ଚରିତ୍ରମାନଙ୍କ ମଧ୍ୟରେ ସମତା ରକ୍ଷା କରାଯିବାକୁ ଚେଷ୍ଟା କରାଯାଇଅଛି । ଇଂରାଜୀ ନାଟକରେ ମଧ୍ୟ ଏତାଦୃଶ ସମତା ରକ୍ଷା କରାଯାଇଥିବା ଦେଖାଯାଏ । ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବ 'କାଞ୍ଚିକାବେରୀ' ନାଟକର ନାୟକ । ତାଙ୍କ ସହିତ 'ସମତା ରକ୍ଷା କରାଯାଇ କାଞ୍ଚିରାଜା ସାଳୁନରସିଂହ ଦେବଙ୍କର ଅବତାରଣା କରାଯାଇଅଛି । ପୁରୁଷୋତ୍ତମଦେବଙ୍କର ମନ୍ତ୍ରୀ, ସେନାପତି ଓ ସଭାସଦ୍‌ବର୍ଗଙ୍କ ସହିତ ସମତା ରକ୍ଷା କରାଯାଇ କାଞ୍ଚିରାଜାଙ୍କର ମନ୍ତ୍ରୀ, ସେନାପତି ଓ ସଭାସଦ୍‌ବର୍ଗଙ୍କ ସହିତ ସମତା ରକ୍ଷା କରାଯାଇ କାଞ୍ଚିରାଜାଙ୍କର ମନ୍ତ୍ରୀ, ସେନାପତି ଓ ସଭାସଦ୍‌ମାନଙ୍କର ନାଟ୍ୟ ରୂପାୟନ କରାଯାଇଅଛି । ପୁରୁଷୋତ୍ତମ ଦେବଙ୍କର ଯେପରି ବୀରତ୍ୱ, ଐଶ୍ୱର୍ଯ୍ୟ, ଭକ୍ତି ପ୍ରଭୃତି ଗୁଣ ବର୍ତ୍ତିତ ସେହିପରି କାଞ୍ଚିରାଜାଙ୍କର ମଧ୍ୟ ଏସବୁ ଗୁଣ ରୂପାୟିତ । ପୁରୁଷୋତ୍ତମ ଦେବଙ୍କର ଚରିତ୍ରରେ ଯେପରି ଉପରୋକ୍ତ ଗୁଣଗୁଡ଼ିକର ବିକାଶ କାଞ୍ଚି ରାଜାଙ୍କ ଚରିତ୍ରରେ ଏସବୁର ବିକାଶ ଦେଖାଯାଏ ନାହିଁ । ପୁରୁଷୋତ୍ତମ ଦେବଙ୍କ ପକ୍ଷରେ ଶ୍ରୀ ଜଗନ୍ନାଥ ଓ କାଞ୍ଚି ରାଜାଙ୍କ ପକ୍ଷରେ ଶ୍ରୀ ଗଣପତି ଉକ୍ତ ନାଟକରେ ଭାବ ସାମ୍ୟ ରକ୍ଷା କରିଅଛନ୍ତି ମାତ୍ର ପରିଶେଷରେ ଯେପରି ଗଣନାଥଙ୍କୁ ଅଣାଯାଇ ଶ୍ରୀମନ୍ଦିରର ପଛପଟରେ ରଖାଯାଇଛି ସେଥିରୁ ସମତା ରକ୍ଷା କରାଯାଇଥିବାର ପରିଚୟ ମିଳେ ନାହିଁ । ରାଣୀ, ପଦ୍ମାବତୀ, ଭଦ୍ରା, ଶଶିକଳା ଓ ସୂର୍ଯ୍ୟବାଳା ପ୍ରଭୃତି ନାରୀଚରିତ୍ରଗୁଡ଼ିକ କାଞ୍ଚିରାଜାଙ୍କ ପକ୍ଷର ହୋଇଥିଲେ ହେଁ ପରିଶେଷରେ ପଦ୍ମାବତୀ ପୁରୁଷୋତ୍ତମ ଦେବଙ୍କର ପତ୍ନୀ ହୋଇଛନ୍ତି । ପଦ୍ମାବତୀ ଉକ୍ତ ନାଟକର ନାୟିକା । ଏହି ଚରିତ୍ରର ପ୍ରଣୟ ମହିମାର ବିକାଶ ପାଇଁ ଏବଂ ଅନ୍ତର୍ନିହିତ ଭାବର ପରିପ୍ରକାଶ ପାଇଁ ନାଟ୍ୟକାର ସଖୀ ଚରିତ୍ରର ଉପଯୋଗିତା ମନେ କରିଅଛନ୍ତି । କାଳିଦାସଙ୍କର 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକରେ ଶକୁନ୍ତଳାର ପ୍ରଣୟ ବିକାଶ ପାଇଁ ଅନସୂୟା ଓ ପ୍ରିୟମ୍ବଦାର ଭୂମିକା ପରି 'କାଞ୍ଚିକାବେରୀ' ନାଟକରେ ପଦ୍ମାବତୀର ପ୍ରଣୟ ମହିମାର ପରିଚୟ ପାଇଁ ଭଦ୍ରା, ସୂର୍ଯ୍ୟବାଳା ଓ ଶଶିକଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅବଶ୍ୟ ବୈଷ୍ଣବ କାବ୍ୟରେ ଶ୍ରୀରାଧାଙ୍କର ପ୍ରଣୟ ମହିମାର ପରିଚୟ ବିଶାଖା, ଲଳିତାଦି ସଖୀମାନଙ୍କ ମାଧ୍ୟମରେ ଯେପରି ପ୍ରକଟିତ ହୋଇଅଛି ଆଲୋଚ୍ୟ ନାଟକରେ ମଧ୍ୟ ସେହିପରି କାବ୍ୟ-ସୌନ୍ଦର୍ଯ୍ୟ ଦେଖିବାକୁ ମିଳିଥାଏ । ସଂସ୍କୃତ ନାଟକର ସମତାଭାବ ରାମଶଙ୍କରଙ୍କୁ ବିଶେଷ ଭାବରେ ଅନୁପ୍ରାଣିତ

କରିଥିଲେ ହେଁ ସେ ନାଟକୀୟ ବାତାବରଣ ଓ ଆବଶ୍ୟକତା ପାଇଁ ସ୍ଥଳ ବିଶେଷରେ ବ୍ୟତିକ୍ରମ କରିଥିବା ମଧ୍ୟ ଦେଖାଯାଏ ।

କାଞ୍ଚିକାବେରୀ ନାଟକର ପ୍ରସ୍ତାବନାରେ ସୂତ୍ରଧର ନଟ ଓ ନଟୀର ଯେପରି ବର୍ଣ୍ଣନା ରହିଅଛି ତାହା ସଂସ୍କୃତ ବା ପ୍ରାକୃତ ନାଟକର ପ୍ରତ୍ୟକ୍ଷ ଫଳ । ନାଟ୍ୟକାର ସଂସ୍କୃତ ରୀତି ଅନୁସରଣ କରି ପ୍ରଥମେ ନାନ୍ଦୀ ମୁଖରେ ଗୋଟିଏ ମଙ୍ଗଳାଚରଣ ଶ୍ଳୋକ ଉଲ୍ଲେଖ କରିଛନ୍ତି ଏବଂ ପରେ ସୂତ୍ରଧର, ନଟ ଓ ନଟୀଙ୍କର ଆବିର୍ଭାବ ଘଟାଇଅଛନ୍ତି । 'କର୍ପୂର ମଞ୍ଜରୀ' ସଟ୍ଟକର ପ୍ରଭାବ ଏଥିରେ ଦେଖିବାକୁ ମିଳେ । ପ୍ରାକୃତ ଭାଷାରେ ନାଟକ ରଚନା କରିବା ବିଷୟରେ ସେଥିରେ ଯେପରି ବର୍ଣ୍ଣନା କରାଯାଇଛି, ଏବଂ ନାଟକ ଅଭିନୟ ହେବାର ସୂଚନା ଯେପରି ନଟମୁଖରେ ପ୍ରଦତ୍ତ ହୋଇଛି ସେହିପରି 'କାଞ୍ଚିକାବେରୀ' ନାଟକରେ ଓଡ଼ିଆ ଭାଷାରେ ନାଟକ ରଚନା କରାଯିବା ଓ କାଞ୍ଚିକାବେରୀ ନାଟକର ଅଭିନୟ ହେବା କଥା ସୂଚିତ ହୋଇଅଛି । ଅତଏବ ପ୍ରସ୍ତାବନା ସଂଯୋଜନା ଦୃଷ୍ଟିରୁ 'କାଞ୍ଚିକାବେରୀ' ସଂସ୍କୃତ ଓ ପ୍ରାକୃତ ନାଟକ ଦ୍ୱାରା ପ୍ରଭାବିତ । ଏହା ସତ୍ତ୍ୱେ କାଞ୍ଚିକାବେରୀ ନାଟକରେ କେତେକ ବ୍ୟତିକ୍ରମ ଦେଖାଯାଏ । ସଂସ୍କୃତ ନାଟକକୁ ଦୃଶ୍ୟକାବ୍ୟ ବା ନାଟ୍ୟକାବ୍ୟ କୁହାଯାଏ । ତେଣୁ ଏଥିରେ ବହୁତ ପରିମାଣରେ ଶ୍ଳୋକ ଥାଏ, ଯଦିଓ ମଝେ ମଝେ ଗଦ୍ୟର ସଂଯୋଜନା ଥାଏ । ଏହା କାବ୍ୟାମୋଦୀ ଲୋକଙ୍କର ଚିତ୍ତବିନୋଦନ କରେ । ରାମଶଙ୍କର ଅଭିନୟୋପଯୋଗୀ ନାଟକ ରଚନା କରିଥିବାରୁ 'କାଞ୍ଚିକାବେରୀ'ରେ ସଙ୍ଗୀତର ବହୁଳତାକୁ ପରିହାର କରିଅଛନ୍ତି ।

'କାଞ୍ଚିକାବେରୀ' ସଂସ୍କୃତ ନାଟକର ପ୍ରତ୍ୟକ୍ଷ ଫଳ ହେଲେ ହେଁ ଇଂରାଜୀ ନାଟକର ପ୍ରଭାବରୁ ଏହା ମୁକ୍ତ ନୁହେଁ । ଏହି ନାଟକ ରଚନା କାଳବେଳକୁ ରାମ-ଶଙ୍କର ଏଫ୍. ଏ. ପାସ୍ କରିଥିଲେ । ତେଣୁ ସେ ସେକ୍ସପିଅରଙ୍କ ନାଟକାବଳୀ ଅଧ୍ୟୟନ କରିବାର ସୁଯୋଗ ଲାଭ କରି ଥିବେ । ତେଣୁ ସେକ୍ସପିୟରୀୟ ନାଟ୍ୟଶୈଳୀକୁ ସେ 'କାଞ୍ଚିକାବେରୀ'ରେ ଗ୍ରହଣ କରିଥିବା ସ୍ୱାଭାବିକ । ଇଂରାଜୀ ସାହିତ୍ୟରେ ମଧ୍ୟ ପାଞ୍ଚଅଙ୍କ ବିଶିଷ୍ଟ ନାଟକ ରଚିତ ହେବାର ବିଧି ପ୍ରଚଳିତ ଥିଲା । ସେକ୍ସପିୟର ପାଞ୍ଚଅଙ୍କ ବିଶିଷ୍ଟ ନାଟକ ରଚନା କରିବା ସଙ୍ଗେ ସଙ୍ଗେ ସେଥିରେ ଗଦ୍ୟ ଓ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପ ବ୍ୟବହାର କରିଥିଲେ । ଏହି ଆଦର୍ଶକୁ ରାମଶଙ୍କର ଗ୍ରହଣ କରିଥିଲେ ପରି ମନେହୁଏ । ସମାନ୍ତରାଳ ଚରିତ୍ର ଅର୍ଥାତ୍ ଚରିତ୍ରଯୁଗ୍ମକରେ ଅନ୍ତର୍ନିହିତ ସମତା ସୃଷ୍ଟି ଦିଗରେ ମଧ୍ୟ ଇଂରାଜୀ ନାଟକର ପ୍ରଭାବ 'କାଞ୍ଚିକାବେରୀରେ' ଦୁର୍ଲକ୍ଷ୍ୟ ନୁହେଁ । ସେକ୍ସପିୟରଙ୍କ ନାଟକର କୋର୍ଟ ଜେଷ୍ଟର ଚରିତ୍ରର ପ୍ରଭାବ ମଧ୍ୟ କାଞ୍ଚିକାବେରୀର ବିଦୂଷକ ଚରିତ୍ରରେ ପରିଲକ୍ଷିତ । କେତେକ ସଂଳାପରେ ମଧ୍ୟ ଇଂରାଜୀ

ନାଟକର ସଂଳାପଶୈଳୀ ଲକ୍ଷ୍ୟଣୀୟ । 'କାଞ୍ଚିକାବେରୀ' ପ୍ରଥମ ପ୍ରକୃତ ନାଟକ ହୋଇ ଥିବାରୁ ଓ ରାମଶଙ୍କର ଆଧୁନିକ ମନ ଓ ରୁଚିର ନାଟ୍ୟକାର ହୋଇଥିବାରୁ ସଂସ୍କୃତ-ଇଂରାଜୀ-ବଙ୍ଗଳା ଓ ଓଡ଼ିଆ ଯାତ୍ରାର ବିଭିନ୍ନ ଦିଗପ୍ରତି ଦୃଷ୍ଟିପାତ କରି ତାଙ୍କର ନାଟ୍ୟ-ମାନସକୁ ପ୍ରସ୍ତୁତ କରିଅଛନ୍ତି ଓ ଓଡ଼ିଆ ସାହିତ୍ୟରେ ଆପଣାର ପ୍ରଥମ ନାଟକ 'କାଞ୍ଚିକାବେରୀ' ରଚନା କରି ସମସାମୟିକ ଜନସମାଜର ନୂତନ ନାଟ୍ୟତୃଷ୍ଣା ନିବାରିତ କରିବା ସଙ୍ଗେ ସଙ୍ଗେ ଆଗାମୀ ଓଡ଼ିଆ ନାଟ୍ୟସାହିତ୍ୟର ଭୂୟୋବିକାଶ ପାଇଁ ସ୍ପଷ୍ଟ ଇଙ୍ଗିତ ଦେଇଛନ୍ତି ।

## 'କାଞ୍ଚିକାବେରୀ' ନାଟକରେ ଚରିତ୍ର ସମାବେଶ :

'କାଞ୍ଚିକାବେରୀ'ରେ ନାଟ୍ୟକାର ରାମଶଙ୍କର ଇତିହାସରୁ ମୁଖ୍ୟତଃ ପୁରୁଷୋତ୍ତମଦେବ ଓ ସାଳ୍ୱ ନରସିଂହଦେବଙ୍କ ଚରିତ୍ରକୁ ଗ୍ରହଣ କରିଥିଲେ ହେଁ ନାଟକୀୟ ଆବେଦନ ଦୃଷ୍ଟିରୁ ସେ କିମ୍ବଦନ୍ତୀ-ଜନଶ୍ରୁତିରୁ କେତେକ ଚରିତ୍ରର ଅବତାରଣା କରି ଅଛନ୍ତି ଏବଂ ତତ୍‌ସହିତ କେତେକ କାଳ୍ପନିକ ଚରିତ୍ରକୁ ମଧ୍ୟ ନାଟକ ମଧ୍ୟକୁ ଆଣିଛନ୍ତି । ପୁରୁଷୋତ୍ତମ ଦେବ ଓ ସାଳ୍ୱ ନରସିଂହଦେବ ଐତିହାସିକ ଚରିତ୍ର; ମାତ୍ର ନାଟ୍ୟକାର ସେମାନଙ୍କୁ ସମାନ୍ତରାଳ ଚରିତ୍ର ଭାବରେ ଗ୍ରହଣ କରି ସେମାନଙ୍କ ଅନ୍ତରର ମାନବିକ ଦ୍ୱନ୍ଦ୍ୱକୁ ଯେପରି ଦେଖାଇ ଅଛନ୍ତି, ତାହା ଐତିହାସିକ ନ ହେଲେ ହେଁ ଚିରନ୍ତନ ମାନବିକ ଭାବସ୍ପନ୍ଦନର ଯଥାର୍ଥ ଦ୍ୟୋତକ । ପୁରୁଷୋତ୍ତମ ଦେବଙ୍କୁ ନାଟ୍ୟକାର ବୀର ଅପେକ୍ଷା ଜଣେ ଭକ୍ତ ଭାବରେ ଅଧିକ ଗୁରୁତ୍ୱ ଦେଇଅଛନ୍ତି । ପୁରୁଷୋତ୍ତମ ଦୈବବଳରେ ବଳୀୟାନ । ନିଜ ଉପରୁ ସେ ବିଶ୍ୱାସ ଓ ଆସ୍ଥା ହରାଇ ଜଗନ୍ନାଥଙ୍କଠାରେ ନିର୍ଭର କରି ଅଛନ୍ତି । ତାଙ୍କର କାଞ୍ଚିବିଜୟ ଓ ପଦ୍ମାବତୀଙ୍କ ସହିତ ତାଙ୍କର ମିଳନ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ କରୁଣା ଓ ସମର୍ଥନ ବିଦ୍ୟମାନ । ଯୁଦ୍ଧରେ ବିଜୟ ଲାଭ କଲା ପରେ ସେ ପଦ୍ମାବତୀଙ୍କୁ ଚଣ୍ଡାଳ ହାତରେ ଦେବାକୁ କଠୋର ପ୍ରତିଜ୍ଞା କରିଅଛନ୍ତି । ଏପରି ପ୍ରତିଜ୍ଞା କରି ନ ଥିଲେ ହୁଏତ ଓଡ଼ିଶାର ଜନସାଧାରଣ ତାଙ୍କୁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କାଞ୍ଚିମୁଖ ହୋଇଥିଲା ବୋଲି ସମାଲୋଚନା କରିଥାନ୍ତେ । ଏହି କଠୋର ପ୍ରତିଜ୍ଞା ହିଁ ରାଜା ପୁରୁଷୋତ୍ତମଦେବ ଓ ରକ୍ତମାଂସ ଦେହଧାରୀ ପ୍ରେମିକ ପୁରୁଷୋତ୍ତମଦେବଙ୍କ ଅନ୍ତରର ଦ୍ୱନ୍ଦ୍ୱକୁ ଦେଖାଇଅଛି ଏବଂ ଅବଶେଷରେ ସକଳ ଦ୍ୱନ୍ଦ୍ୱର ଅବସାନ ଘଟିଛି ଯେତେବେଳେ ସେ ବିବାହ କରିଛନ୍ତି ପଦ୍ମାବତୀଙ୍କୁ । ନାଟ୍ୟକାର ଏହି ଐତିହାସିକ ଚରିତ୍ରକୁ ମାନବୀୟ ଗୁଣରେ ବିଭୂଷିତ କରି ନାଟ୍ୟରସ ସୃଷ୍ଟି କରିବାରେ ଉଦ୍ୟମ କରିଅଛନ୍ତି । ସେହିପରି ସାଳ୍ୱ ନରସିଂହଦେବ ଇତିହାସର ବ୍ୟକ୍ତି ହେଲେ ମଧ୍ୟ ନାଟ୍ୟକାର ସେହି ଚରିତ୍ରରେ ମାନବୀୟ ଭାବସ୍ପନ୍ଦନ ସୃଷ୍ଟି କରିଅଛନ୍ତି । ପୁରୁଷୋତ୍ତମ ଦେବ ବିନୟୀ ସ୍ୱଦେଶାନୁରାଗୀ,

ବୀର, ଭକ୍ତ ଓ ପ୍ରଣୟୀ । ନାଟକରେ ସେ ଏକ ପତ୍ନୀବ୍ରତ ରୂପେ ଚିତ୍ରିତ । ଯେଉଁବେଳେ ସାଲ୍ୱ ନରସିଂହ ତାଙ୍କୁ ଜଗନ୍ନାଥଙ୍କ ରଥଯାତ୍ରାରେ ଛେରାପହଁରା କରୁଥିବା ହେତୁ ଚଣ୍ଡାଳ ବୋଲି କହି ଅପମାନ ଦେଇଛନ୍ତି ସେତେବେଳେ ପୁରୁଷୋତ୍ତମ ଦେବ ତାଙ୍କ ବିରୁଦ୍ଧରେ ଯୁଦ୍ଧ ଅଭିଯାନ କରିଛନ୍ତି ଓ ପଦ୍ମାବତୀଙ୍କୁ ଚଣ୍ଡାଳ ହାତରେ ଦେବାକୁ ଅଟଳ-ପ୍ରତିଜ୍ଞା କରିଅଛନ୍ତି । ଯୁଦ୍ଧରେ ବିଜୟ ପରେ ତାଙ୍କର ଦେଖା ଦେଇଛି ଗଭୀର ମାନବିକ ଦ୍ୱନ୍ଦ୍ୱ । ଏକ ଦିଗରେ ତାଙ୍କର କଠୋର ପ୍ରତିଜ୍ଞା ଏବଂ ଅନ୍ୟପକ୍ଷରେ ଆପଣାର ମାନସପ୍ରତିମା ପଦ୍ମାବତୀଙ୍କୁ ଚଣ୍ଡାଳଙ୍କୁ ସମର୍ପଣ କରିବାର ଆଦେଶ— ଏହି ଦୁଇ ଭାବଧାରା ତାଙ୍କୁ ଦ୍ୱନ୍ଦ୍ୱାକୁଳ କରିଦେଇଛି ଓ ପରିଣତିରେ ତାଙ୍କର ପ୍ରଣୟସ୍ନିଗ୍ଧ ବ୍ୟକ୍ତିତ୍ୱର ହୋଇଛି ବିଜୟ । ସାଲ୍ୱ ନରସିଂହ ଦେବଙ୍କର ପୁରୁଷୋତ୍ତମ ଦେବଙ୍କ ଛେରାପହଁରା କାର୍ଯ୍ୟ ପ୍ରତି ତାଚ୍ଛଲ୍ୟ ପୁରୁଷୋତ୍ତମଦେବଙ୍କ ଯୁଦ୍ଧ ଅଭିଯାନ ପ୍ରତି ନିର୍ଭୀକତା ଓ ଯୁଦ୍ଧରେ ପୁରୁଷୋତ୍ତମଦେବଙ୍କୁ ପରାସ୍ତ କରିବାର ଆନନ୍ଦ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱର ପରିଚାୟକ । ପଦ୍ମାବତୀ ପ୍ରତି ତାଙ୍କର ଗଭୀର ବାତ୍ସଲ୍ୟ ବାସ୍ତବିକ ତାଙ୍କ ପ୍ରତି ସହାନୁଭୂତି ଉଦ୍ରେକ କରେ । ଏହି ଦୁଇ ରାଜଚରିତ୍ରଙ୍କୁ ଅବଲମ୍ବନ କରି ମନ୍ତ୍ରୀ, ସେନାପତି ଓ ସଭାସଦ୍‌ମାନଙ୍କର ଚରିତ୍ରର ଅବତାରଣା କରାଯାଇଅଛି । ଏସବୁ ଚରିତ୍ର କାଳ୍ପନିକ ହେଲେ ମଧ୍ୟ ରାଜକୀୟ ପରିବେଶରୁ ସ୍ୱତନ୍ତ୍ର ନୁହନ୍ତି । ଏମାନେ ଅନୈତିହାସିକ ମାତ୍ର ଇତିହାସର ବୃତ୍ତରେ ଏମାନେ ଜଣେ ଜଣେ ଚଳମାନ ବ୍ୟକ୍ତି ।

ମାଣିକା, ଦାସମହାସୁଆର ଓ ଗୋଦାବରୀ ମିଶ୍ର ପ୍ରମୁଖ ଚରିତ୍ରଗୁଡ଼ିକ କିମ୍ବଦନ୍ତୀ ଆଶ୍ରିତ । ଏମାନେ ମଧ୍ୟ ଇତିହାସ ସମର୍ଥିତ ନୁହନ୍ତି । ଅଥଚ ଏସବୁ ଚରିତ୍ର ମାଧ୍ୟମରେ ନାଟ୍ୟକାର ନାଟକର ମୁଖ୍ୟ ଭକ୍ତିଧାରାକୁ ଅବିଚ୍ଛିନ୍ନ ଭାବରେ ପ୍ରବାହିତ କରିବାକୁ ଉଦ୍ୟମ କରିଅଛନ୍ତି । ଦାସ ମହାସୁଆର ଚରିତ୍ର ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ଆଦେଶ ପ୍ରକାଶିତ । ତେଣୁ ପୁରୁଷୋତ୍ତମ ଦେବ କାଞ୍ଚୀଅଭିଯାନ ପାଇଁ ତାଙ୍କୁ ସାଙ୍ଗରେ ନେଇଛନ୍ତି । ତାଙ୍କର କଥାଅନୁଯାୟୀ ପୁରୁଷୋତ୍ତମଦେବ ଯୁଦ୍ଧକୁ ଯାଇଛନ୍ତି ଏବଂ ଯୁଦ୍ଧରେ ହାରିବାର କାରଣ ମଧ୍ୟ ସେ ରାଜାଙ୍କୁ କହିଅଛନ୍ତି । ଦ୍ୱିତୀୟଥର ମଧ୍ୟ ତାଙ୍କର କଥାରେ ରାଜା ଯୁଦ୍ଧ କରି ବିଜୟୀ ହୋଇଅଛନ୍ତି । କାଞ୍ଚୀବିଜୟ କରି ଫେରିବା ପରେ ଗୋଦାବରୀ ମିଶ୍ର ଅଲୌକିକ ଶକ୍ତି ବଳରେ ଗୋଦାବରୀରେ ଅକାଳ ବନ୍ୟା ସୃଷ୍ଟି କରି କାଞ୍ଚୀସେନାଙ୍କର ପ୍ରତି ଆକ୍ରମଣରେ ବାଧା ସୃଷ୍ଟି କରିଛନ୍ତି । ଆଦିପୁର ଦାଣ୍ଡରେ ମାଣିକା ଚରିତ୍ରର ଅବତାରଣା ଦ୍ୱାରା ଜଗନ୍ନାଥ ବଳଭଦ୍ର ଯୁଦ୍ଧକୁ ଯାଇଥିବା ସମ୍ବାଦ ପ୍ରଚାରିତ ହୋଇଅଛି । କାଞ୍ଚୀ-କାବେରୀ ଅଭିଯାନର ଅନ୍ତଃସ୍ଥଳରେ ମାଣିକା ପ୍ରସଙ୍ଗ ଅନୈତିହାସିକ ହେଲେ ହେଁ ଜଗନ୍ନାଥ ମାହାତ୍ମ୍ୟ ପ୍ରତିଷ୍ଠା ଓ ଉତ୍କଳ ସେନାଙ୍କର ଉତ୍ସାହ ସୃଷ୍ଟି ପାଇଁ ଏକ ମୁଖ୍ୟ

ପ୍ରାଣସ୍ପନ୍ଦନ ଭାବରେ ବିଦ୍ୟମାନ । ଅବଶ୍ୟ ନାଟ୍ୟକାର ଯେପରି ଭାବରେ ପୁରୁଷୋତ୍ତମ ଦାସଙ୍କ କାଞ୍ଚିକାବେରୀ କାବ୍ୟ ଅବଲମ୍ବନରେ ମାଣିକାକୁ କୃଷ୍ଣବେହେରାର କନ୍ୟା ଓ ଚନ୍ଦ୍ର ବେହେରାର ପତ୍ନୀ ଭାବରେ ଏବଂ ସୈନିକରୂପୀ ଜଗନ୍ନାଥଙ୍କୁ ଯଶୋଦାନନ୍ଦନ ଓ ତାଙ୍କର ସହସଙ୍କୁ ଅନୁଚର ରୂପେ ବର୍ଣ୍ଣନା କରିଛନ୍ତି ସେଥିରୁ ଜଗନ୍ନାଥ ଓ ଶ୍ରୀକୃଷ୍ଣ, ମାଣିକା ଓ ଶ୍ରୀରାଧାଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପିତ । ଏସବୁ ଚରିତ୍ର ସହିତ ନାଟ୍ୟକାର ଆଦିପୁରରେ ଗୋପାଳମାନଙ୍କର ସମାବେଶ, ଲଉଡ଼ିଖେଳ ଓ ପୁରୁଷୋତ୍ତମଦେବଙ୍କୁ ବନ୍ଦନାର ନାଟ୍ୟରୂପ ଦେଇଅଛନ୍ତି । ଯୁଦ୍ଧ ଅଭିଯାନବେଳେ ଏହା ଅପ୍ରାସଙ୍ଗିକ ହେଲେ ମଧ୍ୟ ଗଜପତି ପୁରୁଷୋତ୍ତମଦେବଙ୍କର ସାଧାରଣ ଜନସମ୍ପର୍କ ଓ ଜଗନ୍ନାଥ ଭକ୍ତିର ନିଦର୍ଶନ ସ୍ୱରୂପ ମାଣିକା ପାଟଣା ଗ୍ରାମ ସ୍ଥାପନ ପ୍ରସଙ୍ଗର ସୂଚନା ମିଳେ । ପୁରୀର ପଣ୍ଡାମାନଙ୍କର ଅବତାରଣା ଦ୍ୱାରା ଜଗନ୍ନାଥ ସଂସ୍କୃତିର ପରିଚୟ ମିଳିବା ସହିତ ପୁରୁଷୋତ୍ତମଦେବଙ୍କ ପ୍ରତି ଜନସାଧାରଣଙ୍କ ମନୋଭାବର ଇଙ୍ଗିତ ମଧ୍ୟ ଦେଖିବାକୁ ମିଳେ ।

ନାରୀଚରିତ୍ର ଭାବରେ କାଞ୍ଚି ରାଜରାଣୀ ବିଦ୍ୟୁଲତା କାଞ୍ଚି ରାଜକନ୍ୟା ପଦ୍ମାବତୀ ଓ ପଦ୍ମାବତୀଙ୍କ ସଖୀତ୍ରୟୀ ଭଦ୍ରା, ସୂର୍ଯ୍ୟବାଳା ଓ ଶଶିକଳା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ପଦ୍ମାବତୀ କିମ୍ବଦନ୍ତୀ ପ୍ରସୂତା ଅର୍ଦ୍ଧୈତିହାସିକ ଚରିତ୍ର । ଇତିହାସର ରୂପାନ୍ତରିକା ଓଡ଼ିଶାର ସାମାଜିକ ଜୀବନରେ ପଦ୍ମାବତୀ ରୂପେ ସୁପରିଚିତା । ଅଥଚ ଭଦ୍ରା, ସୂର୍ଯ୍ୟବାଳା ଓ ଶଶୀକଳା ସମସ୍ତେ କାଳ୍ପନିକ ଚରିତ୍ର । ଏସବୁ ଚରିତ୍ରର ଭୂମିକା କାବ୍ୟଧର୍ମୀ । ପ୍ରିୟସଖୀ ପଦ୍ମାବତୀର ସୁଖଦୁଃଖରେ ଏମାନେ ସମଭାଗିନୀ । ପଦ୍ମାବତୀର ଅନ୍ତରର କଥା ଏମାନେ ଜାଣନ୍ତି । ଯେତେବେଳେ ପଦ୍ମାବତୀ ବନ୍ଦିନୀ ହୋଇ ପୁରୀକୁ ଆସିଛି ସେତେବେଳେ ଭଦ୍ରା ମଧ୍ୟ ପୁରୀକୁ ଆସିଛି ଓ ନିର୍ଜନ ରାତିରେ ପ୍ରିୟସଖୀକୁ କେନ୍ଦ୍ରକରି ବିରହ ସଙ୍ଗୀତ ଗାନ କରିଛି । ପୁରୁଷୋତ୍ତମଦେବଙ୍କ ଅନ୍ତରର ଅବଦମିତ ପଦ୍ମାବତୀ କୈନ୍ଦ୍ରିକ ପ୍ରେମଭାବକୁ ସେ ଜାଗ୍ରତ କରିଛି । ଏହି ସଖୀଗଣ ପଦ୍ମାବତୀଙ୍କର ସାନ୍ତ୍ୱନା ଓ ମନସ୍ତୁଷ୍ଟି ବ୍ୟାପାରରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ପାଇଁ କେତେକ ପରିମାଣରେ ଉପଯୋଗୀ । ଏ ସମସ୍ତ ଚରିତ୍ର ସହିତ ନାଟ୍ୟକାର ଉକ୍ତ ନାଟକରେ ବିଦୂଷକ, ପାଟଜୋଷୀ, ରାଜଗୁରୁ, ଦୂତ, ଦ୍ୱାରୀ ପ୍ରଭୃତି ଚରିତ୍ରଗୁଡ଼ିକର ଅବତାରଣା କରିଅଛନ୍ତି । ପ୍ରତ୍ୟେକ ଚରିତ୍ର ରାଜପରିବେଶକୁ ନେଇ ଜୀବନ୍ତ । ସ୍ଥଳ ବିଶେଷରେ ସେଗୁଡ଼ିକ ଅପ୍ରାସଙ୍ଗିକ ଓ ଅସ୍ୱାଭାବିକ ହେଲେ ମଧ୍ୟ ଇତିହାସ ବୃତ୍ତର ପରିଚୟ ପାଇଁ ଉପଯୋଗୀ ମନେହୋଇଛି । ନାଟକ ରଚନା କଲାବେଳେ ଯେତେବେଳେ ଯେଉଁ ଚରିତ୍ରର ଆବଶ୍ୟକତା ନାଟ୍ୟକାର ଅନୁଭବ କରିଅଛନ୍ତି ସେତେବେଳେ ସେହି ଚରିତ୍ରର ଅବତାରଣା କରିଅଛନ୍ତି । ସଂସ୍କୃତ ନାଟ୍ୟରୀତି ଅନୁସରଣ କରି ନାଟ୍ୟକାର 'କାଞ୍ଚିକାବେରୀ' ନାଟକରେ ଚରିତ୍ରଗୁଡ଼ିକର

ଅବତାରଣା କରି ନାଟ୍ୟରସ ସୃଷ୍ଟି କରିବା ସଙ୍ଗେ ସଙ୍ଗେ କାବ୍ୟ-ସୌନ୍ଦର୍ଯ୍ୟ ସୃଷ୍ଟି କରିଅଛନ୍ତି ।

## 'କାଞ୍ଚିକାବେରୀ' ନାଟକରେ ସଂଳାପ ଓ ସଙ୍ଗୀତ ।

'କାଞ୍ଚିକାବେରୀ'ର ସଂଳାପ ଓ ଭାଷା ସମ୍ପର୍କରେ ଆଲୋଚନା କରି 'ଓଡ଼ିଆ ନାଟ୍ୟକଳା' ଗ୍ରନ୍ଥରେ ସମାଲୋଚକ ଗିରିଜାଶଙ୍କର ରାୟ ଲେଖିଛନ୍ତି—"ସଂସ୍କୃତ ନାଟକରେ ଯେପରି ସଂସ୍କୃତ ଓ ପ୍ରାକୃତ ଉଭୟ ପ୍ରକାର ଭାଷା ବ୍ୟବହୃତ ହୁଏ, ଏଥିରେ ସେପରି ନାହିଁ, ବରଂ ଏକ ଦିଗରେ ସଂସ୍କୃତାନୁସାରୀ ସାହିତ୍ୟିକ ଭାଷା ଓ ଅନ୍ୟ ଦିଗରେ ଜନସାଧାରଣଙ୍କ ମଧ୍ୟରେ ପ୍ରଚଳିତ ଭାଷାର ମଧ୍ୟବର୍ତ୍ତୀ ଭାଷା ବ୍ୟବହାର କରି ଶିକ୍ଷିତ ଅଶିକ୍ଷିତ ଉଭୟ ପ୍ରକାର ଦର୍ଶକମାନଙ୍କୁ ଆନନ୍ଦ ଦେବାର ଚେଷ୍ଟା କରିଅଛନ୍ତି ।" (୧୨) ଏହାସତ୍ତ୍ୱେ 'କାଞ୍ଚିକାବେରୀ'ର ଭାଷା ବାସ୍ତବଧର୍ମୀ ହୋଇପାରି ନାହିଁ । ଏହି ଭାଷା ବ୍ୟବହାର ଦ୍ୱାରା ହୁଏତ ନାଟକର ସାହିତ୍ୟିକ ମୂଲ୍ୟ ସଂରକ୍ଷିତ ହୋଇଅଛି; ମାତ୍ର ନାଟକୀୟତା ଦୃଷ୍ଟିରୁ ସ୍ଥଳ ବିଶେଷରେ ତ୍ରୁଟି ପରିଲକ୍ଷିତ ।

କାଞ୍ଚିକାବେରୀ ନାଟକରେ ସର୍ବମୋଟ ୧୭ଟି ସଙ୍ଗୀତ ବ୍ୟବହୃତ । ଓଡ଼ିଶାରେ ପ୍ରଚଳିତ ଯାତ୍ରା ପରଂପରା ସମୟରେ ଏହି ନାଟକ ରଚିତ ହୋଇଥିବାରୁ ନାଟ୍ୟକାର ଏଥିରେ ଅଧିକ ପରିମାଣରେ ସଙ୍ଗୀତ ଦେବାକୁ ବାଧ୍ୟ ହୋଇଅଛନ୍ତି । ଏହି ସଙ୍ଗୀତଗୁଡ଼ିକ ମାଧ୍ୟମରେ ନାଟ୍ୟକାର ଦର୍ଶକମାନଙ୍କର ମନୋରଞ୍ଜନ କରିବା ସଙ୍ଗେ ସଙ୍ଗେ ନାଟକବର୍ଣ୍ଣିତ ବିଷୟ ସମ୍ପର୍କରେ ଦର୍ଶକମାନଙ୍କୁ ଅବହିତ କରିବାକୁ ଚେଷ୍ଟା କରିଅଛନ୍ତି । ରାମଶଙ୍କର ନାଟକରେ ସଙ୍ଗୀତ ବ୍ୟବହାର ସମ୍ପର୍କରେ ଗ୍ରନ୍ଥାବଳୀର ମୁଖବନ୍ଧରେ ଲେଖିଅଛନ୍ତି—"ରାଗରାଗିଣୀର ଚର୍ଚ୍ଚା ଓଡ଼ିଆରେ ନ ଥିଲା । କେବଳ ଓଡ଼ିଶୀ ରାଗରାଗିଣୀର ଗୀତ ରଙ୍ଗମଞ୍ଚରେ ଅନୁପଯୁକ୍ତ ବିବେଚନା କରି ମୁଁ ହିନ୍ଦୁସ୍ଥାନୀ ରାଗରାଗିଣୀରେ ଓଡ଼ିଆ ଗୀତ ବସାଇ 'କାଞ୍ଚିକାବେରୀ'ରେ ଲୋକ ସମକ୍ଷରେ ପ୍ରଥମେ ଆଗତ କଲି ଏବଂ ତହିଁରେ ଲୋକେ ମୁଗ୍ଧ ହେବାର ଦେଖି ଅନ୍ୟାନ୍ୟ ନାଟକରେ ମଧ୍ୟ ତାହା ବସାଇ ଅଛି । କାଳକ୍ରମେ ହିନ୍ଦୁସ୍ଥାନୀ ରାଗ ରାଗିଣୀର ରାଗ ଅନ୍ୟାନ୍ୟ କବିମାନେ ନାଟକ ଓ ଯାତ୍ରାରେ ସନ୍ନିବେଶିତ କରି ଜନମନ ମୋହୁଅଛନ୍ତି ।" କାଞ୍ଚିକାବେରୀ ନାଟକରେ ଏହି ଧରଣର ସଙ୍ଗୀତ ବ୍ୟବହାର କରି ନାଟକରେ ସଙ୍ଗୀତ ବ୍ୟବହାରର ନୂତନତା ରାମଶଙ୍କର ସୃଷ୍ଟି କଲେ । ବିଭିନ୍ନ ରାଗ ରାଗିଣୀ ଓ ତାଳର ନିର୍ଦ୍ଦେଶ ଦେଇ ନାଟ୍ୟକାର ଯେପରି ସଙ୍ଗୀତ ସଂଯୋଜନା କରିଅଛନ୍ତି ତାହା ନାଟକରେ ନାଟକୀୟତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ କାବ୍ୟସୌନ୍ଦର୍ଯ୍ୟ ବୃଦ୍ଧି କରିଅଛି ।

---

୧୨ । ଗିରିଜାଶଙ୍କର ରାୟ — ଓଡ଼ିଆ ନାଟ୍ୟକଳା — ପୃ ୪୮

'କାଞ୍ଚିକାବେରୀ' ନାଟକରେ ମୁଖ୍ୟତଃ ଦ୍ୱିବିଧ ସଂଳାପ;—ପରଗତ ଓ ସ୍ୱଗତ ସଂଳାପ ବ୍ୟବହୃତ । ଆଧୁନିକ ନାଟକରେ ସ୍ୱଗତ ସଂଳାପ ଦୋଷାବହ । କାରଣ ରଙ୍ଗମଞ୍ଚରେ ଅନ୍ୟଚରିତ୍ରମାନଙ୍କ ଉପସ୍ଥିତିରେ କୌଣସି ଚରିତ୍ର ଆପଣାର ମନୋ-ଭାବକୁ ସଂଳାପ ମାଧ୍ୟମରେ ପ୍ରକାଶ କଲେ ଏବଂ ତାହା ଅନ୍ୟପ୍ରତି ଉଦ୍ଦିଷ୍ଟ ନହୋଇ କେବଳ ନିଜପ୍ରତି ଉଦ୍ଦିଷ୍ଟ ହୋଇଥିଲେ ତାକୁ ସ୍ୱଗତ ସଂଳାପ କହନ୍ତି । ଏହି ସଂଳାପର ଉଦ୍ଦେଶ୍ୟ ଚରିତ୍ର ନିଜକୁ ନିଜେ କହିବା ଏବଂ ଏହାକୁ ଅନ୍ୟ କେହି ଶୁଣିପାରିବେ ନାହିଁ । ଅଥଚ ଯେପରି ଭାବରେ ସ୍ୱଗତ ସଂଳାପ ପ୍ରଦାନ କରାଯାଇଛି ତାହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହୋଇଯାଇଛି । ରଙ୍ଗମଞ୍ଚରେ ଉପସ୍ଥିତ ଚରିତ୍ରଗୁଡ଼ିକ ସେହି ସଂଳାପ ଶୁଣନ୍ତି ମାତ୍ର ନଶୁଣିଲା ପରି ଅଭିନୟ କରନ୍ତି । ଏହା ଆଧୁନିକ ନାଟ୍ୟକଳା ପକ୍ଷରେ ଅବାସ୍ତବ । 'କାଞ୍ଚିକାବେରୀ' ନାଟକରେ ସ୍ୱଗତ ସଂଳାପର ବହୁଳ ବ୍ୟବହାର ଦେଖି-ବାକୁ ମିଳେ । ଏହା ନାଟକର କଳାଗତ ମୂଲ୍ୟ ହ୍ରାସ କରିଦେଇଛି । ପରଗତ ସଂଳାପ ଗୁଡ଼ିକ ବାସ୍ତବଧର୍ମୀ । ରାମଶଙ୍କର ଉକ୍ତ ନାଟକରେ ଗଦ୍ୟଧର୍ମୀ ଓ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପ ବ୍ୟବହାର କରିଅଛନ୍ତି । ସେ କେବଳ ଅଭିନୟ ପାଇଁ ନାଟକ ରଚନା ନ କରି ସାହିତ୍ୟ ପାଇଁ ନାଟକ ରଚନା କରିଥିବାରୁ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପ ବ୍ୟବହାର କରି ନାଟକରେ କାବ୍ୟ-ସୌନ୍ଦର୍ଯ୍ୟ ବା ନାଟ୍ୟ କାବ୍ୟର ପରିଚୟ ଦେଇଅଛନ୍ତି । ସେକ୍ସପିୟରଙ୍କ ନାଟକରେ ଏ ଧରଣର ସଂଳାପର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ । ବଙ୍ଗଳା ନାଟକରେ ଇଂରାଜୀ ପ୍ରଭାବରୁ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପ ବ୍ୟବହୃତ ହେଉଥାଏ । ରାମଶଙ୍କର ଇଂରାଜୀ ଓ ବଙ୍ଗଳା ନାଟକର ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପକୁ ଅନୁସରଣ କରି ଓଡ଼ିଆରେ ବ୍ୟବହାର କରିଅଛନ୍ତି । 'କାଞ୍ଚିକାବେରୀ'ର ପ୍ରଥମ ଅଭିନୟର ପ୍ରଥମ ଦୃଶ୍ୟରେ ପୁରୁଷୋତ୍ତମଦେବ, ବିଦୂଷକ, ତୃତୀୟ ଦୃଶ୍ୟରେ ଦାସମହାସୁଆର, ଦ୍ୱିତୀୟ ଅଭିନୟରେ ଦାସମହାସୁଆର, ରାଜା ପୁରୁଷୋତ୍ତମଦେବ, ତୃତୀୟ ଅଭିନୟର ଦ୍ୱିତୀୟ ଦୃଶ୍ୟରେ କାଞ୍ଚିରାଜା, ଉତ୍କଳଦୂତ ଓ ମନ୍ତ୍ରୀ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପ ବ୍ୟବହାର କରିଅଛନ୍ତି । ତୃତୀୟ ଅଭିନୟରେ ଉତ୍କଳଦୂତ ମୁଖରେ ଦିଆଯାଇଥିବା ଦୀର୍ଘ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପ ବୀରରସ ସଞ୍ଚାର କରିଥାଏ । ଅମିତ୍ରାକ୍ଷର ଛନ୍ଦର ପ୍ରତ୍ୟେକ ପଂକ୍ତିରେ ଚଉଦଟି ଲେଖା ଅକ୍ଷର ରହେ ଏବଂ ପ୍ରଥମ ଆଠଟି ଅକ୍ଷର ପରେ ଯତିପାତ ହୋଇଥାଏ । ଅବିଚ୍ଛିନ୍ନ ପଂକ୍ତିରେ ପଂକ୍ତିର ଶେଷରେ ଯତିପାତ ନ ହୋଇ ଅନ୍ୟ ପଂକ୍ତି ମଧ୍ୟକୁ ଗତିକରି ଯାଇଥାଏ ମାତ୍ର ସବିରାମ ପଂକ୍ତିରେ ପ୍ରତ୍ୟେକ ପଂକ୍ତିର ଶେଷରେ ବିରାମ ଥାଏ । ଏହି ଉଭୟବିଧ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର 'କାଞ୍ଚିକାବେରୀ' ନାଟକରେ ହୋଇଥିବା ଦେଖିବାକୁ ମିଳେ । ଅମିତ୍ରାକ୍ଷର ଛନ୍ଦ ପ୍ରୟୋଗରେ ରାମଶଙ୍କର ନିଜକୁ ଓଡ଼ିଆ ସାହିତ୍ୟରେ ପ୍ରଥମ ସ୍ରଷ୍ଟା ବୋଲି କହିଥିଲେ ମଧ୍ୟ ତାଙ୍କ ପୂର୍ବରୁ ଚତୁର୍ଭୁଜ ପଟ୍ଟନାୟକ ଏହି ଛନ୍ଦର

ଆଦ୍ୟ ବ୍ୟବହାର କରି ଯାଇଥିଲେ (୧୮୭୯)। କିନ୍ତୁ ଚତୁର୍ଭୁଜଙ୍କର ଏହି ଛନ୍ଦ ଥିଲା କବିତାର ମାତ୍ର ରାମଶଙ୍କର ଏହାକୁ ସଂଳାପ ରୂପେ ବ୍ୟବହାର କଲେ ପ୍ରଥମେ ନାଟକରେ। ଏ ଦିଗରେ ଅବଶ୍ୟ ତାଙ୍କର ସମ୍ମାନ ପ୍ରାପ୍ୟ। ସେ ଯେଉଁ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର କରିଥିଲେ ସେଥିରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥାଏ। ପରବର୍ତ୍ତୀ କାଳରେ ରାଧାନାଥଙ୍କ ହାତରେ ଏହି ଛନ୍ଦ ହେଲା ମାର୍ଜିତ ଓ ଗାମ୍ଭୀର୍ଯ୍ୟ-ପୂର୍ଣ୍ଣ। ଇଂରାଜୀ ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପର ଶେଷରେ ସ୍ଥଳବିଶେଷରେ ଦୁଇ ଧାଡ଼ିକ ମିତ୍ରାକ୍ଷର ଧର୍ମୀ କରାଯାଇଥାଏ। ସଂଳାପର ମଝିରେ ମଧ୍ୟ ଅମିତ୍ରାକ୍ଷରଧର୍ମୀ ପଙ୍‌କ୍ତି ବ୍ୟବହୃତ ହୁଏ। ଏହି ରୀତି ଅନୁସରଣ କରି ନାଟ୍ୟକାର ରାମଶଙ୍କର କାଞ୍ଚି-କାବେରୀର ଦ୍ୱିତୀୟ ଅଭିନୟରେ ରାଜା ପୁରୁଷୋତ୍ତମ ଦେବଙ୍କର ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପର ଶେଷରେ ଓ ତୃତୀୟ ଅଭିନୟର ଦ୍ୱିତୀୟ ଦୃଶ୍ୟରେ କାଞ୍ଚିରାଜାଙ୍କର ଅମିତ୍ରାକ୍ଷର ଛନ୍ଦଯୁକ୍ତ ସଂଳାପର ଶେଷରେ ମିତ୍ରାକ୍ଷର ଛନ୍ଦର ଯୁଗ୍ମ ପଙ୍‌କ୍ତି ବ୍ୟବହୃତ ହୋଇଅଛି। ନିମ୍ନରେ ଦୁଇଟି ଉଦାହରଣ ପ୍ରଦତ୍ତ :—

'ଦେବ ଜଗନ୍ନାଥ ସହ ବଳଭଦ୍ର ଭ୍ରାତା
ଆମ୍ଭର ନିମନ୍ତେ ଏତେ କ୍ଳେଶ ସହ୍ୟକରି,
ଆମ୍ଭର ପ୍ରତିଜ୍ଞା ଏବା ପୂରାଇବା ଆଶେ,
ନିଜେ ଯାଉଛନ୍ତି କାଞ୍ଚି ଯୁଦ୍ଧରେ ଯୁଝିବେ ?

× × ×

ସମ୍ଭର ଗେ ଈ କ, ଦାସ, କି ତାର ପ୍ରାର୍ଥନା
ସେ ଯାହା ଇଚ୍ଛିବ ନାହିଁ ତହିଁକି ମୋ ମନ।'

—ଦ୍ୱିତୀୟ ଅଭିନୟ—ପ୍ରଥମ ଦୃଶ୍ୟ—

ଭସ୍ମାସୁର ଏଡ଼େ, ଭସ୍ମ ଦୂତର କଥାରେ ?
ନିର୍ବୋଧ ଏସନ, ଠିକେ ବୁଝି ନାହିଁ କିଛି—
ସଭା ମଧ୍ୟେ ଅପମାନ କି ହେଲା ଆମ୍ଭର ?
ବଞ୍ଚିବାକୁ ଇଚ୍ଛା ଯେବେ, ବନ୍ଦୀକର ଦୂତେ—
ବାନ୍ଧି ହସ୍ତପଦ ଖରେ କାରାଗାରେ ଦିଅ,
ନୋହିଲେ ଘାତୁକ ଖଡ୍‌ଗ ଶୋଣିତ ନିଷ୍ଟସ୍ୟ।''

— ତୃତୀୟ ଅଭିନୟ—ଦ୍ୱିତୀୟ ଦୃଶ୍ୟ—

ରାମଶଙ୍କର ମଧ୍ୟ ଚତୁର୍ଦ୍ଦଶ ଅକ୍ଷର ବିଶିଷ୍ଟ ମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପର ବ୍ୟବହାର କରିଛନ୍ତି;—

'ଏତକ ଆସ୍ପର୍ଦ୍ଧା! ତୋର ସଭାସ୍ଥଳେ ଆସି
ପ୍ରଭୁଙ୍କରେ କଟାକ୍ଷର ଦେଉ ତୁ ସାହସୀ ?
ନ ଜାଣୁ ଏକ୍ଷଣି ତୋର ଘଟିବ କି ଦଶା —
ମାନବ ହସ୍ତରେ ଯେସନ୍ତେ ପଡ଼ନ୍ତୁ ତୃ ମଶା ?
ଇଚ୍ଛା ଯଦି ବାର୍ତ୍ତା କିଛି ଥାଏ କହିବାକୁ
ସଭାର ମର୍ଯ୍ୟାଦା ରଖି କହିବ କାହାକୁ ।''

— ତୃତୀୟ ଅଭିନୟ—ଦ୍ୱିତୀୟ ଦୃଶ୍ୟ —

ଇଂରାଜୀ ନାଟକର ଅନୁକରଣରେ ଏତାଦୃଶ ସଂଳାପ ବ୍ୟବହାର କରାଯାଇଅଛି ଓ ଏହି ସମସ୍ତ ସଂଳାପଦ୍ୱାରା ନାଟକର କାବ୍ୟିକ ସୌନ୍ଦର୍ଯ୍ୟ ସଂରକ୍ଷିତ ହୋଇଅଛି । ପୁନଶ୍ଚ ନାଟ୍ୟକାର ଉକ୍ତ ନାଟକରେ ଧାନ୍ୟମୂଗର କେତେକ ବର୍ଣ୍ଣନାକୁ ସଂଳାପରେ ସ୍ଥାନ ଦେଇଅଛନ୍ତି । ଶ୍ରୀରାଧାଙ୍କ ବିରହ ଜ୍ୱାଳା ଦୂରକରିବା ପାଇଁ ସଖୀମାନେ ଯେପରି ବିଭିନ୍ନ ଉପଚାର କରିଅଛନ୍ତି ସେହିପରି ପଦ୍ମାବତୀଙ୍କର ବିରହ-ଜ୍ୱାଳା ସମ୍ପର୍କରେ ଶଶିକଳା କହୁଛି—"ପଦ୍ମପତ୍ରର ନେଣାଚେରର ବଞ୍ଚଣାରେ ଦହିଲେ ହିଁ ତାଙ୍କୁ ପବନ ତତଲା ଲାଗୁଚି । ଆଉ କଥା ତେଣିକି ଥାଉ । ଶେଯରେ ଶିରୀଷ ଫୁଲ ବିଛା ହେଉଚି, ସେ କହୁଛନ୍ତି କଣ୍ଟା ପରି ଲାଗୁଛି ।'' ଏହି ସଂଳାପ ବୈଷ୍ଣବ କାବ୍ୟକୁ ମନେପକାଇଦିଏ । ପୁଣି ନାଟ୍ୟକାର ବିଦୂଷକ ମାଧ୍ୟମରେ ଶବ୍ଦକୁ ଭଙ୍ଗି ଭିନ୍ନ ଅର୍ଥ କରି ସଂଳାପ ବ୍ୟବହାର କରିଅଛନ୍ତି । ଯେତେବେଳେ ବିଦୂଷକ ନିଜକୁ 'ଗୋପାଳ ଚୂଡ଼ାମଣି' କହୁଛନ୍ତି ସେତେବେଳେ ରାଜା ପୁରୁଷୋତ୍ତମ ଦେବ ଏହାର ଅର୍ଥ ପଚାରନ୍ତେ ବିଦୂଷକ କହୁଛି -''ମହାରାଜ ! ସେହି କଥାର ଟୀକାଟିଏ ତହିଁ ସଙ୍ଗେ ଲଗେଇବାର ଉଚିତ ଥିଲା; ଭଟ କରିବ ? — ଆନନ୍ଦରେ ଭୋଳ ହୋଇ ଭୁଲିଗଲି । ହାଃ ହାଃ । ମହାରାଜ ଗୋପାଳ ଅର୍ଥାତ୍ ଗୋରୁମାନଙ୍କ ଦୁଧରୁ ଉତ୍ପନ୍ନ ଦହି, ଚୂଡ଼ା ଓ ଚୂଡ଼ା ଆଉ ମଣି ଅର୍ଥାତ୍ ଗୁଡ଼—ଏ ତିନି ପଦାର୍ଥରେ ନିର୍ମିତ ଶରୀର ଯାହାର, ଅର୍ଥାତ୍ ଯେ ତାହା ବଡ଼ ଭଲପାଏ ସେ ଗୋପାଳଚୂଡ଼ାମଣି ! ହାଃ ହାଃ ହାଃ ।'' ଏପରି ସଂଳାପ ହାସ୍ୟରସ ସଂଚାର କରିଥାଏ । ପରବର୍ତ୍ତୀ କାଳରେ ଫକୀରମୋହନ ସେନାପତି ହାସ୍ୟରସ ସୃଷ୍ଟି ପାଇଁ ପ୍ରତିଷ୍ଠିତ ଶ୍ଳୋକକୁ ମଧ୍ୟ ଏହିପରି ଭାଙ୍ଗି ବିକୃତ କରି ପ୍ରୟୋଗ କରିଅଛନ୍ତି । ତେବେ ଏ ଦିଗରେ ରାମଶଙ୍କର ନିଶ୍ଚିତ ଭାବରେ ଅଗ୍ରଣୀ । ସଂଳାପଗୁଡ଼ିକରେ ସେ ଲୋକପ୍ରଚଳିତ ଢଗଢମାଳି ଓ ପ୍ରବଚନକୁ ମଧ୍ୟ ବ୍ୟବହାର କରିଅଛନ୍ତି । ଏହାଦ୍ୱାରା ନାଟକୀୟ ବାସ୍ତବତା ସହିତ କାବ୍ୟିକ ରସବୋଧ ସୃଷ୍ଟି ହୋଇଅଛି । 'ଆଣ ଠେଙ୍ଗା ବେକଭଙ୍ଗା', 'ନାରଦଋଷି, କଡ଼ରେ ବସି, ହସେଇ ହସି, ମରଇ ଋଷି,'' 'ବଡ଼ ଲୋକଙ୍କର ବଡ଼ କଥା' । 'ଆପଣା କଥାକୁ ଔଷଧ କିଣ', 'ଯହିଁରୁ ଯେ ବଳିଲା ଗୁଡ଼ଇଲ ଢାଳେଇ ଦେ', 'ପାଣି

ଖାଇବ ଚୁଣି, ବନ୍ଧୁ କରିବ ଜାଣି, କହିଉଛି ନବ ଗଣି', 'ନବ ଯଦୁବଂଶୀ କାଳୀ ଆଜ ଯେତେ ହରୁ କଥାରେ ଝାଲୁକା ଲଜରେ ଏକା ସେ ଭାଷା,' 'ରୂପର ସାଗର ଶୋଷିଚ କିଅଁ ବିଧାତା କଥାରେ ଫାଟିଛୁ ହସ୍ତ,' 'ଛୁଚୁନ୍ଦ୍ରୀ ମାର ହାତ ନଷ୍ଟ କରିବା, ଗୁଲଲେ ନିକୁଞ୍ଜେ ରାଧା ତାର ଘଟାଇବ କେହୁ ବାଧା'— ଇତ୍ୟାଦି ଛନ୍ଦଗୁଡ଼ିକ ସଂଳାପ ମଧ୍ୟରେ ପ୍ରୟୋଗ ହେବାଦ୍ୱାରା ନାଟକୀୟ ଚମତ୍କାରିତା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଭାଷା ବ୍ୟବହାରରେ ବାସ୍ତବତା ପରିଲକ୍ଷିତ । ଏପରି ସଂଳାପ ବ୍ୟବହାରରେ ରାମଶଙ୍କର ମଧ୍ୟ ଓଡ଼ିଆ ନାଟ୍ୟସାହିତ୍ୟରେ ଆଦ୍ୟ କୃତିତ୍ୱ ଅର୍ଜନ କରିଅଛନ୍ତି । ସଂଳାପରେ କେତେବେଳେ କାବ୍ୟଧର୍ମୀ ଭାଷା, କେତେବେଳେ ବାସ୍ତବଧର୍ମୀ ଭାଷା, କେତେବେଳେ ତଗଡମାଲଧର୍ମୀ ଭାଷାର ବ୍ୟବହାର କରାଯାଇଅଛି । ଏହାଦ୍ୱାରା ନାଟକୀୟ ସଂଳାପଗୁଡ଼ିକ ବେଶ୍ ଚିତ୍ତାକର୍ଷକ ହୋଇପାରିଛି । ତଥାପି ସଂଳାପଗୁଡ଼ିକର ଅଯଥା ଦୀର୍ଘ ବିସ୍ତାର, ଭାଷାରେ କୃତ୍ରିମ ଦୀର୍ଘ ସମାସବିଶିଷ୍ଟ ଶବ୍ଦ ବ୍ୟବହାର, ସ୍ୱଗତ ସଂଳାପ ବ୍ୟବହାରଦ୍ୱାରା ଶିଳ୍ପ ସଂହତିରେ ବାଧା ସୃଷ୍ଟି ସ୍ଥଳ-ବିଶେଷରେ ସଂଳାପକୁ କଥୋପକଥନ ସ୍ତରକୁ ନେଇ ଆସି ନାଟକୀୟତା ସୃଷ୍ଟିରେ ଆଞ୍ଚ ଆଣିବା, ଅଳଙ୍କାରଯୁକ୍ତ ପ୍ରଳାପର ବ୍ୟବହାର, ଶୋକୋଚ୍ଛ୍ୱାସ ଓ ଅନୁତାପ-ଜର୍ଜର ଚିତ୍ତବୃତ୍ତିର କରୁଣ ଉକ୍ତିର ପ୍ରକାଶ ବେଳେ ଅନାଟକୀୟ ଅଳଙ୍କାର ମଣ୍ଡିତ ଦୀର୍ଘ ସଂଳାପ ପ୍ରୟୋଗ ଇତ୍ୟାଦି ରାମଶଙ୍କରଙ୍କ ନାଟକର ଦୋଷ ରୂପେ ବିବେଚିତ ହୋଇଥାଏ । ତାଙ୍କର 'କଂସବଧ' ନାଟକର ଭାଷା ସମ୍ପର୍କରେ ଆଲୋଚନା କରି ବିଶ୍ୱନାଥ କର 'ଉତ୍କଳ ସାହିତ୍ୟ'ରେ ଲେଖିଥିଲେ—"ଗଦ୍ୟରେ ପଦ୍ୟର ଭାଷା, ଅବ୍ୟାକରଣ ପ୍ରୟୋଗ, ବଙ୍ଗଳାର ବିକୃତ ଅନୁବାଦ, ଅନୁପଯୁକ୍ତ ଅପ୍ରଚଳିତ ଓ ପ୍ରାଦେଶିକ କଥା ବ୍ୟବହାର ଇତ୍ୟାଦି ଇତ୍ୟାଦି ନାନା ଦୋଷ ପୁସ୍ତକ ମଧ୍ୟରେ ପ୍ରଚୁର ରହିଅଛି । ଭାଷା ଅନେକ ସ୍ଥଳରେ ଭାବଗତ ଦୋଷ ବା ତ୍ରୁଟିର ଆବରଣ ସ୍ୱରୂପ କାର୍ଯ୍ୟ କରେ । ପକ୍ଷାନ୍ତରେ ଭାଷାର ଦୋଷରେ ଭାବର ଗୁରୁତ୍ୱ ନଷ୍ଟ ହୋଇ ଯାଏ । ରାମଶଙ୍କରଙ୍କ ପରି ଜଣେ ଉତ୍ସାହୀ ସାହିତ୍ୟସେବକ ଏହି ଗୁରୁତର ଅଥଚ ସହଜ କଥା ପ୍ରତି ଔଦାସୀନ୍ୟ ପ୍ରଦର୍ଶନ କରିଥିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ।" (୯୩) 'କଂସବଧ' ନାଟକର ଭାଷା ପ୍ରତି ଏହି ଯେଉଁ ମନ୍ତବ୍ୟ ପ୍ରକାଶ ପାଇଛି ଏହା ତାଙ୍କର ସମସ୍ତ ନାଟକ ପ୍ରତି ପ୍ରଯୁଜ୍ୟ । 'କାଞ୍ଚିକାବେରୀ' ନାଟକରେ ମଧ୍ୟ ଏହି ଦୋଷ ପରିଲକ୍ଷିତ । ସଂସ୍କୃତ ରୀତି ଅନୁସରଣ କରି ନାଟ୍ୟକାର ଉକ୍ତ ନାଟକରେ ପ୍ରସ୍ତାବନା ସଂଯୋଜନା କରି ନାଟକ ବିଷୟରେ ସୁସ୍ପଷ୍ଟ ଇଙ୍ଗିତ, ସଙ୍ଗୀତ ପ୍ରୟୋଗରେ ମାତ୍ରାଧିକ୍ୟତା, ସଂଳାପ ସଂଯୋଜନାରେ ଅନେକତ୍ର କୃତ୍ରିମତା ଦେଖାଇ ଆଧୁନିକ ବିଚାରଧାରା ଦୃଷ୍ଟିରୁ ନାଟକୀୟ ଦୁର୍ବଳତା ପ୍ରଦର୍ଶନ କରିଅଛନ୍ତି ।

୯୩ । ବିଶ୍ୱନାଥ କର—ଉତ୍କଳସାହିତ୍ୟ ୩ୟ ଭାଗ ୧୧ଶ ସଂଖ୍ୟା

# କାଞ୍ଚିକାବେରୀ ନାଟକରେ ଐକ୍ୟ ତ୍ରୟୀ :

'କାଞ୍ଚିକାବେରୀ' ନାଟକରେ ସମୟ, ସ୍ଥାନ ଓ କାର୍ଯ୍ୟର ଐକ୍ୟ (Unity of Time, Place and A tion) ସଂରକ୍ଷିତ । ନାଟକର ସାର୍ଥକତା ଫୁଟିଉଠେ ଏହି ତ୍ରୟୀ ଐକ୍ୟକୁ ନେଇ । ରାମଶଙ୍କର ଏ ସମ୍ପର୍କରେ ଗଭୀର ସଚେତନ ଥିଲେ । କାଞ୍ଚିକାବେରୀ ନାଟକର ନାଟକୀୟ ସମୟ ମାତ୍ର ଏକ ବର୍ଷ । ରଥଯାତ୍ରାରୁ କଥାବସ୍ତୁ ଆରମ୍ଭ ହୋଇ ସେଇ ରଥଯାତ୍ରାରେ ଶେଷ ହୋଇଅଛି । ପ୍ରଥମ ରଥଯାତ୍ରା ବେଳେ ପୁରୁଷୋତ୍ତମ ଦେବଙ୍କ ଛେରାପହଁରା କାର୍ଯ୍ୟ ପ୍ରତି କାଞ୍ଚିରାଜାଙ୍କର ତାଚ୍ଛଲ୍ୟ ଓ ସେହି କାରଣରୁ ତାଙ୍କୁ କନ୍ୟା ସଂପ୍ରଦାନ କରିବାକୁ ମନା କରିବାଦ୍ୱାରା ପୁରୁଷୋତ୍ତମଙ୍କ ମନ ଭିତରେ ପ୍ରତିଶୋଧ ନେବାର ପ୍ରବଳ ବାସନା ଜାଗ୍ରତ ହୋଇଥିଲା । ଅବଶେଷରେ ସେ କାଞ୍ଚିରାଜାଙ୍କୁ ପରାସ୍ତ କରି ପଦ୍ମାବତୀଙ୍କୁ ବନ୍ଦିନୀ କରି ନେଇଆସିଥିଲେ ଓ ମନ୍ତ୍ରୀ ବିଦ୍ୟାନିଧି ହାତରେ ପଦ୍ମାବତୀଙ୍କୁ ଦେଇ ଚଣ୍ଡାଳ ସହିତ ବିବାହ ଦେବାକୁ ଆଦେଶ ଦେଲେ । ରଥଯାତ୍ରାବେଳେ ପୁରୁଷୋତ୍ତମ ଛେରାପହଁରା କରୁଥିଲାବେଳେ ମନ୍ତ୍ରୀ ପଦ୍ମାବତୀଙ୍କୁ ନେଇ ପୁରୁଷୋତ୍ତମ ଦେବଙ୍କୁ ସମର୍ପଣ କରିଅଛନ୍ତି । ପ୍ରଥମ ରଥଯାତ୍ରାର ପହଣ୍ଡି ବିଜେ ବେଳେ କାଞ୍ଚିରାଜା ପୁରୁଷୋତ୍ତମ ଦେବଙ୍କୁ ଅପମାନ ଦେଇଥିଲେ । ସେତେବେଳେ ଶ୍ରୀଜଗନ୍ନାଥ କହିଥିଲେ ଚତୁର୍ମାସ୍ୟା ହେଲେ ସେ କାଞ୍ଚିକାବେରୀ ଜୟ କରାଇ ଦେବେ । ସେଥିପାଇଁ ପୁରୁଷୋତ୍ତମ ଦେବଙ୍କ ମନ ଅସ୍ଥିର ହୋଇଉଠିଛି । ସେ କହିଛନ୍ତି—"ଆମ୍ଭର ମନ ଅଧୈର୍ଯ୍ୟ ହୋଇଛି । ଆଜ ଯେପରି ଅକ୍ଲେଶରେ ଏକ ଘଣ୍ଟା ମଧ୍ୟରେ ମହାପ୍ରଭୁଙ୍କର ତିନି ରଥ ଯାକ ଗୁଣ୍ଡିଚାଘରୁ ଆସି ସିଂହଦ୍ୱାରେ ବିଜେ କଲେ ଆଉ ଦେବେ ଯେପରି ନିର୍ବିଘ୍ନରେ ସିଂହାସନରେ ଉପବେଶନ କଲେ ଏଥିରୁ ଅନୁମାନ ହେଉଛି ଦୈବ ଅଧୀନ ପ୍ରତି ନିତାନ୍ତ ପ୍ରତିକୂଳ ନୁହନ୍ତି ।" ଏଥିରୁ ନାଟକୀୟ ସମୟ ସୂଚିତ ହେଉଛି । ଶ୍ରୀଗୁଣ୍ଡିଚାରେ କାଞ୍ଚିରାଜାଙ୍କର ଅପମାନ ଓ ପୁରୁଷୋତ୍ତମ ଦେବଙ୍କର ପ୍ରତିଶୋଧ ପାଇଁ ପ୍ରତିଜ୍ଞା, ଶ୍ରୀଜଗନ୍ନାଥଙ୍କର କାଞ୍ଚିବିଜୟ କରାଇଦେବାର ପ୍ରତିଶ୍ରୁତି ଇତ୍ୟାଦିର ସଙ୍କେତ ମିଳିଥିଲା । ବାହୁଡ଼ା ବିଜୟ ବେଳକୁ ଶ୍ରୀ ପୁରୁଷୋତ୍ତମ ଦେବ ଅନୁଭବ କଲେ ଯେ ଦେବତା ତାଙ୍କ ପ୍ରତି ଅନୁକୂଳ ଅଛନ୍ତି । ଏହି ସମୟ ଆହୁରି ସ୍ପଷ୍ଟ ହୋଇ ଉଠିଛି ଯେତେବେଳେ ପୂଜାରି ପଣ୍ଡା ସଦାଶିବ, ଜନାର୍ଦ୍ଦନ, ମାର୍କଣ୍ଡ ପ୍ରଭୃତି ଦାସମହାସୁଆରଙ୍କ ପ୍ରତି ଜଗନ୍ନାଥଙ୍କ କରୁଣା ଓ ରାଜାଙ୍କର ତାଙ୍କୁ କାରାମୁକ୍ତ ଆଦେଶ ପ୍ରଦାନ ବିଷୟରେ କଥାବାର୍ତ୍ତା ହୋଇ ଜ୍ୟେଷ୍ଠ ପୂର୍ଣ୍ଣିମା ଘଟଣାକୁ ମନେପକାଇଛନ୍ତି । ଉଭୟ ଦୃଶ୍ୟରେ ବାହୁଡ଼ା ଦଶମୀ ସୂଚିତ । ଅର୍ଥାତ୍ ଜଗନ୍ନାଥଙ୍କର ରଥଯାତ୍ରା ଶେଷ ହୋଇଅଛି । ତତ୍ପରେ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କ ଆଦେଶ ଲଭି କରି କାଞ୍ଚିଅଭିଯାନ କରିଅଛନ୍ତି । ଚତୁର୍ମାସ୍ୟାବେଳେ କାଞ୍ଚିଅଭିଯାନରେ ପୁରୁଷୋତ୍ତମ ଦେବ ବାହାରି ଅଛନ୍ତି । ପୌଷମାସ ବେଳକୁ ଯୁଦ୍ଧରେ ବିଜୟ ଲଭି କରି

ଫେରିଆସିଛନ୍ତି । କାରଣ କାଞ୍ଚିସୈନ୍ୟମାନଙ୍କର ପ୍ରତି ଆକ୍ରମଣକୁ ପ୍ରତିହତ କରିବା ପାଇଁ ସ୍ୱଜନ୍ମରୁ ଅଲୌକିକ ଶକ୍ତି ବଳରେ ଗୋଦାବରୀ ନଦୀରେ ପୌଷମାସରେ ଅକାଳ ବନ୍ୟା ସୃଷ୍ଟି କରିଥିଲେ । ତେଣୁ ଆଷାଢ଼ ମାସର ବାହୁଡ଼ା ଦଶମୀ ପରଠାରୁ କାଞ୍ଚି ଅଭିଯାନ ଆରମ୍ଭ ହୋଇ ପୌଷମାସ ବେଳକୁ ଶେଷ ହୋଇଅଛି । ପରବର୍ତ୍ତୀ ରଥ ଯାତ୍ରାବେଳେ ରାଜା ଛେରାପହଁରା କରୁଥିଲା ସମୟରେ ମନ୍ତ୍ରୀ ପଦ୍ମାବତୀଙ୍କୁ ଅଣି ରାଜାଙ୍କୁ ସମର୍ପଣ କରିଅଛନ୍ତି । ଅତଏବ ନାଟକରେ ଏକ ବର୍ଷ ସମୟ ସୀମା ମଧ୍ୟରେ କଥାବସ୍ତୁର ଆରମ୍ଭ-ବିକାଶ-ସଂଘର୍ଷ ସମାଧାନ ହୋଇଅଛି । ଏହି ନାଟକୀୟ କାଳ ମଧ୍ୟରେ ପୁରୀ ଓ କାଞ୍ଚି ଦୁଇଟି ସ୍ଥାନରେ କଥାବସ୍ତୁ ସଂଘଟିତ ହୋଇଅଛି । ପୁରୀରୁ କଥାବସ୍ତୁର ଆରମ୍ଭ, ଆଦିପୁରଠାରେ କଥାବସ୍ତୁର ଅଗ୍ରଗତିର ଘଟନା ଓ କାଞ୍ଚିରେ ପରିଣତି ସୂଚିତ ହୋଇ ସେହି ପୁରୀରେ ଶେଷ ସମାଧାନ ହୋଇଅଛି । ପୁନଶ୍ଚ ବିଭିନ୍ନ ଚରିତ୍ରମାନଙ୍କ ମଧ୍ୟରେ ସମତା ରକ୍ଷା କରାଯାଇଅଛି । ତେଣୁ ନାଟ୍ୟକାର ସ୍ଥାନ, କାଳ ଓ ପାତ୍ରର ସମତା ରକ୍ଷା କରିବାରେ ସମର୍ଥ ହୋଇଅଛନ୍ତି । ଏହି ଐକ୍ୟବୋଧ ନାଟକର କଳାତ୍ମକ ମୂଲ୍ୟ ସଂରକ୍ଷିତ କରିବାରେ ସାହାଯ୍ୟ କରିଅଛି ।

## 'କାଞ୍ଚୀକାବେରୀ ନାଟକର ପ୍ରଭାବ ଓ ପ୍ରତିଶ୍ରୁତି :

'କାଞ୍ଚୀକାବେରୀ' ନାଟକରେ ନାଟ୍ୟକାର ଯେପରି ଭାବରେ ଇତିହାସ ଓ କିମ୍ବଦନ୍ତୀକୁ ମିଶାଇ ଓ ସେଥିରେ କଳ୍ପନାର ପୁଟ ଦେଇ ନୂତନ ନାଟ୍ୟରୂପ ପ୍ରଦାନ କରିଅଛନ୍ତି ପରବର୍ତ୍ତୀ କାଳରେ ବହୁ ନାଟ୍ୟକାରଙ୍କୁ ତାହା ଅନୁପ୍ରାଣିତ କରିଛି ଏତାଦୃଶ ନାଟକ ରଚନା କରିବା ପାଇଁ । ପୁନଶ୍ଚ ସେତେବେଳେ ଶିକ୍ଷିତ ଲୋକଙ୍କର ନାଟକାଭିନୟ ପ୍ରତି ସହାନୁଭୂତି ନ ଥିଲା । ବରଂ ସେମାନେ କହୁଥିଲେ—"ଓଡ଼ିଶାରେ ନାଟକାଭିନୟ କରିବାଦ୍ୱାରା ଭବିଷ୍ୟତର ଆଶାଭରସା ସ୍ୱରୂପ ଯୁବକବୃନ୍ଦର ଇହକାଳ ଓ ପରକାଳ ଉଭୟ ନଷ୍ଟ କରିବାର ସୂତ୍ରପାତ ହୋଇଅଛି ।" (୯୪) ସେତେବେଳେ ଓଡ଼ିଶାରେ ସ୍ଥାୟୀ ରଙ୍ଗମଞ୍ଚ ନ ଥିଲା, ଓଡ଼ିଶାର ଲୋକମାନଙ୍କର ନାଟକ ପ୍ରତି ବିରୋଧ ଓ ବିତୃଷ୍ଣା ସେହିପରି ଏକ ସମୟରେ ଓଡ଼ିଆ ନାଟକର ନବଜନ୍ମ । 'କାଞ୍ଚୀକାବେରୀ' ନାଟକ ରଚିତ ଓ ଅଭିନୀତ ହେଲା ପରେ ସେହି ଧାରାକୁ ଅନୁକରଣ କରି କାମପାଳ ମିଶ୍ର, ହରିହର ରଥ ଦାମୋଦର ମିଶ୍ର ଓ ପାର୍ବତୀଚରଣ ଦାସ ପ୍ରମୁଖ ନାଟ୍ୟକାରଗଣ ନାଟକ ରଚନା କରିଅଛନ୍ତି । 'କାଞ୍ଚୀକାବେରୀ'ରେ ଯେପରି ସ୍ଥାନ, କାଳ ଓ ପାତ୍ର ମଧ୍ୟରେ ସମତା ରକ୍ଷା କରାଯାଇଛି ଓ ନୃତ୍ୟଗୀତର ବ୍ୟବସ୍ଥା କରାଯାଇ ଦର୍ଶକମାନଙ୍କୁ ଆକୃଷ୍ଟ କରାଯିବା ପାଇଁ ଉଦ୍ୟମ ହୋଇଛି ଓ ସର୍ବୋପରି ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପର ବ୍ୟବହାର କରାଯାଇଛି ପରବର୍ତ୍ତୀ ନାଟକମାନଙ୍କରେ ସେହିପରି

୯୪ । ରାମଶଙ୍କର ରାୟ—'ରାମବନବାସ' ନାଟକର ପ୍ରସ୍ତାବନା

ବହୁଳ ପ୍ରଭାବ ଦେଖିବାକୁ ମିଳେ । 'କାଞ୍ଚିକାବେରୀ' ନାଟକର ବିଶେଷ ସ୍ୱତ୍ୱ (ରଙ୍ଗମଞ୍ଚରେ ଯୁଦ୍ଧ ଓ ବିବାହ ପ୍ରଦର୍ଶନ ନ କରିବା, କଥାବସ୍ତୁକୁ ପାଞ୍ଚଟି ଅଭିନୟ ବା ଅଙ୍କରେ ବିଭକ୍ତ କରି ପ୍ରତ୍ୟେକ ଅଙ୍କକୁ ବିଭିନ୍ନ ଦୃଶ୍ୟରେ ବିଭକ୍ତ କରିବା, ନୃତ୍ୟ ଓ ସଙ୍ଗୀତର ପ୍ରୟୋଗ କରିବା, ଅମିତ୍ରାକ୍ଷର ଛନ୍ଦଧର୍ମୀ ସଂଳାପ ବ୍ୟବହାର କରିବା, ରଙ୍ଗମଞ୍ଚରେ ମୃତ୍ୟୁ ଓ ହତ୍ୟା ଇତ୍ୟାଦି ନ ଦେଖାଇବା ଇତ୍ୟାଦି) ପରବର୍ତ୍ତୀ ନାଟକମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଏ । ଭିକାରୀଚରଣ ପଟ୍ଟନାୟକ, ଅଶ୍ୱିନୀକୁମାର ଘୋଷ, ଗୋଦାବରୀଶ ମିଶ୍ର, ରମାରଞ୍ଜନ ରାୟ ପ୍ରମୁଖ ନାଟ୍ୟକାରଗଣ ମଧ୍ୟ ଐତିହାସିକ ନାଟକ ରଚନା କରିବାରେ 'କାଞ୍ଚିକାବେରୀ' ନାଟକରେ କେତେକ ପରିମାଣରେ ଋଣୀ । 'କାଞ୍ଚିକାବେରୀ' ନାଟକରେ ନାଟ୍ୟକାର କାଞ୍ଚିରାଜା ତଥା କାଞ୍ଚିର ଅନ୍ୟାନ୍ୟ ଚରିତ୍ର ମୁଖରେ ଓଡ଼ିଆ ଭାଷାରେ ସଂଳାପ ପ୍ରଦାନ କରିଅଛନ୍ତି, ଯଦିଓ ସେମାନେ ଓଡ଼ିଆ ଭାଷା ଜାଣି ନ ଥିଲେ । ତଥାପି ଏହି ରୀତି ଓଡ଼ିଆ ଦର୍ଶକଙ୍କ ପକ୍ଷରେ ବିସଦୃଶ ହୋଇନାହିଁ । 'କାଞ୍ଚିକାବେରୀ'ର ଏହି ରୀତି ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ନାଟକମାନଙ୍କରେ ବ୍ୟବହୃତ । ପୁନଶ୍ଚ 'କାଞ୍ଚିକାବେରୀ' ନାଟକର ସ୍ୱଗତ ସଂଳାପ ରୀତି ଓ ନେପଥ୍ୟ ସଙ୍ଗୀତବିଧି ମଧ୍ୟ ପରବର୍ତ୍ତୀ ନାଟକରେ ଦେଖାଯାଇଥାଏ ।

'କାଞ୍ଚିକାବେରୀ'ର କଥାବସ୍ତୁ ମଧ୍ୟ ପରବର୍ତ୍ତୀ କେତେକ ନାଟକରେ ଗୃହୀତ । ଗୋଦାବରୀଶ ମିଶ୍ରଙ୍କର 'ପୁରୁଷୋତ୍ତମ ଦେବ' ଓ କାଳୀଚରଣ ପଟ୍ଟନାୟକଙ୍କର 'ଅଭିଯାନ' ଏହି କଥାବସ୍ତୁ ଉପରେ ଆଧାରିତ ଦୁଇଟି ନାଟକ । 'କାଞ୍ଚିକାବେରୀ'ରେ ରାଜା ପୁରୁଷୋତ୍ତମ ଦେବଙ୍କ ପ୍ରତିଜ୍ଞା ଓ ପଦ୍ମାବତୀଙ୍କ ପ୍ରତି ପ୍ରଣୟ ମୁଖ୍ୟ ଦ୍ୱନ୍ଦ୍ୱ ଏବଂ ତାଙ୍କ ସହିତ କଳବର୍ଗେଶ୍ୱରଙ୍କର ବିବାଦ ଗୌଣ ଦ୍ୱନ୍ଦ୍ୱ । ତଥାପି ଏହି ଉଭୟ ଦ୍ୱନ୍ଦ୍ୱ ମଧ୍ୟରେ ସମ୍ବନ୍ଧ ବିଦ୍ୟମାନ ଓ ଉଭୟେ ଏକମୁଖୀ ହୋଇ ଗତି କରି ସମାଧାନରେ ଉପନୀତ ହୋଇଅଛନ୍ତି । କିନ୍ତୁ 'ପୁରୁଷୋତ୍ତମ ଦେବ' ନାଟକରେ ପୁରୁଷୋତ୍ତମ ଦେବଙ୍କ ସହିତ ଭାଇମାନଙ୍କର ସିଂହାସନ ପାଇଁ ଦ୍ୱନ୍ଦ୍ୱ ଓ ପୁରୁଷୋତ୍ତମ ଦେବଙ୍କ ସହିତ କାଞ୍ଚିରାଜାଙ୍କର ପଦ୍ମାବତୀଙ୍କୁ କେନ୍ଦ୍ର କରି ଦ୍ୱନ୍ଦ୍ୱ - ପରସ୍ପର ସହିତ ସମ୍ପର୍କହୀନ ଭାବରେ ସଂଘଟିତ । 'କାଞ୍ଚିକାବେରୀ'ରେ ସକଳ ଦ୍ୱନ୍ଦ୍ୱର ଗତି ଏକମୁଖୀନତା ହୋଇଥିବାରୁ ନାଟକୀୟ ସମତା ରକ୍ଷା କରାଯାଇଅଛି । ମାତ୍ର 'ପୁରୁଷୋତ୍ତମ ଦେବ' ନାଟକରେ ଦ୍ୱନ୍ଦ୍ୱ ଏକମୁଖୀ ହୋଇପାରି ନାହିଁ । ଏଥିରେ ପୁରୁଷୋତ୍ତମ ଦେବଙ୍କ ପ୍ରତି କାଞ୍ଚିରାଜକନ୍ୟା ପଦ୍ମାବତୀଙ୍କର ଅନୁରାଗ ଓ କାଞ୍ଚିଯୁବରାଜ ସୁମନ୍ତଙ୍କ ପ୍ରତି ପୁରୁଷୋତ୍ତମ ଦେବଙ୍କ ଭଗିନୀ ବାସନ୍ତୀଙ୍କ ପ୍ରେମ—ଏହି ଦ୍ୱୈତ ପ୍ରେମାନୁରାଗ ନାଟକୀୟ ବିଷୟରେ ସମତା ଆଣିବାକୁ ଲିଖିତ ହୋଇଥିଲେ ମଧ୍ୟ ପ୍ରକୃତରେ ସମତା ଆଣି ପାରି ନାହିଁ । ପୁରୁଷୋତ୍ତମ ଦେବ ଓ ପଦ୍ମାବତୀର ପ୍ରେମର

ପରିଶେଷ ମିଳନ ଏବଂ ସୁମନ୍ତ ଓ ବାସନ୍ତୀର ପ୍ରେମର ପରିଣତି ବିରହ । ପୁନଶ୍ଚ 'କାଞ୍ଚିକାବେରୀ'ରେ କଳବର୍ଗେଶ୍ୱରଙ୍କର ବୀରତ୍ୱ, ଶୌର୍ଯ୍ୟ ଓ ଭକ୍ତି ସହିତ ପୁରୁଷୋତ୍ତମ ଦେବଙ୍କର ବୀରତ୍ୱ, ଶୌର୍ଯ୍ୟ ଓ ଭକ୍ତିର ସମତା ରକ୍ଷା କରାଯାଇ ପରିଶେଷରେ ପୁରୁଷୋତ୍ତମ ଦେବଙ୍କ ବୀରତ୍ୱ ଓ ଭକ୍ତିର ପରାକାଷ୍ଠା ଦେଖାଇ ଦିଆଯାଇଛି । କିନ୍ତୁ 'ପୁରୁଷୋତ୍ତମ ଦେବ' ନାଟକରେ କାଞ୍ଚିରାଜାଙ୍କୁ ହୀନ ଓ ଅପଦାର୍ଥ ମୂର୍ଖରାଜା ଭାବରେ ପରିକଳ୍ପନା କରାଯାଇଅଛି । ତେଣୁ ପୁରୁଷୋତ୍ତମ ଦେବଙ୍କର ବିଜୟ ହୋଇଥିଲେ ହେଁ ବୀରତ୍ୱ ପ୍ରତିଷ୍ଠିତ ହୋଇପାରି ନାହିଁ । ତେବେ 'କାଞ୍ଚିକାବେରୀ' ନାଟକରେ ପୁରୁଷୋତ୍ତମ ଦେବଙ୍କୁ ଜଣେ ଭକ୍ତ ଭାବରେ ପ୍ରତିଷ୍ଠା ପ୍ରଦାନ କରାଯାଇଥିଲା ବେଳେ 'ପୁରୁଷୋତ୍ତମ ଦେବ' ନାଟକରେ ତାଙ୍କୁ ବୀର ଭାବରେ ପ୍ରତିଷ୍ଠା କରାଯାଇଅଛି ।

ଏହି କଥାବସ୍ତୁକୁ ନେଇ କାଳୀଚରଣ ପଟ୍ଟନାୟକ ରଚନା କରିଛନ୍ତି 'ଅଭିଯାନ' ନାଟକ (୧୯୪୭) । ପୁରୁଷୋତ୍ତମ ଦେବଙ୍କର କାଞ୍ଚିଅଭିଯାନକୁ ସେ ଓଡ଼ିଆ ଜାତିର ଅଭିଯାନ ରୂପେ ଚିତ୍ରଣ କରିଅଛନ୍ତି । ଭାଷା ସଂଯୋଜନା, ସଂଳାପ ବ୍ୟବହାର, ସଙ୍ଗୀତ ସଂଯୋଜନାରେ ସେ ଆଧୁନିକତା ଦେଖାଇ ଅଛନ୍ତି । ବାସ୍ତବତାକୁ ଅନୁସରଣ କରିଅଛନ୍ତି ସତ ମାତ୍ର 'କାଞ୍ଚିକାବେରୀ' ନାଟକର ପକ୍ଷୀ ଚରିତ୍ର ଅବତାରଣା ନିକଟରେ ଅନେକ ପରିମାଣରେ ଋଣୀ ହୋଇ ଯାଇଅଛନ୍ତି । ସେଥିରେ ନନ୍ଦପୁର ଯୁବରାଜଙ୍କ ଅବତାରଣା ତାଙ୍କର ମୌଳିକତା ଦେଖାଇଥାଏ । ତେବେ କାଞ୍ଚିକାବେରୀ ନାଟକରେ ଯେପରି ଦୁଇଟା ତରବାରିର ଦୁର୍ଦ୍ଦମ ଅଭିଯାନକୁ ବର୍ଣ୍ଣନା କରାଯାଇଅଛି 'ଅଭିଯାନ' ନାଟକରେ ମଧ୍ୟ ସେହିପରି ନୀଳଚକ୍ରବାନାର ଆକାଶରେ ଉଡ଼ିବା ଓ ଦୁଇ ଜଣ ସୈନିକଙ୍କର ପ୍ରଚଣ୍ଡ ଆକ୍ରମଣକୁ ରୂପାୟନ କରାଯାଇଅଛି । 'କାଞ୍ଚିକାବେରୀ'ରେ ଉଭୟ ରାଜାଙ୍କ ମଧ୍ୟରେ ଶୌର୍ଯ୍ୟ, ବୀର୍ଯ୍ୟ, ଭକ୍ତି, ସ୍ୱଦେଶବତ୍ସଳତା ଇତ୍ୟାଦି ଦୃଷ୍ଟିରୁ ସମତା ଆଣାଯାଇଥିଲା ବେଳେ 'ଅଭିଯାନ' ନାଟକରେ ପୁରୁଷୋତ୍ତମ ଦେବଙ୍କୁ କବି, ଭକ୍ତ ଓ ବୀର ରୂପେ ଚିତ୍ରଣ କରାଯାଇ ଅଛି; କାଞ୍ଚି ରାଜାଙ୍କୁ ଆଡ଼ମ୍ବରୀ ରୂପେ ଉପସ୍ଥାପନ କରାଯାଇଅଛି । ଏଣୁ ଚରିତ୍ର ଦୁଇଟି ମଧ୍ୟରେ ସମତା ରକ୍ଷା କରାଯାଇ ପାରିନାହିଁ । ତଥାପି 'ଅଭିଯାନ' ନାଟକ ନାଟକୀୟ ଉପସ୍ଥାପନା ଓ ଆଧୁନିକ ରୁଚିବୋଧର ଅନୁକୂଳତା ଯୋଗୁଁ 'କାଞ୍ଚିକାବେରୀ' ଓ 'ପୁରୁଷୋତ୍ତମ ଦେବ' ନାଟକ ଅପେକ୍ଷା ଉତ୍କୃଷ୍ଟ ବିବେଚିତ ହୋଇଅଛି ।

ସୂକ୍ଷ୍ମଭାବରେ ଅନୁଶୀଳନ କଲେ ଜଣାଯାଏ ଯେ 'କାଞ୍ଚିକାବେରୀ' ଆଦ୍ୟ ପର୍ବର ପ୍ରଥମ ଐତିହାସିକ ନାଟକ ହେଲେହେଁ କିମ୍ବଦନ୍ତୀ ଏହାର ଅସ୍ଥି, କାବ୍ୟଧର୍ମ ଏହାର କଳାତ୍ମକ ଅଭିବ୍ୟକ୍ତି, ମିଥ୍ ଏହାର ଆବେଦନ ଓ ସର୍ବୋପରି ଭକ୍ତି ରସ ମଧ୍ୟ ଦେଇ ମାନବିକ ଭାବରୂପର ଆବେଗଧର୍ମୀ ନାଟ୍ୟରୂପ । ଏହାର ସୃଷ୍ଟି ଓଡ଼ିଆ

ନାଟ୍ୟସାହିତ୍ୟରେ ଉଦ୍ରେକ କରିଥିଲା ନୂତନ ଆଶା ଓ ବିଶ୍ୱାସ । ପରବର୍ତ୍ତୀ ନାଟକର ଆଙ୍ଗିକ ଓ ଆତ୍ମିକରେ ନାନା ପରିବର୍ତ୍ତନ ଆସିଥିଲେହେଁ 'କାଞ୍ଚିକାବେରୀ'ର ପ୍ରଭାବ ତଥାପି ଥିଲା ସୁଦୂରପ୍ରସାରୀ । କିମ୍ବଦନ୍ତୀ ଓ ଇତିହାସର ଭିତ୍ତିଭୂମିରେ ଏ ନାଟକ ରଚିତ ହୋଇଥିଲେ ହେଁ ମୁଖ୍ୟତଃ ଏହା କାଞ୍ଚିକାବେରୀ କାବ୍ୟର ନାଟ୍ୟରୂପ । କାବ୍ୟ କଳ୍ପନାଧର୍ମୀ ଓ ବର୍ଣ୍ଣନାଧର୍ମୀ । ଅନେକ ସମୟରେ କାବ୍ୟ ପରିସର ମଧ୍ୟରେ କାବ୍ୟାମୋଦୀ ପାଠକମାନଙ୍କ ପାଇଁ ରହସ୍ୟ ଓ ଅଳଙ୍କାରଧର୍ମୀ ବର୍ଣ୍ଣନା ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ । କାବ୍ୟ ମୁଖ୍ୟତଃ ଶ୍ରବ୍ୟ; ଯଦିଓ ଏହା ପାଠ୍ୟ । କାବ୍ୟକୁ ନାଟ୍ୟରୂପ ପ୍ରଦାନ କରାଯିବା ଏକ କଷ୍ଟସାଧ୍ୟ ବ୍ୟାପାର । କାରଣ ନାଟକ ଦୃଶ୍ୟକାବ୍ୟ ଏବଂ ରଙ୍ଗମଞ୍ଚରେ ଏହା ଅଭିନୟସାପେକ୍ଷ । ତେଣୁ କାବ୍ୟର ଅବାସ୍ତବ କଳ୍ପନାପ୍ରବଣତାକୁ, ଅଳଙ୍କାରଧର୍ମୀ ବର୍ଣ୍ଣନା ବିନ୍ୟାସକୁ ଓ ଅଯଥା ପଲ୍ଲବିତ ଘଟଣାକୁ ନାଟକରେ ପରିହାର କରାଯାଇଥାଏ ଓ କାବ୍ୟର ମୁଖ୍ୟ ଚରିତ୍ରମାନଙ୍କୁ ରଖି ଅନ୍ୟାନ୍ୟ ବହୁ ଚରିତ୍ରକୁ ନାଟକରେ ସଂଯୋଜନା କରାଯାଏ । ଏସବୁ ଚରିତ୍ର କାବ୍ୟବର୍ଣ୍ଣିତ ମୁଖ୍ୟ ଚରିତ୍ରମାନଙ୍କର ବିକାଶରେ ସାହାଯ୍ୟ କରେ ଓ ନାଟକୀୟ ଭାବସ୍ପନ୍ଦନ ସୃଷ୍ଟି କରିବାରେ ସମର୍ଥ ହୁଏ । କାବ୍ୟରେ ଯାହା ହୁଏତ ପ୍ରଥମେ ବର୍ଣ୍ଣିତ ହୋଇଥାଏ ନାଟକରେ ତାହା ପ୍ରଥମେ ପ୍ରଦର୍ଶିତ ହୋଇପାରେ ବା ନ ପାରେ । କାବ୍ୟରେ ଯାହା ଗୁରୁତ୍ୱପୂର୍ଣ୍ଣ ଥାଏ ନାଟକରେ ହୁଏ ତ ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ନ ପାରେ । କାବ୍ୟରେ ଯାହା ଅପରିହାର୍ଯ୍ୟ ନାଟକରେ ହୁଏତ ତାକୁ ସଂପୂର୍ଣ୍ଣ ତ୍ୟାଗ କରାଯାଇପାରେ । ନାଟ୍ୟକାର ରାମଶଙ୍କର ଯେତେବେଳେ ପୁରୁଷୋତ୍ତମ ଦାସଙ୍କ 'କାଞ୍ଚିକାବେରୀ' ଓ ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କ 'କାଞ୍ଚିକାବେରୀ' କାବ୍ୟକୁ ନାଟ୍ୟରୂପ ଦେବାକୁ ଉଦ୍ୟମ କଲେ ସେତେବେଳେ ସେ ମୂଳ କାବ୍ୟମାନଙ୍କରେ ବର୍ଣ୍ଣିତ ଅନେକ ଘଟଣାକୁ ପରିତ୍ୟାଗ କରିଅଛନ୍ତି, କେତେକ ଘଟଣାର ପରୋକ୍ଷ ବ୍ୟଞ୍ଜନାତ୍ମକ ସୂଚନା ଦେଇଛନ୍ତି ଓ ମୂଳକାବ୍ୟରେ ନ ଥିବା କେତେକ ନୂତନ ଚରିତ୍ରର ସଂଯୋଗ କରି ଅଛନ୍ତି । ପୁଣି କାବ୍ୟର ଅନାମିକା ଚରିତ୍ରର ନାମକରଣ କରିଅଛନ୍ତି । 'କାଞ୍ଚିକାବେରୀ' ନାଟକର ମୂଳ ଭିତ୍ତି କାବ୍ୟ ହୋଇଥିବାରୁ ଏଥିରେ କାବ୍ୟକୁ ନାଟ୍ୟ ରୂପ ଦେବାରେ ଏହା ପ୍ରଥମ ପଦକ୍ଷେପ । ପରବର୍ତ୍ତୀ କାଳରେ ବହୁ ନାଟ୍ୟକାର କାବ୍ୟ-ଉପନ୍ୟାସ-ଗଳ୍ପ ଆଦିକୁ ନାଟ୍ୟ ରୂପ ପ୍ରଦାନ କରିଅଛନ୍ତି । ଏ ଦିଗରେ ରାମଶଙ୍କରଙ୍କ 'କାଞ୍ଚିକାବେରୀ' ନାଟକ ନିଶ୍ଚିତ ଭାବରେ ଆଦ୍ୟ ପ୍ରେରଣା ।

କାଞ୍ଚିକାବେରୀ ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ ଏକ ଉଲ୍ଲେଖ-ଯୋଗ୍ୟ ସୃଷ୍ଟି । ଘଟଣାର ତୀବ୍ର ସଂଘର୍ଷ ଭିତରେ ନାୟକ-ନାୟିକା ଓ ଅନ୍ୟାନ୍ୟ ଚରିତ୍ରମାନଙ୍କର ହୃଦୟବୃତ୍ତିର ଦ୍ୱନ୍ଦ୍ୱ ପ୍ରକଟିତ ହୋଇ ଏହି ନାଟକଟିକୁ ଅପୂର୍ବ

କଳାଗୌରବ ପ୍ରଦାନ କରିଅଛି । ପଞ୍ଚସନ୍ଧି ମଧ୍ୟଦେଇ ନାଟକୀୟ ଘଟଣାବଳୀର ଯଥାର୍ଥ ବିକାଶ ଘଟିଅଛି ଓ ସେହି ଘଟଣା ପ୍ରବାହ ମଧ୍ୟ ଦେଇ ନାୟକନାୟିକାଙ୍କର ମାନସିକ ସଂଘର୍ଷର ହୋଇଛି ଯଥାର୍ଥ ନାଟକୀୟ ସଂସ୍ଥାନ । ଘଟଣା ସଂଘର୍ଷ ଓ ମାନସିକ ସଂଘର୍ଷ ଉକ୍ତ ନାଟକରେ ଘନିଷ୍ଠଭାବରେ ପରସ୍ପର ସହିତ ସଂପୃକ୍ତ ଏବଂ ଏହି ସମନ୍ୱୟଦ୍ୱାରା ହିଁ 'କାଞ୍ଚିକାବେରୀ' ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବାକୁ କ୍ଷମ ହୋଇଅଛି । କାବ୍ୟଧର୍ମ ଓ ନାଟ୍ୟଧର୍ମର ଏହା ଏକ ସୁନ୍ଦର ସମନ୍ୱୟ । ଓଡ଼ିଆ ନାଟ୍ୟସାହିତ୍ୟର ଆଦ୍ୟଯୁଗରେ ଏହା 'ପ୍ରଥମ ପ୍ରକୃତ' ନାଟକ ହୋଇଥିବାରୁ ଓ ଓଡ଼ିଆ ନାଟକର କ୍ରମ ଇତିହାସ ଦୃଷ୍ଟିରୁ ଏହା ଦ୍ୱିତୀୟ ସୃଷ୍ଟି ହୋଇଥିବାରୁ ଏଥିରେ ବିଷୟ ସଂଯୋଜନାଗତ, ସଂଳାପ ଓ ଭାଷାବିନ୍ୟାସଗତ ଏବଂ ଚରିତ୍ର ଚିତ୍ରଣଗତ କେତେକ ତ୍ରୁଟି ପରିଲକ୍ଷିତ ହୋଇଥାଏ । ତଥାପି ଏହି ନାଟକ ନାଟ୍ୟକାର ରାମଶଙ୍କର ରାୟଙ୍କର ନାଟ୍ୟ ପ୍ରତିଭାର ଯେ ଏକ ଅବିସ୍ମରଣୀୟ ସୃଷ୍ଟି, ଏ କଥାକୁ ଆଦୌ ଅସ୍ୱୀକାର କରାଯାଇ ନ ପାରେ ।

# ଓଡ଼ିଶୀ ଭକ୍ତି ସଙ୍ଗୀତ ପରମ୍ପରାରେ ଗଣକବି : ଏକ ମୂଲ୍ୟାୟନ

ଓଡ଼ିଶୀ ଭକ୍ତି ସଙ୍ଗୀତ ନୂତନ ସୃଷ୍ଟି ନୁହେଁ ମାତ୍ର ଓଡ଼ିଆ ସାହିତ୍ୟ ସୃଷ୍ଟିର ପ୍ରାକ୍‌କାଳରୁ ଏହା ନିତ୍ୟ ନବ ନବ ରୂପରେ ଭକ୍ତକବି ହୃଦୟକୁ ଦ୍ରବୀଭୂତ କରି ଆତ୍ମପ୍ରକାଶ କରିଆସିଛି । ଓଡ଼ିଶା ସମଗ୍ର ଭାରତବର୍ଷରେ ଏକ ପବିତ୍ର ଦେବଲୀଳାଭୂମି । ଏଠି ବହୁ ଧର୍ମମତର ପ୍ରଚାର ହୋଇଛି । ବହୁ ଭକ୍ତ-ସାଧକଗଣ ଏଠି ବିହାର କରିଛନ୍ତି । ଆପଣା ଆପଣା ଧର୍ମମତକୁ ଶ୍ରୀ ଜଗନ୍ନାଥଙ୍କ ମହାନୁଭବତା ସହିତ ମିଶାଇ ଦେଇ ଯାଇଅଛନ୍ତି । ଧର୍ମକ୍ଷେତ୍ରରେ ଓଡ଼ିଶା ଯୁଗେ ଯୁଗେ ଉଦାର । ସମସ୍ତଙ୍କୁ ସେ ଉଦାର ବାହୁ ଲମ୍ବାଇ ସ୍ୱାଗତ କରିଛି । ଏହି କାରଣରୁ ଓଡ଼ିଆ ସାହିତ୍ୟରେ ଭକ୍ତ-କବିତା-ସମ୍ଭାର ଏକ ବିଶିଷ୍ଟ ସମ୍ପଦ ରୂପେ ଗୃହୀତ ହୋଇ ଆସିଛି । କେତେବେଳେ ଭକ୍ତ-କବି ଭଗବାନଙ୍କ ସହିତ ସଗୁଣ ସମ୍ପର୍କ ସ୍ଥାପନ କରି ଆପଣାର ଭକ୍ତିତଦ୍‌ଗତ ଭାବକୁ ସାବଲୀଳ ଭାଷା ବିନ୍ୟାସରେ ପ୍ରକାଶ କରିଛି ତ କେତେବେଳେ ନିର୍ଗୁଣ ଭାବ-ଭାବନାର ଚମତ୍କାର ଦାର୍ଶନିକ ବ୍ୟାଖ୍ୟା ବିଶ୍ଳେଷଣ ମଧ୍ୟ ଦେଇ ଆପଣାର ପ୍ରାଣସତ୍ତାକୁ ରୂପାୟନ କରିଛି । ପ୍ରଥମଟିରେ ସାକାର ରୂପ-ରୂପାୟନ ଦେଇ ଆପଣାକୁ ସେହି ମଙ୍ଗଳମୟ ଭଗବାନଙ୍କ ନିକଟରେ ସମର୍ପଣ କରିଦେବାର ବାସନା ପ୍ରକଟିତ ହେଉଥିଲାବେଳେ ଦ୍ୱିତୀୟଟିରେ 'ଆତ୍ମିକ ସମ୍ମିଳନ ଲାଗି ନିରୁପାଧି ଭଗବାନଙ୍କୁ ପ୍ରତୀକ ମାଧ୍ୟମରେ ନିକଟକୁ ଆଣିବାର ପ୍ରଚେଷ୍ଟା'' (୧) ହୋଇଥାଏ । ଭକ୍ତ କବିତାର ଏଇ ଧାରା ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଯେପରି ପରିଲକ୍ଷିତ ହେଉଥିଲା ଆଧୁନିକ ଯୁଗର ଆଦ୍ୟ ପାଦରେ ମଧ୍ୟ ସେଇ ଧାରା ପରିଲକ୍ଷିତ ହୋଇଅଛି । କବି ବୈଷ୍ଣବ ପାଣି ବୋଧହୁଏ ସେଇ ଧାରାର ଶେଷ ଅମଳିନ କାବ୍ୟ-ପ୍ରତିଭା ।

"ଭଗବତ୍-ଭାବନା ମାନବ ଜୀବନର ଏକ ଶାଶ୍ୱତ ତଥା ସୁମହତ୍ ଅଭିଳାଷ ।" (୨) ଏହି ଅଭିଳାଷ ସ୍ୱତଃସ୍ଫୂର୍ତ୍ତି । ଅସୀମ ପ୍ରତି ମଣିଷର ଆକର୍ଷଣ ଦୁର୍ବାର । ଯେତେବେଳେ ମଣିଷ ତା'ର ଶକ୍ତି ଓ ସାମର୍ଥ୍ୟ ବାହାରେ ଆଉ ଏକ ଶକ୍ତିକୁ ଉପଲବ୍ଧି କରେ ଏବଂ ସେହି ଶକ୍ତିକୁ ମନେ କରେ ଏକମାତ୍ର ସର୍ବଶକ୍ତି-ମାନ୍ ସର୍ବବିଦ୍ୟମାନ ଶକ୍ତି, ସେତେବେଳେ ତା'ର ଆପଣାର ଶକ୍ତି ଉପରୁ ବିଶ୍ୱାସ କମେ ଏବଂ ସେହି ଅସୀମ ଶକ୍ତିକୁ ଆପଣାର କରିବାକୁ ସେ ଉଦ୍ୟତ ହୁଏ । ଏଇ ଆକାଂକ୍ଷା ଯେତେ ଶକ୍ତିଶାଳୀ ହୁଏ, ସେତେ ତାର ହୃଦୟରୁ ରସାଳ ଭକ୍ତି-ସଙ୍ଗୀତ ପ୍ରକଟିତ ହୋଇଥାଏ । ସେତିକି ଏଇ ସୃଷ୍ଟିଲୀଳା ତାର ମନରେ ଆସ୍ତିକ୍ୟ

---

(୧) ଡକ୍ଟର ଜାନକୀବଲ୍ଲଭ ମହାନ୍ତି—ଓଡ଼ିଆ ଗୀତି କାବ୍ୟ—ପୃ ୧୧୩

(୨) ଡକ୍ଟର ଜାନକୀବଲ୍ଲଭ ମହାନ୍ତି—ଓଡ଼ିଆ ଗୀତି କାବ୍ୟ—ପୃ ୧୦୭

ବୃତ୍ତି ଜାଗ୍ରତ କରେ । ସେ କାନ୍ତ କୋମଳ କମନୀୟ ବାଣୀ-ବିଳାସରେ ଏହି ଭାବକୁ ପ୍ରକାଶ କରେ ଏବଂ ଭଗବାନଙ୍କ କରୁଣା ଲାଭ କରିବାକୁ ଉତ୍କଣ୍ଠିତ ହୁଏ । ସେହି କବିତାକୁ କୁହାଯାଏ ଭକ୍ତି-କବିତା । ଏଥିରେ ଭଗବାନଙ୍କର ପ୍ରଭାବ ସ୍ୱୀକୃତ, ଈଶ୍ୱରବିଶ୍ୱାସ ଏଥିରେ ପ୍ରତିଫଳିତ । ଏହା ଆସ୍ତିକ୍ୟ ଭାବ ପ୍ରକାଶ କରେ । (୩) ଏତାଦୃଶ ଭକ୍ତି-ସଙ୍ଗୀତଗୁଡ଼ିକ ଭକ୍ତ ହୃଦୟର ସ୍ୱାଭାବିକ ମାର୍ମିକ ଆଲେଖ୍ୟ । ଏଥିରେ ବାକ୍ ବାହୁଲ୍ୟ ନ ଥାଏ; ନ ଥାଏ ମଧ୍ୟ ଶବ୍ଦାଡ଼ମ୍ବର ଓ ଆଲଙ୍କାରିକତା । ଏହାର ଛନ୍ଦ ସରଳ । ଭାବ ମଧୁର । ଧ୍ୱନି ହୃଦୟସ୍ପର୍ଶୀ । ଭକ୍ତକବି ଆପଣାର ଅନ୍ତର ମଧ୍ୟରେ ସେହି ମହାସତ୍ତାକୁ ଉପଲବ୍ଧି କରେ । ସେହି ସତ୍ତାର ମହନୀୟ-ମଧୁମୟ-ଅମୃତମୟ-ଆନନ୍ଦମୟ ସ୍ୱରୂପକୁ ହୃଦୟଭେଦୀ ସଙ୍ଗୀତରେ ରୂପ ଦିଏ । "ସଗୁଣ, ନିର୍ଗୁଣ ଉଭୟ ପନ୍ଥା ତାହା ପକ୍ଷରେ ସମାନ । ସେହି ଭକ୍ତ ହୃଦୟରୁ ଭଗବତ୍ ପ୍ରୀତିର ଯେଉଁ ଅମନ୍ଦ ମନ୍ଦାକିନୀ ଧାରା ଭଜନ-ସାହିତ୍ୟ ଆକାରରେ ପ୍ରବାହିତ ହୋଇଛି କେବଳ ଶ୍ରଦ୍ଧାବନ୍ତ ଲୋକପକ୍ଷରେ ତାହା ଅଧିଗମ୍ୟ ।" (୪) ଭକ୍ତି ସଙ୍ଗୀତରେ ଭକ୍ତକବିର ଅହଂ ଲୀନ ହୋଇଯାଏ । ସେ ଆପଣାର ଅହଂକୁ ମିଶାଇ ଦିଏ ଉପାସ୍ୟ ଦେବତାର ଅହଂ ସହିତ । ସେତିକିବେଳେ ଭକ୍ତି-ସଙ୍ଗୀତ ଅଗଣିତ ପାଠକ ଓ ଶ୍ରୋତାଙ୍କ ହୃଦୟକୁ ଅଭିଭୂତ କରିଦିଏ । ଭକ୍ତି ସଙ୍ଗୀତର ଏହି ସାର୍ଥକତା ବିଶୁଦ୍ଧ ଆଲଙ୍କାରିକତା ପାଇଁ ନୁହେଁ ମାତ୍ର ହୃଦୟର ନିରାଭରଣ ପ୍ରାଞ୍ଜଳତା ପାଇଁ, କଳା କୈବଲ୍ୟ ପାଇଁ ନୁହେଁ ମାତ୍ର ହୃଦୟର ଈଶ୍ୱରୋପଲବ୍ଧି ପାଇଁ ।

ଓଡ଼ିଶା ଭକ୍ତି-ସଙ୍ଗୀତ ପରମ୍ପରାରେ ଶରୀରଭେଦ, ଶୂନ୍ୟବାଦ, ମହିମା ଓ ଓ ବ୍ରାହ୍ମଧର୍ମାନୁସାରୀ ନିର୍ଗୁଣ ଭକ୍ତି କବିତା, ଶୈବ, ଶାକ୍ତ, ବୈଷ୍ଣବ (ଜଗନ୍ନାଥ-କୃଷ୍ଣ-ରାମ ବନ୍ଦନାମୂଳକ), ଅନ୍ୟାନ୍ୟ ହିନ୍ଦୁ ଦେବଦେବୀଙ୍କ ବନ୍ଦନା, ମନଃଶିକ୍ଷାମୂଳକ, ଗୁରୁ ବନ୍ଦନାମୂଳକ ଆଦି ନାନାବିଧ ସଗୁଣ-ନିର୍ଗୁଣ ଭକ୍ତି-ସଙ୍ଗୀତ ଦେଖିବାକୁ ମିଳିଥାଏ । ପ୍ରାଚୀନ ତଥା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ନିର୍ଗୁଣ ଓ ସଗୁଣ ଭକ୍ତି ସଙ୍ଗୀତର ସଂଖ୍ୟା ଅକଳନ । ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଏତାଦୃଶ ଭକ୍ତି ସଙ୍ଗୀତ ରଚନାର ଧାରା ଓଡ଼ିଆ ସାହିତ୍ୟରେ ଥିଲା ଅପ୍ରତିହତ । ବହୁ ବରିଷ୍ଠ କବି ଯେପରି କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି ସେହିପରି ଭକ୍ତି ସଙ୍ଗୀତମାନ ରଚନା କରି ଅଗଣିତ ସାଧାରଣ ମଣିଷର ହୃଦୟକୁ ଭକ୍ତି-

(୩) "ଯଦ୍ଦେବତାୟାଃ ସହିତଂ ସ୍ତବେନ ତସ୍ୟାଃ ପ୍ରଭାବ ପ୍ରତିବୋଧନଂ ଚ
ଆସ୍ତିକ୍ୟ ସମ୍ପାଦକମାତ୍ର ଗାନଂ ବଦୁର୍ଭକ୍ତ ଜନାହ୍ଲାଦହୃଦ୍ୟମ୍ ।"
—ଉତ୍କଳ ସଙ୍ଗୀତ ପଦ୍ଧତି, ପୃ ୩୨୯ ସମ୍ପାଦନା ଶ୍ୟାମସୁନ୍ଦର ଧୀର ।

(୪) ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ—ସାହିତ୍ୟ ବୀକ୍ଷା—ପୃ ୬୭

ରସାପ୍ଳୁତ କରିଅଛନ୍ତି । ଜଗନ୍ନାଥ ଦାସ – ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ, ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ, ସାଲବେଗ, ଭକ୍ତଚରଣ, ଗୋପାଳକୃଷ୍ଣ, ବନମାଳୀ, କବିସୂର୍ଯ୍ୟ, ଭୀମ ଭୋଇ ପ୍ରମୁଖ କୃତବିଦ୍ୟ କବିଗଣ ଓଡ଼ିଶୀ ଭକ୍ତିସଙ୍ଗୀତର ଧାରାକୁ ଏକ ନିରବଚ୍ଛିନ୍ନ ସ୍ରୋତସ୍ୱିନୀ ରୂପେ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ରଖି ପାରିଥିଲେ । ଏହା ପରେ ଆଧୁନିକ ଶିକ୍ଷାର ବିକାଶ ଫଳରେ ନୂତନ ସାହିତ୍ୟିକ ରୁଚିର ପ୍ରବର୍ତ୍ତନ ହୋଇଛି । ଏହାଫଳରେ ଯୁଗଯୁଗର ଏହି ଭକ୍ତି ସଙ୍ଗୀତର ଧାରାରେ ଭଟ୍ଟା ପଡ଼ିଯାଇଛି । ତଥାପି ବିଂଶ ଶତାବ୍ଦୀର ଆଦ୍ୟ ପାଦରେ କେତେକ ମୁଷ୍ଟିମେୟ କବି ଆଧୁନିକ ଶିକ୍ଷା ଓ ରୁଚି ପ୍ରତି ଅନାସକ୍ତ ରହି ଆପଣାର ଭକ୍ତିଭାବନାକୁ ସେଇ ପାରମ୍ପରିକ ଶୈଳୀରେ ପ୍ରକାଶ କରିଅଛନ୍ତି । ଗଣକବି ବୈଷ୍ଣବ ପାଣି ବୋଧହୁଏ ସେଇ ଧାରାର ଶେଷ ଦୀପସ୍ତମ୍ଭ ।

ବୈଷ୍ଣବ ପାଣିଙ୍କର ବ୍ୟକ୍ତିଗତ ଚରିତ୍ର ସମାଜଗର୍ହିତ । ତଥାପି ଏହି ଦୁର୍ବିନୀତ ବ୍ୟକ୍ତି ସେଦିନ ମାତ୍ର ୧୯ ବର୍ଷ ବୟସରେ ବିନା ଗୁରୁରେ ପାଲିକାର ହେଲା । ଗୁରୁ ନାହିଁ । ବିଦ୍ୟା ନାହିଁ । ଶାସ୍ତ୍ରଜ୍ଞାନ ନାହିଁ । ତଥାପି ସେ ପାଲି କରିବାକୁ ଦମ୍ଭଧରି ବାହାରି ପଡ଼ିଲା । ସେ କହନ୍ତି—"ଗୁରୁ ନ କରି ବିଦ୍ୟା ଶିଖିବା ଯାହା – ଭେଲା ନ ଥାଇ ସାଗର ଲଙ୍ଘିବା ତାହା । ଗୁରୁ ସମ୍ବନ୍ଧରେ ମୋ ମନରେ ଏହି ଧାରଣା ଅସିଲା ଯେ ମହାପ୍ରସାଦ ପାଇବାକୁ ଆଶା କରିଛି ସେ କି ଉଚ୍ଛିଷ୍ଟ ଅନ୍ନରେ ତୃପ୍ତି ଲାଭ କରିବ ?" (୬) ଏଥର ସେଇ ଯୁବକ କବିଙ୍କର ଅନ୍ତର ଭିତରେ ସ୍ୱତଃ ଧାରଣା ହେଲା—

"ଯେବେ ସେ ଗୁରୁ ନ ହେଲା ଗୁରୁ ରେ—
ଆରେ ବାଇଆ ମନ ।
ତୁ ତରୁକୁ କାହିଁଛି ମରୁକୁ କାହିଁକି ଅରୁକୁ
କାହିଁକି ଦୂରକୁ ରେ ।
ଗୁରୁ, ବ୍ରହ୍ମା, ବିଷ୍ଣୁ, ଶିବ ରେ—
ଆରେ ବାଇଆ ମନ ।
ତ୍ରିବୀଜ ରୂପେ ସେ ଘଟେ ଘଟେ ରହି
ବୁଝୁଛନ୍ତି ଧ୍ୟାନ ଲଭରେ ।
ଯେଉଁ ମନ ତ ଘଟରେ ଅଛି ରେ—
ଆରେ ବାଇଆ ମନ ।
ତାକୁ ଗୁରୁକର ନଟ ଛୁଡ଼ିଯିବ ସେ ସବୁ
କୋଳପ କଣ୍ଟ ରେ ।

---

(୬) ପାଣିକବିଙ୍କର ଆତ୍ମଜୀବନୀ—ପୃ ୧୧ ।

ସେ ତ ଯାବତ ଅପାଂଶ ପାଶେ ରେ—
ଆରେ ବାଇଆ ମନ ।
ଜଗତଗୁରୁଙ୍କୁ ଭେଟାଇଣ ଦେବ
ତୁ ଭୁଲିବୁ ତାହା ପଛରେ ।
ବାଇଆ କର୍ମ୍ମ ଖଲିବ ରେ—
ଆରେ ବାଇଆ ମନ ।
ଶୂନ୍ୟଗୁରୁ ଯେବେ ଶୂନ୍ୟେ ଅନାଇବେ
ଶୂନ୍ୟରୁ ଆସି ମିଳିବ ରେ ।”

ସେ ଦିନ ବୈଷ୍ଣବ ପାଣି ଗୁରୁ କଲେ ମନକୁ । ସେଇ ମନ ତାଙ୍କୁ ଜଗତଗୁରୁଙ୍କ ସହିତ ଭେଟାଇଦେବ; ଏପରି ଦୃଢ଼ବିଶ୍ୱାସ ତାଙ୍କର ହୋଇଛି । ଶୂନ୍ୟଗୁରୁ ଇଚ୍ଛା କଲେ ତାଙ୍କର ସକଳ ଦୁଃଖ ଦୂର ହୋଇଯିବ । ଏଇ ଧାରଣାର ବଶବର୍ତ୍ତୀ ହୋଇ ସେ ପାଲି କଲେ । କବି-ଜୀବନର ଆଦ୍ୟାବସ୍ଥାରେ ତାଙ୍କର ସୃଷ୍ଟି ହୋଇଛି ଶୂନ୍ୟଗୁରୁ ଭାବ-ଭାବନା । ତାପରେ ଏଇ ଶୂନ୍ୟଗୁରୁ ଭାବ ଭାବନା ସହିତ ତାଙ୍କର ସଗୁଣ-ଉପାସନା ମଧ୍ୟ ବଳବତ୍ତର ହୋଇଉଠିଛି । ସେ ପାଲି ଛାଡ଼ି ଯାତ୍ରାଦଳ ଗଢ଼ିଲେ । ଏକଦା ସେ ଗୋବର୍ଦ୍ଧନ ନାୟକଙ୍କ ଯାତ୍ରାଦଳ ସହିତ ବାଦୀଯାତ୍ରା କରି ପରାସ୍ତ ହେଲେ । ଗୋବର୍ଦ୍ଧନ ନାୟକଙ୍କ ଦଳ କବି ଗୋପାଳ ଦାସଙ୍କ “ସହସ୍ର ରାବଣ ବଧ” କରି ପ୍ରଶଂସିତ ହୋଇଥିଲେ । ବୈଷ୍ଣବ ପାଣି ସେଦିନ ସେଇ ନାଟକଟିକୁ ଗୋବର୍ଦ୍ଧନ ନାୟକଙ୍କୁ ମାଗିଥିଲେ । ମାତ୍ର ସେ ତାଙ୍କୁ ଦେଲେ ନାହିଁ । ତାଙ୍କର ମନଦୁଃଖ ହେଲା । ସେ ହୃଦୟର ଗଭୀର ଦୁଃଖକୁ ବିନୋଦବିହାରୀଙ୍କ ନିକଟରେ ନିବେଦନ କରି ବିଭୁକୃପା ଲାଭ କଲେ । ଏ ପ୍ରସଙ୍ଗରେ ସେ ଲେଖିଛନ୍ତି—“ବାଦୀ ଯାତ୍ରା କରି ଆମ୍ଭେ ପ୍ରଶଂସିତ ହୋଇଥିଲୁ; କିନ୍ତୁ ଗୋବର୍ଦ୍ଧନ ନାୟକଙ୍କ ଦଳଟି ଚୌଦିକୁଳିଟ ପଲସିଙ୍ଗା ନିବାସ କବି ଗୋପାଳ ଦାସଙ୍କ ରଚିତ ‘ସହସ୍ର ରାବଣ ବଧ’କୁ ବାଦୀ ଯାତ୍ରାରେ କରି ଆମ ଦଳ ଅପେକ୍ଷା ପ୍ରଶଂସିତ ହୋଇ ପାରିଥିଲେ । ପରିଶେଷରେ ଉକ୍ତ ସହସ୍ର ରାବଣ ବଧ ନାଟକଟି ନାୟକଙ୍କୁ ମାଗିବାରୁ ସେ ମୋତେ ଦେବାକୁ ଅସ୍ୱୀକୃତ ହେଲେ, ତେଣୁ ମୋ ମନରେ ବଡ଼ ଅଭିମାନ ଆସିଲା । ମନ ଦୁଃଖରେ ଆସି ମାହାଙ୍ଗା ଅନ୍ତର୍ଗତ କଇଁରପୁର ଗ୍ରାମ ଶ୍ରୀ ଶ୍ରୀ ବିନୋଦବିହାରୀଙ୍କ ମନ୍ଦିର ପାର୍ଶ୍ୱରେ ଅଧିଆ ପଡ଼ିଲି । ଦୀର୍ଘ ସାତ ଦିନ ଅଧିଆ ପଡ଼ିବା ପରେ ମୋତେ ହୁକୁମ ହେଲା ଯେ ‘ତୁମ୍ଭେ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା କରିଛ, କରିପାର’ । (୬) ଏକ ସଗୁଣ ଉପାସନା ମଧ୍ୟଦେଇ ପାଣି କବିଙ୍କର କବିତ୍ୱର ବିକଚ ବିକାଶ ହେଲା । ବିନୋବିହାରୀଙ୍କ କରୁଣା ଲାଭରୁ ସେ ରଚନା କଲେ ପ୍ରଥମେ ‘ମେଘନାଦ ବଧ’ ନାଟକ । ଏହା ପରେ

(୬) ପାଣି କବିଙ୍କ ଆତ୍ମଜୀବନୀ—ପୃ ୧୬

ସେ ବହୁ ଗୀତନାଟକ, କବିତା, ଜଣାଣ, ଚଉତିଶା, ଉପନ୍ୟାସ ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କଲେ ।

ବୈଷ୍ଣବ ପାଣି ଜେଲ ଯାଇଥିବା ଯୋଗୁଁ ପୁରୀ ଯାଇ ପ୍ରାୟଶ୍ଚିତ୍ତ କରି ମହାପ୍ରସାଦ ସେବନ କରିଥିଲେ । (୭) ଏଥିରୁ ତାଙ୍କର ଜଗନ୍ନାଥ ଧର୍ମ ପ୍ରତି ଆନୁଗତ୍ୟ ପ୍ରକାଶ ପାଇଥାଏ । ସେ ପୁଣି କଟକରେ ବିନୋଦବିହାରୀରେ ଯାତ୍ରା କରୁଥିଲା ବେଳେ ସହରରେ ଗୋଳ ହେବାରୁ ତାଙ୍କୁ ଯଥାଶୀଘ୍ର ଯାତ୍ରାଦଳ ନେଇ ଚାଲିଯିବାକୁ ସରକାରରୁ ଆଦେଶ ହେଲା । ପୋଲିସ ସାହେବ ଶ୍ରୀକୃଷ୍ଣ ମହାପାତ୍ର ତାଙ୍କୁ ତିନି ବର୍ଷ ପାଇଁ କଟକ ଆସିବାକୁ ମନା କରିଦେଲେ । (୮) ଏହି ଦୁଃଖରେ କବି ବୈଷ୍ଣବ ପାଣି ବିନୋଦବିହାରୀଙ୍କୁ ଆପଣାର ଦୁଃଖ ଜଣାଇ ହୃଦୟର ଭାବକୁ ପ୍ରକାଶ କରିଥିଲେ;—

"ଜୟ ବିନୋଦବିହାରୀ ହେ,
ଯାହା ନେତ୍ରେ ଦେଖିଲି ଏତିକି ।
ନାହିଁ ମୋର ଆଶା ଆଉ କି ଦେଖିବି
ନେତ୍ରେ ଯୁଗଳ ମୂର୍ତ୍ତିଙ୍କି ।"

ଶୂନ୍ୟ-ଗୁରୁ-ଉପାସନାରୁ କବି-ପ୍ରତିଭା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ବନ୍ଦନା କରିଛି ଏବଂ ଏହି ବନ୍ଦନା ମଧ୍ୟଦେଇ ସେ ଆପଣାର ଭକ୍ତିଭାବକୁ ସରଳ ଭାବରେ ପ୍ରକାଶ କରିବାକୁ ସମର୍ଥ ହୋଇପାରି ଅଛନ୍ତି । ରାଧାକୃଷ୍ଣ-ବନ୍ଦନା ଗୀତିକାରୁ ସେ ପୁଣି ରଚନା କଲେ ରାମ-ବନ୍ଦନାମୂଳକ ସଙ୍ଗୀତ । ଯାତ୍ରାଦଳ ନେଇ ସେ ଓଡ଼ଗାଁ ଯାଇଥିଲେ । ଏ ପ୍ରସଙ୍ଗରେ ସେ ଲେଖିଛନ୍ତି—"ପିଲାମାନେ ପଦ୍ମନାଭ ଦିଅଁ ଦରଶନକୁ ବାହାରିଗଲେ । କିନ୍ତୁ ମୁଁ ଦର୍ଶନ ପାଇଁ ଗଲି ନାହିଁ । ତୃତୀୟ ପ୍ରହରରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନ ହେଲା ଯେ ଗୁରୁ ମୋ ଦର୍ଶନକୁ କାହିଁକି ଆସି ନାହିଁ । ଆସନ୍ତା ସନ୍ଧ୍ୟାକୁ ମୋର ରଘୁନାଥମେଳା ଦେଖି ତା'ର ଉପଲକ୍ଷେ ଏକ ଗୀତ ରଚନା କରି ମୋତେ ଶୁଣାଇବ । ବଡ଼ପଣ୍ଡା ସକାଳେ ମୋତେ କହିବାରୁ ମୁଁ ଗୋଟିଏ ସ୍ତବ କରି ପିଲାଙ୍କୁ ଶିଖାଇଲି ।" (୯) ଏହି ଗୀତ ସନ୍ଧ୍ୟାରେ ପିଲାମାନେ ସମବେତ ମଧୁର କଣ୍ଠରେ ବୋଲିଲେ ;—

"ଜୟ ରଘୁନାଥ ଆରତ ଆରତ
ଭୂରତେ କର ନାଶନ
ପୂରତ ସରତେ ହରତେ ଡାକୁଛି
ମୁଁ ଦୀନହୀନ କେସନ ।

---

(୭) ପାଣି କବିଙ୍କ ଆତ୍ମ ଜୀବନୀ—ପୃ ୨୧
(୮) ତତ୍ରୈବ—ପୃ ୩୦
(୯) ତତ୍ରୈବ—ପୃ ୩୮

ଆସି ଧର ଧର—କାହିଁକି ଦଣ୍ଡକୋଦଣ୍ଡ କର
ବନ୍ଧୁତ କଟଣି ସହିଣ ପାଷାଣ ହୋଇଣ
ଅହଲ୍ୟା ଥିଲା ବନେ
ଶୋଷଣ କରିଛ ତା ଦୁଃଖ ସାଗର
ଲେଶ ମାତ୍ର ପାଦ ମାଡ଼ି ଦିନେ
ହେଲା ନାରୀରୂପ—ଛିଡ଼ିଗଲା ଗଉତମ ଶାପ ।"

ରାମ-ଭକ୍ତି-ସଙ୍ଗୀତଟି ସମସ୍ତଙ୍କୁ ଅଭିଭୂତ କରିଦେଲା । ପ୍ରକାଶଭଙ୍ଗୀ ଏକାନ୍ତ ସରଳ । ଅଥଚ ସେଇ ପ୍ରାଚୀନ ଭକ୍ତି ସଙ୍ଗୀତର ଭାବ ପରି ଭାବ । ଛନ୍ଦ ସେଇ ପ୍ରାଚୀନ ଛନ୍ଦର ଅନୁଧ୍ୱନି । ସକଳ ଅନୈତିକ ଓ ଅସାମାଜିକ ଜୀବନଯାପନ ଭିତରେ କବି ବୈଷ୍ଣବ ପାଣିଙ୍କ ଚିତ୍ତବୃତ୍ତି ଭଗବତ୍ ସାନ୍ନିଧ୍ୟ ପାଇଁ ତୀବ୍ର ବ୍ୟାକୁଳ ହୋଇ ଉଠିଥିଲା । ପଙ୍କରେ ପଙ୍କଜର ଜନ୍ମ ସତ ମାତ୍ର ତା' ଦେହରେ ପଙ୍କ ଲାଗେ ନାହିଁ । ଅନୈତିକ ଜୀବନ ଯାପନ ଭିତରେ ବୈଷ୍ଣବ ପାଣିଙ୍କ ଚିତ୍ତବୃତ୍ତି ସେଇପରି ଥିଲା ତୀବ୍ର ନିର୍ମଳ । ତେଣୁ ତାଙ୍କର କବିତା ନ ଥିଲା କେବଳ କବିତା ପାଇଁ ଉକ୍ତି ମାତ୍ର ଥିଲା ହୃଦୟର ଆକୁଳ ଆବେଦନ । ସେଇ କାରଣରୁ ଦେବତା ମଧ୍ୟ ତାଙ୍କ ପ୍ରତି ଆଶୀର୍ବାଦ ବର୍ଷଣ କରୁଥିଲେ ।

## ଶ୍ରୀ ଜଗନ୍ନାଥ ଭକ୍ତିର ନିଦର୍ଶନ ଜଗନ୍ନାଥ ଜଣାଣ :

ଗଣକବି ବୈଷ୍ଣବ ପାଣି ନାଟ୍ୟ ସାହିତ୍ୟ ରଚନାରେ ମନୋନିବେଶ କରିଥିଲେ ସତ ମାତ୍ର ସେ ବହୁ ଗୀତିକବିତା ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଅଛନ୍ତି । ରାମ-କୃଷ୍ଣ-ଶୂନ୍ୟବ୍ରହ୍ମ ଆଦିଙ୍କୁ ସେ ବିଭିନ୍ନ କବିତାରେ ସ୍ତୁତି ସ୍ତବ କରିଥିଲେ ହେଁ ନୀଳାଦ୍ରିନାଥଙ୍କ ପ୍ରତି ତାଙ୍କର ଭକ୍ତି ଥିଲା ଅସୀମ । ଜେଲ ଯାଇଥିବା ଅପରାଧରେ ସେ ସେହି ନୀଳାଦ୍ରିନାଥଙ୍କ ନିକଟରେ ପ୍ରାୟଶ୍ଚିତ୍ତ କରି ମହାପ୍ରସାଦ ସେବନ କରିଥିଲେ । ଯେତେବେଳେ ସେ ଦୀର୍ଘ ସାତ ବର୍ଷ ଧରି ବାତପୂଟି ରୋଗରେ ଆକ୍ରାନ୍ତ ହୋଇ ଜୀବନର ଆଶା ଛାଡ଼ି ଦେଇଥିଲେ ସେତିକି-ବେଳେ ସେ ନୀଳାଦ୍ରିନାଥଙ୍କ କରୁଣାରୁ ଆରୋଗ୍ୟ ଲାଭ କରିଥିଲେ । ଭକ୍ତକବି ଦୀନକୃଷ୍ଣ ଦାସ ସେଦିନ ଗରୁଡ଼ ସ୍ତମ୍ଭ ନିକଟରେ 'ଆର୍ତ୍ତିତ୍ରାଣ ଚଉତିଶା' ବୋଲି କୁଷ୍ଠ ରୋଗରୁ ମୁକ୍ତି ଲାଭ କରିଥିଲେ । କବି ବୈଷ୍ଣବ ପାଣି ସେହିପରି ନୀଳକନ୍ଦର-ବିହାରୀ ଶ୍ରୀ ଜଗନ୍ନାଥଙ୍କର ଜଣାଣ ଲେଖି ଆରୋଗ୍ୟ ଲାଭ କରିଥିଲେ । ଏହି ପ୍ରସଙ୍ଗରେ ସେ ଆତ୍ମଜୀବନୀରେ ଲେଖିଅଛନ୍ତି—" × × × ଅନ୍ୟ କୌଣସି ଦେବ-ଦେବୀଙ୍କୁ ଆରାଧନା ନ କରି କେବଳ ମାତ୍ର ନୀଳାଦ୍ରିନାଥଙ୍କଠାରେ ମନୋନିବେଶ କରି କ୍ରନ୍ଦନ କଟାଇଲି । ସେ ମୋ ଭଳି ଗରିବର ଡାକ ଶୁଣିଲେ ନାହିଁ । ମୁଁ ମଧ୍ୟ ଡାକିବାର ନିବୃତ୍ତି କରିଲି ନାହିଁ । କାୟମନୋବାକ୍ୟରେ ମୁଁ ବରାବର

ପ୍ରାର୍ଥନା କଲି । ଶେଷରେ ମୋ ଡାକ ନ ଶୁଣିବାରୁ 'ଜଗନ୍ନାଥ ଜଣାଣ' ପୁସ୍ତକ ଖଣ୍ଡ ରଚନା କଲି । ତଥାପି ସେ ଡାକ ଶୁଣିଲେ ନାହିଁ । ଏଣେ ରୋଗ ବୃଦ୍ଧି ହେବାକୁ ଲାଗିଲା ଓ ବଡ଼ ଯନ୍ତ୍ରଣା ଦେଲା । ଯନ୍ତ୍ରଣା ହେଲା ସମୟରେ କଷ୍ଟ ସହ୍ୟ କରି ନ ପାରି ନୀଳାଦ୍ରି ବିହାରୀଙ୍କୁ ଗାଳି ଦେବାରେ ତ୍ରୁଟି କଲି ନାହିଁ ।" (୧୦)
ରୋଗର ତୀବ୍ର ଯନ୍ତ୍ରଣା ଭିତରେ ସବୁ ଭକ୍ତକବିଙ୍କ ପରି ବୈଷ୍ଣବ ପାଣି ମଧ୍ୟ ଜଗନ୍ନାଥଙ୍କୁ ଗାଳି ଦେଇ କବିତା ଲେଖିଥିଲେ—

"ଚୁଡ଼ି ମାଡ଼ଖିଆ ବୁଦ୍ଧି ହେ, ବଡ଼ ଦେଇଛ ବଢ଼ ଗୋସାଇଁ
ଯେ ମାରିଲା ମାଡ଼ ସେ ହୋଇଲା ବଡ଼ ବାଡ ହେଲ୍ଲୁ ତାକୁ ଭୁଇଁ
ମାଡ଼ ଦେଲା ଗୋପ ଗଉଡ଼ୁଣୀ ରାଧା ତା' ଗୋଡ଼ ଧଇଲୁ ଯାଇ
ନନ୍ଦଘୋଷ ପୃଷ୍ଠ ଆଣ୍ଠୁ ପିଟିବାରୁ ଦେଲୁ ବଇକୁଣ୍ଠ ଭୁଇଁ
× × × × × ×
ମାଡ଼ୁଆ ମୋହନ ମାଡ଼ ବିନୁ ଆନ, ଗତି ତୋ କପାଳେ ନାହିଁ ।
ବଇଷ୍ଣବ ଭକ୍ତି କଡ଼ୁଆ ଧରିଛୁ, କରେ ଲଗାଇବା ପାଇଁ ।"

ଏହି କବିତାରେ ଅଛି ଜଗନ୍ନାଥଙ୍କ ପ୍ରତି ପ୍ରାଣର ଗଭୀର ଭକ୍ତି । ଅଥଚ ବାହାରକୁ ଜଣାଯାଉଛି ଯେତେ ଯେମିତି କବି ଜଗନ୍ନାଥଙ୍କୁ କଠୋର ଭାବରେ ଗାଳି ଦେଇଛନ୍ତି । ଏହି କବିତାରେ ଶ୍ରୀ ଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଅଭେଦ ପରିକଳ୍ପିତ । ଏଥିରେ ତତ୍ତ୍ୱ ନାହିଁ, ଦର୍ଶନ ନାହିଁ, ମାତ୍ର ଅଛି ସରଳ ଭକ୍ତିର ପ୍ରାଣଛୁଆଁ ଭାବ । କବିସୂର୍ଯ୍ୟ ବଳଦେବ ରଥ 'ସର୍ପଜଣାଣ' କବିତାରେ ଜଗନ୍ନାଥଙ୍କୁ ଗୋଟିଏ କାଳସର୍ପ ସହିତ ତୁଳନା କରି ଗାଳି ଦେଇଅଛନ୍ତି । ସେଥିରେ ଅଛି ଭାଷାର ଗାମ୍ଭୀର୍ଯ୍ୟ । ସେହି ଭାବକୁ ଅବିକଳ ଭାବରେ ଗ୍ରହଣ କରି ବୈଷ୍ଣବ ପାଣି ଲେଖିଥିଲେ—

"ପୀତପଟ ଅଟ ଭୁତନାଥ ହେ ରାଧାନାଥ,
ଏବେ ଜାଣିଲି ମୁଁ ।
ରାଗ ନ ବହିବ ହରି ଆଗରେ ଅଛୁ ତୁମ୍ଭରି
ଭୁତ ଧୂଳେ ସମ କରି ନ ପାରିଲେ ବଂଶୀଧାରୀ
ଦଣ୍ଡ ଦେବ ଦୋଷୀକୁ ଉଚିତ ହେ ।

ଭକ୍ତକବି ଦୀନକୃଷ୍ଣ ଯେପରି 'ଆର୍ତ୍ତଜଣାଣ ଚଉତିଶା'ରେ ଅନ୍ତରର ଗଭୀର ଭକ୍ତି ନୈବେଦ୍ୟ କରିଛନ୍ତି ଶ୍ରୀ ଜଗନ୍ନାଥଙ୍କଠାରେ, କବି ବୈଷ୍ଣବ ପାଣି ଠିକ୍ ସେହିପରି 'ନୀଳାଚଳ ଚଉତିଶା'ରେ ସେଇ ଭାବକୁ ପ୍ରକାଶ କରିଅଛନ୍ତି । ଛନ୍ଦ

୧୦ । ପାଣିକବିଙ୍କ ଆତ୍ମଜୀବନୀ—ପୃ୪୫/୪୬

ପ୍ରାଚୀନ, ପ୍ରକାଶ ଭଙ୍ଗୀ ପ୍ରାଚୀନ ମାତ୍ର ଭାବ ସରଳ ଓ ହୃଦୟସ୍ପର୍ଶୀ । ଏହି କବିତା ସେହି ମଧ୍ୟଯୁଗୀୟ ଚଉତିଶାର ଭାବାତ୍ମକ ତଥା ରଚନାତ୍ମକ ଅନ୍ତର୍ଦ୍ଧାନ । ଏଥିରୁ ଗୋଟିଏ ଦୃଷ୍ଟାନ୍ତ ଦେଲେ ଏହା ପ୍ରମାଣିତ ହେବ; —

କଉସ୍ତୁଭ ଧାରଣ କଉଣପ ଦାରଣ କମଳାପତି !
କଷ୍ଟ ହର କମ୍ବୁ ଅମ୍ବୁଜଧର !
ଚକ୍ରଗଦା ଯେ କରେ ବିରାଜୁ ଥାଏ ମନୋହର
ହେ ନୀଳାଚଳ !
କଇବଲ୍ୟ ମୁକୁଳା ନାଥ
କର୍ଣ୍ଣେ ଶୁଣ ଦୁଃଖୀ ଆରତ
କହିଣ ସହି କେତେ ରହିବ ମହାଗତେ କଣ୍ଠ ଶୁଖୁଛି ଅବିରତ ହେ ।

× × × ×

କ୍ଷମା କରିବା ଦୋଷ କ୍ଷମା-ସାଗର ଦାସ ଜନଙ୍କୁ ରଖ ପାଦ ତଳେ
କ୍ଷରିଯାଉ ଏକଥା କ୍ଷମେ ରଚେ କବିତା ଜନମି ଦୀନ ଦ୍ୱିଜକୁଳେ
ହେ ନୀଳାଚଳ
କ୍ଷମା କରିଦିଅ ବଇଷ୍ଣବଙ୍କୁ
କ୍ଷୋଭରେ ଡାକୁଛି ତୁମ୍ଭକୁ
କ୍ଷାତ ରକ୍ତ କ୍ଷିତିରେ ଖଣ୍ଡ ମୋ ଦୁର୍ଗତିରେ ଉଦ୍ଧରି ଧର ସେବକଙ୍କୁ ।''

ଏହି କବିତାରୁ ମଧ୍ୟଯୁଗୀୟ ଗୀତକବି ଦୀନକୃଷ୍ଣଙ୍କୁ ସହଜରେ ବାରି ହୋଇ-ଯାଏ । ତଥାପି କବି ବୈଷ୍ଣବ ପାଣି ଏଥିରେ ଆପଣାର ଭକ୍ତିଭାବକୁ ସରଳ ସ୍ୱାଭାବିକ ଭାବରେ ପ୍ରକାଶ କରିଅଛନ୍ତି । ଭଗବତ ଆକୁତି ଏହି କବିତାରେ ଅତ୍ୟନ୍ତ ଗମ୍ଭୀର ଓ ପ୍ରାଣସ୍ପର୍ଶୀ । କବି ରୋଗମୁକ୍ତ ନ ହେବାରୁ ମନେ କରିଛନ୍ତି ଏ ଜଗତ ହେଉଛି ସେଇ ବିଶ୍ୱନିୟନ୍ତା ଜଗନ୍ନାଥଙ୍କର ଖେଳଘର । ଏଠି ଜୀବ ମିଥ୍ୟାମାୟାରେ ପଡ଼ି ନାନା ଦୁଃଖ ଓ ଯନ୍ତ୍ରଣା ଲାଭ କରୁଛି । ଏହି ବୈରାଗ୍ୟସୁଲଭ ଭାବଧାରା ଯେପରି ପ୍ରାଚୀନ ତଥା ମଧ୍ୟଯୁଗୀୟ ଓଡ଼ିଆ ଭକ୍ତ କବିତାମାନଙ୍କରେ ପ୍ରକାଶିତ ହୋଇଅଛି କବି ବୈଷ୍ଣବ ପାଣି ମଧ୍ୟ ଠିକ୍ ସେହିପରି ରୂପ ଦେଇଛନ୍ତି—

''ଚକ୍ରଧର ହେ ! ତୋର କିଛି ଠିକଣା ନାହିଁ ।
ଝଣାରେ ପକାଇ ବଣା କରିଅଛୁ କଣାପରି ଜୀବ ମରୁଛି ଧାଇଁ ।
ମିଛ ଝଣାଝଣି ଲଗାଇ ଦେଇଛୁ କେ କାହା ଭଉଣୀ କେ କାହା ଭାଇ
କେ କାହାର ଶଳା କେ କାହା ମଉଳା କେ କାହାର ଝିଅ କେ କାହା ଜୋଇଁ ।
ଗୋଟା ଦାଉଣୀରେ ଯୋଚଣ ଏହାଙ୍କୁ ମରୁଛୁ ମଝିରେ କହୁଣୀ ଖାଇ
ଏକା ଗଉଣୀରେ ଦାନେ ପୂରାଇବୁ ଚିହ୍ନି ନ ପାରିବ ଅଜାକୁ ଆଈ ।

ମିଛ କଣାବକା ତୋହର ଜୀବକା ମିଛ ହଣାହଣି ଦେଖୁଛୁ ରହି
ଘଣା ପରି ସାରା ଦିବସ ଘୂରୁଛୁ ଅଟୁ ମିଛୁଆଙ୍କ ଗୁରୁଗୋସାଇଁ ।
ତୋ ବିନା ଏ ଦେହ କି କରିବ କହ ଘୋଡାରୁ ଗଲାରେ ପଖା ଲଗାଇ
ବେନି ବର୍ଷ୍ଣି ସତ ଖାଇଛୁ ଜଗତ ବଇ ବୋଲେ ତୋତେ ଜାଣିଛୁ ସେହି ।

ଶ୍ରୀ ନୀଳାଦ୍ରିନାଥଙ୍କ ପାଖରେ କବିପ୍ରାଣରେ ଶୁଦ୍ଧ ଭାବକୁ ପ୍ରକାଶ କରି ଅଛନ୍ତି । ଦୀନକୃଷ୍ଣ-ସାଲବେଗ-ଭକ୍ତଚରଣ-କବିସୂର୍ଯ୍ୟ ପ୍ରମୁଖ ଯେପରି ଶ୍ରୀଜଗନ୍ନାଥଙ୍କ ନିକଟରେ ଦୁଃଖ ଜଣାଇଅଛନ୍ତି ସେହିପରି କବି ବୈଷ୍ଣବ ପାଣି ମଧ୍ୟ ଆପଣାର ଦୁଃଖକୁ ନିବେଦନ କରିଅଛନ୍ତି । ଅତୀତରେ କବିମାନେ ଯେପରି ଶ୍ରୀଜଗନ୍ନାଥଙ୍କୁ ରାମ ଓ କୃଷ୍ଣଙ୍କ ସହିତ ଅଭେଦ କଳ୍ପନା କରି ପୁରାଣରୁ ଭକ୍ତମାନଙ୍କର ତାଲିକା ଦେଇ ସେମାନଙ୍କ ପ୍ରତି ତାଙ୍କର କରୁଣାକୁ ବର୍ଣ୍ଣନା କରିଥିଲେ ସେହିପରି କବି ବୈଷ୍ଣବ ପାଣି ମଧ୍ୟ ପୁରାଣବର୍ଣ୍ଣିତ ଭକ୍ତମାନଙ୍କ ଉପାଖ୍ୟାନ ମଧ୍ୟ ଦେଇ ଆପଣାର ଭକ୍ତିଭାବକୁ ପ୍ରକାଶ କରି ଅଛନ୍ତି । ସେ ପୁଣି ଜଗନ୍ନାଥଙ୍କୁ ନିଜ ଅନ୍ତରଙ୍ଗ ମଣିଷ ପରି କହିଛନ୍ତି;

"ତୋତେ ଡାକିବି କହି କି ନାମରେ, ଏ ଭବ ଧାମରେ
ଡାକଇ କେ ହରି ଡାକେ କେ ମୁରାରି କେ ବୋଲଇ କୃଷ୍ଣ ରାମରେ ।
ଯେ ନାମରେ ତୋର ଶରଧା ଅପାର ଶିଖାଇ ଦେ ମୋତେ ପ୍ରେମରେ
କିବା ଦାମୋଦର ମାଧବ ଚନ୍ଦ୍ରର ବାନ୍ଧବ ବିପ୍ର ସୁଦାମରେ ।
କାଳୀୟ ମର୍ଦ୍ଦନ କଂସ ନିସୂଦନ କେ ବୋଲଇ ରାଧାଶ୍ୟାମରେ
ନାରାୟଣ ଡାକି ପାପୀ ଅଜାମିଳ ଘଉଡ଼ାଇ ଦେଲା ଯମରେ ।
ଚକ୍ରଧର ବୋଲି ଡାକିବାରୁ ଗଜ ନକ୍ରେ କି ନାଶିଲ ମକରେ
ଜୟ ଜନାର୍ଦ୍ଦନ ଯଶୋଦା ଜୀବନ ଦୋଷେ ଦିବାରାତ୍ରି ଯାମରେ ।"

ଜଗନ୍ନାଥଙ୍କୁ ପ୍ରାଣର ଆବେଗରେ ଡାକି ଡାକି ସେ ଥକିଗଲେଣି । ତଥାପି ସେ ରୋଗମୁକ୍ତ ହେଲେ ନାହିଁ । ସେହିପରି ଯନ୍ତ୍ରଣା । ସେହିପରି ଗଭୀର ଜ୍ୱାଳା । ତେଣୁ ସେ ଆତ୍ମ ନିବେଦନ କରି କହିଲେ—

"ଡାକି ଡାକି ଥକି ଗଲଣି, ଆଉ ହରି ତୋତେ ଡାକିବି ନାହିଁ
ବାକି ଅଛି କିସ ସବୁ ତ ଏ ଦାସ ଲେଖି ଜଣାଇଛୁ ଆଗରେ ଥାଇ
ସାକ୍ଷୀ ଦେବେ ଭକତମାନେ ଦେଖିଛନ୍ତି ଦୁଇ ନୟନେ
ଠକି ନ ପାରିବୁ ଆଜି ଠିକିଯିବୁ ଠୁକିଦେବି ଚଉ ବନ୍ଧାରେ ଥାଇ ।"

କେବଳ ଏତିକି ନୁହେଁ; ସେ ପୁଣି ଜଗନ୍ନାଥଙ୍କ ନିକଟରେ ଅଭିଯୋଗ କଲେ—

"ବଡ଼ ପ୍ରଭୁ ବୋଲି ଯେତେ ମୁଁ ଡାକିଲି
ଜଡ଼ ପରି ହେଲୁ ତେତେ

ଆଉ ହେଲେ ଏ କାଳରେ କମ୍ବୁପାଣି
କେ ବଡ଼ କରିବ ତୋତେ ।”

ଶ୍ରୀଜଗନ୍ନାଥ ବଡ଼ଠାକୁର । ଦେଉଳ ତାର ବଡ଼ ଦେଉଳ । ଘଣ୍ଟାମାଳ ତାର ବଡ଼ । ସେବକ ତାର ବଡ଼ପଣ୍ଡା । ବଡ଼ଚୂଳ ତାର ନୀଳଚକ୍ର । ଭଣ୍ଡାରରେ ତାର ଅଛି ବଡ଼ ଖଣ୍ଡା । ତାର ଦାଣ୍ଡ ବଡ଼ଦାଣ୍ଡ । ତାର ପୁଣି ଚାଲିଛି ବଡ଼ ଧୂପ ଆଉ ବଡ଼ ସିଂହାର । ସବୁ ବଡ଼ର ସେ ଅଧିକାରୀ । ଅଥଚ ଯିଏ ତାକୁ ପ୍ରାଣ ଦେଇ ସେବା କରେ ତାକୁ ଦୁଃଖ ପରେ ଦୁଃଖ ଦିଏ । ତେଣୁ କବିଭକ୍ତ ଉଦ୍‌ଗତ ସ୍ୱରରେ ଗାଇଛନ୍ତି—

“ପ୍ରଭୁ ଯେବେ ନିଜ ଭୃତ୍ୟକୁ ଦଣ୍ଡିବ କେ ଆଉ କରିବ କ୍ଷମା
ଧରିବ କାହାକୁ ହରିବ କିଏ ସେ ରୋଗ ଶୋକ ଦୁଃଖ ସୀମା
ରମାରମଣ ହେ, ସବୁ ତୋର ବିପରୀତ
ବଇଷ୍ଣବ କହି ପରକୁ ବଞ୍ଚାଇ ମରାଇଲୁ ନିଜ ସୁତ ।”

କବି ପୁଣି ଅଭିଯୋଗ ବାଢ଼ିଛନ୍ତି ଶ୍ରୀଜଗନ୍ନାଥଙ୍କ ଠାରେ । ତାଙ୍କୁ ସେ ଯେତେ ଗାଳିଦେଲେ ମଧ୍ୟ ତାଙ୍କର ଛଳ ନାହିଁ । ତାଙ୍କ ସହିତ ଯେଉଁମାନେ କଳି କଲେ ସେମାନେ ସମସ୍ତେ ମୋକ୍ଷ ଲାଭ କଲେ । ହିରଣାକ୍ଷ୍ୟ ଓ ହିରଣ୍ୟକଶ୍ୟପୁ ତାଙ୍କ ସହିତ ଶତ୍ରାଚରଣ କରି ମୁକ୍ତି ପାଇଗଲେ । ରାବଣ ତାଙ୍କର ସ୍ତ୍ରୀକୁ ଚୋରି କରି ମଧ୍ୟ ପରମପଦ ଲାଭ କଲା । ଶିଶୁପାଳ, କଂସ ଆଦି ତାଙ୍କର ବିରୋଧ କରି ମଧ୍ୟ ମୋକ୍ଷ ପ୍ରାପ୍ତ ହେଲେ । ଅଥଚ କବି ତାଙ୍କୁ ଆପଣାର ମନେକରି ଯେତେ ଭକ୍ତି କଲେ ମଧ୍ୟ ତାଙ୍କର ଡାକ ସେ ଶୁଣି ନାହାନ୍ତି । ଏହି କାରଣରୁ କବି ତାଙ୍କୁ ଟିକେ ଥଟ୍ଟା କରିଛନ୍ତି;—

“ମିଛେ ନୀଳାଚଳନାଥ ବସିଅଛୁ ନୀଳାଚଳେ
ପଣ୍ଡାରନ୍ଧା ଭାତ ଡାଲି ଗିଳିଣ ବଡ଼ଦେଉଳେ ।”

କେବଳ ଏତିକି ନୁହେଁ; ଅତି ଲୌକିକ ଭାବରେ ସେ ତାଙ୍କୁ ଚେତେଇ ଦେଇଛନ୍ତି;—

ଭାତବିକା ଜଗନ୍ନାଥ ଚତୁର ସରିବ ହେ
କାଳିରେ ଡାକ ଖାତରେ ପଡ଼ନ୍ତେ ଗଣିବ ହେ ।
ଇତରେ କରିବେ ଥଟ୍ଟା ହେବୁ କେତେ ହଟହଟା
ଉଦର ତୁଣ୍ଡରୁ ଚେତେଇବେଲେ ନ ଫୁରିବ ହେ ।
ଗୋତରମରି ଗୋବିନ୍ଦ ଭିତରେ ତୋ ବଡ଼ ମନ୍ଦ
ଭୁଞ୍ଜିବା ପତରେ ଧୂଳି କେ ନେଇ ଭରିବ ହେ ।
ଶୁଣିଛୁ ସୃଷ୍ଟି ଭିତରେ ଚାରିଛୁ କେତେ ପାତରେ
ମିଛ ବୋଲି ଏ ଅନ୍ତରେ ମଣିଇ ସରିବ ହେ ।”

ଅସଂଖ୍ୟ କବିତାରେ କବି ବୈଷ୍ଣବ ପାଣି ନୀଳାଦ୍ରିନାଥଙ୍କ ପ୍ରତି ଆପଣାର ଭକ୍ତିଭାବକୁ ପ୍ରକାଶ କରିଅଛନ୍ତି । କେଉଁ କବିତାରେ ସେ ତାଙ୍କୁ ଅଭିମାନ କରି ଗାଳି ଦେଇଛନ୍ତି, କେଉଁଠି ଥଟ୍ଟା ପରିହାସ କରିଛନ୍ତି, କେଉଁଠି ତାଙ୍କର ପକ୍ଷପାତ ନୀତିକୁ ଦେଖାଇ ଦେଇଛନ୍ତି, କେଉଁଠି ତାଙ୍କର ମାଉଁଖିଆ ଗୁଣକୁ ବର୍ଣ୍ଣନା କରି ଅନ୍ତରର ଭକ୍ତି ନୈବେଦ୍ୟ ଅର୍ପଣ କରିଅଛନ୍ତି । ସବୁ କବିତା ଭିତରେ କବି ହୃଦୟର ଗଭୀର ଜଗନ୍ନାଥ ଅନୁରକ୍ତି ପ୍ରକଟିତ । ମନେହୁଏ ଜଗନ୍ନାଥ ସତେ ଯେପରି ତାଙ୍କର ଅତି ଆପଣାର ଭକ୍ତିର ଠାକୁର । ସେହି ଜଗନ୍ନାଥଙ୍କ ଅସୀମ କରୁଣାରୁ ସେ ମାତ୍ର ସାତ ଦିନ ମଧ୍ୟରେ ବାତପୁଷ୍ଟ ରୋଗରୁ ଭଲ ହୋଇଥିଲେ । ସେ ଲେଖିଛନ୍ତି—"ଯେଉଁ ବ୍ୟାଧି ମୋତେ ଦୀର୍ଘ ସାତ ବର୍ଷ କାଳ ନାନା ଯନ୍ତ୍ରଣା ଦେଇଥିଲା, ଯାହାଦ୍ୱାରା କି ମୁଁ ଏକପ୍ରକାର ଜୀବନର ଆଶା ବିସର୍ଜନ କରିଥିଲି, ସେହି ବ୍ୟାଧି ପରାତ୍ପର ପରମେଶ୍ୱରଙ୍କ ଅନୁଗ୍ରହରୁ ଆରୋଗ୍ୟ ହେବାକୁ ସାତ ଦିନ ମାତ୍ର ଲାଗିଲା ନାହିଁ । ଏତେବେଳେ ଜଣାଣର ମହତ୍ତ୍ୱ ମୁଁ ବୁଝିଲି ଓ ନୀଳାଦ୍ରି ସିଂହ ମୋ ଜଣାଣରେ ତୃପ୍ତି ଲାଭ କରିବାର ସଂପୂର୍ଣ୍ଣ ଭାବେ ଜଣାଗଲା ।" (୧୧) ଜଗନ୍ନାଥ ଜଣାଣ ଲେଖି ସେ ତାଙ୍କର ଜଗନ୍ନାଥୈକପ୍ରାଣତାର ପରିଚୟ ଦେଇଛନ୍ତି । ରୋଗମୁକ୍ତି ପରେ ସେ ଆପଣାକୁ ଜଗନ୍ନାଥଙ୍କଠାରେ ସମର୍ପଣ କରିଦେଇ ଅଛନ୍ତି ।

'ଚକ୍ରଧର ଚତୁର୍ବାହୁ
ଚରଣ କମଳେ ନ ଦେଲେ ରାହା
ଜଗବନ୍ଧୁ ହେ ! ମୋତେ ଚରମେ ହେବ କେ ସାହା ।
ତୁ ମୋତେ ଛାଡ଼ିଲେ ଛାଡ଼, ମୁଁ ତ ନ ଛାଡ଼ିବି କରିଛୁ ପୀଢ଼
ଜଗବନ୍ଧୁ ହେ ! ବନ୍ଦୀ ହୋଇଲୁ କି ଚକ୍ର ଦାଢ଼ ।"

ବହୁ ସଙ୍ଗୀତରେ କବି ଜଗନ୍ନାଥ-ସ୍ତବ-ସ୍ତବନାକୁ ଚମତ୍କାର ଭାବରେ ପ୍ରକାଶ କରିଅଛନ୍ତି । ଏହି ଜଗନ୍ନାଥ ସଙ୍ଗୀତଗୁଡ଼ିକ ତାଙ୍କ ଭକ୍ତି ଗାଢ଼ତାର ଚରମ ଉତ୍କର୍ଷ ପ୍ରତିପାଦକ । ଏ ସବୁଥିରେ କବି ହୃଦୟର ସ୍ୱାଭାବିକ ଭାବସ୍ପନ୍ଦନ ପ୍ରକଟିତ । ପ୍ରକାଶ-ଭଙ୍ଗୀରେ କୁଟିଳତା ନାହିଁ । ଭାଷାରେ ଜଟିଳତା ନାହିଁ । ନିରାଭରଣ କବିତାର ଜାଜ୍ୱଲ୍ୟ ଅଥଚ ଗମ୍ଭୀର ହୃଦୟସ୍ପର୍ଶୀ ନିର୍ମଳ କବି ଚିତ୍ତର ମାର୍ମିକ ଆତ୍ମଲିପି ।

## ନିର୍ଗୁଣ-ଭକ୍ତି ସଙ୍ଗୀତର ରୂପକାର ପାଣିକବି :

କବି ବୈଷ୍ଣବ ପାଣି ଶ୍ରୀଜଗନ୍ନାଥଙ୍କ ପ୍ରତି ଯେପରି ଗଭୀର ଭକ୍ତି ପ୍ରକାଶକାରୀ ବହୁ କବିତା ଲେଖିଅଛନ୍ତି ସେହିପରି ମଧ୍ୟ ବହୁ ନିର୍ଗୁଣ ସଙ୍ଗୀତ ରଚନା କରି ଆପଣାର ସଗୁଣ-ସାକାର ଭକ୍ତି-ଉପାସନା ମଧ୍ୟଦେଇ ନିର୍ଗୁଣନିରାକାର ଉପାସନାର

୧୧ । ପାଣିକବିଙ୍କ ଆତ୍ମଜୀବନୀ—ପୃ ୫୧

ପରିଚୟ ଦେଇଅଛନ୍ତି । ତାଙ୍କର ନିର୍ଗୁଣ ଭକ୍ତି ସଙ୍ଗୀତଗୁଡ଼ିକ ଗମ୍ଭୀର ଭାବଦ୍ୟୋତକ । ସେଇ କବିତାଗୁଡ଼ିକ ଶୂନ୍ୟବ୍ରହ୍ମଙ୍କ ପ୍ରତି କବି ହୃଦୟର ଆନୁଗତ୍ୟକୁ ପ୍ରକାଶ କରିଥାଏ । ସେଥିରୁ କବି ହୃଦୟର ଅଦ୍ଧ୍ୟାତ୍ମବାଦୀ ଦୃଷ୍ଟିକୋଣର ପରିଚୟ ମିଳେ । ପଞ୍ଚସଖା ପରମ୍ପରାରେ ଯେଉଁ ରହସ୍ୟବାଦୀ ଶରୀରଭେଦମୂଳକ ଭଜନ ଜଣାଣ ଦେଖିବାକୁ ମିଳେ ସେଇ ପରମ୍ପରାର ସଙ୍କେତ ମଧ୍ୟ ବୈଷ୍ଣବ ପାଣିଙ୍କ ନିର୍ଗୁଣ କବିତାରେ ନିହିତ । ଷଡ଼ଚକ୍ର ଭେଦକରି ଜ୍ଞାନମାର୍ଗରେ ଗତି କଲେ ଭକ୍ତ ସେଇ ଶୂନ୍ୟ ବ୍ରହ୍ମଙ୍କର ସାନ୍ନିଧ ଲଭ କରେ । ଏହି ମାର୍ଗରେ ଜୀବାତ୍ମା ପରମାତ୍ମାଙ୍କ ସହିତ ମିଳିତ ହୋଇ ନିତ୍ୟ ସୁଖ ଅନୁଭବ କରେ । ବୈଷ୍ଣବ ପାଣି ତେଣୁ ଏହି କଥାକୁ ଗୋଟିଏ କବିତାରେ ଚମତ୍କାର ଭାବରେ ରୂପାୟନ କରିଅଛନ୍ତି;—

"ଅମୂହାଁ ଦେଉଳେ ଦିଅଁ ରହିଛି ଶବଦଭେଦି ବଚନ କହୁଛି
ମନରେ ଦରଶନ ତୁ କର
ସବୁବେଳେ ସେହି ଥାନ ଅନ୍ଧାର ।
ଜ୍ଞାନ ରୂପ ଦୀପ ଜାଳିବୁ ଯେବେ ଷଡ଼ଚକ୍ର ଭେଦି ଯିବୁ ସେଠାବେ
ମନରେ, ମଣିମୟ ଭୁବନ
ପ୍ରହରୀ ଯହିଁ ଶଶାଙ୍କ ତପନ ।"

ଏହି ଶରୀର ଏକ ଅମୂହାଁ ଦେଉଳ । ଏହାର ମଧ୍ୟରେ ଅଛି ଷଡ଼ଚକ୍ର । ଜ୍ଞାନଦୀପ ଜାଳି ବିଭିନ୍ନ ଚକ୍ର ଭେଦକରି ଅବଶେଷରେ ପରମବ୍ରହ୍ମଙ୍କ ସାନ୍ନିଧ ଲଭ କରେ ସାଧକ । ଶେଷ ଚକ୍ର ହିଁ ନୀଳଚକ୍ର । ତାହା ହିଁ ଅନାହତ ପୁର । ସେଇ ପୁଣି ଗୋଲହାଟ । ସେଇଠି ପୁଣି ନିତ୍ୟ ରାଧାକୃଷ୍ଣଙ୍କର ମହାରାସ । ସେଠାକୁ ଜୀବାତ୍ମାକୁ ନେଇପାରିଲେ ଜୀବନ ହୁଏ ଧନ୍ୟ । କବି ତେଣୁ ଚେତେଇ ଦେଇଛନ୍ତି—

"ମନ ଅନା ଅନାମପାଟଣା ହାଟକୁ ରେ
ଡରୁଛ କି ଦେଖି ଦୂର ବାଟକୁ ରେ ।"

ଅଧ୍ୟାତ୍ମବାଦୀ କବି ଆତ୍ମାକୁ ଗ୍ରହଣ କରେ ନୂଆଁ ବୋହୂର ରୂପକ ଭାବରେ । ସେଇ ବୋହୂ କାହାର ନୁହେଁ । ଯାହାର ପିଣ୍ଡରୁ ସେ ବାହାରିଯାଏ ଆଉ ସେ ବାହୁଡ଼ି ଆସେ ନାହିଁ । ଶରୀର ତାର ପିନ୍ଧାବସନ । ଯେତେବେଳେ ସେ ଯାଏ ପିନ୍ଧାବସନ-ଶରୀରକୁ ଛାଡ଼ି ଚାଲିଯାଏ । ତାର ପୁଣି ସ୍ୱାମୀ ନାହିଁ । ଅଥଚ ତାର ପଚିଶ ପ୍ରକୃତି ହିଁ ପଚିଶଟି ସନ୍ତାନ । ସେ ପୁଣି କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ ଆଦି ପାଞ୍ଚ ଭୂତ ରୂପୀ ଯାହା ସହିତ ନିତି ପ୍ରତି କାର୍ଯ୍ୟ କରେ । ତାର ଘର ଠିକଣା ନାହିଁ । ସବୁଠି ସେ ରହେ । ଯେଉଁଠି ସେ ପସେ ସେଇଠି ପ୍ରବେଶ କରେ । ଏହା ଏକ ବହୁ ବଡ଼ ବିଚିତ୍ର । 'ହରିଶ୍ଚନ୍ଦ୍ର' ଗୀତି ନାଟ୍ୟରେ

ଏ କଥାକୁ କବି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । (୧) ଏହିପରି କବି ବହୁ ଅତୀନ୍ଦ୍ରିୟବାଦୀ ସଂଗୀତ ରଚନା କରି ଆପଣାର ଭକ୍ତି ଭାବକୁ ପ୍ରକାଶ କରିଅଛନ୍ତି । ସେ ମଧ୍ୟ ବହୁ ରାଧାକୃଷ୍ଣ ଭକ୍ତିମୂଳକ ତଥା ରାମ ଭକ୍ତିମୂଳକ ସଂଗୀତ ଲେଖି ଅଛନ୍ତି । କେଉଁଠି ସେ ରାଧାକୃଷ୍ଣ ଗୁଣବର୍ଣ୍ଣକୁ ଚତୁର୍ବର୍ଗ ଫଳ ପ୍ରଦାନ କରିବାକୁ ସମର୍ଥ ବୋଲି କହିଛନ୍ତି ତ କେଉଁଠି ସେ ଜଗନ୍ନାଥଙ୍କ ନାମ ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । କେଉଁଠି ରାମ ନାମର ମହତ୍ତ୍ୱକୁ ବର୍ଣ୍ଣନା କରିଅଛନ୍ତି ତ କେଉଁଠି ନିର୍ଗୁଣ ବ୍ରହ୍ମଙ୍କର ଅଣାକାର ନାମ ଉପରେ ପ୍ରାଧାନ୍ୟ ଦେଇଅଛନ୍ତି । 'ଅବଧୂତ ଭଜନମାଳା'ର ପ୍ରତ୍ୟେକ ସଂଗୀତ ଶୂନ୍ୟ ବ୍ରହ୍ମଙ୍କର ରହସ୍ୟମୟ ବର୍ଣ୍ଣନାରେ ଭରପୂର । 'ଜଗନ୍ନାଥ ଜଣାଣ', 'ଶ୍ରୀକ୍ଷେତ୍ର ଜଣାଣ', 'ଭଗବତ ଭଜନମାଳା,' 'ଶ୍ରୀ ନୀଳାଚଳ ଜଣାଣ', ସ୍ତୁତିମାଳିକା, ଆଦିଗ୍ରନ୍ଥର ଭକ୍ତି ସଂଗୀତଗୁଡ଼ିକ ପାଣିକବି ପ୍ରତିଭାର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ ।

ସେ ମଧ୍ୟ 'କୀର୍ତ୍ତନ ସୁଧାନିଧି', 'ତ୍ରିନାଥ ମେଳା ଭଜନ,' 'ନବାହ୍ନା କୀର୍ତ୍ତନ' ଆଦି ଭକ୍ତି ଗ୍ରନ୍ଥମାନ ରଚନା କରିଅଛନ୍ତି । ପ୍ରତ୍ୟେକଟି ସଂଗୀତ ତାଙ୍କର ଭକ୍ତି ତଦ୍‌ଗତ ଚିତ୍ତର ମନ୍ମୟ ଅଭିବ୍ୟକ୍ତି । ପାଣି-ଭକ୍ତି-ସଂଗୀତର ଅନ୍ତଃସ୍ୱର ହେଉଛି ମନକୁ ଶୁଦ୍ଧ ଓ ନିର୍ମଳ କରିବା । ଚିତ୍ତ ଶୁଦ୍ଧ ହେଲେ ବ୍ୟକ୍ତି ଭଗବାନଙ୍କ ସାନ୍ନିଧ୍ୟ ଲାଭ କରେ । ପ୍ରେମ ଭକ୍ତିର ଉଚ୍ଛଳ ପ୍ଲାବନ ସୃଷ୍ଟି ହୁଏ । କବି ଏହି କାରଣରୁ କହିଛନ୍ତି; —

---

୧) "ସ ଯେଉଁ ନୂଆ ବୋହୂଟି
ପାଞ୍ଚ ଯାଆ ସଙ୍ଗେ ଯେଜ ନିତି କରୁଛୁ ପାଇଟି ।
ସେ ବୋହୂ ନୋହେ କାହାର — ନ ଶୁଣେ କଲେ ଗୁହାରି
ଯା ଘରୁ ଯିବ ବାହାରି ଆସିବ ନାହିଁ ଲେଉଟି ।
ବୋହୂର ଗେରସ୍ତ ନାହିଁ — ପୁଅ ପାଇଲା ସେ କାହିଁ
ପାଞ୍ଚ ପଚିଶଟା ପୁତ କୋଳେ ଧରି ବସିଛୁ ସେହିଟି ।
ବୋହୂର ଫିଟିଲା ଶାଢ଼ୀ — ପଳାଇଣ ଯାଏ ଛାଡ଼ି
ଲଙ୍ଗଳା ହୋଇ ବୁଲଇ ତା ମୁଖେ ଲାଜ ନାହିଁଟି ।
ନାହିଁ ତା ଘର ଠିକଣା — ସବୁଠାରେ ତାର ଜଣା
ଯହିଁ ରସିଲା ପଶିଲା ବସି ରହିଲା ସେଠି ।
ଏପରି ବାଲୁଙ୍ଗୀ ବୋହୂ — ଦେଖା ନାହିଁ କାହିଁ ଆଉ
ବନ୍ଧ୍ୟା ବୋଲେ ସେହି ମୋତେ ରଖି ନ ଦେବ କେଉଁଠି ।"

'ଯେବେ ମନ ନାହିଁ ନିରମଳରେ
ମାଳା ତିଳକେ ଥାଏ କି ଫଳରେ ।
ନାମ ଜପି ଜପି କାମନା ନ ପୂରେ
କଟିଗଲେ ତିନି କାଳରେ ।
ବେଦେ ନିରବେଦେ ବୁଲରେ
ଶିମ୍ଭା ଗଣିବୁ ନଦୀର ବାଲିରେ
ପ୍ରେମ ଭକ୍ତି ମୂଳ ଅଟଇ କେବଳ
ସେ ତ ହରି ଧରି କଲରେ ।'

ବୈଷ୍ଣବ ପାଣି ଯଦିଓ ଶରୀରଭେଦମୂଳକ ଭଜନ ଲେଖିଅଛନ୍ତି ଓ ଷଡ଼ଚକ୍ର-ଭେଦ କରି ପରଂବ୍ରହ୍ମଙ୍କ ସାନ୍ନିଧ୍ୟ ଲାଭ କରିବା କଥା କହିଅଛନ୍ତି; ଏହା କିନ୍ତୁ ତାଙ୍କ ଭକ୍ତି କବିତାର ଯଥାର୍ଥ ନିଦର୍ଶନ ନୁହେଁ । ପ୍ରେମଭକ୍ତି ବା ସରଳ ଭକ୍ତିର ସେ ପୃଷ୍ଠପୋଷକ । ତନ୍ତ୍ର ବା ଜ୍ଞାନ ପରିବର୍ତ୍ତେ ସରଳ ପ୍ରେମ ଭକ୍ତିରେ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା ସହଜ ଓ ସୁଗମ । ବୈଷ୍ଣବ ପାଣି ଏଥିରେ ବିଶ୍ୱାସ କରିଅଛନ୍ତି । ତେଣୁ ସେ କହିଛନ୍ତି—

'ଭକ୍ତି ଅସ୍ତ୍ରଠାରୁ ଅସ୍ତ୍ର ନାହିଁ ଏ ଜଗତେ କିଛି
କହି ହରିଭକ୍ତ ପ୍ରାଣ ପ୍ରଭୁ କି କେବେ ହରିଛି ।
ଯେଷିଲେ ଭକତ ବାଣ ବଞ୍ଚିବୁ କି ନାରାୟଣ
ପ୍ରାଣ ଥାଉଁ ପିଣ୍ଡେ ରଣ ନ ଭୁଲିବ ସବ୍ୟସାଚୀ ।
× × ×
ଭକ୍ତି ନାଗଫାଶେ ବାନ୍ଧି ହରି ତୋତେ କରି ବନ୍ଦୀ
ରଖିବ ହୃଦମନ୍ଦିରେ କି କରିବୁ ଶ୍ରୀ ଶ୍ରୀବତ୍ସ ।
ଯଶୋଦା ବାନ୍ଧିଲା ବେଳେ କୃଷ୍ଣ ତୋତେ ବାଲକାଳେ
ବିପ୍ର ବଇଷ୍ଣବ ପାଣି ଆଜି ମୋ ପାଳି ପଡ଼ିଛି ।"

ବୈଷ୍ଣବ ପାଣି ଗୀତାଭିନୟ ରଚନା କରି ଓଡ଼ିଶାର ପୁରପଲ୍ଲୀରେ ସୁପରିଚିତ । ସେ ଆଣିଛନ୍ତି ଓଡ଼ିଆ ଯାତ୍ରାରେ ବୈପ୍ଳବିକ ପରିବର୍ତ୍ତନ । ଲୋକମୁଖର ଭାଷାରେ ସେ ପୁରାଣର ବିଷୟବସ୍ତୁକୁ ସର୍ବସାଧାରଣଙ୍କ ନିକଟରେ ଯାତ୍ରାଭିନୟ ମାଧ୍ୟମରେ ପହଞ୍ଚାଇ ପାରିଛନ୍ତି । ଏହା ସତ୍ତ୍ୱେ ସେ ଭକ୍ତି ତଦ୍‌ଗତ ହୃଦୟର ଭାବକୁ ରାଶି ରାଶି କବିତାମାନଙ୍କରେ ପ୍ରକାଶ କରିଅଛନ୍ତି । ପୌରାଣିକ ଗୀତାଭିନୟମାନଙ୍କରେ ସେ ବିଭିନ୍ନ ସ୍ଥଳରେ ଭକ୍ତି ଭାବର ସୂଚନା ଦେଇଅଛନ୍ତି । ମନେହୁଏ କବି ବୈଷ୍ଣବ ପାଣି କାୟମନୋବାକ୍ୟରେ ଭକ୍ତ । ଯଦିଓ ସେ ସାମାଜିକ ଜୀବନରେ ନାନା ଅନୀତି କାର୍ଯ୍ୟରେ ଲିପ୍ତ ରହିଥିଲେ, ବ୍ୟକ୍ତିଗତ ଭାବରେ ଚରିତ୍ରିକ ଦୁର୍ବଳତାର ଶିକାର ହୋଇଥିଲେ ତଥାପି ତାଙ୍କର ପବିତ୍ର ଆତ୍ମା ଏସବୁ ପାପପଙ୍କରେ ଲିପ୍ତ ନ ଥିଲା । "କବିଙ୍କର ଶରୀର ଅଲି ହୋଇଥି; କିନ୍ତୁ ମନ ଥିଲା ଚଙ୍ଗା ମରି ପରି

ଶୁଦ୍ଧ ଓ ପବିତ୍ର । ଅଶୁଚିବନ୍ତ ଶରୀର ଧାରଣ କରି ମଧ୍ୟ ନିଜର ଶୁଚିବନ୍ତ ମନକୁ ସେ ଅଯାଚିତ ଭାବେ ସମର୍ପଣ କରି ଦେଇଥିଲେ ଭଗବାନଙ୍କ ଚରଣାରବିନ୍ଦରେ ।"

(୧୩) ବାସ୍ତବିକ କବିଙ୍କର ମନ ଓ ଆତ୍ମା ଚିର ନିର୍ମଳ । ବେଶ୍ୟାର ଦେହ ସାନ୍ନିଧ୍ୟ ଲାଭ କରି ମଧ୍ୟ ତାଙ୍କ ଦେହ ପଙ୍କଜ ପରି ଥିଲା ଶୁଭ୍ର ଓ ପବିତ୍ର । ନାରୀ ପ୍ରେମର ଜାନ୍ତବ ଆକାଂକ୍ଷା ଭିତରେ ତାଙ୍କର କବିଚିତ୍ତ ଥିଲା ଶୁଦ୍ଧ ଓ ସୁନ୍ଦର । ଭଗବତ୍ ପ୍ରେମ ତାଙ୍କର ଲକ୍ଷ୍ୟ । ଭଗବତ ସାନ୍ନିଧ୍ୟ ତାଙ୍କର କାମ୍ୟ । ଜଗନ୍ନାଥ ରାମ-କୃଷ୍ଣ-ନିର୍ଗୁଣ ବ୍ରହ୍ମ ବନ୍ଦନା ମଧ୍ୟ ଦେଇ ସେ ତାଙ୍କର ଏହି ଭଗବତ୍ ଭକ୍ତିକୁ ପ୍ରକାଶ କରିଅଛନ୍ତି । ଏମନ୍ତକି ବହୁ କୀର୍ତ୍ତନ-ଭଜନ ଜଣାଣ ଚଉତିଶା-ମାଳିକା ଆଦି ରଚନା କରି ସେ ତାଙ୍କର ଏହି ଭକ୍ତି ଉଦ୍‌ଗତ ଚିତ୍ତର ଆଶା ଓ ଆକାଂକ୍ଷାକୁ ବର୍ଣ୍ଣନା କରିଅଛନ୍ତି ଏବଂ ମଣିଷ ସମାଜକୁ ଭଗବତ୍ ଭକ୍ତି ପ୍ରତି ଆକୃଷ୍ଟ ହେବାକୁ ପ୍ରେରଣା ଦେଇ ଅଛନ୍ତି । ତାଙ୍କର ଭକ୍ତି କୌଣସି ଲୋକାଚାର ମଧ୍ୟରେ ସୀମାବଦ୍ଧ ନୁହେଁ; ତାହା ସଙ୍କୀର୍ଣ୍ଣ ଲୋକାଚାରରୁ ଊର୍ଦ୍ଧ୍ୱରେ । ସକଳ ମାନବ ଜାତିକୁ ଆପଣାର କରି ସେଇ ମହାନ୍ ଦିବ୍ୟ ସତ୍ତାର ସାନ୍ନିଧ୍ୟ ଲାଭ ତାଙ୍କ ଭକ୍ତି ସଂଗୀତର ଅନ୍ତର୍ବାଣୀ । କେବଳ ଜଣାଣ ଭଜନ ଓ ଚଉତିଶାମାନଙ୍କରେ ଯେ କବି ତାଙ୍କର ଭକ୍ତିଭାବକୁ ପ୍ରକାଶ କରିଅଛନ୍ତି ତାହା ନୁହେଁ; ପୌରାଣିକ ଗୀତାଭିନୟମାନଙ୍କରେ ପ୍ରୟୋଜନ ଅନୁଯାୟୀ ବିଭିନ୍ନ ଚରିତ୍ର ମୁଖରେ ସେ ଭକ୍ତି ସଂଗୀତମାନ ପ୍ରଦାନ କରି ତାର ମାଧ୍ୟମରେ ଆପଣାର ଭକ୍ତିଭାବକୁ ମଧ୍ୟ ପ୍ରକାଶ କରିଅଛନ୍ତି । ଏହି ଭକ୍ତି ଭାବ କେଉଁଠି ବାତ୍ସଲ୍ୟ ରସ ମଧ୍ୟ ଦେଇ ପ୍ରକାଶିତ ହୋଇଛି ତ କେଉଁଠି ସଖ୍ୟଭାବ, କେଉଁଠି ଦାସ୍ୟ ଭାବ, କେଉଁଠି ଶାନ୍ତ ଭାବ ମଧ୍ୟ ଦେଇ ପ୍ରକଟିତ ହୋଇଅଛି । ପ୍ରତ୍ୟେକଟି କବିତାରେ ଅଛି ଚିତ୍ତ ଉଲ୍ଲାସକାରୀ ଭାବ । ଅତଏବ ଓଡ଼ିଶୀ ଭକ୍ତି ସଂଗୀତ ପରଂପରାର ସେ ହେଉଛନ୍ତି ଯଥାର୍ଥରେ ଶେଷ ଅନିର୍ବାଣ ମହାଦୀପ । ପ୍ରାଚୀନ ପରମ୍ପରାର ଛନ୍ଦ ଓ ଆବେଦନ ବୈଷ୍ଣବ ପାଣି- କବିତାରେ ନିହିତ । ଅନେକତ୍ର ସେ ନୂତନ ଛନ୍ଦରେ ଗଭୀର ଭକ୍ତିଭାବକୁ ପ୍ରକାଶ କରିଛନ୍ତି । ତାଙ୍କ ପରେ ଯଦିଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ, ମୋହନ ଗୋସ୍ୱାମୀ ପ୍ରମୁଖ କବିମାନେ ଭକ୍ତି ସଙ୍ଗୀତମାନ ରଚନା କରିଅଛନ୍ତି ସେଗୁଡ଼ିକ ଅପେକ୍ଷାକୃତ ଆଧୁନିକ ଛନ୍ଦ ଓ ଚେତନାର ବାର୍ତ୍ତାବହ । ଏହି କାରଣରୁ ଗଣକବି ବୈଷ୍ଣବ ପାଣି ହିଁ ପ୍ରକୃତରେ ପ୍ରାଚୀନ—ମଧ୍ୟଯୁଗୀୟ ଓଡ଼ିଶୀ ଭକ୍ତି ସଙ୍ଗୀତର ସର୍ବଶ୍ରେଷ୍ଠ ଶେଷ ଅନ୍ତର୍ଧ୍ୱନି; ଏକଥା କହିଲେ ସତ୍ୟର ଅପଳାପ ହେବ ନାହିଁ ।

●

---

୧୩ । ବୀର କିଶୋର ଦାସ—ଗଣକବି ବୈଷ୍ଣବ ପାଣି—ପୃ ୩୬